RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-104 ◆FRIDAY ◆10 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୦୪ ◆ଶୁକ୍ରବାର ◆୧୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ରୀଚାଙ୍କ ଲଢୁଆ ଇନିଂସ୍

▶ପୃଷ୍ଠା ୧୨ ଦେଖନ୍ତୁ...

ପୁଲିସ ଚାକିରି ବିକ୍ରି

# ଜାନୁଆରୀରୁ ହୋଇଥିଲା ଷଡ଼ଯନ୍ତ୍ର

## ଆଭ୍ୟନ୍ତରୀଣ କନ୍ଦଳ ଯୋଗୁଁ ମାର୍ଚ୍ଚରେ ଯୋଜନା ଭଣ୍ଡୁର

■ **ଭୁବନେଶ୍ୱର, ୯ ।୧୦ (ସମିସ):** ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ରାକେଟ୍ ଧରିପଡ଼ିବାର ୧୦ଦିନ ବିତିଥିଲେ ମଧ୍ୟ ମାଷ୍ଟରମାଇଣ୍ଡଙ୍କ ପାଖରେ ପହଞ୍ଚି ପାରିନି କ୍ରାଇମ୍‌ବ୍ରାଞ୍ଚ । ସବୁ ତଦନ୍ତ ସିଲିକନ୍ ଓ ପଞ୍ଚସପ୍ତ ଲିମିଟେଡ୍ ପାଖରେ ତଦନ୍ତ ଅଟକି ଯାଇଛି, ଏପରିକି ଓପିଆର୍‌ବି ବା ଆଇଟିଆଇ ଲିମିଟେଡ୍‌ର କୌଣସି ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ସାମାନ୍ୟ ପଚରାଉଚରା କରାଯାଇ ନାହିଁ । ରାଜ୍ୟର ଏହି ଚର୍ଚ୍ଚିତ ଦୁର୍ନୀତିର ମୁଖ୍ୟ କାର୍ପଟଦାରଙ୍କ ସମ୍ପର୍କରେ ଜାଣିବାକୁ ସବୁ ମହଲରେ ଆଗ୍ରହ ସୃଷ୍ଟି ହୋଇଥିଲେ ହେଁ ଓପିଆର୍‌ବି ରହସ୍ୟମୟ ନିରବତା ଅବଲମ୍ବନ କରୁଛି । ଏପରିକି ଘଟଣାର ତଦନ୍ତ ଅଗ୍ରଗତି ସମ୍ପର୍କରେ କ୍ରାଇମବ୍ରାଞ୍ଚ ମାତ୍ର ଗୋଟିଏ ପ୍ରେସ ବିବରଣୀ ଜାରି କରି ଏବେ ନିରବ । ତେବେ ଏହାରି ଭିତରେ ଆଉ ଯେଉଁ ତଥ୍ୟଟି ସାମ୍ନାକୁ ଆସିଛି ତାହା ଅତ୍ୟନ୍ତ ସାଂଘାତିକ ମନେ ହେଉଛି । ଗତ ମାର୍ଚ୍ଚ ମାସରେ ଏହି ପରୀକ୍ଷାକୁ ଅଚାନକ ଭାବେ ସ୍ଥଗିତ ରଖିବା ପଛରେ ରହସ୍ୟର ସୂତା ଗଣ୍ଠି ଫିଟିବାରେ ଲାଗିଛି । ପ୍ରଥମ ପର୍ଯ୍ୟାୟରେ ଆଇଟିଆଇଠାରୁ ପରୀକ୍ଷା ପରିଚାଳନା ଠିକା ପାଇଥିବା ଗୁଜରାଟର ରିଚ୍‌ମାଇଣ୍ଡ ଅଂଶୀଦାରଙ୍କ ମଧ୍ୟରେ ବିବାଦ ଓ ଏହାପରେ ଚାକିରି ବିକ୍ରି ପାଇଁ ହୋଇଥିବା ଷଡ଼ଯନ୍ତ୍ରର ସମ୍ପର୍କରେ ଜଣା ପଡ଼ିଥିଲା । ଜଣେ ଅଂଶୀଦାରଙ୍କ ଅଭିଯୋଗ ଆଧାରରେ ସେତେବେଳେ ରିଚ୍‌ମାଇଣ୍ଡକୁ ପରୀକ୍ଷା ପରିଚାଳନାରୁ ବାଦ ଦିଆଯାଇଥିଲା ଓ ଏହାର ତଦନ୍ତ ପାଇଁ ଓପିଆର୍‌ବି ଏକ ଆଭ୍ୟନ୍ତରୀଣ କମିଟି ଗଠନ କରିଥିଲା । ମାତ୍ର ଏହି କମିଟି କ'ଣ ରିପୋର୍ଟ ଦେଲା ତାହା ଆଜିଯାଏ ସାର୍ବଜନୀନ ହୋଇନାହିଁ । ଅପରପକ୍ଷରେ ଚାକିରି ବିକ୍ରି ଷଡ଼ଯନ୍ତ୍ର ସମ୍ପର୍କରେ ସୁରାକ ପାଇବା ପରେ ତତ୍‌କାଳୀନ ଓପିଆର୍‌ବି ଅଧ୍ୟକ୍ଷ ତଥା

### ଜାଲିଆତି ସଂକ୍ରାନ୍ତରେ ଅଭିଯୋଗ କରିଥିଲେ ରିଚ୍‌ମାଇଣ୍ଡ ଅଂଶୀଦାର

### ନିଯୁକ୍ତିରେ ଦୁର୍ନୀତି ଗନ୍ଧ ବାରି ଇସ୍ତଫା ଦେଇଥିଲେ ପୂର୍ବ ଅଧ୍ୟକ୍ଷ

ଅବସରପ୍ରାପ୍ତ ଆଇପିଏସ୍ ସନ୍ତୋଷ ଉପାଧ୍ୟାୟ ଅଧ୍ୟକ୍ଷ ପଦରୁ ଓହରି ଯାଇଥିବା ସୂଚନା ମିଳିଛି ।

ଅଭିଯୋଗ ଅନୁସାରେ କେନ୍ଦ୍ରୀୟ ପିଏସ୍‌ୟୁ ସଂସ୍ଥା ଆଇଟିଆଇ ଲିମିଟେଡ୍ ଏହି ପରୀକ୍ଷା ପାଇଁ ଟେଣ୍ଡର ନେଇଥିବାବେଳେ ରିଚ୍‌ମାଇଣ୍ଡ ଏହାଠାରୁ ସବ୍-କଣ୍ଟ୍ରାକ୍ଟ ପାଇଥିଲା । ଗତ ମାର୍ଚ୍ଚ ୮ ଓ ୯ ତାରିଖରେ ଏସ୍ଆଇ ପରୀକ୍ଷା କରିବା ପାଇଁ ଆଡମିଟ୍ କାର୍ଡ ପ୍ରକାଶ ପାଇବାରୁ ବହୁ ପୂର୍ବରୁ ▶ପୃଷ୍ଠା-୧୦



## ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

■ **କଟକ, ୯।୧୦ (ସମିସ):** ବହୁଚର୍ଚ୍ଚିତ ପୁଲିସ ସବ୍-ଇନ୍ସପେକ୍ଟର(ଏସ୍ଆଇ) ନିଯୁକ୍ତି ପରୀକ୍ଷା ଜାଲିଆତିକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ମାମଲା ଏବେ ହାଇକୋର୍ଟରେ ପହଞ୍ଚିଛି । ବଡ଼ଧରଣର ଏହି କେଳେଙ୍କାରୀର ସିବିଆଇ ତଦନ୍ତ ପାଇଁ ପ୍ରାର୍ଥନା କରି ଆଇନଜୀବୀ ଶିବଶଙ୍କର ମହାନ୍ତି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି ।


**ସିବିଆଇ ତଦନ୍ତ ଦାବି**

ଆବେଦନକାରୀ ସେ ଦର୍ଶାଇଛନ୍ତି ଯେ ପରୀକ୍ଷା ପୂର୍ବରୁ ଅସାଧୁ ଉପାୟ ଅବଲମ୍ବନ କରି ଅଭ୍ୟାସ ପାଇଁ ହାଇଦ୍ରାବାଦ ଯାଇଥିବା ୧୧୭ଜଣ ପିଲା ଧରାପଡ଼ିବା ପରେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ପକ୍ଷରୁ ଗତ ଅକ୍ଟୋବର ୫ ଓ ୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏସ୍ଆଇ ନିଯୁକ୍ତି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା । ଗଞ୍ଜାମର ଗୋଳନ୍ଥରା ଥାନାରେ ଏକ ମାମଲା ରୁଜୁ ହେବା ପରେ କ୍ରାଇମବ୍ରାଞ୍ଚ ଏହି ଜାଲିଆତି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ସେହିଭଳି ଗତ ମାର୍ଚ୍ଚ ୮ ଓ ୯ ରେ ହେବାକୁ ଥିବା ପରୀକ୍ଷାକୁ ମଧ୍ୟ ଓପିଆର୍‌ବି ସ୍ଥଗିତ ରଖିଥିଲା । ସେହି ସମୟରେ କେତେକ ▶ପୃଷ୍ଠା-୧୦

## ସାମ୍ବାଦିକ ସମ୍ମିଳନୀ ଡାକି ବାତିଲ କଲା ଓପିଆର୍‌ବି

■ **ଭୁବନେଶ୍ୱର, ୯ ।୧୦ (ସମିସ):** ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଛି । ମଧ୍ୟପ୍ରଦେଶର ବ୍ୟାପମ୍ ସ୍କାମ୍‌ଠାରୁ ମଧ୍ୟ ଏହି ଚାକିରି ବିକ୍ରି ଘୋଟାଲା ବଡ଼ଧରଣର ହୋଇଥିବା ଜାତୀୟ ଗଣମାଧ୍ୟମରେ ଖବର ବାଜିଲାଣି । ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଆଶାୟୀଙ୍କ ସମେତ ସାରା ଦେଶବାସୀ ଘୋଟାଲା ପ୍ରସଙ୍ଗରେ ଅଧିକାରିକ ବିବୃତିକୁ ଅପେକ୍ଷା କରିଛନ୍ତି । ଏପରି ସ୍ଥିତିରେ ରାଜ୍ୟ ସରକାର, ପୁଲିସ୍ ମହାନିର୍ଦ୍ଦେଶକ କିମ୍ବା ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡର ଅଧ୍ୟକ୍ଷ ଏଯାଏଁ ମୁହଁ ଖୋଲୁ ନାହାନ୍ତି । ଆଜି ଅପରାହ୍ଣ ସାଢ଼େ ୪ଟାରେ କଳ୍ପନାସ୍ଥିତ କାର୍ଯ୍ୟାଳୟରେ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ । ଗଣମାଧ୍ୟମ ଜରିଆରେ ପରୀକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ସନ୍ଦେଶ ଦିଆଯିବ ବୋଲି ଉଲ୍ଲେଖ କରିଥିଲେ । ହେଲେ ସାମ୍ବାଦିକ ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ତାହାକୁ ବାତିଲ୍ କରିଦିଆଗଲା । ନିର୍ଦ୍ଦିଷ୍ଟ କେଉଁ କାରଣ ପାଇଁ ବାତିଲ୍ କରାଗଲା ଦର୍ଶାଇ ନ ଥିବାବେଳେ ଅନିବାର୍ଯ୍ୟ କାରଣବଶତଃ ସାମ୍ବାଦିକ ସମ୍ମିଳନୀକୁ ସ୍ଥଗିତ ରଖାଯାଇଥିବା ଓ ପରବର୍ତ୍ତୀ ସାମ୍ବାଦିକ ସମ୍ମିଳନୀର ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇ ଖୁବ୍‌ଶୀଘ୍ର ସୂଚନା ▶ପୃଷ୍ଠା-୧୦

## ହଙ୍ଗେରୀର ଲାସ୍‌ଜ୍ଲୋଙ୍କୁ ସାହିତ୍ୟରେ ନୋବେଲ



■ **ଷ୍ଟକହାମ୍, ୯ ।୧୦ (ଏଜେନ୍ସି):** ୭୧ ବର୍ଷୀୟ ହଙ୍ଗେରୀ ଲେଖକ ଲାସ୍‌ଜ୍ଲୋ କ୍ରାସ୍‌ଜ୍ନାହୋରକାଇଙ୍କୁ ଚଳିତ ବର୍ଷ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯିବ । ସ୍ୱିଡିସ୍ ଏକାଡେମୀ ପକ୍ଷରୁ ଆଜି ଏହି ଘୋଷଣା କରାଯାଇଛି । ଲାସ୍‌ଜ୍ଲୋଙ୍କ ଲେଖା ତଥା ସାହିତ୍ୟ କୃତି ବହୁତ ପ୍ରଭାବଶାଳୀ ଓ ଦୂରଦୃଷ୍ଟିସମ୍ପନ୍ନ ବୋଲି ଏକାଡେମୀ ତରଫରୁ କୁହାଯାଇଛି । ବିଶ୍ୱରେ ଦେଖାଦେଇଥିବା ଆତଙ୍କର ବାତାବରଣ ମଧ୍ୟରେ ସେ ନିର୍ଭୀକ ଭାବେ କଳା ତଥା ସାହିତ୍ୟର ଶକ୍ତି ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି । ପୁରସ୍କାର ବାବଦରେ ତାଙ୍କୁ ୧୦ କୋଟି ୩୦ ଲକ୍ଷ ଟଙ୍କା, ଏକ ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯିବ । ଡିସେମ୍ବର ୧୦ରେ ସ୍ୱିଡେନ ରାଜଧାନୀ ଷ୍ଟକ୍‌ହୋମ୍‌ରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୋବେଲ ପୁରସ୍କାର ▶ପୃଷ୍ଠା-୧୦

## ସରକାରଙ୍କ କାର୍ଯ୍ୟ ସମୀକ୍ଷା କଲେ ବିଜେପି ମହାମନ୍ତ୍ରୀ

### ପଚାରି ବୁଝିଲେ ସରକାରଙ୍କ ୧୫ ମାସର ଉପଲବ୍ଧି

■ **ଭୁବନେଶ୍ୱର, ୯।୧୦ (ସମିସ):** ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କଠାରୁ ସରକାରଙ୍କ ଗତ ୧୫ ମାସର ଉପଲବ୍ଧି ପଚାରି ବୁଝିଛନ୍ତି ବିଜେପି ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବି.ଏଲ୍.ସନ୍ତୋଷ । ସରକାରଙ୍କ ପ୍ରଦର୍ଶନ ଓ ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ରିପୋର୍ଟ କାର୍ଡ ସମୀକ୍ଷା କରିବା ଅବସରରେ ସେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିବା ସହ ସରକାର ଏ ଦିଗରେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିବା ସୂଚନା ମିଳିଛି ।

ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଗୁରୁବାର ଜନଜାତି ସଙ୍କୁଳ ବିକାଶ ପରିଯୋଜନା କର୍ମଶାଳା ପରେ ମନ୍ତ୍ରୀ ପରିଷଦର ସଦସ୍ୟଙ୍କ ସହ ସଂଗଠନ ମହାମନ୍ତ୍ରୀ ବୈଠକ କରିଥିଲେ । ବୈଠକରେ ରାଜ୍ୟ ସରକାରଙ୍କ ୧୫ ମାସର ଉପଲବ୍ଧି ସମ୍ପର୍କରେ ବିଶଦ୍ କରିଛନ୍ତି, ସେନେଇ ପଚାରି ବୁଝିଥିଲେ । ଏଥିସହ ନୂଆପଡ଼ା ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ଚୟନକୁ ନେଇ ମଧ୍ୟ ଆଲୋଚନା ହୋଇଥିଲା । ସଂଗଠନ

**ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଚିନ୍ତା ପ୍ରକଟ**

**ନୂଆପଡ଼ା ଉପନିର୍ବାଚନ ପ୍ରାର୍ଥୀ ସଂପର୍କରେ ଆଲୋଚନା**

**ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ପାଇଁ ପରାମର୍ଶ**

**ଯୋଗଦେଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ**

ଆଲୋଚନା ହୋଇଥିଲା । ଏଯାବତ୍ କେଉଁ କେଉଁ ପ୍ରତିଶ୍ରୁତି ପୂରଣ ହୋଇଛି, କେଉଁ ପ୍ରତିଶ୍ରୁତି ଉପରେ ସରକାର କାର୍ଯ୍ୟ କରୁଛନ୍ତି ଏବଂ ଆଗାମୀ ଦିନରେ ରାଜ୍ୟ ସରକାର କେଉଁ ଲକ୍ଷ୍ୟ ଧାର୍ଯ୍ୟ ଏବଂ ସରକାର ମଧ୍ୟରେ ସମନ୍ୱୟକୁ ବିଜେପି ଶୀର୍ଷ ନେତୃତ୍ୱ ସବୁବେଳେ ଗୁରୁତ୍ୱ ଦେଉଥିବାରୁ ବୈଠକରେ ଏହା ଉପରେ ମହାମନ୍ତ୍ରୀ ଶ୍ରୀ ସନ୍ତୋଷ ଗୁରୁତ୍ୱାରୋପ କରିଥିଲେ । ▶ପୃଷ୍ଠା-୧୦




## ତୁରେକେଲା କ୍ଲଷ୍ଟରରେ ଉତ୍କଳମଣିଙ୍କ ଜୟନ୍ତୀ



କଣ୍ଟାବାଞ୍ଜି, ୯ ।୧୦(ସମିତି): ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ବୁଡିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି । ତୁରେକେଲା ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ମାଝୀ, ସୁଶୋଭିତ ରାଉତ, ପ୍ରଦୀପ ମେହେର ମଞ୍ଚାସୀନ ଥିଲେ ।

## ସଂସ୍କାର ଭାରତୀର କର୍ମକର୍ତ୍ତା ନିର୍ବାଚନ



ଟିଟିଲାଗଡ଼, ୯ ।୧୦(ସମିସ): ଭାରତୀୟ କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ପାଇଁ ସମର୍ପିତ ସର୍ବଭାରତୀୟ ଅନୁଷ୍ଠାନ ସଂସ୍କାର ଭାରତୀର ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ଶାଖା କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ ଜ୍ୟୋତିପ୍ରକାଶ ଗଡ଼ତ୍ୟା ସଭାପତି, ପ୍ରଶାନ୍ତ ବେହେରା ଉପ ସଭାପତି, ଦୀପକ ସମାଦ୍ଦାର ସମ୍ପାଦକ, ଶ୍ୱେତ କୁମାର ସାହୁ ସହ ସମ୍ପାଦକ, ସତ୍ୟବ୍ରତ ପଣ୍ଡା ସାଙ୍ଗଠନିକ ସମ୍ପାଦକ ଏବଂ ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ସେହିଭଳି ରାଜୀବଲୋଚନ ପାଢ଼ୀ, ଜଗନ୍ନାଥ ପଣ୍ଡା, ଡ. ଛାୟାକାନ୍ତ ଷଡ଼ଙ୍ଗୀ, ଯୁଗଳକିଶୋର ଷଡ଼ଙ୍ଗୀ, ସେବକ ଚରଣ ଦାଶ, ହିମାଂଶୁ ଶେଖର ଦାଶ ପ୍ରମୁଖ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି ।

## ନୂଆ ବିଇଓଙ୍କୁ ଭେଟିଲେ ଶିକ୍ଷକ, ଶିକ୍ଷୟିତ୍ରୀ



ବଲାଙ୍ଗୀର, ୯ ।୧୦(ସମିସ): ବଲାଙ୍ଗୀର ସଦର ବ୍ଲକର ନୂତନ ବ୍ଲକ୍ ଶିକ୍ଷା ଅଧିକାରୀ ଭାବେ ନୀଳମଣି ପଟେଲ ଯୋଗ ଦେଇଛନ୍ତି । ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା ୨୭୫୮୮ ରେ ତାଙ୍କୁ ପଦୋନ୍ନତି ମିଳିଛି । ଏହା ପୂର୍ବରୁ ଶ୍ରୀ ପଟେଲ ବିନୋବା ଉଚ୍ଚ ବିଦ୍ୟାଳୟ ଛତାମଖନାରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ । ସେ ଦୀର୍ଘ ବର୍ଷ ଧରି ବୁବେଲ ହାଇସ୍କୁଲ, କୁଶଙ୍ଗ ହାଇସ୍କୁଲ ଓ ବଲାଙ୍ଗୀର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲା ବିଜ୍ଞାନ ତତ୍ତ୍ୱାବଧାରକ ଭାବରେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି । ଶ୍ରୀ ପଟେଲ ଜଣେ ଦକ୍ଷ ଓ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବରେ ଜଣାଶୁଣା । ବଲାଙ୍ଗୀର ସଦର ବ୍ଲକ ବିଇଓ ଭାବେ କାର୍ଯ୍ୟରେ ଯୋଗ ଦେଲା ପରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ତଥା ଜିଲ୍ଲାର ବୁଦ୍ଧିଜୀବୀ ଓ ଶିକ୍ଷାବିତ ଶ୍ରୀ ପଟେଲଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭକାମନା ଜଣେଇଥିଲେ ।

# ଗୋପବନ୍ଧୁ ଜୟନ୍ତୀରୁ ବାହାରିଲା ବିଜେଡିର ଜନ ସମ୍ପର୍କ ପଦଯାତ୍ରା





### ନବୀନ ପଟ୍ଟନାୟକ ସରକାର ସମୟର ଜନକଲ୍ୟାଣମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଗଲା

### ଦେଢ ବର୍ଷରେ ବିଜେପି ସରକାରର ଅପାରଗତା ବିଷୟରେ ଲୋକଙ୍କୁ ସଚେତନ କଲେ ବିଜେଡି ନେତୃମଣ୍ଡଳି

ଖପ୍ରାଖୋଲ, ୯ ।୧୦(ସମିସ)

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକରେ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ଯାଇଛି । ଘୁନସର ପଞ୍ଚାୟତର ଘୁନସର ଓ ଝାଙ୍କରିପାଲିରୁ ଏହା ଶୁଭାରମ୍ଭ କରାଯାଇଥିଲା । ବିଜୁ ଜନତା ଦଳର ବରିଷ୍ଠ କର୍ମୀମାନେ ନବୀନ ସରକାରଙ୍କ ସମୟରେ ହୋଇଥିବା ଜନମଙ୍ଗଳକାରୀ ଯୋଜନାଗୁଡିକ ଉପରେ ଲୋକଙ୍କୁ କହିଥିଲେ । ଏବେ ବିଜେପି ସରକାର ଖପ୍ରାଖୋଲ ବ୍ଲକରେ ପ୍ରତ୍ୟେକ କ୍ଷେତ୍ରରେ ବିଫଳ ହେଉଥିବା କର୍ମୀମାନେ ଲୋକଙ୍କୁ ସଚେତନ କରିଥିଲେ । ଏହି ଜନ ସମ୍ପର୍କ ପଦଯାତ୍ରା ଅବସରରେ ବିଜେଡି ବ୍ଲକ ସଭାପତି ରମେଶ ପଧାନ, ବ୍ଲକ ଉପାଧ୍ୟକ୍ଷ ସୁଖିରାମ ସାଣ, ବିଜେଡି ଜିଲ୍ଲା ସମ୍ପାଦକ ପବିତ୍ର ପଟେଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେହେର, ବିକାଶ ଦା , ବିପ୍ର ବିଶି, ଟିକେଶ୍ୱର ଧରୁଆ, ଜଳ ଧର ତାଣ୍ଡି, ଜ୍ୟୋତିଷ ସାହୁ, ଚକ୍ର ସାହୁ, କୁଶ ମାଝୀ, ଗୋପାଳ ପାତ୍ର ପ୍ରମୁଖ ଶତାଧିକ ବିଜେଡି କର୍ମୀ ଘୁନସର୍ ଓ ଝାଙ୍କରିପାଲି ଗ୍ରାମରେ ଜନ ସମ୍ପର୍କ ପଦଯାତ୍ରା ଅବସରରେ ସାମିଲ ହୋଇଥିଲେ ।

**ଲୋଇସିଂହା:** ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ବିଜୁ ଜନତା ଦଳ ଆଗଲପୁର ବ୍ଲକ ତରଫରୁ ଲୁହୁରମୁଣ୍ଡା ଗ୍ରାମରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗାନ୍ଧୀ ଜୟନ୍ତୀ ଦିନ ଲୋଇସିଂହାର ଗାନ୍ଧୀ ପାଠାଗାରରେ ପଦଯାତ୍ରା ପାଇଁ ସଂକଳ୍ପ ନିଆଯାଇଥିଲା । ଏହାକୁ ଆଧାର କରି ଏହି ପଦଯାତ୍ରା ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆଗଲପୁର ବ୍ଲକ ବିଜେଡି ସଭାପତି ପଞ୍ଚୁ ପଧାନ ସଭାପତତ୍ୱ କରିଥିଲେ । ନିହାର ରଞ୍ଜନ ବେହେରାଙ୍କ ସମେତ ଆଗଲପୁର ବ୍ଲକ ଅଧକ୍ଷା ଗୀତାଞ୍ଜଳି ଦାସ, ଜିଲ୍ଲା ପରିଷଦ ସଭ୍ୟା ବୀଣାପାଣି ଦାସ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବିରେନ ନାଏକ, ଯୁବନେତା ଆକାଶ ମିଶ୍ର, ବିଜେଡିର ବରିଷ୍ଠ ସଦସ୍ୟ ଗୋବର୍ଦ୍ଧନ ସାହୁ, ବିଜୟ ବାବୁ, କଲାର ବାଗ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏଥିରେ ଉପସ୍ଥିତ ଥିଲେ । ଏହି ପଦଯାତ୍ରାରେ ସମସ୍ତେ ଗ୍ରାମ ଭ୍ରମଣ କରିଥିଲେ । ଏହାସହ ଏକା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଲୁହୁରମୁଣ୍ଡା ପଞ୍ଚାୟତବାସୀ ଉପସ୍ଥିତ ଥିଲେ । ସେହିଭଳି ଆଗଲପୁରର ସମସ୍ତ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲ । ନବୀନ ପଟ୍ଟନାୟକଙ୍କ ସରକାର ସମୟର ସଫଳତା ଓ ମାତ୍ର ଦେଡ ବର୍ଷର ବିଜେପି ସରକାରର ବିଫଳତାକୁ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଯୁବ ସଭାପତି ନାରାୟଣ ସାହୁ, ଉତ୍ତମ ଭୋଇ, ବିକାଶ ମହାକୁର, କନିଷ୍ଠ ତାଣ୍ଡି, ଡାକ୍ତର ନାଗ, ଶମ୍ଭୁ ବାରିକ, କମ୍ଭୁ ବାରିକ, କରୁଣା ସେଠ ପ୍ରମୁଖ ସହଯୋଗ କରିଥିଲେ ।

**କଣ୍ଟାବାଞ୍ଜି:** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବଙ୍ଗୋମୁଣ୍ଡା ବ୍ଲକ୍ ବଙ୍ଗୋମୁଣ୍ଡା ସହରରେ ବିଜୁ ଜନତା ଦଳର ଜନସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି । ଯୁବ ବିଜେଡ଼ି ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ବଙ୍ଗୋମୁଣ୍ଡା ଫୁଟବଲ ଖେଳପଡିଆରୁ ପଦଯାତ୍ରା ବାହାରି ସହର ପରିକ୍ରମା କରି ଆମ୍ବେଦକର ଛକରେ ପହଞ୍ଚିଥିଲା । ସେଠାରେ ଏକ ସାଧାରଣ ସଭା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ରାଜୁ ଗିଭେଲା, ବିଜେଡ଼ି ନେତ୍ରୀ ନିରୁପମା ମାଝୀ ଯୋଗଦେଇ ବିଜେପି ସରକାରର ଅପାରଗତା ବିଷୟରେ ଲୋକଙ୍କୁ ସଚେତନ କରିବା ସହ ନବୀନ ପଟ୍ଟନାୟକ ସରକାର ସମୟରେ ହୋଇଥିବା ଜନକଲ୍ୟାଣ ମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ପୂର୍ବତନ ଜିଲ୍ଲା ପରିଷଦ ଉଦ୍ଧବ ବେହେରା, ବରିଷ୍ଠ ବିଜେଡ଼ି ନେତା ଆସାଦୁଲା ଖାନ, କିଶୋର ମଞ୍ଚଖଣ୍ଡ, ଦେବାର ବାରିକ, ଯୁବ ବିଜେଡ଼ି ନେତା ପ୍ରେମିଶ ଚନ୍ଦ୍ର ବାଗ, ବିଷ୍ଣୁ ଜୁଏଡ, ବରିଷ୍ଠ ବିଜେଡି ନେତା ଲାଲଚନ୍ଦ ପଟେଲ, ଦ୍ରୁପଦ ନାଏକ, ନାରୀନେତ୍ରୀ ଗୀତା ପୁଟେଲ, ପିଙ୍କି ଖର୍ସେଲ, ବିଟୁ ସାଘାଁ, ଭବାନୀ ନାଗ, ଅମିତ ସାହୁ, ଲବଣୀ ନାଗ, ତ୍ରିବିକ୍ରମ ବେହେରା, ଗୋପାଳ ମେହେର, କାହ୍ନା ଯାଦବ, ଗୌର ମହାନନ୍ଦ, ତପନ ଦୀପ, ପିଣ୍ଟୁ ଦୀପ, ବରୁଣ ଲୁହା, ହୁର୍ଶି ପଟେଲଙ୍କ ସମେତ ବହୁ ବିଜେଡି କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

**ଦେଓଗାଁ:** ଦେଓଗାଁ ବ୍ଲକ୍ ୧୨ନଂ ଜୋନରେ ଗୁରୁବାର ସିକୁଆଁ ସିଦ୍ଧେଶ୍ୱର ବାବାଙ୍କ ମନ୍ଦିର ପରିସରରୁ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା । ସାରା ରାଜ୍ୟରେ ମାସେ ଧରି ହେବାକୁ ଥିବା ଏହି ଜନସମ୍ପର୍କ ପଦଯାତ୍ରାରେ ଜନସାଧାରଣଙ୍କୁ ବିଜେଡି ତଥା ନବୀନ ସରକାର ସମୟରେ ହୋଇଥିବା ଉନ୍ନୟନ କାର୍ଯ୍ୟ ତଥା ସଫଳତା ଉପରେ ଅବଗତ କରିବା ସହ ବର୍ତ୍ତମାନର ରାଜ୍ୟ ସରକାରର ବିଫଳତା ନେଇ ସଚେତନ କରାଯିବ । ବ୍ଲକ ବିଜେଡି ସଭାପତି ସୁଶୀଲ ଚାନ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ବ୍ଲକ୍ ଅଧକ୍ଷ ଦୟାନିଧି ଖମାରୀ, ବରିଷ୍ଠ ବିଜେଡି ନେତା ଉମା ଶଙ୍କର ସିଂ, ଲକ୍ଷ୍ମଣ ମେହେର, ଜିଲ୍ଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ, ଅନ୍ତର୍ଯ୍ୟାମୀ ଭୋଇ, ଦୀପକ ବେହେରା, ସରପଞ୍ଚ ସଂଘ ସଭାପତି ଗୋପାଳଚନ୍ଦ୍ର ମିଶ୍ର, ସମିତି ସଭ୍ୟା ଟୁନି ସେଠ, ସମିତି ସଭ୍ୟ ଅଭିମନ୍ୟୁ ମାଝୀ, ମିଡିଆ ସେଲ୍ ମୁଖ୍ୟ ବିଭୂତି ଭୂଷଣ ମିଶ୍ର ତଥା ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ସିକୁଆଁ ସମେତ ବଡବନ୍ଧ, ସିଲେଟକାନୀ ଗାଁରେ ପଦଯାତ୍ରା ହୋଇଥିଲା ।






## ଦାଦନ ଶ୍ରମିକ ଉଦ୍ଧାର; ୨ ସର୍ଦ୍ଦାର ଗିରଫ



ତୁରେକେଲା, ୯ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଓ ତୁରେକେଲା ଅଞ୍ଚଳରେ ଏବେ ବେଆଇନ୍ ଭାବେ ରାଜ୍ୟ ବାହାରକୁ ସ୍ଥାନୀୟ ସର୍ଦ୍ଦାରମାନେ ଶ୍ରମିକ ଚାଲାଣ ଆରମ୍ଭ କରିଛନ୍ତି । ତୁରେକେଲା ପୁଲିସ ପାଟ୍ରୋଲିଂ ସମୟରେ ବେଆଇନ୍ ଭାବେ ଦାଦନ ଯାଉଥିବା କିଛି ଶ୍ରମିକଙ୍କୁ ଉଦ୍ଧାର କରିଛି । ଏଥିରେ ଗୋଟିଏ ପରିବାରର ସ୍ୱାମୀ, ସ୍ତ୍ରୀ ଓ ୩ଟି ଛୋଟ ଛୁଆ ରହିଛନ୍ତି । ଏହି ଘଟଣାରେ ସଂପୃକ୍ତ ତୁରେକେଲା ଥାନା କୁଶପାଲି ଗାଁର ତନୁର୍ଜ ମେହେର ଓ ଛବିଲାଲ ନିଆଁଲ ଗିରଫ ହୋଇଛନ୍ତି । ଜାମିନ ନାମଞ୍ଜୁର ହେବାରୁ ଦୁଇଜଣଙ୍କୁ ଜେଲ ପଠାଇ ଦିଆଯାଇଥିବା ତୁରେକେଲା ଥାନା ଅଧିକାରୀ ରାକେଶ ବେହେରା କହିଛନ୍ତି ।

## ରାଜ୍ୟ ଭାର ଉତ୍ତୋଳନ ପ୍ରତିଯୋଗିତା ପାଇଁ ୧୮ ରେ ମନୋନୟନ

ବଲାଙ୍ଗିର, ୯ ।୧୦(ସମିସ): ଓଡିଶା ଭାର ଉତ୍ତୋଳନ ସଂଘ ଆନୁକୂଲ୍ୟରେ ଭୁବନେଶ୍ୱରରେ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ଭାର ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିନିମନ୍ତେ ଜିଲ୍ଲା ଭାର ଉତ୍ତୋଳନ ସଂଘ ପକ୍ଷରୁ ୧୮ ତାରିଖ ବଲାଙ୍ଗିର ସହର ପିପି. ଏକାଡେମୀ ସ୍କୁଲ ପରିସରରେ ମନୋନୟନ ଶିବିରର ଆୟୋଜନ କରାଯାଇଛି । ଏହି ମନୋନୟନ ଶିବିରରେ ବିଭିନ୍ନ ବୟସ ବର୍ଗର ଯୁବକ, କନିଷ୍ଠ, ବରିଷ୍ଠ ଉଭୟ ପୁରୁଷ ଓ ମହିଳା ବିଭାଗରୁ ମନୋନୟନ କରାଯିବ । ଜିଲ୍ଲା ଭାର ଉତ୍ତୋଳନ ସଂଘ ପକ୍ଷରୁ ଜିଲ୍ଲାର ସମସ୍ତ ପୌରାଞ୍ଚଳ, ବିଜ୍ଞାପିତ ଅଞ୍ଚଳ ପରିଷଦଦ, ପଞ୍ଚାୟତ ସମିତି, ପଞ୍ଚାୟତ ସହ ବ୍ୟକ୍ତିଗତ ସ କ୍ଲବ ସହ ବିଭିନ୍ନ ଅନୁଷ୍ଠାନରୁ ପ୍ରତିଯୋଗୀଙ୍କୁ ଏଥିଲାଗି ଆହ୍ୱାନ କରାଯାଇଛି । ପ୍ରତିଯୋଗିତାରେ ଭାଗ ନେବାକୁ ଉତ୍ସୁକ ବ୍ୟକ୍ତିମାନେ ୧୬ ତାରିଖ ପୂର୍ବରୁ ଜିଲ୍ଲା ଭାର ଉତ୍ତୋଳନ ସଂଘର ସଭାପତି ସୁଦାମ ବେହେରାଙ୍କୁ ତାଙ୍କ ଫୋନ ନମ୍ବର ୯୩୩୮୬୪୭୩୯୮, ସଂପାଦକ ବିନୟ ପାଣ୍ଡେଙ୍କୁ ଫୋନ ନମ୍ବର ୮୯୧୭୫୦୫୭୩୪ରେ ଯୋଗାଯୋଗ କରପାରିବେ ।

## ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ



ବଲାଙ୍ଗିର, ୯ ।୧୦(ସମିସ): ବଲାଙ୍ଗିର ବନ ବିଭାଗ ପକ୍ଷରୁ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଇଛି । ଏହି ଅବସରରେ ବଲାଙ୍ଗିର ମୁଖ୍ୟାଳୟରେ ଏକ ବାଇକ୍ ଶୋଭାଯାତ୍ରା ସହ ଡିଭିଜନ କାର୍ଯ୍ୟାଳୟରେ ଏକ ବୈଠକ ଅନଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରୱ ଶିବାଜୀ ଇସଲୱାର, ଡିଏଫଓ ଅଜିତ ବିଶି, ବଲାଙ୍ଗିର ଆଦର୍ଶ ବିଦ୍ୟାଳୟ ଅଧକ୍ଷ କ୍ଷମାନିଧି ଝାଙ୍କର, ବନ୍ୟପ୍ରାଣୀ ସଂରକ୍ଷଣବିତ ଅରିନ୍ଦମ ପରିଛା, ଏସିଏଫ ମାନସ ରଞ୍ଜନ ବେହେରା, ମୁରାରୀପ୍ରସାଦ ପଣ୍ଡା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ ।

## ଟିଟିଲାଗଡ଼ରେ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ଘଟଣା

# ପଦାରେ ପଡ଼ିଲା ବିଜେପି ନେତା ଅଙ୍କୁର ଅଗ୍ରୱାଲଙ୍କ ଅସଲ ଚେହେରା



ବଲାଙ୍ଗିର, ୯ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡର ହୋଟେଲ ବ୍ୟବସାୟୀ ଶିବ ଦୟାଲ ଜୈନଙ୍କୁ ହତ୍ୟା ଉଦ୍ୟମ ଘଟଣାର ପୁଲିସ ପର୍ଦ୍ଦାଫାସ କରିଛି । ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ବିଜେପି ନେତା ଅଙ୍କୁର ଅଗ୍ରୱାଲଙ୍କ ଆଉ ୨ ଜଣ ସହଯୋଗୀଙ୍କୁ ବଲାଙ୍ଗିର ପୁଲିସ ଗିରଫ କରିଛି । ସେମାନେ ହେଲେ ମୁରିବାହାଲ ଥାନା ଡୁଙ୍ଗୁରିଗୁଡ଼ା ଗାଁର ଭକ୍ତବନ୍ଧୁ ଖର୍ସେଲ ଓ ମୁରିବାହାଲ ହାଟପଦା ପଡ଼ାର ନରେଶ ବେହେରା । ଘଟଣାରେ ସମ୍ପୃକ୍ତ ବୋଲେରୋ, ସ୍କୁଟି, ମୋବାଇଲ ଫୋନ ଜବତ ହୋଇଛି । ଏହା ସହ ହତ୍ୟା ଉଦ୍ୟମ ଘଟଣା ପଛରେ ଥିବା ଅସଲ ରହସ୍ୟ ମଧ୍ୟ ପୁଲିସ ଲୋକ ଲୋଚନକୁ ଆଣିଛି । ସ୍ଥାନୀୟ ବିଧାୟକ ନବୀନ ଜୈନଙ୍କ ସହଯୋଗୀ ଅଙ୍କୁର କିଭଳି ଭାବେ ବ୍ୟବସାୟୀ ତଥା ଅଭିଯୋଗକାରୀ ଶିବ ଦୟାଲ ଜୈନଙ୍କ ସ୍ତ୍ରୀଙ୍କୁ ଗତ ଦେଢ଼ ବର୍ଷ ହେଲା ମାନସିକ ନିର୍ଯାତନା ଦେଇଆସୁଥିଲା, କିଭଳି ଭାବେ ତାଙ୍କ ଚରିତ୍ର ସଂହାର କରି ସ୍ୱାମୀଙ୍କଠାରୁ ଅଲଗା କରିବାକୁ ଚେଷ୍ଟା କରିଥିଲା, ନକଲି ସିମ୍ ବ୍ୟବହାର କରି ବ୍ଲାକମେଲ ଚଳାଇଥିଲା ସେ ସବୁ ଏସ୍‌ପି ଅଭିଲାଷ ଜି. ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏସ୍‌ପିଙ୍କ ଏହି ସାମ୍ବାଦିକ ସମ୍ମିଳନୀ ପରେ ବିଜେପି ନେତା ଅଙ୍କୁର ଅଗ୍ରୱାଲଙ୍କ ଅସଲ ଚେହେରା ସାମ୍ନାକୁ ଆସିଛି ।

ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ସହରର ହୋଟେଲ ବ୍ୟବସାୟୀ ଶିବ ଦୟାଲ ଜୈନଙ୍କୁ ବିଡିସିସି ବ୍ୟାଙ୍କ୍ ନିକଟରେ ଏକ ନମ୍ବର ବିହୀନ ବୋଲେରୋ ଗାଡ଼ି ଉଦ୍ଦେଶ୍ୟ ମୂଳକ ଭାବେ ହତ୍ୟା କରିବାକୁ ଧକ୍କା ଦେଇଥିଲା । ଏଥିରେ ଶ୍ରୀ ଜୈନ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଏହି ଘଟଣା ଏକ ସାଧାରଣ ଦୁର୍ଘଟଣା ଲାଗିଥିଲା । ପରବର୍ତ୍ତୀ ସମୟରେ କିନ୍ତୁ ଏହା ଭିନ୍ନ ମୋଡ ନେଇଥିଲା । ଗତ ୪ ତାରିଖରେ ଶ୍ରୀ ଜୈନ ତାହା ଦୁର୍ଘଟଣା ନୁହଁ; ବରଂ ହତ୍ୟା ଷଡଯନ୍ତ୍ର ବୋଲି ଅଭିଯୋଗ ଆଣିଥିଲେ । ତେବେ ପ୍ରଥମେ ଟିଟିଲାଗଡ ପୁଲିସ ଏହାକୁ ଗୁରୁତ୍ୱ ଦେଇ ନ ଥିଲା । ଏସପିଙ୍କ ହସ୍ତକ୍ଷେପ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ସହରରେ ଲାଗିଥିବା ସିସିଟିଭି ଫୁଟେଜ ଓ ଅଭିଯୋଗକାରୀଙ୍କ ପ୍ରଦତ୍ତ ସୂଚନା ଅନୁସାରେ ଏହା ହତ୍ୟା ଷଡ଼ଯନ୍ତ୍ର ବୋଲି ସ୍ପଷ୍ଟ ହୋଇଥିଲା । ବିଧାୟକଙ୍କ ଅନୁଗତ ଅଙ୍କୁରଙ୍କୁ ପୁଲିସ ପ୍ରଥମେ ଗିରଫ କରିଥିଲା ।

- ଆଉ ୨ ସହଯୋଗୀ ଗିରଫ
- ବ୍ୟବସାୟୀଙ୍କ ସ୍ତ୍ରୀଙ୍କୁ ବ୍ଲାକମେଲ୍
- ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଏସ୍‌ପି

ତାଙ୍କୁ ପଚରାଉଚୁରା କରିବା ପରେ ଏହି ଘଟଣାର ଅସଲ ରହସ୍ୟ ସାମ୍ନାକୁ ଆସିଥିଲା । ଅଭିଯୁକ୍ତ, ଅଭିଯୋଗକାରୀ ଓ ବ୍ୟବସାୟୀଙ୍କ ସ୍ତ୍ରୀଙ୍କ ମୋବାଇଲ ଯାଞ୍ଚ କରିବା ପରେ ଅଙ୍କୁର ଗତ ପ୍ରାୟ ଦେଢ଼ ବର୍ଷ ହେଲା ଶ୍ରୀ ଜୈନଙ୍କ ସ୍ତ୍ରୀଙ୍କୁ ବ୍ଲାକମେଲ କରି ଆସୁଥିଲେ । ବିଭିନ୍ନ ସମୟରେ ନକଲି ସିମ୍ ବ୍ୟବହାର କରି ଅଙ୍କୁର ଏହି ବ୍ଲାକମେଲ କରୁଥିଲେ । ଅନେକ ସମୟରେ ଶ୍ରୀ ଜୈନଙ୍କ ସ୍ତ୍ରୀଙ୍କ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିବାକୁ ଧମକ ଦେଇ ଆସୁଥିଲେ । ଶ୍ରୀ ଜୈନଙ୍କଠାରୁ ସ୍ତ୍ରୀର ସମ୍ପର୍କ ଛିନ୍ନ କରିବା ପାଇଁ ସେ ଏହା ଚଳାଇଥିଲେ । ତେବେ ସାମାଜିକ ପ୍ରତିଷ୍ଠାକୁ ଦୃଷ୍ଟିରେ ରଖି ଶ୍ରୀ ଜୈନ ଓ ତାଙ୍କ ସ୍ତ୍ରୀ ଚୁପ୍ ରହି ଆସୁଥିଲେ । ଶେଷରେ ଅଙ୍କୁର ବିଫଳ ହେବାରୁ ଶ୍ରୀ ଜୈନଙ୍କୁ ରାସ୍ତାରୁ ହଟାଇବା ପାଇଁ ନିଜର ୨ ସହଯୋଗୀ ଭକ୍ତବନ୍ଧୁ ଓ ନରେଶ ଙ୍କ ସହ ମିଶି ଏହି ହତ୍ୟା ଷଡଯନ୍ତ୍ର କରିଥିଲେ । ଯୋଜନା ମୁତାବକ ଗତ ୨୮ ତାରିଖରେ ଏହି ଘଟଣା ଘଟାଇଥିଲେ; ହେଲେ ତାଙ୍କ ଉଦ୍ଦେଶ୍ୟ ସଫଳ ହୋଇ ନ ଥିଲା । ଘଟଣା ପରେ ପୁଲିସ ଅଭିଯୁକ୍ତ ଅଙ୍କୁରଙ୍କୁ ପ୍ରଥମେ ଗିରଫ କରିଥିଲା । ତାଙ୍କୁ ପଚରାଉଚରା ପରେ ସେ ସବୁ ସତ ମାନିଥିଲେ । ସବୁ ଶୁଣିବା ପରେ ପୁଲିସ ବି ଆଶ୍ଚର୍ଯ୍ୟ ହୋଇଥିଲା । ଅନ୍ୟପକ୍ଷେ ଏହି ଘଟଣାରେ ବିଧାୟକଙ୍କ କାର୍ଯ୍ୟକଳାପକୁ ନେଇ ବିଜେଡି ପ୍ରଶ୍ନ ଉଠାଇ ତାଙ୍କ ଗିରଫ ଦାବି କରିଥିଲା । ବିଧାୟକ ମାମଲାକୁ ପ୍ରଭାବିତ କରିଥିବା ବିଜେଡି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଥିଲା ।




# କେନ୍ଦ୍ରାପଡ଼ାରେ ଗଜଲକ୍ଷ୍ମୀ ପୂଜା


ଅର୍ଣ୍ଣପୂର୍ଣ୍ଣା ୟୁଥ୍ କ୍ଲବ୍


ଅଭୟା ୟୁଥ୍ କ୍ଲବ୍



ଦ୍ରୌପଦୀ ବସ୍ତ୍ରହରଣ, ମିର୍‌ପାଟଣା


ଜୟଗୁରୁ, କାକଟ


କାଞ୍ଚି ଅଭିଯାନ, ମାଛମାର୍କେଟ୍


ଗଜ ଉଦ୍ଧାରଣ, ବଡ଼ହାଟ


ସୂର୍ଯ୍ୟରଥ, ବଡ଼ହାଟ


ନବଗୁଞ୍ଜର, କାକଟ ଲଗ୍

## ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର: ୩୭ ୟୁନିଟ୍ ସଂଗୃହୀତ



**ପଞ୍ଚୁପାଣ୍ଡବ, ୯।୧୦(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମର ନୋଳସାହି ପ୍ରାଥମିକ ବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମା' ଗଜଲକ୍ଷ୍ମୀ ପୂଜା ଅବସରରେ ଆୟୋଜକ ମା' ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗୁରୁବାର ଆୟୋଜିତ ଶିବିରରେ କେନ୍ଦ୍ରାପଡ଼ା ମେଡିକାଲ ପକ୍ଷରୁ ୩୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରକୁ ଡେରାବିଶ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଉଦଘାଟନ କରିଥିବା ବେଳେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ନବକିଶୋର ମଲ୍ଲିକ ଓ ନହଙ୍ଗ ସମିତି ଅଧ୍ୟକ୍ଷ ଭାଗୀରଥି ସାହୁ ଯୋଗ ଦେଇଥିଲେ। ପ୍ରଥମେ ଗଙ୍ଗାଧର ମଲ୍ଲିକ ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରକୁ ସ୍ଥାନୀୟ ପଞ୍ଚାୟତର ରଘୁଦେଇପୁର, ନୋଳସାହି ଓ ରାଜନଗର ଗ୍ରାମର ଆୟୋଜକ ସୁବ୍ରଜିତ୍ ମଲ୍ଲିକ, ଧର୍ମେନ୍ଦ୍ର ସାହୁ, ମନୋଜ ସାମନ୍ତରାୟ, ସୁଧାଂଶୁ ମଲ୍ଲିକ, ଭରତ ଚନ୍ଦ୍ର ସାହୁ, ସନ୍ତୋଷ ସାମଲ, କମଳାକାନ୍ତ ମଲ୍ଲିକ, ସରୋଜକାନ୍ତ ସାମନ୍ତରାୟ, ଦୈତାରୀ ଜେନା, ଶ୍ୱେତାଲିନା ମଲ୍ଲିକ, ପ୍ରତୀମା ବାରିକ, ଭୂପେନ୍ଦ୍ର ମଲ୍ଲିକ ଓ ଅମରେନ୍ଦ୍ର ମଲ୍ଲିକ, ମୃତ୍ୟୁଞ୍ଜୟ ମଲ୍ଲିକ ଓ ପ୍ରବୀର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ।

## ଓଳାଭରରେ ଜମୁଛି ଗଜଲକ୍ଷ୍ମୀ ପୂଜା

ଓଳାଭର, ୯।୧୦(ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ବାଣିଜ୍ୟିକ ପେଣ୍ଠସ୍ଥଳୀ ଓଳାଭର ବଜାରରେ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି। ବ୍ଲକର ବିଭିନ୍ନ ସ୍ଥାନରୁ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ଏଠାରେ ଗଜଲକ୍ଷ୍ମୀ ପୂଜାକୁ ତିନିବର୍ଷ ପୂରିଛି। ଓଳାଭର ବଣିକ ସଂଘ ପକ୍ଷରୁ ଆରମ୍ଭ ହୋଇଥିବା ଏହି ପୂଜାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। କାଳୀ ପଡ଼ିଆରେ ସୁଉଚ୍ଚ ତୋରଣ, ଆଲୋକମାଳା, ସନ୍ଧ୍ୟାରେ ମଣ୍ଡପରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ଅଭିଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ପୂଜା ସମ୍ପାଦିତ ହେଉଛି। ପୂଜାରେ ସସ୍ତ୍ରୀକ ଅଜୟ ଦାଶ ସଂକଳ୍ପ କରୁଥିବାବେଳେ ଓଳାଭର ବଣିକ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରୁଛନ୍ତି।



## ୧୮ରୁ ବୈଷ୍ଣବ ପରିଡ଼ା ମେମୋରିଆଲ ଚେସ୍ ପ୍ରତିଯୋଗିତା

**ପଟ୍ଟାମୁଣ୍ଡାଇ, ୯।୧୦(ସମିସ):** ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ରାଜ୍ୟ ଚେସ ଆସୋସିଏସନ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଆସୋସିଏସନ ସହଯୋଗରେ ପଞ୍ଚମ ଡକ୍ଟର ବୈଷ୍ଣବ ପରିଡ଼ା ମେମୋରିଆଲ ଚେସ ପ୍ରତିଯୋଗିତା ଆସନ୍ତା ୧୮ ଓ ୧୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। କେନ୍ଦ୍ରାପଡ଼ା ସ୍ୱୟଂସିଦ୍ଧ ପ୍ୟାଲେସରେ ଅନୁଷ୍ଠିତ ହେବାକୁ ଥିବା ଚେସ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତା ପାଇଁ ୨୫ ହଜାର ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୭ ହଜାର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୫ ହଜାର ଓ ତୃତୀୟ ପ୍ରତିଯୋଗୀଙ୍କଠାରୁ ଆରମ୍ଭ କରି ଅନ୍ୟାନ୍ୟ ପ୍ରତିଯୋଗୀଙ୍କୁ ନିର୍ଦ୍ଧାରିତ ପୁରସ୍କାର ରାଶି ପ୍ରଦାନ କରାଯିବ। ଏହି ପ୍ରତିଯୋଗିତାରେ ଉଦୀୟମାନ ଖେଳାଳି ଭାଗ ନେବାକୁ ଜିଲ୍ଲା ଚେସ ଆସୋସିଏସନର ବରିଷ୍ଠ ସଦସ୍ୟ ତଥା ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ ନିବେଦନ କରିଛନ୍ତି।

## ବିନା ଅନୁମତିରେ ବେଳାଭୂମିରୁ ବାଲି ଉଠାଉଛନ୍ତି ମାଫିଆ

## ଜେସିବି ଓ ଟ୍ରାକ୍ଟର ଜବତ କଲା ମେରାଇନ୍ ଥାନା

**ପାରାଦୀପ, ୯।୧୦(ସମିସ):** ପାରାଦୀପ ସମୁଦ୍ର ବେଳାଭୂମିରୁ ଲୁଚିଛପି ବିନା ଅନୁମତିରେ ଜେସିବି ଲଗାଇ ଟ୍ରିପ ଟ୍ରିପ ବାଲି ଟ୍ରାକ୍ଟରରେ ବୋହି ନେଉଛନ୍ତି ବାଲି ମାଫିଆ। ଏଭଳି ଘଟଣା ଆଜି ନୁହେଁ, ଦୀର୍ଘଦିନ ଧରି କରାଯାଉଛି। ଏହି ବାଲି କାହା ଅନୁମତିରେ ସମୁଦ୍ର ବେଳାଭୂମି ଅଞ୍ଚଳରୁ ଉଠୁଛି, ଏହି ବାଲି କେଉଁ ସ୍ଥାନରେ ପଡୁଛି ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ତା' ପୁଣି ଦିନ ବେଳା। ପ୍ରଶାସନ ପାଖରେ ଏଭଳି ବାଲି ଉଠିବା ସମ୍ପର୍କରେ ସୂଚନା କେମିତି ନାହିଁ। ଏଥିସହ ୧ କିଲୋମିଟର ଦୂରତା ମଧ୍ୟରେ ଜଟାଧାରୀ ମୁହାଣ ମେରାଇନ ଥାନା ରହିଛି। ପୁଲିସ ସବୁ ଦେଖୁଥିଲେ ବି ନ ଦେଖିଲା ଭଳି ଅଭିନୟ କରୁଥିବା ଅଭିଯୋଗ ହୋଇଛି। ଦିନରେ ଶହ ଶହ ଟ୍ରିପ ବାଲି ସମୁଦ୍ର ବେଳାଭୂମିରୁ ଲୁଟ ହେଉଛି। ଏ ସମ୍ପର୍କରେ ପୁଲିସ କିଭଳି ଜାଣି ପାରୁନାହିଁ। ଏହି ବାଲି ମାଫିଆ ଘରୋଇ ଲୋକଙ୍କୁ ବିକ୍ରି କରି ମାଲେମାଲ ହେଉଛନ୍ତି। ତେବେ ଏହି ବାଲି ମାଫିଆଙ୍କୁ ଧରିବା ସହିତ ତାହା କେଉଁଠି ପକାଯାଇଛି ତାହା ତଦନ୍ତ ହେବା ଜରୁରୀ। ପୌରପାଳିକାର କେତେକ କଣ୍ଟ୍ରାକ୍ଟର ଉକ୍ତ ବାଲିକୁ ଉଠାଉଥିବା ମଧ୍ୟ ଚର୍ଚ୍ଚା ହେଉଛି। ଅନୁମତି ମିଳି ନ ଥିବାବେଳେ କାହା ଇଙ୍ଗିତରେ କଣ୍ଟ୍ରାକ୍ଟର ସମୁଦ୍ର ବେଳାଭୂମିରୁ ବାଲି ଖୋଳି ନେଉଛି, ତାହା ତଦନ୍ତ ହେବା ଆବଶ୍ୟକତା।

**ରାଜନୈତିକ ଚାପରେ ଛାଡ଼ିଦେଲା କି ପୁଲିସ!**

ଗତକାଲି ମଧ୍ୟାହ୍ନରେ ସମୁଦ୍ର ବେଳାଭୂମିରୁ ଜେସିବି ସାହାଯ୍ୟରେ ଟ୍ରାକ୍ଟରରେ ବାଲି ଲୋଡ କରାଯାଉଥିବାବେଳେ ଜଟାଧାରୀ ମୁହାଣ ମେରାଇନ ଥାନା ହାବୁଡ଼ରେ ପଡ଼ିଥିଲା। ପୁଲିସ ଉଭୟ ଜେସିବି ଓ ଟ୍ରାକ୍ଟରକୁ ଥାନାକୁ ଆଣିଥିଲା। ଏ ସମ୍ପର୍କରେ ଥାନା ଆଇଆଇସିଙ୍କୁ ପଚାରିବାରୁ କାମର ୱାର୍କ ଅର୍ଡ଼ର ଅଛି, ବାଲିଯାତ୍ରା ପାଇଁ କାମ ଚାଲିଥିଲା ବୋଲି ତାଙ୍କୁ ପୌର ଅଧିକାରୀ କହିଛନ୍ତି ବୋଲି ସେ କହିଥିଲେ। ଏହାର ସତ୍ୟାସତ୍ୟ କ'ଣ, ତାହାର ତଦନ୍ତ କରିବାର ଆବଶ୍ୟକତା ରହିଛି। ଯଦି କାମର ୱାର୍କ ଅର୍ଡର ରହିଛି, ତେବେ ଡ୍ରାଇଭର ଗାଡି ଜବତ ବେଳେ କାଗଜପତ୍ର ଦେଖାଇ ପାରିଲା ନାହିଁ କାହିଁକି? ଦୀର୍ଘ ୮ ଘଣ୍ଟା ଧରି ଗାଡ଼ି ଥାନା ଆଗରେ ରହିଥିଲେ ମଧ୍ୟ ୱାର୍କ ଅର୍ଡର ଦେଖାଇ ଗାଡ଼ିକୁ ରିଲିଜ କରାଯାଇପାରିନାହିଁ କାହିଁକି ? ସେପଟେ ଗାଡ଼ି ରିଲିଜ କରିବା ପାଇଁ ଥାନା ଉପରେ ରାଜନୈତିକ ଚାପ ପକାଯାଇ ଟ୍ରାକ୍ଟର ଓ ଜେସିବିକୁ ଛାଡ଼ିଦେଇଥିବା ଚର୍ଚ୍ଚା ହେଉଛି। ତେବେ ସିଆଜେଡ ଆଇନ ଉଲ୍ଲଙ୍ଘନ କରି ସମୁଦ୍ର ବେଳାଭୂମିରୁ ଲୁଣି ବାଲି ଉଠାଇବା ପାଇଁ କୌଣସି ନିର୍ଦ୍ଦେଶ ନ ଥିବାବେଳେ ପୁଲିସ କିଭଳି ଜେସିବି ଓ ଟ୍ରାକ୍ଟରକୁ ଛାଡିଲା, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ

# 'ଗୋପବନ୍ଧୁ ହେଉଛନ୍ତି ଜାତୀୟ ମଣି'

**କେନ୍ଦ୍ରାପଡ଼ା, ୯।୧୦(ସମିସ)**



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କେବଳ ଉତ୍କଳର ମଣି ନୁହଁନ୍ତି, ସେ ହେଉଛନ୍ତି ଜାତୀୟ ମଣି। ଅଦ୍ୟାବଧି କୌଣସି ରାଜ୍ୟରେ ଏଭଳି ନେତା ସୃଷ୍ଟି ହୋଇନାହାନ୍ତି, ଯିଏ ଦୁଃଖି, ଦରିଦ୍ରଙ୍କ ସେବା ପାଇଁ ନିଜ ଅସୁସ୍ଥ ପୁଅର ଚିକିତ୍ସାକୁ ଗୁରୁତ୍ୱ ନ ଦେଇ ଜନସେବାକୁ ଗୁରୁତ୍ୱ ଦେଇଥିଲେ। ଜନତାଙ୍କ ସେବା ପାଇଁ ଶେଷରେ ସେ ନିଜ ପୁଅକୁ ହରାଇଥିଲେ। ତ୍ୟାଗ ଓ ଜନସେବାର ସେ ହେଉଛନ୍ତି ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ଭଳି ସେବକ ସମଗ୍ର ଦେଶ ଓ ବିଶ୍ୱରେ ବିରଳ। ତେଣୁ ତାଙ୍କୁ ଉତ୍କଳମଣି ଉପାଧି ଦେଇ ଆମେ ତାଙ୍କୁ ସୀମିତ କରିଦେଇଛୁ। ତାଙ୍କୁ ଜାତୀୟ ମଣି ଆଖ୍ୟା ଦିଆଯିବା ଉଚିତ ବୋଲି ବିଶିଷ୍ଟ ବ୍ୟକ୍ତି ଗୁରୁବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ପାଳନ ଅବସରରେ ମତବ୍ୟକ୍ତ କରିଛନ୍ତି।

କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟ ସନ୍ନିକଟ ଗୋପବନ୍ଧୁ ପାଠାଗାର ପରିସରରେ ଯୋଗଦେଇ ଅତିଥିମାନେ କହିଲେ, ରାଜ୍ୟ ଓ କେନ୍ଦ୍ର ସରକାର ଉତ୍କଳମଣିଙ୍କ ଦର୍ଶନ ଓ ଚିନ୍ତାଧାରାକୁ ସଠିକ ଭାବେ ପ୍ରସାର ପ୍ରଚାର କରିବାରେ ଅଦ୍ୟାବଧି ସଫଳ ହୋଇପାରିନାହାନ୍ତି।ତାଙ୍କ ଜୟନ୍ତୀକୁ ରାଜ୍ୟ ଓ କେନ୍ଦ୍ର ସରକାର ପାଳନ କରିବାର ସମୟ ଆସିଛି। ସେ ଦୁଃଖି ଦରିଦ୍ରଙ୍କ ସେବା କରିବା ପାଇଁ ଯେଉଁଭଳି ଭାବେ ନିଜ ଜୀବନକୁ ତିଳତିଳ କରି ଉତ୍ସର୍ଗ କରିଥିଲେ, ତାହା ଆଜିର ସମୟରେ ବିରଳ। ତେଣୁ ତାଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ କରାଯିବା ଆବଶ୍ୟକ। ସେ ଓଡ଼ିଶା-ବିହାର ବିଧାନସଭାର ସଦସ୍ୟ ଥିଲେ। ଏଥିସହ ରାଜ୍ୟର ମନ୍ତ୍ରୀ ଥିଲେ। ନଅଙ୍କ ଦୁର୍ଭିକ୍ଷ ବେଳେ ତାଙ୍କଜନସେବା ସମଗ୍ର ଦେଶପ୍ରଭାବିତ କରିଥିଲା। ମହାତ୍ମା ଗାନ୍ଧୀ ଓଡ଼ିଶା ଆସି ଗୋପବନ୍ଧୁଙ୍କ ସହ ମିଶିବା ପରେ ତାଙ୍କ ମହାନ ତ୍ୟାଗକୁ ବେଶ ପ୍ରଶଂସା କରିଥିଲେ। ଦୁଃଖି ଜନତାଙ୍କ ସ୍ୱାର୍ଥ ପାଇଁ ତାଙ୍କ ତ୍ୟାଗ ଓ ବଳିଦାନ ମହାନ ଥିଲା ବୋଲି ଗାନ୍ଧିଜୀ କହିଥିଲେ। ସାମ୍ବାଦିକ ସୋମନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସମବାୟବିତ ପ୍ରମୋଦ ସାହୁ, ସମାଜସେବୀ ଶିବପ୍ରସାଦ ଭଳ, ରାଜେଶ ପଣ୍ଡା, ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଗୋପାଳ ବେହେରା, ପ୍ରାଧ୍ୟାପକ ଡ. ଚୈତନ୍ୟ ପରିଡ଼ା, ଇଂ. ଅଜୟ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ. ମାନଭଞ୍ଜନ କବି, ସମାଜସେବୀ ଫକୀର ଖଟୁଆ, ଆଦିକନ୍ଦ ରାଉଳ, ଗୟାଧର ଧଳ, ଯଯାତିକେଶରୀ ମହାନ୍ତି, ଧିରେନ ସାହୁ, ମୁକ୍ତାର ଖାଁ, କମଳାକାନ୍ତ ବେହେରା, ସାବିର ଖାନ୍, କାଶିନାଥ ରାଉତରାୟ, ନୃସିଂହ ତ୍ରିପାଠୀ, ଦେବେନ୍ଦ୍ର ଦାସ, ସେକ ତଫିରୁଦ୍ଦିନଙ୍କ ସମେତ ଗୋପବନ୍ଧୁ ପାଠାଗାରର ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରେସ୍ତୋରାଁରୁ ମିଠା ଫିଙ୍ଗା ଘଟଣାର ନୂଆମୋଡ଼

# ମୁହଁ ଖୋଲିଲେ ଘର ମାଲିକାଣୀ

**ପାରାଦୀପ, ୯।୧୦(ସମିସ):** ସନ୍ତୋଷ ପ୍ଲାଜାରୁ ମିଠା ଫିଙ୍ଗା ଘଟଣାକୁ ନେଇ ମୁଁହ ଖୋଲିଛନ୍ତି ଘର ମାଲକାଣୀ। ଭଡ଼ା ସୂତ୍ରରେ ଘର ନେଇ ଟଙ୍କା ନ ଦେଇ ଅପପ୍ରଚାର କରିବା ସହ ଧମକ ଦେଉଥିବା ନେଇ ଅଭିଯୋଗ ଆଣିଛନ୍ତି ଘର ମାଲିକ। ଏ ସମ୍ପର୍କରେ ଥାନାରେ ଜଣାଇବା ପରେ ନ୍ୟାୟ ପାଇବା ନେଇ ଆଶା ରଖିଛନ୍ତି ଘର ମାଲିକାଣୀ। ଘଟଣାକୁ ଏକ ସପ୍ତାହ ପୂରିଯାଇଥିଲେ ମଧ୍ୟ ପୁଲିସ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଘର ମାଲିକ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ଗତ ୨ ତାରିଖ ଦିନ ପାରାଦୀପ ବଡ଼ପଡ଼ିଆ ମାର୍କେଟରେ ଥିବା ସନ୍ତୋଷୀ ସୁଇଟ୍ସ ଆଣ୍ଡ ରେସ୍ତୋରାଁରେ ଘର ମାଲିକାଣୀ ମିଠା ସାମଗ୍ରୀ ଫୋପଡ଼ା ଫିଙ୍ଗା କରିବା ସହ ଇଲେକ୍ଟ୍ରି ଓ ପାଣି ଲାଇନ କାଟି ଦେଇଥିବା ନେଇ ଅଭିଯୋଗ କରିଥିଲେ ଭଡ଼ାସୂତ୍ରରେ ନେଇଥିବା ବ୍ୟବସାୟୀ। ଯାହାକୁ ଖଣ୍ଡନ କରିଛନ୍ତି ଘର ମାଲିକ। ଦୋକାନ ଘର ଭଡ଼ା ନେଇଥିବା ବ୍ୟକ୍ତି ବିଭିନ୍ନ ଅସାମାଜିକ ଲୋକଙ୍କ ସହିତ ମିଶି ମାଲିକଙ୍କ ପ୍ରତି ଅତ୍ୟାଚାର କରୁଥିବା ସହ ମାଡ଼ ମାରିଥିବା ନେଇ ସେ ବାରମ୍ବାର ବଣିକ ସଂଘରେ ଜଣାଇବା ପରେ କୌଣସି ସୁଫଳ ମିଳିବା ବଦଳରେ ଏକପାଖିଆ ନ୍ୟାୟ କରି ତାଙ୍କୁ ଜବରଦସ୍ତି ମାନିବାକୁ ବାଧ କରାଯାଉଥିବା ଓ ବଣିକ ସଂଘର ମୁଖ୍ୟ ଉପଦେଷ୍ଟା ପ୍ରକାଶ ତ୍ରିପାଠୀଙ୍କ ପ୍ରରୋଚନାରେ ଏଭଳି କରାଯାଇଥିବା ସେ କହିଛନ୍ତି। ଦୋକାନରୁ ମିଠା ନିଜେ ଫୋପାଡ଼ିବା ଭିଜୁଆଲ ସିସି ଟିଭିରେ କଏଦ ହୋଇଥିବାବେଳେ ମାଲିକଙ୍କ ନାମରେ ଅଠା ବୋଳିବା, ସମ୍ପୂର୍ଣ୍ଣ ବିଲ୍ଡିଂର ଇଲେକ୍ଟ୍ରି କାଟିବା ଓ ମାଲିକ ବିଭିନ୍ନ ଧମକ ଚମକ ଦେଉଥିବା ଏହା ଏକ ନିନ୍ଦନୀୟ ଘଟଣା ବୋଲି କହିଛନ୍ତି। ଏହି ଘଟଣାକୁ ନେଇ ସେ ସ୍ଥାନୀୟ ଥାନା, ଜଗତସିଂହପୁର ଏସ୍‌ପି ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବା ସହିତ ନ୍ୟାୟ ଦାବି କରିଛନ୍ତି। ନ୍ୟାୟ ନ ମିଳିଲେ ମହିଳା କମିଶନଙ୍କ ନିକଟକୁ ଯିବେ ବୋଲି କହିଛନ୍ତି ଘର ମାଲିକାଣୀ। ମୁଖ୍ୟମନ୍ତ୍ରୀ ମହିଳାଙ୍କୁ ସମ୍ମାନ ଦେଉଥିବାବେଳେ ପୁଲିସ କେଉଁ ପରିସ୍ଥିତିରେ ତାଙ୍କୁ ମିଥ୍ୟା ଅଭିଯୋଗରେ ପୁଲିସ ଭ୍ୟାନରେ ବସାଇ ଥାନାକୁ ନେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଜଣେ ଉଚ୍ଚଶିକ୍ଷିତା, ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷୟିତ୍ରୀ ହୋଇଥିବାବେଳେ ତାଙ୍କ ପ୍ରତି ଏଭଳି ଦୁର୍ବ୍ୟବହାରକୁ ସେ ଅନୁତାପ କରିବା ସହିତ ନିନ୍ଦା କରିଛନ୍ତି।

## ମୁଲୁଗାଇ ଗ୍ରାମରୁ ଚୋରି

**ପଟ୍ଟାମୁଣ୍ଡାଇ, ୯।୧୦(ସମିସ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମୁଲୁଗାଇ ଗ୍ରାମରେ ଚୋରି ହୋଇଛି। ଏ ସମ୍ପର୍କରେ ଗୃହକର୍ତ୍ତା ସୌରେନ୍ଦ୍ର ପ୍ରଧାନ ଥାନାରେ ଏତଲା ଦେଇଛନ୍ତି। ସ୍ଥାନୀୟ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୌରେନ୍ଦ୍ର ପ୍ରଧାନଙ୍କ ଏତଲା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ତାଙ୍କ ଘର ଝରକା ତାଡ଼ି ଘର ମଧ୍ୟରେ ପ୍ରବେଶ କରିଥିଲେ। ଗଡ଼ରେଜ ଭାଙ୍ଗି ସୁନା ଚେନ ଓ ସୁନା ମୁଦି ଲୁଟି ନେଇଛନ୍ତି। ଭୋର ୪ଟା ସମୟରେ ଗୃହକର୍ତ୍ତା ସୌରେନ୍ଦ୍ରଙ୍କ ମାଆ ନିଦରୁ ଉଠି ଘରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ଗ୍ରାମାଞ୍ଚଳ ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି।

# କଟକ ସିଟି



**ଦୂର ହେଲା ଦ୍ୱନ୍ଦ**

## ଉଭୟ ତଳ ଓ ଉପର ପଡ଼ିଆରେ ବାଲିଯାତ୍ରା

କଟକ,୯।୧୦(ସମିସ): ଐତିହାସିକ କଟକ ବାଲିଯାତ୍ରା ଏଥର ଉପର (କିଲ୍ଲା ପଡ଼ିଆ) ରେ ଆୟୋଜନ ହେବା ନେଇ ଯେଉଁ ଦ୍ୱନ୍ଦ ଦେଖାଯାଇଥିଲା ଜିଲ୍ଲା ପ୍ରଶାସନର ସତ୍ୟପାଠ ଦାଖଲ ପରେ ସେଥିରେ ପୂର୍ଣ୍ଣଚ୍ଛେଦ ପଡିଛି। ସ୍ୱେଚ୍ଛାସେବୀ ସଂଗଠନ,ବୁଦ୍ଧିଜୀବୀ ସର୍ବୋପରି କଟକର ଜନପ୍ରତିନିଧିଙ୍କ ସୁଚିନ୍ତିତ ମତାମତ ତଥା କଟକର ଐତିହ୍ୟକୁ ଦୃଷ୍ଟି ରଖି ପୂର୍ବ ଭଳି ଉପର ପଡିଆର କେତେକ ଅଂଶରେ ବାଲିଯାତ୍ରା ଆୟୋଜନ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଅନୁମତି ପ୍ରଦାନ କରିଛନ୍ତି ହାଇକୋର୍ଟ। କଟକ ସହର ସମସ୍ୟା ଶୁଣାଣି ସମୟରେ ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଅନ୍ୟପଟରେ ଗତ ୨୦୨୪ ବାଲିଯାତ୍ରା ଆୟୋଜନ ନେଇ ଜାରି ନିର୍ଦ୍ଦେଶନାମାକୁ ଏଥର ମଧ୍ୟ ଅନୁରୁପ କଡାକଡି ଭାବେ ପାଳନ କରିବାକୁ ଅଦାଲତ କହିଛନ୍ତି। ଉପର ପଡିଆରେ ବାଲିଯାତ୍ରା ଆୟୋଜନ ନ କରିବା ପାଇଁ ହାଇକୋର୍ଟ ବିଗତ ବର୍ଷ କେଉଁଠି ବି ନିର୍ଦ୍ଦେଶ ପୂର୍ବରୁ ଦେଇନଥିବା ଆଜି ମାମଲା ଶୁଣାଣି ବେଳେ ସ୍ପଷ୍ଟ

- ହାଇକୋର୍ଟରେ ସତ୍ୟପାଠ ପରେ ବିବାଦରେ ପୂର୍ଣ୍ଣଚ୍ଛେଦ
- ଶବ୍ଦ ପ୍ରଦୂଷଣ କଟକଣା ହେବ କଡ଼ାକଡ଼ି
- ରାସ୍ତା ପାର୍ଶ୍ୱରେ ବସିବେନି ଉଠାଦୋକାନୀ

ହୋଇଥିଲା। ଏଣୁ ବାଲିଯାତ୍ରାକୁ ସୁଚାରୁରୂପେ ଜିଲ୍ଲା ପ୍ରଶାସନ ଯଦି ଉଭୟ ପଡିଆରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି ତେବେ ତାହା କରିପାରିବ ବୋଲି ହାଇକୋର୍ଟ କହିଛନ୍ତି। ବାଲିଯାତ୍ରା ସମୟରେ ୧୦ ଦିନ ଧରି କ୍ୟାଣ୍ଟନମେଣ୍ଟ ରୋଡ ଠାରୁ କେମ୍ବ୍ରିଜ ସ୍କୁଲ ପର୍ଯ୍ୟନ୍ତ ଓ ଗଡଗଡିଆ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ସମେତ ରିଙ୍ଗରୋଡ କଡରେ ଶହ ଶହ ଉଠାଦୋକାନୀ ବସିବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ଏମାନଙ୍କୁ ମେଳା ପଡିଆର ଏକ ସ୍ଥାନରେ ବ୍ୟବସାୟ କରିବାକୁ ସ୍ୱତନ୍ତ୍ର ସ୍ଥାନ ଯୋଗାଇଦିଆଯିବ। ସେହିଭଳି ଶବ୍ଦ ପ୍ରଦୂଷଣ କଟକଣା କଡାକଡି କରିବା ଓ ବାଲିଯାତ୍ରା ବେଳେ ଆମ୍ବୁଲାନ୍ସ ପାଇଁ ଗ୍ରୀନ କରିଡର କରାଯିବା ଉପରେ ବିଗତ ବର୍ଷ ଭଳି ପଦକ୍ଷେପ ନେବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ପ୍ରକାଶଥାଉକି କଟକ ଡିସିପିଙ୍କ ପକ୍ଷରୁ ଉପର ପଡିଆରେ ବାଲିଯାତ୍ରା ନକରି ଏହାକୁ ପାର୍କିଂ ପାଇଁ ବ୍ୟବହାର କରିବା ପାଇଁ ଜିଲ୍ଲାପାଳଙ୍କୁ ଚିଠି ଦିଆଯାଇଥିଲା। ବିଭିନ୍ନ ବିଷୟକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥର ଉପର ପଡିଆରେ ବାଲିଯାତ୍ରା ଆୟୋଜନ ହେବ ନାହିଁ ବୋଲି ପ୍ରଥମେ ନିଷ୍ପତ୍ତି ହୋଇ ପ୍ଲଟ ଆବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବାଲିଯାତ୍ରା ଐତିହ୍ୟ ଓ ପରମ୍ପରା ଉପର ପଡିଆ ସହିତ ଜଡିତ ଥିବାରୁ ପ୍ରଶାସନର ନିଷ୍ପତ୍ତିକୁ ନେଇ ବିବାଦ ଉପୁଜିଥିଲା।

## ଆପତ୍ତିଜନକ ପୋଷ୍ଟ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୯ ।୧୦(ସମିସ): କଟକରେ କିଛିଦିନ ପୂର୍ବରୁ ଘଟିଥିବା ହିଂସା ଘଟଣା ନେଇ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି। ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ଯଦି କେହି ଆପତ୍ତିଜନକ ପୋଷ୍ଟ କରନ୍ତି, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିପି କହିଛନ୍ତି।

**୩୦୦ରୁ ଉର୍ଦ୍ଧ୍ୱ ସୋସିଆଲ ମିଡିଆ ପୋଷ୍ଟକୁ ହଟାଇ ଦିଆଯାଇଛି**

**ପ୍ରଥମ ଦିନରେ ୬ ଏବଂ ଗୁରୁବାର ଆଉ ୩ ଗିରଫ**

ସେ ଆହୁରି ମଧ୍ୟ କହିଛନ୍ତି ଯେ, କଟକ ହିଂସା ଘଟଣାରେ ବର୍ତ୍ତମାନ ସୁଦ୍ଧା ୯ ଜଣଙ୍କୁ ଗିରଫ କରାଯାଇଛି। ପ୍ରଥମ ଦିନରେ ୬ ଜଣ ଏବଂ ଆଜି ୩ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଆପତ୍ତିଜନକ ପୋଷ୍ଟ ପାଇଁ ୨ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ରାଲି ପାଇଁ ଅନୁମତି ନଦେବାରୁ ହିଂସା ଘଟାଇଥିବା ୨୦ ଜଣଙ୍କୁ ଗିରଫ ହୋଇଛନ୍ତି। ପାଖାପାଖି ୩୦୦ରୁ ଉର୍ଦ୍ଧ୍ୱ ସୋସିଆଲ ମିଡିଆ ପୋଷ୍ଟକୁ ହଟାଇ ଦିଆଯାଇଛି।

ପୁଲିସ କଟକ ଉପରେ କଡା ନଜର ରଖିଛି। ସୂଚନାଯୋଗ୍ୟ, କଟକ ସହରରେ ଗତ କିଛି ଦିନ ପୂର୍ବରୁ ୨ଟି ଗୋଷ୍ଠୀ ମଧ୍ୟରେ ହିଂସା ଦେଖାଯାଇଥିଲା। ଆକ୍ରମଣରେ ମୋଟ ୨୫ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୮ ଜଣଙ୍କର ଅବସ୍ଥା ଗୁରୁତର ଥିଲା। ପରିସ୍ଥିତିର ମୁକାବିଲା କରିବା ପାଇଁ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଥିଲା।

## ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ



କଟକ,୯।୧୦(ସମିସ): ଆଧୁନିକ ଓଡ଼ିଆ ଜନଜୀବନର ପ୍ରିୟ କବି, ଓଡ଼ିଆ ଜନମାନସର ଗଣକବି ବୈଷ୍ଣବ ପାଣିଙ୍କ ୧୪୩ତମ ଜୟନ୍ତୀ କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଗଣକବିଙ୍କ ରଚିତ ସଂଗୀତକୁ ଅଭୟ ଦାସ, ସରିତା ଦାସ, ସନ୍ଧ୍ୟା ଶତପଥୀ, କୃଷ୍ଣ ମିଶ୍ର, ସଂଘମିତ୍ରା ବାରିକ ପ୍ରମୁଖ ଗାନ କରିଥିଲେ। ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ରମେଶ ଚନ୍ଦ୍ର ବିଶ୍ୱାଳ ଓ ହରିହର ବିଶ୍ୱାଳ। ରବୀନ୍ଦ୍ରନାଥ ପଣ୍ଡା, ଅକ୍ଷୟ ସାହୁ, ସୁଷମା ବାରିକ୍, ଦୀପ୍ତିରଞ୍ଜନ ପଣ୍ଡା, ଜ୍ୟୋତି ପ୍ରକାଶ କର, ସଚ୍ଚିଦାନନ୍ଦ କର, ବିମଳ ଦାସ, ଦେବେନ୍ଦ୍ର ନାଥ, ପୁଷ୍ପାଞ୍ଜଳି ନନ୍ଦ, ରାଜକୁମାର ପୃଷ୍ଟି, ଅରୁଣ ଅଗ୍ରୱାଲ, ନମିତା ମହାନ୍ତି, ମୀନାକ୍ଷୀ ଦାଶ, ହେମାମାଳିନୀ ରାଉତରାୟ, କିରଣବାଳା ମହାନ୍ତି, ପ୍ରାଣେଶ୍ୱର ମିଶ୍ର, ଭବାନୀ ବାରିକ, ସଂଜିତ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଂଗଠନ ସଂପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ହାଇକୋର୍ଟଙ୍କ ନୋଟିସ ପରେ ପୁନଃକାର୍ଯ୍ୟକ୍ଷମ ହେଲା ହ୍ୱାଟସ୍‌ଆପ ଆକାଉଣ୍ଟ

କଟକ, ୯ ।୧୦(ସମିସ): ବେଆଇନ ଭାବେ ଜଣେ ଆବେଦନକାରୀଙ୍କ ହ୍ୱାଟସଆପ ଆକାଉଣ୍ଟ ଅଚଳ କରାଯାଇଥିବା ପ୍ରସଂଗରେ ଦାୟର ମାମଲାରେ ହାଇକୋର୍ଟ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ତଥା ଆଇଟି ବିଭାଗର ସଚିବ ଏବଂ ହ୍ୱାଟସ୍‌ଆପ ନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରିଥିଲେ। ଉପରୋକ୍ତ ଅଧିକାରୀଙ୍କୁ ହାଇକୋର୍ଟଙ୍କ ନୋଟିସ ପରେ ତାଙ୍କର ଇଂ ଦେବାଶିଷ ହୋତାଙ୍କ ନମ୍ବରକୁ ପୁନଃ କାର୍ଯ୍ୟକ୍ଷମ କରିଛି ହ୍ୱାଟସଆପ। ଇଂ ହୋତାଙ୍କ ହ୍ୱାଟସ୍‌ଅପ୍ ନମ୍ବର ୯୯୩୮୮୯୩୪୧୫କୁ ବେଆଇନ୍ ଭାବେ ଅଚଳ କରିଦିଆଯିବାରୁ ସେ ହାଇକୋର୍ଟରେ ଗତ ୩୦ ଜୁଲାଇ ୨୦୨୫ ଦିନ ଏକ ମାମଲା ରୁଜୁ କରିବା ପରେ ଗତ ୮ ଅଗଷ୍ଟରେ ବିଚାରପତି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ କେନ୍ଦ୍ର ସରକାର ଏବଂ ହ୍ୱାଟସ୍‌ଅପକୁ ନୋଟିସ୍ ଜାରି କରିଥିଲେ। ଶ୍ରୀ ହୋତା ୫୦୦ରୁ ଅଧିକ ହ୍ୱାଟସଆପ ଗ୍ରୁପରେ ସଦସ୍ୟ ଥିବା ବେଳେ ତାଙ୍କ ଅଜାଣତରେ ସେ ନିଜେ ଏହି ଗ୍ରୁପଗୁଡିକୁ ଓହରିଯାଇଥିବା ନେଇ ଜାଣିଥିଲେ। ତେଣୁ ହ୍ୱାଟସ୍‌ଅପ୍ ଏଭଳି ବେଆଇନ କାମ ପାଇଁ ସ୍ପଷ୍ଟୀକରଣ ଦେବା ସହିତ ତୁରନ୍ତ ଏହି ସମସ୍ତ ଗ୍ରୁପଗୁଡିକରେ ତାଙ୍କ ନମ୍ବରକୁ ପୁନଃ ଯୋଡିଦେବା ଉଚିତ ବୋଲି ସେ ଦର୍ଶାଇଛନ୍ତି।

## ବାରବାଟୀ-କଟକ ବିଜେଡି ପକ୍ଷରୁ ପଦଯାତ୍ରା




କଟକ,୯।୧୦(ସମିସ): ବିଜୁ ଜନତା ଦଳ ବାରବାଟୀ କଟକ ନିର୍ବାଚନମଣ୍ଡଳୀ ପକ୍ଷରୁ ମେୟର ସୁବାସ ସିଂହଙ୍କ ନେତୃତ୍ୱରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ପରିପ୍ରେକ୍ଷୀରେ ବକ୍ସିବଜାରସ୍ଥିତ ଗୋପବନ୍ଧୁ ପାର୍କରେ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରାଯାଇଛି। ଶତାଧିକ କର୍ମୀ ଓ ନେତା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ରାଜ୍ୟରେ ଦୁର୍ନୀତି ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୁଦ୍ଧରେ ଜନସାଧାରଣ ଆଗେଇ ଆସନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଦେଢ଼ ବର୍ଷରେ ବିଜେପି ସରକାର ଲୋକଙ୍କ ବିଶ୍ୱାସ ହରାଇଛି। ପରୀକ୍ଷାରେ ଦୁର୍ନୀତି, ଆଇନଜୀବୀଙ୍କୁ ହତ୍ୟା, ଦୁଷ୍କର୍ମ ଦୈନନ୍ଦିନ ଘଟଣାରେ ପରିଣତ ହୋଇଛି ବୋଲି ବିଜୁ ଜନତା ଦଳ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ବରିଷ୍ଠ ନେତା ମଧୁସୂଦନ ସାହୁ, ଶଶୀଭୂଷଣ ଦାସ, ପୂର୍ବତନ ମେୟର ଅନିତା ବେହେରା, ପୂର୍ଣ୍ଣିମା ସିଂହ, ମହମ୍ମଦ ସକିଲ୍, ପ୍ରକାଶ ସିଂହ, ରମଜାନ୍ ଖାଁ, ଷ୍ଟାଣ୍ଡି କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀ, ମୋନାଲିସା ଦାସ, ପ୍ରଫୁଲ୍ଲ ବେହେରା, ପ୍ରଦୀପ ରାଉତ, ପ୍ରଦୀପ ସାହୁ, ବସନ୍ତ ବେହେରା ସମସ୍ତ ୱାର୍ଡର ସଭାପତି, କର୍ପୋରେଟର, ବୁଦ୍ଧିଜୀବୀ, ଯୁବ ଏବଂ ଛାତ୍ର ବିଜେଡ଼ି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାଘାଟ ସ୍ଥିତି ପ୍ରସଙ୍ଗରେ ୱାର୍ଡୱାରୀ ରିପୋର୍ଟ ମାଗିଲେ ହାଇକୋର୍ଟ

କଟକ, ୯ ।୧୦(ସମିସ): ହାଇକୋର୍ଟଙ୍କ କଡା ତାଗିଦ ସତ୍ତ୍ୱେ ଗତ ଦୁର୍ଗାପୂଜା ସମୟରେ କଟକର ବହୁ ରାସ୍ତାଘାଟ କାମ ହୋଇପାରିନାହିଁ। ଆଡଭୋକେଟ କମିଟି ପକ୍ଷରୁ ଏନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ମହାନଗର ନିଗମ ପ୍ରଶାସନ ପକ୍ଷରୁ ଏବେ ବି ସହରର ୧୨୧୧ଟି ରାସ୍ତା ମରାମତି ଯୋଗ୍ୟ ତଥା ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ନେଇ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଯାହାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନେକ ରାସ୍ତାକୁ ପୂଜା ସମୟରେ ମରାମତି କରାଯାଇଥିଲେ

**ମରାମତି ବେଳେ ରାସ୍ତା ଉଚ୍ଚତା ବୃଦ୍ଧି ନ କରିବାକୁ ନିର୍ଦ୍ଦେଶ**

**୧୨୧୧ଟି ରାସ୍ତାର ଟେଣ୍ଡର ଓ କାର୍ଯ୍ୟ ଶେଷ ସମ୍ପର୍କରେ ସତ୍ୟପାଠ ଦେବ ସିଏମ୍‌ସି**

ମଧ୍ୟ ଏହା ଉପରୁ ପିଚୁ ଉଠିଯାଇଥିବା ନେଇ ଆଇନଜୀବୀମାନେ ଅବଗତ କରିଥିଲେ। କଟକ ସହରରେ କେଉଁ ୱାର୍ଡରେ କେତେ କିଲୋମିଟର ଦୀର୍ଘ ରାସ୍ତା ରହିଛି ଓ ରାସ୍ତା ମରାମତି ପାଇଁ କେବେ ଟେଣ୍ଡର ହେବ ଓ କେବେ କାମ ଶେଷ ହେବ ସେ ସଂକ୍ରାନ୍ତରେ ୱାର୍ଡ ୱାରୀ ତଥ୍ୟ ସତ୍ୟପାଠ ଜରିଆରେ ପ୍ରଦାନ କରିବାକୁ ଆଜି ସିଏମସି କମିସନର ଓ ସିଟି ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କଟକ ମହାନଗର ନିଗମ ଅଞ୍ଚଳରେ ମୋଟ ୩୩୭୨ଟି ରାସ୍ତା ରହିଥିବା ବେଳେ ୧୭୧୭ଟି ରାସ୍ତା ଭଲ ସ୍ଥିତିରେ ରହିଛି। ପୂଜା ସମୟରେ ୨୮୪ଟି ରାସ୍ତା ମରାମତି ପାଇଁ ଗ୍ରହଣ କରାଯାଇ ୨୬୭ଟିର କାମ ସରିଛି ବାକି ୧୭ଟି ଜାରି ରହିଛି। ସେହିଭଳି ଅବଶିଷ୍ଟ ୧୨୧୧ଟି ରାସ୍ତା ବିପର୍ଯ୍ୟସ୍ତ ଥିବା ସିଏମସି ପକ୍ଷରୁ କୁହାଯାଇଛି। ଏହା ପର୍ଯ୍ୟାୟକ୍ରମେ ଟେଣ୍ଡର କରାଯାଇ ମରାମତି ହେବ ବୋଲି କୁହାଯାଇଥିଲା। ଅନ୍ୟପଟରେ ରାସ୍ତା ମରାମତି ତଥା ନବିକରଣ ବେଳେ ଏହାକୁ ଖୋଳା ନଯାଇ ଉଚ୍ଚ କରିଦିଆଯାଉଥିବାରୁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି। ରାସ୍ତା ପତ୍ତନ ଗୃହ ପ୍ଲିନ୍ଥ ପତ୍ତନଠାରୁ ଉଚ୍ଚ ହୋଇଯାଉଥିବାରୁ ବର୍ଷା ହେଲେ ଘରେ ପାଣି ପଶୁଛି। ଏଣୁ ନବୀକରଣ କିମ୍ବା ମରାମତି ବେଳେ ରାସ୍ତା ଉଚ୍ଚତା ବୃଦ୍ଧି ଯେପରି ନହେବ ତାହା ସୁନିଶ୍ଚିତ କରାଯିବ। ସେହିଭଳି ଅଗ୍ରାଧିକାର ଭିତ୍ତିରେ ଦୁର୍ଘଟଣାପ୍ରବଣ ଅଞ୍ଚଳ, ବଜାର ,ଶିକ୍ଷାନୁଷ୍ଠାନ,ହସପିଟାଲ ଆଦି ଥିବା ସ୍ଥାନରେ ଟେଣ୍ଡର ପ୍ରକ୍ରିୟାକୁ ଅପେକ୍ଷା ନକରି ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ନଭେମ୍ବର୨୪ ସୁଦ୍ଧା ଏ ସମ୍ପର୍କିତ ସବିଶେଷ ସତ୍ୟପାଠ ଦାଖଲ କରାଯିବ ବୋଲି ଅଦାଲତ କହିଛନ୍ତି। ଆସନ୍ତା ନଭେମ୍ବର ୨୭ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

**■ ସ୍ୱାସ୍ଥ୍ୟ ବୀମା ଅର୍ଥ ରାଶି ନ ମିଳିବା ପ୍ରସଙ୍ଗ**

## ୫୦ ହଜାର ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

କଟକ, ୯ ।୧୦(ସମିସ): ଅସୁସ୍ଥତା ପାଇଁ ଘରୋଇ ହସପିଟାଲରେ ଚିକିତ୍ସିତ ହୋଇଥିବା କଟକ ଡଗରପଡା ନିବାସୀ ପ୍ରଶାନ୍ତ ବେହେରା ନାମକ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ବୀମା ଅର୍ଥ ପ୍ରଦାନ କରାନଯିବା ପ୍ରସଂଗକୁ ଖାଉଟି ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ସମ୍ପୃକ୍ତ ବୀମା କମ୍ପାନୀ ଷ୍ଟାର ହେଲଥ ଆଣ୍ଡ ଆଲାଏଡ ଲିମିଟେଡକୁ ବୀମା ଦାବି ଅନୁସାରେ ୪୬ହଜାର ୯୭୩ଟଙ୍କା ବାର୍ଷିକ ଶତକଡା ୯ ହାରରେ ଆବେଦନକାରୀଙ୍କୁ ପଇଠ କରିବାକୁ ରାଜ୍ୟ ଖାଉଟି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାନସିକ ଯନ୍ତ୍ରଣା ଏବଂ ହଇରାଣ ପାଇଁ କ୍ଷତିପୂରଣ ବାବଦରେ ଅଭିଯୋଗକାରୀଙ୍କୁ ୫୦ହଜାର ଟଙ୍କା ଏବଂ ତାଙ୍କ ମକଦ୍ଦମାର ଖର୍ଚ୍ଚ ପାଇଁ ୧୦ହଜାର ଟଙ୍କା ଆଦେଶନାମା କପି ପାଇବାର ୩୦ଦିନ ଭିତରେ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଅସୁସ୍ଥ ହେବା ପରେ କଟକ ଥୋରିଆସାହିସ୍ଥିତ ଶାନ୍ତି ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଏଥିପାଇଁ ସେ ବୀମା ଅର୍ଥ ଉକ୍ତ କମ୍ପାନୀଠାରୁ ଦାବି କରିଥିଲେ ବି ତାହାକୁ ଖାରଜ କରାଯିବାରୁ ସେ ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଜୟ କୁମାର ମହାରଣା ପରିଚାଳନା କରୁଥିବା ବେଳେ ପରମିତ କୁମାର ଦାସ, ବିଜୟ ମହାଳିକ, କସ୍ତୁରୀ ବେଉରା ଏବଂ ଆଲୋକ ଆଚାର୍ଯ୍ୟ ସହଯୋଗ କରୁଥିଲେ।

## କାଳୀ ପୂଜା ପ୍ରସ୍ତୁତି ବୈଠକରେ ୨ ଗୋଷ୍ଠୀ ମୁହାଁମୁହିଁ

କଟକ, ୯ ।୧୦(ସମିସ): ଶିଖରପୁର କାଳିଆବୁଦାସ୍ଥିତ ମା' ଶ୍ୟାମାକାଳୀଙ୍କ ମନ୍ଦିର ପରିସରରେ ଅଭାବନୀୟ ଘଟଣା ଘଟିଛି। ବାର୍ଷିକ ଉତ୍ସବର ପରିଚାଳନା ଦାୟିତ୍ୱକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ମାରପିଟରେ ୨ ଜଣ ଆହତ ହୋଇଛନ୍ତି। ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା।

ପୁଲିସ ସୂଚନା ଅନୁସାରେ, ଆଗାମୀ କାଳୀ ପୂଜା ଏବଂ ବାର୍ଷିକ ଉତ୍ସବ ନିମନ୍ତେ ଗୁରୁବାର ମଧ୍ୟାହ୍ନରେ ପରିଚାଳନା କମିଟି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା; କିନ୍ତୁ ନଦୀକୂଳ ସାହିର କିଛି ଯୁବଗୋଷ୍ଠୀ ପରିଚାଳନା କମିଟିର ଏକପାଖିଆ ନିଷ୍ପତ୍ତିକୁ ବିରୋଧ କରିଆସୁଥିଲେ। ଫଳରେ ନଦୀକୂଳ ସାହିର କିଛି ଲୋକେ ସନ୍ଧ୍ୟାରେ ବାର୍ଷିକ ଉତ୍ସବ ନେଇ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଥିଲେ। ତେବେ ବୈଠକ ଚାଲିଥିବା ସମୟରେ ମନ୍ଦିରର ମୁଖ୍ୟ ପରିଚାଳକ ଅଶୋକ ମହାନ୍ତି ସେଠାରେ ପହଞ୍ଚିଯାଇଥିଲେ। ତାଙ୍କୁ ହଠାତ ଦେଖି ବୈଠକ କରୁଥିବା ଗୋଷ୍ଠୀ ଉତ୍ତ୍ୟକ୍ତ ହୋଇପଡିଲେ। ଏହି ସମୟରେ ଜଣେ ଯୁବକ ଆସି ବୈଠକ ଗୃହକାନ୍ଥରେ ଲାଗିଥିବା ପ୍ରଥମ ବୈଠକର ବ୍ୟାନର ଚିରିବାକୁ ଉଦ୍ୟମ କରିଥିଲେ। ମାତ୍ର ଶ୍ରୀ ମହାନ୍ତି ଏହାକୁ ବିରୋଧ କରିଥିଲେ। ଏହାପରେ ୨ ପକ୍ଷଙ୍କ ମଧ୍ୟରେ ମନ୍ଦିରର ପରିଚାଳନା ଦାୟିତ୍ୱକୁ ନେଇ ବଚସା ଆରମ୍ଭ ହୋଇଥିଲା। ମନ୍ଦିରର ପରିଚାଳନା ସହ ବାର୍ଷିକ ଉତ୍ସବ ଦାୟିତ୍ୱ ନେବାକୁ ଜିଦକରି ନଦୀକୂଳ ସାହିର ଲୋକେ ପାଟିତୁଣ୍ଡ କରିଥିଲେ। ଏହାକୁ କେନ୍ଦ୍ର କରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ରମେ ୨ ପକ୍ଷଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଖବର ପାଇ ଚାଉଳିଆଗଞ୍ଜ ଥାନା ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ମାରପିଟରେ ଜିତେନ୍ଦ୍ର ସାହୁଙ୍କ ସମେତ ୨ ଜଣ ଆହତ ହୋଇଛନ୍ତି। ପୁଲିସ ସେମାନଙ୍କୁ ମେଡିକାଲ ନେଇ ଚିକିତ୍ସା କରାଇଛି। ଘଟଣା ନେଇ ଚାଉଳିଆଗଞ୍ଜ ଥାନାରେ ୨ ପକ୍ଷରୁ ଏତଲା ଦିଆଯାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

**ବିଭିନ୍ନ ସ୍ଥାନରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ**

## ଗୋପବନ୍ଧୁ ହେଉଛନ୍ତି ସେବାର ପ୍ରତୀକ

କଟକ,୯।୧୦(ସମିସ): ମହାନଦୀବିହାର ଡେଭଲପମେଣ୍ଟ ଆସୋସିଏସନ୍ (ଏମଡିଏ) ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ତମ ଜନ୍ମଜୟନ୍ତୀ ଉତ୍ସବ ମହାନଦୀ ଭବନ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ପୂର୍ବତନ ସଭାପତି ଇଂ ଗୋପାଳ କୃଷ୍ଣ ବେହେରାଙ୍କ




ଅଧ୍ୟକ୍ଷତାରେ ଜଗନ୍ନାଥ ସାଂସ୍କୃତିକ ପରିଷଦ, ବରିଷ୍ଠ ନାଗରିକ ମଞ୍ଚ, ପେନସନର୍ସ ଆସୋସିଏସନ୍, ମହିଳା ସମିତିର କର୍ମକର୍ତ୍ତା ଉତ୍କଳରମଣିଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ବକ୍ତବ୍ୟ ରଖିଥିଲେ। ଏହି ଜୟନ୍ତୀ ଉତ୍ସବରେ କର୍ପୋରେଟର ଇଂ ସୁବ୍ରତ ଘଡାଇ, ସରୋଜ ପ୍ରସାଦ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ଚତୁର୍ଭୁଜ ମହାପାତ୍ର, ପ୍ରମୋଦ କୁମାର ଦାସ, ଶରତଚନ୍ଦ୍ର କୁଣ୍ଡୁ, ଭାଗୀରଥି ସାମଲ, ପ୍ରଶାନ୍ତ ପ୍ରଧାନ, ତାପସ ସାମନ୍ତ, ପ୍ରହ୍ଲାଦ ବିଶ୍ୱାଳ, ପ୍ରଦୀପ୍ତ ମହାନ୍ତି, ସୁଜିତାଭ ଶତପଥୀ, ନିକୁଞ୍ଜ ରଥ, ରାଜ କିଶୋର ସାହୁ, ଶରତଚନ୍ଦ୍ର ଦାସ, ସୁଶ୍ରୀ ଇନ୍ଦୁ ଦାସ, ମଧୁସ୍ମିତା ଶତପଥୀଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିବା ବେଳେ ଏମଡିଏ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

**■ ସମ୍ବାଦପତ୍ର ବିକ୍ରେତା ସଂଘ**



ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ପବିତ୍ର ଜୟନ୍ତୀ ବକ୍ସି ବଜାରଠାରେ ପାଳନ କରାଯାଇଛି। ସଂଘର କର୍ମକର୍ତ୍ତାମାନେ ଗୋପବନ୍ଧୁ ଭବନରେ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଗୋପବନ୍ଧୁ ଦାସଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ସଂଘର ଉପସଭାପତି ପିତାମ୍ବର ବେହେରା, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ କେ ବେଣୁ ରାଓ, ରଞ୍ଜନ ବେହେରା, ବିଜୟ ସାହୁ, ସନ୍ତୋଷ ଦତ୍ତ, ରବି ପାଲ, ଅଶୋକ ସାହୁ. ଦୀପ୍ତି ରଜନ ପଟ୍ଟନାୟକ ଓ ଶ୍ରୀନିବାସ ରେଡ୍ଡୀ ପ୍ରମୁଖ ଯୋଗଦେଇଥିଲେ।

**■ ନାଗରିକ ସମାଜ**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଗୋପବନ୍ଧୁ ବାଗସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ମହାନଗର ନାଗରିକ ମଞ୍ଚ ପକ୍ଷରୁ ତାଙ୍କ ଜୟନ୍ତୀ ପାଳନ ହୋଇଥିଲା। ପ୍ରଥମେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରେ ବିଭିନ୍ନ ବକ୍ତାମାନେ ତାଙ୍କ ସ୍ମୃତିଚାରଣ କରିଥିଲେ। ଧନୀ, ଦରିଦ୍ର, ଜାତି, ଧର୍ମ ନିର୍ବିଶେଷରେ ଶିକ୍ଷା ସମସ୍ତଙ୍କ ପାଇଁ ସମାନ ହେବା ପରେ ଚାହୁଁଥିଲେ। ସେଥି ପାଇଁ ମଣିଷ ତିଆରି କାରଖାନା ଭାବେ ବନବିଦ୍ୟାଳୟ ପ୍ରତିଷ୍ଠା କରଥିଲେ। ସେ ବ୍ୟୟବହୁଳ ଶିକ୍ଷା ବ୍ୟବସ୍ଥାକୁ ବିରୋଧ କରୁଥିଲେ। ଏହି କାର୍ଯ୍ୟକ୍ରମରେ



ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ଡଲି ଦାଶ, ଇଂ କ୍ଷୀରୋଦ ମହାପାତ୍ର, ଅରବିନ୍ଦ ରାଉତରାୟ, କମିଲୁଦିନ ଅହମ୍ମଦ, ବସନ୍ତ ନାୟକ, ବବି ବଳବନ୍ତରାୟ, ବିନୟ ମହାପାତ୍ର, ପ୍ରଜ୍ଞା ମହାନ୍ତି, ଅକ୍ଷୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ଏରୋନଟିକ୍ସ ମହାବିଦ୍ୟାଳୟରେ ଗୋପବନ୍ଧୁଙ୍କ ଜୟନ୍ତୀ



ସୁନାବେଡ଼ା, ୯।୧୦(ସମିସ): ଏରୋନଟିକ୍ସ ମହାବିଦ୍ୟାଳୟ ସଭାଗୃହରେ ଓଡ଼ିଆ ବିଭାଗ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଅନସୂୟା ନନ୍ଦ ମୁଖ୍ୟ ଅତିଥି ଓ ଇଂରାଜୀ ବିଭାଗର ମୁଖ୍ୟ ଡକ୍ଟର ସଞ୍ଜୟ ପୁରୋହିତ ବକ୍ତା ଭାବରେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଗୋପବନ୍ଧୁ ଦାସଙ୍କ ଆଦର୍ଶବୋଧ ଜୀବନ ଓ କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ଶାନ୍ତନୁ କୁମାର ନାୟକ ସଭାର ସଂଯୋଜନା କରିଥିଲାବେଳେ ଅଧ୍ୟାପକ ଦିଲ୍ଲୀପ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥଲେ। ମଗ୍ନେଶ୍ୱର ନାଗ, ଉତ୍କର୍ଷା କୁମାରୀ, ଶର୍ମିଳା ପାଣିଗ୍ରାହୀ, ଅରୁଣ ବାରିକ, ରଶ୍ମିରେଖା ନାୟକ ଆଦି ଅଧ୍ୟାପକ,ଅଧ୍ୟାପିକା, କର୍ମଚାରୀ, ଓଡ଼ିଆ ବିଭାଗର ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟବିଭାଗର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ପ୍ରବାସୀ ଶ୍ରମିକ ସଚେତନ ଶିବିର



ପାପଡାହାଣ୍ଡି, ୯।୧୦ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ସଦର ଗ୍ରାମର ନୀଳକଣ୍ଠେଶ୍ୱର ମିସ୍ତ୍ରୀ ସଂଘ ସଭାଗୃହ ଠାରେ ପଞ୍ଚାୟତ ସ୍ତରୀୟ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ପାପଡାହାଣ୍ଡି ବିଡ଼ିଓ କପିଳଦେବ ସାହୁ ଯୋଗ ଦେଇଥିଲେ। ସଚେତନତା ଶିବିରରେ ପ୍ରାୟ ୨୦୦ ଶ୍ରମିକ ଯୋଗ ଦେଇଥିଲେ । ଉପସ୍ଥିତ ଶ୍ରମିକଙ୍କୁ କେମିତି ଶ୍ରମିକ ଦଲାଲ ମାନେ ଠକି ବାହାର ରାଜ୍ୟକୁ ଦାଦନ ଖଟାଇବାକୁ ନେଉଛନ୍ତି ଏବଂ ବିଭିନ୍ନ ସମୟରେ ବିଭିନ୍ନ ଅତ୍ୟାଚାର କରୁଛନ୍ତି ସେ ବିଷୟରେ ଅତିଥିମାନେ ଅବଗତ କରାଇଥିଲେ। ଶେଷରେ ନୂତନ ଭାବେ ଯେଉଁ ଶ୍ରମିକ ମାନେ ପଞ୍ଜିକୃତ ହୋଇଥିଲେ, ସେମାନଙ୍କୁ ଅତିଥିଙ୍କ ଦ୍ୱାରା ପଞ୍ଜିକୃତ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମିସ୍ତ୍ରୀ ସଂଘ ସଭାପତି ବିପିନ ନାଗ , ଉପଶ୍ରମ ଅଧିକାରୀ ସଂଗ୍ରାମ ଭୂମିଆ , ରାଜକିଶୋର ରାଓ , ଈଶ୍ୱର ମାଝୀ , ଭୁବନ ବାଗ ଓ ଅଭିମନ୍ୟୁ ଟାକ୍ରୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ



ଜୟପୁର, ୯ ।୧୦(ସମିସ)

ଜୟପୁର ଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ୧୪୮ତମ ଜୟନ୍ତୀ ଅବସରରେ କୋରାପୁଟ ଜିଲ୍ଲା ଉତ୍କଳ ସମ୍ମିଳନୀ ଶାଖା ଏବଂ ପୂଜ୍ୟପୂଜା ସଂସଦ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ନଗର ସ୍ଥିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଠାରେ ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କର ସେବା ଓ ସମର୍ପଣର ସ୍ମୃତି ଚାରଣ କରାଯାଇଥିଲା। ତାଙ୍କ ସ୍ମୃତିରେ ଉପସ୍ଥିତ ବୁଦ୍ଧିଜୀବି ମାନେ ତାଙ୍କ ଜୀବନୀ ବିଷୟରେ ସୂଚନା ଦେଇଥିଲେ। ଏହି ସ୍ମୃତି ସଭାରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଜିଲ୍ଲା ସଭାପତି ମଦନ ମୋହନ ନାୟକ, ଉପଦେଷ୍ଟା ବିନୋଦ ମହାପାତ୍ର, ରାଜ୍ୟ ସଂପାଦକ ବିରେନ ପଟ୍ଟନାୟକ, ଜିଲ୍ଲା ଉପସଭାପତି ରାଜେନ୍ଦ୍ର କୁମାର ଗୌଡ, ରାଜ୍ୟ ପରିଷଦ ସଦସ୍ୟ ବାଲା ରାୟ, ଯଯାତି ଅଧିକାରୀ, ଦେବେନ୍ଦ୍ର ବାହିନୀପତି, ପ୍ରହ୍ଲାଦ ପାତ୍ର, ପଞ୍ଚାନନ ମିଶ୍ର, ସାହେବ ମହାରଣା, ଆଶୀର୍ବାଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୂଜ୍ୟ ପୂଜା ସଂସଦ ପକ୍ଷରୁ ସଭାପତି କେଦାର ବେହେରା, ତପନ କିରଣ ତ୍ରିପାଠୀ, ପ୍ରମୋଦ ରାଉଳ, ବୈରାଗୀ ସାହୁ ଓ ନରସିଂହ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ପୌରସଂସ୍ଥାରେ ସ୍ଥାୟୀ କର୍ମଚାରୀ ଅଭାବ

# ନିର୍ଦ୍ଧାରିତ ସମୟରେ ହୋଇପାରୁନି କାର୍ଯ୍ୟ

ଜୟପୁର, ୯ ।୧୦(ସମିସ):

ଓଡ଼ିଶାର ଅନ୍ୟତମ ସର୍ବପୁରାତନ ଜୟପୁର ପୌରସଂସ୍ଥାରେ ସ୍ଥାୟୀ କର୍ମଚାରୀଙ୍କ ଅଭାବ ଯୋଗୁଁ ଅଧିକାଂଶ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ କାର୍ଯ୍ୟକାରୀ ହେବାରେ ସମସ୍ୟା ସୃଷ୍ଟି ହେଉଛି। ପୂର୍ବରୁ ନିଯୁକ୍ତି ହୋଇଥିବା ପୌରସଂସ୍ଥା କର୍ମଚାରୀ ମାନେ ଗତ ୫ ବର୍ଷ ମଧ୍ୟରେ ଜଣ ପରେ ଜଣେ ଅବସର ଗ୍ରହଣ କରୁଥିଲେ ସୁଦ୍ଧା ନୂତନ କର୍ମଚାରୀ ନିଯୁକ୍ତି ହେଉନଥିବା ଯୋଗୁଁ ସମସ୍ୟା ସୃଷ୍ଟି ହେଉଛି। ତେଣୁ ତୁରନ୍ତ ପୌରସଂସ୍ଥାର ଆବଶ୍ୟକ କର୍ମଚାରୀ ନିଯୁକ୍ତି ନେଇ ସାଧାରଣରେ ଦାବି ହେଉଛି। ତେଣୁ ତୁରନ୍ତ ପୌରସଂସ୍ଥା ପକ୍ଷରୁ ସରକାରଙ୍କ ନିୟମ ଏବଂ ନିର୍ଦ୍ଦେଶନାମା ଅନୁଯାୟୀ ଖାଲି ପଦବୀ ପୂରଣ କରିବା ନେଇ ବାରମ୍ବାର ପତ୍ର ମାଧ୍ୟମରେ ଦାବି ଉପସ୍ଥାପନ କରିବାକୁ ସାଧାରଣରେ ଦାବି ହେଉଛି। ବିଭିନ୍ନ ବିଭାଗରେ ସ୍ଥାୟୀ କର୍ମଚାରୀ ନଥିବା ଯୋଗୁଁ ବିଭିନ୍ନ ସମୟରେ ଦୀର୍ଘ ଦିନ ଧରି ଫାଇଲ ଗୁଡିକ ଅଟକି ରହିଛି। ଫଳରେ ପୌରବାସିନ୍ଦା ମାନେ ସେମାନଙ୍କ କାର୍ଯ୍ୟ ହେଉନଥିବା ଯୋଗୁଁ କାର୍ଯ୍ୟାଳୟକୁ ଧାଇଁ ଧାଇଁ ନୟାନ୍ତ ହେଉଛନ୍ତି। ସେହିପରି ପୌରସଂସ୍ଥାରେ ସ୍ଥାୟୀ ପୌର ନିର୍ବାହୀ ଅଧିକାରୀ ନଥିବା ଉପଜିଲ୍ଲାପାଳ ଗତ ଏକ ବର୍ଷ ହେଲାଣି ଅତିରିକ୍ତ ଦାୟୀତ୍ୱରେ ରହିଛନ୍ତି। ଏହିପରି ରାଜ୍ୟ ସରକାରଙ୍କ




ଏକ ବଡ ପୌରସଂସ୍ଥା ସ୍ଥାୟୀ ପଦବୀ ପୂରଣ କରିବାରେ ଏକ ପ୍ରକାର ରାଜ୍ୟ ସରକାର ଅବହେଳ ପ୍ରଦର୍ଶନ କରୁଛନ୍ତି ବୋଲି କାଉନସିଲର ମାନେ ଅଭିଯୋଗ କରିଛନ୍ତି। ଗୋଟିଏ ପୌରଯନ୍ତ୍ରୀ ପଦବୀ ଖାଲି ରହିଛି। ସେହିପରି କନିଷ୍ଠ ଯନ୍ତ୍ରୀ (ସିଭିଲ) ୨ଟି ପଦବୀ, ଜଣେ କନିଷ୍ଠ ଯନ୍ତ୍ରୀ (ଇଲେକ୍ଟ୍ରିକାଲ), ବରିଷ୍ଠ କିରାଣୀ ୩ଟି, ୪ଟି କନିଷ୍ଠ କିରାଣୀ, ଟେକ୍ସ କଲେକ୍ଟର ୫ଟି, ରାଜସ୍ୱ ନିରୀକ୍ଷକ ଗୋଟିଏ, ଗୋଟିଏ ୱାର୍କ ସରକାର ପଦବୀ ଖାଲି ରହିଛି। ଅନ୍ୟପକ୍ଷରେ ମୁଖ୍ୟ କିରାଣୀ , ଜଣେ କନିଷ୍ଠ କିରାଣୀ ମାଧ୍ୟମରେ କୋରାପୁଟ ଜିଲ୍ଲାର ଜନବହୁଳ, ସର୍ବବୃହତ୍ତମ ଏବଂ ପୁରାତନ ପୌର କାର୍ଯାଳୟରେ ନିତିଦିନିଆ କାର୍ଯ୍ୟ ଚାଲୁ ରହିଛି। କିନ୍ତୁ ୪ର୍ଥ ଶ୍ରେଣୀ ୧୩ଟି ପଦବୀ ରହିଥିବା ବେଳେ ଅଧିକ ୫ଟି ଅର୍ଥାତ ୧୮ଟି ପଦବୀ ରହିଛି। ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ କିଛି କର୍ମଚାରୀଙ୍କୁ ନିଯୁକ୍ତି କରାଯାଇ କାମଚଳା କାର୍ଯ୍ୟ କରାଯାଉଛି। ସେହିପରି ଆଉଟସୋର୍ସିଂରୁ ଡାଟାଏଣ୍ଟ୍ରି ଅପରେଟରମ ମାନଙ୍କୁ ନିଯୁକ୍ତି କରାଯାଇଛି। ଫଳରେ ଏହିପରି ବାହାର କର୍ମଚାରୀ କେବଳ ନିର୍ଦ୍ଧାରିତ ବିଭାଗରେ କାର୍ଯ୍ୟକରୁଥିଲେ ସୁଦ୍ଧା ଅନ୍ୟାନ୍ୟ ବିଭାଗ ପାଇଁ ପୌରସଂସ୍ଥାର କର୍ମଚାରୀ ନଥିବା ଯୋଗୁଁ ସମସ୍ୟା ସୃଷ୍ଟି ହେଉଛି। ପୌର ଅଧ୍ୟକ୍ଷ କହିଛନ୍ତି ଯେ, ସରକାରଙ୍କ ପୌରସଂସ୍ଥା ପକ୍ଷରୁ ସେ ନିଜେ ଏବଂ ପୌର ନିର୍ବାହୀଅଧିକାରୀ ବାରମ୍ବାର ପଦବୀ ପୂରଣ ନେଇ ବାରମ୍ବାର ପତ୍ର ଦିଆଯାଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା କୌଣସି ଫଳପଦ ହୋଇପାରିନାହିଁ।

## ବେଧଡ଼କ ଚାଲିଛି ଚୋରା ଦେଶୀ ମଦ ପ୍ରସ୍ତୁତି

ପୋଡ଼ାଗଡ଼, ୯।୧୦(ସମିସ): ଗ୍ରାମାଞ୍ଚଳରେ ସାଂଘାତିକ ଭାବରେ ଚାଲିଛି ଚୋରା ଦେଶୀ ମଦ ବ୍ୟବସାୟ। ବିଭିନ୍ନ ଗ୍ରାମରେ ଦିନକୁ ଦିନ ଦେଶୀ ମଦ ବ୍ୟବସାୟ ବଢିବାରେ ଲାଗିଛି। ଦଶମନ୍ତପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବେଧଡକ ଚାଲିଛି ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି। ସେହିପରି ଦେଖିବାକୁ ମିଳିଛି ଦଶମନ୍ତପୁର ବ୍ଲକ ଅଧିନସ୍ଥ ଗାଦିଆ ଗୁଡା ପଞ୍ଚାୟତ ଅନ୍ତର୍ଗତ ଟାମକ ସିଲ୍ ଗାଁରେ । ଏହି ଗ୍ରାମରେ ପଚାଶ ପ୍ରତିଶତଙ୍କ ଘରେ ଦେଶୀ ମଦ ପ୍ରସ୍ତୁତି ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଗ୍ରାମରେ ଦିନ ବେଳା ଦେଶୀ ମଦ ପ୍ରସ୍ତୁତ କରି ରାତି ସମୟରେ ଗାଦିଆଗୁଡା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ବିକ୍ରୟ ପାଇଁ ନେଇ ଥାଆନ୍ତି। ନିଜ ପଞ୍ଚାୟତ ଛଡା ନିକଟ ଲୁଲା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ମଧ୍ୟ ଦେଶୀ ମଦ ପ୍ରସ୍ତୁତକାରୀ ଆୟତ୍ତ କରି ଉକ୍ତ ଗ୍ରାମ ମାନଙ୍କରେ ରାତି ସମୟରେ ଚାଲାଣ କରି ଥାଆନ୍ତି। ଟାମକସିଲ ଗ୍ରାମ ଦେଶୀ ମଦର ହବ ପାଲଟି ଥିବା ଅଞ୍ଚଳବାସୀ କହିଛନ୍ତି। ଏହା ସତ୍ତ୍ୱେ ଦିନ ଦ୍ୱିପହରରେ ନିଜ ନିଜ ଦେଇଛି। ଗ୍ରାମରେ ଦେଶୀ ମଦ ପ୍ରସ୍ତୁତ ହେବାର ଦଶମନ୍ତପୁର ପୋଲିସ ଓ ଲକ୍ଷ୍ମୀପୁର ଅବକାରୀ ବିଭାଗ ପାଖରେ ଖବର ଅଛି ନା ନାହିଁ, ନା ଜାଣିଶୁଣି ପୋଲିସ ଓ ଅବକାରୀ ବିଭାଗ ଚୁପ୍ ରହୁଛି ତାହା ସାଧାରଣରେ

### ଅବକାରୀ ବିଭାଗ ଚୁପ୍

ବାଇକ୍ ଧରି ନିଜ ଅଞ୍ଚଳର ଗ୍ରାମରେ ସାଗ, ମାଛ ବିକ୍ରି ପରି ବିକ୍ରି କରିଥିବା ଦେଖା ଦେଇଛି। ଯେହେତୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଚୋରା ଦେଶୀମଦ ପ୍ରସ୍ତୁତ କାରୀମାନେ ସହଜରେ ବିକ୍ରି କରି ପାରୁଛନ୍ତି। ଉକ୍ତ ଗ୍ରାମରେ ପ୍ରସ୍ତୁତ ଦେଶୀ ମଦ ପିଇ ଅନେକ ସମୟରେ ଲୋକେ ବିଭିନ୍ନ ରୋଗର ଶିକାର ହେଉଥିବା ଦେଖା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ କିମ୍ବା ଅବକାରୀ ବିଭାଗ ସେହି ଗ୍ରାମ ବା ଦେଶୀ ମଦ ପ୍ରସ୍ତୁତ ସ୍ଥାନକୁ ପହଞ୍ଚୁ ନଥିବା ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିବା ସ୍ୱାଭାବିକ। ଦେଶୀ ମଦ ପ୍ରସ୍ତୁତ କାରୀ ମାନଙ୍କର ଓ ବିଭାଗୀୟ ଅଧିକାରୀ ମାନଙ୍କ ମଧ୍ୟରେ କଣ ରହସ୍ୟ ରହି ଥାଇ ପାରେ ବୋଲି ବାଲିଘାଟ ଓ ଖଜୁରୀପୁଟ ଗ୍ରାମବାସୀ ସନ୍ଦେହ କରୁଛନ୍ତି।

● ବାଲଡା ବକ୍ସାଇଟ ଖନନ

## ୨ ପଞ୍ଚାୟତରେ ପଲ୍ଲୀସଭା, ଗ୍ରାମସଭା ଶେଷ



ନନ୍ଦପୁର, ୯।୧୦(ସମିସ):

ବହୁ ଚର୍ଚ୍ଚିତ ବାଲଡ଼ା ବକ୍ସାଇଟ ଖନନ ନେଇ ପାହଡ଼ ପାରିପାର୍ଶ୍ୱିକ ଦୁଇ ପଞ୍ଚାୟତ ବାଲଡ଼ା ଓ ଅତଣ୍ଡା ଗ୍ରାମ ପଞ୍ଚାୟତରେ ଶାନ୍ତିପୂର୍ଣ୍ଣ ପଲ୍ଲୀ ସଭା ଓ ଗ୍ରାମସଭା ଶେଷ ହୋଇଯାଇଛି। ସୂଚିତ ଯେ ଉଭୟ ଦୁଇ ଗ୍ରାମ ପଞ୍ଚାୟତ ପକ୍ଷରୁ ପୂର୍ବ ବିଜ୍ଞପ୍ତି ଅନୁସାରେ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ୨୦୦୬ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଧାର୍ଯ୍ୟ ତାରିଖ ଓ ସମୟ ନିର୍ଘଣ୍ଟରେ ଉଭୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ବାଲଡ଼ା ଗ୍ରାମ ପଞ୍ଚାୟତରେ ସରପଞ୍ଚ ବିକ୍ରମ ସୀସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଅତଣ୍ଡା ଗ୍ରାମ ପଞ୍ଚାୟତରେ ସରପଞ୍ଚ ସହଦେବ ସୀସା ଅଧ୍ୟକ୍ଷତା କରିଥିଲେ। ଉକ୍ତ ଗ୍ରାମ ସଭାରେ ଗୁଡିକରେ ଶତାଧିକ ବୁଦ୍ଧିଜୀବୀ ଓ ଯୁବ ଗୋଷ୍ଠୀ ସମ୍ମିଳିତ ହୋଇ ଖଣି ଖନନ ଦ୍ୱାରା ଅଞ୍ଚଳ ପାଇଁ ଦେଖାଯିବାକୁ ଥିବା ସୁବିଧା ଓ ଅସୁବିଧା ଉଭୟ ପଶ୍ୱର୍କୁ ନେଇ ଆଲୋଚନା କରିବା ସହ କମ୍ପାନୀ କର୍ତ୍ତୃପକ୍ଷ ଖଣି ଖନନ ପାହାଡ ପାରିପାର୍ଶ୍ୱିକ ଗ୍ରାମ ପଞ୍ଚାୟତ ଗୁଡ଼ିକର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହ ଯୁବଗୋଷ୍ଠୀଙ୍କ ହାତକୁ କାମ ଉପରେ ପ୍ରାଥମିକତା ଦେଇ କାର୍ଯ୍ୟକାରୀ କରିବାକୁ ସହମତ ପ୍ରକାଶ କରିଥିଲେ।

## ମାନସିକ ରୋଗୀ କମୁଲୁ ଭୂମିଆ ସୁସ୍ଥ ହେଲେ



କୁନ୍ଦୁରା, ୯।୧୦(ସମିସ) ଦିନେ ସେ ଥିଲେ ମାନସିକ ରୋଗୀ। ତାଙ୍କର ଏହି ରୋଗ ଦ୍ୱାରା ବ୍ୟବହାର, ଭାବନା, ଆବେଗ ଓ କାର୍ଯ୍ୟଦକ୍ଷତା ବିଶେଷ ଭାବରେ ପ୍ରଭାବିତ ହେଉଥିଲା । କିନ୍ତୁ ଔଷଧ ଖାଇବା ପରେ ସେ ସୁସ୍ଥ ହୋଇଛନ୍ତି। ଏ ଘଟଣାଟି କୁନ୍ଦୁରା ବ୍ଲକ ଅନ୍ତର୍ଗତ ପଖନାଗୁଡା ପଞ୍ଚାୟତର ସରାଳଗୁଡାର କମୁଲୁ ଭୂମିଆଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହା ପଛରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱେଡ଼ର ଭୂମିକା ରହିଛି । ଏଣୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ କମୁଲୁଙ୍କ ପରିବାର ଲୋକେ ସ୍ୱସ୍ଥ୍ୟ ବିଭାଗ ଏବଂ ସ୍ୱେଡ଼ ଅନୁଷ୍ଠାକୁ ଧନ୍ୟବାଦ ଜଣାଇଛନ୍ତି । କୁନ୍ଦୁରା ସରାଳଗୁଡା ଗାଁ ର କମୁଲୁ ଭୂମିଆ ଓ ସ୍ତ୍ରୀ ଚନ୍ଦ୍ରମା ଭୂମିଆଙ୍କ ଗୋଟିଏ ପୁଅ ଏବଂ ୩ ଝିଅ ଝିଅଙ୍କୁ ନେଇ ହସଖୁସିରେ ଜୀବନ ବିତାଉଥିଲେ । ୨୦୧୫ ମସିହାରେ ହଟାତ କମୁଲୁ ଭୂମିଆ ମାନସିକ ରୋଗରେ ଆକ୍ରାନ୍ତ ହୋଇଥିଲେ । ୮ ବର୍ଷ କାଳ ସେ ନିଜ ପରିବାର ଲୋକଙ୍କ ପାଖକୁ ଆସୁନଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱେଡ଼ର କର୍ମକର୍ତ୍ତା ଦିଲୀପ କୁମାର ଗୌଡ଼ ଏବଂ ଦାମଦର ଗାଦବା ତାଙ୍କ ଘରେ ପହଞ୍ଚିଥିଲେ ଏବଂ କମୁଲୁଙ୍କ ପରିବାଙ୍କୁ ବୁଝାଇଥିଲେ କ୍ଷ ପରେ ମାନସିକ ରୋଗୀ କମୁଲୁଙ୍କୁ ମଧ ବୁଝାସୁଝା କରି କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ୍କୁ ନେଇ ସେଠାରେ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଇବା ଆରମ୍ଭ କରିଥିଲେ । ସେ ସୁସ୍ଥ ହେବାରୁ ତାଙ୍କ ସ୍ତ୍ରୀ ଚନ୍ଦ୍ରମା ଭୂମିଆ, ବଡ଼ ଝିଅ ମିନତୀ ଭୂମିଆ ଏବଂ ପରିବାର ଲୋକେ ସ୍ୱସ୍ଥ୍ୟ ବିଭାଗକୁ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱେଡ଼ର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଣୁ ମାନସିକ ରୋଗଙ୍କୁ ନିୟମିତ ଔଷଧ ଖାଇବାକୁ ଅନୁରୋଧ କରିଛନ୍ତି କୁନ୍ଦୁରା ମେଡିକାଲ ଇନଚାର୍ଜ ଗଣେଶ ଦାସ।

## ଭୋଟ ଚୋରି ନେଇ କଂଗ୍ରେସର କାର୍ଯ୍ୟକ୍ରମ



ପୋଡ଼ାଗଡ଼, ୯।୧୦(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଜିଲ୍ଲା ପରିଷଦ ସଭ୍ୟ ଧନପତି ଶାଉନ୍ତାଙ୍କ ନେତୃତ୍ୱରେ ରାହୁଲ ଗାନ୍ଧୀଙ୍କ ଆହ୍ୱାନକ୍ରମେ ବିଭିନ୍ନ ପଞ୍ଚାୟତରେ କଂଗ୍ରେସର 'ଭୋଟ ଚୋର, ଗାଦି ଛାଡ଼' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଲୁଲା ପଞ୍ଚାୟତ ଓ ନନ୍ଦିଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ କରାଯାଇ ଥିଲା। ଏଥିରେ ଗ୍ରାମବାସୀ ସମେତ ପଞ୍ଚାୟତ କଂଗ୍ରେସ ସଭାପତି ଉପସ୍ଥିତ ଥିଲେ। ଏହି ଅବସରରେ ଅନେକ ଲୋକ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

## ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କର୍ମଶାଳା

ବୈପାରୀଗୁଡ଼ା, ୯।୧୦(ସମିସ): ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବୈପାରୀଗୁଡା ବିଜେପି କାର୍ଯାଳୟ ଠାରେ ଆୟୋଜିତ ମଣ୍ଡଳସ୍ତରୀୟ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ରଥ, ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ନରେନ୍ଦ୍ର କାନ୍ଦଲିଆ ଯୋଗ ଦେଇ ଆଇନିର୍ଭର ଭାରତ ସଂକଳ୍ପ ଅଭିଯାନ ସଫଳ ପାଇଁ ଆହ୍ୱାନ ଦେଇଥିଲେ। ଉପସ୍ଥିତ କର୍ମୀଙ୍କୁ ଘରେ ଘରେ ସ୍ୱଦେଶୀ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ବୈପାରୀଗୁଡା ଆଦିବାସୀ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଲଳିତ ପୂଜାରୀ, ମଣ୍ଡଳ ସଭାପତି ରାଜେନ୍ଦ୍ର ଗୌଡ, ସାଧାରଣ ସମ୍ପାଦକ କୈଳାସ ନାୟକ ଏବଂ ତ୍ରିଲୋଚନ ଖରା ପୂର୍ବତନ ସଭାପତି ଉମେଶ ଚନ୍ଦ୍ର ପଟ୍ଟନାୟକ, ବୈପାରୀଗୁଡା ମଣ୍ଡଳ ଆଦିବାସୀ ମୋର୍ଚ୍ଚା ସଭାପତି ଧନପତି ନାୟକ, ସମସ୍ତ ଶକ୍ତିକେନ୍ଦ୍ର ପ୍ରମୁଖ ସଭାପତ ଓ ବୁଥ ସଭାପତିମାନେ ଏବଂ ବିଜେପି କର୍ମୀ ଉପସ୍ଥିତ ଥିଲେ।

### ପାଳନ ହେଉଛି ବିଶ୍ୱ ମହାକାଶ ସପ୍ତାହ ୨୦୨୫

# ଅମୁଜୁରୀ ବିଶ୍ୱନାଥଙ୍କୁ ଭାରତ ଦାୟିତ୍ୱ

କୋଟପାଡ଼, ୯।୧୦ (ସମିସ): ମହାକାଶ ବିଜ୍ଞାନର ଜ୍ଞାନ ଏବଂ ସମ୍ଭାବନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଆମେରିକାର ହ୍ୟୁଷ୍ଟନ, ଟେକ୍ସାସର ବିଶ୍ୱ ମହାକାଶ ସପ୍ତାହ ସଂଘ ପକ୍ଷରୁ "ମହାକାଶରେ ଜୀବନଯାପନ" ବିଷୟବସ୍ତୁକୁ ନେଇ ବିଶ୍ୱ ମହାକାଶ ସପ୍ତାହ ୨୦୨୫ ପାଳନ କରାଯାଉଛି। ଏହି ସଂଗଠନ ପକ୍ଷରୁ ଓଡ଼ିଶାର କୋଟପାଡ଼ ଓ ଛତିଶଗଡ଼ ରାଜ୍ୟର ଦାନ୍ତେୱାଡାରେ ଏହାର ପାଳନ ପାଇଁ କୋଟପାଡର ପୁଅ ଅଧ୍ୟାପକ ଅମୁଜୁରୀ ବିଶ୍ୱନାଥଙ୍କୁ ଦାୟିତ୍ୱ ମିଳିଛି। ଓଡ଼ିଶାରେ କୋଟପାଡ଼ କେନ୍ଦ୍ରରୁ ୟୁନିଭର୍ସାଲ ସାଇନ୍ସ ଟେକ୍ନୋଲୋଜି ଏଣ୍ଡ ଇନ୍ନୋଭେସନ କାଉନସିଲ୍ ଇଣ୍ଡିଆ ସଂଗଠନ ଏବଂ ୧୦୦ରୁ ଅଧିକ ଦେଶ ଅଂଶଗ୍ରହଣ କରିବେ। ୟୁନିଭର୍ସାଲ ସାଇନ୍ସ, ଟେକ୍ନୋଲୋଜି ଏଣ୍ଡ ଇନୋଭେସନ୍ କାଉନସିଲ୍ - ଇଣ୍ଡିଆର ଅଧ୍ୟକ୍ଷ ଅମୁଜୁରୀ ବିଶ୍ୱନାଥଙ୍କୁ ଅନଲାଇନ୍ ଏବଂ ଅଫଲାଇନ୍ ମାଧ୍ୟମରେ ଭାରତରେ ବିଶ୍ୱ ମହାକାଶ ସପ୍ତାହ ୨୦୨୫ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଅନୁମତି ମିଳିଛି।

ସେ କୋରାପୁଟର ଉପାନ୍ତ ଅଞ୍ଚଳ କୋଟପାଡ଼ ନିବାସୀ ସ୍ୱର୍ଗତ ଶ୍ରୀ ଅମୁଜୁରୀ ଇଶ୍ୱର ରାଓ ଏବଂ ଶ୍ରୀମତୀ ରତ୍ନାବାଇଙ୍କ ଜ୍ୟେଷ୍ଠ ପୁତ୍ର । କୋଟପାଡ଼ ଗୌରବ ପୁରସ୍କାର ପ୍ରାପ୍ତ ଅମୁଜୁରୀ ବିଶ୍ୱନାଥଙ୍କୁ ମହାମହିମ ଭାରତ ପୂର୍ବ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ରାମନାଥ କୋଭିନ୍ଦ୍,




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବ କେନ୍ଦ୍ର ଶିକ୍ଷାମନ୍ତ୍ରୀ ସ୍ମୃତି ଇରାନୀ, ନୀତି ଆୟୋଗ ମୁଖ୍ୟ କାର୍ଯ୍ୟ ପାଳନ ଅଧିକାରୀ ଅମିତାଭ କାନ୍ତ ଏବଂ ଅନେକମାନଙ୍କଠାରୁ ପ୍ରଶଂସା ପାଇଛନ୍ତି। ସେ ବୃତ୍ତିରେ ଛତିଶଗଡ଼ ଦନ୍ତେୱାଡାର ଆସ୍ଥା ବିଦ୍ୟା ମନ୍ଦିରରେ ଅଧ୍ୟାପକ ଭାବେ ଏବଂ ଯୁବ ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଛନ୍ତି। ସ୍ପେସ ଫାଉଣ୍ଡେସନ କଲରାଡୋ ଆମେରିକାରେ ଇଣ୍ଟରନ୍ୟାସନାଲ ଟିଚର ଲାଇଜନ୍ ଅଫିସର, ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ଇଣ୍ଡିଆନ ସାଇନ୍ସ କଂଗ୍ରେସ ଆସୋସିଏସନରେ ଆଜୀବନ ସଦସ୍ୟ, ଡକ୍ଟର ଏପିଜେ ଅବଦୁଲ କଲାମ ଇଣ୍ଟରନ୍ୟାସନାଲ ଫାଉଣ୍ଡେସନ ଓଡ଼ିଶା ଏବଂ ଛତିଶଗଡ଼ର ରାଜ୍ୟ ପରିଚାଳକ ଅଧିକାରୀ, ନ୍ୟାସନାଲ୍ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେସନ୍ (ନାସା)ର ଏଜୁକେଟର, ଇଣ୍ଡିଆନ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେସନ୍ (ଇସ୍ରୋ)ର ମିଶନ ଏବଂ ଏଜୁକେଟର, ୟୁନାଇଟେଡ ନେସନର ସ୍ଥାୟୀ ବିକାଶ ଲକ୍ଷ୍ୟ ୱାରୀଅର୍, ଗ୍ରୀନ୍ କେୟାର

> କୋଟପାଡ଼ ଓ ଦନ୍ତେୱାଡ଼ାରେ କାର୍ଯ୍ୟକ୍ରମ
> ଅଫ୍ ଲାଇନ୍ ଓ ଅନ୍ ଲାଇନ୍‌ରେ ଭାଗ ନେଇ ପାରିବେ

ସୋସାଇଟି ଇଣ୍ଡିଆର ଡାଇରେକ୍ଟର ତଥା ଅନେକ ସଂଗଠନରେ କାର୍ଯ୍ୟ କରୁଛନ୍ତି। ବୈଜ୍ଞାନିକ ଶିକ୍ଷାବିତ୍ ଅମୁଜୁରୀ ବିଶ୍ୱନାଥ ସୂଚନା ଦେଇଛନ୍ତି ଯେ ୧୦୦ ରୁ ଅଧିକ ଦେଶ ଏହି କାର୍ଯ୍ୟକ୍ରମ ଆୟୋଜନରେ ଯୋଗ ଦେଇଛନ୍ତ। ଛାତ୍ର ଛାତ୍ରୀ, ଶିକ୍ଷକ, ବୈଜ୍ଞାନିକ, ମହାକାଶ ଉତ୍ସାହୀ, ସାମ୍ବାଦିକ, ଉଦ୍ୟୋଗୀ, ସାଧାରଣ ଜନତା ଏବଂ ସମ୍ପ୍ରଦାୟ ସଂଗଠନ ପାଇଁ ଅକ୍ଟୋବର ୪ ରୁ ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବିଷୟ ଉପରେ ୱେବିନାର, ସମ୍ମିଳନୀ, ପ୍ରତିଯୋଗିତା ଏବଂ ପୁରସ୍କାର କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ପ୍ରତିଯୋଗିତା ଏବଂ ପ୍ରକଳ୍ପ ଜମା କରିବା ପାଇଁ ଶେଷ ତାରିଖ ଅକ୍ଟୋବର ୧୮ ତାରିଖ ରଖାଯାଇଛି। ୨୦୨୫ ବର୍ଷ ପାଇଁ ବିଶ୍ୱ ମହାକାଶ ସପ୍ତାହ ସଂଘ ଆମେରିକାର ହ୍ୟୁଷ୍ଟନ୍ ସହ ଲକହିଡ୍ ମାର୍ଟିନ୍, ୟୁଟେଲସାଟ୍ ଗ୍ରୁପ୍, ୟୁଏଲଏ, ଜିଇସି, ଜେନେରାଲ ଡାଇନାମିକ୍ସ ମିଶନ୍ ସିଷ୍ଟମ୍ସ, ଏୟାରବସ୍, ଭିଆସାଟ୍ ଏବଂ ଗାଇଆ ହରିଜନ୍ସ ଏହି କାର୍ଯ୍ୟକ୍ରମର ମୁଖ୍ୟ ପ୍ରାୟୋଜକ ଅଟନ୍ତି। ଅଧିକାରୀକ ଅଂଶୀଦାରମାନଙ୍କ ମଧ୍ୟରେ ୟୁନାଇଟେଡ୍ ନେସନ୍ସ ଅଫିସ ଅଫ୍ ଆଉଟର ସ୍ପେସ୍ ଅଫେଆର୍ସ, ଇଣ୍ଟରନ୍ୟାସନାଲ୍ ଆଷ୍ଟ୍ରୋନୋମିକାଲ୍ ଫେଡେରେସନ୍ ପ୍ୟାରିସ୍ ଫ୍ରାନ୍ସ, ସ୍ପେସ୍ ଫାଉଣ୍ଡେସନ୍ କଲୋରାଡୋ, ଆମେରିକା, ଷ୍ଟେମ୍ ନେକ୍ସଟ୍, ସ୍ମିଥସୋନିଆନ୍, ମୁନ୍ ଭିଲେଜ୍ ଆସୋସିଏସନ୍, ଆଷ୍ଟେରଏଡ୍ ଫାଉଣ୍ଡେସନ୍ ଲକ୍ସେମବର୍ଗ, ଷ୍ଟେଲାର୍ ଲ୍ୟାବ୍, ଡବ୍ଲୁଆଇଏ, ଏସଆଇଏ ଏବଂ ସ୍ପେସ୍ ଜେନେରେସନ୍ ଆଡଭାଇଜରୀ କାଉନସିଲ୍ ଅଷ୍ଟ୍ରିଆ ଅନ୍ତର୍ଭୁକ୍ତ ଅଛନ୍ତି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ମାଗଣା ତାଲିମ, ସୂଚନା ଏବଂ ସୁଯୋଗ ପ୍ରଦାନ କରିବା ଏବଂ ସେମାନଙ୍କୁ ମହାକାଶ ବିଜ୍ଞାନ, ମହାକାଶ ମିଶନ, ପୃଥିବୀ ନିକଟ ବସ୍ତୁ, ଉପଗ୍ରହ, ରକେଟ୍, ପରିବେଶ ଇତ୍ୟାଦି ବିଷୟରେ ସଚେତନ କରିବା।

## ଶ୍ୱେତ ସୁବର୍ଣ୍ଣ କ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରରେ ଆକାଶଦୀପ




ଦାମନଯୋଡ଼ି, ୯।୧୦: ଶ୍ୱେତ ସୁବର୍ଣ୍ଣ କ୍ଷେତ୍ର ଦାମନଯୋଡ଼ିର ଶ୍ରୀଜଗନ୍ନାଥ ମନ୍ଦିରରେ ଧର୍ମମାସ କାର୍ତ୍ତିକରେ ଆକାଶଦୀପ ପ୍ରଜ୍ୱଳନ କରାଯାଉଛି। ମଙ୍ଗଳବାର ପୂର୍ଣ୍ଣମୀ ସନ୍ଧ୍ୟାରେ ତୁଳସୀ ଚଉରା ମୂଳରେ ପୂଜାର୍ଚ୍ଚନା ପରେ ଆକାଶଦୀପ ଉଠାଯାଇଥିଲା। ପୂଜକ ଅଜୟ କୁମାର ପଣ୍ଡା, ବିପିନ ବିହାରୀ ପଣ୍ଡା ଓ ଅମିୟ କୁମାର ସାମନ୍ତରାୟ ପୂଜାନୀତି କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ କୈଳାସ ସେନାପତି ଓ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ସେନାପତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଦାମନଯୋଡ଼ିର ମାଥାଲପୁଟ, ଭେଜାପୁଟ, ମରିଚମାଳ ଓ ନାଲକୋ ଟାଉନ୍‌ସିପ ସହିତ ଆଖପାଖ ଅଞ୍ଚଳର ମନ୍ଦିର ଓ ମଣ୍ଡପ ମାନଙ୍କରେ ମଧ୍ୟ ଏହି ଆକାଶଦୀପ ପ୍ରଦାନ କାର୍ଯ୍ୟ ଚାଲୁ ରହିଛି। ପୁରାଣ ବର୍ଣ୍ଣନା ଅନୁସାରେ ଧର୍ମମାସ କାର୍ତ୍ତିକରେ ସ୍ନାନ, ହବିଷ୍ୟାନ୍ନ ଭୋଜନ, ବିଷ୍ଣୁଙ୍କୁ ତୁଳସୀ ଅର୍ପଣ ଏବଂ ଆକାଶଦୀପ ଦାନରେ ମଣିଷ ଜୀବନର ସମସ୍ତ ପାପ କ୍ଷୟ ହୋଇଥାଏ। ଦୀପ ଭଗବାନ ବିଷ୍ଣୁଙ୍କର ଅତ୍ୟନ୍ତ ପ୍ରିୟ, ସ୍ୱୟଂ ଜ୍ୟୋତି ସ୍ୱରୂପ ବୋଲି ବିଶ୍ୱାସ କରାଯାଏ। ମା'ମହାଲକ୍ଷ୍ମୀ ଦୀପଲକ୍ଷ୍ମୀ ସ୍ୱରୂପିଣୀ। କାର୍ତ୍ତିକରେ ପ୍ରଦତ୍ତ ଦୀପକୁ "ଆକାଶଦୀପ' କୁହାଯାଇଥାଏ। ଏହାକୁ ସାରା ମାସ ଜଳାଇ ରଖାଯାଏ। ଏହି ଆକାଶଦୀପ ଦେବତା, ପିତୃ, ଯମ, ବିଷ୍ଣୁ ଓ ରୁଦ୍ର ଆଦିଙ୍କର ଆଶୀର୍ବାଦ ପାଇଁ ପ୍ରଜ୍ୱଳନ କରାଯାଇଥାଏ।

## ମରାମତି ପାଇଁ ଦ୍ୱାରଶୁଣୀ ଘାଟିରେ କଟକଣା

# ପୂର୍ବାହ୍ନ ୧୦ରୁ ଅପରାହ୍ନ ୨ଟା ଯାଏ ଭାରୀଯାନ ଚଳାଚଳ ବନ୍ଦ

ବାରିପଦା, ୯ ।୧୦(ସମିସ)

ବାଙ୍ଗରିପୋଷି-ବିଶୋଇ ରାସ୍ତା ପ୍ରଶସ୍ତିକରଣ ନିମନ୍ତେ ଅକ୍ଟୋବର ୧୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଦୁଆରଶୁଣୀ ଘାଟି ରାସ୍ତାରେ ଭାରୀଯାନ ଚଳାଚଳକୁ କଟକଣା ଲଗାଇଛି ଜିଲ୍ଲା ପ୍ରଶାସନ। ପ୍ରତ୍ୟହ ସକାଳ ୧୦ଟାରୁ ଅପରାହ୍ନ ୨ଟା ଯାଏ ଭାରୀଯାନ ଚଳାଚଳ ବନ୍ଦ ରହିବ। ଜାତୀୟ ରାଜପଥ ନଂ. ୪୯ ଛତିଶଗଡ଼ ରାଜ୍ୟର ବିଳାସପୁରରୁ ପଶ୍ଚିମବଙ୍ଗର ଖଡ଼ଗପୁର ପର୍ଯ୍ୟନ୍ତ ଏକ ବ୍ୟସ୍ତ ବହୁଳ ରାଜମାର୍ଗ। ବାଙ୍ଗିରିପୋଷିରୁ ବିଶୋଇ ପର୍ଯ୍ୟନ୍ତ ୯ କିମି ରାସ୍ତା ସଂକୀର୍ଣ୍ଣ ଏବଂ ଖାଲଖମା ହୋଇଥିବାରୁ ଯାତ୍ରୀଙ୍କ ପାଇଁ ବିପଜ୍ଜନକ ହୋଇଛି। ତେଣୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ରାସ୍ତାର ମରାମତି କରିବେ। ଭାରୀ ଯାନବାହନ ଚଳାଚଳ ଯୋଗୁଁ କାର୍ଯ୍ୟରେ ବାଧା ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ଉଭୟ ପାର୍ଶ୍ୱରେ ଭାରୀ ଯାନବାହନ ଚଳାଚଳରେ କଟକଣା ଜାରି କରାଯାଇଛି। ଅତ୍ୟଧିକ ଟ୍ରାଫିକ୍ ଜାମ୍ ଏଡାଇବା ପାଇଁ ଅକ୍ଟୋବର ୧୦ରୁ ୨୫ ପର୍ଯ୍ୟନ୍ତ ସକାଳ ୧୦ରୁ ଅପରାହ୍ନ ୨ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ପବ୍ଲିକ୍ ବସ୍, ସ୍କୁଲ୍ ଏବଂ କଲେଜ ବସ୍, ପୁଲିସ୍, ପ୍ରତିରକ୍ଷା ଯାନ ଏବଂ ଜରୁରୀକାଳୀନ ରିଲିଫ୍ ସାମଗ୍ରୀ ବହନ କରୁଥିବା ଯାନ ବ୍ୟତୀତ ଅନ୍ୟ ଭାରୀ ଯାନବାହାନ ଚଳାଚଳକୁ ନିଷେଧ କରାଯାଇଛି। ରାସ୍ତା ମରାମତି ହେଉଥିବାରୁ ଏଥିପାଇଁ ସହଯୋଗ କରିବା ପାଇଁ ସମସ୍ତ ଜନସାଧାରଣଙ୍କୁ ନିବେଦନ କରାଯାଉଛି। ଏହାର ତଦାରଖ କରିବା ପାଇଁ ବାଙ୍ଗିରିପୋଷି ଏବଂ ବିଶୋଇ ଥାନା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଘାଟି ରାସ୍ତାରେ ସମସ୍ତ ଛୋଟ ଯାନବାହନ ସୁଗମ ଚଳାଚଳ କରି ପାରିବେ। ଜାମ୍ ଏଡାଇବା ପାଇଁ ବିଶୋଇ-ଆରଗଲବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକ ରାସ୍ତାକୁ ଉଭୟ ପାର୍ଶ୍ୱରୁ ବ୍ୟବହାର କରିପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



## ନବନିଯୁକ୍ତ ବିଜେଡି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା




ବାରିପଦା, ୯ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳର ଦୁଇ ନବ ନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୋସିଆଲ ମିଡିଆ ସଂଯୋଜକ ଭାବେ ଅଭିଜିତ କଲିଆ ଓ ଆଇଟି ସେଲ ସଂଯୋଜକ ଭାବେ ସରୋଜ ଶତପଥୀ ନିଯୁକ୍ତ ହୋଇଛନ୍ତି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ସୁପାରିସକ୍ରମେ ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଉଭୟଙ୍କୁ ନିଯୁକ୍ତ କରାଯାଇଛି। ନୂତନ ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ଦୃଢ଼ ଆଶା ଓ ବିଶ୍ୱସ ପ୍ରକଟ କରିଛନ୍ତି। ଦଳର ସମସ୍ତ ନେତୃ ମଣ୍ଡଳୀଙ୍କ ଆଶୀର୍ବାଦ କାମନା କରିଛନ୍ତି। ଏ ନେଇ ଉଭୟ ଆଇଟି ସେଲ ମୁଖ୍ୟ ଡ଼ଃ ଅମର ପଟ୍ଟନାୟକ, ପୂର୍ବତନ ରାଜ୍ୟ ସାଂଗଠାନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ୍, ଜିଲ୍ଲା ସଭାପତି ତଥା ପୂର୍ବତନ ଏସଡିସି ଅଧ୍ୟକ୍ଷ ଡା ଦେବାଶିଷ ମାରାଣ୍ଡି, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ବିଧାୟକ ରାଜକିଶୋର ଦାସ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଏମସିସି ବ୍ୟାଙ୍କ ଅଧ୍ୟକ୍ଷ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ବାରିପଦା ଟାଉନ ସଭାପତି ଜୋନ ମହାନ୍ତି, ଜିଲ୍ଲା ସଂଯୋଜକ ପ୍ରଭାତ ନାୟକ, ଜିଲ୍ଲା ଯୁବ ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନୀଲ ନାୟକ, ମହିଳା ସଭାପତି ଦିପ୍ତୀଲତା ମିଶ୍ର, ଉପ ନଗରପାଳ ସୀମା ଦାସ, ଆଇଟି ସହସଂଯୋଜକ ଓ ସୋସିଆଲ ମିଡ଼ିଆ ସେଲ ଅମରେଶ ପତ୍ରି, ଟିମ ସଂଯୋଜକ ଜ୍ୟୋତି ରଞ୍ଜନ ଜେନାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବିଶ୍ୱବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ବନାନୀ' ଲୋକାର୍ପିତ



ବାରିପଦା ୯ ।୧୦(ସମିସ): ବିଶ୍ୱବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ବନାନୀ'ର ଲୋକାର୍ପଣ ଉତ୍ସବ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। ଆୟୋଜିତ ଉତ୍ସବରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ, 'ବନାନୀ'ର ମୁଖ୍ୟ ସମ୍ପାଦକ ସଂସ୍କୃତ ବିଭାଗର ପ୍ରଫେସର ହୀରାଲାଲ ଦାଶ, ସମ୍ପାଦନା ମଣ୍ଡଳୀର ଅନ୍ୟ ସଭ୍ୟ ଉପସ୍ଥିତ ଥିଲେ। ସମ୍ପାଦନା ମଣ୍ଡଳୀରେ କମ୍ପ୍ୟୁଟର ପ୍ରୟୋଗ ବିଭାଗର ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଷୟୀ, ସାନ୍ତାଳୀ ବିଭାଗର ସହକାରୀ ପ୍ରଫେସର ଡ. ଯତୀନ୍ଦ୍ରନାଥ ବେଶ୍ରା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ. ଶିଶିର ବେହେରା, ଡ. ବିଚିତ୍ରନାଥ ସାହୁ ଓ ବନ୍ୟପ୍ରାଣୀ ବିଭାଗର ସହକାରୀ ପ୍ରଫେସର ଡ. ଶୁଭାନୀ ରଥଙ୍କ ସମ୍ପାଦନାରେ ଏହି ମୁଖପତ୍ରର ବାର୍ଷିକ ସଂଖ୍ୟାରେ ଓଡ଼ିଆ ଭାଷାରେ ୪୦ଟି ଲେଖା, ହିନ୍ଦୀ ଭାଷାରେ ୭ଟି, ସଂସ୍କୃତ ଭାଷାରେ ୩ଟି, ଇଂରାଜୀ ଭାଷାରେ ୩୦ ଓ ସାନ୍ତାଳୀ ଭାଷାରେ ୪ଟି ଲେଖା ପ୍ରକାଶ ପାଇଛି। କୁଳପତି ପ୍ରଫେସର ଶତପଥୀ ବିଶ୍ୱବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ବନାନୀ' ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତାର ଅନ୍ୟତମ ନିଦର୍ଶନ ବୋଲି ଅଭିହିତ କରିଥିଲେ।

## ପୋଖରୀରେ ବୁଡ଼ି ଚାଷୀ ମୃତ

ରାଇରଙ୍ଗପୁର, ୯।୧୦(ସମିସ): ବାଦାମପାହାଡ଼ ଥାନା ଅନ୍ତର୍ଗତ କାଶିଆବେଡା ଗ୍ରାମରେ ଜଣେ ଚାଷୀ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ଭଞ୍ଜ ପିଙ୍ଗୁଆ (୩୦)। ଭଞ୍ଜ ବିଲକାମ ସାରି ଅପରାହ୍ନରେ ପୋଖରୀରେ ଗାଧୋଉଥିବା ବେଳେ ଗୋଡ ଖସି ଯାଇଥିଲା। ଫଳରେ ସେ ପାଣିରେ ବୁଡି ଯାଇଥିଲେ। ସେଠାରେ ମଧ୍ୟ ତାଙ୍କ ପତ୍ନୀ ବାସନକୁସନ ଧୋଉଥିଲେ। ହେଲେ ଭଞ୍ଜ ବୁଡିଯିବାରୁ ସେ ଚିତ୍କାର କରିଥିଲେ। ପରେ ସ୍ଥାନୀୟ ଲୋକେ ପାଣିରୁ ଉଦ୍ଧାର କରି ବାଦାମପାହାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣୁଥିବା ସମୟରେ ଗୋଲେଇ ଛକରେ ମୃତ୍ୟୁ ଘଟିଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଛିନ୍‌ତାଇ ଗ୍ୟାଙ୍ଗକୁ ଧରିଲା ପୁଲିସ
# ୨ ଗିରଫ; ୨୪ଟି ମୋବାଇଲ ଉଦ୍ଧାର

ବାରିପଦା, ୯ ।୧୦(ସମିସ): ବାରିପଦା ଟାଉନ ଥାନା ପୁଲିସ ଏକ ମୋବାଇଲ ଫୋନ ଛିନତାଇ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ଗ୍ୟାଙ୍ଗର ୨ଜଣକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୪ଟି ମୋବାଇଲ ଫୋନ ମଧ୍ୟ ଜବତ କରିଛି ପୁଲିସ। ଏନେଇ ଗୁରୁବାର ବାରିପଦା ଟାଉନ ଥାନାରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ବାରିପଦା ସଦର ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ସବିଶେଷ ସୂଚନା ଦେଇଛନ୍ତି। ଗିରଫମାନେ ହେଲେ ଝାରଖଣ୍ଡ ରାଜ୍ୟର ସାହେବଗଞ୍ଜ ଜିଲ୍ଲାର ତିନପାହାଡ଼ ଥାନା ଅଞ୍ଚଳର ଅମ୍ରିତ କୁମାର ମହାନ୍ତ (୩୩) ଓ ମିର୍ଜାଚୌକ ଥାନା ଅଞ୍ଚଳର ଗଙ୍ଗା ନୋନିଆ (୨୫)। ଏମାନେ କିଛିଦିନ ଧରି ବାରିପଦା ସହରରେ ଛିନତାଇ କରିଆସୁଥିଲେ। ଅକ୍ଟୋବର ୭ତାରିଖରେ ବାରିପଦା ସଦର ଥାନା ଅନ୍ତର୍ଗତ ସାନଡାକୋଇ ଗ୍ରାମର ବାଲକରାମ ସୋରେନ ସ୍ଥାନୀୟ କଚେରୀ ପରିବା ମାର୍କେଟକୁ ଆସିଥିଲେ। ପରିବା କିଣିବା ସମୟରେ ଦୁର୍ବୃତ୍ତମାନେ ତାଙ୍କ ମୋବାଇଲକୁ ଲୁଟିନେଇ ଫେରାର ହୋଇଯାଇଥିଲେ। ସେ ଏ ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ କରିବାରୁ ଥାନା ଅଧିକାରୀ କରୁଣାକର ରାଉତଙ୍କ ନେତୃତ୍ୱରେ ଏକ ଟିମ ସହରର ସିସି ଟିଭି ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ କରିଥିଲେ। ପରେ ତକତପୁର ଅଞ୍ଚଳରୁ ୨ଜଣ ଦୁର୍ବୃତ୍ତଙ୍କୁ ଧରିବା ସହିତ ସେମାନଙ୍କ ନିକଟରୁ ୨୪ଟି ମୋବାଇଲ ଉଦ୍ଧାର ହୋଇଛି। ଅଭିଯୁକ୍ତମାନେ ମୋବାଇଲକୁ ବାରିପଦା ଓ କଲକାତା ମୋବାଇଲ ଦୋକାନୀଙ୍କୁ ବିକୁଥିଲେ। ସେକେଣ୍ଡ ହ୍ୟାଣ୍ଡ ମୋବାଇଲ କହି ଗ୍ରାହକଙ୍କୁ ଠକି ବିକ୍ରି କରୁଥିଲେ। ଏନେଇ ବାରିପଦା ଟାଉନ ଥାନାରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ କରୁଣାକର ରାଉତ ସୂଚନା ଦେଇଛନ୍ତି।



**ଛିନ୍‌ତାଇ ମୋବାଇଲକୁ ସେକେଣ୍ଡ ହ୍ୟାଣ୍ଡ କହି ଗ୍ରାହକଙ୍କୁ ବିକୁଥିଲେ**

## ତୀର୍ଥ ଯାତ୍ରାରେ ଯିବେ ୧୯୬ ବରିଷ୍ଠ ନାଗରିକ

ବାରିପଦା, ୯ ।୧୦(ସମିସ): ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ରାଜ୍ୟର ବରିଷ୍ଠ ନାଗରିକ ବିଶେଷ କରି ଯେଉଁମାନେ ଆର୍ଥିକ ସ୍ୱଚ୍ଛଳତା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ହେତୁ ତୀର୍ଥ ଯାତ୍ରାରୁ ବଞ୍ଚିତ ହେଉଥିଲେ, ସେମାନେ ବିଭିନ୍ନ ତୀର୍ଥ ସ୍ଥାନ ଦର୍ଶନ କରିବା ପାଇଁ ସୁଯୋଗ ପାଉଛନ୍ତି। ରାଜ୍ୟ ସରକାରଙ୍କ ଉକ୍ତ ଯୋଜନା ବରିଷ୍ଠ ନାଗରିକଙ୍କ ପାଇଁ ବେଶ ସହାୟକ ହେବା ସହିତ ସେମାନଙ୍କ ମନରେ ଆନନ୍ଦ ଆଣିଦେଇପାରିଛି। ଏହି କ୍ରମରେ ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ୧୯୬ ଜଣ ବରିଷ୍ଠ ନାଗରିକ ଏହି ତୀର୍ଥ ଯାତ୍ରା ପାଇଁ ମନୋନୀତ ହୋଇଛନ୍ତି। ମନୋନୀତ ବରିଷ୍ଠ ନାଗରିକମାନେ ନଭେମ୍ବର ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ତୀର୍ଥ ଯାତ୍ରାରେ ଅଯୋଧା- ବାରଣାସୀ ଯିବାକୁ ସ୍ଥିର ହୋଇଛି। ଆସନ୍ତା ନଭେମ୍ବର ୬ତାରିଖରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତରଫରୁ ତାଙ୍କ ନିଜନିଜ ବ୍ଲକରୁ ମନୋନୀତ ହୋଇଥିବା ବରିଷ୍ଠ ନାଗରିକଙ୍କୁ ଆଣି ସକାଳ ୮ଟା ସୁଦ୍ଧା ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପହଞ୍ଚାଇବେ। ପରେ ସକାଳ ୯ ଟାରେ ଡାକ୍ତରୀ ପରୀକ୍ଷା କରାଯାଇ କିଛି ସମୟ ବିଶ୍ରାମ ନେବା ପରେ ଅପରାହ୍ନ ୩ଟାରେ ବାଲେଶ୍ୱର ଅଭିମୁଖେ ବସରେ ଯାତ୍ରା କରିବେ। ବାଲେଶ୍ୱରଠାରେ ସେହିଦିନ ରାତ୍ରି ରହଣି ପରେ ତା'ପରଦିନ ୭ତାରିଖ ବାଲେଶ୍ୱର ରେଳ ଷ୍ଟେସନରୁ ସ୍ୱତନ୍ତ୍ର ରେଳ ଯୋଗେ ଅଯୋଧା-ବାରଣାସୀ ଅଭିମୁଖେ ତୀର୍ଥ ଯାତ୍ରାରେ ବାହାରିବେ। ଯାତ୍ରା ସମୟରେ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନର କିଛି ଅଧିକାରୀ ମଧ୍ୟ ସେମାନଙ୍କ ସହିତ ଯିବାର ବ୍ୟବସ୍ଥା ହୋଇଛି। ଉକ୍ତ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ଶେଷ ହେଲାପରେ ପୁଣି ସ୍ୱତନ୍ତ୍ର ଟ୍ରେନ ଯୋଗେ ବାଲେଶ୍ୱର ରେଳ ଷ୍ଟେସନକୁ ୧୨ତାରିଖ ପ୍ରତ୍ୟାବର୍ତ୍ତନ ପରେ ଜିଲ୍ଲା ପ୍ରଶାସନ ଦ୍ୱାରା ନିଜ ନିଜ ଘରକୁ ପହଞ୍ଚାଇବା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରିଣୀ ସୂଚନା ଦେଇଛନ୍ତି।

## କୁମାର ଉତ୍ସବ ଉଦ୍‌ଯାପିତ; ୬ ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ

ବାରିପଦା, ୯ ।୧୦(ସମିସ): ଦେଉଳସାହି ରଥପଡ଼ିଆ କୁମାର ଉତ୍ସବ ସମିତି ପକ୍ଷରୁ ଚାଲିଥିବା ଦୁଇଦିନିଆ ୫୩ତମ କୁମାର ଉତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟା ସମାରୋହରେ ସମିତିର ସଭାପତି ବନବିହାରୀ ମଉଗଜ ପୌରୋହିତ୍ୟ କରିଥିଲେ। ଏଥିରେ ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୟୂରଭଞ୍ଜ ମାଟିର ସ୍ୱତନ୍ତ୍ରତା ରହିଥିବା ଦର୍ଶାଇଥିଲେ। ସ୍ଥାନୀୟ ଜନସାଧାରଣଙ୍କ ପ୍ରଚେଷ୍ଟାରେ ୧୯୭୨ ମସିହାରେ ଏହି ଉତ୍ସବ ଆରମ୍ଭ ହୋଇଥିଲା। ଯାହାକି ଏକ ରାଜ୍ୟସ୍ତରୀୟ ଓଡ଼ିଆ ସଂସ୍କୃତିର କାର୍ଯ୍ୟକ୍ରମର ପରିଚୟ ହାସଲ କରିଥିବା ନେଇ ପ୍ରଶଂସା କରିଥିଲେ। ବିଶେଷ ଅତିଥିଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ବିଜେଡିର ପୁରୀ ପର୍ଯ୍ୟବେକ୍ଷକ ତଥା ସମିତିର କାର୍ଯ୍ୟକାରୀ ସଭାପତି କାଶୀନାଥ ରଣା, ମାସା ଆର୍ମୀର ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡି, ଅଭିନେତା ତାପସ ପାଢ଼ୀ ଓ ପୂର୍ବତନ କାଉନସିଲର ପ୍ରଭାତ ମହାନ୍ତି ଯୋଗଦେଇ ମୟୂରଭଞ୍ଜ ସଂସ୍କୃତିର ସମୃଦ୍ଧି ନେଇମତବ୍ୟକ୍ତ କରିଥିଲେ। ଆସନ୍ତା ବର୍ଷଠାରୁ ଏହି କୁମାର ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତା ଘୋଷଣା କରିଥିଲେ। ଏହି ଅବସରରେ ୬ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ଶିବନାରାୟଣ ରଣା ଧନ୍ୟବାଦ ଦେଇଥିଲେ।



## ଲଜ୍ ଓ ହୋଟେଲରେ ପୁଲିସର ସିସିଟିଭି ଯାଞ୍ଚ



ବାରିପଦା, ୯ ।୧୦(ସମିସ): ବର୍ତ୍ତମାନ ପାର୍ବଣ ସମୟଥିବାବେଳେ ଆଗକୁ ପିକନିକ ଋତୁ ଆସୁଛି; ଯାହାକୁ ନେଇ ଜିଲ୍ଲାକୁ ରାଜ୍ୟ ତଥା ବାହାରର ଲୋକଙ୍କ ସମାଗମ ହେବା ଆରମ୍ଭ ହେଲାଣି। ଏଭଳି ସମୟରେ ମୟୂରଭଞ୍ଜ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଠିକ ରଖିବା ପାଇଁ ପୁଲିସ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବରୁ ଜିଲ୍ଲାର ପ୍ରବେଶ ଓ ପ୍ରସ୍ଥାନ ପଥ ସମେତ ସହରର ମୁଖ୍ୟ ସ୍ଥାନରେ ରାତ୍ରିକାଳୀନ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ମୟୁରଭଞ୍ଜ ଜିଲ୍ଲା ପୁଲିସ ପକ୍ଷରୁ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ହୋଟେଲ ଓ ଲଜଗୁଡ଼ିକରେ ଅତର୍କିତ ଭାବେ ଯାଞ୍ଚ କରାଯାଉଛି। ହୋଟେଲର ସିସି ଟିଭିଗୁଡିକ ମଧ୍ୟ ଯାଞ୍ଚ କରୁଛି ପୁଲିସ। ଆଗକୁ ମଧ୍ୟ ଆହୁରି ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ଏସପିଙ୍କ ସୂତ୍ରରୁ ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ ପାଳିତ

ବାରିପଦା, ୯ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁବାସ ନାୟକଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ ରୋଗ) ଡାକ୍ତର ଶାନ୍ତନୁ ଦାସ, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡାକ୍ତର ବିଜୟ କୁମାର ଦାସ, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ସୁନନ୍ଦା ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ମିତା ମିଶ୍ର, ବାରିପଦା ଏଏନଏମ ତାଲିମ କେନ୍ଦ୍ରର ଭାରପ୍ରାପ୍ତ ଅଧ୍ୟକ୍ଷା ଭାରତୀ ଆରୁଖ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ତାଲିମ କେନ୍ଦ୍ରର ପ୍ରଶିକ୍ଷିକା ଏବଂ ଏଏନଏମ ଛାତ୍ରୀ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଡାକ୍ତର ସୁବାସ ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଆଖି ହେଉଛି ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଆଖି ହିଁ ଆମକୁ ପ୍ରକୃତି ଓ ଆଲୋକର ଉପସ୍ଥିତିକୁ ଅନୁଭବ କରିବାକୁ ସକ୍ଷମ କରେ। ଆଖି ବିନା ଦୁନିଆ ଅନ୍ଧାରମୟ। ତେଣୁ ଆଖିରେ ସାମାନ୍ୟ କୌଣସି ସମସ୍ୟା ଦେଖାଦେଲେ ଏହାକୁ ଅଣଦେଖା ନକରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଚଳିତବର୍ଷ ଦିବସ ପାଳନର ବାର୍ତ୍ତା 'ନିଜର ଆଖିକୁ ଭଲ ପାଆନ୍ତୁ ଏବଂ ଏହାର ଯତ୍ନ ନିଅନ୍ତୁ' ବୋଲି ବାର୍ତ୍ତା ଥିଲା। ଏହା ପରେ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ମିଶ୍ର ପାୱାର ପଏଣ୍ଟ ମାଧ୍ୟମରେ ଆଲୋଚନା କରିଥିଲେ। ଚକ୍ଷୁର ଯତ୍ନ ସମ୍ବନ୍ଧରେ ଯେପରି କି ସୁଷମ ଖାଦ୍ୟ ଖାଇବା, ଧୂମପାନ ବର୍ଜନ କରିବା, ବାରମ୍ବାର ଆଖିପତା ପକାଇବା, ମୋବାଇଲ ବା କମ୍ପ୍ୟୁଟରରେ କାମ କରୁଥିଲେ ପ୍ରତି ୨୦ ମିନିଟରେ ୨୦ଫୁଟ ଦୂରରେ ଥିବା ବସ୍ତୁକୁ ୨୦ ସେକେଣ୍ଡ ଦେଖିବା ଆଦି ବିଷୟରେ ବୁଝାଇଥିଲେ। ଶେଷରେ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଦଭାବନା ସମିତି ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ

# ୧୦ ସାହିତ୍ୟ ସଂଗଠନକୁ ସଦ୍‌ଭାବନା ଶ୍ୱେତପତ୍ର ପ୍ରଦାନ

ବାରିପଦା, ୯ ।୧୦(ସମିସ)



ସଦ୍‌ଭାବନା ସମିତି ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଭବନ ଠାରେ ୫୫୬ତମ ମାସିକ ସନ୍ଥ ଦିବସରେ ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଛି। ସମିତି ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ 'କବି ସଚ୍ଚିରାଉତରାୟଙ୍କ ସାହିତ୍ୟ ନୁହଁଇ କେବେ ବିଳାସର ଫୁଲ, ଜାତିକୁ ଦେବ ସେ ମୁଭି ତେବେ ଯାଇ ଅମୂଲ ତା ମୂଲ' ପ୍ରସଙ୍ଗ ଉପରେ ଜୋର୍ ଦିଆଯାଇ ଆଧୁନିକ ସାହିତ୍ୟକୁ ପ୍ରାଧାନ୍ୟ ଦିଆ ନ ଯାଇ ମୂଳ ସାହିତ୍ୟ ହିଁ ସତ୍ ସାହିତ୍ୟ ଏବଂ ତାହା ସମାଜର ହିତ ଲାଗି ସ୍ୱସ୍ତିବାଚକ ହେତୁ ସାଧୁ, କଲମରୁ ସୁଧା ଉପୁଜୁ ବୋଲି ମତ ପ୍ରକାଶ ପାଇଥିଲା। ରାଜ୍ୟସଭା ସାଂସଦ ମମତା ମହାନ୍ତ ଉଦ୍‌ଘାଟିକା, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁ ସନ୍ଥ ସାହିତ୍ୟର ସମର୍ଥକ ଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ସାମ୍ବାଦିକ ଡ ବିଜୟ କୁମାର ଅଗରୱାଲା ସମ୍ମାନିତ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ରୂପ୍ ଗୁରୁକୁଳ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ଦେବ ବିଜୟଜୀ, ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ଡ ରମାକାନ୍ତ ସିଂ ଏବଂ ଉଦଳାର ପ୍ରମିଳା ପଣ୍ଡା ବକ୍ତା ଭାବେ ଯୋଗଦେଇ ଗୋପବନ୍ଧୁଙ୍କୁ ସେବାର ସନ୍ଥ ବୋଲି କହିଥିଲେ। ପ୍ରାରମ୍ଭରେ ଶିବମୁନି, ମହାତ୍ମା ଗାନ୍ଧୀ ଏବଂ ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା।ଏହି ଅବସରରେ ସଦ୍‌ଭାବନା ସମିତି ତରଫରୁ ବାରିପଦା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ାଙ୍କୁ ସୁସାହିତ୍ୟିକ ଓ ଜିଲ୍ଲାର ପ୍ରମୁଖ ସାରସ୍ୱତ ସଂଗଠନ ମୟୂରଭଞ୍ଜ ସାହିତ୍ୟ ପରିଷଦର ପଦ୍ମନାଭ ସାହୁ, ପ୍ରତିଶ୍ରୁତି ପ୍ରତିଷ୍ଠାନର ଭାଗବତ ପଣ୍ଡା, ପୂଜ୍ୟପୂଜାର ଡ ରମାକାନ୍ତ ସିଂ, ଉଦଳା ଗୋପବନ୍ଧୁ ମେମୋରିଆଲ୍ ସେବା ଟ୍ରଷ୍ଟର ପ୍ରମିଳା ପଣ୍ଡା, କପ୍ତିପଦା ଆରଣ୍ୟକ ସାହିତ୍ୟ ସଂସଦର ରାଜେନ୍ଦ୍ର କୁମାର ସାମଲ, ବେତନଟୀ ମୟୂର ସାହିତ୍ୟ ସଂସଦର ସଚ୍ଚିଦାନନ୍ଦ ମହାନ୍ତି, କରଞ୍ଜିଆ ଚେତନାର ମାନସ ରଞ୍ଜନ ଦାସ, ରାଇରଙ୍ଗପୁର ଶ୍ରୀଜଗନ୍ନାଥ ଚେତନା ଓ ସେବା ସଂଘର ପୁଷ୍ପାଞ୍ଜଳୀ ତ୍ରିପାଠୀ, ବଡସାହି ବାଣୀପୀଠର ସୌମରଞ୍ଜନ ନାୟକ ଏବଂ ବଡସାହି ପୂର୍ଣ୍ଣମାସୀ ସେବା ସଂସ୍ଥାନର ରାଜକିଶୋର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ସଦସ୍ୟ ସନ୍ଦୀପ କୁମାର ଚାନ୍ଦ ଓ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ସ୍ୱାଭାବିକ ହେଉନି କଳିଙ୍ଗା ଘାଟି ରାସ୍ତା**

# ବିକଳ୍ପ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀଙ୍କ ଦାବିପତ୍ର





ଜି.ଉଦୟଗିରି, ୯।୧୦(ସମିସ)

ଚବିଶ ଦିନ ପରେ ବି ସ୍ୱାଭାବିକ ହୋଇନି କଳିଙ୍ଗା ଘାଟି ରାସ୍ତା। ଗତ ୧୬ ତାରିଖରେ ହୋଇଥିବା ଭୂସ୍ଖଳନରେ ଏହି ରାସ୍ତା ଧୋଇଯାଇଥିବାବେଳେ ସେବେଠାରୁ ମରାମତି କାମ ଚାଲିଛି। ଏଥିଯୋଗୁଁ ଜୀବନଜୀବିକା ପ୍ରଭାବିତ ହେବା ସହିତ ଦିନକୁ ଦିନ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜରୁରିକାଳୀନ ଭିତ୍ତିରେ ଅତ୍ୟାଧୁନିକ ଜ୍ଞାନକୌଶଳରେ କଳିଙ୍ଗା ଘାଟିର ମରାମତି ସହିତ ବିକଳ୍ପ ବାଇପାସ୍ ରାସ୍ତା ଓ ସୁଡ଼ଙ୍ଗ (ଟନେଲ) ତୁରନ୍ତ ନିର୍ମାଣ କରିବା ଏବଂ ଜାତୀୟ ରାଜପଥ ବିଭାଗର ସ୍ୱତନ୍ତ୍ର ଏକ ଅଭିଜ୍ଞ ଦକ୍ଷ ବୈଷୟିକ ବିଶେଷଜ୍ଞ ଦଳକୁ କଳିଙ୍ଗା ଘାଟିର ସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆଜି ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏବଂ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ସୀମାନ୍ତ ଶତାଧିକ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି।

କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାର ସୀମାନ୍ତରେ ଥିବା କଳିଙ୍ଗା ଘାଟି ୨ ଜିଲ୍ଲାକୁ ସଂଯୋଗ କରୁଛି। ଏହି ମୁଖ୍ୟରାସ୍ତା (୧୫୭ ନମ୍ବର୍ ଜାତୀୟ ରାଜପଥ) ଗତ ୧୬ ତାରିଖରେ ଅତ୍ୟଧିକ ବର୍ଷା କାରଣରୁ ଭୂସ୍ଖଳନ ହୋଇ ପାହାଡ଼ ଉପରୁ ବଡ଼ ବଡ଼ ପଥର ଓ ମାଟି ଅତଡ଼ା ଖସି ପ୍ରାୟ ୩୦ ମିଟର ମୁଖ୍ୟ ରାସ୍ତା ସମ୍ପୂର୍ଣ୍ଣ ଧୋଇଯିବା ସହ ବିରାଟ ଗର୍ତ୍ତ ହୋଇଥିଲା। ୨୪ ଦିନ ପରେ ବି ଅସ୍ଥାୟୀ ରାସ୍ତା ନିର୍ମାଣ ହୋଇପାରୁନି। ବର୍ତ୍ତମାନ କନ୍ଧମାଳ ଜିଲ୍ଲାର ଜନସାଧାରଣ ଆମ୍ବୁଲାନ୍ସ ସେବା ଭଳି ସମସ୍ତ ଜରୁରିକାଳୀନ ସେବାରୁ ବଞ୍ଚିତ ହେଉଛନ୍ତି। ଶହ ଶହ ବସ୍, ଟ୍ରକ୍, ଅଟୋ ଓ ବିଭିନ୍ନ ଯାନବାହନ ଚଳାଚଳ ବନ୍ଦ ରହିଛି। ଦୁର୍ଗାପ୍ରସାଦରୁ କଳିଙ୍ଗା ଘାଟି ୧୦ କିଲୋମିଟର ରାସ୍ତା। ବର୍ତ୍ତମାନ କଳିଙ୍ଗା ଘାଟି ଅତ୍ୟଧିକ ପୁରାତନ (ପାଖାପାଖି ୨୦୦ ବର୍ଷ ) ହୋଇଥିବାରୁ ଅନେକ ଜାଗାରେ ପଥର ଓ ମାଟି ଅତଡ଼ା ଖସୁଥିବା ଦେଖିବାକୁ ମିଳୁଛି। ଏହା ସମ୍ପୂର୍ଣ୍ଣ ବିପଦ ପୂର୍ଣ୍ଣ ଅବସ୍ଥାରେ ରହିଛି। ଗଞ୍ଜାମ ଓ କନ୍ଧମାଳକୁ କଳିଙ୍ଗା ଘାଟି ଦେଇ ୧୦ କିଲୋମିଟର ରାସ୍ତା ଅତିକ୍ରମ କରୁଥିବା ବେଳେ ବର୍ତ୍ତମାନ ଚକାପାଦ ଦେଇ ପ୍ରାୟ ୬୦ କିଲୋମିଟରରୁ ଅଧିକ ରାସ୍ତା ବୁଲି ଯିବାକୁ ପଡୁଛି।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକ ଓ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ଆଗକୁ କଳିଙ୍ଗା ଘାଟିରେ ଏହିଭଳି ଭୂସ୍ଖଳନ ଲାଗି ରହିବା ଯଥେଷ୍ଟ ଆଶଙ୍କା ସୃଷ୍ଟି ହୋଇଛି। ପାହାଡ଼ରେ ବିପଦସଂକୁଳ ଅବସ୍ଥାରେ ବଡ଼ବଡ଼ ପଥର ଝୁଲି ରହିଛି। ବିପଦସଂକୁଳ ଅବସ୍ଥାରେ କାର୍ଯ୍ୟ ଚାଲୁଥିବା ବେଳେ ପଥର ତଳକୁ ଖସିଲେ ପୁଣି ଥରେ ରାସ୍ତା ନଷ୍ଟ ହେବା ସମ୍ଭାବନା ରହିଛି। ଏହାର ସ୍ଥାୟୀ ପ୍ରତିକାରର ଆବଶ୍ୟକତା ରହିଛି। କଳିଙ୍ଗା ଘାଟିର ଏକ ସ୍ଥାନରେ ଭାଲିଆପଟାକୁ ରାସ୍ତା ଲିଖିତ ଏକ ସାଇନ ବୋର୍ଡ ଲାଗିଛି। ସେଠାରୁ ଅନେକ ଥର ମନରେଗାରେ ପ୍ରାୟ ୬/୭ କିଲୋମିଟର ମାଟି ରାସ୍ତା ନିର୍ମାଣ କରାଯାଇଥିଲା ଏବଂ ସେହି ରାସ୍ତା ଦୁର୍ଗାପ୍ରସାଦ ଭାୟା ବଡ଼ିମାହା ଦେଇ ପସରାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ସହିତ ସଂଯୋଗ ହୋଇ ଦୁର୍ଗାପ୍ରସାଦ ୧୫୭ ନମ୍ବର୍ ଜାତୀୟ ରାଜପଥ ସହିତ ମିଶିଛି। ବର୍ତ୍ତମାନ ମଧ୍ୟ ଅଞ୍ଚଳବାସୀ ଏହି ରାସ୍ତାରେ ପ୍ରତ୍ୟେକ ଦିନ ଚଳପ୍ରଚଳ କରୁଛନ୍ତି। ଭାଲିଆପଟା ରାସ୍ତା ଦେଇ ଦୁର୍ଗାପ୍ରସାଦକୁ ଗଲେ ପ୍ରାୟ ୮/୯ କିଲୋମିଟର ଦୂରତା କମିଯିବ। ଏହି ରାସ୍ତା ସୁରକ୍ଷିତ, କୌଣସି ଘାଟି ପଡ଼ିବନି କିମ୍ବା ଭୂସ୍ଖଳନ ସମ୍ଭାବନା ନାହିଁ। ବିଶେଷ କରି କୌଣସି ବଡ଼ ଗଛ କାଟିବାକୁ ପଡ଼ିବ ନାହିଁ।

କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାର ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି କଳିଙ୍ଗା ଘାଟିର ଭାଲିଆପଟା ରାସ୍ତା ଦେଇ ଦୁର୍ଗାପ୍ରସାଦ ପର୍ଯ୍ୟନ୍ତ ତୁରନ୍ତ ଜରୁରୀକାଳୀନ ପରିସ୍ଥିତି ରେ ଅତ୍ୟାଧୁନିକ ଜ୍ଞାନ କୌଶଳରେ କଳିଙ୍ଗା ଘାଟି ମରାମତି ସହିତ ବିକଳ୍ପ ବାଇପାସ୍ ରାସ୍ତା ଏବଂ ଦୁର୍ଗାପ୍ରସାଦ ନିକଟସ୍ଥ ପାହାଡ଼ରୁ ଏକ ସୁଡ଼ଙ୍ଗ (ଟନେଲ) ତୁରନ୍ତ ନିର୍ମାଣ କରିବା ଏବଂ ଜାତୀୟ ରାଜପଥ ବିଭାଗର ସ୍ୱତନ୍ତ୍ର ଏକ ଅଭିଜ୍ଞ ଦକ୍ଷ ବୈଷୟିକ ବିଶେଷଜ୍ଞ ଦଳ କୁ କଳିଙ୍ଗା ଘାଟିର ସ୍ଥିତି ଅନୁଧ୍ୟାନ କରି ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେବା ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ବାଇପାସ୍ ରାସ୍ତା ନିର୍ମାଣ କରିବା ନିମନ୍ତେ ଆଜି ମୁଖ୍ୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରି କାର୍ଯ୍ୟ କରାଯିବ ବୋଲି ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରତିଶ୍ରୁତି ଦେଇଛନ୍ତି।

● ୧୫ ଦିନ ହେଲା ଧରାଶାୟୀ

## ଗୁଟିଙ୍ଗିଆ-ଦଶରାପଦା ଛକରୁ ହଟୁନି ବରଗଛ



ଟିକାବାଲି, ୯।୧୦(ସମିସ): ଟିକାବାଲି ବ୍ଲକ ଗୁଟିଙ୍ଗିଆର ଦଶରାପଦା ଛକରେ ଦୀର୍ଘଦିନ ଧରି ରାସ୍ତାରେ ପଡ଼ିରହିଛି ଏକ ବିରାଟ ବରଗଛ। ୧୫ ଦିନ ପୂର୍ବେ ପ୍ରବଳ ବର୍ଷା ଓ ପବନରେ ଏହି ବରଗଛଟି ରାସ୍ତା ଉପରକୁ ଢଳି ପଡ଼ିଥିଲା। ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହି ରାସ୍ତା ଘୁ.ଉଦୟଗିରି ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନଙ୍କ ନିଜ ଘରକୁ ସଂଯୋଗ କରୁଛି। ଜନପ୍ରତିନିଧିଙ୍କ ନିଜ ବାଟରେ ଏପରି ବଡ଼ ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଥିଲେ ମଧ୍ୟ ପ୍ରଶାସନ କିମ୍ବା ସ୍ଥାନୀୟ ବିଭାଗ ତରଫରୁ ଏହାକୁ ବାହାର କରିବାକୁ ପଦକ୍ଷେପ ନେଉନଥିବାରୁ ଅସନ୍ତୋଷ ତେଜୁଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଗଛ ପଡ଼ିବାର ୧୦ରୁ ୧୫ ଦିନ ବିତିଯାଇଥିବା ବେଳେ ରାସ୍ତା ସଫା କାର୍ଯ୍ୟ ୧୦ ଦିନରୁ ଅଧିକ ହେବ ଅଟକି ରହିଛି। ପ୍ରଶାସନର ଅବହେଳାକୁ ସ୍ପଷ୍ଟ ଭାବେ ଦର୍ଶାଉଛି ବୋଲି କୁହାଯାଉଛି। ଯଦି ଜଣେ ଜନପ୍ରତିନିଧିଙ୍କ ନିଜ ଅଞ୍ଚଳରେ ଏପରି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ତାହାହେଲେ ଅନ୍ୟ ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ପ୍ରଶାସନ କେତେ ସମ୍ବେଦନଶୀଳ ତାହା ସହଜରେ ଅନୁମେୟ। ତୁରନ୍ତ ଏହି ବରଗଛକୁ ରାସ୍ତାରୁ ହଟାଇବାକୁ ଦାବି ହେଉଛି।

# ବଦଳିର ମାସେ ପରେ ମଧ୍ୟ ଶିକ୍ଷୟିତ୍ରୀଙ୍କୁ ହଷ୍ଟେଲ ଦାୟିତ୍ୱ!

ପାରଳାଖେମୁଣ୍ଡି, ୯।୧୦(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଲାଲୁସାହିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକବିଦ୍ୟାଳୟହଷ୍ଟେଲବିଷୟରେଏକବିଚିତ୍ର ତଥ୍ୟ ଅନୁସନ୍ଧାନରୁ ଜଣାପଡ଼ିଛି। ଉକ୍ତ ହଷ୍ଟେଲରେ ୧୪୦ଜଣ ଛାତ୍ରଛାତ୍ରୀ ରହୁଛନ୍ତି। ସେଥିରେ ଛାତ୍ରୀ ସଂଖ୍ୟା୧୦୦ ରହିଛି। ମାସେ ହେବ ଏହି ବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତିରେଖା ଭୂୟାଁଙ୍କ ବଦଳି ହେବାପରେ ମଧ୍ୟ ସେ ହଷ୍ଟେଲ ଦାୟିତ୍ୱ ସମ୍ଭାଳୁଛନ୍ତି। ଦୀପ୍ତିରେଖା ଗତ ୧୧ ତାରିଖରୁ ପେଗଡ଼ା ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ସରକାରଙ୍କ କେଉଁ ନିୟମରେ ଲାଲୁସାହି ହଷ୍ଟେଲ୍ ଦାୟିତ୍ୱ ତୁଲାଉଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜଣେ ବ୍ୟକ୍ତି ସୂଚନ ଅଧିକାରରେ ଏହି ତଥ୍ୟ ପାଇବା ପରେ ଘଟଣା ପ୍ରଘଟ ହୋଇଛି। ଦୀପ୍ତିରେଖାଙ୍କ ବଦଳି ପରେ ଲଳିତା ଦେବୀ ଲାଲୁସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦାୟିତ୍ୱ ନେବା ପରେ ମଧ୍ୟ କେବଳ ତାଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯିବା ଛଡ଼ା ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଇନାହିଁ। ପ୍ରତ୍ୟେକ ଦିନ ଦିପ୍ତୀରେଖା ପେଗଡ଼ା ବିଦ୍ୟାଳୟରୁ ଆସି ଲାଲୁସାହି ବିଦ୍ୟାଳୟର ହଷ୍ଟେଲର ବିଷୟ ବୁଝାସୁଝା କରୁଛନ୍ତି। ଜଣେ ଶିକ୍ଷୟତ୍ରୀ ବଦଳି ହେବା ପରେ ମଧ୍ୟ ଲାଲୁସାହି ହଷ୍ଟେଲ୍‌ରେ ଦାୟିତ୍ୱ ନେବା ଓ ପରିଚାଳନା କରିବା ତାଙ୍କ ପକ୍ଷରେ କେମିତି ସମ୍ଭବ ହୋଇପାରୁଛି ତାହା କେବଳ ଜିଲ୍ଲା ମଙ୍ଗଳ ବିଭାଗ ହିଁ କହିପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏସମ୍ପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ ସଲମନ ରାଇକାଙ୍କୁ ପଚାରିବାରୁ ସେ ରାୟଗଡ଼ ବ୍ଲକ ମଙ୍ଗଳ ଅଧିକାରୀଙ୍କୁ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର ପାଇଁ ପଦକ୍ଷେପ ନେବାକୁ ଆଜି ପୂର୍ବାହ୍ନରେ ନିର୍ଦ୍ଦେଶ ଦେଇଥିଲେ। ପୁଣି ଥରେ ସନ୍ଧ୍ୟାରେ ଯୋଗାଯୋଗ କରିବାରୁ ଜଣାପଡ଼ିଲା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶକୁ ବ୍ଲକ ମଙ୍ଗଳ ଅଧିକାରୀ ଅନୁପାଳନ କରିନାହାନ୍ତି। ଯାହାକୁ ନେଇ କୌଣସି ଅଘଟଣ ଘଟିଲେ ଦାୟିତ୍ୱ ନେବ କିଏ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବ୍ଲକସ୍ତରୀୟ ବିଜ୍ଞାନ ପାଠଚକ୍ର




ରାୟଗଡ଼, ୯।୧୦(ସମିସ): ରାୟଗଡ଼ ବ୍ଲକ ନାରାୟଣପୁର ସରକାରୀ ନୀଳମଣି ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ପାଠଚକ୍ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପି. ମେନକା ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଏ. ରବି କୁମାର ଯୋଗ ଦେଇଥିଲେ। ଏଥିରେ ବ୍ଲକର ୧୨ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଗାଇଡ୍ ଶିକ୍ଷକ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ମନୋନୀତ କରିବା ପାଇଁ ଶିକ୍ଷକ ଜିତେନ୍ଦ୍ର ଦଳାଇ ଓ ଜିତେନ୍ଦ୍ର ମୁଦୁଲିଙ୍କୁ ଚୟନ କର୍ତ୍ତା ଭାବେ ନିଯୁକ୍ତି କରାଯାଇଥିଲା। ଏଥିରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ଚଳିତ ମାସ ୧୧ ତାରିଖରେ ପାରଳାଖେମୁଣ୍ଡି ମହେନ୍ଦ୍ରଗିରି ମ୍ୟୁନିସିପାଲିଟି ହାଇସ୍କୁଲରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ବିଜ୍ଞାନ ପାଠଚକ୍ରରେ ଅଂଶଗ୍ରହଣ କରିବେ। ଉକ୍ତ ବିଜ୍ଞାନ ପାଠଚକ୍ରରେ ନୀଳମଣି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ନେହାଙ୍ଗିନୀ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସୁପ୍ରିୟା ସାମଲ ଦ୍ୱିତୀୟ ଓ ଲକ୍ଷ୍ମୀପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରମିତା ବଡ଼ ରଇତ ତୃତୀୟ ହୋଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହରିନାଥ ପାତ୍ର ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

## ଘର ଆଗରୁ ବାଇକ୍ ଚୋରି

ଟିକାବାଲି, ୯।୧୦(ସମିସ): ଟିକାବାଲରେ ପୁଣି ଏକ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଖଣ୍ଡିକୁଟି ଗ୍ରାମର ସୂର୍ଯ୍ୟନାରାୟଣ ବିଶ୍ୱାଳ ଜଣେ ଢଳେଇ କଣ୍ଟ୍ରାକ୍ଟର ଭାବରେ ଦୀର୍ଘ ଦିନ ହେବ ଟିକାବାଲି ଅଞ୍ଚଳରେ ରହି କାମ କରୁଛନ୍ତି। ସେ ସ୍ଥାନୀୟ ତେଙ୍ଗେଡାପଥର ଅଞ୍ଚଳରେ ଭଡ଼ାରେ ରହୁଛନ୍ତି। ଗତ ୮ ତାରିଖ ରାତିରେ ସେ ଘର ସାମ୍ନାରେ ବାଇକ୍ ତାଲା ପକାଇ ରଖିଥିଲେ। ପରଦିନ ସକାଳୁ ଉଠି ବାଇକ୍ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଖୋଜାଖୋଜି କରି ନପାଇବାରୁ ଟିକାବାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଜି.ଉଦୟଗିରି ବାର୍ ଆସୋସିଏସନ ପକ୍ଷରୁ ଶୋକସଭା



ଜି.ଉଦୟଗିରି, ୯।୧୦(ସମିସ): ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କ ବିୟୋଗରେ ଜି.ଉଦୟଗିରି ବାର ଆସୋସିଏସନ ତରଫରୁ ଶୋକବ୍ୟକ୍ତ କରାଯାଇଛି। ବାର ଆସୋସିଏସନ ସଭାପତି ଦୀପକ ଭରଦ୍ୱାଜଙ୍କ ସଭାପତିତ୍ୱରେ ଆୟୋଜିତ ଶୋକସଭାରେ ଶ୍ରୀ ପଣ୍ଡାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟି ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସମ୍ପାଦକ ଅଜିତ କୁମାର ଦିଗାଳଙ୍କ ସହିତ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ପଣ୍ଡା, ଲଳିତେନ୍ଦୁ ପ୍ରଧାନ, ପ୍ରଦୀପ କହଁର ସହିତ ବହୁ ଆଇନଜୀବୀ ଉପସ୍ଥିତି ରହିଥିଲେ। ଆଇନଜୀବୀ ଶ୍ରୀ ପଣ୍ଡାଙ୍କୁ ଅମାନବୀୟ ଭାବେ ଗୁଳିକରି ହତ୍ୟା କରିବା ଘଟଣାକୁ ଦୃଢ଼ ନିନ୍ଦା କରାଯିବା ସହିତ ଅପରାଧୀକୁ ଧରି କଠୋର ଦଣ୍ଡ ଦେବା ପାଇଁ ଦାବି କରାଯାଇଛି।

## ଶିଶୁମନ୍ଦିରରେ ଗୋପବନ୍ଧୁଙ୍କ ଜୟନ୍ତୀ

ପାରଳାଖେମୁଣ୍ଡି, ୯।୧୦(ସମିସ): ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଉତ୍କଳ ଜନନୀଙ୍କର ସୁଯୋଗ୍ୟ ସନ୍ତାନ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କର ପବିତ୍ର ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ଆଚାର୍ଯ୍ୟ ମୂରଲୀ ମୋହନ ପ୍ରଧାନ ଗୋପବନ୍ଧୁ ଦାସଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ପିଲାମାନେ ଗୋପବନ୍ଧୁଙ୍କ ଜୀବନୀ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଗୋପବନ୍ଧୁ ଙ୍କ ନୀତି ଆଦର୍ଶକୁ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ଏହି ଦିନଟିକୁ ଶିଶୁ ମନ୍ଦିର ପକ୍ଷରୁ ସେବା ଦିବସ ଭାବେ ପାଳନ କରାଯାଇଥାଏ। ପ୍ରଧାନାଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ହୋଇଥିବା ଜୟନ୍ତୀ ପାଳନରେ ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା ସହଯୋଗ କରିଥିଲେ।



## ରଟିଙ୍ଗିଆ ପଞ୍ଚାୟତ ହାଇସ୍କୁଲରେ ଗୋପବନ୍ଧୁ ଜୟନ୍ତୀ




ଜି.ଉଦୟଗିରି, ୯।୧୦(ସମିସ): ଜି.ଉଦୟଗିରି ନିକଟସ୍ଥ ରଟିଙ୍ଗିଆ ପଞ୍ଚାୟତ ହାଇସ୍କୁଲରେ ଗୋପବନ୍ଧୁଙ୍କ ୧୪୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚତୁର୍ଭୁଜ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ତାଙ୍କ ସେବା, ତ୍ୟାଗ, ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ନଙ୍ଗୁଳି ଚରଣ ପ୍ରଧାନ, ସନ୍ତୋଷ ପୃଷ୍ଟି, ରିତାଞ୍ଜଳୀ ପଣ୍ଡା, ଲିଳିମା ସାହୁ, ଜିତେନ୍ଦ୍ର ନାୟକ, ମୃତ୍ୟୁଞ୍ଜୟ ନାୟକ ଓ ବିଶ୍ୱମ୍ବର ପ୍ରଧାନ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଭଲିବଲ୍ ଖେଳାଳି ଚୟନ ଶିବିର



ରାୟଗଡ଼, ୯।୧୦(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ନାରାୟଣପୁର ସରକାରୀ ନୀଳମଣି ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଜିଲ୍ଲାସ୍ତରୀୟ ଭଲିବଲ୍ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରଟି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପି. ମେନକା ରାଓଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝି, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷାଧିକାରୀ ଡ.ମାୟାଧର ସାହୁ, ସମ୍ମାନିତ ଅତିଥି ଭାବେ ସହକାରୀ ଜିଏସ୍‌ଟି ଅଧିକାରୀ ଅକ୍ଷୟ କୁମାର ମିଶ୍ର, ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପାତ୍ର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଏ. ରବି କୁମାର, ଓ ରାୟଗଡ଼ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା ମଞ୍ଚାସୀନ ଥିଲେ।

ଶିବିରରେ ୧୩୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀ ଚଳିତ ମାସ ୧୧ ତାରିଖରେ ଭଦ୍ରକରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରିୟଦର୍ଶୀ ମିଶ୍ର ପରିଚାଳନା କରିଥିବା ବେଳେ ସନ୍ତୋଷ ପ୍ରସାଦ ପଣ୍ଡା, ପ୍ରଦୀପ ସାମଲ, ଧୀରେନ୍ଦ୍ର ସାମଲ, ଅନୁଜ ପ୍ରଧାନ, ଦେବବ୍ରତ ପରିଡ଼ା, ଅଭିମନ୍ୟୁ ଗମାଙ୍ଗ, କିଶୋର ସାମଲ, ଶିବରାମ ଭୂୟାଁ ରେଖାରାଣୀ ଦେଓ, ଅମୀର କାର୍ଯୀ ଓ ଦର୍ଶିତା ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ।

**ଜିଲ୍ଲାପାଳଙ୍କ କାଶୀନଗର ଗସ୍ତ**

# ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିଦର୍ଶନ

କାଶୀନଗର, ୯।୧୦(ସମିସ)



ଗଜପତି ଜିଲ୍ଲାପାଳ ମଧୁମିତା ଗୁରୁବାର କାଶୀନଗର ଗସ୍ତରେ ଆସି ବ୍ଲକ, ଆଇସିଡିଏସ୍, ବିଇଓ ଏବଂ ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ବିଇଓ କାର୍ଯ୍ୟାଳୟ ପରିଦର୍ଶନ ବେଳେ ବିଭିନ୍ନ ରେକର୍ଡ ଓ ଫାଇଲ୍ ଠିକ ଅବସ୍ଥାରେ ନଥିବା ଯୋଗୁଁ ଅସନ୍ତୋଷ ପ୍ରକାଶ କରିବା ସହ ଏ କ୍ଷେତ୍ରରେ ସୁଧାର ଆଣିବାକୁ ଭାରପ୍ରାପ୍ତ ବିଇଓ ଓ ସମ୍ପୃକ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। କାଶୀନଗର ବ୍ଲକ ଓ ଏନ୍‌ଏସିରେ କାର୍ଯ୍ୟରତ କୌଣସି ଶିକ୍ଷକ/ଶିକ୍ଷୟିତ୍ରୀ ଯଦି ଆଦୌ ଓଡ଼ିଆ ଜାଣି ନଥାନ୍ତି ଓ ଓଡ଼ିଆରେ ଶିକ୍ଷଣ କାର୍ଯ୍ୟ କରିବା ପାଇଁ ତାଙ୍କର ନିପୁଣତା ନଥାଏ, ତେବେ ତାହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବା ଭଳି ହେବ ବୋଲି ଭାରପ୍ରାପ୍ତ ବିଇଓଙ୍କୁ କହିଥିଲେ। ତହସିଲ କାର୍ଯ୍ୟାଳୟ ପରିଦର୍ଶନ ବେଳେ କାଶୀନଗର ନାଗରିକ ମହାସଭା ସଭାପତି ତଥା ପ୍ରେସ୍‌କ୍ଲବ୍ ଉପଦେଷ୍ଟା ପ୍ରଶାନ୍ତ ମିଶ୍ର କାଶୀନାଗରବାସୀ ସମ୍ମୁଖୀନ ହେଉଥିବା ବିଭିନ୍ନ ଅଭାବ ଅସୁବିଧା ଓ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। କାଶୀନଗର ଏକ ଏନ୍‌ଏସି ହୋଇଥିଲେ ବି ଏଯାଏଁ ଏନ୍‌ଏସି କାର୍ଯ୍ୟାଳୟ ଅସ୍ଥାୟୀ ଗୃହରେ ଚାଲିଛି। ସ୍ଥାୟୀ ବସ୍‌ଷ୍ଟାଣ୍ଡ, ଟାଉନ୍ ହଲ୍, ଗେଷ୍ଟ ହାଉସ୍ କି ଅତ୍ୟାଧୁନିକ ଭିତ୍ତିଭୂମି ଥିବା ସରକାରୀ ପାଠାଗାର ଏଠାରେ ନାହିଁ। ସିଏଚସିରେ ସମସ୍ତ ବିଶେଷଜ୍ଞ ଡାକ୍ତର ପଦ ଖାଲି ରହିଛି। ସହରର ମୁଖ୍ୟ ରାସ୍ତା ପଟେଲ୍ ରୋଡ୍‌ର ଅବସ୍ଥା ଦୟନୀୟ। ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ପାନୀୟଜଳ ଓ ପରିମଳ ବ୍ୟବସ୍ଥା ସମସ୍ୟା ଘେରରେ ରହିଛି ବୋଲି ଶ୍ରୀ ମିଶ୍ର ଜିଲ୍ଲାପାଳଙ୍କୁ ଜଣାଇଥିଲେ। ନବନିର୍ମିତ ବହୁ ପବ୍ଲିକ୍ ଟଏଲେଟରେ ତାଲା ଝୁଲୁଛି ଓ ସେଗୁଡିକ ଉଦ୍ଦିଷ୍ଟ କାର୍ଯ୍ୟରେ ଲାଗି ପାରୁନାହିଁ। ଜଳ ବିଶୁଦ୍ଧିକରଣ ପାଇଁ ସୋଲାର ପ୍ରୋଜେକ୍ଟ ଲୋକଙ୍କ କାମରେ ନଲାଗି ପଡ଼ିରହିଛି। ଏଭଳି ଅନେକ ପ୍ରସଙ୍ଗରେ କାଶୀନଗର ନାଗରିକ ମହାସଭା ଓ ପ୍ରେସ୍ କ୍ଲବ୍ ପକ୍ଷରୁ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାପାଳ ନିର୍ବାହୀ ଅଧିକାରୀ ଭଗବତ ସାହୁଙ୍କୁ ଡକାଇ ଉପସ୍ଥାପିତ ସମସ୍ୟା ସବୁର ସମାଧାନ ଦିଗରେ ପଦକ୍ଷେପ ନେବାକୁ କହିବା ସହ ଆଦେଶ ପାଳନ ରିପୋର୍ଟ ଜିଲ୍ଲା ପ୍ରଶାସନକୁ ଦେଇ ତାର ନକଲ କାଶୀନଗର ନାଗରିକ ମହାସଭାକୁ ଦେବା ପାଇଁ କହିଥିଲେ। ସରକାରୀ ପାଠାଗାର ସକାଶେ ବିଡିଓଙ୍କ ଜରିଆରେ ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ଜଣାଇବାର ଆବଶ୍ୟକତା ରହିଛି ବୋଲି ସୂଚନା ଦେଇଥିଲେ। ସେହିପରି ଜିଲ୍ଲାପାଳ ଖାରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ବେଳେ ତହସିଲଦାର ସୁଧୀର କୁମାର ନନ୍ଦ ଉପସ୍ଥିତ ଥିଲେ।

## ଧୋକାଦେଲା ବିହନ, ଫଳିଲାନି ଧାନ

# ଗାଁକୁ ଯାଇ ତଦନ୍ତ ବେଳେ ଅଧିକାରିଣୀ ହଟହଟା

କାମାକ୍ଷାନଗର, ୯ ।୧୦(ସମିସ)



ନିମ୍ନମାନର ବିହନ ଯୋଗୁଁ ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ବ୍ଲକ କୁଟୁରିଆ ପଞ୍ଚାୟତ ଗୋଲାଗାଡ଼ିଆ ଗ୍ରାମର ଚାଷୀମାନେ ରୋଇଥିବା ଧାନ ଗଛରେ ଧାନ ଫଳିଲାନି। ସରକାରୀ ବିହନ ନ ମିଳିବାରୁ ଏହି ଗାଁର ଚାଷୀମାନେ ବେସରକାରୀ ସଂସ୍ଥାଠାରୁ ବିହନ ଆଣି ଚାଷ କରିଥିଲେ। ଏକର ଏକର ବିଲରେ ଚାଷ ହୋଇଥିଲେ ମଧ ଧାନ ଗଛରେ କେଣ୍ଡା ଧରିଲା ନାହିଁ। ଏ ନେଇ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ବିନା ଜଳସେଚନ ବ୍ୟବସ୍ଥାରେ ଏହି ଅଞ୍ଚଳର ଚାଷୀ ବର୍ଷାଜଳ ଉପରେ ନିର୍ଭର କରି ଚାଷ କରିଥାନ୍ତି। ସରକାରୀ ଧାନ ବିହନ ନ ମିଳିବାରୁ ଗୋଲାଗାଡ଼ିଆ ଗାଁର ଚାଷୀମାନେ ବାଧହୋଇ ୧୦ କିଲୋ ବିହନ ପ୍ୟାକେଟ ପିଛା ୮୦୦ ଟଙ୍କା ଲେଖାଏଁ ଦେଇ ଭୂଲକ୍ଷ୍ମୀ କମ୍ପାନୀର କଳାଚମ୍ପା ଧାନ ବିହନ କିଣିଥିଲେ। ୧୫୦ ଦିନରେ ଧାନ ଅମଳ ହେବା ନେଇ କମ୍ପାନୀ ପକ୍ଷରୁ ପ୍ୟାକେଟ ଉପରେ ସ୍ପଷ୍ଟ ଲେଖାଥିଲା। ତେବେ ବିହନ ବୁଣିବାର ୯୦ ଦିନ ପରେ ମଧ ଅଳ୍ପ କିଛି କେଣ୍ଡାରେ ଧାନ ଫଳ ଆସିଛି। ନିମ୍ନମାନର ବିହନ ଚାଷୀଙ୍କ ବର୍ଷକର ଆହାର ଛଡ଼ାଇ ନେଇଥିବା ବେଳେ ଚାଷୀମାନେ ଏ ନେଇ ଚିନ୍ତାରେ ପଡ଼ିଛନ୍ତି। ଚାଷୀ ଅନେକ କଷ୍ଟରେ ଧାନ ତଳି ପକାଇ ରୁଆ, ବେଉଷଣ, ସାର, ଔଷଧ ପାଇଁ ଧାରକରଜ କରି ଚାଷ କରିଥିବା ବେଳେ କୃଷି ବିଭାଗର ଅବହେଳାରୁ ଏପରି ପରିସ୍ଥିତି ଉପୁଜିଥିବା ଅଭିଯୋଗ କରିଛନ୍ତି। ଗୁରୁବାର କଙ୍କଡାହାଡ଼ ବ୍ଲକ କୃଷି ଅଧିକାରିଣୀ ମଧୁସ୍ମିତା ଶତପଥୀ ଏ ସମ୍ପର୍କରେ ତଦନ୍ତ କରିବା ପାଇଁ ଗୋଲାଗାଡ଼ିଆ ଗାଁର ଚାଷଜମିକୁ ଯାଇଥିବା ବେଳେ ଚାଷୀଙ୍କ ଆକ୍ରୋସର ଶିକାର ହୋଇ ହଟହଟା ହୋଇ ଫେରିଛନ୍ତି। ଚାଷୀମାନଙ୍କ ପ୍ରଶ୍ନବାଣରେ ଏକପ୍ରକାର ଘାଇଲା ହୋଇଛନ୍ତି। ସରକାରୀ ବିହନ ନ ମିଳିବାରୁ ବାଧ ହୋଇ ଘରୋଇ କମ୍ପାନୀର ବିହନ କିଣିଛୁ ବୋଲି ଚାଷୀମାନେ କହିବାରୁ ଚିହିଁକି ଉଠିଥିଲେ ବ୍ଲକ କୃଷି ଅଧିକାରୀ। ସେ ଚାଷୀଙ୍କୁ ବୁଝାସୁଝା କରିବା ପରିବର୍ତ୍ତେ କାହିଁକି ଘରୋଇ କମ୍ପାନୀ ବିହନ କିଣିଲ, ଯେତେବେଳେ ତଳି ପକାଇଲ ବିଭାଗ କି ମୋତେ ଜଣାଇଥିଲ କି ବୋଲି ପ୍ରଶ୍ନ କରିବାରୁ ଚାଷୀ ତାତି ଯାଇଥିଲେ। ଯେତେବେଳେ ଧାନ ବିହନ ଭୂଲକ୍ଷ୍ମୀ କମ୍ପାନୀରୁ କିଣିଥିଲୁ ସେହି ଫଟୋ ପଞ୍ଚାୟତ କୃଷି ଅଧିକାରୀଙ୍କୁ ଦେଇଥିଲୁ। ହେଲେ ପଞ୍ଚାୟତ ଅଧିକାରୀ ସେତେବେଳେ କାହିଁକି ନିରବ ରହିଲେ ବୋଲି ଚାଷୀ ଓଲଟା ପ୍ରଶ୍ନ କରିଥିଲେ। କୃଷି ବିଭାଗ ଅବହେଳାରୁ ସେମାନେ ନିରାଶ ହୋଇଥିବା କହିବାରୁ କୃଷି ଅଧିକାରିଣୀ ଜାଗା ଛାଡ଼ି ପଳାଇଥିଲେ। ଜିଲ୍ଲାପାଳ ଓ ଜିଲ୍ଲା କୃଷି ଅଧିକାରୀ ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ନ ଦେଲେ ଚାଷୀ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି।

## ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ଅନ୍ନପ୍ରସାଦ ଲାଗି



**ଢେଙ୍କାନାଳ, ୯ ।୧୦(ସମିସ):** ରତ୍ନବଜାର ଗଜଲକ୍ଷ୍ମୀ ପୂଜା ଚଳିତବର୍ଷ ୬୦ ବର୍ଷରେ ପଦାର୍ପଣ କରିଛି। ପୂଜାର ଚତୁର୍ଥ ଦିବସରେ ମା'ଙ୍କ ପାଖରେ ଶଙ୍ଖୁଡ଼ି ଭୋଗ ଲାଗି ହୋଇଛି। ସକାଳୁ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ୧୦୮ ବେଲପତ୍ର ଓ ପଦ୍ମଫୁଲ ଲାଗି ହୋଇଥିଲା। ଶ୍ରୀ ସୂତରେ ଆହୁତି କରାଯାଇଥିଲା। ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ଅନ୍ନ, ଡାଲମା, ଶାଗ, ଓଉଖଟା, ଖିରି ଓ କାକରା ପିଠା ପ୍ରଦାନ କରାଯାଇଥିଲା। ସଭାପତି ସୁନୀଲ ଶର୍ମା, ପୂର୍ବତନ ସଭାପତି କୃଷ୍ଣପ୍ରସାଦ ମହାନ୍ତି, ସମ୍ପାଦକ ମନୋଜ ଅଗ୍ରୱାଲ ଏବଂ ରତ୍ନବଜାର ପୂଜା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପ୍ରସାଦସେବନ କାର୍ଯ୍ୟକ୍ରମ ହୋଇଥିଲା।

ସେହିପରି କାରିଗର ସାହି ଗଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ପୂଜାର ଚତୁର୍ଥ ଦିବସ ଗୁରୁବାର ମା'ଙ୍କ ପାଖରେ ଶଙ୍ଖୁଡ଼ି ଭୋଗ ଲାଗି ହୋଇଛି। ଦିନତମାମ ସମସ୍ତ ନୀତିକାନ୍ତି ସହ ସନ୍ଧ୍ୟାରେ ୧୦୮ ଆଳତି, ରସଗୋଲା, ଦହିପଖାଳ ଲାଗି



ହୋଇଥିଲା। ଅଭିନନ୍ଦନ ଗାର୍ଡେନରେ ୨ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ଅନ୍ନ, ଡାଲି, ମିକ୍ସ ତରକାରୀ, ଶାଗ, ଅମ୍ବୁଲଖଟା, ଖିରି ପ୍ରଦାନ କରାଯାଇଥିଲା। ସଭାପତି ମୁରଲୀଧର ବେହେରା, ସମ୍ପାଦକ ବିଚିତ୍ରାନନ୍ଦ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା।

## ଜିଲ୍ଲାସ୍ତରୀୟ ପୋଷଣ ମାସ ପାଳିତ



**ଢେଙ୍କାନାଳ, ୯ ।୧୦(ସମିସ):** ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଗତ ସେପ୍ଟେମ୍ବର ୧୭ ତାରିଖରୁ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ଆଇଏଏସ ପ୍ରୋବେସନର ଭଗତ ସାମଲ କଲ୍ୟାଣ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମା'ମାନେ ସୁସ୍ଥ ଜୀବନଯାପନ କଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ମହିଳାମାନେ ନିୟମିତ ବ୍ୟାୟାମ, ସାକାରାତ୍ମକ ଆଚରଣ, ୮ ଘଣ୍ଟା ବିଶ୍ରାମ ଓ ପୁଷ୍ଟିକର ଖାଦ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସବିତା ଦାଶ ସ୍ୱାଗତ ଭାଷଣ ଦେଇ ପୋଷଣ ମାସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ନୀଳମଣି ଦିଲୀପ ଚାନ୍ଦ ବେହେରା, ଏନଏଚଏମ ଡିଏମ ଦୀପ୍ତିମୟୀ ପ୍ରଧାନ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ କିପରି ଯତ୍ନବାନ ହେବେ ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଶିଶୁମାନଙ୍କୁ ସ୍ତନ୍ୟପାନ କରାଇବା ସହ ଚିନି, ଲୁଣ, ତେଲ ବ୍ୟବହାର କମ କରିବାକୁ ପରାମର୍ଶ ଦେଇଥିଲେ। ଡିପିସି ମମତା ଟୁନା ନାୟକ ଏବଂ ଡିସି ପୋଷଣ ଅଭିମନ୍ୟୁ ପ୍ରଧାନ ସହଯୋଗ କରିଥିଲେ। ସତ୍ୟନାରାୟଣ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରୋଗ୍ରାମ ଅଫିସର ପଙ୍କଜିନୀ କର ଧନ୍ୟବାଦ ଅର୍ପଣ କରିଥିଲେ।

● ଗଣେଶ ବଜାର ପୂଜା ମଣ୍ଡପ

## ମା'ଲକ୍ଷ୍ମୀ ପିନ୍ଧିଛନ୍ତି ଦେଢ଼ କୋଟିର ସ୍ୱର୍ଣ୍ଣ ମୁକୁଟ



**ଢେଙ୍କାନାଳ, ୯ ।୧୦(ସମିସ):** ମା' ଲକ୍ଷ୍ମୀଙ୍କ ପ୍ରିୟ ଗୁରୁବାର ପୂର୍ବାହ୍ନ ସାଢ଼େ ୯ଟାରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଗଣେଶ ବଜାର ପୂଜା ମଣ୍ଡପରେ ମା'ଙ୍କ ଦର୍ଶନ କରିବା ସହ ସେଠାରେ ପରିବେଷିତ କଟକ ନିମସାହିର ମା' ବିରଜା ତେଲିଙ୍ଗି ବାଦ୍ୟର ମାଷ୍ଟର ବାବୁଲି ନାୟକଙ୍କ ନେତୃତ୍ୱରେ ଅନ୍ୟ ତିନି କଳାକାରଙ୍କ ତେଲିଙ୍ଗି ବାଦ୍ୟ ଶୁଣି ବେଶ୍ ଆନନ୍ଦ ପ୍ରକାଶ କରିଥିଲେ। ସାଂସଦ ପାଣିଙ୍କ ସହ ଢେଙ୍କାନାଳ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ସଭ୍ୟ ପ୍ରଦୀପ କୁମାର ଧଳ, ଇଂ କିଶୋର ମିଶ୍ର, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର, ପୌରାଞ୍ଚଳ ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀ, ରମେଶ ସାମଲ, ନିରଞ୍ଜନ ଦାସ ଓ ଜିତେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ ବଜାର ପୂଜା କମିଟି ଉପଦେଷ୍ଟା ବିଶ୍ୱନାଥ ବେହେରା ଓ ବସନ୍ତ କୁମାର ସାହୁ, ଅଧ୍ୟକ୍ଷ ଶେକ୍ ହୁସେନ୍, ସମ୍ପାଦକ ମହମ୍ମଦ ରଫିକ ଓ ଶରତ କୁମାର ସାହୁ ପ୍ରମୁଖ ସମସ୍ତଙ୍କୁ ପୂଜା ମଣ୍ଡପକୁ ପାଛୋଟି ନେଇଥିଲେ। ଗଣେଶ ବଜାରର ଭବ୍ୟ ଚାନ୍ଦିମେଢ଼ ସହ ମା'ଙ୍କ ମସ୍ତକରେ ୧ କିଲୋ ୨୦୦ ଗ୍ରାମ ଓଜନର ସ୍ୱର୍ଣ୍ଣ ମୁକୁଟ ଶୋଭାପାଉଛି। ଏହାର ବର୍ତ୍ତମାନ ବଜାର ମୂଲ୍ୟ ଦେଢ଼କୋଟି ଟଙ୍କା ହେବ ବୋଲି ପୂଜା କମିଟି କର୍ମକର୍ତ୍ତାମାନେ ସାଂସଦଙ୍କୁ ଅବଗତ କରିଥିଲେ।

## ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ସାଂସଦ

**ଢେଙ୍କାନାଳ, ୯ ।୧୦(ସମିସ):** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଓ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ବିଜେପି ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା, ସମାଜସେବୀ ଓ ବୁଦ୍ଧିଜୀବୀଙ୍କ ସହ ସ୍ଥାନୀୟ ଗୋପବନ୍ଧୁ ଟାଉନହଲରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ଅବସରରେ ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି



ରାମଚନ୍ଦ୍ର ପାତ୍ର, ଜିଲ୍ଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ଜିଲ୍ଲା ଉପସଭାପତି ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ନଗର ମଣ୍ଡଳ ସଭାପତି ବିକାଶ କୁମାର ସାହୁ, ପୂର୍ବତନ ସଭାପତି ଧୃବଚରଣ ସ୍ୱାଇଁ, କାଉନସିଲର ନିରୋଦ କୁମାର ସାହୁ, ଜିଲ୍ଲା ଅନୁସୂଚିତ ଜାତି ସଭାପତି ଲକ୍ଷ୍ମୀଧର ଦଳେଇ, ସାଂସଦଙ୍କ ପ୍ରତିନିଧି ତଥା ମିଳିତ ବଜାର ପୂଜା କମିଟି ସଭାପତି ରୁଦ୍ରନାରାୟଣ ତ୍ରିପାଠୀ, ବରିଷ୍ଠ ବିଜେପି ନେତା ପଦ୍ମଭୂଷଣ ସାହୁ, ରମେଶ ଚନ୍ଦ୍ର ସାମଲ, କୃଷ୍ଣଚନ୍ଦ୍ର ସାହୁ, ନିରଞ୍ଜନ ଦାସ, ସତ୍ୟରଞ୍ଜନ ଭୂୟାଁ, ପୂର୍ଣ୍ଣଚନ୍ଦ୍ର ହୋତା, ଅଭୟ ଲେଙ୍କା, ରାଜେନ୍ଦ୍ର ବେହେରା, ରବିନାରାୟଣ ମିଶ୍ର, ମାନସ ପ୍ରଧାନ, ସୃଜନ କୁମାର ନାୟକ, ରମଣି ରଞ୍ଜନ ଦାସ, ସମାଜସେବୀ ପ୍ରଦ୍ୟୁମ୍ନ ରଥ, ଦେବବ୍ରତ ତ୍ରିପାଠୀ, ବିଭୂତି ନନ୍ଦଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଭଲିବଲ୍ ପ୍ରତିଯୋଗିତା




**ହିନ୍ଦୋଳ, ୯ ।୧୦(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବିଧାନସଭା କ୍ଷେତ୍ର ପାରିକୁଳ ମଣ୍ଡଳ ପାଇକ ପୁରୁଣାକୋଟସ୍ଥିତ ପାରିକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ବୁଧବାର ଦିନିକିଆ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ ପ୍ରତିଯୋଗିତାର ଅନୁଷ୍ଠିତ ହୋଇଛି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀଙ୍କୁ ପୁଷ୍ପଗୁଚ୍ଛ ସହ କପ୍ ପ୍ରଦାନ କରି ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ସାଂସଦଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବରୁଣ ସର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ୮ ବ୍ଲକରୁ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବର୍ଗରେ ଉଭୟ ଛାତ୍ର ଓ ଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ହିନ୍ଦୋଳ ବ୍ଲକର ପ୍ରତିଯୋଗୀମାନେ ସୁନ୍ଦର ଖେଳ ପ୍ରଦର୍ଶନ କରି ସମସ୍ତଙ୍କ ମନ ଜିଣିଥିଲେ। ସମସ୍ତ ଚାମ୍ପିଅନ ଦଳ ରାଜ୍ୟସ୍ତରୀୟ ପ୍ରତିଯୋତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ଗୋପବନ୍ଧୁ ପ୍ରଭାତ ଶାଖାର ବାର୍ଷିକ ଉତ୍ସବ

**ଢେଙ୍କାନାଳ, ୯ ।୧୦(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଢେଙ୍କାନାଳ ନଗର ଗୋପବନ୍ଧୁ ପ୍ରଭାତ ଶାଖାର



ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଛି। ଢେଙ୍କାନାଳ ବିଭାଗ ସହ ସଂଘ ଚାଳକ ହୃଦାନନ୍ଦ ଶତପଥୀ ମୁଖ୍ୟଅତିଥି ଓ ଶାଖାର ବରିଷ୍ଠ ସ୍ୱୟଂସେବକ ପ୍ରମୋଦ କୁମାର ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାନ ସମଜସେବୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ସେବା କରିବାକୁ ସ୍ୱୟଂସେବକମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଂଘ ଚାଳକ ଅଶୋକ କୁମାର ଭଞ୍ଜ, ନଗର ସଂଘ ଚାଳକ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଶାଖାର ବରିଷ୍ଠ ସ୍ୱୟଂସେବକ ତଥା ସାଂସଦ ରୁଦ୍ରନାରାୟଣ ପାଣି, ଜିଲ୍ଲା ସମ୍ପର୍କ ପ୍ରମୁଖ ନିରାକାର ସାମନ୍ତରାୟ, ଶାଖା କାର୍ଯ୍ୟବାହ ରଞ୍ଜନ କୁମାର ଖୁଣ୍ଟିଆ, ମୁଖ୍ୟ ଶିକ୍ଷକ ନବକିଶୋର ଗୁରୁଙ୍କ ସମେତ ଶାଖା ଓ ନଗରର ବହୁ ସ୍ୱୟଂସେବକ ଅଂଶଗ୍ରହଣ କରିଥିଲେ।

## ଅନ୍ତର୍ଜାତୀୟ ଜରା ଦିବସ ଓ ଜିଲ୍ଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ ପାଳିତ



**ଗଁଦିଆ, ୯ ।୧୦(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତ ଅଁଳାପାଳ ଐରା ଅନୁଷ୍ଠାନ ଦ୍ୱାରା ପରିଚାଳିତ ଚକ୍ରଧାରୀ ବରିଷ୍ଠ ନାଗରିକ ଗୃହ ପରିସରରେ ଅନ୍ତର୍ଜାତୀୟ ଜରା ଦିବସ ଓ ଜିଲ୍ଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଚଳଣି, ରହଣି ଓ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରିଥିଲେ।

ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତପନ କୁମାର ମହାନ୍ତି, ଜିଲ୍ଲା ଯୋଜନା ପରିଚାଳକ ସସ୍ମିତା ସାହୁ, ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଭାରତୀ ପଣ୍ଡା, ଅଣ ସଂକ୍ରାମକ ରୋଗ ନିଦାନ ପରିଚାଳକ ପ୍ରଜ୍ଞାପରମିତା ମହାନ୍ତି, ଜିରାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର କୃଷ୍ଣବଲ୍ଲଭ ଶତପଥୀ, ମଠକରଗୋଳା ଆୟୁଷ ଡାକ୍ତର ପରମାର୍ଥ ପାଣିଗ୍ରାହୀ, ସୁପରଭାଇଜର ମାନସ ମିଶ୍ର ଓ ଏଏନଏମ ଜ୍ୟୋସ୍ନାରାଣୀ ସାହୁ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଔଷଧ ପ୍ରଦାନ କରିଥିଲେ।

ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଦ୍ୱାରା ସମସ୍ତ ୨୫ ଅନ୍ତେବାସୀଙ୍କୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କରାଯାଉଥିଲା। ଐରା ଦ୍ୱାରା ପରିଚାଳିତ ଚକ୍ରଧାରୀ ବରିଷ୍ଠ ଗୃହର ପରିଚାଳକ ତାରା ସ୍ୱାଇଁ, ଦେବାଶିଷ ଦାସ, ସଞ୍ଜୟ ଦାସ, ମନୋଜ ଦାସ, ପ୍ରତାପ ପଣ୍ଡା, ସୁଶାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାଜସେବୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

**କାମାକ୍ଷାନଗର, ୯ ।୧୦(ସମିସ):** ଚଳିତ ବର୍ଷ କାମାକ୍ଷାନଗର ବ୍ଲକର ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ଆଲୋଚନାଚକ୍ର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ସମସ୍ତ ୩୧ ଉଚ୍ଚ ବିଦ୍ୟାଳୟରୁ ୩୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା- କ୍ୱାଣ୍ଟମ ଯୁଗର ଆରମ୍ଭ:-ସମ୍ଭାବନା ଓ ଆହ୍ୱାନ। ମୁଖ୍ୟଅତିଥି ଭାବେ




କାମାକ୍ଷାନଗର ବିଇଓ ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ବେହେରା, କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରଥ କୁମାର ଚିନାରା, ଏବିଇଓ କୃଷ୍ଣଚନ୍ଦ୍ର ଭୋଇ, କାମାକ୍ଷାନଗର ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ବିଶ୍ୱନାଥ ଦାସ, ପ୍ରଭଞ୍ଜନ ସ୍ୱାଇଁ ଯୋଗଦେଇଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ମଲ୍ଲିକ ଏବଂ ଭୂଷଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଶତପଥୀ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ତପନ କୁମାର ଶତପଥୀ, ଦୁର୍ଗା ପ୍ରସାଦ ତ୍ରିପାଠୀ, ଅଶେଷ କୁମାର ମାର୍ଥା, ଶିକ୍ଷୟିତ୍ରୀ ଭାରତୀ ପରିଡ଼ା ସ୍ମିତାଞ୍ଜଳି ସାମଲ, ବିଷୟାବତି ମହାନ୍ତି, କୈକେୟୀ ଦେହୁରୀ, ପୁଷ୍ପଲଳିତା କୁଜୁର, ସରୋଜିନୀ ସ୍ୱାଇଁ, ଶିକ୍ଷା କର୍ମଚାରୀ ଈଶ୍ୱରଚନ୍ଦ୍ର ତ୍ରିପାଠୀ ସହଯୋଗ କରିଥିଲେ। ଏଥିରେ କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ସ୍ନେହାଶିଷ ଦାସ ପ୍ରଥମ, ଜେକେଏସ ୟୁନାଇଟେଡ୍ ଉଚ୍ଚ ବିଦ୍ୟାଳୟର କୋଟ ଗୋରା ଦ୍ୱିତୀୟ ଓ ବାଇସିଂଘା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ମନୀଷା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଏହି ଛାତ୍ରଛାତ୍ରୀମାନେ ଜିଲ୍ଲା ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣକୁ ମନୋନୀତ ହୋଇଛନ୍ତି।

## ହିନ୍ଦୋଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଖଜୁରିଆକଟା, ୯ ।୧୦(ସମିସ)




ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ସହ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସିରେ ଗୁରୁବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରା ଆସନ୍ତା ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ପଦଯାତ୍ରା ହୋଇଥିଲା। ସକାଳ ୯ଟାରେ ହିନ୍ଦୋଳ ଏନଏସିସ୍ଥିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ସାଂସଦ ସାହୁ ଓ ଦଳୀୟ କର୍ମୀ ତଥା କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। ପରେ ହିନ୍ଦୋଳର ବରପୁତ୍ର ପୂର୍ବତନ ବିଧାୟକ ସ୍ୱର୍ଗତ ତ୍ରିନାଥ ନାଏକ, ମହାତ୍ମା ଗାନ୍ଧୀ ସମେତ ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପଦଯାତ୍ରା ହୋଇଥିଲା। ଏଥିରେ ହିନ୍ଦୋଳ ଏନଏସି ଉପାଧ୍ୟକ୍ଷା ପ୍ରତିମା ରାଉତ, ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ବରିଷ୍ଠ ନେତା ଚକ୍ରଧର ଦାସ, ଆଇଟି ସେଲ ସଂଯୋଜକ ଶ୍ରୀକାନ୍ତ ମହାପାତ୍ର, କାଉନସିଲର ଅନୁପମା ସାହୁ, ସୁମତି ଦେହୁରୀ, ରୀନା ବେହେରା, ରମେଶ ସାହୁ, ବିଜୟ ବେହେରା, କୈଳାସ ବେହେରା, ଶମ୍ଭୁନାଥ ନାଏକ, ରିପୁନ ସାହୁ, ଦେବାର୍ଚ୍ଚନ ଦେହୁରୀ, କୁନା ପ୍ରଧାନ ପ୍ରମୁଖଙ୍କ ସହ ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ।

ଏହି ଅବସରରେ ପୂର୍ବତନ ସାଂସଦ ସାହୁ ବିଭିନ୍ନ କ୍ଷେତ୍ରରେ ବିଜେପି ସରକାରର ବିଫଳତା, ହିନ୍ଦୋଳ ଉପଖଣ୍ଡ ପ୍ରତି ବୈମାତୃକ ମନୋଭାବ ସହ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ଅପାରଗତାକୁ ନେଇ ତୀବ୍ର ସମାଲୋଚନା କରିଥିଲେ। ହିନ୍ଦୋଳବାସୀ ଜାଗ୍ରତ ହେବାର ସମୟ ଆସିଛି ବୋଲି କହିଥିଲେ। ହିନ୍ଦୋଳ ଡାକ୍ତରଖାନରେ ଡାକ୍ତର ଅଭାବ, କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନରେ ଚଞ୍ଚକତା ସହ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ନେଇ ବର୍ଷିଥିଲେ।

ଐତିହାସିକ ରୂପଯାତ୍ରା

# ପାରମ୍ପରିକ ବାଦ୍ୟ ଯନ୍ତ୍ରରେ ଦୁଲୁକୁଛି ଚୌଦ୍ୱାର







ଚୌଦ୍ୱାର, ୯।୧୦(ସମିସ): ପୁରାତନ ଶିଳ୍ପ ନଗରୀ ଚୌଦ୍ୱାର ନିଜର ଶିଳ୍ପ ମାନଚିତ୍ରରେ ସତ୍ତା ହରାଇଥିଲେ ମଧ୍ୟ କଳା ଆଉ ସଂସ୍କୃତି କ୍ଷେତ୍ରରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିପାରିଛି। ଶାରଦୀୟ ଉତ୍ସବରେ ମା' ଦୁର୍ଗାଙ୍କ ଆବାହନ ହୋଇଥିବାବେଳେ କୁମାର ପୂର୍ଣ୍ଣିମା ଅବସରରେ ମା' ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ତେବେ କୁମାରପୂର୍ଣ୍ଣିମାକୁ ନେଇ ଚୌଦ୍ୱାରରେ କୁମାରୋତ୍ସବ ଓ ରୂପଯାତ୍ରା ଏକ ଅନନ୍ୟ ପରମ୍ପରା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଶ ଯାକ ଯମକରେ ଆରମ୍ଭ ହୋଇଛି ରୂପଯାତ୍ରା। ଚୌଦ୍ୱାର ଅଞ୍ଚଳର ୪୫ଟି ମଣ୍ଡପରେ ବିଭିନ୍ନ ଦେବଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବାବେଳେ ଏବେ ମେଳଣ ପଡ଼ିଆରେ ମେଢ଼ଗୁଡ଼ିକୁ ଏକତ୍ରିତ କରାଯାଇଛି। ବିଭିନ୍ନ ମଣ୍ଡପରୁ ମେଢ଼ମାନଙ୍କୁ ସୁସଜ୍ଜିତ ଶୋଭାଯାତ୍ରାରେ ମେଳଣ ପଡ଼ିଆ ଅଭିମୁଖେ ଅଣାଯାଉଥିବାବେଳେ ପାରମ୍ପରିକ ବାଦ୍ୟରେ ସାରା ଚୌଦ୍ୱାର ଏବେ ଦୁଲୁକୁଛି। ରଙ୍ଗ ବେରଙ୍ଗର ଆଲୋକ ସ୍ଫୁଲିଙ୍ଗ ମଧ୍ୟରେ ବାଜାର ତାଳେ ତାଳେ ଆବାଳବୃଦ୍ଧ ବନିତାଙ୍କ ନାଚଗୀତ ମଧ୍ୟରେ ମେଢ଼ଗୁଡ଼ିକ ଧିରେ ଧିରେ ପଡ଼ିଆ ଆଡ଼କୁ ଅଗ୍ରସର ହେଉଛନ୍ତି। ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଡିଜେ ଉପରେ କଟକଣା ଲାଗୁ ହେବା ଯୋଗୁଁ ସମସ୍ତ ମଣ୍ଡପ ପକ୍ଷରୁ ପାରମ୍ପରିକ ବ୍ରାସବ୍ୟାଣ୍ଡ, ଘଣ୍ଟ ବାଦ୍ୟ, ସିଙ୍ଗ ବାଦ୍ୟ, ଦୁଲଦୁଲି ଆଦି ବଜାଇ ଶାନ୍ତିଶୃଙ୍ଖଳାର ସହ ଶୋଭାଯାତ୍ରା ଚାଲିଥିବା ଦେଖିବାକୁ ମିଳିଛି। ପ୍ରଶାସନିକ ନୀତି ନିୟମ ଅନୁଯାୟୀ ରାତ୍ର ୧୨ଘଟିକା ସମୟ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ଚାଲିଥିଲା। ମଣ୍ଡପ ମାନଙ୍କରୁ ମୃଣ୍ମୟୀ ମୂର୍ତ୍ତି ବାହାରିବା ବେଳେ ଶହ ଶହ ଶ୍ରଦ୍ଧାଳୁ ରାସ୍ତାରେ ନୂଆ ଲୁଗା (ପାହାଡ଼ା) ପକାଇ ଦେବୀଙ୍କୁ ବନ୍ଦାପନା କରିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।

### ମେଳଣ ପଡ଼ିଆରେ ଲୋକଙ୍କ ଭିଡ଼

ରୂପଯାତ୍ରା ପାଇଁ ଚୌଦ୍ୱାର ମେଳଣ ପଡ଼ିଆ ଏବେ ଜନସାଧାରଙ୍କୁ ଆକର୍ଷିତ କରୁଛି। ଦୂରଦୁରାନ୍ତରୁ ଶହ ଶହ ଲୋକ ଏବେ ରୂପଯାତ୍ରା ପଡ଼ିଆ ମୁହାଁ ହୋଇଥିବା ଦେଖିବାକୁ ମିଳିଛି। ସଂଧ୍ୟାରେ ବିଭିନ୍ନ ଦେଶୀ ଓ ବିଦେଶୀ ଆଲୋକମାଳାରେ ପଡ଼ିଆରେ ରଙ୍ଗୀନ ପରିବେଶ ସୃଷ୍ଟି ହୋଇଥିଲା। ଲୋକେ ବିଭିନ୍ନ ମନ ମୁତାବକ ସାମଗ୍ରୀ କିଣିବା ସହ ବିଭିନ୍ନ ଖାଦ୍ୟର ମଜା ଉଠାଇଥିଲେ। ଚାଟ, ଗୁପୁଚୁପ, ଆଇସକ୍ରିମ, ମଥୁରା କେକ, ଲଙ୍କାଚପ ଆଦି ଖାଇ ଯାତ୍ରା ବୁଲିବାର ମଜା ନିଆରା ରହିଛି। ଅନ୍ୟପକ୍ଷରେ ମେଳଣ ପଡ଼ିଆରେ ଭିଡ ନିୟନ୍ତ୍ରଣ ଓ ଚୋରି ଛିନତାଇ ଆଦି ରୋକିବା ନିମନ୍ତେ କମିଶନରେଟ ପୁଲିସ ବେଶ ତତ୍ପର ହୋଇଛି।

## ମେଳଣ ପଡ଼ିଆ ଓ ଅସ୍ଥାୟୀ ଜଳାଶୟ ପରିଦର୍ଶନ କଲେ ନିର୍ବାହୀ ଅଧିକାରୀ



ଐତିହାସିକ ରୂପଯାତ୍ରାକୁ କିଭଳି ସରସ ସୁନ୍ଦର କରାଯାଇ ପାରିବ ସେ ନେଇ ଚୌଦ୍ୱାର ପୌରପାଳିକା ବେଶ ତତ୍ପର ହୋଇ ଉଠିଛି। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର ନିଜେ କିଛି ଅଧିକାରୀଙ୍କୁ ଧରି ପଡ଼ିଆ ଯାଞ୍ଚ କରିବା ସହ ପଲିଥିନ ବର୍ଜନ ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହ ଦେବଦେବୀଙ୍କ ମୃଣ୍ମୟୀ ମୂର୍ତ୍ତିମାନଙ୍କୁ ବିସର୍ଜନ ହେବା ପାଇଁ ନିର୍ମାଣ ହୋଇଥିବା ଅସ୍ଥାୟୀ ଜଳାଶୟକୁ ମଧ୍ୟ ପରିଦର୍ଶନ କରିଛନ୍ତି। ମେଢ଼ଗୁଡ଼ିକୁ ବିସର୍ଜନ କରାଯିବା ବେଳେ ଯେଭଳି କୌଣସି ଅଘଟଣ ନ ଘଟିବ ସେଥିପାଇଁ ଗୁରୁତ୍ୱ ଦେବାକୁ ସେଠାରେ ନିୟୋଜିତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ମେଢ଼ମାନଙ୍କୁ ବିସର୍ଜନ କରାଯିବା ପରେ ରହିଥିବା ଅବଶେଷକୁ ତୁରନ୍ତ ହଟାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ସମ୍ବର୍ଦ୍ଧିତ କରୁଛନ୍ତି ରାଜନେତା



ଐତିହାସିକ ରୂପଯାତ୍ରାରେ ରାଜନୈତିକ ବ୍ୟକ୍ତିବିଶେଷ ବିଭିନ୍ନ ବର୍ଗର ଲୋକଙ୍କୁ ସମ୍ବର୍ଦ୍ଧିତ କରୁଥିବାର ଦୃଶ୍ୟ ବେଶ ନିଆରା ଥିଲା। ଏହି ଯାତ୍ରାରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପୂଜା ମଣ୍ଡପର କର୍ମକର୍ତ୍ତା ତଥା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଏହି ରାଜନେତାମାନେ ପ୍ରସ୍ତୁତ ମଞ୍ଚକୁ ଡାକି ଫୁଲତୋଡ଼ା ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ମେଳଣ ପଡ଼ିଆର ଗୋଟିଏ ପାଶ୍ୱର୍ରେ ବିଜେଡ଼ି ବରିଷ୍ଠ ନେତା ତଥା ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ବିଭିନ୍ନ ବର୍ଗର ଲୋକଙ୍କୁ ସମ୍ବର୍ଦ୍ଧିତ କରୁଥିବା ଦେଖିବାକୁ ମିଳିଥିଲା। ସେହିଭଳି ଅପର ପାଶ୍ୱର୍ରେ ବିଜେପି ଓବିସି ମୋର୍ଚ୍ଚାର ଜ୍ଞାନେନ୍ଦ୍ର ସ୍ୱାଇଁ ମଧ୍ୟ ଅନୁରୂପ ଭାବେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଗଜଲକ୍ଷ୍ମୀ ଭସାଣ ପାଇଁ ଶବରପଲ୍ଲୀ ଉତ୍ସବମୁଖର



ଟାଙ୍ଗୀ, ୯ ।୧୦(ସମିସ): ପବିତ୍ର କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଅଞ୍ଚଳରେ ଭାବଭକ୍ତିର ସହ ପାଳିତ ହୋଇଥିବାବେଳେ ଉଛପଦା ପଞ୍ଚାୟତ ଅନ୍ତର୍ଗତ କାଳିଆପଲ୍ଲୀ ଶବରପଲ୍ଲୀରେ ଆୟୋଜିତ ପୂଜା ଓ ଭସାଣୀ ଚର୍ଚ୍ଚାକୁ ଆସିଛି। ଶିକ୍ଷାବିତ ତଥା ମୁରବୀ ପ୍ରଦୀପ୍ତ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ତ୍ରୟଦିବସୀୟ କାର୍ଯ୍ୟକ୍ରମକୁ ପୂଜକ କାର୍ତ୍ତିକ ପଣ୍ଡା ଓ ଅବଧାନ ନିର୍ମଳ ନାୟକ ପରିଚାଳନା କରିଥିଲେ। ମହେଶ୍ୱର ପ୍ରଧାନ, ମଦନ ଦେହୁରୀ, ପଦନ ଦେହୁରୀ, ନଟବର ଦେହୁରୀ, ଅଲେଖ ସାମଲ, କୁଳମଣି ଦେହୁରୀ, ରମେଶ ସାମଲ, ରବି ଦେହୁରୀ, ଜୟନ୍ତ ବେହେରା, ଜଳଧର ଦେହୁରୀ, ପରମାନନ୍ଦ ଦେହୁରୀ ଓ ଅଶୋକ ବେହେରା ପ୍ରମୁଖ ଉକ୍ତ ମାଙ୍ଗଳିକ କାର୍ଯ୍ୟରେ ସହଯୋଗ କରିଥିବାବେଳେ ବସ୍ତିର ସମସ୍ତ ମହିଳା ସାମିଲ ହୋଇଥିଲେ।

## ସଇନ୍ଧାରେ ଗଜଲକ୍ଷ୍ମୀ ପୂଜା

ଫୁଲନଖରା, ୯।୧୦(ସମିସ): ସଇନ୍ଧା-ନଛିପୁର ଗ୍ରାମରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ଅବସରରେ ୧୧ଟି ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି। ଏହି ଅବସରରେ ସବୁ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ସହ ପ୍ରତ୍ୟେହ ଜନସମାଗମ ଦେଖିବାକୁ ମିଳୁଛି। ଡ଼ିଅ-ନଛିପୁର ଗ୍ରାମର ମା' ଜାଗୁଲାଇ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏକ ପୂଜ୍ୟପୂଜା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ କଟକ ସଦର ପ୍ରେସ୍ କ୍ଲବର ସଭାପତି ସୁରେନ୍ଦ୍ର ମହାପାତ୍ର, ସଂପାଦକ ପ୍ରତାପ ଚନ୍ଦ୍ର ପାତ୍ରଙ୍କ ସମେତ ସମସ୍ତ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହେନ୍ଦ୍ର ବେହେରା, କାଳିଚରଣ ବେହେରା, ଦୁର୍ଗାଶଙ୍କର ବେହେରା, ସ୍ୱାଧୀନ ସାହୁଙ୍କ ସମେତ ଡିହ ନଛିପୁର ଗ୍ରାମର ସମସ୍ତ ମୁରବୀମାନେ ଓ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ମା'ଙ୍କ ପ୍ରସାଦ ବଣ୍ଟନ କରାଯାଇଥିଲା।



# କଟକ ସଦରରେ ବିଜେଡିର ଜନସଂପର୍କ ପଦଯାତ୍ରା

### ବିଜେଡି ଯୋଜନାକୁ କାର୍ଯ୍ୟକାରୀ କରି ବାହାବା ନେଉଛନ୍ତି ସରକାର: ଚନ୍ଦ୍ରସାରଥୀ



ଫୁଲନଖରା, ୯।୧୦(ସମିସ): କଟକ ସଦର ନିର୍ବାଚନ ମଣ୍ଡଳୀର ୪୨ମୌଜା ବେଣ୍ଟକାର ଠାରୁ କଳପଡାଯାଏ କଟକ ସଦର ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଏକ ବିଶାଳ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସବୁକ୍ଷେତ୍ରରେ ଚଳିତ ସରକାରର ବିଫଳତାକୁ ଘରେ ଘରେ ପହଞ୍ଚାଇବାକୁ ବିଜେଡି ପକ୍ଷରୁ ଅକ୍ଟୋବର ୯ ତାରିଖରୁ ଆରମ୍ଭ ହୋଇଛି ଏହି ପଦଯାତ୍ରା। ବିଜେପିର ନିର୍ବାଚନ ପ୍ରତିଶ୍ରୁତି ଆଜି ଫେଲ୍ ମାରିଛି। ମହିଳାଙ୍କୁ ପ୍ରତାରଣା ଓ ନିର୍ଯାତନା ସାଙ୍ଗକୁ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ଗର୍ଜିଲେ ବିଜେଡି କର୍ମୀ। ବିଜେଡି ସରକାର ସମୟରେ ଅସଂପୂର୍ଣ୍ଣ ଯୋଜନାଗୁଡିକୁ ସଂପୂର୍ଣ୍ଣ କରିବା ସହ ସେଥିରେ ରଙ୍ଗବୋଳି ବାଃ ବାଃ ସାଉଁଟିବାରେ ଲାଗିଛି ବୋଲି ଶ୍ରୀ ବେହେରା କହିଥିଲେ। କଟକ ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ରାଜକୁମାରୀ ସ୍ୱାଇଁ, ସୁଶାନ୍ତ ମହାନ୍ତି, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ନିଶ୍ଚିନ୍ତକୋଇଲି ବିଜେଡି ସଭାପତି ପ୍ରମୋଦ ନାୟକ, ୫୮ନଂ ୱାର୍ଡ ବିଜେଡି ସଭାପତି ବିକ୍ରମ ଶତପଥୀ, ୫୯ନଂ ୱାର୍ଡ ବିଜେଡି ସଭାପତି ଜ୍ଞାନରଂଜନ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଆଶାଲତା ବେହେରା, ନଗର ସଭାପତି ସ୍ମୃତିରାଣୀ ନାୟକ, ଜଗନ୍ନାଥ ବେହେରା, ଜୀବନ ସାମନ୍ତରାୟ, ସମୀର ବେହେରା, ଗୋବିନ୍ଦ ରାଉତ, ଭିକାରୀ ପଣ୍ଡା, ଆମ୍ବ ସଭାପତି ରଜନୀ ସାହୁ, ଶରତ ରାୟ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମାର୍ଥା, ବିକାଶ ଭୋଇ, ସରପଞ୍ଚ ଅଭିଷେକ ବେହେରାଙ୍କ ସହ ପ୍ରମୁଖ କର୍ମକର୍ତ୍ତା ମାନେ ଯୋଗଦେଇ ବିଜେପି ସରକାରଙ୍କ ବିଫଳତାର ବାର୍ତ୍ତା ପ୍ରଚାର କରିଥିଲେ।

### ପଞ୍ଚାୟତ କାର୍ଯ୍ୟାଳୟରେ ଜଙ୍ଗଲୀ ମାଂସ ଭୋଜି ମାମଲା

# ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଆଠଗଡ, ୯।୧୦(ସମିସ): ଗତ ୭ ତାରିଖରେ ଆଠଗଡ଼ ବ୍ଲକ ମହାକାଳବସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଜଙ୍ଗଲୀ ଜନ୍ତୁଙ୍କ ମାଂସ ସହିତ ମଦର ଆସର ମାମଲାରେ ଆଜି ସ୍ୱେଚ୍ଛାସେବୀ ସଂଗଠନ ଜୀବନ ସଂଘର୍ଷ ପକ୍ଷରୁ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବର୍ତ୍ତମାନ ଆଠଗଡ଼ ବନବିଭାଗ ପକ୍ଷରୁ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳିତ ହେଉଥିବା ବେଳେ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେଉଥିବା ମହାକାଳବସ୍ତ ପଞ୍ଚାୟତ ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ଆଠଗଡ ସଦର ରେଞ୍ଜର ଅଧିକାରୀ ଏବଂ କର୍ମଚାରୀମାନେ ନିରୀହ ବନ୍ୟଜନ୍ତୁଙ୍କ ସୁରକ୍ଷା କରି ପାରୁ ନ ଥିବା ବେଳେ ସାପୁଆ ନଦୀ ସହିତ ଅନ୍ୟାନ୍ୟ ଜଳାଶୟ ଗୁଡିକରେ ପାଣି ପିଇବା ପାଇଁ ଆସୁଥିବା ବନ୍ୟଜନ୍ତୁଙ୍କୁ ଶିକାରୀମାନେ ଅବାଧରେ ଶିକାର କରି ବାହାରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏ ବାବଦରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ କରାଯାଇଛି। ମହାକାଳବସ୍ତ ପଞ୍ଚାୟତ ଘଟଣାରେ ବିଭାଗ ପକ୍ଷରୁ ପ୍ରକୃତ ଦୋଷୀକୁ ଗିରଫ କରା ନ ଗଲେ ସଂଗଠନ ପକ୍ଷରୁ ଆଠଗଡ଼ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହିତ ଘେରଉ କରାଯିବ ବୋଲି କୁହାଯାଇଛି।

**ବନଖଣ୍ଡ କାର୍ଯ୍ୟାଳୟ ଘେରଉ ଚେତାବନୀ**

### ପାଗଳା କୁକୁର ଆକ୍ରମଣ

## ୨୦ରୁ ଊର୍ଦ୍ଧ୍ୱ ଲୋକ ଓ ୩ ଗାଈ ଆହତ

ମାହାଙ୍ଗା, ୯।୧୦(ସମିସ): ମାହାଙ୍ଗା ବ୍ଲକ ନାହାଙ୍ଗ, ପୋଡ଼ାମରାଇ ଓ ହଳଦିଆ ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଲୋକ ଓ ୩ ଗାଈକୁ ଗୋଟିଏ ପାଗଳ କୁକୁର କାମୁଡି ଦେବାରୁ ସମସ୍ତେ ଆହତ ହୋଇଛନ୍ତି। ଆହତଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଗୁରୁତରଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାଗଳ କୁକୁରକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏଥିସହ ଚିକିତ୍ସିତ ପାଇଁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭିଡ଼ ସହ କୁକୁର କାମୁଡ଼ା ଟୀକା ନେବା ଲାଗି ଲମ୍ବା ଧାଡ଼ି ଲାଗିଥିଲା। ସମସ୍ତଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ ଦିଆଯାଇଥିଲା।

# ହତ୍ୟା ଅଭିଯୋଗରେ ମାଟି ତଳୁ ଶବ ଉଦ୍ଧାର



ନିଶ୍ଚିନ୍ତକୋଇଲି, ୯।୧୦(ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧୀନସ୍ଥ ସୁକରପଡା ପଞ୍ଚାୟତ ହଳଧରପୁର ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପତ୍ନୀଙ୍କ ଅଭିଯୋଗକ୍ରମେ ଦୀର୍ଘ ୨୦ ଦିନ ପରେ ପୁଲିସ ମାଟିତଳୁ ସ୍ୱାମୀର ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାରୁ ପ୍ରକାଶ, ହଳଧରପୁର ଗାଁର ସେକ୍ ମଇରୁଦ୍ଦିନ୍ ଗତ ସେପ୍ଟେମ୍ବର ୧୬ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ମର ଶରୀରକୁ ବାସଭବନକୁ ଅଣାଯାଇ ଇସଲାମ ଧର୍ମ ଅନୁଯାୟୀ କବରସ୍ଥାନରେ କବର ଦିଆଯାଇଥିଲା। ହେଲେ ଗତ ୭ ତାରିଖ ମୃତକଙ୍କ ପତ୍ନୀ ନନିଆ ବିବି ନିଜର ସାନ ପୁଅ କାଲିମୁଦ୍ଦିନ୍ ତାଙ୍କର ସ୍ୱାମୀକୁ ପିଟିପିଟି ମାରିଦେଇଥିଲା ବୋଲି ନିଶ୍ଚିନ୍ତକୋଇଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଏହାର ତଦନ୍ତ କରିବା ପରେ ଘଟଣାର ଖୋଲତାଡ କରିଥିଲା। ଗୁରୁବାର ପୁଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି କବରସ୍ଥାନରୁ ଶବକୁ ଖୋଳି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି। ଅଭିଯୋଗକାରୀଙ୍କ ସାନପୁଅ ତାଙ୍କ ମୃତକ ବାପାଙ୍କୁ ୫୦ ହଜାର ଟଙ୍କା ମାଗିଥିଲା। ବାପା ଟଙ୍କା ନ ଦେବାରୁ ପୁଅ କ୍ରୋଧାନ୍ୱିତ ହୋଇ ବାପାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ବାପା ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ବାପା ମରିବା ପରେ ପୁନର୍ବାର ସଂପୃକ୍ତ ପୁଅ ଟଙ୍କା ପାଇଁ ମାଆ ଉପରେ ଜୁଲମ କରିବାରୁ ମାଆ ଥାନାରେ ଏପରି ଅଭିଯୋଗ କରିଥିବା ଜଣାଯାଇଛି। ଘଟଣା ସଂକ୍ରାନ୍ତରେ ପୁଲିସ ସହିତ ଯୋଗାଯୋଗ ହୋଇପାରି ନାହିଁ।

### ପାଣି ସାହିତ୍ୟର ଦ୍ୱିତୀୟ ସନ୍ଧ୍ୟା

# ଗଣକବି ଥିଲେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ



ମାହାଙ୍ଗା, ୯।୧୦(ସମିସ): ବୈଷ୍ଣବ ପାଣିଙ୍କ ଅଧିକାଂଶ ନାଟକ ଅତ୍ୟନ୍ତ ମାର୍ମିକ ଓ ବୋଧଗମ୍ୟ। ସେଥିପାଇଁ ତାଙ୍କ ନାଟକ ଗୁଡିକ ସବୁ ବର୍ଗର ଦର୍ଶକମାନଙ୍କ ହୃଦୟକୁ ଛୁଇଁ ପାରିଛି। ସରଳ, ତରଳ, ସାବଲୀଳ ଶବ୍ଦ ସଂଯୋଜନା ତାଙ୍କ ନାଟକକୁ ଅଧିକ ଜନାଦୃତ କରିପାରିଛି। ଗଣକବିଙ୍କ କୃତୀ ଓ କୀର୍ତ୍ତିକୁ ନେଇ ଓଡ଼ିଆ ଜାତି ସବୁବେଳେ ଗର୍ବିତ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ହରିଭକ୍ତପୁର କୋଠିଛକ ଠାରେ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ କବିଙ୍କ ୧୪୩ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାହିତ୍ୟ ସଭାରେ ପ୍ରାଣୀ ସମ୍ପଦ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଷ୍ଣବ ପାଣିଙ୍କୁ ଜଣେ ଯୁଗ ପୁରୁଷ ଭାବେ ଅଭିହିତ କରିଥିଲେ। ତାଙ୍କ ନାଟକରେ ମାନବିକତାର ଜୟଗାନ ହିଁ ' ସବୁଠାରୁ ଉଲ୍ଲେଖନୀୟ ଦିଗ ବୋଲି ଶ୍ରୀ ମଲ୍ଲିକ କହିଥିଲେ। ଉତ୍ସବରେ ବିଶିଷ୍ଟ ଅତିଥିଭାବେ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ ପାଣି ସାହିତ୍ୟର ବୈଭବମୟ ଦିଗ ଉପରେ ଆଲୋଚନା କରିଥିଲେ। ସ୍ଥାନୀୟ ତହସିଲଦାର ଶୁଭାଶିଷ ପାଲଟା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣକବିଙ୍କ କାଳଜୟୀ ନାଟକ ସମାଜରେ ବଡ଼ ପରିବର୍ତ୍ତନ ଆଣିପାରିଥିଲା ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରାଧ୍ୟାପକ ଡକ୍ଟର ମନୋରଞ୍ଜନ ବେହୁରା କହିଲେ ଗଣକବିଙ୍କ ସାହିତ୍ୟ ସମାଜରେ ନବ ଜାଗରଣ ଗଢି ତୋଳିଥିଲା। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା କନକଲତା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥିଙ୍କୁ ଭଗବାନ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଲଳିତଗିରି ପଥର ଶିଳ୍ପୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସମିତିସଭ୍ୟ ଧ୍ରୁବ ଚରଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଗଣକବିଙ୍କ ରଚିତ ଗୀତିନାଟ୍ୟ ମଞ୍ଚସ୍ଥ ହୋଇଥିଲା।

ସକାଳ
THE SAKALA



## ଅବକାରୀ ବିଭାଗର ଚଢ଼ଉ; ୪ ଗିରଫ

ମୋରଡ଼ା, ୯।୧୦(ସମିସ): ମୋରଡ଼ା ଅବକାରୀ ବିଭାଗ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଚାରିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୋରଡ଼ା ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ, ଅବକାରୀ ବିଭାଗ ଡାକୋଇ ଏବଂ ଇଦର ଗ୍ରାମରେ ଚଢ଼ଉ କରି ମୋଟ ୬୦ ଲିଟର ଦେଶୀ ମଦ ଜବତ କରିବା ସହିତ ବାରି ଟୁଡୁ, ରାଣୀ ମୁର୍ମୁ ଏବଂ ଘାସିରାମ ଟୁଡୁଙ୍କୁ ଗିରଫ କରିଛି। ସେହିପରି ସୁବାନଦିହି ଗ୍ରାମରେ ଚଢ଼ଉ କରି ୧୫ ଲିଟର ଦେଶୀ ମଦ ଜବତ କରିବା ସହିତ ଗଣେଶ ଟୁଡୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ବୃଦ୍ଧଙ୍କ ଝୁଲନ୍ତା ଶବ ଉଦ୍ଧାର

କୁଆମରା, ୯।୧୦(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ଉପରକଦା ଗ୍ରାମର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ହେଉଛନ୍ତି ପୁନ ସିଂ (୬୫)। ସୂଚନା ମୁତାବକ ପୁନ ସକାଳେ ବିଲକୁ ଯାଇଥିବାବେଳେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବାରୁ ଜଙ୍ଗଲର ଏକ ଗଛରେ ଝୁଲୁଥିବାର ଦେଖିବାକୁ ପାଇଥିଲେ। ପରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଛେଦ ନିମନ୍ତେ ଉଦଳା ପଠାଇଛି। ବ୍ୟବଛେଦ ପରେ ପ୍ରକୃତ କାରଣ ଜଣାପଡ଼ିବ।

**ନିର୍ବାଚନ କମିଶନରଙ୍କ ତଞ୍ଚକତାରୁ ମୟୂରଭଞ୍ଜ ହରାଇଛି ଗୋଟିଏ ବିଧାନସଭା ଆସନ**

# ସର୍ବୋଚ୍ଚ ଅଦାଲତ ଯିବାକୁ ଆଇନଜୀବୀ ଓ ସଚେତନ ନାଗରିକ ସଜବାଜ

ବେତନଟୀ, ୯।୧୦(ସମିସ): ଭାରତ ଏକ ସାର୍ବଭୌମ ସାଧାରଣତନ୍ତ୍ର ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ୧୯୫୦ ଜାନୁଆରୀ ୨୬ ତାରିଖ ଠାରୁ ସାରା ବିଶ୍ୱରେ ମାନ୍ୟତା ପାଇ ଆସିଛି; ମାତ୍ର ସମ୍ବିଧାନକୁ ଉଲ୍ଲଙ୍ଘନ କରାଯାଇ ମୟୂରଭଞ୍ଜ ଭଳି ଏକ ଅନଗ୍ରସର ଆଦିବାସୀ ବହୁଳ ଜିଲ୍ଲା ଜନସାଧାରଣଙ୍କୁ ନାଗରିକ ଓ ମୌଳିକ ଅଧିକାରରୁ ନିର୍ବାଚନ କମିଶନର ବଞ୍ଚିତ କରି ଆସିଛି। ଜିଲ୍ଲାବାସୀ ସେମାନଙ୍କ ହକ ପାଇଁ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିପାରି ନଥିବା ଏବଂ ନେତୃତ୍ୱ ନେଉଥିବା ସୁବିଧାବାଦୀ ରାଜନେତାମାନେ ଦଳୀୟ ପଦ ପଦବୀ ହରାଇବା ଭୟରେ ଆଖି ଭିଡି ପାରି ନଥିବାରୁ ଜିଲ୍ଲାରେ ଥିବା ୧୦ଟି ବିଧାନସଭା ଆସନ ୧୯୭୪ରୁ ୨୦୦୮ ପର୍ଯ୍ୟନ୍ତ ରହି ଆସିଥିଲା। ହେଲେ ଗତ ୨୦୦୯ରୁ ୯ଟିକୁ ହ୍ରାସ ପାଇଛି। ଏଭଳି ଉଦାହରଣ ରାଜ୍ୟର ଅନ୍ୟ କୌଣସି ଜିଲ୍ଲାରେ ଦେଖିବାକୁ ମିଳିନାହିଁ। ମୟୂରଭଞ୍ଜ ଜିଲ୍ଲାର ଜନସଂଖ୍ୟାକୁ ନେଇ ୨୦୦୮ ଯାଏ ୧୦ଟି ବିଧାନସଭା ଆସନ ରହି ଆସିଥିବା ବେଳେ ୨୦୦୯ରେ ନିର୍ବାଚନ କମିଶନ ବିଧାନସଭା ଆସନର ପୁର୍ନଗଠନ କରିଥିଲେ। ହେଲେ ତଞ୍ଚକତା କରି ୧୦ରୁ ୯ ଆସନକୁ ହ୍ରାସ କରିଦେଇଛନ୍ତି ନିର୍ବାଚନ କମିଶନ। ଜିଲ୍ଲାରୁ ପ୍ରତିନିଧିତ୍ୱ କରି ଆସୁଥିବା ଲୋକ ପ୍ରତିନିଧି ଅଥବା ରାଜ୍ୟ ସରକାର ନିଜ ଆଡୁ ଏବଂ ସାଂସଦମାନେ ଜିଲ୍ଲାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ କେଉଁ କାରଣରୁ ମୁହଁ ଖୋଲି ପ୍ରତିବାଦ କରି ନାହାନ୍ତି ତାହା ଅଧିକ ସନ୍ଦେହଜନକ। ଜନସଂଖ୍ୟା ଆଧାରରେ ନିର୍ବାଚନ ମଣ୍ଡଳୀ ଗଠନ ବା ପୁର୍ନଗଠନ ହେବାର ସାମ୍ବିଧାନିକ ବ୍ୟବସ୍ଥା ଥିବାବେଳେ ଯେଉଁ କମିଟି ଏ ଜିଲ୍ଲାରେ ନିର୍ବାଚନ ମଣ୍ଡଳୀ ପୁର୍ନଗଠନ ପାଇଁ ଜନସଂଖ୍ୟା ଆଧାରରେ ବଢ଼ାଇବା ବଦଳରେ ଉଚ୍ଛେଦ କରିବା ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ ତାହା ତଞ୍ଚକତା ଥିଲା। ଜିଲ୍ଲାବାସୀଙ୍କୁ ସେମାନଙ୍କ ସାମ୍ବିଧାନିକ ମୌଳିକ ଅଧିକାରରୁ ବଞ୍ଚିତ ଓ ଉପେକ୍ଷା ଜାଣିଶୁଣି ନିର୍ବାଚନ କମିଶନର କରିଥିଲେ। ତେଣୁ ଏହାର ପ୍ରମାଣ ଖୋଜିବାର ଆବଶ୍ୟକତା ନାହିଁ। ଗଣତନ୍ତ୍ରରେ ସଂଖ୍ୟା ଗରିଷ୍ଠତାକୁ ହିଁ ସବୁ କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ୧୯୮୧ ମସିହା ଜନଗଣନାରେ ଏ ଜିଲ୍ଲାର ଜନସଂଖ୍ୟା ୧୫ ଲକ୍ଷ ୮୧ ହଜାର ୮୭୩ ଥିବା ବେଳେ ୨୦୦୧ରେ ଜନସଂଖ୍ୟା ୨୨ ଲକ୍ଷ ୨୩ ହଜାର ୪୫୬ ଥିଲା। ସେହିପରି ୨୦୧୧ ଜନଗଣନା ଅନୁସାରେ ଜନସଂଖ୍ୟା ୨୫ ଲକ୍ଷ ୧୯ ହଜାର ୭୩୮ ରେ ପହଞ୍ଚିବା ପରିସଂଖ୍ୟାନରୁ ଜଣାଯାଏ। ଆନୁପାତିକ ହାରରେ ଜନସଂଖ୍ୟା ବୃଦ୍ଧି ଘଟି ଚାଲିଥିବା ବେଳେ ୧୯୭୪ରୁ ୨୦୦୮ ମସିହା ପର୍ଯ୍ୟନ୍ତ ୧୦ଟି ବିଧାନସଭା ଆସନ ରହିଥିଲା। ୨୦୦୯ ମସିହାରେ ଏହା ଜନସଂଖ୍ୟା ଅଭିବୃଦ୍ଧି ସତ୍ତ୍ୱେ ୧୦ରୁ ୧୧ ହେବା ବଦଳରେ କିପରି ୯ ହେଲା ତାହା ତଦନ୍ତ ସାପେକ୍ଷ। ସେହିପରି ନିର୍ବାଚନ କମିଶନରଙ୍କ ତ୍ରୁଟିପୂର୍ଣ୍ଣ ରିପୋର୍ଟ ସର୍ବୋଚ୍ଚ ଅଦାଲତରେ ଜନସ୍ୱାର୍ଥ ଦୃଷ୍ଟିରୁ ନ୍ୟାୟ ପ୍ରଦାନ ନିମନ୍ତେ ଦାବି ଉପସ୍ଥାପନ କରାଯିବ ବୋଲି ଜିଲ୍ଲାର ଆଇନଜୀବୀ, ସଚେତନ ନାଗରିକ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ୨୦୦୯ ମସିହା ପର୍ଯ୍ୟନ୍ତ ରାଜ୍ୟରେ ବିଜେପି ଓ ବିଜେଡିର ମିଳିତ ସରକାର ରହି ଆସିଥିବା ବେଳେ ନିର୍ବାଚନ କମିଶନରଙ୍କ ତଞ୍ଚକତାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲେଞ୍ଜ କରା ନ ଯିବା ଯୋଗୁଁ ଇଚ୍ଛାକୃତ ଭାବେ ଗୋଟିଏ ଜିଲ୍ଲାର ଜିଲ୍ଲାବାସୀଙ୍କ ହକକୁ ଏଡାଇ ଦିଆଯାଇଥିବା ପ୍ରମାଣିତ ହୋଇଛି। ଗଣତନ୍ତ୍ର ନାମରେ ପ୍ରହସନ ଓ ଏକଛତ୍ରବାଦର ଶାସନ ଚାଲିଥିବାରୁ ଏହାକୁ ହଟାଇବା ପାଇଁ ଜନଆନ୍ଦୋଳନର କୁହୁରା ଉଠିବ ବୋଲି ବେତନଟୀ ସିଟିଜେନ ଫୋରମ, ସିଭିଲ ସୋସାଇଟି, ବଣିକ ସଂଘ, ଜିଲ୍ଲା ନାଗରିକ ମଞ୍ଚ ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସତର୍କ କରି ଦିଆଯାଇଛି।

## ଶାଳଗାଁରେ ବନ୍ୟପ୍ରାଣୀ ସପ୍ତାହ ପାଳିତ



ବଡସାହି, ୯।୧୦(ସମିସ): ବଡସାହି ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁର ରାଜ୍ୟ ଅବସରପ୍ରାପ୍ତ ଜଙ୍ଗଲ ପଦାଧିକାରୀ କଲ୍ୟାଣ ସଂଘ ଓଡ଼ିଶା, ଇକୋକ୍ଲବ, ଶାଳଗାଁ ସହଯୋଗରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି। ଇକୋକ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଓଷ୍ଟା ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଭାସ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅରୁଣ କୁମାର ପାତ୍ର, ସ୍ୱତନ୍ତ୍ର ଅତିଥି ଦିଲ୍ଲୀପ କୁମାର ବାରିକ, ମୁଖ୍ୟବକ୍ତା ଭାବେ ବଟକୃଷ୍ଣ ପାଢ଼ୀ ଅବସର ପ୍ରାପ୍ତ ଉପ ବନ ସଂରକ୍ଷକ, ସମ୍ମାନିତ ଅତିଥି ଭାବେ ଅଜୟ କୁମାର ଦାସ ଅବସରପ୍ରାପ୍ତ ବନାଞ୍ଚଳଅଧିକାରୀ, ସରୋଜ କୁମାର ବେହେରା ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ, ଜୟନ୍ତୀ ପାତ୍ର ବେତନଟୀ ଜଙ୍ଗଲ ବିଭାଗର ବନରକ୍ଷୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଅତିଥି ବୃନ୍ଦ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ଲାକାର୍ଡ ଧରି ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ଶାଳଗାଁ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ବୃନ୍ଦ ଓ ଗ୍ରାମବାସୀ ବୃନ୍ଦ ଯୋଗ ଦେଇଥିଲେ। ଛାତ୍ରୀ ପ୍ରିୟଙ୍କା ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅଭୁଲା ପାଦଚିହ୍ନର ସ୍ମୃତି ପୁସ୍ତିକା ଉନ୍ମୋଚିତ



କରଞ୍ଜିଆ, ୯।୧୦(ସମିସ): ସାମ୍ବାଦିକ ମଦନ କୁମାର ସାହୁଙ୍କ ଏକାଦଶାହରେଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ତାଙ୍କ ବଡଭାଇ ଦିଲ୍ଲୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସଭାରେ ସ୍ୱର୍ଗତ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅଭୁଲା ପାଦଚିହ୍ନର ସ୍ମୃତି ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଡାକ୍ତର କାହ୍ନୁ ଦାସ, ସମ୍ମାନିତ ଅତିଥି ଭାବେ କବି ଭରତ ଚନ୍ଦ୍ର ଦାଶ, ଶତ୍ରୁଘ୍ନ ପୃଷ୍ଟି, କାଶୀନାଥ ମହାନ୍ତ, ବିକାଶ ସାହୁ, ସଜ୍ଜନ ଅଗ୍ରୱାଲା, ଚନ୍ଦ୍ରମୋହନ ପାତ୍ର, ବଳରାମ ପୃଷ୍ଟି, ସୁରେଶ ଅଗ୍ରୱାଲା, ନାରାୟଣ ସାହୁ, କର୍ଣ୍ଣାର୍ଜୁନ ସାହା, ରଙ୍ଗାଧର ପାତ୍ର, ଶରତ ସାହୁ, ବରୁଣଚନ୍ଦ୍ର ସାହା, ସା ସାହୁ, ନିଟୁ ସାମନ୍ତରାୟ, ସୁଶିଲ ଅଗ୍ରୱାଲା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଆଇନଜୀବି ଚିତ୍ତରଞ୍ଜନ ମିଶ୍ର, ସଞ୍ଜୟ ସାହୁ, ପ୍ରଦୀପ ଚୌଧୁରୀ, ବାବୀ ପୃଷ୍ଟି, ସୁଶାନ୍ତ ଦାସ, ବିଶ୍ୱଜିତ୍ ଚୌଧୁରୀ, ସାମ୍ବାଦିକ ଭାଗବତ ଚନ୍ଦ୍ର ଦାସ, ଅରୁଣ କୁମାର ବେହେରା, ଧରଣୀଧର ପ୍ରଧାନ, ସୁରେନ୍ଦ୍ର ନାୟକ, ଗୌରୀ ସିନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଅତିଥି ବୃନ୍ଦ ସ୍ୱର୍ଗତ ସାହୁଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସେ ଜଣେ ସାମ୍ବାଦିକ, ଓକିଲ, ଶିକ୍ଷାବିତ୍ ତଥା ସଫଳ ବ୍ୟବସାୟୀ ଥିଲେ ବୋଲି ବକ୍ତାମାନେ କହିଥିଲେ। ଶେଷରେ ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶନଗରରେ ୨୭ତମ ଗଜଲକ୍ଷ୍ମୀ ପୂଜା



ରାଇରଙ୍ଗପୁର, ୯।୧୦(ସମିସ): ମା'ଦୁର୍ଗାଙ୍କ ମେଲାଣୀ ନେବାର ଦିନ କେତେଟା ପରେ ଜଗତଜନନୀ ମା' ଗଜଲକ୍ଷ୍ମୀ ଧରା ପୃଷ୍ଠକୁ ଅବତରଣ କରିଛନ୍ତି। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସହରର ବିକାଶ ନଗରରେ ପୂଜା କମିଟି ତରଫରୁ ୨୭ତମ ମା' ଗଜଲକ୍ଷ୍ମୀ ବେଶ ଧୂମଧାମରେ ପାଳନ କରାଯାଇଛି। ସୁନ୍ଦର ତୋରଣ ସହିତ ଆକର୍ଷଣୀୟ ମୃଣ୍ମୟ ମୂର୍ତ୍ତି ଦେଖିବାକୁ ବହୁତ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହୁଛି। ସମସ୍ତ ଶ୍ରଦ୍ଧାଳୁ ଭୋଗରାଗ ଧରି ଆସି ପୂଜାର୍ଚ୍ଚନା କରି ମା' ଙ୍କ ଆଶୀର୍ବାଦ ନେଇଥିଲେ। ପ୍ରାକ୍ତନ ଅଧ୍ୟାପକ ନିକୁଞ୍ଜ କିଶୋର ମିଶ୍ରଙ୍କ ପୌରୋହିତ୍ୟରେ ସୂର୍ଯ୍ୟପୂଜା, ହୋମ ତଥା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଦୁବୁଲାବେଡା ପୋଖରୀରୁ କଳସଲାଗି କରାଯାଇଥିଲା। କର୍ତ୍ତା ଭାବେ ମଣ୍ଡଳ ବାବୁ ଦାୟିତ୍ୱ ତୁଲାଇଛନ୍ତି। କମିଟି ତରଫରୁ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା।

**● ଦୁଇ ଛାତ୍ରଙ୍କୁ ନିର୍ଯାତନା ଘଟଣା**

## ନ୍ୟାୟ ମିଳିଲା; ପୁଣି ସ୍କୁଲକୁ ଫେରିଲେ ପ୍ରଧାନ ଶିକ୍ଷକ

କୁଆମରା, ୯।୧୦(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ଉଚ୍ଚ ବିଦ୍ୟାଳୟରେ ତିନି ମାସ ତଳେ ପ୍ରଧାନ ଶିକ୍ଷକ ଶିଶିର କୁମାର ପାତ୍ର ଦୁଇ ଛାତ୍ରଙ୍କୁ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଜୁଲାଇ ୧୭ ତାରିଖରେ ଜିଲ୍ଲା ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଦଣ୍ଡ ସ୍ୱରୂପ ବଡ଼ସାହି ବ୍ଲକ ପ୍ରତାପପୁର ଉଚ୍ଚ ବିଦ୍ୟାଳୟକୁ ବଦଳି କରିଥିଲେ। ପୁଣି ୩୦ ତାରିଖରେ ସେଠାରୁ କୋରାପୁଟ ଜିଲ୍ଲାକୁ ବଦଳି କରାଯାଇଥିଲା; ମାତ୍ର ଶାରିରୀକ ଅସୁସ୍ଥତା ଦେଖାଇ ସେ ଛୁଟିରେ ରହିବା ସହିତ ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଶେଷରେ ଉଚ୍ଚ ନ୍ୟାୟାଳୟରେ ବିଚାର ପରେ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ସେ ପୁଣି କୁଆମରା ଉଚ୍ଚ ବିଦ୍ୟାଳୟରେ ଯୋଗ ଦେଇଛନ୍ତି। ତେବେ ଏହାକୁ ସହଜରେ ଗ୍ରହଣ କରି ପାରୁନାହାଁନ୍ତି ଅଭିଭାବକ। ନିର୍ଯାତନା ମାମଲାରେ ପ୍ରଧାନ ଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକ ବିବାଦରେ ଛନ୍ଦି ହୋଇଥିଲେ। ତେବେସହକାରୀ ଶିକ୍ଷକ ଜଣଙ୍କୁ ଖୁଣ୍ଟା ଉଚ୍ଚ ବିଦ୍ୟାଳୟକୁ ଡେପୁଟେସନରେ ପଠାଇଛି ଶିକ୍ଷା ବିଭାଗ। ପରେ ଏହି ଘଟଣାକୁ ନେଇ ପରିଚାଳନା କମିଟି ସଭାପତି ଏବଂ କେତେକ ସଭ୍ୟ ଇସ୍ତଫା ଦେବା ଯୋଗୁଁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଦୁଇ ଅଭିଭାବକଙ୍କ ଅଭିଯୋଗ କ୍ରମେ ଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରଞ୍ଜୁଲତା ଜେନା ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିଲେ। ହେଲେ ଘଟଣାର ୮୧ ଦିନ ପରେ ଶ୍ରୀ ପାତ୍ର ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ପୁଣି ଯୋଗ ଦେଇଛନ୍ତି।

## ବରିଷ୍ଠ ସାମ୍ବାଦିକ ଅରୁଣ ମହାନ୍ତିଙ୍କ ପରଲୋକ



ଉଦଳା, ୯।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ଉଦଳା ଓକିଲ ସଂଘର ସଦସ୍ୟ ଅରୁଣ କୁମାର ମହାନ୍ତି (ଲିଲୁ)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ 'ସମାଜ'ର ଉଦଳା ପ୍ରତିନିଧି ଭାବେ ୨୦୦୪ ମସିହାରୁ କାର୍ଯ୍ୟ କରୁଥିଲେ। ବିଶେଷ କରି ଶିମିଳିପାଳ ସୁରକ୍ଷା ସମ୍ପର୍କିତ ଅଲେଖ୍ୟ ପାଇଁ ସେ ଚର୍ଚ୍ଚାରେ ଥିଲେ। ଦୈନିକ 'ପ୍ରଜାତନ୍ତ୍ର'ରୁ ନିଜର ସାମ୍ବାଦିକତା ଜୀବନ ଆରମ୍ଭ କରି ଉଦଳା ଅଞ୍ଚଳରେ ବେଶ ନିଜର ପରିଚୟ ସୃଷ୍ଟି କରିପାରିଥିଲେ। ଜଣେ ସ୍ୱଚ୍ଛ, ସ୍ୱାଭିମାନୀ, ଦୂରଦର୍ଶୀ, ମିଷ୍ଟଭାଷୀ ଓ ଧର୍ମିକ ବ୍ୟକ୍ତି ଭାବେ ସବୁରି ପ୍ରିୟ ଥିଲେ। ସେ ଉଦଳା ପ୍ରେସ କ୍ଲବର ସଭାପତି ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ। ଶାରିରୀକ ଅସୁସ୍ଥ କାରଣରୁ ଦୁଇ ମାସ ଧରି ଶଯ୍ୟାଶାୟୀ ଥିଲେ। ବୁଧବାର ସେ ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ବାରିପଦା ଏବଂ ଗୁରୁବାର କଟକ ନେଉଥିବାବେଳେ ବାଟରେ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ଉଦଳା ଅଞ୍ଚଳେ ଶୋକର ଛାୟା ଖେଳିଯାଇଛି।

## ପରିବା ଦର ଆକାଶ ଛୁଆଁ; ଚିନ୍ତାରେ ଖାଉଟି

ମୋରଡ଼ା, ୯।୧୦(ସମିସ): ଆରମ୍ଭ ହୋଇଛି ଧର୍ମର ମାସ କାର୍ତ୍ତିକ ମାସ। କୁମାର ପୂର୍ଣ୍ଣମୀ ଠାରୁ କାର୍ତ୍ତିକ ପୂର୍ଣ୍ଣମୀ ଯାଏ ୧ ମାସ ଧରି ବହୁ ଲୋକେ ଆମିଷ ଏବଂ ପିଆଜ ରସୁଣ ମଧ୍ୟ ଖାଇନଥାନ୍ତି। ଅଧିକାଂଶ ଲୋକେ ମାସଯାକ ଅରୁଆ ଅନ୍ନ ସହ ଶୁଦ୍ଧ ଶାକାହାରୀ ଖାଦ୍ୟ ଗ୍ରହଣ କରନ୍ତି। ଏଥିସହିତ ବିଭିନ୍ନ ଧର୍ମାନୁଷ୍ଠାନରେ ମଧ୍ୟ ଅନ୍ନପ୍ରସାଦ ବିତରଣ କରାଯାଇଥାଏ। ତେଣୁ ଏହି ମାସରେ ସବୁଜ ପନିପରିବାର ଚାହିଦା ଅଧିକ ରହିଥାଏ। ମୋରଡ଼ା ବ୍ଲକରେ ବସୁଥିବା ହାଟଗୁଡିକରେ



ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଦର ବୃଦ୍ଧି କରୁଛନ୍ତି। କିଲୋ ପିଛା ୫ରୁ ୧୦ ଟଙ୍କା ବୃଦ୍ଧି ପାଇଛି। ସାଧାରଣତଃ ବାଇଗଣ, କୋବି, ବିନ୍ସ, ଜହ୍ନି, ଟମାଟୋ, କାକୁଡ଼ି, ପୋଟଳ ଆଦି ପରିବାର ଅହେତୁକଭାବେ ବଢ଼ି ଚାଲିଛି। ତେବେ ବର୍ଷା ଯୋଗୁଁ ବିଶେଷ କ୍ଷତି ହୋଇଥିବାରୁ ପନିପରିବା ଦର ବୃଦ୍ଧି ପାଇଛି ବୋଲି ବ୍ୟବସାୟୀମାନେ କହନ୍ତି। ବିଶେଷକରି ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବେଙ୍ଗାଲୁରୁ, ନାସିକ ଆଦି ବିଭିନ୍ନ ରାଜ୍ୟକୁ ଭରସା କରିବାକୁ ପଡୁଛି। ବର୍ତ୍ତମାନ ସେଠାରେ ମଧ୍ୟ ବର୍ଷା ବନ୍ୟା ଲାଗି ରହିଛି। ଫଳରେ ପରିବାର ଅଭାବ ସାଙ୍ଗକୁ ଆମଦାନୀ ହୋଇପାରୁନି। ତେଣୁ ଯେଉଁ ପରିମାଣରେ ପରିବା ଆସିବା କଥା ଆସି ପାରୁନାହିଁ। ତେଣୁ ଏହି ବର୍ଦ୍ଧିତ ଦର ଆସନ୍ତା ମାସ ଯାଏଁ ରହିବ ବୋଲି ଜଣାପଡ଼ିଛି।

## ଗୋପବନ୍ଧୁନଗର ପ୍ରେସ କ୍ଲବର ପ୍ରତିଷ୍ଠା ଦିବସ

କୁଆମରା, ୯।୧୦(ସମିସ): ଗୋପବନ୍ଧୁନଗର ପ୍ରେସ କ୍ଲବ ତରଫରୁ ଗୁରୁବାର ପଶୁଦା ପଞ୍ଚାୟତ ସାନବେଲାକୁଟି ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଗୋପବନ୍ଧୁଙ୍କ ୧୪୮ତମ ଜୟନ୍ତୀ ତଥା ପ୍ରେସ କ୍ଲବର ଅଷ୍ଟମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବାପୁଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରା, ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ପ୍ରଧାନ ଆଚାର୍ଯ୍ୟା ସଂଯୁକ୍ତା ଦାସ, ପ୍ରେସ କ୍ଲବର ସମ୍ପାଦକ



ଡ. କୁମାର ବାବୁଲି ପ୍ରମୁଖ ଯୋଗ ଦେଇ ପ୍ରବାଦ ପୁରୁଷ ଗୋପବନ୍ଧୁ ଜଣେ ସୁସଂଗଠକ, ସମାଜସେବୀ ତଥା ରାଜନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଅତିଥି। ପ୍ରେସ କ୍ଲବର ଉପ ସଭାପତି ଚିତ୍ତରଞ୍ଜନ ଦଳେଇ ଓ ସହ ସମ୍ପାଦକ ଶାନ୍ତନୁ କୁମାର ମଡୁଆଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଲିସ୍ ସଲଙ୍ଗି ପ୍ରଥମ, ଅର୍ପିତା ମହଲା ଦ୍ୱିତୀୟ ଓ ସ୍ୱାଗତିକା ମାରାଣ୍ଡି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଦୀପକ କୁମାର ଚୌଧୁରୀ, ସୂର୍ଯ୍ୟକାନ୍ତି ପୂହାଣ, ସମ୍ବିତ କୁମାର ରାଉତ, ବିଶ୍ୱଜିତ ଦାଶ, ରଞ୍ଜନ କୁମାର ମଡୁଆଳ, ଯୋଗେଶ୍ୱର ସାହୁ, ମାଣିକ ହେମ୍ବ୍ରମ, ଜୟନ୍ତ କୁମାର ସ ପ୍ରମୁଖ ପରିଚାଳନା କରିଥିଲେ।

## ଯୁବ ଆଇନଜୀବୀଙ୍କ ପରଲୋକ



ଉଦଳା, ୯।୧୦ (ସମିସ): ଉଦଳା ସହରର ଯୁବ ଆଇନଜୀବୀ ତଥା ସମାଜିକ ସଂଗଠକ ଓ ସାମ୍ବାଦିକ ସୌମେନ୍ଦ୍ର ବେହେରା (ବା।ପି)ଙ୍କ ବୁଧବାର ରାତିରେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। ସେ ଉଦଳା କୋର୍ଟରେ ଜଣେ ଯୁବ ଆଇନଜୀବୀ ଭାବେ ବେଶ ପରିଚିତ ଥିଲେ। ରାଜନୈତିକ ମାମଲା ବିଶେଷ କରି ଶାସକ ଦଳର ନେତୃତ୍ୱ ବିରୋଧରେ ମାମଲା ଲଢ଼ିବାରେ ବେଶ ଚର୍ଚ୍ଚା ସାଉଁଟିଥିଲେ। ଜଣେ ଯୁବ ଆଇନଜୀବୀ ଭାବେ ଅସହାୟ ଲୋକଙ୍କ ସମସ୍ୟା ବୁଝି ସହାୟତା କରିବାରେ ସର୍ବଦା ଆଗରେ ଥିଲେ। ତାଙ୍କ ବିୟୋଗରେ ଉଦଳା ସହରରେ ଶୋକର ଛାୟା ଖେଳିଯାଇଛି। ବହୁ ଆଇନଜୀବି, ନେତୃମଣ୍ଡଳୀ, ସମାଜସେବୀ, ସାମ୍ବାଦିକ ତାଙ୍କର ୧୨ନଂ ୱାର୍ଡ ସ୍ଥିତ ଜ୍ୟୋତିନଗର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ଜିଲ୍ଲାରେ ବଢ଼ିଚାଲିଛି ପେପର କପ୍‌ର ବ୍ୟବହାର

ବାରିପଦା, ୯।୧୦(ସମିସ): କାଚ ଓ ଚିନା ମାଟି କପର ବ୍ୟବହାର ଦିନକୁ ଦିନ କମିବା ସହିତ ପେପର କପର ବ୍ୟବହାର ବହୁଳ ଭାବେ ବୃଦ୍ଧି ପାଇଛି; ଯାହାକି ଅଜାଣତରେ ଲୋକଙ୍କ ରୋଗର କାରଣ ସାଜିଛି। ପୂର୍ବରୁ କପ୍ ବା କାଚ ଗ୍ଲାସରେ ଲୋକେ ଚା' ପିଉଥିଲେ। କିନ୍ତୁ

- ଅଜାଣତରେ ଲୋକଙ୍କୁ ବାଣ୍ଟୁଛନ୍ତି ରୋଗ
- କର୍କଟ ରୋଗର ମୁଖ୍ୟ କାରଣ ସାଜୁଛି ପେପର କପ୍




ବାରିପଦା ସହରରେ ବର୍ତ୍ତମାନ ତାହା ସ୍ଥାନ ନେଇଛି ପେପର କପ। ଏକକ ବ୍ୟବହାର ଯୋଗ୍ୟ (ୟୁଜ ଆଣ୍ଡ ଥ୍ରୋ) କପ୍ ବ୍ୟବହାର ବହୁଳ ପରିମାଣରେ ବୃଦ୍ଧି ପାଉଛି। ଚା' ସମେତ ପାଣି ପିଇବା ଗ୍ଲାସରେ ମଧ୍ୟ ପେପର କିମ୍ବା ପ୍ଲାଷ୍ଟିକରେ ତିଆରି ଗ୍ଲାସ ବିକ୍ରି ହେଉଛି। ଚା' ପିଇବାକୁ ଗଲେ ଦୋକାନୀ ପେପର କପରେ ଚା' ଧରାଇ ଦେଉଛନ୍ତି। ଏହା ଚା' ଦୋକାନୀଙ୍କ ପାଇଁ ସୁବିଧା ହେଉଥିଲେ ସୁଦ୍ଧା ଏହା ଗ୍ରାହକଙ୍କ ଜୀବନ ପାଇଁ ବିପଦର କାରଣ ସାଜୁଛି। ଆଗକୁ ଏହା ସ୍ୱାସ୍ଥ୍ୟ ଜନିତ ଏକ ବିରାଟ ବିପଦକୁ ଟାଣି ଆଣୁଛନ୍ତି। ବାରିପଦା ସହରର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ବିପଦରକାରଣସାଜିଛି। କାଗଜ କପ୍‌ରେ ଗରମ ଚା' ପିଇବା ଦ୍ୱାରା କର୍କଟ ଭଳି ମାରାତ୍ମକ ରୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଡାଇରିଆ, ଲିଭର, ପାଚନ ଶକ୍ତି କ୍ଷୟ କିଡ୍‌ନୀ ନଷ୍ଟ ହେବାର ମଧ୍ୟ ସମ୍ଭାବନା ଅଧିକ ବୋଲି ମତ ପ୍ରକାଶ ପାଇଛି। ଏହି ଏକକ ବ୍ୟବହାର ଯୋଗ୍ୟ ଚା' କପ ଅଜାଣତରେ ଲୋକଙ୍କୁ ରୋଗ ବାଣ୍ଟୁଛି। କେବଳ ଚା' ଦୋକାନୀ ନୁହଁନ୍ତି, ଅଧିକାଂଶ ଦୋକାନରେ କାଗଜ କପ୍ ବହୁଳ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ତେବେ ଯେଉଁ କାଗଜ କପ ଗୁଡିକ ଚା' ଓ ସୁପ୍ ଦୋକାନରେ ବ୍ୟବହାର ହେଉଛି ତାହା ସ୍ୱାସ୍ଥ୍ୟ ପାଇଁ ସୁସ୍ଥକର ନୁହେଁ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ଏଥିସହିତ ପାର୍ଟି, ଭୋଜି, ସଭା ସମିତିରେ ମଧ୍ୟ ଏହି କାଗଜ କପ ଓ ପ୍ଲେଟର ବହୁଳ ବ୍ୟବହାର ହେଉଛି। ମେସିନରେ ତିଆରି ସମୟରେ ଯେଉଁ ପ୍ରକ୍ରିୟା ଓ କେମିକାଲ୍ ବ୍ୟବହାର କରାଯାଉଛି, ତାହାର କୁପ୍ରଭାବ ଶରୀରରେ ରୋଗ ସୃଷ୍ଟି କରୁଛି। ତେଣୁକରି ଏହାର ଭୟାବହତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରି ପେପର କପ ବ୍ୟବହାରକୁ ରୋକିବାକୁ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ବାହାନଡାରେ ଗୋପବନ୍ଧୁଙ୍କ ଜୟନ୍ତୀ

ବେତନଟୀ, ୯।୧୦(ସମିସ): ବେତନଟୀ ଉପକଣ୍ଠ ବାହାନଡାଠାରେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ବିଶିଷ୍ଟ ବକ୍ତାଗଣ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗୋପବନ୍ଧୁଙ୍କ ତ୍ୟାଗ ଓ ସେବାର ପଟାନ୍ତର ନାହିଁ ବୋଲି ପ୍ରକାଶ କରିଥିଲେ। ଆୟୋଜକ ବାହାନଡା ଗୋପବନ୍ଧୁ ସ୍ମୃତି କମିଟିର ସଭାପତି କମଳାକାନ୍ତ ନାୟକଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ବିମଳକୁମାର ଜେନାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ରବୀନ୍ଦ୍ରନାଥ ମିଶ୍ର, ସଚ୍ଚିଦାନନ୍ଦ ମହାନ୍ତି, ଯାମିନୀକାନ୍ତ ନାୟକ, ଘାସିରାମ ସାହୁ, ବାସୁଦେବ ନାପିତ, ସହଦେବ ଗିରି, ଭାସ୍କର ଚନ୍ଦ୍ର ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଉପରେ ବ୍ୟକ୍ତବ୍ୟ ରଖିଥିଲେ। ସଭାରେ ସାମ୍ବାଦିକ ହରିଶ ଚନ୍ଦ୍ର ସାମଲଙ୍କ ସମେତ ଶତାଧିକ ସ୍ଥାନୀୟ ଗ୍ରାମବାସୀ ଓ କମିଟି ସଦସ୍ୟ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ସାମ୍ବାଦିକ ଅରୁଣ କୁମାର ଓତା ଧନ୍ୟବାଦ ଅର୍ପଣ କରିଥିଲେ।



## ଭୁବନେଶ୍ୱର ସିଟି



# ସିକ୍ରେଟ୍ ଚାମ୍ବର୍‌ରେ ଚାଲିଥିଲା ମଦ କାରଖାନା

ଭୁବନେଶ୍ୱର, ୯ ।୧୦(ସମିସ): ସାଲିଆସାହି ବିରବସା ବସ୍ତିରେ ଏକ ଆଶ୍ଚର୍ଯ୍ୟଜନ ଘଟଣା ଦେଖିବାକୁ ମିଳିଛି । ବାହାରକୁ ଦେଖିଲେ ଘର ପୁରା ଚାକ୍‌ଚକ୍ୟ । ଘର ଭିତରେ ଦାମୀ ଖଟ ଏବଂ ସବୁ କିଛି ଲାଗିଛି । ହେଲେ କେହି ସନ୍ଦେହ ନକରିବା ପାଇଁ ଷ୍ଟଡି ରୁମ୍‌ରେ କରାଯାଇଛି ସିକ୍ରିଏ ଚାମ୍ବର । ଆଉ ତାହା ଭିତରେ ପ୍ରସ୍ତୁତ ହେଉଛି ବିପୁଳ ପରିମାଣର ଦେଶୀ ମଦ । ଏଭଳି ଖବର ପାଇ

- ଅବକାରୀ ବିଭାଗ ଚଢ଼ଉ କରି ଜବତ କଲା ମଦ
- ବିଏମ୍‌ସିର ଅଳିଆ ଗାଡି ଡ୍ରାଇଭର ସାଜିଥିଲା ମାଷ୍ଟରମାଇଣ୍ଡ
- ଜଣେ ଗିରଫ, ନିଶା ଆଡ୍ଡାକୁ ଭାଙ୍ଗିଲା ଅବକାରୀ ବିଭାଗ

ଆଜି ଅବକାରୀ ବିଭାଗ ଉକ୍ତ ଘର ଉପରେ ଚଢଉ କରିଥିଲା । ଚଢଉ ସମୟରେ ଅବକାରୀ ବିଭାଗ ଘର ଭିତରକୁ ପଶିଥିଲା । ଘର ଭିତରେ ସୁଡ଼ଙ୍ଗ ଦେଖିବାକୁ ପାଇଥିଲେ । ଆଉ ସୁଡ଼ଙ୍ଗ ଭିତରେ ଭିତରକୁ ଗଲେ ଦେଖିବେ ସିକ୍ରେଟ ଚାମ୍ବର । ଆଉ ସିକ୍ରେଟ ଚାମ୍ବରରେ ରନ୍ଧା ଚାଲିଥିଲା ଦେଶୀ ମଦ । ଏଭଳି ଦେଶୀ ଭାଟି ଦେଖି ଅବକାରୀ ବିଭାଗର ମୁଣ୍ଡ ଗୋଲ ହୋଇଯାଇଛି ।

ଯେତେ ଚଢ଼ାଉ କଲେ ବି ଦେଶୀ ମଦ ଭାଟି ଉପରେ କୌଣସି ପ୍ରଭାବ ପଡୁନି । ଦୁଇ ଫୁଟିଆ ରାସ୍ତା କଡରେ ଗଢି ଉଠିଥିବା ଏହି ବସ୍ତି ରେ ଦେଶୀ ମଦ ଭାଟି ପାଇଁ





ତିଆରି ହୋଇଥିଲା ସିକ୍ରେଟ ଚାମ୍ବର । କହିବାକୁ ଗଲେ ମଦ ଭାଟି ପାଇଁ ଘର ଭିତରେ ତିଆର ହୋଇଥିଲା ଆଉ ଗୋଟେ ଘର । ଆଉ ସେଇ ସିକ୍ରେଟ ଚାମ୍ବରକୁ ଯିବାକୁ ପାଇଁ ମଦ ମାଫିଆ ତିଆର କରିଥିଲା ଏକ ସୁଡ଼ଙ୍ଗ । ଏହି ଚାମ୍ବର ଦେଇ ଜଣେ ମଣିଷ ଗୁରୁଣ୍ଡି ଗୁରୁଣ୍ଡି ଯିବା ପରି ଏକ ବାଟ ରଖାଯାଇଛି । ଏହି ଚାମ୍ବର ଭିତରକୁ ଦୁଇ ଜଣ ଯାଇପାରିବେ ନାହିଁ । ଅବକାରୀ ବିଭାଗ ଚଢଉ କରିବା ପାଇଁ ଘରେ ପହଞ୍ଚିବା ପରେ ସିକ୍ରେଟ ଚାମ୍ବର ପାଇବାକୁ ପ୍ରାୟ ଘଣ୍ଟାଏ ସମୟ ଲାଗିଥିଲା । ଆଉ ଯେତେବେଳେ ସିକ୍ରେଟ ଚାମ୍ବରର ସୁରାକ ପାଇଲା ଅବକାରୀ ବିଭାଗ । ଏହାକୁ ଦେଖି ତଜ୍ଜବ ହୋଇଗଲା । ବସ୍ତି ଭିତରେ ଗଢି ଉଠିଥିବା ଏହି ଘର ବେଡ଼ ରୁମ ଭିତରେ ଏକ ଟେବୁଲ ଥୁଆ ଯାଇଛି । ଟେବୁଲ ଉପରେ ପିଲାଙ୍କ ଖାତା ବହି ପଡ଼ିଛି । ଆଉ ଯେତେବେଳେ ଟେବୁଲକୁ ବାହାର କରିଦିଆଯାଉଛି ସେତେବେଳେ ସିକ୍ରେଟ ଚାମ୍ବରକୁ ଯିବା ପାଇଁ ଯେଉଁ ବାଟ ଥିବା ଦେଖିବାକୁ ମିଳୁଛି । ଆଉ ସେଇ ବାଟ ଦେଇ ଘର ସିକ୍ରିଏ ଚାମ୍ବରକୁ ଯିବାକୁ ପଡ଼ିଥିଲା । ଦେଶୀ ମଦ କାରଖାନା ପାଇବା ପରେ ଅବକାରୀ ବିଭାଗର ଅଧିକାରୀମାନେ ଦେଶୀ ମଦ ଆଉ ପୋଚକୁ ନଷ୍ଟି କରିବା ସହ ଜଣେଙ୍କୁ ଗିରଫ କରିଛି । ବଡ଼ କଥା ହେଲା ଦେଶୀ ମଦ ଭାଟି ତିଆର କରିଥିବା ମାଫିଆ ଜଣେ ଡ୍ରାଇଭର । ବିଏମ୍‌ସିର ଅଳିଆର ଗାଡି ଚାଳକ । ସକାଳୁ ଅଳିଆ ଗାଡି ଚଲେଇବା ପରେ ଘର ଦେଶୀ ଭାଟି ବସେଇ ଥିଲା । ଏସବୁ ମଦକୁ ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରେ ବିକ୍ରି କରୁଥିଲା । ଘରେ ରେଡ ପରେ ସେ ଫେରାର ଥିବା ଜଣା ପଡ଼ିଛି ।

ସେପଟେ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ସ୍ଥାନୀୟ ପୁଲିସ ଜାଣତରେ ବସ୍ତିରେ ମଦ ଭାଟି ବେପାର ଚାଲିଥିଲା । ଏନେଇ ଅବକାରୀ ବିଭାଗର ଅଧିକାରୀ କହିଛନ୍ତି ଯେ, ରାଜଧାନୀ ରେ ଦେଶୀ ମଦ ଭାଟି ରେ ଚଢ଼ାଉ ନୂଆଁ କଥା ନୁହେଁ । ଗତ କିଛି ଦିନ ତଳେ ସାଲିଆ ସାହିରେ ଅବକାରୀ ଚଢ଼ାଉ କରି ଦେଶୀ ମଦ ଭାଟି ଭାଙ୍ଗିବା ସହ ଅଭିଯୁକ୍ତ ଘର ଭାଙ୍ଗିଥିଲା । ବାରମ୍ବାର ବିପୁଳ ପରିମାଣର ଦେଶୀ ମଦ ମଧ୍ୟ ଜବତ ହେଉଛି । ସେହିପରି ଭରତପୁର ଥାନା ଭରତପୁର ଥାନା ଖଣ୍ଡୁଆଳ ବସ୍ତି ଏବଂ ପଣ୍ଡା କୁଦିଆ ବସ୍ତିରେ ଅବକାରୀ ଚଢଉ କରିଥିଲା । ବସ୍ତି ଠାରୁ ଦୂରରେ ଥିବା ଏକ ଘରେ ପ୍ରସ୍ତୁତ ହେଉଥିବା ଦେଶୀ ମଦ । ଏହି ଘରକୁ ଅବକାରୀ ବିଭାଗ ଭାଙ୍ଗିବା ସହ ପୋଚକୁ ନଷ୍ଟ କରି ୪ଜଣଙ୍କୁ ଗିରଫ କରିଛି ।

● ଯୋଗାଣ ବିଭାଗର ଚଢ଼ଉ

## ୪୬ ଘରୋଇ ରନ୍ଧନ ଗ୍ୟାସ୍ ଜବତ



ଗ୍ୟାସ୍ ଚୁଲା ମରାମତି ଦୋକାନ ପାଲଟିଛି କଳାବଜାରୀଙ୍କ ଆଡ୍ଡାସ୍ଥଳୀ


ଭୁବନେଶ୍ୱର, ୯।୧୦(ସମିସ): ଚନ୍ଦ୍ରଶେଖରପୁର ଅଞ୍ଚଳରେ ଜଣେ ବ୍ୟବସାୟୀ ଘରୋଇ ରନ୍ଧନ ଗ୍ୟାସ କଳାବଜାରୀ କରିବା ସହ ଚଢା ମୂଲ୍ୟରେ ଅବୈଧ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହେଉଥିଲା । ଅଭିଯୋଗକୁ ଭିତ୍ତିକରି ଗୁରୁବାର ବିଏମସି ଯୋଗାଣ ଉପ ବିଭାଗ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଘରୋଇ ରନ୍ଧନ ଗ୍ୟାସର କଳାବଜାରୀ କରୁଥିବା ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରିଥିଲା । ଚଢ଼ଉ ବେଳେ ୪୬ଟି ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ ହୋଇଛି ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି ।

ଅତିରିକ୍ତ ବିଏମସି ଯୋଗାଣ ଅଧିକାରୀ ରୋହିତ କୁମାର ଦାସଙ୍କ କହିବା ଅନୁଯାୟୀ ଜଣେ ବ୍ୟକ୍ତିଙ୍କ ନାମରେ ମାତ୍ର ଗୋଟିଏ କନେକ୍‌ସନ ରହିବ । ଏଣୁ ସେ ମାତ୍ର ୨ଟି ସିଲିଣ୍ଡର ନିଜ ପାଖରେ ରଖି ପାରିବ । ହେଲେ ଚଢାଉ ହୋଇଥିବା ବ୍ୟକ୍ତିଙ୍କ ପାଖରେ ପ୍ରାୟ ୫୦ଟି ସିଲିଣ୍ଡର ରହିଥିଲା । ଏସବୁ ସିଲିଣ୍ଡର ସେମାନେ କେଉଁଠୁ ଆଣିଲେ ତାହା ତଦନ୍ତ କରାଯିବ ବୋଲି ସେ କହିଛନ୍ତି । ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ବିଏମସିର ଯୋଗାଣ ନିରୀକ୍ଷକ ଦୀପ୍ତି ରଞ୍ଜନ ଇନ୍ଦ୍ର ସିଂ, ଯତୀନ କୁମାର ରାଉତ ଓ ଅଲିଭା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରକାଶ ଥାଉ କି ରାଜଧାନୀରେ ଗ୍ୟାସ୍ ଚୁଲା ମରାମତି ଦୋକାନ ପାଲଟିଛି ରନ୍ଧନ ଗ୍ୟାସ ସିଲିଣ୍ଡରର କଳାବଜରୀର ପେଣ୍ଠସ୍ଥଳୀ । ଏହି ଦୋକାନ ଗୁଡ଼ିକର ସାଇନବୋର୍ଡରେ ଲେଖା ଯାଉଛି ଚୁଲା ମରାମତି କେନ୍ଦ୍ର ବା ଦୋକାନ । ହେଲେ ଏମାନଙ୍କ ପ୍ରକୃତ ଧନ୍ଦା ହେଉଛି ରନ୍ଧନ ଗ୍ୟାସକୁ କଳାବଜାରୀ କରିବା । ବେଆଇନ୍ ଭାବେ ଏମାନେ ରନ୍ଧନ ଗ୍ୟାସର ଫିଲିଂ ଷ୍ଟେସନ ଚଳାଇଛନ୍ତି । ଚଢା ଦରରେ ଲୋକଙ୍କୁ ରନ୍ଧନ ଗ୍ୟାସ ବିକ୍ରି କରୁଛନ୍ତି । ଉଠା ଦୋକାନୀ, ହଷ୍ଟେଲ ଛାତ୍ରଛାତ୍ରୀ ଏବଂ ବସ୍ତି ବାସିନ୍ଦାଙ୍କୁ ଚଢା ଦରରେ ଗ୍ୟାସ ବିକ୍ରି କରୁଛନ୍ତି । ଘରୋଇ ରନ୍ଧନ ଗ୍ୟାସକୁ ଏମାନେ ଚଢା ଦରରେ ବିକ୍ରି କରି ମାଲାମାଲ୍ ହେଉଥିଲା ବେଳେ ରନ୍ଧନ ଗ୍ୟାସ ପାଇ ପାରୁ ନ ଥିବା ଲୋକେ ବିକଳ୍ପ ନ ପାଇ ଟଙ୍କା ଗଣିବାକୁ ବାଧ ହେଉଛନ୍ତି । ଏମାନଙ୍କ ଉପରେ ଯୋଗାଣ ବିଭାଗ ବାରମ୍ବାର ଚଢାଉ କରୁଥିଲେ ମଧ ପରିସ୍ଥିତି ଯାହାକୁ ସେଇଆ ।

## ଯୁବତୀଙ୍କ ଫଟୋ ଭାଇରାଲ୍; ଘର ମାଲିକାଣୀର ଭାଇ ଗିରଫ

ଭୁବନେଶ୍ୱର, ୯।୧୦ (ସମିସ): ଯୁବତୀଙ୍କ ଏଡିଟ୍ ଫଟୋକୁ ଭାଇରାଲ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ମନୋଜ କୁମାର ଗିରି (୨୮) ।



ପୁଲିସ ସୂଚନାନୁସାରେ, ୨୦୨୩ ଅଗଷ୍ଟ ମାସରେ ଚାକିରି ପାଇଁ ଭୁବନେଶ୍ୱର ଆସିଥିବା ଯୁବତୀ ଜଣକ ଜଗନ୍ନାଥ ନଗରରେ ଥିବା ମନୋଜର ଭଉଣୀ ଘରେ ଭଡ଼ାରେ ରହୁଥିଲେ । ସେହି ସମୟରେ ମନୋଜ ତାଙ୍କ ଘରକୁ ଆସି ଯୁବତୀଙ୍କୁ ଅଶାଳୀନ ଇଙ୍ଗିତ କରୁଥିଲେ ।। ଏହା ପରେ ଯୁବତୀ ଜଣକ ପଳାଶୁଣୀ ସ୍ଥିତ ଏକ ଘରେ ଭଡ଼ା ରହିଥିଲେ । ଯୁବତୀ ଜଣକ ଜଗନ୍ନାଥ ନଗରରେ ରହୁଥିବା ସମୟରେ ମନୋଜ ତାଙ୍କର କିଛି ଫଟୋ ଓ ଭିଡିଓ ଉଠାଇଥିଲେ । ପରବର୍ତ୍ତୀ ସମୟରେ ମନୋଜ ଏହାକୁ ଢାଲ କରି ଯୁବତୀଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେ ପ୍ରତ୍ୟାଖ୍ୟାନ କରିଥିଲେ । ମନୋଜ ଏଥିରେ ଉତକ୍ଷିପ୍ତ ହୋଇ ଯୁବତୀଙ୍କ ନାମରେ ନକଲି ସୋସିଆଲ ମିଡିଆ ଆକାଉଣ୍ଟ ତିଆରି କରି ଆପତ୍ତିଜନକ ଫଟୋ ଓ ଭିଡିଓ ଅପଲୋଡ୍ କରିଥିଲା । ତାଙ୍କ ବନ୍ଧୁ ଓ ସମ୍ପର୍କୀୟଙ୍କୁ ମଧ୍ୟ ପଠାଇଥିଲା । ଏନେଇ ଯୁବତୀ ଜଣକ ମଞ୍ଚେଶ୍ୱର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା । ସୋସିଆଲ ମିଡିଆ ପୋଷ୍ଟର ସ୍କ୍ରିନସଟ୍ ଓ ୟୁଆରଏଲ୍ ଜବତ କରିଥିଲା । ବୁଧବାର ରାତିରେ ଜଗନ୍ନାଥ ନଗରରୁ ମନୋଜକୁ ଗିରଫ କରିବା ପରେ ଆଜି କୋର୍ଟ ଚାଲାଣ କରିଛି ।



**ଟଣାଟଣିରେ ଚାଲିଛି ପୁଲିସ:** ୧୬ ନମ୍ବର ଜାତୀୟ ରାଜପଥର ପାତ୍ରପଡ଼ା ନିକଟରେ ଅଧବାଟରେ ପାଟ୍ରୋଲିଂ ଗାଡ଼ି ଅଚଳ ହୋଇଯିବାରୁ ଅନ୍ୟଏକ ଗାଡ଼ିଦ୍ୱାରା ତାକୁ ଟାଣି ନିଆଯାଉଛି । (ଫଟୋ: ସନ୍ତୋଷ)

## ବର୍ଷାରେ ଖୋଲିଗଲା 'ଡ୍ରେନେଜ୍' ଗୁମର୍

ଭୁବନେଶ୍ୱର, ୯।୧୦(ସମିସ): ବିଏମ୍‌ସି ଅଞ୍ଚଳରେ ପ୍ରତ୍ୟେକ ବର୍ଷ ମୌସୁମୀ ପୂର୍ବରୁ ଡ୍ରେନ୍ ସଫେଇ କାର୍ଯ୍ୟ କରାଯାଉଛି । ପ୍ରତ୍ୟେକବର୍ଷପ୍ରତ୍ୟେକଡ୍ରେନ୍‌ରୁପଙ୍କଉଦ୍ଧାର ହେଉଛି । ଆବଶ୍ୟକ ଥିଲେ ଡ୍ରେନ୍‌ଗୁଡ଼ିକ ମରାମତି ମଧ୍ୟ କରାଯାଉଛି । ଏହି କାର୍ଯ୍ୟ ପାଇଁ ବିଏମ୍‌ସି ଶହ ଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛି । ହେଲେ ଗତକାଲି ମାତ୍ର ୨ଘଣ୍ଟାର ବର୍ଷା ବିଏମ୍‌ସିର ଡ୍ରେନେଜ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଏକ୍ସପୋଜ୍ କରି ଛାଡିଦେଲା । ଡ୍ରେନ୍‌ଗୁଡ଼ିକର ଜଳଧାରଣ କ୍ଷମତା ବାହାରକୁ ଚାଲିଗଲା । ସବୁଆଡେ ଜଳାର୍ଣ୍ଣବ ପରିସ୍ଥିତି ସୃଷ୍ଟି ହେଲା । ଗାଡି ଟ୍ରାଫିକ୍ ଜାମ୍‌ରେ ଘଣ୍ଟା ଘଣ୍ଟା ଧରି ଅଟକି ଗଲା । ତେବେ ଏଭଳି ପରିସ୍ଥିତି ପରେ ରାଜଧାନୀର ଡ୍ରେନେଜ୍ ବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲାରେ ପ୍ରଶ୍ନ କରଯାଇଛି ।

ବିଏମ୍‌ସି ଅଞ୍ଚଳରେ ମୋଟ ୧୮ଶହ କିଲୋମିଟର ମଧ୍ୟମ ଏବଂ ଛୋଟ ଡ୍ରେନ୍ ରହିଛି । ଏଥିରୁ ୧୩୮୦ କିଲୋମିଟର ଡ୍ରେନ୍ ବିଏମ୍‌ସି ଅଧୀନରେ ରହିଛି । ୩୬୦ କିଲୋ ମିଟର ଡ୍ରେନ୍ ଆରଆଣ୍ଡବି ଅଧୀନରେ ରହିଛି । ୩୪ କିମି ଡ୍ରେନ୍ ଜାତୀୟ ରାଜପଥ ଅଧୀନରେ ରହିଛି । ବାକି ଡ୍ରେନ୍ ଇଡକୋ ଏବଂ ଅନ୍ୟାନ୍ୟ ବିଭାଗ ଅଧୀନରେ ରହିଛି । ସେହିପରି ଭୁବନେଶ୍ୱରରେ ଡ୍ରେନ୍ ନମ୍ବର ୧ରୁ ଆରମ୍ଭ କରି ୧୧ ପର୍ଯ୍ୟନ୍ତ ମୋଟ୍ ୭୭ କିଲୋମିଟର ମୁଖ୍ୟ ଡ୍ରେନ୍ ରହିଛି । ବିଏମ୍‌ସି ୨୦୨୩-୨୪ରେ ପଙ୍କୋ ଉଦ୍ଧାର ପାଇଁ ୨କୋଟି ୩୦ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା । ପ୍ରତ୍ୟେକ ବର୍ଷ ଏହି ପରିମାଣରେ ଖର୍ଚ୍ଚ କରାଯାଉଛି ।

ଅନ୍ୟପକ୍ଷରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ରାଜଧାନୀର ଡ୍ରେନେଜ୍ ବ୍ୟବସ୍ଥାକୁ ନେଇ ଉତ୍ତର ରଖିଛନ୍ତି । ସେ କହିଛନ୍ତି ଆଇଆଇଟି ରୁର୍‌କି ବିଏମ୍‌ସି ଡ୍ରେନେଜ୍ ବ୍ୟବସ୍ଥାକୁ ନେଇ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରୁଛି । ଏନେଇ ବିଭିନ୍ନ ବିଭାଗ ସହ ଯୋଗାଯୋଗ କରି ତଥ୍ୟ ସଂଗ୍ରହ କରୁଛି । ରିପୋର୍ଟ ହସ୍ତାନ୍ତର ପରେ ଡିପିଆର୍ ପ୍ରସ୍ତୁତ ହେବ । ଏହାପରେ କାମ ଆରମ୍ଭ ହେବ ।

## ଦୁଇ ଭଉଣୀଙ୍କୁ ଆକ୍ରମଣ କରି ଗହଣା ଲୁଟ୍

ଯାଁଳା ୯ ।୧୦(ସମିସ): ସମିସ ଦୁଇ ଭଉଣୀଙ୍କୁ ସଂଘବଦ୍ଧ ଭାବେ ଦୁର୍ବ୍ୟବହାର କରିବା ଓ ଆକ୍ରମଣ କରି ସେମାନଙ୍କ ସୁନା ଅଳଙ୍କାର ଲୁଟ ଅଭିଯୋଗରେ ଗୁରୁବାର ଇନଫୋସିଟି ଥାନା ସମ୍ପୃକ୍ତ ଯୁବକକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲା ଇନଫୋସିଟି ଥାନା ଯାଁଳା ଅଞ୍ଚଳର ହରିବନ୍ଧୁ ପ୍ରଧାନ (୩୨) । ଘଟଣାର ସମ୍ପୃକ୍ତ କାଳିଆ ଓ ଶିବ ସହ ଅନ୍ୟମାନେ ଫେରାର ଥିବା ଜଣାପଡ଼ିଛି ।



ପୁଲିସ ସୂଚନା ଅନୁସାରେ ଗତକାଲି ସନ୍ଧ୍ୟା ୭ଟା ବେଳେ ଅଭିଯୋଗକାରିଣୀ ଓ ତାଙ୍କ ଭଉଣୀ ଓଗାଳପଡ଼ା ଲକ୍ଷ୍ମୀ ପୂଜା ମଣ୍ଡପକୁ ଯାଉଥିଲେ ।ଦୁଇ ଭଉଣୀ ଯାଉଥିବା ସମୟରେ ଅଭିଯୁକ୍ତ ହରିବନ୍ଧୁ ତାଙ୍କୁ ବାଟରେ ଅଟକାଇ ଅଶ୍ଳିଳ ଇଙ୍ଗିତ କରିବା ସହ ଅଶାଳୀନ ମନ୍ତବ୍ୟ ଦେଇଥିଲେ । ଅଭିଯୋଗକାରିଣୀ କଥାକୁ ଭ୍ରୁକ୍ଷେପ ନକରି ପୂଜା ମଣ୍ଡପକୁ ଯାଇଥିଲେ । କିନ୍ତୁ ଘରକୁ ଫେରିବା ସମୟରେ ଅଭିଯୁକ୍ତ ହରିବନ୍ଧୁ ତାଙ୍କ ସହଯୋଗୀ ଶିବ, କାଳିଆ ସହ ଅନ୍ୟମାନେ ଓଗାଳପଡ଼ା ଅଙ୍ଗନବାଡ଼ି ସ୍କୁଲ ନିକଟରେ ପୁଣି ଅଟକାଇଥିଲେ ।ଅଭିଯୁକ୍ତମାନେ ଦୁଇ ଭଉଣୀଙ୍କୁ ଦୁର୍ବବ୍ୟବହାର କରିବା ସହ ଆକ୍ରମଣ କରିଥିଲେ । ସେମାନଙ୍କ ଚେନ ଓ କାନଫୁଲ ଛଡ଼ାଇ ନେଇଥିଲେ । ଅଭିଯୋଗକାରିଣୀଙ୍କ ସାନ ଭଉଣୀ ବିରୋଧ କରିବାରୁ ତାଙ୍କ ମଧ୍ୟ ଆକ୍ରମଣ କରି କାନଫୁଲ ଛଡାଇ ନେଇଥିଲେ । ଏହି ସମୟରେ ସୂରଜ ନାମକ ଜଣେ ଯୁବକ ସାହାଯ୍ୟ କରିବାକୁ ଆସିଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଏକ ଛୁରୀରେ ଆକ୍ରମଣ କରିଥିଲେ ।ଫଳରେ ସୂରଜ ଆହତ ହୋଇଥିଲେ ।ଖବର ପାଇ ଇନଫୋସିଟି ଥାନା ପିସିଆର ଘଟଣାସ୍ଥଳରେ ପହଞ୍ଚି ଦୁଇ ଭଉଣୀଙ୍କୁ ଉଦ୍ଧାର କରିଥିଲେ । କିନ୍ତୁ ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଦୌଡି ପଳାଇ ଯାଇଥିଲେ । ଏନେଇ ଅଭିଯୋଗକାରିଣୀ ଅଭିଯୋଗ କରିବା ପରେ ପୁଲିସ ହରିବନ୍ଧୁକୁ ଗିରଫ କରି ଅଦାଲତ ଚାଲାଣ କରିଛି । ଅଭିଯୁକ୍ତ ହରିବନ୍ଧୁଙ୍କ ନାଁ ରେ ଜଟଣୀ ଓ ଇନଫୋସିଟି ଥାନାରେ ୬ଟି ମାମଲା ଥିବା ତଦନ୍ତରୁ ଜଣାପଡ଼ିଛି । ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି ।

● ୩୭ ଦିନରେ ଆସିଲା ରାୟ

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୯।୧୦ (ସମିସ): ସଂଘର୍ଷ ବିହାର ଅଞ୍ଚଳରେ ଘଟିଥିବା ଏକ ଦୁଷ୍କର୍ମ ମାମଲାର ରାୟ ମାତ୍ର ୩୭ ଦିନରେ ପ୍ରକାଶ ପାଇଛି । ଭୁବନେଶ୍ୱର ସ୍ଥିତ ଅତିରିକ୍ତ ସେସନ୍ସ ଜଜ୍ ୪ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ବିଚାରପତି ଶୁଭଞ୍ଜନ ମହାନ୍ତି ଅଭିଯୁକ୍ତ ମୁନା ବେହେରାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି ।



ପୁଲିସ ସୂଚନା ମୁତାବକ, ଗତ ସେପ୍ଟେମ୍ବର ୩୧ ତାରିଖ ସନ୍ଧ୍ୟାରେ ପଣ୍ଡାକୁଦିଆ ବସ୍ତି ନିକଟସ୍ଥ ସଙ୍ଘର୍ଷ ବିହାରର ଜଣେ ୧୩ ବର୍ଷୀୟା ନାବାଳିକା ଝିଅ ଖୁଦୁରୁକୁଣି ଓଷା ପାଳନ କରିବା ପାଇଁ ପଡ଼ୋଶୀଙ୍କ ଘରକୁ ଯାଇଥିଲା । ପରିସ୍ରା କରିବାକୁ ଯାଇଥିବାବେଳେ ମୁନା ତା'ର ପାଟି ବନ୍ଦ କରି ଅପହରଣ କରି ନେଇଥିଲା । ସେଠାରୁ ଶହେ ମିଟର ଦୂରରେ ଥିବା ଏକ ଅଧାଗଢ଼ା ଘରକୁ ନେଇ ଦୁଷ୍କର୍ମ କରି ଛାଡ଼ି ଦେଇଥିଲା । ଘଟଣା ବିଷୟରେ କାହାକୁ ପ୍ରକାଶ କଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ମୁନା ଧମକ ଦେଇଥିଲା । ଘରକୁ ଫେରି ନାବାଳିକା ପ୍ରଥମେ କିଛି କହିନଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସବୁକଥା କହିଥିଲେ । ପୀଡ଼ିତାଙ୍କ ବାପା ଏନେଇ ଅଭିଯୋଗ କରିବା ପରେ ଚନ୍ଦକା ଥାନା ପୁଲିସ କେସ୍ ନଂ - ୩୪୭/୨୫ ରେ ଦଫା ୬୫(୧) ବିଏନ୍‌ଏସ୍ ଓ ୬ ପୋକ୍‌ସୋ ଆକ୍ଟ ଲଗାଇ ମାମଲା ରୁଜୁ କରିଥିଲା । ଘଟଣା ତଦନ୍ତକାରୀ ଅଧିକାରିଣୀ ତଥା ସବ୍ ଇନ୍ସପେକ୍ଟର ଜ୍ୟୋତ୍ସ୍ନା ରାଣୀ ପ୍ରଧାନ ମୁନା ବେହେରାକୁ ଗିରଫ କରିବା ସହ ମାତ୍ର ସପ୍ତାହେ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିଥିଲେ ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୯ ଜଣ ସାକ୍ଷୀ, ୧୭ଟି ସାମଗ୍ରୀ ଯାଞ୍ଚ ଓ ୫୦ ଦସ୍ତାବିଜ ଆଧାରରେ ମାତ୍ର ୩୭ ଦିନରେ ବିଚାର ପ୍ରକ୍ରିୟା ଶେଷ କରିଛନ୍ତି । ଆସାମୀ ମୁନା ବେହେରାଙ୍କୁ ପୋକସୋ ଆଇନର ଧାରା-୬ ଅନୁଯାୟୀ ୨୦ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୫୦ ହଜାର ଟଙ୍କା ଜରିମନା ଦଣ୍ଡାଦେଶ ଶୁଣାଇଛନ୍ତି । ଜରିମନା ଅନାଦେୟ କ୍ଷେତ୍ରରେ ଅଧିକ ୧ ବର୍ଷର ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନାବାଳିକାଙ୍କ ସହ ହୋଇଥିବା ଶାରୀରିକ ଓ ମାନସିକ ଆଘାତକୁ ବିଚାରକରି ତାଙ୍କୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ରାଶି ପ୍ରଦାନ ଲାଗି ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ଏହି ମାମଲାକୁ ପରିଚାଳନା କରୁଥିଲେ ।

● ଗଞ୍ଜେଇ ଚାଲାଣ ଅଭିଯୋଗ

## ଜଣେ ଗିରଫ; ଆଉଜଣେ ଖସିଗଲା

ଭୁବନେଶ୍ୱର, ୯।୧୦ (ସମିସ): ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ନାରାୟଣୀ ରୋଡର ଚନ୍ଦ୍ରଶେଖର ସାହାଣୀ (୪୪) ।

ପୁଲିସ କହିବା ଅନୁସାରେ, କଳିଙ୍ଗନଗର ଗଞ୍ଜେଇ ଭର୍ତ୍ତି କାର ଆସୁଥିବା ଖବରପାଇ ଭରତପୁର ଥାନା ପୁଲିସ ୪ ଛକରେ ଛକି ରହିଥିଲା । ସେହି ସମୟରେ ରାହୁଲ ଓ ଚନ୍ଦ୍ରଶେଖର ଏକ କାର ନେଇ ଆସୁଥିବା ବେଳେ ପୁଲିସ ତାକୁ ଅଟକାଇଥିଲା । ଡ୍ରାଇଭର ରାହୁଲ ଖସିଯାଇଥିବା ବେଳେ ଚନ୍ଦ୍ରଶେଖରକୁ ପୁଲିସ ଅଟକ ରଖିଥିଲା । ତଲାସି ସମୟରେ ଗାଡ଼ିର ଡିକିରୁ ୮ କିଲୋ ଓଜନର ଗଞ୍ଜେଇ ଥିବା ଏକ ଜରି ବସ୍ତା ଜବତ କରିଥିଲା । ସେ ଓ ରାହୁଲ ମିଶି ଫୁଲବାଣୀରୁ ଗଞ୍ଜେଇ ଆଣି ଭୁବନେଶ୍ୱରକୁ ଚାଲାଣ କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ । ଏନେଇ ଭରତପୁର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଚନ୍ଦ୍ରଶେଖରକୁ କୋର୍ଟ ଚାଲାଣ କରିଛି ।

# ୱାଟର୍ ଫାଉଣ୍ଟେନ୍ ନା ମଶାଙ୍କ ଏନ୍ତୁଡ଼ିଶାଳ

ଭୁବନେଶ୍ୱର, ୯ ।୧୦(ସମିସ): ସହରକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ନିଆଯାଉଛି । କିନ୍ତୁ ଦିନ କେଇଟା ପରେ ଏହି ପଦକ୍ଷେପ ସବୁ ଅଚଳା ଅବସ୍ଥାକୁ ଫେରି ଆସୁଛି । ସହରକୁ ସୁନ୍ଦର ଦେଖାଇବା ଅନ୍ୟତମ ଭୂମିକା ନିର୍ବାହ କରିଥିବା ବିଭିନ୍ନ ରାସ୍ତା ଓ ପାର୍କରେ ରହିଛି ୱାଟର ଫାଉଣ୍ଟେନ୍ । ହେଲେ ଏହି ୱାଟର ଫାଉଣ୍ଟେନ୍ ଏବେ କିଛି ସ୍ଥାନରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି ତ ଆଉ କେଉଁଠି ଅଚଳ ହୋଇ ପଡ଼ିଛି । ଫଳରେ ସେଠାରେ ବର୍ଷା ପାଣି ଜମି ରହିବା ଯୋଗୁଁ ତାହା ମଶାଙ୍କ ଏନ୍ତୁଡ଼ିଶାଳ ପାଲଟିଛି । ରାଜଧାନୀର ବିଭିନ୍ନ ପାର୍କ ଏବଂ ରାସ୍ତାକଡ଼ରେ ଥିବା ୱାଟର ଫାଉଣ୍ଟେନ୍ ନିକଟରେ ଜନବସତିରେ ଲୋକେ ମଶାଙ୍କ ପ୍ରାଦୁର୍ଭାବର ଶିକାର ହେଉଛନ୍ତି ।

ରାଜଧାନୀରେ ମଧ୍ୟ ବିଭିନ୍ନ ପାର୍କ ଓ ରାସ୍ତାର ସୌନ୍ଦର୍ଯ୍ୟ ଟିକେ ଅଧିକ ସୁନ୍ଦର କରିବା ପାଇଁ ୱାଟର୍ ଫାଉଣ୍ଟେନ୍ ତିଆରି କରାଯାଇଥିଲା । ବିଶେଷକରି ସନ୍ଧ୍ୟା ସମୟରେ ଏହି ଫାଉଣ୍ଟେନ୍‌ଗୁଡ଼ିକ ଲୋକଙ୍କୁ ଆକର୍ଷିତ କରିବା ସହିତ ସହରର ଶୋଭା ବଢ଼ାଉଥିବାରୁ ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ହେଲେ ଅଧିକାଂଶ ଫାଉଣ୍ଟେନ୍ ଅଚଳ ହୋଇ ପଡ଼ି ରହିଛି । ଅନେକ ୱାଟର୍ ଫାଉଣ୍ଟେନ୍ ଆଉ କାମ କରୁନି । କିଛି କିଛି ସ୍ଥାନରେ ପଲିଥିନ୍, ପ୍ଲାଷ୍ଟିକ ବୋତଲ ପଚାପାଣି

- ପାର୍କରୁ ରାସ୍ତାଘାଟ ସବୁଠି ଅଚଳାବସ୍ଥା
- ମଶାଙ୍କ ବୃଦ୍ଧି ପାଇଁ ବଢୁଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା




ଭର୍ତ୍ତି ହୋଇ ରହିଥିବା ବେଳେ ଲ । ଗି ଥି ବ । ଯ ନ୍ତ୍ର । ଂ ଶ ରେ ମଧ୍ୟ କଳଙ୍କି ଲାଗିଗଲାଣି । ତତ୍ ସହିତ ଫାଉଣ୍ଟେନ୍ ଭିତରେ ରହିଥିବା ପାଣି ଖରାପ ହୋଇଯାଇଥିବାରୁ ମଶା ମାନେ ବଂଶ ବିସ୍ତାର କରୁଛନ୍ତି । ଫାଉଣ୍ଟେନ୍‌ରେ ମଧ୍ୟ ଲାଇଟ୍ ମଧ୍ୟ ଦେଖିବାକୁ ମିଳୁନାହିଁ । ସହରର ପ୍ରମୁଖ ଇନ୍ଦିରା ଗାନ୍ଧୀ ପାର୍କ, ଗାନ୍ଧୀ ପାର୍କ ଓ ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କ, ଫରେଷ୍ଟ ପାର୍କ ସହିତ ଏଜି ଛକ, କଳ୍ପନା ଛକ, ଇଡ୍ କୋ ଟାୱାର ଆଦି ସ୍ଥାନ ମାନଙ୍କରେ ୱାଟର ଫାଉଣ୍ଟେନ୍ ରହିଛି । ହେଲେ ଏହି ସବୁ ସ୍ଥାନରେ ରହିଥିବା ୱାଟର ଫାଉଣ୍ଟେନ୍ ଅଚଳ ହୋଇ ପଡ଼ିରହିଛି ।

ଇନ୍ଦିରା ଗାନ୍ଧୀ ପାର୍କରେ ଥିବା ୩ଟି ୱଟର ଫାଉଣ୍ଟେନ୍ ଅଚଳ ହୋଇପଡ଼ିଥିବା ବେଳେ ଜନତା ମଇଦାନରେ ପାଖରେ ଥିବା ଗାନ୍ଧୀପାର୍କର ମଧ୍ୟ ସମାନ ସ୍ଥିତ । ଏଥି ସହିତଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କର ସ୍ଥିତି ମଧ୍ୟ କିଛି ଭଲ ନୁହେଁ । ଏଠାରେ ମଧ୍ୟ ପ୍ରତିମୂର୍ତ୍ତି ପାଖରେ ଥିବା ମିନି ଫାଉଣ୍ଟେନ୍ ଅଚଳ ହୋଇ ପଡ଼ିରହିଛି । ପ୍ରତିଦିନ ସହ ସହ ଲୋକଙ୍କ ସମେତ ପର୍ଯ୍ୟଟକ ମାନେ ରାଜଧାନୀକୁ ଆସୁଛନ୍ତି । ହେଲେ ସହରର ରାସ୍ତାଘାଟ ଓ ପାର୍କରେ ଏହି ସବୁ ପାଉଣ୍ଟେସନ୍‌କୁ ଦେଖିବାରୁ ବଞ୍ଚିତ ହେଉଛନ୍ତି । ହେଲେ ଏହା ଉପରେ କାହାର ନଜର ପଡୁନାହିଁ । ଯାହା ଫଳରେ ଅଞ୍ଚଳରେ ମଶାଙ୍କ ବଂଶ ବିସ୍ତାର ହେବାରେ ଲାଗିଛି । ବିଶେଷକରି ଡେଙ୍ଗୁମଶାମାନେ ଏହିସୁବ ଫାଉଣ୍ଟେନର ଜମି ଥିବା ପାଣିରେ ଅଣ୍ଡା ଦେବା ଯୋଗୁଁ ରାଜଧାନୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି ।



୯/୧୦/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୭୪,୪୮୭/- ସୁନା: ୦୨.୦୫୦ ଗ୍ରାମ୍ ରୁପା: ୧୦.୦୦୦ ଗ୍ରାମ୍





# ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ପୁରୀ, ୯।୧୦(ସମିସ): ପୁରୀ ଜିଲ୍ଲାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ସକାଳ ସାଢ଼େ ୭ଟାରେ ସିଂହଦ୍ୱାରଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସର୍ବୋଦୟ ମେଳା ସଭାପତି ଉମାବଲ୍ଲଭ ମହାପାତ୍ର, ସମ୍ପାଦକ ଶିବ ପ୍ରସାଦ ମିଶ୍ର, ବରିଷ୍ଠ ପତ୍ରକାର ଜଗନ୍ନାଥ ବସ୍ତିଆ, ଜ୍ୟୋତ୍ସ୍ନାମୟୀ ନାୟକ, ପୁରୀ ସେବା ସମିତିର ସମ୍ପାଦକ ସମ୍ପାଦକ ସୌମେନ୍ଦ୍ର ଦାସ, ବରିଷ୍ଠ ନାଗରିକ ବିଶ୍ୱନାଥ ବେହେରା, ସମାଜସେବୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ପରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡରେ ଥିବା ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି, ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ବକୁଳବନରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ସମାଧି ସ୍ଥଳରେ ଥିବା ସ୍ମୃତିସ୍ତମ୍ଭ, କାଦୁଆସ୍ଥିତ ଗୋପବନ୍ଧୁ ଓ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସୁଆଣ୍ଡୋସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ଷଠି ଘରେ, ଗୋପବନ୍ଧୁ ପାର୍କସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଶେଷରେ ପ୍ରଭୁ ବିନୋଦ ବିହାରୀଙ୍କ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଯୋଗଦେଇ ଗୋପବନ୍ଧୁଙ୍କ ଜୀବନୀ, ଆଦର୍ଶ ଓ ତ୍ୟାଗ ପୂତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଅନ୍ୟ ଅତିଥିମାନେ ଯୋଗଦେଇ ମାଲ୍ୟାର୍ପଣ ସହ ପୂର୍ବରୁ ଗୋପବନ୍ଧୁଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଆଇଆଇସି ବିଜୟ କେତନ ବେହେରା, ଗୋପବନ୍ଧୁ ସ୍ମୃତି ପରିଷଦର ସଭାପତି ଧୀରେନ୍ଦ୍ର ନାଥ ଦାସ, ଅନ୍ୟାନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ।

## ଏସ୍‌ସିଏସ୍ କଲେଜରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପୁରୀ, ୯।୧୦(ସମିସ): ଓଡ଼ିଶାର ଅଗ୍ରଣୀ ମହାବିଦ୍ୟାଳୟ ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୯୧-୯୪ ବ୍ୟାଚ୍‌ର ବାଣିଜ୍ୟ ସ୍ନାତକ ଛାତ୍ରଛାତ୍ରୀଙ୍କ ପ୍ରୟାସରେ ଗୁରୁବାର କଲେଜ ପରିସରରେ ଉତ୍କଳମଣିଙ୍କ ଜୟନ୍ତୀ ଅବସରରେ ବର୍ଣ୍ଣାଢ୍ୟ ପରିବେଶରେ ଗୋପବନ୍ଧୁଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସାମନ୍ତ ଚନ୍ଦ୍ରଶେଖରଙ୍କ ପାଖରେ ଦୀପଦାନ ଓ ବୃକ୍ଷରୋପଣ ପରେ ଏକ ସାଧାରଣ ସଭା ଓ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଏବଂ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ତଥା ବରିଷ୍ଠ କବି ଡ. ଦିଲ୍ଲୀପ ସ୍ୱାଇଁ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ବାଣିଜ୍ୟ ବିଭାଗର ପ୍ରାକ୍ତନ ଅଧ୍ୟାପକ ପ୍ରଫେସର ଡ. ବିମଳ ପ୍ରସାଦ ମହାପାତ୍ର, ପ୍ରଫେସର ନିମାଇଁ ଚରଣ ଜେନା, ପ୍ରଫେସର ଡ. ପ୍ରମୋଦ କୁମାର ପୃଷ୍ଟି ଏବଂ ପ୍ରଫେସର ଡ. ଭଗବାନ ଦାସଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ରଛାତ୍ରୀମାନେ ଗୁରୁମାନଙ୍କର ସ୍ମୃତିଚାରଣ କରିଥିଲେ ଓ ନିଜର ଅନୁଭୂତି ବଖାଣିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡ. ଭଗବାନ ଦାସ ଏହି ମହାବିଦ୍ୟାଳୟକୁ ଏକ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମକୁ ୧୯୯୧-୯୪ର ବାଣିଜ୍ୟ ସ୍ନାତକ ଛାତ୍ର ସଞ୍ଜୀବ କୁମାର ରଥଶର୍ମା ପରିଚାଳନା କରିଥିଲେ। ଶତାଧିକ ପୁରୁଣା ଛାତ୍ରଛାତ୍ରୀ, କଲେଜର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନେ ଉପସ୍ଥିତ ଥିଲେ। ଆଲୁମ୍ନିମାନଙ୍କର ଏହିପରି ଉଦ୍ୟମକୁ ସଭାରେ ଉପସ୍ଥିତ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ।





ହବିଷ୍ୟାଳିମାନେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଯାଉଛନ୍ତି

# ପଞ୍ଜିକାରେ ରହୁନି ସମାନତା; ଦୀପାବଳି, ପର୍ୟାଶ୍ରାଦ୍ଧକୁ ନେଇ ଦ୍ୱନ୍ଦ୍ୱ

ପୁରୀ, ୯।୧୦(ସମିସ): ବାରମ୍ବାର ପଞ୍ଜିକା ସମୀକରଣ ବୈଠକ ବସୁଛି। ପର୍ବପର୍ବାଣୀର ତିଥି ବାରରେ ଯେପରି ସମାନତା ରହିବ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ହେଲେ ତିଥି ବାରରେ ଭିନ୍ନତା ରହୁଥିବାରୁ ଲୋକେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଏବେ କେବେ ପାଳିବେ ଦୀପାବଳି ? କେବେ ଦେବେ ପର୍ୟାଶ୍ରାଦ୍ଧ? ପାଞ୍ଜିରେ ଭିନ୍ନଭିନ୍ନ ମତ ଯୋଗୁଁ ଏବେ ଜନସାଧାରଣଙ୍କ ମଧ୍ୟରେ ଦୀପାବଳି ପାଳନକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। କିଛି ପାଞ୍ଜିରେ ଦୀପାବଳି ୨୦ ତାରିଖରେ ଓ ଆଉ କିଛି ପାଞ୍ଜିରେ ୨୧ ତାରିଖରେ ପାଳନ ନେଇ ଉଲ୍ଲେଖ ରହିଛି। ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର କହିଛନ୍ତି, ୨୦ ତାରିଖରେ ଦିନ ୩ଟା ୪୫ ପରେ ଅମାବାସ୍ୟା ପ୍ରବେଶ କରୁଛି। ୨୧ରେ ସନ୍ଧ୍ୟା ୫ଟା ୫୪ ମିନିଟ୍ ପର୍ଯ୍ୟନ୍ତ ଅମାବାସ୍ୟା ରହୁଛି। ୨୧ ତାରିଖ ଦିନ ୫ଟା ୧୫ ମିନିଟ୍ ୨୩ ସେକେଣ୍ଡରେ ସୂର୍ଯ୍ୟାସ୍ତ ରହୁଛି। ତେଣୁ ଉଭୟ ଦିନର ସୂର୍ଯ୍ୟାସ୍ତ ବେଳକୁ ଅମାବାସ୍ୟା ରହୁଥିବାରୁ ଶାସ୍ତ୍ରୀୟ ମତରେ ଦ୍ୱିତୀୟ ଦିନକୁ ଗ୍ରହଣ କରିବାର ବିଧି ରହିଛି। ସେହିପରି ପର୍ୟାଶ୍ରାଦ୍ଧ ତଥା ଦୀପଦାନ ଶ୍ରାଦ୍ଧ ସୂର୍ଯ୍ୟାସ୍ତ ସମୟରେ ସମାପନ ହେଉଥିବାରୁ ସୂର୍ଯ୍ୟାସ୍ତ ସମୟର ତିଥିକୁ ଗୁରୁତ୍ୱ ଦିଆଯାଏ। ସାମ୍ପ୍ରତିକ ସ୍ଥିତିରେ ଯେଉଁମାନେ ଆଶ୍ୱିନ ମାସ ଅମାବାସ୍ୟାରେ ମହାଳୟା ଶ୍ରାଦ୍ଧ କରି ନ ଥାଆନ୍ତି, ସେମାନେ କାର୍ତ୍ତିକ ଅମାବାସ୍ୟା ଦ୍ୱିପ୍ରହରରେ ମହାଳୟା ଶ୍ରାଦ୍ଧ ଏବଂ ସନ୍ଧ୍ୟାରେ ଦୀପଦାନ ଶ୍ରାଦ୍ଧ କରିବେ।

ମୁକ୍ତି ମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ପାଞ୍ଜିରେ ୨୦ ତାରିଖ ଦିନ ପର୍ୟାଶ୍ରାଦ୍ଧ ନିର୍ଣ୍ଣୟ କରାଯାଇଛି। ମାତ୍ର ଅନ୍ୟ ସମସ୍ତ ଅଗ୍ରଣୀ ପଞ୍ଜିକାରେ ୨୧ ତାରିଖ ପର୍ୟାଶ୍ରାଦ୍ଧ ନିର୍ଣ୍ଣୟ ହୋଇଛି। ମୁକ୍ତିମଣ୍ଡପ ପଣ୍ଡିତ ସଭା ୨୦ ତାରିଖକୁ ପର୍ୟାଶ୍ରାଦ୍ଧ ନିର୍ଣ୍ଣୟ କରିଥିବାବେଳେ କେଉଁ ଶାସ୍ତ୍ର ଆଧାରରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସିଦ୍ଧାନ୍ତ ନେଇଛନ୍ତି ତାହା ପାଞ୍ଜିରେ ଉଲ୍ଲେଖ ନାହିଁ। ଅପରପକ୍ଷେ ଯେଉଁମାନେ ମହାଳୟା ଶ୍ରାଦ୍ଧ କରି ନ ଥିବେ ସେମାନେ ଯଦି ୨୦ ତାରିଖରେ ଦୀପଦାନ ଶ୍ରାଦ୍ଧ କରିଦିଅନ୍ତି, ତେବେ ପ୍ରଥମେ ପିତୃପୁରୁଷଙ୍କୁ ବିସର୍ଜନ କରି ତା'ପର ଦିନ ମହାଳୟା ଶ୍ରାଦ୍ଧ କରିପାରିବେ ତ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ସଭାପତି ଆଦିତ୍ୟ ମିଶ୍ର କହିଛନ୍ତି, ୨୦ ତାରିଖ ଦିନ ୩ଟା ୪୫ ବେଳେ ଚତୁର୍ଦ୍ଦଶୀ ସରୁଛି। ଅମାବାସ୍ୟା ରାତିରେ ପାଳନ ହେବା କଥା। ତେଣୁ ଯେଉଁଟା ଚାଲିଲା ରାତି ରହିଲା। ତା' ପରଦିନ ୫ଟା ୧୫ ବେଳକୁ ସୂର୍ଯ୍ୟାସ୍ତ ହୋଇ ଆଉ ମାତ୍ର କିଛି ସମୟ ଅମାବାସ୍ୟା ରହୁଛି। ତେଣୁ ସେଦିନ ଅମାବାସ୍ୟା କିଭଳି ପାଳନ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ସମସ୍ତ ନିଯୋଗ ସହିତ ସ୍ଥିର କରାଯାଇ ୫ଟି ପାଞ୍ଜିରେ ଏ କଥାକୁ ସ୍ୱୀକୃତି ଦିଆଯାଇଛି। ତେଣୁ ଓଡ଼ିଶାବାସୀ ଏହିଦିନ ପାଳନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

● ନାବାଳିକାକୁ ଅପହରଣ ପରେ ବିବାହ

## ଗଞ୍ଜାମରୁ ଗିରଫ ହେଲା ଅଭିଯୁକ୍ତ

ପୁରୀ, ୯।୧୦(ସମିସ): ଜଣେ ନାବାଳିକାକୁ ଅପହରଣ କରି ନେଇ ବିବାହ କରିଥିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଚାରିଛକ ହରିଜନ ସାହିର ବିଶ୍ୱଜିତ ନାୟକ। ଅଭିଯାଗ ଅନୁଯାୟୀ, ଗତ ୫ ତାରିଖରେ ନରେନ୍ଦ୍ରକୋଣ ଅଞ୍ଚଳର ଜଣେ ନାବାଳିକା ନିଖୋଜ ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଗଞ୍ଜାମ ଜିଲ୍ଲା ରମ୍ଭା ଅଞ୍ଚଳରୁ ଉଭୟଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତ ଜଣକ ନାବାଳିକାକୁ ଅପହରଣ କରି ନେଇ ବିବାହ କରିଥିଲା। ପୁଲିସ ତାକୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିଲା।

## ୯୦୦ ଲିଟର ପୋଚ ନଷ୍ଟ, ଜଣେ ଗିରଫ

ପୁରୀ, ୯।୧୦(ସମିସ): ଚନ୍ଦନପୁର ଥାନା ପୁଲିସ ଜଣକ ଘରୁ ୫ ଲିଟର ଦେଶୀମଦ ଜବତ କରିଥିବାବେଳେ ୯୦୦ ଲିଟର ପୋଚ ନଷ୍ଟ କରିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଦିଅଁନଈ ସାହିର ରାଜା ଭୋଇକୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଚନ୍ଦନପୁର ଥାନା ପୁଲିସ ଗୁରୁବାର ପାଟ୍ରୋଲିଂ କରୁଥିଲା। ଅପରାହ୍ଣ ପ୍ରାୟ ୩ଟାରେ ଗେଡୁସାହି ଛକରେ ଜଣେ ବ୍ୟକ୍ତି ମଦ ବିକ୍ରି କରୁଥିବା ପୁଲିସ ପାଖରେ ଖବର ପହଞ୍ଚିଥିଲା। ତୁରନ୍ତ ପାଟ୍ରୋଲିଂ କର୍ମଚାରୀ ସେଠାରେ ପହଞ୍ଚି ଚଢ଼ଉ କରିଥିଲେ। ଅଭିଯୁକ୍ତ ରାଜା ଘର ଭିତରୁ ୫ ଲିଟର ଦେଶୀ ମଦ ଜବତ କରିଥିଲେ। ମାତ୍ର ତା' ବାଡ଼ିରେ ୪୫ଟି ୨୦ ଲିଟରିଆ ପ୍ଲାଷ୍ଟିକ୍ ଡବାରେ ପୋଚ ଦେଶୀମଦ ରାନ୍ଧିବା ପାଇଁ ରଖିଥିବା ଦେଖିଥିଲେ। ଏହି ପୋଚ ସବୁକୁ ନଷ୍ଟ କରିଥିଲା ପୁଲିସ। ସୂଚନାଥାଉ କି, ଗେଡୁସାହି ଗ୍ରାମ ଚନ୍ଦନପୁର ଏବଂ ସତ୍ୟବାଦୀ ଥାନା ସୀମାରେ ଥିବାରୁ ଅଭିଯୁକ୍ତ ଏହାର ସୁଯୋଗ ନେଇ ମଦ କାରବାର କରିଆସୁଥିବା ପୁଲିସ କହିଛି।

## ବିକ୍ରି ପାଇଁ ନେଉଥିବା ବାଣ ଜବତ

ପୁରୀ, ୯।୧୦(ସମିସ): କୌଣସି ଲାଇସେନ୍ସ ନ ଥାଇ ବିକ୍ରି ପାଇଁ ଜଣେ ଯୁବକ ବାଣ ନେଇ ଯାଉଥିବାବେଳେ ତାଙ୍କୁ କାବୁ କରିଛି ଚନ୍ଦନପୁର ଥାନା ପୁଲିସ। ଏଥିସହ ୩ଟି ବ୍ୟାଗ୍ ଭର୍ତ୍ତି ବାଣ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ଚନ୍ଦନପୁର ଥାନା ପୁଲିସ ସାନ୍ଧ୍ୟକାଳୀନ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଜଣେ ଯୁବକ ବାଇକ୍‌ରେ ଜଟଣୀରୁ ବାଣ ନେଇ କୋଣାର୍କ ଅଞ୍ଚଳକୁ ବିକ୍ରି ପାଇଁ ଯାଉଥିବା ପୁଲିସ ପାଖରେ ଖବର ପହଞ୍ଚିଥିଲା। ଫଳରେ ପୁଲିସ ଚନ୍ଦନପୁର ବଜାରରେ ଗାଡ଼ିମୋଟର ଯାଞ୍ଚ କରିଥିଲା। ଏହି ସମୟରେ ଜଣେ ଯୁବକ ଏକ ବାଇକ୍‌ରେ ବାଣ ନେଇ ସାକ୍ଷୀଗୋପାଳ ପଟୁ ଚନ୍ଦନପୁର ଆଡ଼କୁ ଆସୁଥିଲା। ବଜାରରେ ପୁଲିସକୁ ଦେଖି ଖସିଯିବାକୁ ଉଦ୍ୟମ କରିଥିଲା। ପୁଲିସ ଗୋଡ଼ାଇ ଗୋଡ଼ାଇ ତାକୁ କାବୁ କରିଥିଲା। ତା' ନିକଟରୁ ୩ ବ୍ୟାଗ୍ ଭର୍ତ୍ତି ବାଣ ଜବତ କରାଯାଇଥିଲା। ସମ୍ପୃକ୍ତ ଯୁବକ ହେଉଛନ୍ତି ଗୋପ ଥାନା ବଡ଼ତରା ଗ୍ରାମର ରଞ୍ଜନ ସ୍ୱାଇଁ। ବାଣ ବିକ୍ରି ପାଇଁ କୌଣସି ଲାଇସେନ୍ସ ନ ଥିବାବେଳେ ପୁଲିସ ତାକୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଛି।

● ସଂଗ୍ରହାଳୟ ହେବ 'ପାଥେର ପୁରୀ'

## ଘୋଷଣାରେ ସୀମିତ ରହି ନ ଯାଉ

ପୁରୀ, ୯।୧୦(ସମିସ): ଭାରତର ପ୍ରଥମ ନୋବେଲ ବିଜେତା ତଥା ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋରଙ୍କ ପୁରୀ ସହ ବହୁ ଭାବାବେଗ ସମ୍ପର୍କ ଥିଲା। ସୁବାସ ବୋଷ ଛକ ନିକଟରେ ଟାଗୋରଙ୍କ ସ୍ମୃତି ବହନ କରୁଥିବା ପାଥେର୍ ପୁରୀ ଗୃହ ରହିଛି। ଅସୁରକ୍ଷିତ କାରଣରୁ ଏହି କୋଠା ଭାଙ୍ଗିବାକୁ ପ୍ରଶାସନ ୨୦୨୦ରେ ନିଷ୍ପତ୍ତି ନେଇଥିଲା। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ବୁଦ୍ଧିଜୀବୀମାନେ କହିଥିଲେ, ଏହି ପାଥେର ଗୃହରେ ରବୀନ୍ଦ୍ର ନାଥ ଟାଗୋର ବିଶ୍ୱ ପ୍ରସିଦ୍ଧ ଗୀତାଞ୍ଜଳି କାବ୍ୟ ରଚନା କରିଥିଲେ। ଆଉ ଏହି କାବ୍ୟ ପାଇଁ ସେ ନୋବେଲ ପୁରସ୍କାର ପାଇଥିଲେ। ଏହି ମହାନ ବିଶ୍ୱକବିଙ୍କ ପାଥେର୍ ପୁରୀ ଗୃହକୁ ପ୍ରଶାସନ ଭାଙ୍ଗିବା ବଦଳରେ ପୁନରୁଦ୍ଧାର କରୁ ବୋଲି ଦାବି କରିଥିଲେ। ରବୀନ୍ଦ୍ର ନାଥ ଟାଗୋରଙ୍କ ସ୍ମୃତିରେ ଏଠାରେ ଏକ ମ୍ୟୁଜିୟମ୍, ପାଠାଗାର ଓ ଏକ ହଷ୍ଟେଲ ମଧ୍ୟ ନିର୍ମାଣ ହେଉ ବୋଲି ଦାବି କରିଆସୁଥିଲେ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷ। ୨୦୨୦ରୁ ସାରସ୍ୱତ ଅନୁଷ୍ଠାନ 'ଅଭିନନ୍ଦନିକା' ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଓ ସଚିବଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହି ଐତିହ୍ୟର ପୁନରୁଦ୍ଧାର ଓ ସୁରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଏଠାରେ ସଂଗ୍ରହାଳୟ ହେବ ବୋଲି ସରକାର ଘୋଷଣା କରିଛନ୍ତି। ଏହାକୁ ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସ୍ୱାଗତ କରିଛନ୍ତି। କିନ୍ତୁ ଏହି ଘୋଷଣା କେବଳ ଘୋଷଣାରେ ରହି ନ ଯାଉ ବୋଲି ସେ କହିଛନ୍ତି।

ବିଶ୍ୱ ବୈଦିକ ଦିବସ ପାଳିତ

## ବେଦର ଗୁରୁତ୍ୱ ଓ ପ୍ରଭାବ ଉପରେ ଆଲୋକପାତ

ପୁରୀ, ୯।୧୦(ସମିସ): ନୂଆଦିଲ୍ଲୀସ୍ଥିତ ସନାତନୀଗଙ୍ଗା ଫାଉଣ୍ଡେସନ ଆନୁକୂଲ୍ୟରେ ପାପୁଡ଼ିଆ ମଠରେ ଗୁରୁବାର ବିଶ୍ୱ ବୈଦିକ ଦିବସ ପାଳିତ ହୋଇଯାଇଛି। ଗୁରୁଜୀ ପ୍ରଫେସର ଦିବାକର ମହାପାତ୍ରଙ୍କ ପରାମର୍ଶ ଏବଂ ମଠ ମହନ୍ତ ମହାରାଜ ରାମକୃଷ୍ଣ ଦାସଜୀଙ୍କ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମଠ ବେଦ ପାଠଶାଳାର ପ୍ରଧାନ ଆଚାର୍ଯ୍ୟ ପଣ୍ଡିତ ବିଶ୍ୱରଞ୍ଜନ ଚଇନିଙ୍କ ସଂଯୋଜନାରେ ଏକ ସଭା ଆୟୋଜିତ ହୋଇଥିଲା। ଏହି ସଭାକୁ ପଣ୍ଡିତ ଇନ୍ଦ୍ରମଣି ପତି ସଞ୍ଚାଳନା କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବେଦ ବିଭାଗର ଅଧ୍ୟାପକ ଡ. ରାମଚନ୍ଦ୍ର ହୋତା ବେଦର ମହତ୍ତ୍ୱ, ଗୁରୁତ୍ୱ ଓ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଏହି ବିଭାଗର ଆସୋସିଏଟ୍ ପ୍ରଫେସର ଓ ପ୍ରଭାରୀ ଅଧ୍ୟକ୍ଷା ଡ. ପରାମ୍ବା ଶ୍ରୀଯୋଗମାୟା ବେଦର ଅଧ୍ୟୟନ, ସ୍ମରଣ, ମନନ, ଧ୍ୟାନ ଓ ଅଧ୍ୟାପନର ପାରମ୍ପରିକ ଧାରା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ପଣ୍ଡିତ ଗଙ୍ଗାଧର ପଣ୍ଡା ବେଦଶାସ୍ତ୍ରର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପୁରୀରେ ଅବସ୍ଥିତ ବିଭିନ୍ନ ବେଦ ପାଠଶାଳା ଓ ବେଦ ଭବନର ପ୍ରଧାନ ଆଚାର୍ଯ୍ୟ ଓ ଆଚାର୍ଯ୍ୟଗଣ ଯୋଗଦେଇଥିଲେ। ପ୍ରଚଳିତ ବେଦ ଶାଖାଗୁଡ଼ିକର ସୁରକ୍ଷା ଓ ଲୁପ୍ତ ବେଦ ଶାଖାଗୁଡ଼ିକର ପୁନରୁଦ୍ଧାର ନିମିତ୍ତ ସମସ୍ତେ ଚିନ୍ତାବ୍ୟକ୍ତ କରିଥିଲେ।

ସର୍ବଶ୍ରୀ ପଣ୍ଡିତ ଗୋପାଳ ଚନ୍ଦ୍ର ମହାପାତ୍ର, ଅରୁଣ କୁମାର ମିଶ୍ର, ସୁରେନ୍ଦ୍ର କୁମାର ଦାଶ, ରଘୁନାଥ ତ୍ରିପାଠୀ, ଦୟାନିଧି ପଣ୍ଡା, ଭାଗୀରଥି ପଣ୍ଡା, ପ୍ରବୀଣ କୁମାର କର, ସୂର୍ଯ୍ୟପ୍ରସାଦ ତ୍ରିପାଠୀ, ଡ. କୃପାସିନ୍ଧୁ ପଣ୍ଡା, ଆଶିଷ ଦ୍ୱିବେଦୀ, ଦେବେନ୍ଦ୍ର କୁମାର ଦ୍ୱିବେଦୀ, ରୀତେଶ କୁମାର ମିଶ୍ର, ପୁନୀତ କୁମାର ତିୱାରୀ, ଆଶୁତୋଷ ପାଣ୍ଡେ, ଦୀପ୍ତିମାନ୍ ଦାଶ, ଅମୂଲ୍ୟ କୁମାର ଚଇନି, ଆନନ୍ଦ ଯୋଷୀ, ଡ. ବିଷ୍ଣୁଦାଶ ଦେଶପାଣ୍ଡେ, ଶିବପ୍ରସାଦ ନନ୍ଦ, ରାଜୀବ ଦଣ୍ଡପାଠ, ଡ. ଅଶ୍ୱନୀ କୁମାର ମିଶ୍ର ଓ ଉମାକାନ୍ତ ସାମନ୍ତ, ପାପୁଡ଼ିଆ ମଠସ୍ଥିତ ବେଦ ପାଠଶାଳାର ସମସ୍ତ ବେଦ ବିଦ୍ୟାର୍ଥୀ ଏହି ସଭାରେ ଉପସ୍ଥିତ ଥିଲେ। ସର୍ବପ୍ରଥମେ ବୈଦିକ ବିଦ୍ୱାନଗଣ ଶ୍ରୀମନ୍ଦିର ସମ୍ମୁଖରେ ଦୀପ ପ୍ରଦାନ ପୂର୍ବକ ଏହି ବୈଦିକ ଦିବସକୁ ଉଦ୍‌ଘାଟନ କରିଥିଲେ। ପଣ୍ଡିତ ସୁରେନ୍ଦ୍ର କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ମହାମାୟା ଗଜଲକ୍ଷ୍ମୀ ପୂଜା କମିଟି

## ଆଜିଠୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ

ପୁରୀ, ୯।୧୦(ସମିସ): ବାଲିଘାଟ ଜାଗେଶ୍ୱରୀ ଛକସ୍ଥିତ ଶ୍ରୀଶ୍ରୀ ମହାମାୟା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୧୮ ତମ ମା' ଗଜଲକ୍ଷ୍ମୀ ଦେବୀଙ୍କ ପୂଜା ଉତ୍ସବ ଆସନ୍ତା ୬ରୁ ଆରମ୍ଭ ହୋଇ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୧୦, ୧୧, ୧୨ ତାରିଖ ତିନିଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଥମ ଦିନ ସନ୍ଧ୍ୟାର ଆକର୍ଷଣ ସାଜିବ ଗୀତ ବାହାର କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ଏବଂ ତାଙ୍କ ଗ୍ରୁପର ସୁମଧୁର ସଙ୍ଗୀତ, ଦ୍ୱିତୀୟ ସନ୍ଧ୍ୟାରେ ଆକର୍ଷଣ ସାଜିବ ନାଭିୟା ଜେଟୀ ଓ ତାଙ୍କ ଗ୍ରୁପ୍ ସଦସ୍ୟଙ୍କ ମନ୍ତ୍ରମୁଗ୍ଧ ସଙ୍ଗୀତ ଏବଂ ଶେଷ ସନ୍ଧ୍ୟାରେ ମହାରାଜା ବ୍ୟାଣ୍ଡ ପକ୍ଷରୁ ଗ୍ରୁପକୁ ନେଇ ମଞ୍ଚକୁ ଆସିବେ କଣ୍ଠଶିଳ୍ପୀ ସୁଙ୍ଖାନି



ମହାପାତ୍ର ବୋଲି ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅନୁଷ୍ଠାନର ସଭାପତି ବିଭୂତିଭୂଷଣ ସେଠୀ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଭାଗିରଥି ପ୍ରଧାନ, ଉପସଭାପତି ସୁନିଲ ମହାରଣା, ସମ୍ପାଦକ ସୁଜିତ୍ ସାହୁ, ଅଶୋକ ସୁବୁଦ୍ଧି, ସଞ୍ଜିତ୍ ସାହୁ, ହିମାଂଶୁ ମୁଦୁଲି, ଭିକାରୀ ସାହୁ, ରଞ୍ଜନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱେଚ୍ଛାସେବୀଙ୍କୁ ପ୍ରଶଂସା କଲେ ଜିଲ୍ଲାପାଳ

ପୁରୀ, ୯।୧୦(ସମିସ): ହବିଷ୍ୟାଳି ମା'ମାନଙ୍କର ବିବିଧ ସେବା କାର୍ଯ୍ୟରେ ସହଯୋଗ କରୁଛନ୍ତି ସ୍ୱେଚ୍ଛାସେବୀ। ସେମାନଙ୍କ ସେବା ଅନନ୍ୟ ଓ ଅତୁଳନୀୟ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଚଳିତବର୍ଷ ହବିଷ୍ୟାଳି ବ୍ରତ ବା ରାଇଦାମୋଦର ବ୍ରତରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କାର୍ଯ୍ୟ କରୁଛନ୍ତି। ହବିଷ୍ୟାଳି କେନ୍ଦ୍ରମାନଙ୍କରେ ହବିଷ୍ୟାଳି ମା'ମାନଙ୍କ ପଞ୍ଜୀକରଣରେ ଶୃଙ୍ଖଳା ରକ୍ଷା ସହ ସେମାନଙ୍କୁ ପ୍ରଦାନ କରାଯାଇଥିବା ରୁମ୍‌ମାନଙ୍କୁ ନେବା, ସେମାନଙ୍କ ସାମଗ୍ରୀ ନେଇ ରଖିବା, କେନ୍ଦ୍ରମାନଙ୍କରେ ମା'ମାନଙ୍କୁ ସାହାଯ୍ୟ କରିବା, ପ୍ରତ୍ୟୁଷରୁ ମା'ମାନଙ୍କୁ ମନ୍ଦିର ଦର୍ଶନ ପାଇଁ ନେବା, ସ୍ୱାସ୍ଥ୍ୟ ଖରାପ ହେଲେ ଚିକିତ୍ସାରେ ସହାୟକ ହେବା, ମହାପ୍ରସାଦ ସେବନରେ ସହାୟତା କରିବା ଇତ୍ୟାଦି କାର୍ଯ୍ୟକୁ ପରିଚାଳନା କରିଥା'ନ୍ତି। ପୂର୍ବରୁ ଜିଲ୍ଲାପାଳ ଶ୍ରୀ ପରିଡ଼ା ଏକାଧିକଥର ସ୍ୱେଚ୍ଛାସେବୀମାନଙ୍କ ସହ ଆଲୋଚନା ବୈଠକ କରିବା ସହ ହବିଷ୍ୟାଳି ସେବା କାର୍ଯ୍ୟରେ ସହଯୋଗ ପାଇଁ ଅନୁରୋଧ କରିଥିଲେ।

## ପୋଲିଓ ଟିକାକରଣ ନିମନ୍ତେ ଟାସ୍କଫୋର୍ସ କମିଟି ବୈଠକ

ପୁରୀ, ୯।୧୦(ସମିସ): ଗୁରୁବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ପଲ୍‌ସ ପୋଲିଓ ଟିକାଦାନ କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ଟାସ୍କଫୋର୍ସ କମିଟି ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ପୁଲିସ, ମହିଳା ଓ ଶିଶୁ ବିକାଶ, ଜିଲ୍ଲା ସମାଜ ମଙ୍ଗଳ ତଥା ମିଶନ ଶକ୍ତି, ସୂଚନା ଓ ଗଣଯୋଗାଯୋଗ ତଥା ରେଳ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପୋଲିଓ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଉପକେନ୍ଦ୍ର), ଜିଲ୍ଲାର ନିର୍ଦ୍ଦିଷ୍ଟ ସମସ୍ତ ବିଦ୍ୟାଳୟ ତଥା ଅଙ୍ଗନବାଡ଼ି କେନ୍ଦ୍ରରେ ଆସନ୍ତା ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏଥିପାଇଁ ଅନେକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିନିମନ୍ତେ ୫୬ଟି ଟ୍ରାଞ୍ଜିଟ୍ ପଏଣ୍ଟ ଚିହ୍ନଟ କରାଯାଇଛି ଓ ୨୪ଟି ମୋବାଇଲ୍ ଟିମ୍ ନିୟୋଜିତ ମଧ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ମୋଟ୍ ୧ ଲକ୍ଷ ୮୬ ହଜାର ୮୫୯ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିସହିତ ୩ ଲକ୍ଷ ୮୫ ହଜାର ୬୮୫ଟି ଗୃହ ପରିଦର୍ଶନ କରାଯାଇ ସମସ୍ତ ଶିଶୁଙ୍କୁ ମଧ୍ୟ ଚିହ୍ନଟ କରାଯାଇ ପୋଲିଓ ବୁନ୍ଦା ଦିଆଯିବ। ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ୭୬୬ଟି ପୋଲିଓ ବୁଥ୍‌ରେ ଟୀକାକରଣ କାର୍ଯ୍ୟକ୍ରମ ଚାଲୁରହିବ। ପରବର୍ତ୍ତୀ ଦୁଇ ଦିନରେ ଜିଲ୍ଲାର ସମସ୍ତ ଗୃହ ପରିଦର୍ଶନ କରାଯାଇ ଟୀକାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ। ସମସ୍ତଙ୍କ ସହଭାଗିତାରେ କାର୍ଯ୍ୟକ୍ରମଟି କିପରି ସଫଳ କରାଯିବ ସେଥିପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅକ୍ଷୟ କୁମାର ଶତପଥି ଆହ୍ୱାନ କରିଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ୟାମ ସୁନ୍ଦର ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

୫୮ ତମ କୁମାର ଉତ୍ସବ ଦ୍ୱିତୀୟ ସନ୍ଧ୍ୟା

# ଆକର୍ଷଣ ସାଜିଲା ନାଟକ 'କଳାପାହାଡ଼'

ପୁରୀ, ୯।୧୦ (ସମିସ): ଆଜି ବି ଲୋକମୁଖରେ ରହିଛି 'ଆସିଲା କଳାପାହାଡ଼ ଭାଙ୍ଗିଲା ଲୁହାର ବାଡ଼'। ଦୁର୍ଦ୍ଧର୍ଷ କଳାପାହାଡ଼ର ଓଡ଼ିଶା ଆକ୍ରମଣ ବିଶେଷକରି କଟକ, ଯାଜପୁର, ସମ୍ବଲପୁର, ପୁରୀ ଓ କୋଣାର୍କରେ ଆକ୍ରମଣ କରି ମନ୍ଦିରମାନ ଧ୍ୱଂସ କରିଥିଲା। କଳାପାହାଡ଼ର ଏହି ବର୍ବର ଆକ୍ରମଣର କାହାଣୀକୁ ନେଇ ଗୁରୁବାର ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଥିଲା ନାଟକ 'କଳାପାହାଡ଼'। କୁମାର ଉତ୍ସବ ସମିତି ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଛି ତିନିଦିନିଆ ୫୮ ତମ କୁମାର ଉତ୍ସବ। ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକ 'କଳାପାହାଡ଼'କୁ ଦର୍ଶକ ବେଶ୍ ଭଲପାଇବା ଦେଇଥିଲେ। ଜଣେ ହିନ୍ଦୁ ଧର୍ମ ପରିବର୍ତ୍ତନ କରି କିପରି ହିନ୍ଦୁ ମନ୍ଦିରକୁ ଭାଙ୍ଗିରୁଜି ଧ୍ୱଂସ କରିଥିଲେ ତାହାକୁ ବେଶ୍ ଭଲ ଭାବେ ମଞ୍ଚରେ ଫୁଟାଇ ପାରିଥିଲେ କୁମାର ଉତ୍ସବ ସମିତିର କଳାକାରମାନେ। ନାଟ୍ୟଭୂଷଣ ଚିନ୍ତାମଣି ଜେନାଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ସନ୍ତୋଷ ମହାନ୍ତି। ଏତଦ୍‌ବ୍ୟତୀତ ଦ୍ୱିତୀୟ ସନ୍ଧ୍ୟାର ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ବୈଭବୀ କଳାକେନ୍ଦ୍ର ପକ୍ଷରୁ ମାହାରୀ ନୃତ୍ୟ, ରୋଜ୍ ଟ୍ରି ନୃତ୍ୟଶାଳା କଟକ ପକ୍ଷରୁ ଶ୍ରୀମନ୍ଦିର ଓ ଆମ ପରମ୍ପରା, ମା' ଭୁଆଶୁଣୀ ନୃତ୍ୟ କେନ୍ଦ୍ର ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଲିଙ୍ଗରାଜ ନୃତ୍ୟାଳୟ ପକ୍ଷରୁ ଶ୍ରୀଜଗନ୍ନାଥାଷ୍ଟକମ୍ ଏବଂ ରେବଣା ନୂଆଗାଁ ପକ୍ଷରୁ ପାଇକ ଆଖଡ଼ା ପରିବେଷଣ କରାଯାଇଥିଲା।



ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ଅତିରିକ୍ତ ଅଧୀକ୍ଷକ ଡା. ପ୍ରସନ୍ନ ପ୍ରଧାନ, ପୁରୀ ବାର୍ ଆସୋସିଏସନ ସଭାପତି ପ୍ରେମାନନ୍ଦ ମହାନ୍ତି, ସମ୍ପାଦକ ଶରତ କୁମାର ରାୟଗୁରୁ, ଆଠଗଡ଼ ପୌର ସଦସ୍ୟ ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଅଧିବକ୍ତା ବିଭୁପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଇଂ. ରାଜେଶ କୁମାର ମିଶ୍ର, ଉପସଭାପତି ଅମରେନ୍ଦ୍ର ପାଇକରାୟ, ବରିଷ୍ଠ ସଦସ୍ୟ ବିଶ୍ୱନାଥ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସ୍ତମ୍ଭକାର ସତୀଶ ମିଶ୍ର, ସାମାଜିକ କର୍ମୀ ବିଜୟ କୁମାର ଚିହ୍ନରା, ଟେଲି ଧାରାବାହିକ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ମହାନ୍ତି, ଅଭିନେତା ରଶ୍ମୀରଞ୍ଜନ ପଣ୍ଡା, ରାକେଶ ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯିବା ସହିତ ସାଂସ୍କୃତିକ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କମିଟି ଅଧ୍ୟକ୍ଷ ଭରତ କୁମାର ନାୟକ ଏବଂ ମଞ୍ଚ ସଂଯୋଜନା କମିଟି ଅଧ୍ୟକ୍ଷ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ।

# ତାଳଚେର ବିଜେଡିର ଜନସମ୍ପର୍କ ପଦଯାତ୍ରା




ତାଳଚେର, ୯ ।୧୦(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରାଜ୍ୟରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ଗୁରୁବାର ତାଳଚେର ସହରାଞ୍ଚଳରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି । ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ବ୍ରଜକିଶୋର ପ୍ରଧାନଙ୍କ ତତ୍ତ୍ୱାବଧାନ ତଥା ନଗରପାଳ ପବିତ୍ର ଭୂତିଆଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ଦଳୀୟ ନେତା, କର୍ମୀ, କାଉନସିଲର ଏବଂ ବିଭିନ୍ନ ପଞ୍ଚାୟତସ୍ତରୀୟ ବିଜେଡି ନେତାମାନେ ତାଳଚେର ବସଷ୍ଟାଣ୍ଡସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିଠାରେ ପହଞ୍ଚିଥିଲେ ।

ବିଧାୟକ ପ୍ରଧାନ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେଠାରୁ ବିଶାଳ ଜନସମ୍ପର୍କ ପଦଯାତ୍ରା ବାହାରି ସହରର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲା । ଏହି ଅବସରରେ ବିଧାୟକ ପ୍ରଧାନ ନିଜ ଅଭିଭାଷଣରେ ରାଜ୍ୟର ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ଓ ରାଜ୍ୟରେ ଅରାଜକତା, ନାରୀ ନିର୍ଯାତନା ନେଇ କଟୁ ସମାଲୋଚନା କରିଥିଲେ । ପୂର୍ବ ବିଜେଡି ସରକାରଙ୍କ ସଫଳ ଶାସନର ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ନବୀନ ସରକାରଙ୍କ ଶାସନ କାଳରେ ରାଜ୍ୟବାସୀ ଯେଉଁ ସୁବିଧା ସୁଯୋଗ ପାଉଥିଲେ ତାହା ଡବଲ ଇଞ୍ଜିନ ସରକାରଙ୍କ ଶାସନରେ ମିଳିପାରୁନାହିଁ ବୋଲି କହି ସରକାରଙ୍କୁ ଭର୍ତ୍ସନା କରିଥିଲେ । ଜନସମ୍ପର୍କ ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ଲିପୁନା ଭୁକ୍ତା, ବ୍ଲକ ସଭାପତି ସନ୍ତୋଷ ପ୍ରଧାନ, ଜିଲ୍ଲା ଉପସଭାପତି ଦିଲୀପ ପ୍ରଧାନ, କାଉନସିଲର ଜିତେନ୍ଦ୍ର ଭୁତିଆ, ଯଶୋବନ୍ତ ମିଶ୍ର, ଟିକି ସାମନ୍ତ, ବିନୟ କୁମାର ଦାସ, ଆକାଶ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନେତା ସାମିଲ ହୋଇଥିଲେ ।


# ୪ ପାଣି ପମ୍ପ ଚୋରି

ବଇଣ୍ଡା, ୯ ।୧୦(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ମାଧପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ୪ ଚାଷୀଙ୍କ ବଗିଚାରେ ଲାଗିଥିବା ପାଣି ପମ୍ପ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ଚାଷୀ ସରୋଜ କୁମାର ସାହୁ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ପୋଟଳ ବଗିଚାରେ ଲାଗିଥିବା ନଳକୂଅର ପାଣିପମ୍ପ ସହ ପାଇପ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି । ସେହିପରି ମନୋଜ କୁମାର ପ୍ରଧାନ, ଶିଶିର ସାହୁ, ନରେଶ କୁମାର ପ୍ରଧାନଙ୍କର ପୋଟଳ ବଗିଚାରେ ଲାଗିଥିବା ପାଣିପମ୍ପ ମଧ୍ୟ ଚୋରି ହୋଇଛି । ଏ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି ।

## ୩ ଦିନ ହେଲା ଶ୍ରଦ୍ଧାଳୁ, ପୂଜା କମିଟି ଓ ବ୍ୟବସାୟୀଙ୍କୁ ବର୍ଷା କରୁଛି ନିରାଶ

# ଅନୁଗୋଳ ଲକ୍ଷ୍ମୀପୂଜା ମାହୋଲ ହେଉନି ସରଗରମ







ଅନୁଗୋଳ, ୯ ।୧୦(ସମିସ)

ଅନୁଗୋଳ ସହରର ବଡ଼ପର୍ବ ଗଜଲକ୍ଷ୍ମୀ ପୂଜା । ସହରରେ ବର୍ଷକୁ ବର୍ଷ ଲକ୍ଷ୍ମୀପୂଜା ମଣ୍ଡପ ସଂଖ୍ୟା ବୃଦ୍ଧି ପାଉଛି । ଚଳିତ ବର୍ଷ ପ୍ରାୟ ୩୦ ମଣ୍ଡପରେ ଧନଦାତ୍ରୀ ଲକ୍ଷ୍ମୀ ଠାକୁରାଣୀଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଛନ୍ତି । ସପ୍ତାହ ବ୍ୟାପୀ ଏହି ଉତ୍ସବକୁ ଅଧିକ ଆକର୍ଷଣୀୟ କରିବାକୁ ଆୟୋଜକ କମିଟିମାନେ ପୌରାଣିକ ଅବା ଆଧୁନିକ ବିଷୟବସ୍ତୁ ପ୍ରଭୃତି ସଦୃଶ ତୋରଣ, ରଙ୍ଗୀନ ଆଲୋକମାଳାରେ ମଣ୍ଡପକୁ ସଜ୍ଜିତ କରିଛନ୍ତି । କେତେକ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି । ଅନୁଗୋଳ ସହର ତଥା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଉତ୍ସାହର ସହ ପୂଜା ଦେଖିବାକୁ ଆପେକ୍ଷା କରିଛନ୍ତି । ପିଲା ପରିବାର ସାଥୀରେ ସହର ସାରା ପୂଜାମଣ୍ଡପ ବୁଲି ଉପଭୋଗ କରିବେ । ଚଟପଟି ଖାଦ୍ୟର ମଜା ନେବେ । ପିଲାଙ୍କ ପସନ୍ଦର ଖେଳନା, ଦୋଳି ଯାତ୍ରାରେ ମିଳିବ । ବ୍ୟବସାୟୀମାନେ ଦୂରଦୂରାନ୍ତରୁ ଆସି ପୂଜା ବଜାରରେ ଭଲ ଦି ପଇସା ରୋଜଗାର ହେବା ଆଶାନେଇ ପସରା ମେଲାଇଛନ୍ତି । ଆୟୋଜକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କଳାକାରମାନଙ୍କୁ ପୂର୍ବରୁ ସୁନିଶ୍ଚିତ ମଧ୍ୟ କରାଇଛନ୍ତି । ମାତ୍ର ଏ ସବୁ ବ୍ୟବସ୍ଥାକୁ ବର୍ଷା ବିଗାଡ଼ି ଦେଉଛି ।

କେତେକ ମଣ୍ଡପରେ ସୋମବାର ଓ ଅବଶିଷ୍ଟ ମଣ୍ଡପରେ ମଙ୍ଗଳବାର ପ୍ରତ୍ୟୁଷରୁ ମା' ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି । ପୂଜା ବୁଲିବାର ପ୍ରଥମ ଦିନ ମଙ୍ଗଳବାର ଠିକ ସନ୍ଧ୍ୟା ହେଉ ହେଉ ବର୍ଷା ଦାଉ ସାଧିଲା । ମୁଷଳ ଧାରାରେ ଅଧ ଘଣ୍ଟାଏ ବର୍ଷିଗଲା । ଲୋକେ ପୂଜା ଦେଖିବାକୁ ଘରୁ ବାହାରିଲା ବେଳକୁ ବର୍ଷା ଯୋଗୁଁ ଅଟକିଗଲେ । ପୁନଶ୍ଚ ବୁଧବାର ସନ୍ଧ୍ୟାରେ ମଧ୍ୟ ଅନୁରୂପ ଭାବେ ବର୍ଷି ଚାଲିଲା । ଲୋକେ ତ ଘରୁ ବାହାରିପାରିଲେ ନାହିଁ । ଫୁଟପାଥ ବ୍ୟବସାୟୀ ତାଙ୍କ ସାମଗ୍ରୀ ପସରା ବି ଖୋଲିପାରିଲେନି । ବର୍ଷା ସେମାନଙ୍କୁ ନିରାଶ କଲା । ଗୁରୁବାର ଦିନତମାମ ଶୁଖିଲା ତଥା ଖରାପାଗ ରହିଥିଲା । ତେବେ ଅପରାହ୍ନ ସାଢ଼େ ୪ଟା ବେଳକୁ ଆକାଶରେ କଳାହାଣ୍ଡିଆ ମେଘ ଡାକିଁ ବିଜୁଳି ଘଡ଼ଘଡି ମାରିଲା । ପୂଜା ଆରମ୍ଭ ଦିନଠାରୁ ସନ୍ଧ୍ୟାରେ ପାଗ ବିଗିଡ଼ି ଯାଉଥିବାରୁ ସମ୍ପୂର୍ଣ୍ଣ ପୂଜା ବଜାର ମହୋଲ ବିଗିଡ଼ିଯାଉଛି । ୧୪ ତାରିଖ ଯାଏ ପୂଜା ଏବଂ ୧୫ ତାରିଖ ମା' ଲକ୍ଷ୍ମୀଙ୍କ ଭସାଣି ଉତ୍ସବ । ଆଗକୁ ପାଗ କିପରି ରହିବ, ସେ ନେଇ ବ୍ୟବସାୟୀ ଚିନ୍ତାରେ ଅଛନ୍ତି ।



## ଚୁଡ଼ାଖାଇରେ ମା' ଗଜଲକ୍ଷ୍ମୀଙ୍କ ପୂଜା



କିଶୋରନଗର, ୯ ।୧୦(ସମିସ): କିଶୋରନଗର ବ୍ଲକ ହିମିତିରା ପଞ୍ଚାୟତ ଅନ୍ତର୍ଗତ ଚୁଡ଼ାଖାଇରେ ମା ଗଜଲକ୍ଷ୍ମୀଙ୍କ ଅନୁଷ୍ଠିତ ହେଉଛି । ପୂଜା ଅବସରରେ ପ୍ରତ୍ୟେକ ଦିନ ଭକ୍ତଙ୍କ ପାଇଁ ଆୟୋଜକଙ୍କ ପକ୍ଷରୁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଛି । ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ ପୂଜା ମଣ୍ଡପକୁ ଯାଇ ମା'ଙ୍କ ଦର୍ଶନ କରିଛନ୍ତି । ପୂଜା କମିଟି ପକ୍ଷରୁ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି । ସେହିପରି ବ୍ଲକର ଧଉରାପାଲ୍ଲୀ ବନ୍ଧସାହି, ସଞ୍ଜାମୁରା, କଦଳୀମୁଣ୍ଡା, ସର୍ଗିପାଲ୍ଲୀ, ନାକଚି ଆଦି ବିଭିନ୍ନ ସ୍ଥାନରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି । କଦଳୀମୁଣ୍ଡା ପୂଜା କମିଟି ପକ୍ଷରୁ ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରୁ ମୋଟ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

# ଓପି ଜିନ୍ଦଲ ସ୍ମାରକୀ ମେଧାବୃତ୍ତି ପାଇଁ ଆବେଦନ ଆହ୍ୱାନ

ଅନୁଗୋଳ, ୯ ।୧୦(ସମିସ): ଜିନ୍ଦଲ ଷ୍ଟିଲର ପ୍ରତିଷ୍ଠାତା ଓମ୍‌ପ୍ରକାଶ ଜିନ୍ଦଲଙ୍କ ସ୍ମୃତିରେ ଜିନ୍ଦଲ ଫାଉଣ୍ଡେସନ ତରଫରୁ ଆର୍ଥିକ ଅନଗ୍ରସର ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଓପି ଜିନ୍ଦଲ ଷ୍ଟାର ଏବଂ ଓପି ଜିନ୍ଦଲ ଜୁଏଲ ନାମରେ ଦୁଇଟି ମେଧାବୃତ୍ତି ପାଇଁ ଆବେଦନ ଆହ୍ୱାନ କରାଯାଇଛି । ଚଳିତ ବର୍ଷ ୧୦ମ ଶ୍ରେଣୀ ପାସ କରି +୨ ପ୍ରଥମ ବର୍ଷ (ବିଜ୍ଞାନ)ରେ ଅଧ୍ୟୟନ କରୁଥିବା ୭୭ଜଣ ଛାତ୍ରଛାତ୍ରୀଙ୍କୁ ଓପି ଜିନ୍ଦଲ ଷ୍ଟାର ମେଧାବୃତ୍ତି ପ୍ରଦାନ କରାଯିବ । ସେହିପରି +୨ (ବିଜ୍ଞାନ) ପାସ କରି ଇଞ୍ଜିନିୟରିଂ କିମ୍ବା ମେଡିକାଲ ଏବଂ ଆଇନ ଭଳି ସ୍ନାତକ ପାଠ୍ୟକ୍ରମରେ ଦେଶର ଯେକୌଣସି ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ପ୍ରଥମ ବର୍ଷର ୩୧ ଜଣ ଛାତ୍ରଛାତ୍ରୀଙ୍କୁ ଓପି ଜିନ୍ଦଲ ଜୁଏଲ ମେଧାବୃତ୍ତି ପ୍ରଦାନ କରାଯିବ । ଏଥି ନିମନ୍ତେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ନିର୍ଦ୍ଧାରିତ ସର୍ତ୍ତ ପୂରଣ କରୁଥିବା ଛାତ୍ରଛାତ୍ରୀଙ୍କୁ ଯୋଗ୍ୟତା ଆଧାରରେ ସେମାନଙ୍କ ଉଚ୍ଚଶିକ୍ଷା ନିମନ୍ତେ ମେଧାବୃତ୍ତି ପ୍ରଦାନ କରାଯିବ । ଓପି ଜିନ୍ଦଲ ଷ୍ଟାର ମେଧାବୃତ୍ତି ନିମନ୍ତେ ପ୍ରାର୍ଥୀ / ପ୍ରାର୍ଥିନୀ ଅନୁଗୋଳ ଜିଲ୍ଲା ବଣ୍ଟାଁରପାଳ କିମ୍ବା ଛେଣ୍ଡିପଦା ବ୍ଲକର ସ୍ଥାୟୀ ବାସିନ୍ଦା ହୋଇଥିବା ସହ ସରକାରୀ/ବେସରକାରୀ ସ୍କୁଲ କିମ୍ବା କଲେଜରେ +୨ (ବିଜ୍ଞାନ)ରେ ନାମ ଲେଖାଇଥିବେ । ଆବେଦନକାରୀଙ୍କ ଅଭିଭାବକ (ପିତା/ମାତା)ଙ୍କ ସମସ୍ତ ସୂତ୍ରରୁ ବାର୍ଷିକ ଆୟ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ ଏବଂ ଆବେଦନକାରୀ ଅନ୍ୟ କୌଣସି ସୂତ୍ରରୁ ବୃତ୍ତି ପାଉ ନ ଥିବା ଆବଶ୍ୟକ । ଆବେଦନକାରୀ ଦଶମ ପରୀକ୍ଷାରେ ୭୫ ପ୍ରତିଶତ ବା ତା'ଠାରୁ ଅଧିକ ନମ୍ବର ରଖିଥିବା ଅବଶ୍ୟକ । ସେହିପରି ଓପି ଜିନ୍ଦଲ ଜୁଏଲ ମେଧାବୃତ୍ତି ନିମନ୍ତେ ପ୍ରାର୍ଥୀ/ ପ୍ରାର୍ଥିନୀ ଅନୁଗୋଳ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ସହ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା କିମ୍ବା ତଦ୍ରୁଲ୍ୟ ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବେ । ସେମାନଙ୍କ ଅଭିଭାବକ (ପିତା/ମାତା)ଙ୍କ ସମସ୍ତ ସୂତ୍ରରୁ ବାର୍ଷିକ ଆୟ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ । ଆବେଦନକାରୀ ଅନ୍ୟ କୌଣସି ସୂତ୍ରରୁ ବୃତ୍ତି ପାଉ ନ ଥିବା ଆବଶ୍ୟକ । ଆବେଦନକାରୀ +୨ ବାର୍ଷିକ ପରୀକ୍ଷାର ୭୫ ପ୍ରତିଶତ ବା ତା'ଠାରୁ ଅଧିକ ନମ୍ବର ରଖିଥିବା ଆବଶ୍ୟକ । ଆବେଦନକାରୀ ଗୁଗୁଲ ଫର୍ମ ଲିଙ୍କ (https://forms.gle/pNhGMErSpvjF8vfw9) ରେ ଆବେଦନ କରିବେ । ଆବେଦନ ଫର୍ମ ପୂରଣ କରି ସବୁ ଦଲିଲର ନକଲ ନଭେମ୍ବର ୭ ତାରିଖ ସୁଦ୍ଧା ଜିନ୍ଦଲ ନିଶା ସିଏସଆର୍ ଅଫିସରେ ଦାଖଲ କରିବେ । ଏହି ବୃତ୍ତି ହାସଲ କରିବା କ୍ଷେତ୍ରରେ ଦିବ୍ୟାଙ୍ଗ ଏବଂ ଅନାଥ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ ବୋଲି ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି । ପ୍ରାର୍ଥୀ/ପ୍ରାର୍ଥିନୀ ଅଧିକ ବିବରଣୀ ନିମନ୍ତେ ଜିନ୍ଦଲ ସିଏସଆର ବିଭାଗ ଅଧିକାରୀ ତାପସ ମହାନ୍ତିଙ୍କୁ ମୋବାଇଲ ନମ୍ବର ୯୭୭୭୪୪୩୮୮୯ରେ ଯୋଗାଯୋଗ କରିପାରିବେ ।

# ହୋଟେଲରୁ ଚିତିସାପ ଉଦ୍ଧାର

**ଅଳ୍ପକେ ବର୍ତ୍ତିଲେ ଗ୍ରାହକ**

ବଇଣ୍ଡା, ୯ ।୧୦(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଶରଧାମୁଣ୍ଡା ଗ୍ରାମସ୍ଥିତ ଏକ ହୋଟେଲରୁ ଗୁରୁବାର ଚିତିସାପ ଉଦ୍ଧାର କରାଯାଇଛି । ଗ୍ରାହକମାନେ ଖାଉଥିବା ବେଳେ ହଠାତ ସାପଟି ହୋଟେଲ ଭିତରକୁ ପକାଇ ଆସିଥିଲା । ସାପକୁ ଦେଖି ଗ୍ରାହକମାନେ ଭୟରେ ବାହାରକୁ ପଳାଇଥିଲେ । ହୋଟେଲ ମାଲିକ ସୁରଥ ପ୍ରଧାନ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ । ସିଦ୍ଧେଶ୍ୱର ହୋଟେଲରେ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ ।

# ଉତ୍କଳମଣିଙ୍କ ଜୟନ୍ତୀରେ ଛାତ୍ର-ଯୁବ ସଂଗଠନର ଶ୍ରଦ୍ଧାଞ୍ଜଳି



ଅନୁଗୋଳ, ୯ ।୧୦(ସମିସ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ଉପଲକ୍ଷେ ଛାତ୍ର ସଂଗଠନ ଡିଏସ୍‌ଓ ଓ ଯୁବ ସଂଗଠନ ଡିୱାଇଓ ପକ୍ଷରୁ ସହର ମଧ୍ୟସ୍ଥ ଗୋପବନ୍ଧୁ ପାର୍କଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ପୂର୍ବାହ୍ନରେ ଉଭୟ ସଂଗଠନର କର୍ମକର୍ତ୍ତାମାନେ ଗୋପବନ୍ଧୁ ପାର୍କରେ ସମବେତ ହେବାପରେ ଡିୱାଇଓ ସଂଗଠିକା ଜ୍ୟୋତ୍ସ୍ନା ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୋପବନ୍ଧୁଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୋଳ ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ଡିୱାଇଓ ରାଜ୍ୟ ସଭାପତି ମାନସ ପାଲ ଏବଂ ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ ପ୍ରଧାନ ଆଲୋଚନା ମାଧ୍ୟମରେ ସମାଜ ପାଇଁ ଉତ୍କଳମଣିଙ୍କ ତ୍ୟାଗ ଓ ଜୀବନ ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ । ମାନବିକ ମୂଲ୍ୟବୋଧ, ମଣିଷପଣିଆର ସେ ଯେଉଁ ଉଦାହରଣ ରଖିଯାଇଛନ୍ତି ତାହା ସମାଜର ଛାତ୍ର, ଯୁବକମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଯୁବ ସଂଗଠକ ନିରଞ୍ଜନ ନାୟକ, ମଳୟ ବେହେରା, ବିଷ୍ଣୁ ସାହୁ, ଛାତ୍ରନେତା ନାରାୟଣ ନାୟକ, ସଂଗଠିକା ସରୋଜିନୀ ବେହେରା, ନିରୁପମା ନାୟକ, ଚାଷୀନେତା ସୁବାସ ପ୍ରଧାନ, ସରୋଜିନୀ ନାୟକଙ୍କ ସମେତ ସହରର ବହୁ ନାଗରିକ ଉପସ୍ଥିତ ଥିଲେ ।

**ଖଣ୍ଡହତା-ପିପଳବାହାଳ ଗଜଲକ୍ଷ୍ମୀ ପୂଜାରେ ଧନୁଯାତ୍ରା**

# ମୋବାଇଲ୍ ମାୟାରୁ ସୁରକ୍ଷିତ ରହିବାକୁ କଂସଙ୍କ ଆଦେଶ



କିଶୋରନଗର, ୯ ।୧୦(ସମିସ): ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ କିଶୋରନଗର ବ୍ଲକ୍ ଖଣ୍ଡହତା-ପିପଳବାହାଳ ଲକ୍ଷ୍ମୀପୂଜା କମିଟି ତରଫରୁ ଆୟୋଜିତ ଧନୁଯାତ୍ରା ଉତ୍ସବର ଗୁରୁବାର ଥିଲା ତୃତୀୟ ଦିବସ । କୃଷ୍ଣଙ୍କ ହତ୍ୟା ପାଇଁ ଗୋପପୁରକୁ ଯାଇଥିବା ପୁତନା ରାକ୍ଷସୀର ନିଧନ ଖବରରେ ମହାରାଜ କଂସ ମର୍ମାହତ ହୋଇଥିଲେ । ପରେ ପାତ୍ରମନ୍ତ୍ରୀ ସହ ପରାମର୍ଶ କରି କୃଷ୍ଣଙ୍କ ହତ୍ୟା ପାଇଁ ଶକଟାସୁର, ବକାସୁରଙ୍କୁ ପ୍ରେରଣ କରିଥିଲେ । ଏହି ଅବସରରେ ମହାରାଜା କଂସଙ୍କ ଦରବାରରେ ରାଜଅତିଥି ଭାବେ ଯୋଗଦେଇଥିଲେ ବିଜେଡି ଯୁବନେତା ଆରୁଣାଭ ସିଂହ, ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା "ନୃତ୍ୟ ନୀଳୟ'ର ନିର୍ଦ୍ଦେଶିକା ସ୍ୱପ୍ନାରାଣୀ ସିହ୍ନା, କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ଓ ବୌଦ୍ଧ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ପ୍ରଭୁଦତ୍ତ ହୋତା । ସମସ୍ତ ରାଜଅତିଥି ମହାରାଜା କଂସଙ୍କ ଆଗରେ ଶୃଙ୍ଖଳିତ ସମାଜ ଗଠନ ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ । ମୋବାଇଲ୍ ମାୟାଜାଲରୁ ଛୋଟ ପିଲା ଓ ଯୁବସମାଜକୁ ସୁରକ୍ଷିତ ରଖିବା, ତଥା ସୁସ୍ଥ ସମାଜ ଗଠନ ପାଇଁ ମଥୁରା ନଗରୀର ସମସ୍ତ ମାଆମାନେ, ମାଆ ଦୁର୍ଗାଙ୍କ ମନ ନେଇ ଆଗେଇ ଆସିବାକୁ ମହାରାଜା ଆଦେଶ ଦେଇଥିଲେ । "ନୃତ୍ୟ ନୀଳୟ'ର ଓଡ଼ିଶୀ ନୃତ୍ୟଶିଳ୍ପୀ ଚିନ୍ମୟୀ ସାହୁ ଦରବାରରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ମହାରାଜା କଂସଙ୍କ ପ୍ରଶଂସା ଭାଜନ ହୋଇଥିଲେ । ଆଜିର ରାଜଦରବାରରେ ପରଜଙ୍ଗ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ କୁଳମଣି ମେହେର ବିଦୂଷକ ଭୂମିକା ନିର୍ବାହ କରିଥିଲେ । ଏହି ଧନୁଯାତ୍ରା ଉତ୍ସବକୁ ଉପଭୋଗ କରିବା ପାଇଁ ଆଖପାଖ ଅଞ୍ଚଳରୁ ପ୍ରବଳ ଜନସମାଗମ ହେଉଛି । ଏହି ଯାତ୍ରା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।


**ଗଜଲକ୍ଷ୍ମୀ ପୂଜା**

# ରଙ୍ଗୀନ ଆଲୋକମାଳାରେ ଝଲସୁଛି ବଣ୍ଟାଁରପାଳ



ବଣ୍ଟାଁରପାଳ, ୯ ।୧୦(ସମିସ)

ମା' ଧନଦାତ୍ରୀଙ୍କ ଆଗମନରେ ସମଗ୍ର ବଣ୍ଟାଁରପାଳ ବଜାର ଉତ୍ସବମୁଖର ହୋଇଉଠିଛି । ଏକଦା ବଣ୍ଟାଁରପାଳ ବଜାରର କିଛି ବ୍ୟବସାୟୀ ଲକ୍ଷ୍ମୀପୂଜା ଆରମ୍ଭ କରି ଗୋଟିଏ ମଣ୍ଡପରେ ମା'ଙ୍କ ପୂଜା କରୁଥିଲେ । କିଛିବର୍ଷ ପରେ ବଜାର ସଂଖ୍ୟା ବଢ଼ିବାରୁ ବଜାରବାସୀ ପ୍ରତ୍ୟେକ ବଜାରରେ ପୂଜା କରିବାକୁ ନିଷ୍ପତ୍ତି ନେଇଥିଲେ । ବର୍ତ୍ତମାନ ୧୩ଟି ବଜାରର ୧୩ଟି ମଣ୍ଡପରେ ମା'ଙ୍କ ଆରାଧନା କରାଯାଉଛି । ସମସ୍ତ ବଜାରର ପୂଜାକୁ ନିୟନ୍ତ୍ରଣ କରିବା ପାଇଁ ବଣିକ ମହାସଙ୍ଘ ଗଠନ କରାଯାଇଛି । ମହାସଂଘ ସମସ୍ତ ପୂଜାମଣ୍ଡପରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ପୁଲିସ ପ୍ରଶାସନ ଓ ବଜାରବାସୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଭିନ୍ନ ସମସ୍ୟାର ସମାଧାନ କରୁଛି । ଚଳିତ ବର୍ଷ ତାମଡ଼ା ମାର୍କେଟ, ଅନ୍ନପୂର୍ଣ୍ଣା ପୂଜା କମିଟି, ଶାନ୍ତି ବଜାର, ଡେଲି ମାର୍କେଟ, ସିଦ୍ଧେଶ୍ୱର ବଜାର, ଲକ୍ଷ୍ମୀନାରାୟଣ ପୂଜା କମିଟି, ସନ୍ତ୍ରୀଛକ ବଡ଼ ବଜାର (କ), ସନ୍ତ୍ରୀଛକ ନୂଆ ବଜାର (ଖ) ଓ (ଗ), ଧନଲକ୍ଷ୍ମୀ ପୂଜା କମିଟି, ଶୁଭଲକ୍ଷ୍ମୀ ପୂଜା କମିଟି, ଧନଲକ୍ଷ୍ମୀ ପୂଜା କମିଟି (ସନ୍ତ୍ରୀଛକ) ଓ ପଞ୍ଚଶ୍ରୀକ୍ଷେତ୍ର ପୂଜା କମିଟି ପକ୍ଷରୁ ମା'ଙ୍କ ପୂଜା ଆୟୋଜନ କରାଯାଇଛି । ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ଆଲୋକ ତୋରଣ ସହ ମୃଣ୍ମୟୀ ମୂର୍ତ୍ତି, ମଣ୍ଡପର ଆଭ୍ୟନ୍ତରୀଣ ଓ ବାହ୍ୟ ସାଜସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଛି । ପଞ୍ଚଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରଠାରୁ ସନ୍ତ୍ରୀଛକ ପର୍ଯ୍ୟନ୍ତ ୫୫ନଂ ଜାତୀୟ ରାଜପଥର ଉଭୟ ପାଶ୍ୱର୍ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ ହୋଇଛି । ଡେଲି ମାର୍କେଟ ମଣ୍ଡପରେ ମା' ୮ କିଲୋ ଓଜନର ରୁପା ଅଳଙ୍କାରରେ ଶୋଭା ପାଉଛନ୍ତି । ସମସ୍ତ ପୂଜା କମିଟି ପ୍ରତିଯୋଗିତା ମୂଳକ ଭାବେ ନିଜ ମଣ୍ଡପକୁ ଆକର୍ଷଣୀୟ କରିବାକୁ ପ୍ରୟାସ କରିବା ସହ ଶ୍ରଦ୍ଧାଳୁ କିଭଳି ଶୃଙ୍ଖଳିତ ଦର୍ଶନ କରିପାରିବେ ସେଥିପାଇଁ ବ୍ୟବସ୍ଥା କରିଛନ୍ତି । ପ୍ରତ୍ୟେକ କମିଟି ପକ୍ଷରୁ ପ୍ରତ୍ୟେକ ଦିନ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଉଛି । ପ୍ରଥମ ଦୁଇ ସନ୍ଧ୍ୟାରେ ଝଡ଼ିବର୍ଷା ଯୋଗୁଁ ପୂଜା ମାହୋଲ ଫିକା ରହିଛି । ପୂଜା କମିଟିଗୁଡ଼ିକ ପକ୍ଷରୁ ଅପେରା, ମେଲୋଡି, ରେକର୍ଡ ଡ୍ୟାନ୍ସ, ଭଜନ ସନ୍ଧ୍ୟା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି । ଆସନ୍ତା ୧୫ ତାରିଖ ମିଳିତ ଭସାଣି କରାଯିବ ବୋଲି ମହାସଂଘ ସଭାପତି ଉପେନ୍ଦ୍ର କୁମାର ସାହୁ ଓ ସମ୍ପାଦକ ଅଖିଳ କୁମାର ମହାପାତ୍ର ସୂଚନା ଦେଇଛନ୍ତି ।



# ଭୋଟ ଚୋରି; କଂଗ୍ରେସର ଦସ୍ତଖତ ଅଭିଯାନ

ଅନୁଗୋଳ, ୯ ।୧୦(ସମିସ): ସମଗ୍ର ଦେଶରେ ଭୋଟଚୋରି ପ୍ରସଙ୍ଗ ନେଇ ଅନୁଗୋଳ ଜିଲ୍ଲା କଂଗ୍ରେସ ଭବନରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି । ଜିଲ୍ଲାସ୍ତରୀୟ ଏହି ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମରେ ପିସିସି ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ପ୍ରଦେଶ କୃଷକ ସେଲର ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ, ବରିଷ୍ଠ ନେତା ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାଏକ, ତପନ ପ୍ରଧାନ, ସହଦେବ ସାହୁ, ଦାଶରଥି ସାହୁ, ଦୁଷ୍ମନ୍ତ ଦଳବେହେରା, ଅମୂଲ୍ୟ ବେହେରା, ବିନୋଦ ମାଝୀ, ରାକେଶ ମିଶ୍ର, ଉଦୟନାଥ ବେହେରା, ଅରୁଣ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ । କେନ୍ଦ୍ରରେ ଚାଲୁଥିବା ବିଜେପି ସରକାର କିପରି ଭୋଟ ଚୋରି କରି କ୍ଷମତାସୀନ ହୋଇଛି ତା'ର ପ୍ରତିବାଦରେ ଏଆଇସିସି ନିର୍ଦ୍ଦେଶରେ ଏହି ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି । ଦଳୀୟ କର୍ମୀମାନେ ଜନସାଧାରଣ, ସଚେତନ ନାଗରିକ ସମେତ ସବୁ ବର୍ଗର ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଭୋଟ ଚୋରି ସମ୍ପର୍କରେ ସଚେତନ କରାଇ ଦସ୍ତଖତ ଅଭିଯାନକୁ ସଫଳ କରିବାକୁ ଜିଲ୍ଲା ସଭାପତି ପ୍ରଧାନ ଆହ୍ୱାନ ଦେଇଥିଲେ । ଭୋଟ ଚୋର-ଗାଦି ଛାଡ଼ ନେଇ ହେବାକୁ ଥିବା ଦସ୍ତଖତ ଅଭିଯାନକୁ ସଫଳ କରିବା ପାଇଁ ଉପସ୍ଥିତ ସମସ୍ତ କଂଗ୍ରେସ ନେତା ନିଜ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଯେଉଁମାନେ ଆଜିର ଏ ବୈଠକରେ ଯୋଗଦେଇ ପାରିନାହାନ୍ତି ବା କୌଣସି ସୂଚନା ପାଇନାହାନ୍ତି, ସେମାନେ ମଧ୍ୟ ଯଥାଶୀଘ୍ର ଜିଲ୍ଲା ସଭାପତିଙ୍କ ସହ ଯୋଗାଯୋଗ କରି ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ନିବେଦନ କରାଯାଇଛି । ପରେ ଜିଲ୍ଲାର ସମସ୍ତ ବ୍ଲକ ଓ ଦଳୀୟ ନେତାମାନଙ୍କୁ ଦସ୍ତଖତ ଅଭିଯାନ ଫର୍ମ ପ୍ରଦାନ କରାଯାଇଥିଲା ।





## ଖଣ୍ଡିଆ ରାସ୍ତା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

# ମଞ୍ଚେଶ୍ୱର ଷ୍ଟେସନ୍ ଯିବାକୁ ନାକେଦମ୍

ଭୁବନେଶ୍ୱର, ୯।୧୦(ସମିସ): ରାଜଧାନୀକୁ ସରସ ସୁନ୍ଦର କରିବାକୁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମୁଖ୍ୟ ରାସ୍ତାଗୁଡ଼ିକ ପରସ୍ତ ଉପରେ ପରସ୍ତ କାମ କରାଯାଉଥିବା ବେଳେ ଅଧିକାଂଶ ଗଳିକନ୍ଦି ଓ ସର୍ଭିସ୍ ରାସ୍ତାର ବାସ୍ତବଚିତ୍ର ଅଲଗା। ରାସ୍ତା ଉପରେ ଚାହିଁ ବସିଛି ବିପଦ। କେଉଁଠି ରାସ୍ତା ଉପରେ ଖାଲ ଭର୍ତ୍ତି ହୋଇଛି ତ ଆଉ କେଉଁଠି ଉଠିଗଲାଣି ପିଚୁ ଓ କଂକ୍ରିଟ। ଫଳରେ ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଛନ୍ତି ପଥଚାରୀ। ଦୀର୍ଘଦିନ ଧରି ଯାତ୍ରୀମାନେ ଏହି ସମସ୍ୟା ଭୋଗୁଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ନାହିଁ। ଏଭଳି ରାସ୍ତା ଦେଖିବାକୁ ମିଳିଛି ରାଜଧାନୀର ଏକ ପ୍ରମୁଖ ଜନଗହଳି ସ୍ଥାନରେ। ମଞ୍ଚେଶ୍ୱର ଶିଳ୍ପାଞ୍ଚଳରୁ ରଙ୍ଗମାଟିଆକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଭର୍ତ୍ତି ହୋଇଥିବା ବଡ଼ବଡ଼ ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି ଯାତ୍ରୀ।

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୧୦ ଅଧୀନରେ ରହିଛି ଏହି ଜନଗହଳିପୂର୍ଣ୍ଣ ରାସ୍ତା। ରସୁଲଗଡ଼, ମଞ୍ଚେଶ୍ୱର, ଗାଡ଼କଣ, ରଙ୍ଗମାଟିଆ, ଭିଏସଏସନଗର ଆଦି ପ୍ରମୁଖ ସ୍ଥାନକୁ ସଂଯୋଗ କରୁଥିବା ଏହି ରାସ୍ତାରେ ସକାଳୁ ରାତି ପର୍ଯ୍ୟନ୍ତ ଶହଶହ ଲୋକ ଯାତାୟତ କରୁଛନ୍ତି। ବିଶେଷ କରି ସହର ଭିତରକୁ ଯିବାକୁ ହେଲେ ଏହି ରାସ୍ତା ଆଖପାଖ ଅଞ୍ଚଳର ଏକମାତ୍ର ଭରସା।



ମଞ୍ଚେଶ୍ୱର ରେଳ ଷ୍ଟେସନ୍‌କୁ ପ୍ରତିଦିନ ଯାତ୍ରୀମାନେ ଯିବା ଆସିବା କରୁଥିବା ବେଳେ ପାଣିକାଦୁଅରେ ପଶି ଯିବାକୁ ପଡୁଛି। ଏହା ସାଙ୍ଗକୁ ଷ୍ଟେସନ୍ ନିକଟରେ ର୍‌ୟାକ୍ ପଏଣ୍ଟ ରହିଥିବାରୁ ଶହଶହ ସଂଖ୍ୟାରେ ଟ୍ରକ୍ ଭଳି ଭାରିଯାନ ଯାତାୟତ ଲାଗିଥାଏ। ମାଲବାହି ଟ୍ରେନ୍ ଯୋଗେ ଆସୁଥିବା ସିମେଣ୍ଟ, ହେଉ ଅବା ବିଭିନ୍ନ ସାମଗ୍ରୀ ଏଠାରେ ଅନଲୋଡ୍ କରାଯାଇ ଟ୍ରକ୍ ଯୋଗେ ସ୍ଥାନାନ୍ତର କରାଯାଇଥାଏ। ଏଥିପାଇଁ ଏକାଥରକେ ୧୦୦ରୁ ଊର୍ଦ୍ଧ୍ୱ ଟ୍ରକ୍ ଏହି ରାସ୍ତା ଦେଇ ଯାଇଥାନ୍ତି। ତା ସାଙ୍ଗକୁ ନିୟମିତ ସାଧାରଣ ଲୋକଙ୍କ ଯାତାୟତ, ସିଟିବସ୍, ଶିକ୍ଷାନୁଷ୍ଠାନ ଗୁଡ଼ିକ ପକ୍ଷରୁ ବସ୍ ଅବା ଭ୍ୟାନ୍, ଅଟୋ ଆଦି ଯାନାବହାନ ଚଳାଚଳ ହୋଇଥାଏ। ହେଲେ ରାସ୍ତା ଉପରେ ଭର୍ତ୍ତି ହୋଇଥିବା ଖାଲଖମାରେ ପଡ଼ି ପ୍ରତିଦିନ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ବି ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଅଞ୍ଚଳବାସୀ କହିଛନ୍ତି। ତେବେ ସବୁଠାରୁ ବଡ଼କଥା ହେଉଛି ଏହି ରାସ୍ତାରେ ବଡ଼ବଡ଼ ଖାଲ ଗୁଡ଼ିକ ରହିଥିବାରୁ ଅସରାଏ ବର୍ଷାରେ ପାଣି ଭର୍ତ୍ତି ହୋଇଥାଏ। ଫଳରେ ଅଜଣା ବ୍ୟକ୍ତି ଏହି ରାସ୍ତାରେ ଯାଇ ଖାଲରେ ଫସିବା ସହ ବାଇକ୍ ଚାଳକମାନେ ପଡ଼ି ଆହତ ହେଉଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ଏଭଳି ସମସ୍ୟା ଲାଗିରହିଥିଲେ ବି ଏଦିଗରେ କାହାରି ନଜର ପଡୁନି। ଏନେଇ ୱାର୍ଡର କର୍ପୋରେଟର ଏସ୍ କେ ନୁର୍ କହିଛନ୍ତି ଯେ ଏହି ରାସ୍ତାଟି ପ୍ରାୟ ବର୍ଷେ ହେବେ ଏଭଳି ଅବସ୍ଥାରେ ପଡ଼ି ରହିଥିବାରୁ ପ୍ରତିଦିନ କିଛି ନା କିଛି ଦୁର୍ଘଟଣା ଘଟୁଛି। ବିଶେଷ କରି ନିୟମିତ ବର୍ଷା ସାଙ୍ଗକୁ ଭାରିଯାନ ବହୁ ସଂଖ୍ୟାରେ ଯାତାୟତ କରୁଛି, ତେଣୁ ରାସ୍ତାରେ ଅଧିକ ଖାଲକମା ଭର୍ତ୍ତି ହେଉଛି। ରାସ୍ତା ମରାମତି ପାଇଁ ରେଳୱେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କାମ ହେଉନାହିଁ। ରାସ୍ତାଟି ରେଳୱେ ଅଧୀନରେ ରହିଥିବାରୁ ବିଏମ୍‌ସି ପକ୍ଷରୁ କିଛି କରାଯାଇପାରିବ ନାହିଁ।

## ଇପିଏଫ ପେନସନର୍ସ ସଙ୍ଘର ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି



ଭୁବନେଶ୍ୱର, ୯।୧୦(ସମିସ): ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନର କୋର କମିଟି ବୈଠକ ବୟନିକା କର୍ମଚାରୀ ସଙ୍ଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଇଂ ବିଜୟକୁମାର ଜେନାଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ସର୍ବନିମ୍ନ ପେନସନ ବୃଦ୍ଧି ନିମନ୍ତେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ନିମନ୍ତେ ଆଲୋଚନାର ବିଷୟ ବସ୍ତୁ ଥିବା ବେଳେ ଏହା ସର୍ବଭାରତୀୟ ସଂଗଠନ ମାନଙ୍କ ସହ ଆଲୋଚନା ପୂର୍ବକ ସ୍ଥିର କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବର୍ଦ୍ଧିତ ପେନସନ ସହ ଏରିଅର ଯଥା ଶୀଘ୍ର ପ୍ରଦାନ ନିମନ୍ତେ ଆଞ୍ଚଳିକ ଇପିଏଫ ଆୟୁକ୍ତଙ୍କ ସହ ଆଲୋଚନା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟତଃ ଇପିଏଫ ପେନସନର୍ସ ସଂଘର ଅଷ୍ଟମ ପ୍ରତିଷ୍ଠା ଦିବସ ଆସନ୍ତା ନଭେମ୍ବର ୩ତାରିଖରେ ପାଳନ ନିମନ୍ତେ ବିଭିନ୍ନ ଯୋଜନା ମାନ ଆଲୋଚନା କରାଯିବା ସହ ଏହାକୁ ସଫଳ କରିବାକୁ ସର୍ବସମ୍ମତି କ୍ରମେ ସ୍ଥିର ହୋଇଛି। ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଖୁଣ୍ଟିଆ, ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ଉପଦେଷ୍ଟା ମୁକ୍ତିକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁପାଟଣା ଅଙ୍ଗନବାଡ଼ି କେନ୍ଦ୍ରରେ ପୋଷଣ ମାସ

ନନ୍ଦନକାନନ, ୯।୧୦(ସମିସ): ଭୁବନେଶ୍ୱର ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ମାସ ୨୦୨୫ କର୍ମଶାଳା ଗୁରୁବାର ଦାଡାପଞ୍ଚାୟତ କେନ୍ଦୁପାଟଣା ଅଙ୍ଗନବାଡି -୨ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ସିଡିପିଓ ଶର୍ମିଷ୍ଠା ଚକ୍ରବର୍ତ୍ତୀ ଯୋଗଦେଇ କହିଲେ ପୋଷଣ ମାସ ଆମ ସମାଜରେ ପ୍ରତ୍ୟେକ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧିର ଏକ ମହତ୍ୱପୂର୍ଣ୍ଣ ଅବସର। ଶିଶୁ ଓ ଗର୍ଭବତୀ ମହିଳାଙ୍କ ପୋଷଣ ଉନ୍ନତି ପାଇଁ ସରକାର ଓ ମିଶନ୍ ଶକ୍ତି ବିଭାଗ ବିଭିନ୍ନ ଯୋଜନା ଗ୍ରହଣ କରିଛନ୍ତି ଓ ସେଗୁଡିକୁ ଗ୍ରାମାଞ୍ଚଳର ତଳସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ। ଶିଶୁଟିଏ



ଯେତେବେଳେ ଜନ୍ମ ନେଇଥାଏ, ସେବେଠାରୁ ନିଜ ଶରୀର ଓ ମାନସିକ ବିକାଶ ପାଇଁ ସଠିକ ପୋଷଣ ଆବଶ୍ୟକ। ଗ୍ରାମରେ ସମସ୍ତ ଗର୍ଭବତୀ ମହିଳା, ଶିଶୁ ଓ କିଶୋରୀମାନେ ଯେପରି ସୁପୋଷିତ ହୁଅନ୍ତି, ଏହାକୁ ଆମେ ସମସ୍ତେ ମିଶି ନିଶ୍ଚିତ କରିବାକୁ ଆହ୍ୱାନ ଦେଇଥିଲେ। ସୁସ୍ଥ ମା' ହେଉଛି ସୁସ୍ଥ ଶିଶୁର ଜନନୀ ଏବଂ ସୁସ୍ଥ ଶିଶୁ ହେଉଛି ଦେଶର ଆଗାମୀ ଶକ୍ତି ବୋଲି ଉତ୍କଳମଣି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ଦାସ କହିଥିଲେ। ପୋଷଣ ଅଭିଯାନକୁ ସଫଳ କରିବା ପାଇଁ ପ୍ରତି ପଞ୍ଚାୟତ ସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନବାଡ଼ି କେନ୍ଦ୍ର ଓ ମିଶନ ଶକ୍ତି ଗୋଷ୍ଠୀଙ୍କ ମିଳିତ ଉଦ୍ୟମ ଆବଶ୍ୟକ। ଯଦି ପ୍ରତ୍ୟେକ ଗ୍ରାମରେ ସୁପୋଷିତ ମା' ଓ ସୁସ୍ଥ ଶିଶୁ ରହିବେ, ତାହାହେଲେ ଦାଡାପଞ୍ଚାୟତ ନିଶ୍ଚୟ ଭୁବନେଶ୍ୱର ବ୍ଲକରେ ଆଦର୍ଶ ହେବ। ସୁପଭାଇଜର ମଞ୍ଜୁଲତା ବେହେରା, ସ୍ୱୟଂସହାୟ ଗୋଷ୍ଠୀର ସଭାନେତ୍ରୀ ଭାଗ୍ୟଶ୍ରୀ ପ୍ରିୟଦର୍ଶୀନୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଯୋଗଦେଇଥିବା ଶିଶୁ କିଶୋରୀ ଓ ମା' ମାନଙ୍କୁ ପୁରସ୍କୃତ କରାଯାଇଥିଲା। କର୍ମଶାଳାକୁ ଅଙ୍ଗନବାଡି କର୍ମୀ ଶିବାନୀ ବିଶୋଇ ପରିଚାଳନା କରିଥିଲେ।

## ଅଙ୍କୁର ଫାଉଣ୍ଡେସନ ପକ୍ଷରୁ ଶିଶୁ ସାହିତ୍ୟ ଉତ୍ସବ ଦୁଇରୁ

ଭୁବନେଶ୍ୱର, ୯।୧୦(ସମିସ): ଅଙ୍କୁର ଫାଉଣ୍ଡେସନ ଦ୍ୱାରା ଆସନ୍ତା ନଭେମ୍ବର ୨ ଓ ୩ ତାରିଖରେ ୭ମ ରାଷ୍ଟ୍ରୀୟ/ରାଜ୍ୟ ସ୍ତରୀୟ ଶିଶୁ ସାହିତ୍ୟ ଉତ୍ସବ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ପ୍ରାୟ ୨ ଶହ ପିଲା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କହିଛନ୍ତି ଅଙ୍କୁର ଫାଉଣ୍ଡେସନର ଚେୟାରମ୍ୟାନ ଚିନ୍ମୟୀ ପଣ୍ଡା।

ଏହି ଉତ୍ସବରେ ପୁସ୍ତକ ପଠନ, ଗଳ୍ପ କଥନ, ଚିତ୍ରକଳା, ସିନେମା, ସଙ୍ଗୀତ, କଣ୍ଢେଇ ନୃତ୍ୟ ଆଦି ମାଧ୍ୟମରେ ପିଲାମାନଙ୍କୁ ସାହିତ୍ୟର ବିଭିନ୍ନ ଦିଗ ସହ ପରିଚିତ କରାଯିବ। ଏହା ସହିତ ବିଭିନ୍ନ ପ୍ରଖ୍ୟାତ ଶିଶୁ ସାହିତ୍ୟିକଙ୍କ ସମାଗମ ମଧ୍ୟ ହେବ, ଯେଉଁମାନେ ପିଲାମାନଙ୍କ ସହ ସାହିତ୍ୟ ଓ ସଂସ୍କୃତି ବିଷୟରେ ଆଲୋଚନା କରିବେ। ଅଙ୍କୁର ଫାଉଣ୍ଡେସନ ଦୀର୍ଘ ବର୍ଷ ଧରି ଓଡ଼ିଶାରେ ଅବହେଳିତ ପିଲାମାନଙ୍କ ଶିକ୍ଷା, କଳା ଓ ସଂସ୍କୃତି ପ୍ରୋତ୍ସାହନ କ୍ଷେତ୍ରରେ କାର୍ଯ୍ୟ କରୁଛି। ଏହି ଉତ୍ସବ ମାଧ୍ୟମରେ ପିଲାମାନଙ୍କୁ ସାହିତ୍ୟ ଓ ସଂସ୍କୃତିର ଏକ ସୁନ୍ଦର ପରିବେଶ ମିଳିବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି।

## ସୋଆ ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ-୨୦୨୫



ଭୁବନେଶ୍ୱର, ୯।୧୦(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ-୨୦୨୫ ଆୟୋଜିତ ହୋଇଯାଇଛି। ସେପ୍ଟେମ୍ବର ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ଉଦ୍‌ଯାପନ ଦିବସରେ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଡିଗ୍ରୀ ଗ୍ରହଣ କରିଛନ୍ତି। ବୁଧବାର ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନଆଇଏଲ) ରୁ ଆଇନ୍ ପାଠ୍ୟକ୍ରମରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର କ୍ୟାମ୍ପସ୍‌ରେ ଆୟୋଜିତ ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ଏଥିରେ ସୋଆର କଣ୍ଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟଙ୍କ ସମେତ ବିଭାଗୀୟ ମୁଖ୍ୟ ଏବଂ ଫ୍ୟାକଲ୍ଟିସଦସ୍ୟମାନେ ଉପସ୍ଥିତ ଥିଲେ। ପୂର୍ବରୁ ସୋଆ କୃଷି ମହାବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍) ର ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲର ପୋଷ୍ଟଗ୍ରାଜୁଏଟ୍ ଏବଂ ସୁପରସ୍ପେଶିଆଲିଟି ବିଭାଗର ଛାତ୍ରଛାତ୍ରୀ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍ (ଆଇଡିଏସ୍) ର ଛାତ୍ରଛାତ୍ରୀ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ ଏବଂ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ଷ୍ଟଡିଜ୍ (ଏସ୍‌ପିଏସ୍) ଏବଂ ସମ ନର୍ସିଂ କଲେଜ, ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ଆଇଟିଇଆରର ୨ଦିନିଆ ଗ୍ରାଜୁଏସନ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ୱିପ୍ରୋ ଲିମିଟେଡ୍‌ର ଗ୍ରୁପ୍ ହେଡ ଥିରୁନାଭୁକାରାସୁ ପାଲାନିୟାପନ ଏବଂ ଡେଲଏଟ୍ ସାଉଥ୍ ଏସିଆ/ଭୁବନେଶ୍ୱର ଇଣ୍ଡିଆର ଟେକ୍ନୋଲଜି ଆଣ୍ଡ ଟ୍ରାନ୍ସଫର୍ମେସନ୍ ଇଞ୍ଜିନିୟରିଂ, ଏଆଇ ଆଣ୍ଡ ଡାଟାର ନିର୍ଦ୍ଦେଶକ ବିକାଶ ପାଣିଗ୍ରାହୀ, ଏଲ୍ ଆଣ୍ଡ ଟି ଟେକ୍ନୋଲଜି ସର୍ଭିସେସ୍‌ର ଇଞ୍ଜିନିୟରିଂ ଏକାଡେମିର ଗ୍ଲୋବାଲ ହେଡ ଡ. ପି.ବି କୋଟୁର ପ୍ରମୁଖ ଉପସ୍ଥିତ ଥିଲେ। (ସୁମିତ୍ରା)

## ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ବନ୍ୟପ୍ରାଣୀ ପୁରସ୍କାର



ଭୁବନେଶ୍ୱର, ୯।୧୦(ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ 'ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପୁରସ୍କାର' ଭୁବନେଶ୍ୱର ବନଖଣ୍ଡ ପକ୍ଷରୁ ଚଳିତ ବର୍ଷ ଓଡ଼ିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ଜାତୀୟ ବନ୍ୟଜୀବ ସପ୍ତାହ ପାଳନ ଅବସରରେ ଖୋର୍ଦ୍ଧା ବନଖଣ୍ଡ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଲାଢ଼େ ଗଜାନନ ଓ ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଏହି ସମ୍ମାନ ଡ. ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ପରିବେଶ କ୍ଷେତ୍ରକୁ ତାଙ୍କର ନିରନ୍ତର ଅବଦାନ ପରିପ୍ରେକ୍ଷୀରେ ସେ ପୂର୍ବରୁ ବିଜୁ ପଟ୍ଟନାୟକ ବନ୍ୟଜୀବ ପୁରସ୍କାର, ଜାନକୀ ବଲ୍ଲଭ ପଟ୍ଟନାୟକ ପରିବେଶ ପୁରସ୍କାର, ପ୍ରକୃତି ବନ୍ଧୁ ପୁରସ୍କାର, ନଗରବନ୍ଧୁ ପୁରସ୍କାର ତଥା ଅନ୍ୟ ୨୦ରୁ ଅଧିକ ପୁରସ୍କାରରେ ଉଭୟ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ସମ୍ମାନିତ ହୋଇ ସାରିଛନ୍ତି।

## ଯାଁଳା କପ୍: ସେମି ଫାଇନାଲ୍‌ରେ ଅଠାରଙ୍ଗ ଓ ଗୁରୁଜଙ୍ଗ




ଯାଁଳା, ୯।୧୦(ସମିସ): ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଯାଁଳା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲରେ କୁରାଢମଲ୍ଲକୁ ୫୨ ରନ୍ ରେ ହରାଇ ଅଠାରଙ୍ଗ ସେମିଫାଇନାଲରେ ପ୍ରବେଶ କରିଛି। ଅଠାରଙ୍ଗ ଦଳର ପ୍ରବିଣ ମହାପାତ୍ର ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ପାନବରଜକୁ ୫ ଉଇକେଟରେ ହରାଇ ଗୁରୁଜଙ୍ଗ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁଜଙ୍ଗ ଦଳର ଅସିତ ପରିଡ଼ା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସନ୍ତୋଷ ସ୍ୱାଇଁ, ପ୍ରତାପ୍ ବେହେରା ଓ ଅନିଲ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ।

# ଓଡ଼ିଆ ଜାତିର ଶ୍ରେଷ୍ଠ ସେବକଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୯।୧୦(ସମିସ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ଅବସରରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା ସମେତ ସେବା କାର୍ଯ୍ୟାର ଶୁଭାରମ୍ଭ କରାଯାଇଥିଲା। ବିଭିନ୍ନ ରାଜନୈତିକ ଦଳଠାରୁ ଆରମ୍ଭ କରି ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଏଥିରେ ସାମିଲ ହୋଇ ଓଡ଼ିଆ ଜାତିର ସେବକଙ୍କ ସେବା ମନୋବୃତ୍ତିକୁ ସ୍ମରଣ କରିଥିଲେ।

### ବିଧାନସଭା ପରିସରରେ ଗୋପବନ୍ଧୁଙ୍କ ଜୟନ୍ତୀ



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ପାଳନ ଅବସରରେ ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଉପବାଚସ୍ପତି ଭାବନୀଶଙ୍କର ଭୋଇ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂଙ୍କ ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଲକ୍ଷ୍ମୀକାନ୍ତ ପାଳିତ ଓ ସାଥୀ କଳାକାରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷିତ ହୋଇଥିଲା। ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗୋପବନ୍ଧୁ ଛକରେ ଶ୍ରଦ୍ଧାଞ୍ଜଳି ସଭା

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ୧୪୮ତମ ଜନ୍ମଜୟନ୍ତୀ ଗୋପବନ୍ଧୁ ଛକରେ ପାଳିତ ହୋଇଯାଇଛି। ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ ଯୋଗ ଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ



ବିଧାୟକ ବାବୁ ସିଂ, ରାଜ୍ୟ ମୁଖପାତ୍ର ସୁଦିପ୍ତ ରାୟ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଓ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

### ବିଜେଡି ପକ୍ଷରୁ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି




ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଗୋପବନ୍ଧୁ ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ପରିଡ଼ା, ପ୍ରାଧାପକ ରଙ୍ଗାଧର ସାହୁ, ସମାଜସେବୀ ମନୋରଞ୍ଜନ ମହାନ୍ତି, ଅରବିନ୍ଦ ତ୍ରିପାଠୀ, ଭୁବନାନନ୍ଦ ପାଣି, ଅରକ୍ଷିତ ମହାକୁର ପ୍ରମୁଖ ଯୋଗଦାନ କରି ଉତ୍କଳମଣିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅମିତ୍ ପାତାଳ ସିଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ସେବା ଦିବସରେ ରକ୍ତଦାନ ଶିବିର

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ତଥା 'ସେବା ଦିବସ' ଅବସରରେ ଉତ୍କଳ ବିପନ୍ନ ସହାୟତା ସମିତ ପକ୍ଷରୁ ସମିତିର ମଞ୍ଚେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କ୍ୟାପିଟାଲ ହସ୍ପିଟାଲ ହୃଦ୍‌ରୋଗ ବିଶେଷଜ୍ଞ ତଥା ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଭାତ କୁମାର ଦାଶ, ବ୍ଲଡ ବ୍ୟାଙ୍କ୍ ଅଫିସର ଡ. ଦେବାଶିଷ ମିଶ୍ର, ଆର୍‌ଏସ୍‌ଏସ୍‌ର ପୂର୍ବକ୍ଷେତ୍ର ସେବା ପ୍ରମୁଖ ଦୀପକ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ସମିତିର ସଭାପତି ଅଭୟ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ରୁଦ୍ରନାରାୟଣ ମହାପାତ୍ର ସଂଯୋଜନା କରିଥିବା ବେଳେ ସମିତିର କୋଷାଧ୍ୟକ୍ଷ ନାରାୟଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରୁ ୧୧୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳମଣିଙ୍କ ଜୟନ୍ତୀ

ସେହିଭଳି ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ଉପଦେଷ୍ଟା ପଦ୍ମଚରଣ ନାୟକ ଅତିଥି ଭାବେ ଯୋଗ ଦେଇହିଥିଲେ। ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିଲାବେଳେ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର, ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



## ବୃଦ୍ଧଙ୍କ ମୃତଦେହ ଉଦ୍ଧାର



ବୀରମହାରାଜପୁର, ୯ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସୁବଳୟା ଥାନା ଅଧୀନ ଖଣ୍ଡହତା ଗ୍ରାମର ମୂରଲୀ ସାହୁ (୭୫) ସ୍ଥାନୀୟ ବାଇଗଣି ନାଳକୁ ଗାଧୋଇବାକୁ ଯାଇ ଭାସିଯାଇ ଥିଲେ। ଗତକାଲି ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ପ୍ରଖର ବନ୍ୟା ପାଣି ଆସିବାରୁ ଏଭଳି ଘଟଣା ଘଟିଥିଲା। ଖବରପାଇ ବୀରମହାରାଜପୁର ଅଗ୍ନିଶମ ବାହିନୀ ପହଞ୍ଚି ଖୋଜିଥିଲେ ମଧ୍ୟ ପତ୍ତା ପାଇନଥିଲେ। ପୁଣି ସକାଳେ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଖୋଜାଖୋଜି କରିବାପରେ ମୁରଲୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ଗାଧୋଇବା ସ୍ଥାନରୁ ପ୍ରାୟ ୧୫୦ ମିଟର ତଳେ ଉଦ୍ଧାର କରିଥିବା ଅଗ୍ନିଶମ ବିଭାଗ ଅଧିକାରୀ କହିଛନ୍ତି। ଏନେଇ ସୁବଳୟା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ଶବ ବ୍ୟବଚ୍ଛେଦ ପରେ ପୁଲିସ ପକ୍ଷରୁ ପରିବାରଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

## ହାଇୱା ଧକ୍କାରେ ବାଇକ୍ ଚାଳକ ମୃତ

ହରଭଙ୍ଗା/ପୁରୁଣାକଟକ, ୯ ।୧୦(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣା କଟକ ଥାନା ଅଧୀନ ଚାରିଛକ - ଛତ୍ରଙ୍ଗ ପୂର୍ତ୍ତ ବିଭାଗ ରାସ୍ତାର ଲକ୍ଷ୍ମଣପୁର ନିକଟରେ ଗୁରୁବାର ଅପରାହ୍ନ ସମୟରେ ହାଇୱା - ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ହରଭଙ୍ଗା ଥାନା ଅଧୀନ ଅଯୋଧ୍ୟା ଗ୍ରାମର ଅମୂଲ୍ୟ ମହାକୁଡ଼ (୨୨)। ସୂଚନା ଅନୁସାରେ ଏକ ବୁଲେଟରେ ଅମୁଲ୍ୟ ମହାକୁଡ଼ ଏବଂ ଅରବିନ୍ଦ କଠାର ଚାରିଛକ ପଟୁ ନିଜ ଘର ଅଯୋଧ୍ୟାକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଏକ ଚିପ୍ସ ବୋଝେଇ ହାଇୱା ସହିତ ଲକ୍ଷ୍ମଣପୁର ନିକଟରେ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଅରବିନ୍ଦ କଠାର ଆହତ ହୋଇଥିଲେ। ଘଟଣା ପରେ ହାଇୱା ଚାଳକ ପୁରୁଣାକଟକ ଥାନାରେ ଆନ ସମର୍ପଣ କରିଥିବା ସୂଚନା ମିଳିଛି। ପୁରୁଣାକଟକ ପୁଲିସ ଘଟଣାର ତଦନ୍ତ ଚଳେଇଛି।

## ୧ କୁଇଣ୍ଟାଲ ୭୩ କେଜି ଗଞ୍ଜେଇ ଜବତ

ଡୁଙ୍ଗୁରିପାଲି, ୯ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ଗଜବନ୍ଧ ସାଲେପାଲି ଛକ ନିକଟରୁ ୧କୁଇଣ୍ଟାଲ ୭୩ କେଜି ଗଞ୍ଜେଇ ଜବତ ହୋଇଛି। ମାଜିଷ୍ଟ୍ରେଟ ତଥା ରାମପୁର ତହସିଲଦାର ବିମଳ କିଶୋର ପତ୍ରଙ୍କ ଉପସ୍ଥିତିରେ ଗଞ୍ଜେଇ ସବୁର ଓଜନ କରାଯାଇଛି।



ରାମପୁର ଅଞ୍ଚଳରେ ଏକ ନାଟକୀୟ ଘଟଣାକ୍ରମରେ ପୁଲିସ୍ ଏହି ବିପୁଳ ପରିମାଣର ଗଞ୍ଜେଇ ବୋଝେଇ ଗାଡ଼ିକୁ ଜବତ କରିଛି। ଗୁଇନ୍ଦା ସୂତ୍ରରୁ ଖବର ପାଇ ବିନିକା ପୁଲିସ୍ ଏକ ମାରୁତି ବ୍ରିଜା ଗାଡ଼ିକୁ ଅଟକାଇବାକୁ ଉଦ୍ୟମ କରିଥିଲେ। ତେବେ, ଗାଡ଼ିର ଡ୍ରାଇଭର ପୁଲିସ୍‌କୁ ଦେଖି ଗାଡ଼ି ଦ୍ରୁତ ଗତିରେ ଫେରାର ମାରିଥିଲା। ପରେ ବିଶାଳପାଲି ଛକରୁ କେନାଲ ରାସ୍ତା ଦେଇ ଶିଳାଟି--ପଣ୍ଡକିଟାଲ ରାସ୍ତାରେ ଫେରାର ମାରିବାରେ ଚେଷ୍ଟା କରୁଥିଲା, ହେଲେ ବିନକା ପୁଲିସ ଗାଡିଟିକୁ ଗୁଡ଼ାଇବାରୁ ରାସ୍ତା ନ ପାଇ ଡ୍ରାଇଭର ରାମପୁର ଥାନା ସାଲେପାଲି ଗାଁ ମୁଣ୍ଡରେ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୁଲିସ୍ ଜବତ ହୋଇଥିବା ଗାଡ଼ିର ଯାଞ୍ଚ କରିବାରୁ ସେଥିରୁ ପ୍ରାୟ ୧୭୩ କିଲୋଗ୍ରାମ (କେଜି) ଗଞ୍ଜେଇ ଥିବା ଅନୁମାନ କରାଯାଉଛି।

## ପୁଲିସ ଗାଡ଼ି ଧକ୍କାରେ ସ୍କୁଟି ଚାଳକ ଗୁରୁତର

ଶଗଡ଼ା, ୯ ।୧୦(ସମିସ): ମନମୁଣ୍ଡା-ବୌଦ୍ଧ ଜାତୀୟ ରାଜପଥ ନଂ ୫୭ର ମହେଶ୍ୱର ପିଣ୍ଡା ନିକଟରେ ଏକ ପୁଲିସ ଗାଡ଼ି ସହ ଧକ୍କାରେ ଏକ ସ୍କୁଟି ଚାଳକ ଆହତ ହୋଇଛନ୍ତି। ସୂଚନା ଅନୁସାରେ ମନମୁଣ୍ଡା ଥାନା ମହେଶ୍ୱର ପିଣ୍ଡା ନିକଟରେ ଆଜି ସଂଧ୍ୟା ସମୟରେ ବୌଦ୍ଧ ପଟୁ ଆସୁଥିବା ଶଗଡା ଫାଣ୍ଡିର ଏକ ପୁଲିସ ଗାଡ଼ି ସହ ମହେଶ୍ୱର ପିଣ୍ଡା ଗ୍ରାମର ସୁଦର୍ଶନ ଅମାତ ଏକ ସ୍କୁଟିରେ ଯାଉଥିବାବେଳେ ଧକ୍କା ହୋଇଥିଲା। ଦୁର୍ଘଟଣାରେ ସୁଦର୍ଶନ ତଳେ ପଡ଼ି ଆହତ ହୋଇଥିବା ବେଳେ ସ୍କୁଟି ଭାଙ୍ଗି ଯାଇଛି। ସ୍ଥାନୀୟଲୋକେ ଉତ୍ୟକ୍ତ ହୋଇ ମୁଖ୍ୟ ରାସ୍ତା ଅବରୋଧ କରିବା ସହ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ମନମୁଣ୍ଡା ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାସହ କ୍ଷତିପୂରଣ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲା। ମନମୁଣ୍ଡା ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳଙ୍କୁ ପଚାରିବାରୁ ଉକ୍ତ ବ୍ୟକ୍ତି ଜଣକ ଗ୍ରାମରୁ ଅଚାନକ ମୁଖ୍ୟ ରାସ୍ତାକୁ ଆସୁଥିବା ବେଳେ ପୁଲିସ ଗାଡ଼ି ସହ ଧକ୍କା ହୋଇଥିବା କହିଛନ୍ତି।

# ମିଥ୍ୟା ବିରୋଧରେ ସତ୍ୟର ଲଢେଇକୁ ତ୍ୱରାନ୍ୱିତ କରିବ ବିଜେଡି





ବୌଦ୍ଧ, ୯ ।୧୦(ସମିସ)

ଆଜି ବିଜୁ ଜନତାଦଳ ହରଭଙ୍ଗା ବ୍ଲକ୍ କମିଟି ପକ୍ଷରୁ ସାମାଜିକ ଗଣମାଧ୍ୟମରେ ନବୀନ ବାବୁଙ୍କ ନୀତି ଆଦର୍ଶ ତଥା ଦଳର ଅଭିମୁଖ୍ୟକୁ ସ୍ପଷ୍ଟ ଭାବରେ ଭୟଶୂନ୍ୟ ହୋଇ ଉପସ୍ଥାପନା କରିବା ପାଇଁ ଏକ କର୍ମୀ ସମ୍ମିଳନୀ ବ୍ଲକ ସଭାପତି ପଙ୍କଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ବାଚସ୍ପତି ପ୍ରଦୀପ କୁମାର ଅମାତ, ବରିଷ୍ଠ ନେତୃତ୍ୱ ସୀତାରାମ ଅଗ୍ରୱାଲ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ସାମାଜିକ ଗଣମାଧ୍ୟମ କୋର୍ଡିନେଟର ଅବକାଶ ସାହୁ, ସରପଞ୍ଚ ଅଶୋକ ସେଠୀ, ନିହାର ଘୋଷ ପ୍ରମୁଖ ନିଜନିଜ ଅଭିଭାଷଣରେ ବିଜେପିର ମିଛ ପ୍ରତିଶ୍ରୁତି ମିଥ୍ୟା ପ୍ରତାରଣା ବିରୁଦ୍ଧରେ ସତ୍ୟର ପ୍ରଚାର ତଥା ଦୁର୍ନୀତି ବିରୁଦ୍ଧରେ ବେସାଲିଶ ସଂଗ୍ରାମ କରି ସତ୍ୟର ଉଜ୍ଜୀବିତ ସାମାଜିକ ଗଣମାଧ୍ୟମ ଜରିଆରେ କରିବାପାଇଁ ଶପଥ ଗ୍ରହଣ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗରୁଡ଼ ପ୍ରଧାନ ନିକୁଞ୍ଜ ବେହେରା, ସୁଜ୍ଞାନ କର୍ଣ୍ଣ, ସଞ୍ଜୟ ଦେହୁରୀ, ରଜତ ଦାସ, ସଞ୍ଜୀବ ପ୍ରଧାନ, ଅଜିତ କୁଡେଇ, ଦୀଲୁପ ସାମଲ, ବାସୁଦେବ ଦେହୁର. ମକରଧ୍ୱଜ ମେହେର, କାର୍ତ୍ତିକ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ୧୫୦ରୁ ଉର୍ଦ୍ଧ୍ୱକର୍ମୀ ଆଜିର ସମ୍ମିଳନୀରେ ଯୋଗଦେଇ ଥିଲେ।

**ହରଭଙ୍ଗା:** ହରଭଙ୍ଗା ବ୍ଲକ ପୁରୁଣାକଟକ କଲ୍ୟାଣମଣ୍ଡପରେ ଗୁରୁବାର ବିଜୁ ଜନତାଦଳ ହରଭଙ୍ଗା ବ୍ଲକ କମିଟି ପକ୍ଷରୁ ବ୍ଲକସ୍ତରୀୟ ସାମାଜିକ ଗଣମାଧ୍ୟମ କର୍ମଶାଳା ବ୍ଲକ୍ ସଭାପତି ପଙ୍କଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବରିଷ୍ଠ ନେତୃତ୍ୱ ସୀତାରାମ ଅଗ୍ରୱାଲ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଜିଲ୍ଲା ସାମାଜିକ ଗଣମାଧ୍ୟମ ସଂଜଯୋକ ଅବକାଶ ସାହୁ, ସରପଞ୍ଚ ଅଶୋକ ସେଠୀ, ନିହାର କୁମାର ଘୋଷ ପ୍ରମୁଖ ଉପସ୍ଥିତ ରହି ଦୁର୍ନୀତି ବିରୋଧରେସାଲିସବିହୀନସଂଗ୍ରାମକରି ସାମାଜିକ ଗଣମାଧ୍ୟମ ଜରିଆରେ ସତ୍ୟତାକୁ ଲୋକଲୋଚନକୁ ଆଣିବା ପାଇଁ ଶପଥ ଗ୍ରହଣ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗରୁଡ଼ ପ୍ରଧାନ, ନିକୁଞ୍ଜ ବେହେରା, ସୁଜ୍ଞାନ କର୍ଣ୍ଣ, ସଞ୍ଜୟ ଦେହୁରୀ, ରଜତ ଦାସ, ସଂଜୀବ ପ୍ରଧାନ, ଅଜିତ କୁଦେଇ, ଦିଲୀପ ସାମଲ, ବାସୁଦେବ ଦେହୁରୀ, ମକରଧ୍ୱଜ ମେହେର, କାର୍ତ୍ତିକ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ କର୍ମୀ ଯୋଗଦେଇଥିଲେ।

**ଡୁଙ୍ଗୁରିପାଲି:** ବିଜୁ ଜନତା ଦଳ ପକ୍ଷରୁ ଆଜିଠୁ ରାଜ୍ୟବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିବା ବେଳେ ସୋନପୁର ନିର୍ବାଚନ ମଣ୍ଡଳୀର ଡୁଙ୍ଗୁରିପାଲି ବ୍ଲକ ଜିଲ୍ଲା ପରିଷଦରୁ ବିଜେଡି ବ୍ଲକ୍ ସଭାପତି ହିମାଂଶୁ ଶେଖର ବିଶ୍ୱାଳଙ୍କ ନେତୃତ୍ୱରେ ଚେରୁପାଲି ପଞ୍ଚାୟତରୁ ଏହି ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ଜନସମ୍ପର୍କ ପଦଯାତ୍ରାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବ୍ଲକ୍ ଉପାଧ୍ୟକ୍ଷ ବେଲାର ସାହୁ ଯୋଗ ଦେଇଥିଲେ। ଆଜିଠୁ ଦିର୍ଘ ଏକ ମାସ ଧରି ଏହି ପଦଯାତ୍ରା ଚାଲିବ। ବିଜେଡି ସରକାର ସମୟରେ ହୋଇଥିବା ସଫଳ କାର୍ଯ୍ୟଗୁଡ଼ିକୁ ନେଇ ସମସ୍ତଙ୍କ ପାଖରେ ପହଞ୍ଚାଇବା ସହିତ ବିଜେପି ସରକାରର ବିଫଳତାକୁ ନେଇ ଜନସାଧାରଣଙ୍କୁ ଅବଗତ କରାଇବା ଏହି ଯାତ୍ରାର ମୂଳଲକ୍ଷ୍ୟ। ଚେରୁପାଲି ଜାତୀୟ ରାଜପଥରେ ଥିବା ମା ମାହେଶ୍ୱରୀ ମନ୍ଦିରରୁ ଏହି ପଦଯାତ୍ରା ବାହାରି ଥିଲା। ଏହି ପଦଯାତ୍ରାରେ ବ୍ଲକ୍ ବିଜେଡି ସଭାପତି ଧର୍ମେନ୍ଦ୍ର ବିଶ୍ୱାଳ, ଚେରୁପାଲି ସରପଞ୍ଚ ଦିଲୀପ ଶତପଥୀ, ଜୀତେନ୍ଦ୍ର ସାହୁ, ରଞ୍ଜନ ଠେଲା, ବିଜେଡି ବରିଷ୍ଠ ସଦସ୍ୟ ବଦ୍ରିନାରାୟନ ପାଣ୍ଡିଆ, ମନୋଜ ଦିଶ୍ରୀ, ଲବ ମେହେର, ପ୍ରଦୀପ ମହାନନ୍ଦ, ଶୋଭାକର ପଧାନ, ମନରଞ୍ଜନ ପଧାନ, ରୋଶନ ବିଶ୍ୱାଳ, ଗୁଣନିଧି ଦୀପ, ଆନନ୍ଦ ଭୋଇ, ଶିବପ୍ରସାଦ ପଧାନ, ହରିହର ଦାଶ, ପ୍ରମୋଦ ସା, ସନ୍ତୋଷ ବେହେରା, ବରଜୁ ତ୍ରିପାଠୀ, ତେଜରାଜ, ସୁରେଶ ନାଗ, ପ୍ରଦୀପ ସା, ସୂର୍ଯ୍ୟ ଅମାତଙ୍କ ସହିତ ଦଳୀୟ କର୍ମକର୍ତ୍ତା ଏବଂ ବହୁ ସଂଖ୍ୟାରେ ବିଜେଡି ସମର୍ଥକ ସାମିଲ ହୋଇଥିଲେ।





**ପଲଶାଗୋରା ମୁରାସୁର ଦରବାର ଦ୍ୱିତୀୟ ସନ୍ଧ୍ୟା**

## ମୁରାସୁରର ଭୋପାଳ ଆକ୍ରମଣ ଓ ରାଜକନ୍ୟା ମଦନାବତୀଙ୍କୁ ବିବାହ

ଶଗଡ଼ା/ ପଲଶାଗୋରା, ୯ ।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ସ୍ୱସ୍ତିକ କ୍ଲବ୍ ଦ୍ୱାରା ଆୟୋଜିତ ଗଜଲକ୍ଷ୍ମୀ ପୂଜା ଅବସରରେ ମୁରାସୁର ଦରବାର କାର୍ଯ୍ୟକ୍ରମ ଦ୍ୱିତୀୟ ସନ୍ଧ୍ୟାରେ ମୁରାସୁରର ଭୋପାଳପୁରୀ ଆକ୍ରମଣ ଓ ଭୋପାଳେଶ୍ୱରଙ୍କୁ ପରାସ୍ତ କରି ରାଜକୁମାରୀ ମଦନାବତୀଙ୍କୁ ବିବାହ ନାଟକ ମଞ୍ଚସ୍ଥ ହୋଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ମୁରାସୁରଙ୍କ ରାଜକୀୟ ଅତିଥି ଭାବେ ସ୍ୱେଚ୍ଛାସେବୀ ଶ୍ରୀକାନ୍ତ ମିଶ୍ର, କନ୍ଧମାଳ ସାଂସଦଙ୍କ କଣ୍ଟାମାଳ ପ୍ରତିନିଧି ଦୀପକ ବାରିକ, ଶିମିଳି ପଦର ସରପଞ୍ଚ ସାର୍ଦୁଳ ନାଗ, କମିଟି ସଭାପତି ଶାନ୍ତନୁ ମହାପାତ୍ର, ସମ୍ପାଦକ ବିଘ୍ନେଶ ପ୍ରଧାନ ଯୋଗଦେଇ ଥିଲେ।



ସଭାକୁ ଅଚ୍ୟୁତ ଖମାରି ପରିଚାଳନା କରିଥିଲେ। ନାଟକରେ ମୁରାସୁର ଭୂମିକାରେ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକା ରେ ଅଭିନୟ କରିଥିବା ଅଭିନେତା ହୃଷିକେଶ ଭୋଇ ଅଭିନୟ କରୁଥିବାବେଳେ ମହାମନ୍ତ୍ରୀ ଭୂମିକାରେ ନନ୍ଦିଘୋଷ ମହାପାତ୍ର ଅଭିନୟ କରୁଛନ୍ତି।

## କେନାଲରୁ ମୃତଦେହ ଉଦ୍ଧାର

ବୌଦ୍ଧ, ୯ ।୧୦(ସମିସ): ବୌଦ୍ଧ ବ୍ଲକ୍ ବାଉଁଶୁଣି ଥାନା ସଦେଇପୁର ଗ୍ରାମ ନିକଟ କେନାଲ ପୋଲ୍ ନିକଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ପଡ଼ୋଶୀ ସିଙ୍ଗାରୀ ଗ୍ରାମର କୁନା ନାଏକ। ବୁଧବାର ବିଳମ୍ବିତ ରାତିରେ କୁନା ଘରକୁ ଫେରି ନଥିବା ବେଳେ ପରିବାର ଖୋଜା ଖୋଜି କରିଥିଲେ। ଗୁରୁବାର ସକାଳେ ସଦେଇପୁର କେନାଲ ମଧ୍ୟରେ ମୃତଦେହ ପଡ଼ିଥିବା ଦେଖି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ପହଞ୍ଚି ପରିବାର ଲୋକଙ୍କ ସହାୟତାରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରାଇବା ପାଇଁ ବୌଦ୍ଧ ମୁଖ୍ୟ ଡାକ୍ତରଖାନାକୁ ଆଣିଛି। କେନାଲ ପୋଲଉପରେ କୁନା ବସିଥିବା ବେଳେ ଅସାବଧାନତାବଶତଃ କେନାଲ ମଧ୍ୟକୁ ଖସି ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ପୁଲିସର ତଦନ୍ତ ଓ ବ୍ୟବଚ୍ଛେଦ ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି ଆଲୋଚନା ହେଉଛି।

## ବ୍ଲକ୍‌ସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ବୀରମହାରାଜପୁର, ୯ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସଭାଗୃହରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା ଏଥିରେ ପୌରୋହିତ୍ୟ କରିଥିବାବେଳେ ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥି, ରାମକୃଷ୍ଣ ହୋତା ମୁଖ୍ୟ ବକ୍ତା, ନାରାୟଣ ମିଶ୍ର ଓ ବ୍ରଜ ଗୋପାଳ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବ୍ଲକ ବିଏସ୍‌ଏସ୍ ଓ ସତ୍ୟ ନାରାୟଣ ପ୍ରଧାନ ସ୍ୱାଗତ ଓ ଡ, ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟ ନାରାୟଣ ନାୟକ, ଦୀନବନ୍ଧୁ ମେହେର, ଭୂଷଣ କୁମାର ପାତ୍ର, ସତ୍ୟ ନାରାୟଣ ଦାଶ, କୃଷ୍ଣଚନ୍ଦ୍ର ପାଢ଼ୀ, ଭୋଳାନାଥ କର୍ମି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଉପଲକ୍ଷେ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିବାନୀ ଦାଶ, ସୀମା ରାଣୀ ପଣ୍ଡା ସହଯୋଗ କରିଥିଲେ। ବୀରମହାରାଜପୁର, ସୁବଳୟା ଓ ଖଣ୍ଡହତା ବରିଷ୍ଠ ନାଗରିକ ସଂଗଠନରୁ ୮୦ ଜଣ ବରିଷ୍ଠ ନାଗରିକ ଏଥିରେ ଯୋଗଦାନ କରିଥିଲେ। ଡ. ଦ୍ୱିତୀକୃଷ୍ଣ ପଣ୍ଡା ଯୋଗଶିକ୍ଷା ପ୍ରଦାନ କରିଥିଲେ।



## ବୌଦ୍ଧଜିଲ୍ଲା ଗସ୍ତରେ ଆସିବେ ରାଜ୍ୟପାଳ



ବୌଦ୍ଧ, ୯ ।୧୦(ସମିସ): ବୌଦ୍ଧଜିଲ୍ଲା ଗସ୍ତରେ ଆସିବେ ରାଜ୍ୟପାଳ ଡ.ହରିବାବୁ କୁମ୍ଭମପତି। ଏନେଇ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବୌଦ୍ଧ ଜିଲ୍ଲାପାଳଙ୍କୁ ପତ୍ର ଯୋଗେ ଅବଗତ କରାଯାଇଛି। ତେବେ ରାଜ୍ୟପାଳଙ୍କ ଗସ୍ତନେଇ ତାରିଖ ଚୂଡ଼ାନ୍ତ ହୋଇନଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ବୈଠକରେ ଏ ନେଇ ଅବଗତ କରାଯାଇଛି। ସୂଚନା ମୁତବାକ ନୂତନ ରାଜ୍ୟପାଳ ବୌଦ୍ଧ ଜିଲ୍ଲାକୁ ପ୍ରଥମଥର ପାଇଁ ଗସ୍ତ କରୁଥିବାବେଳେ ଏହି ଗସ୍ତ ସମୟରେ ସେ ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରୀତା ନେଇ ସମୀକ୍ଷା କରିବେ ବୋଲି ଜଣାପଡିଛି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ଗୃହ ଠାରେ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ରାଜ୍ୟପାଳଙ୍କ ଗସ୍ତ ନେଇ ବିଭାଗୀୟ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସମାଜ ପାଇଁ ଗୋପବନ୍ଧୁ ଥିଲେ ଆଲୋକ ବର୍ତ୍ତିକା





ମନମୁଣ୍ଡା/ଶଗଡ଼ା/ପଲସାଗୋରା, ୯ ।୧୦ (ସମିସ): କଣ୍ଟାମାଳ ବ୍ଲକ୍ ଖଟଖଟିଆ ସରକାରୀ ଉପ୍ରା ବିଦ୍ୟାଳୟ ଠାରେ ଶିକ୍ଷକ ରଞ୍ଜୁ ଅମାତଙ୍କ ଆବାହକତ୍ୱରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ବିଜୟଲକ୍ଷ୍ମୀ ଶତପଥୀ ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷକ ସମୀର କୁମାର ପ୍ରଧାନ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୋପବନ୍ଧୁଙ୍କ ରଚିତ କବିତା ଆବୃତ୍ତି ହୋଇଥିଲା। ଏଥିରେ ନିତୁଭୋଇ ପ୍ରଥମ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ସାଇଶ୍ରୀ ଖଣ୍ଡଗିରି ଓ ରିୟା ଭୋଇ ତୃତୀୟ ସ୍ଥାନରେ ରହିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସ୍ନେହାପ୍ରଭା ମହାପାତ୍ର, ବନିତା ମେହେର, ଦିପ୍ତିମୟୀ ବୈଠାରୁ, ନୃପମଣି ମହାଳିକ, ଶୈଳେନ୍ଦ୍ର ବସ୍ତିଆ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ରୁବି ବସ୍ତିଆ, ଶ୍ରେୟରାଣୀ ପାଢ଼ୀ, ପୂର୍ଣ୍ଣିମା ମଟାରୀ, ଗାୟତ୍ରୀ ବାରିକ, ଇଶାନି ବସ୍ତିଆ ପ୍ରମୁଖ ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ। ରୀତିକ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି କଣ୍ଟାମାଳ ବ୍ଲକ୍ ଅଧୀମ ରଣ୍ଡିମହୁଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜଗନ୍ନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ସହକାରୀ ଶିକ୍ଷକ ଆଲୋକକୁମାର ସାହୁ, ଦେସବନ୍ଧୁ ସାହୁ, ଅକ୍ଷୁର ପ୍ରଧାନ, ଶିକ୍ଷୟିତ୍ରୀ ପ୍ରିୟମ୍ବଦା ସାହୁ, କାଦମ୍ବିନୀ ସେଠୀ ଉପସ୍ଥିତ ଥିଲେ। ସେହିଭଳି ଦପଲା ପଞ୍ଚାୟତ ସଦର ଟି ଓ ଏମଇ ବିଦ୍ୟାଳୟରେ ଉତ୍କଳମଣିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସ୍ୱାଧୀନ ପୁରୋହିତ ଯୋଗ ଦେଇଥିବାବେଳେ ପ୍ରଧାନଶିକ୍ଷକ ନୀଳାମ୍ବର ଭୋଇ, ସହକାରୀ ଶିକ୍ଷକ ସିଦ୍ଧେଶ୍ୱର କର୍ଣ୍ଣ, ରାମଚନ୍ଦ୍ର ମଲିକଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଉତ୍କଳମଣିଙ୍କ ଜୟନ୍ତୀରେ ଜିଲ୍ଲା ପ୍ରଶାସନର ଶ୍ରଦ୍ଧାଞ୍ଜଳି

ବୌଦ୍ଧ, ୯ ।୧୦(ସମିସ): ବୌଦ୍ଧ ସହରର ଭୈରବୀ ଛକ ନିକଟରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି ଜିଲ୍ଲା ପ୍ରଶାସନ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ସହକାରୀ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତୀ ବଳିୟାର ସିଂହ ଙ୍କ ଅଧ୍ୟକ୍ଷତାରେ ବୌଦ୍ଧଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ଓ ଏନଏସି, ଜିଲ୍ଲା ପାଠଗାରର ଅନ୍ୟାନ୍ୟ କର୍ମଚାରୀ, ପାଠକ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।




### ସିବିଜି ପ୍ଲାଣ୍ଟର ଅଗ୍ରଗତି ନେଇ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା

# ବର୍ଜ୍ୟବସ୍ତୁ ପରିଚାଳନା ସୁଦୃଢ଼ କରିବା ସହ ସ୍ୱଚ୍ଛ ଉର୍ଜା ଉତ୍ପାଦନ ଲକ୍ଷ୍ୟ: ଧର୍ମେନ୍ଦ୍ର

**ସମ୍ବଲପୁର, ୯।୧୦(ସମିସ)**

ସମ୍ବଲପୁରରେ ଅଏଲ ଇଣ୍ଡିଆ ସହଯୋଗରେ ନିର୍ମାଣ ହେବାକୁ ଥିବା କମ୍ପ୍ରେସଡ୍ ବାୟୋ-ଗ୍ୟାସ୍ (ସିବିଜି) ପ୍ଲାଣ୍ଟ୍ ପ୍ରକଳ୍ପର ଅଗ୍ରଗତି ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଟେଲିଫୋନ ଯୋଗେ ଅଏଲ ଇଣ୍ଡିଆ ଲିମିଟେଡର ସିଏମଡି, ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ମହାନଗର ନିଗମର କମିଶନରଙ୍କ ସହ ନୂଆଦିଲ୍ଲୀରୁ ଟେଲିଫୋନ ଯୋଗେ ଆଲୋଚନା କରିଛନ୍ତି।



ସମ୍ବଲପୁର ସହରର ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଦୃଢ଼ କରିବା ଏବଂ ସ୍ୱଚ୍ଛ ଉର୍ଜା ଉତ୍ପାଦନ ଲକ୍ଷ୍ୟରେ ସହଯୋଗରେ ଏହି ପ୍ଲାଣ୍ଟ ସ୍ଥାପନା ହେବ। ଏହି ପ୍ଲାଣ୍ଟ୍ ଦୈନିକ ୨୦୦ ଟନ୍ ଜୈବିକ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରି ପ୍ରାୟ ୯ ଟନ୍ କମ୍ପ୍ରେସଡ୍ ବାୟୋ-ଗ୍ୟାସ୍ ଉତ୍ପାଦନ କରିବ। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବର୍ଜ୍ୟବସ୍ତୁରୁ ସମ୍ପଦ' ଆହ୍ୱାନର ଏକ ସଫଳ ରୂପାୟନ। ଏହି ପଦକ୍ଷେପ କେବଳ ପରିବେଶକୁ ସ୍ୱଚ୍ଛ ରଖିବ ନାହିଁ ବରଂ ଓଡ଼ିଶା ସମେତ ଦେଶର ଉର୍ଜା ଆବଶ୍ୟକତାକୁ ପୂରଣ କରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ମଜଭୂତ କରିବା ସହ ନୂଆ ରୋଜଗାର ସୃଷ୍ଟି ହେବ। ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଛି।

ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି କହିଛନ୍ତି ଯେ ସମ୍ବଲପୁରର ସାମଗ୍ରିକ ବିକାଶ ପାଇଁ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିରନ୍ତର କାର୍ଯ୍ୟରତ। ସମ୍ବଲପୁରକୁ ଏକ ବିକଶିତ ଜିଲ୍ଲା ସହ ବିଶ୍ୱ ପର୍ଯ୍ୟଟନ ମାନଚିତ୍ର ରେ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ପ୍ରଚେଷ୍ଟିତ ରହୁଛନ୍ତି। ଏହି ପ୍ଲାଣ୍ଟର ସ୍ଥାପନ ସ୍ୱଚ୍ଛତା ଓ ବିକଳ୍ପ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏକ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଶ୍ରୀ ବକ୍ସି କହିଛନ୍ତି।



ସମ୍ବଲପୁର: ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ତାଲିମ ଶିବିର

# ପାଇକମାଲ ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର

**ପାଇକମାଲ, ୯।୧୦(ସମିସ):** ପାଇକମାଲ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପାଇକମାଲ ବିଇଓ ଅଦନ ସୁନା ଓ ପ୍ରଧାନ ବ୍ଲକ ବିଜ୍ଞାନ ସଞ୍ଚାଳକ ଭାବେ ସମ୍ମାନିତ ଅତିଥି ଭବାନୀ ଶଙ୍କର ଭୋଇ ଯୋଗ ଦେଇଥିଲେ। ସେମିନାରରେ ୧୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ରୂପେ ଝାରବନ୍ଧ ବ୍ଲକର ବିଜ୍ଞାନ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଓ ଧ୍ରୁବ ଚରଣ ସାହୁ ଯୋଗ ଦେଇଥିଲେ। ଚୟନ ହେଇଥିବା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବୁକୁରା ମୁଣ୍ଡା ରିତୁ ସାହୁ ପ୍ରଥମ, ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରତୀ ତନସନା ଦ୍ୱିତୀୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳର କ୍ଷିତିଚନ୍ଦ୍ର ମାହାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ନିରୁପମା ସାହୁ ଧନ୍ୟବାଦ ଦେଇଥିଲେ।



# ଭାଗବତ ଗାଦିର ବାର୍ଷିକୋତ୍ସବ

**ଘେଁସ, ୯।୧୦(ସମିସ):** ଘେଁସ ବଡଜୋର ପେଟୁପାଲି ମଧ୍ୟସ୍ତ ବରଛକ ଭାଗବତ ଗାଦିରେ ୧୯ ତମ ବାର୍ଷିକ ଉତ୍ସବ ଅବସରରେ ତ୍ରିଦିବସିୟ ସତସଙ୍ଗ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଦୁର୍ବାଦଳ ମେହେର ପତ୍ନୀ ମାଧବୀ ମେହେର, ଆନନ୍ଦ ମେହେର ପତ୍ନୀ ସତ୍ୟବତୀ ମେହେର, ଭଗବାନ ମେହେର ପତ୍ନୀ ଶାନ୍ତା ମେହେର, ସହଦେବ ପଧାନ ପତ୍ନୀ ଗୌରୀ ପଧାନ, ବୀରେନ୍ଦ୍ର ପଟେଲ ପତ୍ନୀ ଶୁଶୁମା ପଟେଲ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ବାଚସ୍ପତି ତ୍ରିପାଠୀ, ଭଗବାନ ଦାସ, ତୁଲାମଣି ସାବତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଭାଗବତ ସଭାରେ ଯୁକ୍ତ ଗଜରାଜ ମେହେର ସଭାପତିତ୍ୱ କରିଥିଲା ବେଳେ ଦିବ୍ୟକିଶୋର ପଧାନ ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ପ୍ରତ୍ୟେକ ଦିନ ମୁଖ୍ୟ ବକ୍ତା ସନ୍ତୋଷ କର, ସମ୍ମାନିତ ବକ୍ତା ଗିରଧାରୀ ମିଶ୍ର, ପ୍ରବଚିକା ମଞ୍ଜୁ ଦେବି ବକ୍ତବ୍ୟ ପ୍ରଦାନ କରିଥିଲେ। ଝାଲପାଲି ଗାଁର ରାଧାମାଧବ କୀର୍ତ୍ତନ ମଣ୍ଡଳୀର ଗାୟିକା ଦ୍ରୋପତି ଭୋଇ ମଧ ଭାଗବତ ପାରାୟଣ କରିଥିଲେ। ଅଞ୍ଚଳର ସାଧୁ, ସନ୍ଥ, ଯୋଗୀ, ସନ୍ୟାସୀ, ବକ୍ତା, ଅନ୍ନଦାତା ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପ୍ରତ୍ୟେକ ଦିନ ଶ୍ରୋତା, ବକ୍ତା, ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ କମିଟିର ସଭାପତି କମଳାକାନ୍ତ ଜାଲ, ଉପସଭାପତି ବାଚସ୍ପତି ତ୍ରିପାଠୀ, ସମ୍ପାଦକ ରକ୍ଷାକାରି ସାହୁ, ସଂଯୋଜକ ମହେନ୍ଦ୍ର ନାଗ, ବରିଷ୍ଠ ସଭ୍ୟ ବଡ ଭୋଇ, ସାନ ଭୋଇ, ଅଭିମନ୍ୟୁ ପରଧୀୟା, ସାଧୁରାମ ଗିଙ୍ଗରା, ଉତ୍ତମ ଭୁଏ, କୈଳାଶ ସାହୁ, ଦିଲୀପ ନାଗ ତଥା ଏ ଅଞ୍ଚଳର ଭାଗବତ ପ୍ରେମୀ ଯୁବକ ମାନେ ସହଯୋଗ କରିଥିଲେ।





## ଆମ୍ବଛକ ଆଞ୍ଚଳିକ ଭାଗବତ ଟୁଙ୍ଗି

**ବିଜେପୁର:** ବରଗଡ଼ ଜିଲ୍ଲା ଘେଁସ ତାଳପଦର ରାସ୍ତା ଉପରେ ଅବସ୍ଥିତ ପ୍ରସିଦ୍ଧ ଆମ୍ବଛକ ଠାରେ ଆଞ୍ଚଳିକ ସତସଙ୍ଗ ଭାଗବତ ଟୁଙ୍ଗିର ୧୯ ତମ ବାର୍ଷିକୋତ୍ସବ ତିନି ଦିନ ବ୍ୟାପୀ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସୋମବାର କଳସ ଯାତ୍ରା ପରେ ଭାଗବତ ଟୁଙ୍ଗିରେ ପୂଜାର୍ଚ୍ଚନା, ସାଧୁ ସେବା, ଭାଗବତ ପାଠ, ସତସଙ୍ଗ, ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ବଲାଙ୍ଗିରରୁ ଅଧାପିକା ଏଲୋରା ମିଶ୍ର, ଝାରସୁଗୁଡ଼ାରୁ ଡଲି ସା, ଡୁଙ୍ଗୁରିପାଲିରୁ କାମିନୀ ରଣା, ସର୍ଗିବାହଲରୁ ଶ୍ରୀୟା ମେହେର, ପଣ୍ଡକିପାଲିରୁ ପ୍ରତୀକ୍ଷା ସାହୁ ପ୍ରମୁଖ ପ୍ରବଚିକା ମାନେ ଯୋଗ ଦେବା ସହ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଆଶା ପଧାନ ଓ ଅକ୍ଷୟ ପଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ନରେନ୍ଦ୍ର ହୋତା ପୂଜାର୍ଚ୍ଚନା କରିଥିବା ବେଳେ ମାୟାଧର ମହାପାତ୍ର ଓ ଦାଶରଥି ସେନାପତି ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଝାଲପାଲି, ବେହେରା ପାଲି, ପେଟୁପାଲି, ଝାଙ୍କର ପାଲି, ବି.ନୂଆଁପାଲି, ମୁଣ୍ଡୋମହୁଲ ଆଦି ଗାଁର ସଙ୍କୀର୍ତ୍ତନ ପରିବେଷିତ ହୋଇଥିଲା। ପ୍ରତ୍ୟହ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ନିକଟସ୍ଥ ବିଭିନ୍ନ ଗାଁର ଜନସାଧାରଣ, ଭାଗବତ ପ୍ରେମୀ ତଥା ଭକ୍ତମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନାଳରେ ଦୁଇ ଭାଇ ଭାସିଯିବା ଘଟଣା

# ୭ ଦିନ ପରେ ବି ଜଣଙ୍କର ସନ୍ଧାନ ମିଳୁନି

**ଥୁଆମୂଳ ରାମପୁର, ୯।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ଗତ ୨ତାରିଖ ବିଜୟା ଦଶମୀ ଦିନ ଲଘୁଚାପ ଜନିତ ବର୍ଷାର ବିପ୍ରାତ ଦେଖିବାକୁ ମିଳିଥିଲା। ବ୍ଲକର ହାଡ଼ଖୁର୍ସି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ଦାଶ ଓ ତାଙ୍କ ବଡ଼ଭାଇ ଦିଲ୍ଲୀପ କୁମାର ଦାଶ ବିଜୟା ଦଶମୀ ପୂଜା ପାଇଁ ସାଇସୁରୁନି ଫରେଷ୍ଟ ଅଫିସକୁ ପୂଜା ଯାଇ ଅପରାହ୍ନରେ ପୂଜା ସାରି ସେଠାରୁ ଭବାନୀପାଟଣା ଫେରୁଥିବା ବେଳେ କର୍ଲାପାଟ ଅଭୟାରଣ୍ୟ ପରିବେଷ୍ଟିତ ସେମେଲପଦର ନିକଟ ଏକ ନାଳରେ ନିଜ ବାଇକ୍ ସହ ଭାସି ଯାଇଥିଲେ। ଶିକ୍ଷକ ପ୍ରଦୀପ କୁମାର ଦାଶଙ୍କ ମୃତଦେହ ଏବଂ ତାଙ୍କ ବାଇକ ଉଦ୍ଧାର ହୋଇଥିବା ବେଳେ ଭାଇ ଦିଲ୍ଲୀପ କୁମାର ଦାଶ ଆଜି ପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ନିଖୋଜ ଘଟଣାର ୭ ଦିନ ବିତିଯାଇଥିଲେ ସୁଦ୍ଧା ଆଜି ଯାଏଁ କୌଣସି ପତ୍ତା ମିଳିପାରିନାହି।ଯାହାକୁ ନେଇ ପରିବାର ଲୋକେ ସନ୍ଦିହାନ ହୋଇପଡ଼ିଛନ୍ତି। ଭବାନୀପାଟଣା ଅଗ୍ନିଶମ ବିଭାଗ, ବଲାଙ୍ଗିର ଓଡ୍ରାଫ ଟିମ୍ ଏବଂ କର୍ଲାପାଟ ଭାରପ୍ରାପ୍ତ ଥାନାଧିକାରୀ ଶ୍ରୀକାନ୍ତ କୋଲାକା ସହ ତାଙ୍କ ଟିମ୍ ଘଟଣା ସ୍ଥଳରୁ ନାଳ ଓ ନାଳକୁ ସଂଯୋଗ ହୋଇଥିବା ନଦୀରେ ଖୋଜି ଖୋଜି ନିରାଶ ହୋଇଛନ୍ତି।

# ବିବାହ ପ୍ରତିଶ୍ରୁତି ଦେଇ ୬୪ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ



**ସମ୍ବଲପୁର, ୯।୧୦(ସମିସ):** ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଲକ୍ଷ ଲକ୍ଷ ଟଙ୍କା ଠକିନେଇଥିବା ଭଳି ଏକ ଅଭାବନିୟ ଘଟଣା ଘଟିଛି। ଟାଉନ ଥାନାରେ ପଶ୍ଚିମବଙ୍ଗ ହୁଗୁଲି ଜିଲ୍ଲା ଦାନକୁନି ଥାନା ଅଞ୍ଚଳର ଜଣେ ମହିଳାଙ୍କ ଅଭିଯୋଗ ଅନୁଯାୟୀ ଟାଉନ ଥାନାରେ ମାମଲା ସଂଖ୍ୟା ୪୨୭ ରୁଜୁ ହୋଇଛି। ସମ୍ବଲପୁର ଟାଉନଥାନା ଅନ୍ତର୍ଗତ ଗୋଲବଜାର ନୟାପଡାର ରାହୁଲ ରକ୍ଷିତ ଉକ୍ତ ମହିଳାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ବିଭିନ୍ନ ପର୍ଯ୍ୟାୟରେ ୬୪ ଲକ୍ଷ ଟଙ୍କା ଠକେଇ କରିଥିଲେ। ଏହି ମାମଲାରେ ଟାଉନ ଥାନା ପୁଲିସ ଅଭିଯୁକ୍ତ ରାହୁଲ ଆଜି ଗିରଫ କରି କୋର୍ଟଚାଲାଣ କରିଛି।

# ଗଛ ପଡ଼ି ମହିଳା କନେଷ୍ଟବଳ ଗୁରୁତର

**ପଦ୍ମପୁର, ୯।୧୦(ସମିସ):** ପଦ୍ମପୁର ଉପଖଣ୍ଡ ଡଙ୍ଗାଘାଟ ପଞ୍ଚାୟତ କୁମୁନିବାହାଲି ଛକରେ ଗୁରୁବାର ବିଲର ଗଛ କାଟୁଥିବା ବେଳେ ଗଛ ପଡ଼ି ମହିଳା କନେଷ୍ଟବଳ ଗୁରୁତର ଆହତ ହୋଇଛନ୍ତି। ଡଙ୍ଗାଘାଟ ପଞ୍ଚାୟତର ଅଶ୍ୱିନୀ ବେହେରା ନିଜ ବିଲରେ ଥିବା ଗଛ କାଟୁଥିବା ସମୟରେ ମହିଳା ପୁଲିସ କନେଷ୍ଟବଳ ଜ୍ୟୋତ୍ସ୍ନା ମିଶ୍ର ସେହି ବାଟ ଦେଇ ଯାଉଥିଲେ। ଗଛ ତାଙ୍କ ଦେହରେ ପଡ଼ିଯିବାରୁ ଜ୍ୟୋତ୍ସ୍ନା ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ହାତରେ ଗଭୀର ଆଘାତ ଲାଗିଛି। ତୁରନ୍ତ ଚିକିତ୍ସା ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିଲା। ଉପଖଣ୍ଡ ପୁଲିସ ଅଧିକାରୀ ପାଣ୍ଡବ ଶବର, ଥାନାଧିକାରୀ ମମତା ନାଏକ, ପଦ୍ମପୁର ବନବିଭାଗ କର୍ମଚାରୀ ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ଉଚ୍ଚତର ଚିକିତ୍ସା ପାଇଁ ବୁର୍ଲା ବଡ ଡାକ୍ତରଖାନାକୁ ଆହତ କନେଷ୍ଟବଳଙ୍କୁ ରେଫର କରାଯାଇଛି।



# ଦଶହରା ପୂର୍ଣ୍ଣମୀରେ ସତ୍‌ସଙ୍ଗ ପ୍ରବଚନ

**ଭେଡେନ, ୯।୧୦(ସମିସ):** ଭେଡେନ ବ୍ଲକ ଅଧୀନ ଐତିହାସିକ ପର୍ଯ୍ୟଟନ ପୀଠ ସହିଦ ବୀର ମନୋହର ସିଂଙ୍କ ଗଡ଼ ସମିପ ପବିତ୍ର ବାଲିଯାତ୍ରା ପଡ଼ିଆ ସ୍ଥିତ ବୀର ସୁରେନ୍ଦ୍ର ସାଏ ଜ୍ଞାନ ମଣ୍ଡପ ଠାରେ ଦଶହରା ପୂର୍ଣ୍ଣମୀ ଅବସରରେ ସତସଙ୍ଗ ପ୍ରବଚନ କରାଯାଇଛି। ପଣ୍ଡିତ ଦୁଖିଶ୍ୟାମ ଦାଶଙ୍କ ପୌରୋହିତ୍ୟରେ ଶ୍ରୀରାଧାକୃଷ୍ଣଙ୍କ ପୂଜନ ଓ ଶ୍ରୀମଦ୍ ଭାଗବତ ଏକ ଅଧ୍ୟାୟ ପଠନ ପରେ ପ୍ରବଚକ ସରୋଜ ପାଢ଼ୀଙ୍କ ଦ୍ୱାରା ଭାଗବତ ବ୍ୟାଖାନ ଓ ପ୍ରବଚନ କରାଯାଇଥିଲା। ଏହାସହ କଳାକାର ମାନଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ଶତାଧିକ ଜନସାଧାରଣ ସତସଙ୍ଗରେ ଉପସ୍ଥିତ ଥିଲେ। ପ୍ରତ୍ୟେକ ପୂର୍ଣ୍ଣମୀ ଦିନ ଅନୁଷ୍ଠିତ ହୋଉଥିବା ସତସଙ୍ଗ ପ୍ରବଚନାଦି କାର୍ଯ୍ୟକ୍ରମକୁ ବୀରସୁରେନ୍ଦ୍ର ସାଏ ପ୍ରବଚନ କମିଟି, ବସେଇକେଲା, ଗୁରୁପାଲି, କଟାପାଲିର ସଦସ୍ୟବୃନ୍ଦ ଆୟୋଜନ କରନ୍ତି। କମିଟିର ମକୁନ୍ଦ ପଧାନ, ବାସୁଦେବ ପଟେଲ, ବୀରେନ ଭୋଇ, ଆନନ୍ଦ କରନ, ନିରଞ୍ଜନ ପଧାନ, ପ୍ରେମରାଜ ରାଏ, ସୁବଳ ପଧାନ, ଜୟ ଲାଲ ପଧାନ, ସାହେବ ପଧାନ, ମହରଗୁ ବେହେରା, ଡମ୍ବରୁ ପଧାନ, ଭଗବାନ ସେଠ, ସନ୍ତୋଷ ବେହେରା, ବଜରଙ୍ଗ କରନଙ୍କ ସହ ହରିଶଙ୍କରେ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ପଦ୍ମିନୀ ଗଡ଼ତିଆ ଯୋଗ ଦେଇଥିଲେ। ଗଡ଼ତିଆଙ୍କୁ କମିଟି ତରଫରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉଦ୍ୟୋକ୍ତା ହରିଶଙ୍କର ବେହେରା ଧନ୍ୟବାଦ ଆର୍ପଣ କରିଥିଲେ।



# ସିଦ୍ଧେଶ୍ୱରବେର୍ଣ୍ଣା ଶିଶୁ ମନ୍ଦିର ଛାତ୍ର ପ୍ରଶ୍ନମଞ୍ଚରେ ପ୍ରଥମ

**ସମ୍ବଲପୁର, ୯।୧୦ (ସମିସ):** ବିଦ୍ୟାଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନଙ୍କ ଦ୍ୱାରା ଆୟୋଜିତ କ୍ଷେତ୍ରୀୟ ଗଣିତ ଓ ବିଜ୍ଞାନମେଳା କାଶୀମ ବଜାର, ମୁର୍ସିଦାବାଦ, ପଶ୍ଚିମବଙ୍ଗଠାରେ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସିଦ୍ଧେଶ୍ୱରବେର୍ଣ୍ଣାର ବ୍ରିଜେଶ ମେହେର, ମଦନମୋହନ ଦାଶ ଓ ସ୍ୱସ୍ତିକ ବାରିକ କିଶୋରବର୍ଗ ବୈଦିକ ଗଣିତ ପ୍ରଶ୍ନମଞ୍ଚରେ କ୍ଷେତ୍ରରେ ପ୍ରଥମସ୍ଥାନ ଅଧିକାର କରି ଅନୁଷ୍ଠାନ ତଥା ପ୍ରଦେଶ ପାଇଁ ସୁନାମ ଆଣିଦେଇଛନ୍ତି। ପ୍ରଧାନ ଆଚାର୍ଯ୍ୟ ଦିଲ୍ଲୀପ କୁମାର ପାଢ଼ୀ ତଥା ସମସ୍ତ ଆଚାର୍ଯ୍ୟ ପରିବାର, ପରିଚାଳନା ସମିତି ଏବଂ ଅଭିଭାବକ ମାନଙ୍କ ପକ୍ଷରୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଅଖିଳ ଭାରତୀୟ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।



# ବାଲ୍ୟ ବିବାହ ବନ୍ଦ ପାଇଁ ଜିଲ୍ଲା ଟାସ୍କ ଫୋର୍ସ ବୈଠକ

**ସମ୍ବଲପୁର, ୯।୧୦ (ସମିସ)**

ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସଭାକକ୍ଷରେ ବାଲ୍ୟ ବିବାହ ବନ୍ଦ କରିବା ଓ କିଶୋରୀ ସଶକ୍ତିକରଣ ପାଇଁ ଜିଲ୍ଲା ଟାସ୍କ ଫୋର୍ସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ଜିଲ୍ଲାରେ ବାଲ୍ୟ ବିବାହକୁ ବନ୍ଦ କରିବା କହିଥିଲେ। କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ବନ୍ଦ ଓ କିଶୋରୀ ସଶକ୍ତି କରଣରେ ସମସ୍ତେ ନିଜ ନିଜ ଦାୟିତ୍ୱ ନେବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାକଟିଦେଉଳ ବ୍ଲକର ୫୧ଟି ଗ୍ରାମ ଏବଂ ଜମନକିରା ବ୍ଲକର ୧୦୮ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଥିଲା।



ଜିଲ୍ଲା ସଂଯୋଜିକା ଏଡ୍‌ଏଟ୍ ଆହ୍ୱନ ସୁନୀତା ତ୍ରିପାଠୀ ବାଲ୍ୟ ବିବାହ ଆଇନ ଓ ଜିଲ୍ଲାର ବାଲ୍ୟ ବିବାହ ସ୍ଥିତି ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ସହକାରୀ ଆରକ୍ଷୀ ଅଧିକାରୀ ଅନିଲ କୁମାର ପ୍ରଧାନ ବାଲ୍ୟ ବିବାହ ବନ୍ଦ କରିବା କ୍ଷେତ୍ରରେ ପୁଲିସର ଭୂମିକା ଉପରେ ସୂଚନା ପ୍ରଦାନ କରିଥିଲେ। ଏଡିପିଏଚ୍‌ଓ ଡା. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଭୂମିକା ସମ୍ପର୍କରେ ମତ ରଖିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଜିଲ୍ଲାରେ ଅଧାରୁ ପାଠ ଛାଡ଼ିଥିବା ଶିଶୁ ମାନଙ୍କ ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ। ଆଦର୍ଶ ଅନୁଷ୍ଠାନ ସମ୍ପାଦକ ପ୍ରଦୀପ ବେହେରା ଜିଲ୍ଲାରେ ବାଲ୍ୟ ବିବାହକୁ ବନ୍ଦ କରିବାରେ ସମସ୍ତଙ୍କ ଭୂମିକା ସମ୍ପର୍କରେ ମତ ରଖିଥିଲେ। ହିଣ୍ଡାଲକୋର ସୁକାନ୍ତ ମହାପାତ୍ର ବାଲ୍ୟ ବିବାହ ବନ୍ଦ ଉପରେ ସଚେତନତା ପାଇଁ ସେମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ମତ ରଖିଥିଲେ। ଓବିସି ମଞ୍ଚ ଜିଲ୍ଲା ଆବାହକ ସରୋଜ ସାହୁ ବାଲ୍ୟ ବିବାହ ବନ୍ଦ କରିବା ଓ ସଚେତନତା କରିବା ପାଇଁ ଜାତି ସମାଜର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି କହିଥିଲେ। ସ୍ୱୟଂ ସହାୟକ ଦଳର ସମ୍ପାଦିକା କେତକୀ ବେହେରା ଜିଲ୍ଲା ମହାସଂଘ ବାଲ୍ୟ ବିବାହ ରୋକିବା ପାଇଁ ସ୍ୱୟଂ ସହାୟକ ଦଳର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ମତ ରଖିଥିଲେ। ପ୍ରୋଗ୍ରାମ ଅଫିସର ତଥା ପ୍ରୋଟେକ୍ସନ୍ ଅଫିସର ସରିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶେଷରେ ଜିଲ୍ଲା ସଂଯୋଜକ ଛଟେଲାଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଜାତି ସମାଜର କର୍ମକର୍ତ୍ତା, ସେଚ୍ଛାସେବୀ ସଂଗଠନର ସଦସ୍ୟ, ହିଣ୍ଡାଲକୋର ପ୍ରତିନିଧି, ପାରାଲିଗାଲ କର୍ମୀ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଭ୍ୟ, ସ୍ୱୟଂ ସହାୟକ ଦଳର କର୍ମକର୍ତ୍ତା, ବୈଷୟିକ ଶିକ୍ଷା ଅନୁଷ୍ଠାନ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ।

କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ
କେନ୍ଦ୍ରାପଡାର ଗଣପର୍ବ ମା ଗଜଲକ୍ଷ୍ମୀ ପୂଜା ଓ ଦୀପାବଳି ଅବସରରେ ଆପଣ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଆଗାମୀ ପାର୍ବଣ ଋତୁ ପାଇଁ ଗ୍ରାହକ ବନ୍ଧୁ ମାନଙ୍କ ନିମନ୍ତେ ସ୍ୱର୍ଣ୍ଣ ଋଣ ସୁଧହାର ହ୍ରାସ
ସବୁଦିନ, ସବୁ ସମୟରେ, ସମସ୍ତ ଶାଖାରେ କମ୍ ସୁଧରେ ତତ୍‌କାଳ ଉପଲବ୍ଧ।
ସ୍ୱର୍ଣ୍ଣବନ୍ଧକ ଋଣ
ଗୃହ ଋଣରେ ସଳ୍ପ ସୁଧହାର ସହିତ ନୋମିନାଲ ପ୍ରୋସେସିଙ୍ଗ୍ ଫି ଗ୍ରାହକଙ୍କ ନିମନ୍ତେ ସରଳ ଓ ସହଜ କାଗଜାତ।
ଗୃହଋଣ
ଏଟିଏମ୍ ସୁବିଧା ଉପଲବ୍ଧ
ଆଗାମୀ ପାର୍ବଣ ଋତୁରେ ଘରକୁ ଏକ ଗାଡି (କାର୍) ଆଣି ପରିବାର ସହ ଖୁସି ବାଣ୍ଟନ୍ତୁ। ବ୍ୟାଙ୍କ୍ ଦ୍ୱାରା ଆରମ୍ଭ କରାଯାଇଥିବା ମୋ କାର ଋଣ ସହଜ ସୁବିଧା କିସ୍ତିରେ ଉପଲବ୍ଧ।
କାର୍ ଋଣ
କ୍ୟୁ.ଆର୍ କୋଡ୍ ମାଧ୍ୟମରେ କାରବାର ସୁବିଧା ଉପଲବ୍ଧ।
ଭାଗବତ ପ୍ରସାଦ ସ୍ୱରୋଜଗାର ଯୋଜନାରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ବିନା ସିକ୍ୟୁରିଟିରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ
ଭାଗ୍ୟଲକ୍ଷ୍ମୀ ପଣ୍ଡା
ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ
ସବିଶେଷ ତଥ୍ୟ ପାଇଁ ନିକଟସ୍ଥ ଶାଖା ସହିତ ଯୋଗାଯୋଗ କରିବାକୁ ଅନୁରୋଧ।
ଏହି ସବୁ ସୁବିଧାର ଲାଭ ଉଠାଇବା ସଙ୍ଗେ ସଙ୍ଗେ ବ୍ୟାଙ୍କ ପ୍ରଗତିରେ ଭାଗୀଦାର ହୁଅନ୍ତୁ।
ଗୁରୁପ୍ରସାଦ ମହାନ୍ତି
ସଭାପତି

# ଦବିଲା ବ୍ରିଜ୍ ସ୍ଲାବ୍, ସ୍ଥାଇତ୍ୱ ନେଇ ଆଶଙ୍କା

**କୁଚିଣ୍ଡା, ୯ ।୧୦(ସମିସ):** କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜୟପୁରଗଡ଼ ଭେଡେନ ନଦୀ ଉପରେ ବିଜୁ ସେତୁ ଯୋଜନାରେ ନିର୍ମାଣ କରା ଯାଉଥିବା ବ୍ରିଜ କାମ ନିମ୍ନମାନର ହେଉଥିବା ଯୋଗୁଁ ଏହାର ସ୍ଲାବ୍ ଦବି ଯାଇଛି ଏବଂ ବର୍ଷାରେ ଏହାର କିଛି ଅଂଶ ଭାଙ୍ଗି ଯାଇ ନଦୀରେ ପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ବର୍ତ୍ତମାନ କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜୟପୁରଗଡ଼ ଠାରୁ ରାଜବନ୍ଧ ଗ୍ରାମ ମଝିରେ ପ୍ରବାହିତ ଭେଡେନ ନଦୀ ଉପରେ ବ୍ରିଜ ନିର୍ମାଣ କାମ



ଚାଲିଛି । ଏହି ବ୍ରିଜ ବିଜୁ ସେତୁ ଯୋଜନାରେ ୯ କୋଟି ୩ ଲକ୍ଷ ୬୨ ହଜାର ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଏଥିରେ ପିଲର କାମ ସରିଛି ଏବଂ ଗୋଟିଏ ସ୍ଲାବ୍ ନିର୍ମାଣ ହୋଇଥିଲା । ଏହି ବ୍ରିଜ କାମରେ ୫ କୋଟି ୪୬ ଲକ୍ଷ ୧୮ ହଜାର ଟଙ୍କା ବିଲ ମଧ୍ୟ ପ୍ରଦାନ କରାଯାଇଛି । ତେବେ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ନିମ୍ନମାନର କାମ ଯୋଗୁଁ ଗତ ବର୍ଷାରେ ଏହି ସେତୁର ସ୍ଲାବ ସମ୍ପୂର୍ଣ୍ଣ ଦବି ଯିବାରୁ ଏହାର କିଛି ଅଂଶ ଭାଙ୍ଗି ଯାଇ ନଦୀରେ ପଡ଼ି ଯାଇଥିଲା । କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନଙ୍କୁ ଏବାବଦରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ସେତୁ ନିର୍ମାଣ କାର୍ଯ୍ୟ ଗତ ୨୦୨୨-୨୦୨୩ ରେ ମଞ୍ଜୁର ହୋଇ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେଇ ନ ଥିବାରୁ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । ତେବେ ଗ୍ରାମବାସୀଙ୍କ ଅଭିଯୋଗ ବାବଦରେ ମତାମତ ପାଇଁ କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଦେବର୍ଷି ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ଏବାବଦର ଜାଣି ନାହାଁନ୍ତି, ଏଣୁ ତଦନ୍ତ କରିବା ପରେ ପ୍ରକୃତରେ ଯଦି ସ୍ଲାବ ଦବି ଯାଇଥିବ ତେବେ ଏହାକୁ ଭାଙ୍ଗି ନୂତନ ସ୍ଲାବ୍ ନିର୍ମାଣ କରାଯିବ ବୋଲି କହିଥିଲେ । ସେହିପରି ବ୍ରିଜ ନିର୍ମାଣ କାର୍ଯ୍ୟର ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀ ଗୌରୀଶଙ୍କର ନାୟକ କହିଲେ ଯେ, ବର୍ଷାରେ ସ୍ଲାବଟି ଦବି ଯାଇଛି ବର୍ତ୍ତମାନ ଏହାକୁ ଭଙ୍ଗା ଯାଉଛି ଏବଂ ଏହା ପରେ ସେଠାରେ ନୂତନ ସ୍ଲାବ୍ ନିର୍ମାଣ କରାଯିବ, ଲୋକଙ୍କ ସ୍ୱାର୍ଥ ପାଇଁ ଉନ୍ନତ ମାନର କାମ ପାଇଁ ବିଭାଗ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ତେବେ ଗୋଟିଏ ବର୍ଷାରେ ସ୍ଲାବ ଦବିଯିବା ଏବଂ ଭାଙ୍ଗି ଯିବାରୁ ବ୍ରିଜର ସ୍ଥାୟୀତ୍ୱ ପ୍ରତି ସନ୍ଦେହ ପ୍ରକାଶ ପାଇଛି ।

# ଧସିଲା କୁଲତାପଡ଼ା ଧୋବିଯୋର ପୋଲ
# ୪୮ ଘଣ୍ଟା ପରେ ବି ଆରମ୍ଭ ହୋଇନି କାମ

**ସମ୍ବଲପୁର, ୯।୧୦ (ସମିସ)**

ସମ୍ବଲପୁରର ଠାକୁରପଡ଼ାରୁ କେନ୍ଦ୍ରୀୟ ବିଦ୍ୟାଳୟକୁ ଯିବା ରାସ୍ତାରେ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପାଖରେ ଥିବା କୁଲତାପଡ଼ା ଧୋବିଯୋର ବ୍ରିଜ କଡ଼ ଧସିବା ପରେ ୪୮ ଘଣ୍ଟା ବିତିଗଲାଣି । କିନ୍ତୁ ପୂର୍ତ୍ତ ବିଭାଗ ପକ୍ଷରୁ ଏନେଇ କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ । ଗତ ମଙ୍ଗଳବାର ସନ୍ଧ୍ୟାରେ ବ୍ରିଜ୍‌ର ମନ୍ଦିରପଟକୁ ରାସ୍ତାକଡ଼ରେ ପ୍ରାୟ ୧୫ ଫୁଟ୍‌ରୁ ଊର୍ଦ୍ଧ୍ୱ ଏକ ଗାତ ହୋଇଯାଇଛି । ଏହି ଗାତ ଦେଇ ପୋଲ ତଳ ପାଣି ଦେଖାଯାଉଛି । ପ୍ରଥମ ଦିନ ପୂର୍ତ୍ତ ବିଭାଗର କେହି ବି ଅଧିକାରୀ ଆସିନଥିବାବେଳେ ବୁଧବାର ଏହି ବ୍ୟସ୍ତବହୁଳ ରାସ୍ତାର ଉଭୟପାର୍ଶ୍ୱରେ ବ୍ୟାରିକେଡ ଦେଇ କାମ ସାରି ଦେଇଥିଲା ପୂର୍ତ୍ତ ବିଭାଗ । କୌଣସି କାମ ହେଉନଥିବାରୁ ଆଜି ଲୋକେ ବ୍ୟାରିକେଡ ହଟାଇ ଦେଇଥିବା ଦେଖାଯାଇଛି । ରାସ୍ତାର ଅନ୍ୟ ପାର୍ଶ୍ୱ ବି କେତେବେଳେ ଧସି ଯାଇପାରେ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଉଛି ।

ଗତ ମଙ୍ଗଳବାର ସନ୍ଧ୍ୟାରେ ଠାକୁରପଡ଼ା ପଟୁ ଗଲେ ବ୍ରିଜ୍‌ର ଡାହାଣପଟେ ମାଟି ଧସିଯାଇ ଏହି ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ଏହି ରାସ୍ତାରେ ଗୁରୁନାନକ ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ-୧, ବିକାଶ ହସପିଟାଲ ସହ ଜାତୀୟ ରାଜପଥକୁ ଯୋଗାଯୋଗ କରୁଥିବାରୁ ଦିନରାତି ୨୪ ଘଣ୍ଟା ଏହି ରାସ୍ତାରେ ଯାତାୟାତ ଲାଗି ରହିଥାଏ । ଏହାସହ ରେଳନଗର ଥିବାରୁ ଭାରୀଯାନ ଗୁଡ଼ିକରେ ସାମଗ୍ରୀ ନେବାଆଣିବା ମଧ୍ୟ ଲାଗି ରହିଥାଏ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପୋଲ ମାତ୍ର ୧୦ ବର୍ଷ ନଯାଉଣୁ ଧସିଯିବା ପୂର୍ତ୍ତ ବିଭାଗ କାର୍ଯ୍ୟକୁ ସୂଚାଉଛି । ମଙ୍ଗଳବାର ଏହି ଗର୍ତ୍ତ ସୃଷ୍ଟି ହେବାପରେ କେହି ଅଧିକାରୀ ନ ଆସିବାରୁ ସ୍ଥାନୀୟ ଲୋକେ ଅଘଟଣ ଏଡ଼ାଇବାକୁ ଗଛଡାଳ, ବାଉଁଶ ଆଦି ଚାରିକଡ଼ରେ ଘେରି ଦେଇଥିଲେ । ଏପରିକି ଏହି ରାସ୍ତାର ପୋଲ ଉପରର ଷ୍ଟ୍ରୀଟ୍ ଲାଇଟ୍ ମଧ୍ୟ ବହୁ ସମୟରେ ଜଳୁନାହିଁ । ଯେଉଁ ସ୍ଥାନରେ ମାଟି ଧସିଯାଇ ଗର୍ତ୍ତ ସୃଷ୍ଟି ହୋଇଛି ଅଧିକାଂଶ ଗାଡ଼ି ସେହି ରାସ୍ତାରେ ଯାଇଥାନ୍ତି ।



ଉଲ୍ଲେଖଯୋଗ୍ୟ ଯେ, ବର୍ଷ ବର୍ଷ ଧରି ଏହି ରାସ୍ତା କେବଳ କେନ୍ଦ୍ରୀୟ ବିଦ୍ୟାଳୟକୁ ଯାତାୟାତ ପାଇଁ ବ୍ୟବହାର ହେଉଥିଲା । ଏହାସହ ସ୍ଥାନୀୟ ଲୋକେ ଏହି ବାଟଦେଇ ଜାତୀୟ ରାଜପଥକୁ ଯାଉଥିଲେ । ଏଠାରେ ଏକ ଛୋଟ ତଳିଆ ପୋଲ ରହିଥିଲା । ୨୦୧୬ ମସିହା ବନ୍ୟାରେ ଏହି ପୋଲ କ୍ଷତିଗ୍ରସ୍ତ ହେଲା । ଏହାପରେ ୨୦୧୭ରେ ପୂର୍ତ୍ତ ବିଭାଗ ପକ୍ଷରୁ ଏଠାରେ ଏହି ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ବ୍ରିଜ ନିର୍ମାଣକୁ ୧୦ ବର୍ଷ ବିତି ନଥିବାବେଳେ ଉଭୟକଡ଼ରୁ ମାଟି ଖାଇଯାଇ ରାସ୍ତା ଧସିବା ପୂର୍ତ୍ତ ବିଭାଗର କାର୍ଯ୍ୟର ମାନକୁ ଇଙ୍ଗିତ କରୁଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି । ଏନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇପାରିନାହିଁ ।

ନବନିର୍ମିତ ଦୁର୍ଗାପାଲି ରେଳ ଓଭରବ୍ରିଜ ଉଦ୍‌ଘାଟନର ୨୪ ଘଣ୍ଟା ନପୂରୁଣୁ ଦୁର୍ଗାପାଲି ପଟକୁ ଉଭୟ କଡ଼ରେ ଗାତ ହୋଇଥିଲା । ଏହି ପୋଲ ବାରମ୍ବାର ମରାମତି ସତ୍ତ୍ୱେ ଗାତ ସୃଷ୍ଟି ହେଉଛି । ପୁଣି ଗତ ସେପ୍ଟେମ୍ବର ୨୩ ତାରିଖ ଲଗାଣ ବର୍ଷାପରେ ଦୁର୍ଗାପାଲି ବ୍ରିଜ ଉପରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିଲା । ଏବେ ପୂର୍ତ୍ତ ବିଭାଗର କାର୍ଯ୍ୟର ମାନ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଅସହାୟ ରୋଗୀଙ୍କୁ ସାହାଯ୍ୟ

**ରେଢ଼ାଖୋଲ, ୯ ।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଭୀମଭୋଇ ଛକ ନିକଟ ଫାଣ୍ଡି ପାଖରେ କିଛି ଦିନ ହେବ ଜଣେ ଅସହାୟ ବ୍ୟକ୍ତି ରୋଗାକ୍ରାନ୍ତ ହୋଇ



ପଡ଼ି ରହିଥିଲେ । ବ୍ୟକ୍ତି ଜଣଙ୍କ ହେଲେ ଛତିଶଗଡ଼ ରାଜ୍ୟର ଅବତାବ ସିଂ ବୟସ ୩୯ । ସୂଚନା ଯୋଗ୍ୟ ଯେ ଉକ୍ତ ବ୍ୟକ୍ତି ରୋଗାକ୍ରାନ୍ତ ହୋଇ ଗୋଡ଼ରେ ପୋକ ହୋଇଯାଇଥିଲା । ସେଥିପାଇଁ ବ୍ୟକ୍ତି ନିକଟକୁ କେହି ଯାଇନଥିଲେ । ଏଥିରେ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରୟାସ କରି ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ସଂସ୍ଥା ଗୁଡିକୁ ଜଣାଇଥିଲେ । ରେଢ଼ାଖୋଲ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ମାର୍ଥାଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀ, ସମାଜସେବୀ ଭିକାରୀ ପ୍ରଧାନ ଏବଂ ଆରୀୟନ୍ ଫାଉଣ୍ଡେସନ କର୍ମକର୍ତ୍ତା ସହଯୋଗର ହାତ ବଢ଼ାଇ ଅସହାୟ ରୋଗାକ୍ରାନ୍ତ ବ୍ୟକ୍ତି ଜଣଙ୍କୁ ପ୍ରଥମେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ଡ୍ରେସିଂ କରିବା ପରେ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରଣ କରିଛନ୍ତି ।ଉକ୍ତ ବ୍ୟକ୍ତି ଜଣଙ୍କୁ ଆମ୍ବୁଲାନ୍ସ ସେବା ଯୋଗେ ଆରୀୟନ ଫାଉଣ୍ଡେସନର ସଭାପତି ତଥା ପ୍ରତିଷ୍ଠାତା ପପୁନ ସାମଲ ଏବଂ ହେମନ୍ତ ପ୍ରଧାନ ବୁର୍ଲା ଡାକ୍ତରଖାନାକୁ ନେଇ ପହଞ୍ଚିଥିଲେ । ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ପ୍ରଥମେ ତାଙ୍କର ଏକ୍ସରେ କରାଯାଇଥିଲା । ପରେ ବ୍ୟକ୍ତି ଜଣଙ୍କ ଉତ୍ତମ ଚିକିତ୍ସା ପାଇଁ ଡାକ୍ତରଙ୍କ ସହିତ କଥାବାର୍ତ୍ତା କରି କିଛି ଶୁଖିଲା ଖାଦ୍ୟ ଦେଇ ଫେରି ଆସିଥିଲେ ।

# ରାସ୍ତା ମରାମତି ପାଇଁ ୫ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ସମ୍ବଲପୁର, ୯।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଲଇଡ଼ା ପଞ୍ଚାୟତ ଅଞ୍ଚଳର ଗ୍ରୀଡରୁ ରେଙ୍ଗଲୋଇ ଛକ ଓ ରେଙ୍ଗଲୋଇରୁ ଲଇଡା ରାସ୍ତା ଛକକୁ ବିନ୍ଧୁଡ଼ିହି ଦେଇ ଆସିବା ପାଇଁ ରହିଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଲଘୁଚାପ ଜନିତ ବର୍ଷା ଲାଗିରହିଥିବାବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତାରେ ବଡ଼ ବଡ଼ ଖାଲଖମା ରହିବାସହ ରାସ୍ତାଟି ସବୁବେଳେ କର୍ଦ୍ଦମାକ୍ତ ରହୁଛି । ଗ୍ରାମ ଗୁଡ଼ିକର ଛାତ୍ରଛାତ୍ରୀ ମାନେ ସ୍କୁଲ ଯିବାଆସିବା ଏବଂ ରୋଗୀଙ୍କୁ ଡାକ୍ତରଖାନା ନେବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଜି ଏହି ସମସ୍ୟାକୁ ନେଇ ରେଙ୍ଗାଲି ଜୋନ-୨ ଜିଲ୍ଲା ପରିଷଦ ସଭ୍ୟ ଦେ'ନାରାୟଣ ତିୱାରୀଙ୍କ ନେତୃତ୍ୱରେ ୫ଟି ଗ୍ରାମର ଅଧିବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସେମାନେ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଏହାପୂର୍ବରୁ ଗ୍ରାମବାସୀ ସମ୍ବଲପୁର ଜିଲ୍ଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏନେଇ ଅଭିଯୋଗ କରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ ବୋଲି ଶ୍ରୀ ତିୱାରୀ ପ୍ରକାଶ କରିଛନ୍ତି ।

# କୁଚିଣ୍ଡାରେ ମାଳ ମାଳ ବେଆଇନ ପାଥୋଲାବ

**କୁଚିଣ୍ଡା, ୯ ।୧୦ (ସମିସ):** କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା ଉପରେ ପଡ଼ୋଶୀ ଝାରସୁଗୁଡା ଜିଲ୍ଲା ଲଇଡା, ବଡ଼ବାହାଲ, ଲଇକେରା ସହ ଦେବଗଡ଼ ଜିଲ୍ଲାର ଲଇମୁରା, ତିଳେଇବଣି, କଂସର, ପ୍ରଭାଶୁଣୀ ଏବଂ ସୁନ୍ଦରଗଡ଼ ଜିଲ୍ଲା ସୋଲ, ଜର୍ଡା ଆଦି ସମେତ ବଣପାହାଡ ଘେରା ଆଭ୍ୟନ୍ତରଣୀୟ ଅଞ୍ଚଳର ଶତାଧିକ ରୋଗୀ ନିର୍ଭର କରନ୍ତି । କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାକୁ ଉତ୍ତମ ସେବା ପାଇବା ଆଶାରେ ଶହ ଶହ ରୋଗୀ ଆସିଥାନ୍ତି । କିନ୍ତୁ ଉକ୍ତ ଡାକ୍ତରଖାନର କିଛି ଡାକ୍ତର ରୋଗୀଙ୍କୁ ସମୟର ଆଳ ଦେଖାଇ ବାହାରେ ଥିବା ପାଥୋଲାବ ଗୁଡିକକୁ ବିଭିନ୍ନ ପରୀକ୍ଷା ପାଇଁ ପଠାଇ ଥାନ୍ତି । ଏହା କିନ୍ତୁ ନିୟମ ବାହାରେ, ସରକାରଙ୍କ ଘୋଷଣା ମୁତାବକ ଡାକ୍ତରଖାନାକୁ ରୋଗୀ ପହଞ୍ଚିଲେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା, ପରୀକ୍ଷା ମଧ୍ୟ ମାଗଣା ଏବଂ ବିଭିନ୍ନ ଔଷଧ ମଧ୍ୟ ମାଗଣା ବ୍ୟବସ୍ଥା ରହିଛି, ହେଲେ ଏସବୁକୁ ଉଲଙ୍ଘନ କରି ଚାଲିଛନ୍ତି ଡାକ୍ତର । କିନ୍ତୁ ଡାକ୍ତରଙ୍କ ବିରୋଧରେ ଉପଖଣ୍ଡ ଡାକ୍ତରଖାନା କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । କୁଚିଣ୍ଡାରେ ବେଆଇନ ଭାବେ ବହୁ ପାଥୋଲାବ ଖୋଲି ଅର୍ଥ ଉପାଜନର ସରଳ ଉପାୟ ଆପଣେଇ ନେଇଛନ୍ତି । ଏମାନଙ୍କ ମଧ୍ୟରୁ ବହୁ ପାଥୋଲାବର ଅନୁମତି ପତ୍ର ବି ନାହିଁ ବେଆଇନ ଭାବେ ଚାଲିଛି । ବିଭିନ୍ନ ନମୂନା ପରୀକ୍ଷା, ଆଉ କିଛି ମଧ୍ୟ ବିନା ଟେକ୍ନିସିଆନରେ ଏକ୍ସରେ କରି ବେଶ ଅର୍ଥ ଉପାର୍ଜନରେ ଲାଗି ପଡ଼ିଛନ୍ତି । କିଛି ପାଥୋଲାବ ମାଲିକ ହୋମିଓପ୍ୟାଥିକରେ ଏଲୋପ୍ୟାଥିକ ଔଷଧ ଦେଇ ରୋଗୀ ଦେଖିବା ସହ ରକ୍ତ ନମୁନା ମଧ୍ୟ ପରୀକ୍ଷା କରୁଛନ୍ତି ।ପ୍ରଶାସନ ପକ୍ଷରୁ ଉକ୍ତ ବେଆଇନ ପାଥୋଲାବ ଗୁଡିକୁ ଚଢ଼ାଉ କରି ପ୍ରକୃତ କାଗଜପତ୍ର ଯାଞ୍ଚ କରିବା ସହ ଠକାମୀର ଶିକାର ହେଉ ଥିବା ରୋଗୀଙ୍କୁ ବଞ୍ଚାଇବାକୁ ଜନସାଧାରଣରେ ଦାବି ହେଉଛି ।

# ଡାକ୍ତର ଜନାର୍ଦ୍ଦନ ପୂଜାରୀ ସ୍ମାରକୀ ବକ୍ତୃତା

**ସମ୍ବଲପୁର, ୯।୧୦ (ସମିସ):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଆନୁକୂଲ୍ୟରେ ଗୁରୁବାର ସନ୍ଧ୍ୟାରେ ଡାକ୍ତର ତଥା ସାଧକ ଜନାର୍ଦ୍ଦନ ପୂଜାରୀ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଆଧ୍ୟାତ୍ମିକବାଦୀ ଇଂ.ବିଭୂତି ନାରାୟଣ ମାଝୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡା. ପୂଜାରୀଙ୍କୁ ଜଣେ ବିଶିଷ୍ଟ ଡାକ୍ତର, ସାଧକ ଓ ଜୀବନମୁକ୍ତ ମଣିଷ ଭାବେ ବର୍ଣ୍ଣନା କରିଥିଲେ । ସେ ନିରୋଳା ଜଙ୍ଗଲ ସ୍ଥାନ ଓ ନଦୀ ପଠାରେ ବସି ଘଣ୍ଟା ଘଣ୍ଟା ଧରି ଧ୍ୟାନମଗ୍ନ ରହୁଥିଲେ । ଛୋଟ ସମୟରୁ ନିଜର ବଡ଼ଭାଇ ଓ ପିତାଙ୍କ ଅକାଳ ମୃତ୍ୟୁ ତାଙ୍କୁ ବୈରାଗ୍ୟ ଓ ଆଧ୍ୟାତ୍ମିକ ଦିଗକୁ ନେବାରେ ଅନ୍ୟତମ କାରଣ ହୋଇପାରେ । ମୃତ୍ୟୁ ପୂର୍ବରୁ ଡାକ୍ତର ପୂଜାରୀ ଆଭାସ ପାଇ ଦେହତ୍ୟାଗ ପାଇଁ ନିଜକୁ ପ୍ରସ୍ତୁତ କରିବା ତାଙ୍କ ଭଗବତ ପ୍ରେମର ଅନ୍ୟତମ ଉଦାହରଣ ବୋଲି ଶ୍ରୀ ମାଝୀ ପ୍ରକାଶ କରିଥିଲେ । ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପ୍ରଫେସର ନିରୁପମା ବଡ଼ପଣ୍ଡା ଓ ଅନୁଷ୍ଠାନର ସଭ୍ୟସମ୍ପାଦକ ରଘୁନାଥ ମିଶ୍ର ମଞ୍ଚାସୀନ ଥିଲେ । ସଭା ପୂର୍ବରୁ କାର୍ଯ୍ୟକାରୀ କମିଟି ଓ ସମ୍ପାଦନା ମଣ୍ଡଳୀର ଏକ ମିଳିତ ବୈଠକରେ ଚଳିତବର୍ଷ ପାଇଁ ଗ୍ରୁମିଙ୍ଗ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ ପ୍ରଦାନ ଉତ୍ସବ ନଭେମ୍ବର ୨ ତାରିଖ ଆଇଆଇଏମ ସମ୍ବଲପୁର ପରିସରରେ କରାଯିବାକୁ ସ୍ଥିରୀକୃତ ହୋଇଥିଲା । ଏହି ଉତ୍ସବ ସଂକ୍ରାନ୍ତୀୟ ବିଶେଷ ସୂଚନା ଓ ନିର୍ଦ୍ଦେଶାବଳୀ ଜାରି କରାଯିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ରାଜେନ୍ଦ୍ର ପଣ୍ଡା ସୂଚନା ଦେଇଥିଲେ ।




# ଜୋନାଲ ସମ୍ପାଦକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସମ୍ବଲପୁର, ୯।୧୦ (ସମିସ):** ଅଇଁଠାପାଲି ଯାନ୍ତ୍ରିକ ଭବନଠାରେ ଜନସ୍ୱାସ୍ଥ୍ୟ ବିଭାଗ ଯାନ୍ତ୍ରିକ ସଂଘର ସମ୍ବଲପୁର ଜୋନ ଜୋନାଲ ସମ୍ପାଦକ ସଦାଶିବ ବିଶୋଇଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କନିଠେ ଯନ୍ତ୍ରୀ ଇଂ. ଚରଣ ସିଂହମାଝି ଶ୍ରୀ ବିଶୋଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସଭାରେ ରାଜ୍ୟ ଉପସଭାପତି ନାରାୟଣ ନାଗ, ରୋହିତ ବେହେରା, ସନ୍ତୋଷ ବିଶ୍ୱାଳ, ଗୌତମ ଧଳ, ଅରକ୍ଷିତ ଜେନା, ଶ୍ରବଣ ତାଣ୍ଡି, ଦୀପକ ନାଗ, ଅରୁଣ ବେହେରା, ଶିବ ନାୟକ, ଦେହତାରୀ ଗଡ଼ତିଆ, କେଦାର ପଟେଲ, ଲକ୍ଷ୍ମୀଧର ପ୍ରଧାନ, ରାଜେନ୍ଦ୍ର ନାୟକ, ଜାନକି ଓରାମ, ଶାନ୍ତି ସହିସ, ଅମ୍ବିକା ଦୋରା, ପ୍ରମୋଦ ବାଗ, ବସନ୍ତ ନାୟକ, ବିଷ୍ଣୁ ବାହାର, ବିଶ୍ୱାଳ ସୁନା ପ୍ରମୁଖ ବହୁ ସଭ୍ୟସଭ୍ୟା ଯୋଗ ଦେଇଥିଲେ ।

# ସାପ କାମୁଡ଼ାରେ ଜଣେ ମୃତ

**ଯୁଯୋମୁରା, ୯।୧୦(ସମିସ):** ଯୁଯୋମୁରା ବ୍ଲକ ଲିପିଣ୍ଡା ପଞ୍ଚାୟତ ଅନ୍ତର୍ଗତ ଧମାକଟା ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଛି । ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପ୍ରାପ୍ତ ସୂଚନା ମୁତାବକ ଧମାକଟା ଗ୍ରାମର ଚନ୍ଦ୍ରିକା ଗୁପ୍ତା (୫୮) ସନ୍ଧ୍ୟା ସମୟରେ ନିଜ ଘର ପିଣ୍ଡାରେ ବସିଥିବାବେଳେ ଏକ ସାପ ଆସି ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା । ସ୍ଥାନୀୟ ବାସିନ୍ଦା ତାଙ୍କୁ ତୁରନ୍ତ ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପାଇଁ ବୁର୍ଲା ଭିମସାରକୁ ପଠାଯାଇଛି । ଚନ୍ଦ୍ରିକା ଗୁପ୍ତା ପମ୍ପ ମିସ୍ତ୍ରୀ ଭାବରେ କାମ କରୁଥିଲେ ।

# କଫ ସିରପ୍ ଜବତ, ଯୁବକ ଗିରଫ


**ସମ୍ବଲପୁର, ୯।୧୦ (ସମିସ):** ଗୁରୁବାର ସନ୍ଧ୍ୟାରେ ବୁର୍ଲା ପୁଲିସ ଟାଉନ ଅଞ୍ଚଳରେ ପାଟ୍ରୋଲିଂ କରିବା ସମୟରେ ସନ୍ଧ୍ୟା ୮ଟା ୧୫ ମିନିଟରେ ଜଣେ ସଦେଇପାଲି ଅଞ୍ଚଳରେ କଫସିରପ ବିକ୍ରି କରୁଥିବା ଖବର ପାଇଥିଲା । ଏହାପରେ ଚଢ଼ଉ କରି ବୁର୍ଲା ବୋର୍ଡ କଲୋନୀ ତ୍ରିପାଠୀପଡ଼ାର ବ୍ରଜକିଶୋର ଛତ୍ରିଆ (୨୫)କୁ ଧରିବାସହ ତା'ଠାରୁ ୨୭ ବୋତଲ ୱିନସେରେକ୍ସ କଫସିରପ, ୬ଟି ଖୋଲା କଫ ସିରପ, ୪ଟି ଖାଲି କଫସିରପ ବୋତଲ, ଗୋଟିଏ ଷ୍ଟ୍ରିପ ନିଶା ବଟିକା, ୨୯ଟି ମଦ ପାଉଚ ଜବତ କରିଥିଲା । ଅଭିଯୁକ୍ତ ବ୍ରଜକିଶୋରକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୁଲିସ କହିଛି ।

# ଆକାଶବାଣୀରେ ହିନ୍ଦୀ ପକ୍ଷ ଉଦ୍‌ଯାପିତ



**ସମ୍ବଲପୁର, ୯।୧୦ (ସମିସ):** ଆକାଶବାଣୀ, ସମ୍ବଲପୁର କେନ୍ଦ୍ରରେ ଆଜି ହିନ୍ଦୀ ପକ୍ଷ ଉଦ୍‌ଯାପିତ ହୋଇଯାଇଛି । ସେପ୍ଟେମ୍ବର ୧୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା ହିନ୍ଦୀପକ୍ଷ ଅବସରରେ କେନ୍ଦ୍ରର କର୍ମଚାରୀଙ୍କ ମଧ୍ୟରେ ଟିପ୍ପଣୀ ଏବଂ ପତ୍ର ଲିଖନ, ଅନୁବାଦ, ହିନ୍ଦୀ ଟାଇପିଙ୍ଗ, ତତ୍କାଳୀକ ଭାଷଣ, ବାଦବିବାଦ, ପ୍ରଶ୍ନୋତ୍ତରୀ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କେନ୍ଦ୍ରର ଅଭିଯାନ୍ତ୍ରିକୀ ନିର୍ଦ୍ଦେଶକ ସନ୍ତୋଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ, ହିନ୍ଦୀ ବିଭାଗ ଅଧୀନସ୍ଥ ହିନ୍ଦୀ ଶିକ୍ଷଣ ଯୋଜନାର ଅବସରପ୍ରାପ୍ତ ସହାୟକ ନିର୍ଦ୍ଦେଶକ (ରାଜଭାଷା) ଡି. ଶଙ୍କର ଦୋରା ମୁଖ୍ୟଅତିଥି ଭାବରେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।କାର୍ଯ୍ୟକ୍ରମରେ ସହାୟକ ନିର୍ଦ୍ଦେଶକ ସୁବୋଧ କୁମାର ପାଲ ଏବଂ ହିନ୍ଦୀ ଅଧ୍ୟାପକ ରବୀନ୍ଦ୍ର ଶର୍ମା ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରଭାରୀ ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସନ୍ତୋଷ ପିଙ୍ଗ, କୈବର୍ତ୍ତ ସାହୁ, ସତ୍ୟରଞ୍ଜନ ପଣ୍ଡା, ଅଜୟ ସାହୁ, ଜିତ ଶଙ୍କର ବାଗ, ସୋମନାଥ ଜାଲ, ଆଲୋକ ପ୍ରଧାନ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ ।

## ଆନ୍ତଃ-ଜିଲ୍ଲା ଅସିଚାଳନା ପ୍ରତିଯୋଗିତା
# ସମ୍ବଲପୁର ଜିଲ୍ଲାକୁ ୨ ସ୍ୱର୍ଣ୍ଣ ସହ ୪ ପଦକ



**ସମ୍ବଲପୁର, ୯।୧୦ (ସମିସ):** କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଚତୁର୍ଥ ଓଡ଼ିଶା ଆନ୍ତଃ-ଜିଲ୍ଲା ଅସିଚାଳନା ପ୍ରତିଯୋଗିତା ୨୦୨୫-୨୬ରେ ସମ୍ବଲପୁର ଜିଲ୍ଲାର ପ୍ରତିଯୋଗୀ ଦୁଇଟି ସ୍ୱର୍ଣ୍ଣପଦକ ସହ ୪ଟି ପଦକ ଜିଣି ଜାତୀୟସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଆଜି ତୃତୀୟ ଦିନରେ ସମ୍ବଲପୁର ଜିଲ୍ଲାର ଡଲିରାଣୀ ମାଝୀ ସ୍ୱର୍ଣ୍ଣ ପଦକ ଜିଣିଛନ୍ତି । ଡଲିରାଣୀ ସରକାରୀ (ଏସଏସଡି) ବାଳିକା ଉଚ୍ଚ ବିଦ୍ୟାଳୟ, ଅର୍ଡାବାହାଲରେ ନବମ ଶ୍ରେଣୀରେ ପାଠ ପଢୁଛନ୍ତି । ଆଉ ଜଣେ ଖେଳାଳି ସୁଲଗ୍ନା ଶେଉଳ ରୌପ୍ୟ ପଦକ ହାସଲ କରିଛନ୍ତି । ସୁଲଗ୍ନା କୁଚିଣ୍ଡା ମହାବିଦ୍ୟାଳୟର ଯୁକ୍ତ ଦୁଇ କଳା ଛାତ୍ରୀ । ସୂଚନାଯୋଗ୍ୟ ଯେ, ପ୍ରତିଯୋଗିତାର ପ୍ରଥମ ଦିନ ସବ୍ ଜୁନିଅର ବର୍ଗରେ ସମ୍ବଲପୁରର ବରେନ୍ୟା ଗୌତମୀ ବାର୍ଲା ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ସ୍ୱର୍ଣ୍ଣପଦକ ଆଣିଥିବାବେଳେ ଦ୍ୱିତୀୟ ଦିନରେ ସବ-ଜୁନିଅର ବର୍ଗରେ ଭାଗନେଇ ହର୍ଷିତା ନାୟକ ତୃତୀୟ ସ୍ଥାନ ଅଧିକାର କରି କାଂସ ପଦକ ଜିତିଛନ୍ତି । ସମସ୍ତ ପଦକ ବିଜେତାଙ୍କୁ ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସତ୍ୟନାରାୟଣ ତାଣ୍ଡି, ଇନ୍ସପେକ୍ଟର ଅଫ୍ ଫିଜିକାଲ ଏଡୁକେସନ ସୁଜାତା ପଟ୍ଟନାୟକ ଏବଂ କୋଚ ରଶ୍ମିତା ପୁରୋହିତ ଅଭିନନ୍ଦନ ଜଣାଇଛନ୍ତି । ଏହି ଖବର ପାଇ ସମ୍ବଲପୁର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି ।

# ଦୁର୍ଦ୍ଦାନ୍ତ ଅପରାଧୀ ଅର୍ମାନ ଖାନ ଗିରଫ

**ସମ୍ବଲପୁର, ୯।୧୦(ସମିସ)**

ସମ୍ବଲପୁର କୁମ୍ଭାରପଡ଼ାର ଦୁର୍ଦ୍ଦାନ୍ତ ଅପରାଧି ଅର୍ମାନ ଖାନ (୨୩) କୁ ଗିରଫ କରିଛି ସମ୍ବଲପୁର ପୁଲିସ । ଅର୍ମାନ ନାମରେ ବିଭିନ୍ନ

**କୋର୍ଟରେ ରହିଛି ୩୧ ଅପରାଧିକ ମାମଲା**

**ବ୍ରାଉନ ସୁଗର ବିକିବାବେଳେ ମାଡ଼ିବସିଲା ପୁଲିସ**

ଥାନାରେ ୩୧ଟି ମାମଲା ରହିଛି । ଦୂରଦର୍ଶନ କେନ୍ଦ୍ର, ଡିଅର ପାର୍କ ନିକଟରେ ବ୍ରାଉନ ସୁଗର ବିକ୍ରୟ ପାଇଁ ଉଦ୍ୟମ କରୁଥିବାବେଳେ ପୁଲିସ ମାଡ଼ିବସିଥିଲା । ତଦନ୍ତ ସମୟରେ ପୁଲିସ ଅର୍ମାନଠାରୁ ୧୫.୫୮ ଗ୍ରାମ ବ୍ରାଉନସୁଗର,



ଗୋଟିଏ ଛୁରୀ ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି । ଧନୁପାଲି ପୁଲିସ କେସ ନଂ. ୩୫୭/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତ ଅର୍ମାନ ନାମରେ ସମ୍ବଲପୁର ଧନୁପାଲି ଥାନାରେ ୧୬ଟି ମାମଲା ଥିବାବେଳେ କ୍ଷେତରାଜପୁର ଥାନାରେ ୨ଟି, ଟାଉନ ଥାନାରେ ୯ଟି, ଅଇଁଠାପାଲି ଥାନାରେ ଗୋଟିଏ ଏବଂ ବୁର୍ଲା ଥାନାରେ ୩ଟି ମାମଲା ରହିଥିବା ପୁଲିସ ସୂଚନା ଦେଇଛି ।



# ୧୪.୫୧ ଗ୍ରାମ ବ୍ରାଉନସୁଗର ଜବତ, ୨ ଗିରଫ

**ସମ୍ବଲପୁର, ୯।୧୦ (ସମିସ):** ସମ୍ବଲପୁରର କୁମ୍ଭାରପଡ଼ା ଭାଗବତଗୁଡ଼ି ନିକଟରେ ବ୍ରାଉନସୁଗର କାରବାର କରୁଥିବା ଦୁଇଜଣଙ୍କୁ ଧନୁପାଲି ପୁଲିସ ଚଢ଼ଉ କରି ଗିରଫ କରିଛି । ସେମାନେ ହେଲେ ଧନକଉଡ଼ାର ବିନୋଦ ବାଦୀ (୨୮) ଓ ସିଟି ଷ୍ଟେସନ ପାଖର ବିନୋଦ ଟପ୍ପୋ (୩୨) । ଯାଞ୍ଚ ସମୟରେ ସେମାନଙ୍କଠାରୁ ୧୪.୫୧ ଗ୍ରାମ ବ୍ରାଉନ ସୁଗର, ଦୁଇଟି ମୋବାଇଲ, ଗୋଟିଏ ନିକନ୍ କ୍ୟାମେରା ଓ ୧୭୫୦ ନଗଦ ଟଙ୍କା ଜବତ କରାଯାଇଛି । ଧନୁପାଲି ଥାନାରେ କେସ ନଂ. ୩୫୬/୨୫ ରୁଜୁକରି ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ସେମାନଙ୍କ ସହ ନିଶା କାରବାରରେ ସମ୍ପୃକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜାରିରହିଥିବା ପୁଲିସ ସୂଚନା ଦେଇଛି ।



## ୨୮ ବର୍ଷରେ ବ୍ରାହ୍ମଣୀଗୁଡ଼ା ଗଜଲକ୍ଷ୍ମୀ ପୂଜା



**ସିନାପାଲି, ୯ ।୧୦(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଛତିଶଗଡ଼ ସୀମାନ୍ତବର୍ତ୍ତୀ ବ୍ରାହ୍ମଣୀଗୁଡ଼ା ଗ୍ରାମରେ ମହା ଆଡ଼ମ୍ବର ସହକାରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ପୂଜା ଚଳିତ ବର୍ଷ ୨୮ ତମ ବର୍ଷ ରେ ପଦାର୍ପଣ କରିଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ମା' ଲକ୍ଷ୍ମୀଙ୍କ ପୂଜା ରୀତି ନୀତି ଅନୁସାରେ ଚାଲୁଥିବା ବେଳେ ମୂର୍ତ୍ତୀ ପ୍ରତିମା ସୁନ୍ଦର କାରୁକାର୍ଯ୍ୟରେ ନିର୍ମିତ ହୋଇ ଜୀବନ୍ତ ହୋଇ ଉଠିଛି। ପୂଜା ଦେଖିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବା ପାଇଁ ଉଭୟ ରାଜ୍ୟର ଲୋକଙ୍କ ପ୍ରବଳ ଜନସମାଗମ ହେଉଛି। ଉଭୟ ରାଜ୍ୟର ଲୋକଙ୍କ ଭାବର ଆଦାନ ପ୍ରଦାନ ସାଙ୍ଗକୁ ମହାମିଳନର ନିଦର୍ଶନ ଦେଖିବାକୁ ମିଳୁଛି।ପୂଜାକୁ ଆକର୍ଷଣୀୟ କରିବା ପାଇଁ ସୁନ୍ଦର ତୋରଣ ସାଙ୍ଗକୁ ସୁସଜ୍ଜିତ ଆଲୋକମାଳରେ ଝଲସି ଉଠୁଛି। ବ୍ରାହ୍ମଣୀଗୁଡା ସିନାପାଲି ବ୍ଲକର ସୀମାନ୍ତ ଗ୍ରାମ ହୋଇଥିବା ବେଳେ ସୀମାରେ ଥିବାରୁ ଉଭୟ ଅଞ୍ଚଳର ଲୋକଙ୍କ ସମାଗମ ହେଉଛି। ଗତ ୭ ତାରିଖ ପ୍ରଭାତରୁ ପୂଜା ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ। ପ୍ରତ୍ୟହ ପୂଜାର୍ଚ୍ଚନା ସାଙ୍ଗକୁ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ରାତ୍ରି କାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କର୍ତ୍ତା ଭାବରେ ଖିରସିନ୍ଧୁ ବଞ୍ଜରା ଓ ତାଙ୍କ ଧର୍ମପତ୍ନୀ କସ୍ତୁରୀ ବଞ୍ଜରା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପୂଜକ ଭାବରେ ଧ୍ରୁବ ଷଡ଼ଙ୍ଗୀ ଓ ଚମାର ଷଡ଼ଙ୍ଗୀ କାର୍ଯ୍ୟନିର୍ବାହ କରୁଛନ୍ତି।ପୂଜା ପରିଚାଳନା କମିଟି ସଭାପତି ଭାବରେ ବଳରାମ ବଞ୍ଜରା ରହିଥିବା ବେଳେ ଉପ ସଭାପତି ଜଗନ୍ନାଥ ରଣା, ସମ୍ପାଦକ ଉମାକାନ୍ତ ମହାନନ୍ଦ, ଯୁଗ୍ମ ସମ୍ପାଦକ ଅନନ୍ତରାମ ମାଝି, କୋଷାଧ୍ୟକ୍ଷ ଶିବ ପ୍ରସାଦ ବାଗ ରହିଛନ୍ତି। ସେହିପରି ଗ୍ରାମର ଧନେଶ୍ୱର ରଣା, ପୁଷ୍ପନ ବଞ୍ଜାରା, ଧର୍ମୁ ବଞ୍ଜାରା, ଚୈତନ୍ ବଞ୍ଜରା, ଜଗଦିଶ ରଣା, ମକରଧ୍ୱଜ ମାଝି ପ୍ରମୁଖ ସହଯୋଗ କରୁଛନ୍ତି। ଆସନ୍ତା ୧୧ ତାରିଖ ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା

# ନୈତିକତା ରାସ୍ତାରୁ ବହୁ ଦୂରରେ ରାଜ୍ୟ ଶାସନ ବ୍ୟବସ୍ଥା

**ଭବାନୀପାଟଣା, ୯ ।୧୦(ସମିସ)**

ରାଜ୍ୟରେ ବିଜେପି ଶାସନରେ ସଂକୀର୍ଣ୍ଣ କ୍ଷମତା ଲିପସୁ ଏବଂ ଅପାରଗତାର ବିଭତ୍ସ ରୂପ ସାଧାରଣଲୋକ ଠଉରେଇ ସାରିଲେଣି। ମିଥ୍ୟା କପଟ ଦୁର୍ନୀତି, ଅପରାଧ, ବ୍ୟଭିଚାର ଏବଂ ପ୍ରବଞ୍ଚନାରେ ପୂର୍ଣ୍ଣ ଡବଲ ଇଞ୍ଜିନ ସରକାର ପାଇଁ ରାଜ୍ୟବାସୀ ଏବେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ନିର୍ଯାତନା ଓ ଶୋଷଣର ଶିକାର ହେବାପରେ ବିଜେପି ସରକାର ପ୍ରତି ବିଶ୍ୱାସର ସଙ୍କଟକ୍ରମେ ଘନୀଭୂତ ହେବାରେ ଲାଗିଛି। ଆଜି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଠାରୁ କଳାହାଣ୍ଡି ଜିଲ୍ଲା ବିଜୁ ଜନତା ଦଳର 'ଜନ ସମ୍ପର୍କ ପଦଯାତ୍ରା' ଆରମ୍ଭ କରାଯାଇଛି। ଉପସ୍ଥିତ ବିଜୁ ଜନତା ଦଳର ନେତୃବର୍ଗ ଏହିଭଳି ସରକାରଙ୍କ ଉପରେ ବିଶୋଦଗାର କରିଛନ୍ତି।ଗୁରୁବାର ଭବାନୀପାଟଣା ବିଜୁ ପଟ୍ଟନାୟକ ଷ୍ଟାଚ୍ୟୁ ଠାରୁ ଶୋଭାଯାତ୍ରାରେ ବିଜେଡି କର୍ମୀ ବାହାରି ଗାନ୍ଧୀ ଛକ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏହା ପରେ ଗାନ୍ଧୀ ଛକ ଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଜେଡି କର୍ମୀମାନେ ଗୋପବନ୍ଧୁ ଦାସ ଏବଂ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅକ୍ଟୋବର ୯ ତାରିଖରୁ ଆରମ୍ଭ ଜନସମ୍ପର୍କ ପଦଯାତ୍ରା ଆଗାମୀ ଏକ ମାସ ବ୍ୟାପୀ ନଭେମ୍ବର ୯ ପର୍ଯ୍ୟନ୍ତ ଜାରି ରହିବ






ବୋଲି ବିଜେଡି ଜିଲ୍ଲା ସଭାପତି ପ୍ରଦୀପ କୁମାର ଦିଶାରୀ କହିଛନ୍ତି। ପଦଯାତ୍ରା ମାଧ୍ୟମରେ ଦଳୀୟ କର୍ମୀ ଓ ନେତାମାନେ ତୃଣମୂଳସ୍ତରରେ ଲୋକଙ୍କ ନିକଟରେ ପହଞ୍ଚିବା ସହ ବିଜେପି ସରକାରର ବିଫଳତା ଲୋକଙ୍କୁ ଜଣାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମସ୍ତ ବିଜେଡି ନେତା ରାଜ୍ୟ ବିଜେପି ସରକାରର ବିଫଳତା, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା, ଏସଆଇ ନିଯୁକ୍ତି ବିକ୍ରି, ଚାଷୀ ଓ ମହିଳାଙ୍କୁ ପ୍ରତାରଣା କରିବା ଆଦି ପ୍ରସଙ୍ଗ ଉଠାଇଥିଲେ। ଗଣତାନ୍ତ୍ରିକ ମୂଲ୍ୟବୋଧକୁ

### ପ୍ରବଞ୍ଚନାରେ ପୂର୍ଣ୍ଣ ଡବଲ ଇଞ୍ଜିନ ସରକାର

ବିଶ୍ୱାସ କରୁଥିବା ବିଜୁ ଜନତା ଦଳର ଏହି ଜନ ସମ୍ପର୍କ ପଦଯାତ୍ରା ଆଗାମୀ ଦିନରେ ବିଜେପି ସରକାର କ୍ଷେତ୍ରରେ ରାଜନୈତିକ ଭୂକମ୍ପନର ସ୍ଥିତି ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭାପତି ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ମହୋଷଧି ବାଗ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ନଗରପାଳ ବିଷ୍ଣୁ ପ୍ରଧାନ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ବିସିସି ବ୍ୟାଙ୍କ ସଭାପତି ଗିରୀଶ ଚନ୍ଦ୍ର ବେହେରା, ଧର୍ମେନ୍ଦ୍ର ନାଏକ, ସାମନ୍ତ ଖମାରୀ, ଧବଳେଶ୍ୱର ମହାପାତ୍ର, ଜାକୀର ହୁସେନ, ପୂର୍ବତନ ପୋରାଧ୍ୟକ୍ଷ ସଂଯୁକ୍ତା ବେହେରା, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ଉଦୟ ସୁନାନୀ, ନିଳମଣୀ ସାହୁ, ଯୁବ ନେତା ବଦ୍ରିନାରାୟଣ ପଟ୍ଟନାୟକ, ଦିନେଶ ବର୍ଗର୍ତ୍ତି, ତ୍ରିଲୋଚନ ପାଣିଗ୍ରାହୀ, ପରମାନନ୍ଦ ମାଝୀ, ମହେନ୍ଦ୍ର ରାଉତ, ସେନାପତି ନାଏକ, ଦୟାନିଧି ନାଏକ, କ୍ଷୀରସିନ୍ଧୁ ନାଏକ, ଶିବା ସାହୁ, ପିତବାସ ବେହେରା, ଗଣେଶ ବାଗ, ମାନସ ସିନ୍ଦୂର, ରଞ୍ଜୁକ୍ତା ପ୍ରଧାନ, ଜୟଶ୍ରୀ ଅଗ୍ରୱାଲ, ଉତ୍ପଳ ଦାସ, ସୁରଥ ରାଉତ, ପ୍ରଦୀପ ପ୍ରଧାନ, ଭୋଳା ଶଙ୍କର ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ନାଳରେ ଦୁଇ ଭାଇ ଭାସିଯିବା ଘଟଣା

# ୭ ଦିନ ପରେ ବି ଜଣକର ସନ୍ଧାନ ମିଳୁନି

**ଥୁଆମୂଳ ରାମପୁର, ୯ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ଗତ ୨ତାରିଖ ବିଜୟା ଦଶମୀ ଦିନ ଲଘୁଚାପ ଜନିତ ବର୍ଷାର ବିପ୍ରାତ ଦେଖିବାକୁ ମିଳିଥିଲା। ବ୍ଲକର ହାଡ଼ଖୁର୍ସି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ



କୁମାର ଦାଶ ଓ ତାଙ୍କ ବଡ଼ଭାଇ ଦିଲ୍ଲୀପ କୁମାର ଦାଶ ବିଜୟା ଦଶମୀ ପୂଜା ପାଇଁ ସାଇସୁରୁନି ଫରେଷ୍ଟ ଅଫିସକୁ ପୂଜା ଯାଇ ଅପରାହ୍ନରେ ପୂଜା ସାରି ସେଠାରୁ ଭବାନୀପାଟଣା ଫେରୁଥିବା ବେଳେ କର୍ଲାପାଟ ଅଭୟାରଣ୍ୟ ପରିବେଷ୍ଟିତ ସେମେଲପଦର ନିକଟ ଏକ ନାଳରେ ନିଜ ବାଇକ୍ ସହ ଭାସି ଯାଇଥିଲେ। ଶିକ୍ଷକ ପ୍ରଦୀପ କୁମାର ଦାଶଙ୍କ ମୃତଦେହ ଏବଂ ତାଙ୍କ ବାଇକ ଉଦ୍ଧାର ହୋଇଥିବା ବେଳେ ଭାଇ ଦିଲ୍ଲୀପ କୁମାର ଦାଶ ଆଜି ପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ନିଖୋଜ ଘଟଣାର ୭ ଦିନ ବିତିଯାଇଥିଲେ ସୁଦ୍ଧା ଆଜି ଯାଏଁ କୌଣସି ପତ୍ତା ମିଳିପାରିନାହି ।ଯାହାକୁ ନେଇ ପରିବାର ଲୋକେ ସନ୍ଦିହାନ ହୋଇପଡ଼ିଛନ୍ତି। ଭବାନୀପାଟଣା ଅଗ୍ନିଶମ ବିଭାଗ, ବଲାଙ୍ଗିର ଓଡ୍ରାଫ ଟିମ୍ ଏବଂ କର୍ଲାପାଟ ଭାରପ୍ରାପ୍ତ ଥାନାଧିକାରୀ ଶ୍ରୀକାନ୍ତ କୋଲାକା ସହ ତାଙ୍କ ଟିମ୍ ଘଟଣା ସ୍ଥଳରୁ ନାଳ ଓ ନାଳକୁ ସଂଯୋଗ ହୋଇଥିବା ନଦୀରେ ଖୋଜି ଖୋଜି ନିରାଶ ହୋଇଛନ୍ତି।

# ବିଶମୁଣ୍ଡ ବୁଢ଼ାରଜାଙ୍କ ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼, ୯ ।୧୦ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଉପାନ୍ତ ପାହାଡ଼ପଦର ପଞ୍ଚାୟତ ସାକଡିଂ ଗୁମ୍ଫାରେ ବିଶମୁଣ୍ଡ ବୁଢ଼ାରଜାଙ୍କ ବାର୍ଷିକ ଉତ୍ସବ ପାଇଁ ଭବ୍ୟକଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ତିନି ଦିନଧରି ସାକଡିଂ ଗୁମ୍ଫାରେ ବିଶମୁଣ୍ଡ ବୁଢ଼ାରଜାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ ।ପ୍ରଥମ ଦିନରେ ବିଶମୁଣ୍ଡ ବୁଢ଼ାରଜାଙ୍କ କଳସ ଶୋଭାଯାତ୍ରାରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମେତ ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାର ହଜାର ହଜାର ମହିଳା ଓ ଆବାଳବୃଦ୍ଧବନିତା ସାମିଲ ହୋଇଥିଲେ। ପୂର୍ବକାଳରୁ ଲୋକଙ୍କ ବିଶ୍ୱାସଯେ ପ୍ରଭୁ ବିଶମୁଣ୍ଡ ବୁଢ଼ାରଜାଙ୍କ ପାଖରେ ଯାହାବି ମାନସୀକ କରାଯାଇଥାଏ ତାହା ପୂର୍ଣ୍ଣ ହୋଇ ଥାଏ ବୋଲି ଜିଲ୍ଲା ତଥା ଜିଲ୍ଲା ବାହାରୁ ମଧ ଭକ୍ତଙ୍କ ଭିଡ଼ ପ୍ରତିବର୍ଷ ଦେଖିବାକୁ ମିଳିଥାଏ। ପାହାଡ଼ପଦର ବୁଢ଼ାରଜା ପୂଜାକମିଟି ଆନୁକୂଲ୍ୟରେ ହେଉଥିବା ଚଳିତ ବର୍ଷପୂଜା ଗୁରୁବାର ପ୍ରାରମ୍ଭ ହୋଇ ଶନିବାର ଦିନରେ ପୂର୍ଣ୍ଣାହୁତି ହେବ। ପୂଜା ପାଇଁ ଗାଁ ତଥା ଆଖପାଖ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହ ଲୋକଙ୍କ ମଧ୍ୟରେ ଉତ୍ସବମୁଖର ଦେଖିବାକୁ ମିଳିଥାଏ ।ବିଶମୁଣ୍ଡ ବୁଢ଼ାରଜା ପୂଜା କମିଟି ସଭାପତି ଜଗଦୀଶ ବେନିଆଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ମୁଖ୍ୟଅତିଥି ଭାବେ ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝୀ ଯୋଗ ଦେଇଥିଲେ ।ଏହି ଉତ୍ସବ ତିନିଦିନ ଧରି ହେଉଥିବା ବେଳେ ପ୍ରତ୍ୟେକ ଦିନ ରାତିରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଗୀତିନାଟ୍ୟ, ସଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ମନ୍ଦିର ମୁଖ୍ୟପୂଜକ ବୁଢୁ ନାଏକ, ଲୋକନାଥ ମାଝୀ, ଜଗଦୀଶ ପୁଟା, ମାନ ମାଝୀ, ଭୀମ ମାଝୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିବା ବେଳେ ପୂଜା କମିଟିର ଉପସଭାପତି କୁମର ନାଏକ, ସମ୍ପାଦକ ବଳଭଦ୍ର ସାହୁ, ସହ ସମ୍ପାଦକ ପ୍ରସାଦ ନାଏକ ଉପଦେଷ୍ଟା ବୈଦ୍ୟନାଥ ନାଏକ, ଲିଙ୍ଗରାଜ ଦୁର୍ଗା, ମହାଦେବ ନାଏକ, ସୁଦର୍ଶନ ନାଏକ, ଚନ୍ଦ୍ର ମାଝୀ, କୁଞ୍ଜ ମାଝୀ, ହୀରାଲାଲ ବେହେରା, ସୌଦାଗର ବାଗ, ନୀଳକଣ୍ଠ ଦୁର୍ଗା, ପରମେଶ୍ୱର ନାଏକ, ଗୌରାଙ୍ଗ ନାଏକ, ଶୁକମଳ ନାଏକ, ମାଧବ ବେନିଆଁ, ଲାଞ୍ଜି ମାଝୀ, ଜାମା ମାଝୀ, ମାଳି, ମାନ ମାଝୀ, ଘାଷି ରାମ ମାଝୀ, ତରଙ୍ଗ ମାଝୀ, ନଟବର ହରିଜନଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ତୁର୍କେଲ ବ୍ରିଜ୍‌ରେ ଯାତାୟାତ ବନ୍ଦ



**ଭବାନୀପାଟଣା, ୯ ।୧୦ (ସମିସ):** ଭବାନୀପାଟଣାରୁ ନୂଆପଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ତୁର୍କେଲ ବ୍ରିଜ ଦାବି ଯିବା ଆଶଙ୍କା ଦୃଢ଼ୀଭୂତ ହେବା ପରେ ପୂର୍ତ୍ତ ବିଭାଗ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରିଛି। ଗତମାସ ୨୭ତାରିଖରେ ପ୍ରବଳ ବର୍ଷା ଯୋଗୁଁ ତୁର୍କେଲ ବ୍ରିଜ ଦବି ଯିବା ଖବର ପ୍ରକାଶିତ ହୋଇଥିଲା। ବିପଦ ସଂକୁଳ ଅବସ୍ଥାରେ ଥିବା ବ୍ରିଜ ଦ୍ୱାରା ବିପଦ ସୃଷ୍ଟି କରିପାରେବୋଲି ଆଶଙ୍କା କରି ଉକ୍ତ ବ୍ରିଜ ଉପରେ ଗାଡ଼ି ଚଳାଚଳ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି ।ପୂର୍ବରୁ ବ୍ରିଜର ଗୋଟିଏ ସ୍ଥାନରେ ଦବିଯିବା ଭଳି ଦୃଶ୍ୟମାନ ହେବାରୁ ସାଧାରଣଜନତା ଭୟଭୀତ ହୋଇ ଉକ୍ତ ବ୍ରିଜ ଉପରଦେଇ ଗାଡି ସାମୟୀକ ଭାବେ ଚଳାଚଳ ବନ୍ଦ କରିଦିଆଯାଇଥିଲା। ଏବେ ଗାଡ଼ି ଯାତାୟତରେ ରୋକ ଲାଗିବାପରେ ବ୍ରିଜ ପୂର୍ବରୁ ଆରଡ଼ି ରାସ୍ତାଦେଇ ଖରିଆର ଯାଇପାରିବେ ।ନଚେତ କେସିଙ୍ଗା ଦେଇ ଜାତୀୟ ରାଜପଥ -୫୯ରେ ଟିଟିଲାଗଡ଼ କିମ୍ବା ବିଜୁ ଏକ୍ସପ୍ରେସ ରାସ୍ତାକୁ ଭରସା କରାଯାଇପାରେ। ରାଜ୍ୟ ରାଜପଥ ୧୬ରେ ତେଲ ନଦୀ ଉପରେ ତୁର୍କେଲ ବ୍ରିଜ ୫୦ ବର୍ଷ ପୂର୍ବରୁ ଅର୍ଥାତ ୧୯୭୦ ମସିହାରେ ନିର୍ମାଣ ହୋଇଥିଲା। ପୂର୍ତ୍ତ ବିଭାଗର ଉଚ୍ଚସ୍ତରୀୟ କମିଟି ଆସି ଅନୁଧ୍ୟାନ କରିବାପରେ ବ୍ରିଜର ସାମୟିକ ମରାମତି ହେବ କି ସମ୍ପୂର୍ଣ୍ଣ ବନ୍ଦ କରାହେବ ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କହିଛନ୍ତି। ତେବେ ତୁର୍କେଲ ବ୍ରିଜର ଗୋଟିଏ ସ୍ଥାନରେ ଏକ୍ସପାନସନ ଜଏଣ୍ଟ ନିକଟରେ ପାଣି ଜମିରହିବାରୁ ଗତ ଜୁନ ମାସରେ ସେଣ୍ଟ୍ରାଲରୋଡ଼ ରିସର୍ଚ୍ଚ ଇନଷ୍ଟିଟ୍ୟୁସନ ଟିମ୍ ଆସି ସର୍ଭେ କରି ଯାଇଥିଲେ।

# ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ

**ନୂଆପଡ଼ା, ୯।୧୦(ସମିସ):** ନୂଆପଡ଼ା ଜିଲ୍ଲା ସଦର ଥାନା ଅନ୍ତର୍ଗତ ସାରାବଙ୍ଗ ହଳଦୀ ବାଲିଘାଟ ଠାରେ ଯୋଙ୍କ ନଦୀରେ ଜଣେ ଅଜଣା ବ୍ୟକ୍ତିଙ୍କ ଶବ ଠାବ ହୋଇଥିବା ବେଳେ ପଡୋଶୀ ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲ୍ଲା କୋମାଖନ ଥାନା ପୁଲିସ ଜବତ କରି ନେଇଛି। ପ୍ରକାଶ ଯେ ଗୁରୁବାର ସନ୍ଧ୍ୟାରେ ବାଲିଘାଟ ପାଣିରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖି ନୂଆପଡ଼ା ପୁଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଦେଖିବାରେ ତାହା ଛତିଶଗଡ଼ ସୀମାରେ ପଡ଼ିଥିବା ଜଣା ପଡ଼ିଥିଲା। ତେଣୁ ନୂଆପଡ଼ା ଥାନାଧିକାରୀ ଗଙ୍ଗାଧର ମେହେର କୋମାଖନ ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ସରଜମିନ ତଦନ୍ତ କରି ପାଣିରୁ ଶବକୁ ବାହାର କରି ବ୍ୟବଚ୍ଛେଦ ପାଇଁ ନୂଆପଡ଼ା ଅଣାଯାଇଥିଲା। ସେଠିକାର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଗୋଲାମୁଣ୍ଡା ବିଦ୍ୟୁତ୍ ବିଭାଗର ମନମୁଖୀ

# ଚାଷ ଜମିରେ ପଶି ନଷ୍ଟକଲେ ଫସଲ



**ଗୋଲାମୁଣ୍ଡା, ୯ ।୧୦ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଉଦେସୁରୁଙ୍ଗ ପଞ୍ଚାୟତ ଅଧିନ ଡ଼ଙ୍ଗରୀଗୁଡା ଗ୍ରାମ ଚାଷ ଜମି ଦେଇ ବିଦ୍ୟୁତ୍ ଖୁଣ୍ଟ ଗୁଡିକ ପୋତା ଯାଇଥିବା ବେଳେ ବୁଧବାର କୌଣସି କାରଣ ବଶତଃ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଚାଷୀଙ୍କ ବିନା ଅନୁମତିରେ ଗଛ କାଟିବା ସହିତ ବିଦ୍ୟୁତ୍ ତାର ସଂଯୋଗ କରି ଥିବାରୁ ଜମିର ଚାଷ ନଷ୍ଟ ହୋଇଛି। ଏନେଇ ଡ଼ଙ୍ଗରୀଗୁଡାର ଚାଷୀ ମୁରଲୀ ଅଘରିଆ ଅଭିଯୋଗ କରିଛନ୍ତି। ଚାଷ କରିବା ପାଇଁ ଅନେକ ସମସ୍ୟା ଯଥା ବିହନ, ସାର, କୀଟନାଶକ ଔଷଧ ଇତ୍ୟାଦି କ୍ରୟ କରି ଚାଷ କରି ଭଲ ଫସଲ ଅମଳ ଆଶାରେ ରହିଥିବା ବେଳେ ବିଦ୍ୟୁତ୍ ବିଭାଗର ଅମାନବିକ କାର୍ଯ୍ୟ ଯୋଗୁଁ ଚାଷୀ ହଇରାଣ ହୋଇଥିବା ଶ୍ରୀ ଅଘରିଆ କହିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା ହେଲେ ଫୋନ୍ ଲାଗିନଥିଲା।

# ବଜ୍ରପାତରେ ଜଣେ ମୃତ

**ଲାଞ୍ଜିଗଡ଼, ୯ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ବେନଗାଁ ପଞ୍ଚାୟତ ପଦ୍ମଥୋପା ଗାଁରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ।ସୂଚନାଯୋଗ୍ୟ ବେନାଗାଁ ପଞ୍ଚାୟତ ପଦ୍ମଥୋପା ଗାଁର ଡୁଡୁ ହରିଜନ (୫୬) ଗାଁ ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବା ପାଇଁ ଯାଇଥିବା ବେଳେ ଅପରାହ୍ନ ୪ଟା ସମୟରେ ବ୍ରଜଘାତ ଯୋଗୁଁ ଅଚେତ ହୋଇପଡ଼ିଥିଲେ ।ଗାଁ ଲୋକ ଉଦ୍ଧାର କରି ନିକଟସ୍ଥ ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ବିଜେପୁର ଥାନାରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପରେ ପୁଲିସ ପହଞ୍ଚି ତଦନ୍ତ କରିବା ପରେ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ତେବେ ଆଜି ସନ୍ଧ୍ୟା ହୋଇଯିବାରୁ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି। ଡୁଡୁ ହରିଜନ ଦୀର୍ଘ ବର୍ଷ ହେଲା ପଦ୍ମଥୋପା ଗାଁରେ ରହି ଗାଈ ଚରାଇ ପରିବାର ପ୍ରତିପୋଷଣ କରି ଆସୁଥିଲେ। ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# କୁଷ୍ଠରୋଗ ସନ୍ଦେହ ବ୍ୟକ୍ତିଙ୍କ ପ୍ରାଥମିକ ପରୀକ୍ଷଣ କର୍ମଶାଳା

**ଧର୍ମଗଡ଼, ୯ ।୧୦ (ସମିସ):** ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ତରାପୁର ପଞ୍ଚାୟତ ସଭାଗୃହରେ କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ସମିତି କୁଷ୍ଠ ନିରାକରଣ ବିଭାଗ ଓ ଲେପ୍ରା ସୋସାଇଟି ସ୍ୱାଭିମାନ ପ୍ରକଳ୍ପଙ୍କ ମିଳିତ ଆନୁକୂଲ୍ୟରେ କୁଷ୍ଠ ରୋଗ ସନ୍ଦେହାସ୍ପଦ ବ୍ୟକ୍ତିଙ୍କ ପ୍ରାଥମିକ ପରୀକ୍ଷଣ ଏବଂ ନିଦାନ ଓ ଚିକିତ୍ସା ଲାଗି ସରକାରୀ ଡାକ୍ତରଖାନାକୁ ପ୍ରେରଣ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।କର୍ମଶାଳାରେ ଧର୍ମଗଡ଼ ବ୍ଲକ ନୋଡାଲ୍ ଲେପ୍ରୋସି ୱାର୍କର୍ ସୁଶାନ୍ତ କୁମାର ବେହେରା ଓ ତରାପୁର ଉପସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ କର୍ମୀ ସୁଦେଶ ଚନ୍ଦ୍ର ଦୁରିଆ ଉପସ୍ଥିତ ରହି ୩୧ଜଣ ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ପିଏମପି/ଆରଏମପିଙ୍କୁ କୁଷ୍ଠ ରୋଗର କାରଣ, ଲକ୍ଷଣ, ପ୍ରଭାବ, ଚିକିତ୍ସା ଓ ନିରାକରଣ ସମ୍ବନ୍ଧୀୟ ବିଭିନ୍ନ ବିଷୟ ବୁଝାଇବା ସହ କୁଷ୍ଠ ରୋଗ ସନ୍ଦେହ ବ୍ୟକ୍ତିଙ୍କୁ ନିକଟସ୍ଥ ସରକାରୀ ଡାକ୍ତରଖାନାକୁ ପ୍ରେରଣ କରିବାକୁ ଆଗ୍ରହ କରିଥିଲେ ।କାର୍ଯ୍ୟକ୍ରମ ଶେଷରେ ଲେପ୍ରା ସୋସାଇଟିର କ୍ଷେତ୍ର ସଂଯୋଜକ ଶିଶିର କୁମାର ସାବତ ଆମ ସମସ୍ତଙ୍କ ମିଳିତ ଉଦ୍ୟମରେ ସମାଜରୁ କୁଷ୍ଠ ରୋଗ ଦୂର କରିପାରିବା ବୋଲି ପ୍ରକାଶ କରିଥଲେ।

# ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରକାଶ କଲେ ଚୂଡ଼ାନ୍ତ ଭୋଟର ତାଲିକା

**ନୂଆପଡ଼ା, ୯ ।୧୦(ସମିସ):** ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ସର୍ବଦଳୀୟ ପ୍ରତିନିଧି ମଣ୍ଡଳ ସହିତ ଚୁଡାନ୍ତ ଭୋଟର ତାଲିକାଗୁରୁବାର ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ନୂଆପଡ଼ା ବିଧାନସଭା



ମଣ୍ଡଳୀ-୭୧ ନୂଆପଡ଼ା, ୧୧-କଳାହାଣ୍ଡି ପାର୍ଲିଆମେଣ୍ଟରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଟେ ।ଏଥିପାଇଁ ନଭେମ୍ବର ୧୧ ତାରିଖରେ ଉପନିର୍ବାଚନ ଘୋଷଣା କରାଯାଇଛି।

### ନୂଆପଡ଼ା ଉପନିର୍ବାଚନ

ବୈଠକ ରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୩୫୮ଟି ଭୋଟଗ୍ରହଣ କେନ୍ଦ୍ର ଅଛି। ନୂଆପଡ଼ା ବିଧାନସଭାର ମୋଟ ଭୋଟର ସଂଖ୍ୟା ୨, ୫୩, ୬୨୪ ।ଏଥିରୁ ପୁରୁଷ ଭୋଟର ସଂଖ୍ୟା ୧, ୨୪, ୧୦୮, ମହିଳା ଭୋଟର ସଂଖ୍ୟା୧, ୨୯, ୪୯୫ ଏବଂ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୨୧ ରହିଛନ୍ତି। ଭୋଟରଙ୍କ ମଧ୍ୟରୁ ୮୫ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ସଂଖ୍ୟା ୧୭୮୬, ଯୁବା ଭୋଟର ୯୪୨୯ ଏବଂ ଦିବ୍ୟାଙ୍ଗ ଭୋଟର ୩୯୮୮ ଜଣ ଅଛନ୍ତି। ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୧୬ ସେପ୍ଟେମ୍ବର ତାରିଖରୁ ଆରମ୍ଭ ହୋଇ ସେହିମାସ ୨୯ ପର୍ଯ୍ୟନ୍ତ ଚାଲିଥିଲା। ଭୋଟର ତାଲିକାରେ ନାମ ପଞ୍ଜୀକରଣ, ନାମଯୋଗ ପାଇଁ ଫର୍ମ ନଂ ୬ରେ ୭୭୯୧ ଟି ଆବେଦନ, ତାଲିକା ରେ ଥିବା ନାମ କାଟିବା ପାଇଁ ଫର୍ମ ୭ରେ ୨୮୬୯ ଟି ଆବେଦନ ଏବଂ ନାମ/ତଥ୍ୟ/ ଫଟୋ/ ଠିକଣା/ବିବରଣୀ/ତ୍ରୁଟି ସଂଶୋଧନ ପାଇଁ ଫର୍ମ ନଂ ୮ରେ ୧୮୯୫ ଟି ଆବେଦନ ହସ୍ତଗତ ହୋଇଥିଲା। ଏଥିରୁ ଯାଞ୍ଚ ପରେ ୧୦, ୬୮୫ ଟି ଫର୍ମର ଆବେଦନ ଗୃହୀତ ହୋଇଥିଲା। ସେହି ଅନୁସାରେ ଚୁଡାନ୍ତ ଭୋଟର୍ ତାଲିକା ପ୍ରସ୍ତୁତ ହୋଇଛି ।ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ୨୦ ଅକ୍ଟୋବର ଥିବାରୁ ଏହାର ୧୦ ଦିନ ପୂର୍ବ ଅର୍ଥାତ୍ ଆସନ୍ତା କାଲି ୧୦ ତରିଖ ପର୍ଯ୍ୟନ୍ତ ଭୋଟର ତାଲିକାରେ ନାମ ଯୋଡିବା ପାଇଁ ଆବେଦନ ପତ୍ର ଗ୍ରହଣ ହେବ ।ଏହାର ୭ ଦିନ ପରେ ସବିଶେଷ ଚୁଡାନ୍ତ ଭୋଟର୍ ତାଲିକା ଶେଷ ପ୍ରକାଶିତ ହେବ। ସମସ୍ତ ରାଜନୈତିକ ଦଳ ସହଯୋଗ କରି ଅଧିକରୁ ଅଧିକ ସଂଖ୍ୟାରେ ଭୋଟର୍ ନିର୍ବାଚନରେ ଅଂଶଗ୍ରହଣ କରି ଗଣତନ୍ତ୍ରକୁ ସୁଦୃଢ଼ କରନ୍ତୁ। ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ପ୍ରଫୁଲ୍ଲ କୁଜୁର, ଉପଜିଲ୍ଲାପାଳ ତଥା ଇଆର୍‌ଓ, ସୁର୍ମି ସୋରେନ୍, ନିର୍ବାଚନ ଡେପୁଟୀ କଲେକ୍ଟର ସେଖ ନସିମ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ରାଜନୈତିକ ଦଳର ପ୍ରତିନିଧି ହିସାବରେ ବିଜେପି ସଭାପତି କମଳେଶ କୁମାର ଦୀକ୍ଷିତ, ଭାରତୀୟ ଜାତୀୟ କଂଗ୍ରେସରୁ ଦେବଦତ୍ତ ଦୀକ୍ଷିତ, ବିଜୁ ଜନତା ଦଳରୁ ରମାକାନ୍ତ ସିଂ କ୍ଷତ୍ରୀ ଏବଂ ଆପରୁ ଲକ୍ଷ୍ମିକାନ୍ତ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

## ନୂଆପଡ଼ା ଉପ ନିର୍ବାଚନ

# ବିଜେପି ଦଳୀୟ କନ୍ଦଳ ପଦାରେ ପଡୁଛି

**ନୂଆପଡ଼ା, ୯ ।୧୦(ସମିସ)**

ନିର୍ବାଚନ ତାରିଖ ଘୋଷଣା ପରେ ନାମାଙ୍କନ ପତ୍ର ଦାଖଲ ଦିନ ବି ପାଖେଇ ଆସୁଛି ।କଂଗ୍ରେସ ନିର୍ବାଚନ ପାଇଁ ଟିକେଟ ଘୋଷଣା କରିସାରିଥିବା ବେଳେ ବିଜେଡିର ଟିକେଟ ଏକ ପ୍ରକାର ନିଶ୍ଚିତ ହୋଇଥିବା ବେଳେ ବିଜେପି ଚକ୍ରବ୍ୟୂହରେ ବିଜେପି ଅର୍ଥାତ ଇଂରାଜୀରେ ବି-କହିଲେ ବସନ୍ତ ପଣ୍ଡା, ଜେ-କହିଲେ ଯତ୍‌ମଣୀ ପାଣିଗ୍ରାହୀ ଏବଂ ପି-ଅର୍ଥାତ ପ୍ରସନ୍ନ କୁମାର ପାଢ଼ୀ। ଏହି ମର୍ମ ଜିଲ୍ଲାରେ ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି। ଏହି ତିନିଙ୍କ ମଧ୍ୟରେଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବାରୁ ଗୋଲକ ଧନ୍ଦାରେ ପଡ଼ିଛି ବିଜେପି। ଦିନକୁ ଦିନ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାରେ ପ୍ରତିଯୋଗିତା ଚାଲିଥିବାରୁ ଦଳୀୟ କନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ବିଜେପି ନିଷ୍ପତ୍ତିରେ ପହଞ୍ଚିବାକୁ ଦିନ ଗଡ଼ାଇ ଚାଲିଥିବାରୁ ଲୋକଙ୍କ ନଜର ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ ଉପରେ ଯାଉଛି। ଦଳ କୁଆଡ଼େ ଆରଏସଏସ କାର୍ଯ୍ୟକର୍ତ୍ତାଙ୍କୁ ମଧ ବିକଳ୍ପ ଭାବରେ ନେବାକୁ ଚିନ୍ତା କରୁଥିବା ଆଲୋଚନା ଜୋର ଧରୁଛି। ଉଲ୍ଲେଖ ଯୋଗ୍ୟ ଯେ ଏଠିକାର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ସ୍ୱର୍ଗବାସ ପରେ ତାଙ୍କର ଉତ୍ତରାଧିକାରୀ ପୁଅ ଜୟ ଢୋଲକିଆଙ୍କୁ ବିଜେଡି ତରଫରୁ ଟିକେଟ ଦିଆଯିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ବାପାଙ୍କର ପ୍ରତିଷ୍ଠା ଏବଂ ଜନ ସମର୍ଥନକୁ ନେଇ ଜୟ ଢୋଲକିଆ ଦିନରାତି ଏକାକାର କରି ଲୋକଙ୍କ ନିକଟକୁ ଯାଇ ବାପାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଗୋଟାଇବାକୁ ନତ ମସ୍ତକ ହେଉଛନ୍ତି। ଲୋକେ ମୁଣ୍ଡ ଉଆଁସି ସମର୍ଥନ ମଧ୍ୟ ଜଣାଉଛନ୍ତି। ଅନ୍ୟପକ୍ଷେ ଅନ୍ୟ କଂଗ୍ରେସ ଦଳ କାଳେ ତାଙ୍କର ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ବିଜେପି ଟାଣି ନେବାର ସମ୍ଭାବନା ରହିଛି ବୋଲି ଆଗତୁରା ପ୍ରାର୍ଥୀ ଘୋଷଣା କରିଦେଲେଣି। ଏହା ଚର୍ଚ୍ଚାର ବିଷୟ ହୋଇଛି। ଗଡ଼କୁ ଅକ୍ତିଆର କରିବାକୁ ଖୋଦ ପିସିସି ସଭାପତି ଭକ୍ତଚରଣ ଦାସ ନୂଆପଡ଼ାରେ ଡେରା ପକାଇଛନ୍ତି। ହେଲେ ଅନ୍ୟପଟେ

### ବିଜେପି ଚକ୍ରବ୍ୟୂହରେ ବିଜେପି, ଟିକେଟ ଗଣିତ ଛିଣ୍ଡୁନି

ବିଜେପି ପ୍ରଚାର ପାଇଁ ଲୋକଙ୍କ ପାଖକୁ ମୋଟ ଉପରେ ଯିବାକୁ ପ୍ରାର୍ଥୀ ଠିକ କରି ପାରିନାହିଁ। ଗତ ୨୦୨୪ନିର୍ବାଚନରେ ବିଜେପି ତରଫରୁ ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡା ତାଙ୍କର ଆଶାନୁରୂପ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଏଥର ସେ ବି ନିଶ୍ଚିତ ହୋଇପାରୁନାହାଁନ୍ତି। ତାଙ୍କ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ କୁମାର ପାଢ଼ୀ ମଧ ଆଶାୟୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ଗୋଳିଆ ପରିସ୍ଥିତି ଏମିତି ହୋଇଛି ଯେ ଗତ ମାସକ ମଧ୍ୟରେ ୪/୫ଜଣ ମନ୍ତ୍ରୀ ଏବଂ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟସଭାପତି ମନମୋହନ ସାମଲ ଆସି ମଧ ଏକ ସନ୍ତୁଳନ ସ୍ଥିତି ଆଣିପାରିନାହାଁନ୍ତି ।ବର୍ତ୍ତମାନ କୁଆଡେ ଦଳ ଆରଏସ୍‌ଏସ୍ ଉପରେ ନଜର ରଖିଥିବା କୁହାଯାଉଛି। ଆରଏସ୍‌ଏସ ଜିଲ୍ଲା ସଂଘ ଚାଳକ ତଥା ପୂର୍ବତନ ବିଧାୟକ ଓମକାର ସିଂ ମାଝୀଙ୍କ ପୁଅ ଉଦୟ ସିଂ ମାଝୀଙ୍କ ନାମ ବି ଚର୍ଚ୍ଚାକୁ ଆସୁଛି। ଦଳ ଗୋଟିଏ ପଟେ କଂଗ୍ରେସର ଘାସିରାମ ମାଝୀଙ୍କୁ ଚେକ୍ ଦେବା ସହ ମାଝୀ ଭୋଟକୁ ହାତେଇବା ଏବଂ ଦଳୀୟ କନ୍ଦଳକୁ ପ୍ରସମିତ କରିବାକୁ ଆରଏସ୍‌ଏସ୍ ଉପରେ ନଜର ରଖିଥିବା ତଥାଭିଜ୍ଞ ମହଲରେ ଆଲୋଚନା କରାଯାଉଛି। ଏଭଳି ଗୋଳିଆ ସ୍ଥିତିରେ ମାଛ ଧରିଲା ଭଳି ବିଜେଡି ଦଳ ଜିଲ୍ଲାରେ ଏକପ୍ରକାର ଶୃଙ୍ଖଳିତ ଏବଂ ଢୋଲକିଆ ପରିବାର ପ୍ରତି ସମର୍ପିତ ହୋଇ ଅଣ୍ଟାଭିଡି ପ୍ରଚାର ଯାତ୍ରାକୁ ଆଗକୁ ନେଉଥିବା ପରିଲକ୍ଷିତ ହେଉଛି।

# ବ୍ରଜରାଜନଗରରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା





**ଝାରସୁଗୁଡ଼ା, ୯।୧୦(ସମିସ)**

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ବିଜୁ ଜନତା ଦଳ ପକ୍ଷରୁ ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ କରାଯାଇଛି। ପ୍ରଥମେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଏସ୍ଆଇ ଛକ ଠାରେ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗୋପବନ୍ଧୁ ଜୟନ୍ତୀ ପାଳନ କରାଯାଇଥିଲା। ରାଜପୁର ପଞ୍ଚାୟତ ସ୍ଥିତ କଟାପାଲି ଫୁଟବଲ୍ ପଡ଼ିଆ ଠାରୁ ଜନ ସମ୍ପର୍କ ପଦଯାତ୍ରାର ଶୋଭାଯାତ୍ରା ବାହାରିଥିଲା। ଧ୍ୱନୀ ବାଦ୍ୟ ମଧ୍ୟରେ ନବୀନ ସରକାରଙ୍କ ସୁଶାସନର ଗାଥା ଓ ମୋହନ ମାଝୀ ସରକାରଙ୍କ ବିଫଳତାର ଗାଥାର ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଗାନ୍ଧୀ ଛକ ମୁଖ୍ୟରାସ୍ତା, ନୂଆଁଡିହି ଗାଁ ଦେଇ ବିଜେଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ୨୦୨୫ର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଶୁଭାରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଅଳକା ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ହରିଶ୍ ଗଣତ୍ରା ଯୋଗ ଦେଇଥିଲେ। ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ରାଜପୁର ସରପଞ୍ଚ ସରସ୍ୱତି ନାଏକ, ଗୌରମାଲ ସରପଞ୍ଚ ରାଜ ସାଏ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ପୂର୍ବତନ ରାଜପୁର ସମିତି ସଭ୍ୟ ଗଣେଶରାମ ବାଗ, ବିଜେଡି ନେତା କୁଳମଣି ଦାସ, ନୃପ ତାଣ୍ଡି, ମହିଳା ସଭାପତି ନଳିନୀ ପ୍ରଧାନ, ଗୋବିନ୍ଦ ସାହୁ, ଚିନ୍ତାମଣି ଦାସ, ହରି କଣ୍ଟା, ଅବତାର ସିଂ, ରାମନାରାୟଣ ରାଏ, ସୁରଜ୍ କଣ୍ଟା, ଆଲୋକ ପଟ୍ଟନାୟକ, ଜୟରାମ ବଗାର, ଶରତ ତନ୍ତୀ, ଅନନ୍ତ କୁମ୍ଭାର, ମଣ୍ଟ କୁମ୍ଭାର, ବିକ୍ରମ ଦାସ, ମନୋରମା ସାହୁ, ଯୋତି, ମୀକି ନାଏକ, କୁମୁଦିନୀ ଗରୁଡ, ଅଞ୍ଜଳି ସିଂ, ସୁଷମା ସିଂହ, ବିନି ଦାସ, ରୁକ୍ମିଣୀ ସୁନା, ଭୂମିଶୁତା ତନ୍ତୀ, ଆକାଶ ବଡ଼ାଇ, ଗିରିଧାରୀ ଗରୁଡ, ସୁନିଲ ଭୋଇ, ଦୀପକ ମରେଇ ପ୍ରମୁଖଙ୍କ ସମେତ ବିଜେଡି ଦଳର ଅନେକ ନେତା ଓ କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବନ୍ଧବାହାଲ ଲକ୍ଷ୍ମୀ ବଜାରରେ ଗଜଲକ୍ଷ୍ମୀ ପୂଜା

**ବନ୍ଧବାହାଲ/ଝାରସୁଗୁଡ଼ା, ୯।୧୦(ସମିସ):** ବନ୍ଧବାହାଲ ଲକ୍ଷ୍ମୀ ବଜାରରେ ଗତ ସୋମବାର ଠାରୁ କଳସ ଯାତ୍ରା କରି ମାଁ ଗଜଲକ୍ଷ୍ମୀଙ୍କର ପୂଜା ଆରମ୍ଭ ହୋଇଯାଇଛି। ଗଜଲକ୍ଷ୍ମୀ ପୂଜା କମିଟି ଦ୍ୱାରା ଆୟୋଜିତ ପୂଜାରେ କର୍ତ୍ତା ଭାବେ ସୁରେଶ ଗୁପ୍ତା ଓ ତାଙ୍କର ପତ୍ନୀରେଖା ଗୁପ୍ତା କାର୍ଯ୍ୟନିର୍ବାହ କରୁଛନ୍ତି। ଭେଜିକୁଦର ପୂଜକ ପଣ୍ଡିତ ଜଗଦିଶ ମିଶ୍ର ପୂଜାକାର୍ଯ୍ୟ ଓ ଟହଲ କାର୍ଯ୍ୟ ସନ୍ୟାସୀ ବାରିକ ସମ୍ପାଦନ କରୁଛନ୍ତି। ଗତ ସୋମବାର ଠାରୁ ମାଁଙ୍କର ପୂଜା ଆରମ୍ଭ ହୋଇ ଥିବା ବେଳେ ଆସନ୍ତା ରବିବାର ମାଁଙ୍କୁ ମେଲାଣି ଦିଆଯିବ ବୋଲି କମିଟିର ସଭାପତି ସଞ୍ଜୟ ସିଂ ଜଣାଇଛନ୍ତି। ଏହି ପୂଜାରେ ସୁନୀଲ ସାଥୁଆ, ବିମଳ ଲେଙ୍କା, ସଞ୍ଜୟ ସ୍ୱାଇଁ, କୃଷ୍ଣ ବିଶୋଇ, ପ୍ରଶାନ୍ତ ସାହୁ, ଅନିଲ ଗୁପ୍ତା ସକ୍ରିୟ ଭୂମିକା ନେଇଥିବାବେଳେ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଛନ୍ତି। ମାଁଙ୍କର ମଣ୍ଡପରେ ସାତ ଦିନ ଧରି ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରସାଦ ବଣ୍ଟନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।



# ଶିକ୍ଷୟିତ୍ରୀଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

**ଝାରସୁଗୁଡ଼ା, ୯।୧୦ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଟାଉନରୁ ଶିକ୍ଷୟିତ୍ରୀଙ୍କ ବେକରୁ ୨ ଜଣ ଦୁର୍ବୃତ୍ତ ସୁନା ଚେନ ଝାମ୍ପି ନେଇ ଫେରାର ହୋଇଛନ୍ତି। ପିଏମଶ୍ରୀ ଗିରଧରଲାଲ ହାଇସ୍କୁଲର ଶିକ୍ଷୟିତ୍ରୀ କମଳା ସରାଫ ଅପରାହ୍ଣରେ ସ୍କୁଲ ଛୁଟି ହେବାପରେ ଚାଲିଚାଲି ଘରକୁ ଫେରୁଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ବାଇକରେ ଆସି ସୁନା ଚେନ ଝାମ୍ପି ନେଇଥିଲେ। ଲୁଟ କରିଥିବା ୨ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ହେଲମେଟ ପିନ୍ଧିଥିଲେ ଏବଂ ଜଣେ ନିଜ ମୁହଁକୁ ଏକ ଧଳାରଙ୍ଗର ଗାମୁଛାରେ ଢାଙ୍କି ରଖିଥିଲେ। ଲୁଟ ହୋଇଥିବା ସୁନା ଚେନର ଓଜନ ୨୫ ଗ୍ରାମ ଥିବାବେଳେ ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର | ‘କ୍ୱାଣ୍ଟମ ଯୁଗର ଆରମ୍ଭ: ସମ୍ଭାବନା ଓ ଆହ୍ୱାନ’ ଶୀର୍ଷକ ବିଜ୍ଞାନ ଆଲୋଚନାଚକ୍ର

**ବରଗଡ଼, ୯।୧୦(ସମିସ):** ବରଗଡ଼ ଜିଲ୍ଲା ଅଧୀନ ଅମ୍ବାଭୋନା ବ୍ଲକରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ସ୍ଥାନୀୟ ଶିକ୍ଷା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଅମ୍ବାଭୋନା ବ୍ଲକର ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲ ମୋହନ ସିଂଙ୍କ ଅଧ୍ୟକ୍ଷତା କରିଥିଲେ। ସିଆରସିସି କେଦାର ନାଏକ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ସୋଏ ଯୋଗ ଦେଇଥିଲେ। ବ୍ଲକ ବିଜ୍ଞାନ ଫୋରମର ସଭାପତି ତଥା ଭୁକ୍ତା ଜନତା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଚାରକ ଭାବେ କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ର ଅଧ୍ୟାପକ ଆଶିଷ ପୂଜାରୀ, ଭୁକ୍ତା ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁନ୍ଦର ସାଏ ପଟେଲ ଏବଂ ଶିକ୍ଷକ ପରମେଶ୍ୱର ରଥ ଆଲୋଚନାଚକ୍ରର ମୂଲ୍ୟାୟନ କରିଥିଲେ। ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରି କମଳ ସିଂ ଦେଓ ହାଇସ୍କୁଲ, ଲଖନପୁରର ଛାତ୍ର ପ୍ରିୟାଂଶୁ ସାହୁ, କେଦାର ନାଥ ଆଦିବାସୀ ହାଇସ୍କୁଲର ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ କୁମୁରା ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅମ୍ବାଭୋନାର ଛାତ୍ରୀ ପାୟଲ ନାୟକ ଯଥାକ୍ରମେ ପ୍ରଥମ ସ୍ଥାନ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ପରିଚାଳନାରେ ବିଜ୍ଞାନ ଶିକ୍ଷକ ତପେଶ୍ୱର ପଧାନ, ପ୍ରଣୟରଞ୍ଜନ ଭୁଏ, ସନ୍ତୋଷ ମାଝୀ, ଭୀଷ୍ମଦେବ ପ୍ରଧାନ, ଶିକ୍ଷୟିତ୍ରୀ ରୀନା ମେହେରଙ୍କ ସମେତ ବ୍ଲକର ସମସ୍ତ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ମନୋହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।






### ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

**ଭଟଲି:** ବରଗଡ଼ ଜିଲ୍ଲା ଭଟଲି ସ୍ଥିତ ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅତିଥି ଭାବେ ଯୋଗଦେଇଥିଲେ। ବରଗଡ଼ ପାର୍ବତିଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବିଶ୍ୱଜିତ ସାହୁ ଏବଂ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଚିତ୍ତରଞ୍ଜନ ମହାନନ୍ଦ ବିଚାରକ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭଟଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଲିପସା ପଣ୍ଡା ଏବଂ ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ କ୍ଷଣିକା ପ୍ରସନ୍ନା ଷଡଙ୍ଗୀ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ଉନ୍ନୀତ ହୋଇଥିଲେ। ଆଲୋଚନାଚକ୍ରକୁ ବ୍ଲକ ବିଜ୍ଞାନ ଫୋରମ୍‌ର ସାଧାରଣ ସମ୍ପାଦକ ତଥା ଶିକ୍ଷକ ଉପେନ୍ଦ୍ର ଖମାରୀ ପରିଚାଳନା କରିଥିବାବେଳେ ଶିକ୍ଷକ ସୁବୋଧ ସାହୁ ପୁରସ୍କାର ବିତରଣୀରେ ସହଯୋଗ କରିଥିଲେ। ଶେଷରେ ବିଜ୍ଞାନ ଶିକ୍ଷକ ଚନ୍ଦ୍ରକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଝାରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ

**ଝାରବନ୍ଧ:** ଝାରବନ୍ଧ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ୨୦୨୫ ଝାରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି, ଏବିଇଓ ଦୟାନିଧି କୈବର୍ତ୍ତ, ବିସିକେଶନ ଶତପଥୀ, ପ୍ରଧାନଶିକ୍ଷକ ଦୟାନିଧି ସାହୁ, ଆରଡବ୍ଲ୍ୟୁ ଏସଏସ ଏଇ ଅନିରୁଦ୍ଧ ପ୍ରଧାନ, ବିଚାରକ ଦଳ ଗୋବିନ୍ଦ ସାହୁ, ଅଶ୍ୱିନୀ ସାହୁ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ଝାରବନ୍ଧ ବ୍ଲକର ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଭାଗ ନେଇ ବିଜ୍ଞାନ ସମ୍ବନ୍ଧୀୟ ବିଷୟ ଉପସ୍ଥାପନ କରିଥିଲେ। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାଲିଡ଼ିପାର ଛାତ୍ରୀ ଅନ୍ୱେଷୋ ପ୍ରଧାନ ପ୍ରଥମ ସ୍ଥାନ, ଝାରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସିମରନ ସାହୁ ଦ୍ୱିତୀୟ ସ୍ଥାନ ଏବଂ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ଚଣ୍ଡୀଭଟାର ଛାତ୍ର ରାଜବୀର ପ୍ରଧାନ ତୃତୀୟ ସ୍ଥାନ ହାସିଲ କରିଥିଲେ। ଅନ୍ୱେଷୋ ପ୍ରଧାନ ଏବଂ ସିମରନ ସାହୁ ଝାରବନ୍ଧ ବ୍ଲକରୁ ଜିଲ୍ଲା ସ୍ତରର ବିଜ୍ଞାନ ଆଲୋଚନା ଚକ୍ରରେ ଭାଗ ନେବା ପାଇଁ ଚୟନ ହୋଇଥିବା ସୂଚନା ରହିଛି। ସିଆରସିସି ଗୋପଳ ହରିଜନ ମଞ୍ଚ ପରିଚାଳନା କରିଥିବା ବେଳେ ସିଆରସିସି ବିଷ୍ଣୁଚରଣ ସାହୁ, ଦିବସ ସାହୁ, ନୀଳାମ୍ବର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ସୂର୍ଯ୍ୟମଣି ଜନତା ଉଚ୍ଚ ବିଦ୍ୟାଳୟ

**ଭେଡେନ:** ଭେଡେନ ସ୍ଥିତ ସୂର୍ଯ୍ୟମଣି ଜନତା ଉଚ୍ଚ ବିଦ୍ୟାଳୟ ପରିସରରେ ଭେଡେନ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଜ୍ଞାନ ସେମିନାରରେ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧିରୋଜ ପଟ୍ଟନାୟକ, ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣି କୁମ୍ଭାର, ପାଞ୍ଚଶାଖା ଶିକ୍ଷା ସେତୁ ଜିଲ୍ଲା ସଂଯୋଜକ ପ୍ରିୟବ୍ରତ ସାହୁ, ସୂର୍ଯ୍ୟମଣି ଜନତା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ସଞ୍ଜୀବ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଚାରକ ଭାବେ ପ୍ରଧାନଶିକ୍ଷକ ହେମନ୍ତ ମେହେର, ଶିକ୍ଷକ ଅଭିଜିତ ଘୋଷ ଦାୟିତ୍ୱ ତୁଲାଇଥିଲେ। ସେମିନାରରେ ଚିଚିଣ୍ଡା ହାଇସ୍କୁଲର ରାକ୍ଷୀ ମେହେର, ସିଆଲଖଣ୍ଡହତା ହାଇସ୍କୁଲର ସୁପ୍ରଭା ଭଏନା, ତାଳମେଣ୍ଡା ହାଇସ୍କୁଲର ମିତାଲି ସାହୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ ସେମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ଆଶିଷ ଦେଓ ଧନ୍ୟବାଦ ପ୍ରଦାନ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଝାରସୁଗୁଡ଼ା, ୯।୧୦(ସମିସ):** ଲଇକେରା ବ୍ଲକ ମୁଖ୍ୟାଳୟ ଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗଡୁଙ୍ଗ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଦେହୁରୀ, ବାବୁଛିପିଡିହି ସମିତି ସଭ୍ୟ ମନମୋହନ କଂସରାଲୀ, ଡାକ୍ତର ଏପି.ଭୋଇନା, ଏସ୍‌ପି ପଣ୍ଡା, ସତ୍ୟଜିତ ବେଉରା, ବି.ମହାନ୍ତି, ଅର୍ଚ୍ଚନା ମହାପାତ୍ର, ଗୋପବନ୍ଧୁ ମହାନ୍ତ, ସରୋଜ ମହାପାତ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜୁକ୍ତା ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶିବିରରେ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ୨୩୨ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ସମସ୍ତ ହିତାଧିକାରୀଙ୍କୁ ସେମାନଙ୍କର ଆବଶ୍ୟକତା ଅନୁସାରେ ଉପକରଣ ବଣ୍ଟନ କରାଯିବା ସଙ୍ଗେ ସଙ୍ଗେ ବିଭିନ୍ନ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ନାଏକ ସୂଚନା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରତନଦୀପ ହେମ୍ବ୍ରମ, କାର୍ଯ୍ୟକ୍ରମ ସହାୟକ ତ୍ରିଲୋଚନ ବାଗ ପ୍ରମୁଖ ସହଯୋଗ କରିଥିଲେ।

■ ବାପାକୁ ହାଣି ମାଟିରେ ପୋତିବା ଘଟଣା

# ଜେଲ୍ ଗଲା ଅଭିଯୁକ୍ତ ପୁଅ

**ଦେବଗଡ଼, ୯।୧୦(ସମିସ):** ବାରକୋଟ ଥାନା ଅନ୍ତର୍ଗତ ଔତଳ ଗ୍ରାମରେ ଗତକାଲି ପୁଅର ଟାଙ୍ଗିଆ ଚୋଟ ରେ ବୃଦ୍ଧ ବାପାର ମୃତ୍ୟୁ ଘଟଣାରେ ବାରକୋଟ ଥାନା ପୁଲିସ ଅଭିଯୁକ୍ତ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି।ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ପୁଅ ହୃଦାନନ୍ଦ ବେହେରାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାଇ ଔତଳ ଗ୍ରାମର ବଳଭଦ୍ର ବେହେରା କିଛି ମେଣ୍ଢା ପାଳିଥିବା ବେଳେ ଅଭିଯୁକ୍ତ ପୁଅ ହୃଦାନନ୍ଦ ବିକ୍ରି ପାଇଁ ନେଇଯାଉଥିବାରୁ ବାପା ବଳଭଦ୍ର ପ୍ରତିବାଦ କରିଥିଲେ। ଫଳରେ ଉଭୟ ବାପ ପୁଅ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ପୁଅ ହୃଦାନନ୍ଦ ଟାଙ୍ଗିଆରେ ବାପା ବଳଭଦ୍ରକୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ବାପା ବଳଭଦ୍ରଙ୍କ ମୃତ୍ୟୁ ଘଟିଥିବା ଜାଣି ଅଭିଯୁକ୍ତ ପୁଅ ଘର ନିକଟରେ ଗାତ ଖୋଳି ମୃତଦେହ ପୋତି ଦେଇଥିଲା। ଘଟଣା ଜାଣିପାରି ମୃତ ବଳଭଦ୍ରଙ୍କ ପୁତୁରା ଅଜିତ ବେହେରାଙ୍କ ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ହତ୍ୟା



ମାମଲା ରୁଜୁ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ତଳୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପାଲଲହଡା ଡାକ୍ତରଖାନାକୁ ପଠାଇଥିଲା। ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାର ତଦନ୍ତ ଚଳାଇଛି।

# ରିଆମାଳରେ ମା’ ଗଜଲକ୍ଷ୍ମୀ ପୂଜା

**ରିଆମାଳ, ୯।୧୦(ସମିସ):** ରିଆମାଳ ବ୍ଲକର ପ୍ରସିଦ୍ଧ ମା’ଗଜଲକ୍ଷ୍ମୀ ପୂଜା ଅବସରରେ ରିଆମାଳ ମହାଲକ୍ଷ୍ମୀ କଲ୍ୟାଣ ମଣ୍ଡପରେ ତୃତୀୟ ସନ୍ଧ୍ୟାରେ ପୁରୀର ଶ୍ରୀମନ୍ଦିର ଭଜନ ସନ୍ଧ୍ୟା ଦ୍ୱାରା ଭଜନ ସମାରୋହ କାର୍ଯ୍ୟକ୍ରମ ହୋଇଥିଲା।ଏହାପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ଗୋଲବଦନ ବିଶ୍ୱାଳ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମକୁ ସଭାପତି ବିରେନ୍ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି କୌଶିକ ପ୍ରଧାନ, ସମାଜସେବୀ ତଥା ପୂର୍ବ ଜିଲ୍ଲା ବିଜେଡ଼ି ସଭାପତି ଇଂ ଚିତ୍ତରଞ୍ଜନ ପ୍ରଧାନ, ରିଆମାଳ ପୂର୍ବ ସରପଞ୍ଚ ତରଣୀସେନ ପ୍ରଧାନ, ରିଆମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିହାରକାନ୍ତ ମହାନ୍ତି, ଡିଗ୍ରୀ କଲେଜ ଅଧ୍ୟକ୍ଷ ଫକିର ମୋହନ ସାହୁ, ଅଧ୍ୟାପକ ବେଣୁଧର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।ସମ୍ପାଦକ ତ୍ରିନାଥ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।ଏହା ପରେ ପୁରୀ ଟେନ୍ ଷ୍ଟାର ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ନୃତ୍ୟ ପରିବେଷଣ କରେ ଦର୍ଶକ ମତୁଆଲା ହୋଇଥିଲେ।ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମରେ ମେଗା ଧାରାବାହିକ ସୁନା ଝିଅର ମୁଖ୍ୟ ଅଭିନେତ୍ରୀ ପ୍ରିୟା




ଭୂମିକାରେ ଅଭିନୟ କରୁଥିବା ଅଭିନେତ୍ରୀ ଅଙ୍କିତା ମିଶ୍ରଙ୍କ ନୃତ୍ୟ ତାଳେ ତାଳେ ଦର୍ଶକ ନାଚି ଉଠିଥିଲେ। ସେହିପରି ଚତୁର୍ଥ ଦିନ ଅନ୍ନ ପ୍ରସାଦ ବଣ୍ଟନ କରାଯାଇ ଥିଲା। ଏହା ପରେ ସନ୍ଧ୍ୟାରେ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଚତୁର୍ଥ ସନ୍ଧ୍ୟାର ସାଧାରଣ ସଭାରେ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ ସମେତ ଅନ୍ୟ ଅତିଥିମାନେ ଯୋଗ ଦେଇଥିଲେ। ଯାଜପୁର ର କିଙ୍ଗ୍ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମିଥିଲେ।

# ବିଶ୍ୱ ଦୃଷ୍ଟି ଦିବସ



**ଦେବଗଡ଼, ୯।୧୦(ସମିସ):** ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଗୁରୁବାର ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପ୍ରଭାତ ଓଝା, ଚକ୍ଷୁ ବିଭାଗର ବିଶେଷଜ୍ଞ ଡ.ଦୀପକ ମହାନ୍ତି, ଡ.ଅମ୍ରିତ ପ୍ରିତିମ ଶତପଥୀ, ଡିପିଏମ ସୁଶାନ୍ତ ପ୍ରହରାଜ ଉପସ୍ଥିତ ରହି ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଅମରେଶ ଶତପଥୀ ପରିଚାଳନା କରିଥିବା ବେଳେ ଅମୀୟ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଏବଂ ନର୍ସିଂ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ଦେବଗଡ଼ରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା; କଂଗ୍ରେସର ଆନ୍ଦୋଳନ ଚେତାବନୀ

**ଦେବଗଡ଼, ୯।୧୦(ସମିସ)**

ଜିଲ୍ଲାରେ ସମ୍ପ୍ରତି ଦେଖାଯାଇଥିବା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ଜିଲ୍ଲା କଂଗ୍ରେସ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି। ଆଜି ସନ୍ଧ୍ୟାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ଶ୍ରୀ ହେମ୍ବ୍ରାମ ଘୋଷଣା କରିଛନ୍ତି। ଶ୍ରୀ ହେମ୍ବ୍ରମଙ୍କ ଅଭିଯୋଗ ଅନୁଯାୟୀ ଜିଲ୍ଲାରେ ମୋଟ ଡାକ୍ତର ସଂଖ୍ୟା ୨୧୧ ସ୍ଥାନରେ ୬୯ ଜଣ ରହିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୭୯ ଏମବିବିଏସ ଡାକ୍ତରଙ୍କ ସ୍ଥାନରେ ମାତ୍ର ୯ ଜଣ, ୩୪ ବିଶେଷଜ୍ଞ ସ୍ଥାନରେ ୮ ଡାକ୍ତର ରହିଛନ୍ତି। ସେହିପରି ଅର୍ବାନ ହସ୍ପିଟାଲକୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାମଚଳା ଭାବେ ଚାଲୁ କରାଯାଇଛି। ଯଦି ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୪ ଡାକ୍ତର, ୬ ନର୍ସ, ୪ ସଫେଇ କର୍ମଚାରୀ ଓ ୫ ସୁରକ୍ଷା କର୍ମୀଙ୍କୁ ନିଯୁକ୍ତି ଦିଆଯାଏ ତେବେ ମଧ୍ୟ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ଯାଇ ପାରିବ ବୋଲି ଶ୍ରୀ ହେମ୍ବ୍ରାମ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୁଣି ଏହାକୁ କାର୍ଯ୍ୟକାରୀ କରିବାକୁ ସେମାନେ ଚାହିଁବା ପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ରିପୋର୍ଟର କଣ ଯଥାର୍ଥତା ରହିଛି ବୋଲି ଜିଲ୍ଲା କଂଗ୍ରେସ ପ୍ରଶ୍ନ କରିଛି। ଏଥିସହ




ବାସ୍ତବିକ ସ୍ଥିତିକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ସାଂସଦ ଅବଗତ ଥିବା ଏବଂ ଜିଲ୍ଲାର ତିନି ପ୍ରମୁଖ ରାଜନୈତିକ ଦଳର ସଭାପତି ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସମାଧାନ ସମ୍ପର୍କିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ପ୍ରକାଶ କରିଥିଲେ। କଂଗ୍ରେସ ଜିଲ୍ଲାବାସୀଙ୍କ ଜୀବନ ସହ ରାଜ୍ୟ ସରକାର ଖେଳୁଥିବା ଅଭିଯୋଗ କରିଥିଲା। ଜିଲ୍ଲାରେ ଖାଲି ଥିବା ଡାକ୍ତର ପଦବୀ ପୂରଣ ସହ ଷ୍ଟାଫ ନର୍ସ ନିଯୁକ୍ତି କରିବା ଏବଂ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଦାବି ଉଠିଥିଲା। ଏଦିଗରେ ରାଜ୍ୟ ସରକାର ଏକ ସପ୍ତାହ ମଧ୍ୟରେ ପଦକ୍ଷେପ ନ ନେଲେ ଜିଲ୍ଲାରେ କଂଗ୍ରେସ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ଏବଂ କୌଣସି ଅପ୍ରୀତିକର ପରିସ୍ଥିତି ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ପ୍ରକାଶ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ରେବତୀ ମୋହନ ପଟ୍ଟନାୟକ, ଶ୍ରୀତମ ସାହୁ, ସୁଶୀଲ ଗୁଡ଼ିଆ, ଆକାଶ ଦାଶ ଓ ଅଲେଖ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**ଏକ ସପ୍ତାହ ମହଲତ ଦେଲା କଂଗ୍ରେସ**

**ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ**

## ଧର୍ମଶାଳାରେ ଧାମନଗର ଯୁବକଙ୍କ ଆତଙ୍କରାଜ୍

ଦୋବଲ, ୯ ।୧୦(ସମିସ): ୪ ଦିନ ତଳେ ଧର୍ମଶାଳା ପୁଲିସ ଦ୍ୱାରା ପର୍ଦ୍ଦାଫାସ ହୋଇଥିବା ଜାତୀୟ ରାଜପଥ ଉପରୁ ଲୁଟ୍ ଛିନତାଇ ମାମଲାରେ ଭଦ୍ରକ ଜିଲ୍ଲା ଧାମନଗରର ଲିଙ୍କ ରହିଛି । ଏହି ମାମଲାରେ ଧର୍ମଶାଳା ପୁଲିସ ଧାମନଗରର ୪ ଜଣଙ୍କୁ ଗିରଫ କରିଛି । ଏମାନେ ହେଲେ ମୁସ୍ତଫାପୁର ପଞ୍ଚାୟତ ନୂଆପଡ଼ା ଗାଁର ୨ଯୁବକ ବଳରାମ ଦାସ, ଜଗନ ଦାସ ଦୋବଲ, ପଞ୍ଚାୟତ ସୋଧର ଗୌତମ କୁଣ୍ଡୁ ଏବଂ ଆନନ୍ଦ କୁଣ୍ଡୁ । ଦଶହରା ସମୟରେ ଧର୍ମଶାଳା ପୁଲିସ ଆସି ଧାମନଗର ପୁଲିସ ସହାୟତାରେ ପ୍ରଥମେ ସୋଧରୁ ଗୌତମ ଓ ତାଙ୍କ ପଡ଼ୋଶୀ ଆନନ୍ଦ କୁଣ୍ଡୁଙ୍କୁ ଉଠାଇ ନେଇଥିଲା । ପରେ ପରେ ଅଳ୍ପ ଦୂରର ନୂଆପଡ଼ା ଗାଁରୁ ବଳରାମ ଓ ଜଗନଙ୍କୁ ଧରିଥିଲେ । ଧାମନଗର ଥାନାରେ ଆଇନଗତ ପ୍ରକ୍ରିୟା ସାରି ସମସ୍ତ ୪ ଜଣଙ୍କୁ ଧର୍ମଶାଳା ନେଇ ପଚରାଉଚରା କରିଥିଲେ । ପରେ ଅନ୍ୟ ୨ ଜଣଙ୍କ ସହ କୋର୍ଟ ଚାଲାଣ କରିଥିଲେ । ଏହି ଘଟଣାରୁ ସ୍ପଷ୍ଟ ହୋଇଛି ଯେ ସୁନା ଗହଣା ଚୋରଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଧାମନଗର ଥାନାଞ୍ଚଳ । ବର୍ଷକ ଭିତରେ ତିନି ତିନିଟି ଘଟଣାରେ ଧାମନଗର ଅଞ୍ଚଳର ଲୋକଙ୍କ ଏଭଳି ସଂପୃକ୍ତି ଚିନ୍ତାର କାରଣ ପାଲଟିଛି । ଧର୍ମଶାଳା ଘଟଣାକୁ ମିଶାଇ ଗୌତମ କୁଣ୍ଡୁ ତିନି ତିନିଟି ଚୋରି ମାମଲାରେ ଗିରଫ ହୋଇଛି । ଗତବର୍ଷ ଜୁନ ଓ ସେପଟେମ୍ବରରେ ଯାଜପୁର ଥାନାଞ୍ଚଳରେ ସୁନା ଚୋରି ଘଟଣାରେ ଯାଜପୁର ପୁଲିସ ଗୌତମ ଗିରଫ ହୋଇଥିଲା । ଧର୍ମଶାଳା ପୁଲିସ ଦ୍ୱାରା ଗିରଫ ହୋଇଥିବା ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଧାମନଗର ଥାନାଞ୍ଚଳର ବଳରାମ ଓ ଜଗନ ଜାତୀୟ ରାଜପଥରେ ଲୋକଙ୍କୁ ଟାର୍ଗେଟ କରିଥାନ୍ତି । ଏକୁଟିଆ ଯାଉଥିବା ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍ କରିଥାନ୍ତି । ନମ୍ବରବିହୀନ କଳା ପଲସରରେ ବିଜୁଳି ବେଗରେ ଆସି ଛିନତାଇ କରି ପଳାଇଥାନ୍ତି । ଆଉ ଲୁଟ୍ ସୁନା ଗହଣାକୁ ଗୌତମ, ଆନନ୍ଦ ଓ ଅନ୍ୟ ଲୋକଙ୍କୁ ବିକ୍ରି କରିଥାନ୍ତି । କିଛିଦିନ ତଳେ ହାଇୱେରେ ପାଟ୍ରୋଲିଂ ବେଳେ ବଳରାମ ଓ ଜଗନ ଧରାପଡ଼ିଥିଲେ । ତା'ପରେ ଏମାନେ ସବୁ ଧରା ହୋଇଛନ୍ତି ।

## ବଧୂ ହତ୍ୟା ଅଭିଯୋଗ; ସ୍ୱାମୀ, ଶଶୁର ଅଟକ



ଭଦ୍ରକ, ୯।୧୦(ସମିସ): ବୋହୂ ମଦ ବିକ୍ରି କରିବାକୁ ମନା କରିବାକୁ ମାରିଦେଲେ ଶଶୁର ଘର ଲୋକେ । ଏପରି ସାଙ୍ଘାତିକ ଅଭିଯୋଗ ଆସିଛି ଭଦ୍ରକ ବ୍ଲକ ସାବରଙ୍ଗ ଥାନା ସାହାଡ଼ା ପଞ୍ଚାୟତ ମଲିକସାହି ଗ୍ରାମର । ଗ୍ରାମର ଖଗେଶ୍ୱର ମଲିକଙ୍କ ଝିଅ ସାଗରିକା ମଲିକ ସେହି ଗ୍ରାମର ଧୁଶାଶନ ମଲିକଙ୍କ ପୁଅ ପ୍ରକାଶ ମଲିକଙ୍କୁ ୩ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ । ବିବାହ ପରେ ଯୌତୁକଜନିତ ଶାରୀରିକ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ପ୍ରକାଶ ଓ ତାଙ୍କ ପରିବାର ଘରେ ଚୋରା ମଦ ବେପାର କରୁଥିବା ଅଭିଯୋଗ ହୋଇଛି । ସେମାନେ ସାଗରିକାଙ୍କୁ ମଦ ବିକିବାକୁ ବାଧ୍ୟ କରୁଥିଲେ । ମାତ୍ର ସାଗରିକା ଏଥିରେ ରାଜି ନହେବାରୁ ପ୍ରକାଶ ଓ ତାଙ୍କ ପରିବାର ଲୋକେ ମିଶି ଆଜି ଭୋରୁ ସାଗରୀକା ତଣ୍ଟିକୁ ଚିପି ମାରି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ସାବରଙ୍ଗ ପୁଲିସ ଉଭୟ ସ୍ୱାମୀ ଓ ଶଶୁରକୁ ଅଟକ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଯୁବକଙ୍କ ଅକାଳ ବିୟୋଗ

ବାରିକପୁର, ୯ ।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ନଗୁଆଁ ପଞ୍ଚାୟତ ବାରିକପୁର ବାଘମରା ଗ୍ରାମର ଯୁବକ ସରୋଜ ରାଉତଙ୍କ ଅକାଳ ବିୟୋଗ ଘଟିଛି । ସେ ଗତ ବୁଧବାର ଅସୁସ୍ଥ ହୋଇ ପଡ଼ିଥିବା ବେଳେ ପରିବାର ଲୋକ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ନେଇଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା କୁହାଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୪୮ ବର୍ଷ ହୋଇଥିଲା । ତାଙ୍କ ବିୟୋଗରେ ଶୋକର ଛାୟା ଖେଳି ଯାଇଛି ।

## ବେଆଇନ ବାଲି ଟ୍ରକ ଜବତ

ବାରିକପୁର, ୯ ।୧୦(ସମିସ): ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ଼ ଫାଣ୍ଡି ପକ୍ଷରୁ ଏକ ବାଲିଟ୍ରକ ଜବତ ହୋଇଛି । ଟ୍ରକଟି ସ୍ଥାନୀୟ ବୈତରଣୀ ନଦୀରୁ ବାଲି ବୋଝେଇ କରି ଆସୁଥିବା ବେଳେ ନାଆମୀ ଛକଠାରୁ ଫାଣ୍ଡି ପୁଲିସ ଗତକାଲି ରାତିରେ ଏହାକୁ ଜବତ କରିଥିଲା । ବେଆଇନ ପରିବହନ କରୁଥିବା ଅଭିଯୋଗରେ ପୁଲିସ ଡ୍ରାଇଭରକୁ ଅଟକ ରଖିଥିବା ଜଣାପଡିଛି । ପ୍ରଶାସନ ପକ୍ଷରୁ କୌଣସି ସୈରାତ ନିଲାମ ହୋଇନଥିବା ବେଳେ ବିଭିନ୍ନ ସମୟରେ ବେଆଇନ ପରିବହନ ଲାଗିରହିଛି । ବିଶେଷ କରି ଏହାକୁ ଖଣି ବିଭାଗ ଓ ରାଜସ୍ୱ ବିଭାଗ ରୋକିବାରେ ବିଫଳ ହୋଇଛି ।




ଭଦ୍ରକ: ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ତଥା ସେବା ଦିବସ ଅବସରରେ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ୪୨ ୟୁନିଟ ରକ୍ତ ସଂଗ୍ରହ ହୋଇଛି

# ବିଭିନ୍ନ ଅନୁଷ୍ଠାନରେ ଉତ୍କଳମଣିଙ୍କ ୧୪୮ ତମ ଜୟନ୍ତୀ



ବରିଷ୍ଠ ନାଗରିକ



ଉତ୍କଳମଣି



ଭଣ୍ଡାରିପୋଖରୀ

## ଉତ୍କଳମଣି ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ଭଦ୍ରକ, ୯।୧୦(ସମିସ): ସେବା ମାନବିକତାର ମୂଳ ମନ୍ତ୍ର । ସେବା, ସଂଗଠନ, ସାହିତ୍ୟ ଓ ସାମାଜିକତାକୁ ନିଜ ଜୀବନର ବ୍ରତ ବୋଲି ଭାବିନେଇ ନିର୍ଭୀକ ସତ୍ୟାନୁଶରଣ କରିପାରିଲେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତି ଶ୍ରେଷ୍ଠ ନିଦର୍ଶନ ହୋଇପାରିବ । ସେ ଯେଉଁଭଳିଭାବେ ନିଜ ଜୀବନକୁ ସମାଜ ପାଇଁ ଉତ୍ସର୍ଗୀକୃତ କରି ଉତ୍କଳ ପାଇଁ କାନ୍ଦୁଥିଲେ ସେହିଭଳି ଭାବେ ଆଜିର ଯୁବପିଢି ସମୟକୁ ଗୁରୁତ୍ୱ ଦେଇ ସେବାକୁ ପ୍ରାଧାନ୍ୟ ଦେବା ପୂର୍ବକ ନିଜ ପିତା-ମାତା, କୁଳଗୁରୁ ଓ କୁଳ ଦେବତାଙ୍କ ପ୍ରତ୍ୟକ୍ଷ ଆଶୀର୍ବାଦ ଲାଭ କରିପାରିଲେ, ସମାଜ ପ୍ରଗତି ପଥରେ ଗତି କରିପାରିବ ବୋଲି ଆଜି ପଣ୍ଡିତ ଉତ୍କଳମଣି ଦାସଙ୍କ ଜୟନ୍ତୀ ଉତ୍ସବ ପାଳନ ଅବସରରେ କଲେଇ ଗ୍ରାମପଞ୍ଚାୟତରେ ପ୍ରତିଷ୍ଠିତ ଉତ୍କଳମଣି ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତ ବ୍ୟକ୍ତ କରିଛନ୍ତି । ମା' କ୍ଷେତ୍ରବାସୀ ପୀଠରେ ସଭାପତି ଜଗନ୍ନାଥ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉପସଭାପତି ଗୌରଗୋପାଳ ଜେନା, ଅମୃତ ଦର୍ଶନର ସଂପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବରିଷ୍ଠ ନାଗରିକ ମଞ୍ଚ, ଭଦ୍ରକର ଜିଲ୍ଲା ସଭାପତି ଲଲାଟେନ୍ଦୁ ମହାନ୍ତି, ସଂପାଦକ କୈଳାସଚନ୍ଦ୍ର ମହାପାତ୍ର, କଲେଇ ସରପଂଚ ନିରଞ୍ଜନ ମଲ୍ଲିକ, ସ୍ଥାନୀୟ କ୍ଷେତ୍ରବାସୀ ହାଇସ୍କୁଲର ପ୍ରଧାନଶିକ୍ଷକ ଭୀମଚରଣ ପରିଡା, ଉତ୍କଳମଣି ବରିଷ୍ଠ ନାଗରିକ ମଞ୍ଚର କୋଷାଧ୍ୟକ୍ଷ ବାଇଧର ବେହେରା ପ୍ରମୁଖ ଆଲୋଚନା କରିଥିଲେ । ଏହି ଅବସରରେ ଚଳିତବର୍ଷ ଓଏଏସ୍ ପରୀକ୍ଷାରେ ୪୬ନଂ ର୍‍ୟାଙ୍କରେ ଥିବା ସ୍ଥାନୀୟ ବଳଭଦ୍ରପୁର ଗ୍ରାମର ସ୍ୱାତିଦୀପା ରାଉତ ଓ କଳା ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ଲାଭ କରି ବୃକ୍ଷରୋପଣ ଦିଗରେ ଗଛମଣିଷ ଭାବେ ପରିଚିତ ନିରନ ନାୟକଙ୍କୁ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍କଳ ନୃତ୍ୟ ତରଙ୍ଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଉତ୍କଳମଣି ଫାଉଣ୍ଡେସନ ଟ୍ରଷ୍ଟ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସେବା ଓ ତ୍ୟାଗ ଆଜିର ଯୁବପିଢିଙ୍କ ଜୀବନର ବ୍ରତ ହେବା ଉଚିତ । ତାଙ୍କର ପଦାଙ୍କ ଅନୁସରଣ କଲେ ବର୍ତ୍ତମାନର କଳୁଷିତ ସମାଜରୁ ଦୁର୍ନୀତି, ଭ୍ରଷ୍ଟାଚାର ଦୂର ହୋଇପାରିବ । ବିଶେଷକରି ସାହିତ୍ୟ, ସାମ୍ବାଦିକତା ଦିଗରେ ତାଙ୍କର ଯେଉଁ ପ୍ରଗାଢ ପ୍ରଚେଷ୍ଟା ଥିଲା, ତାହା ଯୁଗ ଯୁଗ ଧରି ଓଡ଼ିଶାବାସୀଙ୍କ ହୃଦୟରେ ଲିପିବଦ୍ଧ ହୋଇ ରହିବ ବୋଲି ତାଙ୍କର ୧୪୮ ତମ ଜନ୍ମ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଭଦ୍ରକର ଉତ୍କଳମଣି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସଭାପତି ପ୍ରମୋଦ ରାୟଙ୍କ ଆବାହକତ୍ୱରେ ଆଜି ପ୍ରାତଃରେ ଭଦ୍ରକ ପୁରୁଣା କୋର୍ଟ ପରିସର ଓ ଡାହାଣୀ ଗଡିଆଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଦିଲୀପ ରାଉତରାଏ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସମାଜର ପ୍ରଗତି, ସଂସ୍କାର ଓ ଭାରତର ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁଙ୍କ ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ । ଏଥି ଉପଲକ୍ଷେ ଆୟୋଜିତ ସ୍ମୃତିସଭାରେ ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସଂପାଦକ ରାଜେନ୍ଦ୍ରପ୍ରସାଦ ଜେନା, ପୂର୍ବତନ କାଉନ୍‌ସିଲର ପ୍ରଣୟ କୁମାର ଦାସ, ସମାଜସେବୀ ନିଶିକାନ୍ତ ନାୟକ, ସାମ୍ବାଦିକ ସଂଜୀବ ନାୟକ ଓ ସୁକାନ୍ତ ମହାନ୍ତି, ଟ୍ରଷ୍ଟର କୋଷାଧ୍ୟକ୍ଷ ଝରଣା ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଉତ୍କଳମଣି ସାହିତ୍ୟ ସଂସଦ

ବାରିକପୁର ବଜାରସ୍ଥିତ ଉତ୍କଳମଣି ସାହିତ୍ୟ ସଂସଦ ଆନୁକୂଲ୍ୟରେ ୧୪୮ ତମ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଜୟନ୍ତୀ ଶିକ୍ଷାବିତ ପ୍ରଫୁଲ୍ଲ ସାହୁଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅତିଥିଭାବେ କବି ସନ୍ତୋଷ ସାହୁ, ଘନଶ୍ୟାମ ସ୍ୱାଇଁ, ଡା. ନିରଞ୍ଜନ ଓଝା, ସାମ୍ବାଦିକ ଜଗନ୍ନାଥ ନାୟକ, ଅକ୍ଷୟ କୁମାର ମହାନ୍ତି, ଜଗବନ୍ଧୁ ରାଉତ, ନାରାୟଣ ପୋଥାଳ ପ୍ରମୁଖ ଯୋଗ ଦେଇଥିଲେ । ଆଜି ବିଶ୍ୱ ଡାକ ଦିବସ ହୋଇଥିବାରୁ ଡାକ ଟିକେଟ ସଂଗ୍ରହକ ପୁରୁଷୋତମ ଧଳ ବିଭିନ୍ନ ଦେଶର ଡାକ ଟିକେଟ ପ୍ରଦର୍ଶନ କରିଥିଲେ । ସମ୍ପାଦକ ଶ୍ରୀ ଧଳ ସ୍ୱାଗତ ସମ୍ଭାଷଣ, ଅତିଥି ପରିଚୟ ଓ ଶ୍ରୀକାନ୍ତ ଦାସ ଧନ୍ୟବାଦ ଦେଇଥିଲେ ।

## ଜୀଜ୍ଞାସା ପାଠାଗାର

ବନ୍ତ/ଆଗରପଡ଼ା: ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମହାନ ଜୀବନ ଦର୍ଶନରେ ଅନୁପ୍ରାଣିତ ହେଲେ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି ୧୪୮ତମ ଜୟନ୍ତୀ ଉତ୍ସବରେ ଉପସ୍ଥିତ ବ୍ୟକ୍ତିମାନେ ଆହ୍ୱାନ ଦେଇଛନ୍ତି । ଗୁରୁବାର ସକାଳ ୯ଟାରେ ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନିମାପଡ଼ାସ୍ଥିତ ଜିଜ୍ଞାସା ପାଠାଗାର ପକ୍ଷରୁ ସାମ୍ବାଦିକ ଜ୍ଞାନଦା କରଶର୍ମାଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ନାଗରିକ ରବିନ୍ଦ୍ର ରାଉତ, ଶିକ୍ଷକ ସୁଭେନ୍ଦୁ ବିଶ୍ୱାଳ, ନୀଳମଣି ରାଉତ, ବିଜୟ ଜେନା, ମାନସ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଶ୍ରଦ୍ଧା ଓ ଭକ୍ତି ସହକାରେ ଜୟନ୍ତୀ ଉତ୍ସବକୁ ପାଳନ କରିଥିଲେ ।

## ଶିକ୍ଷାବିତ୍ ନିତ୍ୟାନନ୍ଦ ବିଶ୍ୱାଳ ପାଠାଗାର

ଧାମନଗର: ଶାମପୁରସ୍ଥିତ ସରକାରୀ ହାଇସ୍କୁଲ ନିକଟରେ ଥିବା ଶିକ୍ଷାବିତ୍ ନିତ୍ୟାନନ୍ଦ ବିଶ୍ୱାଳ ପାଠାଗାରରେ ଆବାହକ ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସଡିପିଓ ଧାମନଗର ତ୍ରିଲୋଚନ ସେଠୀ, ବରେଣ୍ୟ ଓ ବିଶିଷ୍ଟ ଅତିଥି ଭାବେ ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ କର, ମହେଶ୍ୱର ସ୍ୱାଇଁ, ଶିକ୍ଷକ ଅଭିମନ୍ୟୁ ମଲ୍ଲିକ, ରାମଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ପରିଷଦର ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ଡ଼ା ହରପ୍ରିୟା ସେଠୀ, ଶିକ୍ଷୟତ୍ରୀ ସୁମତି ନାୟକ, ନିରାକାର ଧଳ, ହୃଷୀକେଶ ବେହେରା, ପ୍ରେସ କ୍ଲବ୍ ସାଧାରଣ ସମ୍ପାଦକ ସରୋଜ ସେଠୀ, ସାମ୍ବାଦିକ ସନ୍ତୋଷ ମହାପାତ୍ର, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି ଓ ରଞ୍ଜିତ ମହାନ୍ତି, ଯୁବ ନେତା ସୁଶାନ୍ତ ରାଉତ, ଯୁବ ସମାଜସେବୀ ସଞ୍ଜୟ ମିଶ୍ର, ରାଧେଶ୍ୟାମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ସାହିତ୍ୟିକ ତଥା ନାଟ୍ୟକାର କୁଳମଣି ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନଶିକ୍ଷକ ମନୋଜ ସିଂ ଧନ୍ୟବାଦ ଦେଇଥିଲେ ।

## ଶିଶୁ ମନ୍ଦିର

ଦୋବଲ: ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପ୍ରଧାନଆଚାର୍ଯ୍ୟ ନିରାକାର ଦାଶଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଗୋପାଳଚନ୍ଦ୍ର ବେହେରା, ସହସମ୍ପାଦକ ଦେବେନ୍ଦ୍ର ସାହୁ ଓ କୋଷାଧ୍ୟକ୍ଷ ପ୍ରତାପ ଆଢିଆ ଯୋଗ ଦେଇଥିଲେ । ଏହି ଅବସରରେ ଅଞ୍ଚଳର ବରିଷ୍ଠ, ବୃଦ୍ଧବୃଦ୍ଧା ଏବଂ ଭିନ୍ନକ୍ଷମଙ୍କୁ ବିଦ୍ୟାଳୟ ପକ୍ଷରୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ଗୁରୁଜୀ ଗୁରୁମା ଅଶୋକ ଶତପଥୀ, ପ୍ରକାଶଚନ୍ଦ୍ର ଜେନା, ଲଳିତା ମିଶ୍ର, ପ୍ରତିଭା ପାଣିଗ୍ରାହୀ, ମନୋରମା ନାୟକ, ସୁପ୍ରଭା ନାୟକ, ମନୋଜ ଜେନା, ହରିହର ପାତ୍ର, ବିନୋଦ ଦାଶ, ଗୀତାଞ୍ଜଳି ପରିଡ଼ା, ରଙ୍ଗଲତା ବେହେରା, ସସ୍ମିତା ସାହୁ, ବିଜୟଲକ୍ଷ୍ମୀ ଦାଶ, ସସ୍ମିତା ଜେନା, ନିଳିମା ମିଶ୍ର, ଦିପ୍ତିମୟୀ ବେହେରା, ସୁଚିସ୍ମିତା ବାରିକ, ଭାସ୍କର ସାହୁ, ଅଭିଜିତ ସାମଲ, ସୁରେନ୍ଦ୍ର ଜେନା, ବିନତା ଜେନା, ଅନ୍ନଦା ବେହେରା, ସ୍ଥିତିପ୍ରଜ୍ଞା ମିଶ୍ର, ଶ୍ରୀଲିପ୍ସା ସାହୁ, ବସୁନ୍ଧରା ରାଉଳ ପରିଚାଳନା କରିଥିଲେ ।



ଦୋବଲ




ଆଗରପଡା



ଧାମନଗର

## ହେଉନି ବୃକ୍ଷର ସୁରକ୍ଷା




ବାରିକପୁର, ୯।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଜଙ୍ଗଲ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଇଛି । ବ୍ଲକର ମଞ୍ଜୁରୀ, ମହାମାଲ୍ୟ, ବାଙ୍କମୁହାଁ, ରହଣିଆ, ନୂଆପୋଖରୀ ପ୍ରମୁଖ ଗ୍ରାମ୍ୟ ରାସ୍ତା ଓ କେନାଲ ରାସ୍ତା ପାର୍ଶ୍ୱରେ ଶହ ଶହ ଗଛ ଲଗାଯାଇଥିଲା । ବିଭାଗ ପକ୍ଷରୁ ଚଳିତ ବର୍ଷ ଓ ପୂର୍ବ ବର୍ଷ ଚାକୁଣ୍ଡା, ଲିମ୍ବ, କରଞ୍ଜ, ରାଧାଚୁଡା, କୃଷ୍ଣଚୂଡ଼ା, ବଉଳ, ଆମ୍ବ ପ୍ରମୁଖ ବୃକ୍ଷ ରୋପଣ ହୋଇଥିଲା । ଗଛ ଲଗାଇବା ପରେ ସେଥିରେ ବାଉଁଶ ପାତିଆ ମୋଡିଆ ମଧ୍ୟ ଦିଆଯାଇଥିଲା । ବନ୍ୟା ବାତ୍ୟା ନହୋଇ ସୁଦ୍ଧା ସେଥିରୁ ଅନେକ ଗଛ ନଷ୍ଟ ହୋଇଗଲାଣି । ବିଶେଷ କରି ଦିଆଯାଇଥିବା ବାଉଁଶ ପାତିଆ ମୋଡିଆ ନଷ୍ଟ ହେବା ପରେ ଗଛଗୁଡିକର ଆଉ ରକ୍ଷଣାବେକ୍ଷଣ ହୋଇପାରିନାହିଁ । ଗାଈଗୋରୁ ଅନେକ ଗଛକୁ ଖାଇ ଦେଇଥିବା ବେଳେ ବହୁମୂଲ୍ୟବାନ ବୃକ୍ଷ ମଧ୍ୟ ନଷ୍ଟ ହୋଇଯାଇଛି । ହାତଗଣତି କେତେକ ବୃକ୍ଷ ରହିଥିଲେ ସୁଦ୍ଧା ସେଗୁଡିକର ସଠିକ ସୁରକ୍ଷା ହୋଇପାରୁନାହିଁ । ବାଉଁଶ ପାତିଆ ତଳେ ଭାଙ୍ଗି ପଡ଼ିଥିବା ବେଳେ ଗଛ ମଧ୍ୟ ଶୋଇ ଗଲାଣି । ରାସ୍ତା ପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଓ ପରିବେଶ ସୁରକ୍ଷା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବିଭିନ୍ନ ଅଞ୍ଚଳରେ ଜଙ୍ଗଲ ବିଭାଗ ପକ୍ଷରୁ ପ୍ରତ୍ୟକ ବର୍ଷ ବୃକ୍ଷ ରୋପଣ ହେଉଥିଲେ ସୁଦ୍ଧା ଶତକଡା ୭୦ ଭାଗ ଗଛ ବିଭିନ୍ନ କାରଣରୁ ନଷ୍ଟ ହୋଇଯାଉଛି । ଯାହାକୁ ନେଇ ବୃକ୍ଷ ପ୍ରେମୀଙ୍କ ମଧ୍ୟରେ ଗଭୀର ଉଦବେଗ ପ୍ରକାଶ ପାଇଛି । ବୃକ୍ଷ ସୁରକ୍ଷା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ମା' ଗଜଲକ୍ଷ୍ମୀ ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଅସୁରାଳି, ୯ ।୧୦(ସମିସ): ପଙ୍ଗଟା ଘାଟକୁଳ ଗ୍ରାମର ମା' ଗଜଲକ୍ଷ୍ମୀ ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅଜୟ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଆରଏସଏସ୍‌ର ପ୍ରାକ୍ତନ ସଙ୍ଗଠନ ମନ୍ତ୍ରୀ ମନ୍ମଥ ମଲ୍ଲିକ, ଅଧ୍ୟାପକ ଶ୍ରୀଧର ସାହୁ, ପୂର୍ବତନ ସରପଞ୍ଚ ପ୍ରଦୀପ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ପୂଜା କମିଟିର ନିଶିକାନ୍ତ ନାୟକ ସଭାପତିତ୍ୱ କରିଥିଲେ । ସଭା ସଂଚାଳନା କରିଥିଲେ ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ ଦାସ । ଅତିଥି ପରିଚୟ ଦେଇଥିଲେ ସମ୍ପାଦକ ସୀମାଞ୍ଚଳ ଦାସ, ସ୍ୱାଗତ ଭାଷଣ ଦେଇଥିଲେ କାର୍ଯ୍ୟକାରୀ ସଭାପତି ରତିକାନ୍ତ ନାୟକ ଓ ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟକାରୀ ସମ୍ପାଦକ ଅରବିନ୍ଦ ଦାସ । ଏହି ଅବସରରେ ମା ନାରାୟଣୀ ଉଚ୍ଚ ବିଦ୍ୟାଳୟର ତାରିଣୀ ପ୍ରସାଦ ନାୟକ, ଅର୍ପିତା ଜେନା, ଗୋପବନ୍ଧୁ ନଗର ଉଚ୍ଚ ବିଦ୍ୟାଳୟର ସାଇ ଜ୍ୟୋତି ବେହେରା ଓ ରାଜ୍ୟ ସ୍ତରୀୟ ହ୍ୟାଣ୍ଡବଲ କ୍ରୀଡାରେ ଦିବ୍ୟଜ୍ୟୋତି ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



# ବେତଡ଼ାରେ ଜମୁଛି ଲକ୍ଷ୍ମୀପୂଜା ଗହଳି





ବାସୁଦେବପୁର, ୯।୧୦(ସମିସ)

ବାସୁଦେବପୁର ବ୍ଲକର ବରଣ୍ଡୁଆ ପଞ୍ଚାୟତର ବେତଡାର ପ୍ରସିଦ୍ଧ ଲକ୍ଷ୍ମୀପୂଜା ବେଶ ଧୁମଧାମରେ ପାଳିତ ହେଉଛି । ୧୦ ଦିନରୁ ଉର୍ଦ୍ଧ୍ୱ ଚାଲିବାକୁ ଥିବାରୁ ପୂଜାର ମାଆଙ୍କ ମୂର୍ତ୍ତି ଓ ସାଜସଜା ଦେଖିବାକୁ ବେଶ ଗହଳି ଆରମ୍ଭ ହୋଇଛି । ବେତଡା ବଜାର ସର୍ବପୁରାତନ ପୂଜା କମିଟି ୧୯୪୭ରେ ଆରମ୍ଭ ହୋଇ ତିନି ବର୍ଷ ହେଲା ମାଆଙ୍କ ମାର୍ବଲ ଖଚିତ ପ୍ରତିମୂର୍ତି ପୀଠ ଦେବୀ ଭାବେ ପ୍ରତିଦିନ ପୂଜା ପାଉଛନ୍ତି । ଏହି କମିଟିର ସଭାପତି ନଗେନ୍ଦ୍ର ବିଶ୍ୱାଳ ଥିବା ବେଳେ ସମ୍ପାଦକ ଭାବେ ସୁରେନ୍ଦ୍ରପ୍ରସାଦ ବେଜ ଦାୟିତ୍ୱ ତୁଲାଉଛନ୍ତି । କଚେରି ବଜାରରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁସଜ୍ଜିତ ରଙ୍ଗ ବେରଙ୍ଗର ଆଲୋକ ମାଳା ଭକ୍ତମାନଙ୍କୁ ଆକର୍ଷିତ କରୁଛି । ମୀନାବଜାର, ଦୋଳି ମଜା ନେଉଛନ୍ତି । ପାଗ ପ୍ରତିକୂଳ ଥିବାରୁ ଭକ୍ତମାନଙ୍କ ସଂଖ୍ୟା କମିଯାଇଛି । ଫାଷ୍ଟ ଫୁଡଠାରୁ ନାନା ପ୍ରକାର ଖାଦ୍ୟ ପାନୀୟ ମଜା ନେଉଛନ୍ତି ଯୁଗ ଗୋଷ୍ଠୀ । ସଭାପତି ବୈକୁଣ୍ଠ ପାକଳ ଥିବା ବେଳେ ସମ୍ପାଦକ ଶରତ କୁମାର ମୋହନୀ ଭାବେ କାର୍ଯ୍ୟ ତୁଲାଇଛନ୍ତି । ଗୋରୁହାଟ ପଡିଆରେ ଅନୁଷ୍ଠିତ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଧୁମଧାମରେ ପାଳିତ ହୋଇଛି । କମିଟିର ସଭାପତି ମନ୍ମଥ କୁମାର ନାୟକ ଓ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ସାହୁ ଦାୟିତ୍ୱ ତୁଲାଉଛନ୍ତି । ତାରିଣୀ ଛକ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀ ପୂଜା ବେଶ ଆଡମ୍ବର ସହିତ ପାଳିତ ହେଉଛି । କମିଟିର ସଭାପତି ମହେନ୍ଦ୍ର ବେହେରା ଓ ସମ୍ପାଦକ ଶଙ୍କର୍ଷଣ ବେହେରାଙ୍କ ନେତୃତ୍ୱରେ ଧୁମଧାମରେ ପାଳିତ ହେଉଛି ଲକ୍ଷ୍ମୀ ପୂଜା । ସେହିପରି ବାସୁଦେବପୁର ଅଟଳ ବିହାରୀ କଲେଜ ଛକରେ ପାଳିତ ହେଉଛି ଲକ୍ଷ୍ମୀ ପୂଜା । ପୂଜା ସହିତ ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି । ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଦୀନବନ୍ଧୁ ଦାସ, ମାନସ ରଞ୍ଜନ ସାହୁ ଓ ପ୍ରଫୁଲ୍ଲ ପଳିତା ପ୍ରମୁଖ ବିଭିନ୍ନ ପୂଜା ମଣ୍ଡପ ବୁଲି ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।

## ବୈତରଣୀ ମହୋତ୍ସବର ୩ୟ ସନ୍ଧ୍ୟା

# ଦିଗଦର୍ଶନ ଦେଲା ଚୈତନ୍ୟ ଦେବୀ ଦର୍ଶନ



ବାରିକପୁର, ୯ ।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ବାର୍ଷିକ ଗଜଲକ୍ଷ୍ମୀ ପୂଜା ଆଜି ୩ୟ ଦିନରେ ପହଞ୍ଚିଛି । ଏହି ଉପଲକ୍ଷେ ବୈତରଣୀ ମହୋତ୍ସବର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ ଉଦଘାଟନ କରିଥିଲେ । ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟରଙ୍କ ସମେତ ମୁଖ୍ୟ ବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ କାର୍ତ୍ତିକଚନ୍ଦ୍ର ସ୍ୱାଇଁ, ବରେଣ୍ୟ ଅତିଥି ଭାବେ ମହୋତ୍ସବ କମିଟି ସଂଯୋଜକ ଉତ୍କଳ କେଶରୀ ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଉତ୍କଳ କେଶରୀ ମହାନ୍ତି, କଣ୍ଠଶିଳ୍ପୀ ରାମନାରାୟଣ ମହାନ୍ତି, ସେକ ନିଜାମ, ଚିତ୍ରଶିଳ୍ପୀ କାଶିନାଥ ପରିଡା ପ୍ରମୁଖ ଯୋଗ ଦେଇଥିଲେ । ସାମ୍ବାଦିକ ଦୁର୍ଯୋଧନ ଲେଙ୍କା ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ରାଜେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଭଣ୍ଡାରିପୋଖରୀ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିକେ ସରସ୍ୱତୀଙ୍କ ସଂଯୋଜନାରେ ଆଧ୍ୟାତ୍ମିକ ଶିକ୍ଷା ଚୈତନ୍ୟ ଦେବୀ ଦର୍ଶନ ପ୍ରଦର୍ଶିତ ହୋଇଥିଲା । ବାଲେଶ୍ୱର ସାଇ ସମ୍ରାଟ ଅନୁଷ୍ଠାନ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା । ଜଗନ୍ନାଥ ବଜାର ବଣିକ ସଂଘ ସଦସ୍ୟମାନେ ପରିଚାଳନା କରିଥିଲେ ।

# ସହରର ବିଭିନ୍ନ ଔଷଧ ଡିପୋରେ ଚଢ଼ଉ

ବାଲେଶ୍ୱର,୯।୧୦(ସମିସ)

ବାଲେଶ୍ୱର ଡ୍ରଗସ୍ କଣ୍ଟ୍ରୋଲର ଟିମ୍ ପକ୍ଷରୁ ବାଲେଶ୍ୱର ଜିଲ୍ଲାରେ ଚଢ଼ଉ ସହ ଯାଞ୍ଚ ଜାରି ରହିଛି। ଆଜି ଟିମ୍ ପକ୍ଷରୁ ସହରର ବିଭିନ୍ନ ଔଷଧ ହୋଲସେଲର୍‌ରେ ଚଢ଼ଉ କରାଯାଇଛି। ପ୍ରାୟ ତିନୋଟି ଔଷଧ ହୋଲସେଲର୍ ରେ ଟିମ୍ ପକ୍ଷରୁ ଚଢ଼ଉ କରାଯାଇ ଯାଞ୍ଚ କରାଯାଇଛି। ଏଥିସହିତ କଫ ସିରପ ଓ ଔଷଧର ମାନ ଯାଞ୍ଚ ପାଇଁ ଆଜି ୧୧ଟି ଔଷଧ ନମୁନା ପରୀକ୍ଷା ପାଇଁ ଷ୍ଟେଟ୍ ଡ୍ରିଗ୍ସ ଟେଷ୍ଟିଙ୍ଗ ଆଣ୍ଡ ରିସର୍ଚ୍ଚ ଲାବୋରେଟୋରୀକୁ ପଠାଯାଇଛି। ତେବେ ଏହି ଯାଞ୍ଚ ବେଳେ ବିଭିନ୍ନ ଔଷଧ ହୋଲସେଲର୍‌କୁ ଆସୁଥିବା ଔଷଧ କମ୍ପାନୀ ବାବଦରେ ଯାଞ୍ଚ କରାଯାଇଛି। ମଧ୍ୟପ୍ରଦେଶ ତଥା ପାଖାପାଖି ଅଞ୍ଚଳର କୌଣସି ଔଷଧ କମ୍ପାନୀରୁ ଔଷଧ ଆସୁଛି କି ନାହିଁ ସେ ବାବଦରେ ଟିମ୍ ଦେଖିଥିଲା।

ସୂଚନାଯୋଗ୍ୟ, ମଧ ପ୍ରଦେଶର କଫ ସିରପ ଖାଇ ଦୁଇ ବର୍ଷର ପିଲା ମୃତ୍ୟୁବରଣ କରିଥିବା ଜାଣିବା ପରେ ଓଡ଼ିଶା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତତ୍ପରତା ଦେଖାଇଛି। ଓଡ଼ିଶା ଭେଷଜ ନିୟନ୍ତ୍ରକଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଭେଷଜ ନିରୀକ୍ଷକଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାର ତଥା ସହରର ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ କରି ବିଭିନ୍ନ କମ୍ପାନୀର କଫ ସିରପ କିଣା ଏବଂ ବିକ୍ରି ସମ୍ବନ୍ଧରେ ଯାଞ୍ଚ କରୁଛନ୍ତି। ପ୍ରଥମ ଦିନରେ ଶିଳ୍ପାଞ୍ଚଳ ଓ ଟାଉନ୍ ଥାନା ଅଧୀନ ଅଞ୍ଚଳରେ ଏହି ଯାଞ୍ଚ ପ୍ରକ୍ରିୟା କରାଯାଇଥିଲା। ବିଭିନ୍ନ ମେଡିକାଲ ଷ୍ଟୋର୍ ତଥା ପେଡିଆଟିକ ସ୍ପେଶାଲିଷ୍ଟଙ୍କ ଦୋକାନରେ ଏନେଇ ଯାଞ୍ଚ କରାଯାଇଛି। ଦୁଇ ବର୍ଷରୁ କମ୍ ପିଲାଙ୍କୁ କଫ ସିରପ ଦିଆଯିବା ନେଇ ନିଷେଧ କରିବା ସହ ଡାକ୍ତର ମଧ୍ୟ ଏହା ପ୍ରେସକ୍ରାଇବ୍ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଧ୍ୟ ପ୍ରଦେଶର କଫ ସିରାପ ବରଗଡକୁ ଆସିଛି ହେଲେ ବାଲେଶ୍ୱରକୁ ଆସିନଥିବା ଏହି ଯାଞ୍ଚରୁ ଜଣାପଡିଛି। ବର୍ତ୍ତମାନ ଯେଉଁ କଫ ସିରପ ଅଛି ତାହା ଦୁଇ ବର୍ଷ ବୟସରୁ କମ୍ ପିଲାଙ୍କ ପାଇଁ ବିକ୍ରି ମନା କରିବା ସହ ସେମାନଙ୍କୁ ଔଷଧ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୂଚନା ମିଳିଛି। ଡାକ୍ତର ସେମାନଙ୍କୁ ଔଷଧ ନ ହେଲେ ଅଲଗା ଡ୍ରପ ଦେଇପାରିବେ। ସେହିପରି ଗତକାଲି ଭୋଗରାଇ ବ୍ଲକର ବିଭିନ୍ନ ଔଷଧ ଦୋକାନରେ ଚଢ଼ଉ କରାଯାଇଥିଲା। ପାଖାପାଖି ୧୫ଟି ଦୋକାନରେ କଫ ସିରପ ଯାଞ୍ଚ କରାଯାଇଛି। ସେହିପରି ଆଜି ଟିମ୍ ପକ୍ଷରୁ ଆଜି ବାଲେଶ୍ୱର ସହରର ବିଭିନ୍ନ ଔଷଧ ହୋଲସେଲର୍‌ରେ ଚଢ଼ଉ କରାଯାଇଛି ଔଷଧ ଓ କଫ ସିରପର ମାନ ଯାଞ୍ଚ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ପାଖାପାଖି ତିନୋଟି ହୋଲସେଲର୍ ବା ଡିପୋରେ ଚଢଉ କରାଯାଇଛି। ଏହି ଯାଞ୍ଚ ସମୟରେ ଡ୍ରଗସ୍ ଇନ୍ସପେକ୍ଟର ମୋନାଲିସା ମଲ୍ଲିକ, ମୁକ୍ତିକାନ୍ତ ଶତପଥୀ, ଆସିଷ୍ଟାଣ୍ଟ ଡ୍ରଗ୍ କଣ୍ଟ୍ରୋଲର ନିହାରିକା ଦାଶ, ସଦର ଡ୍ରଗ ଇନ୍ସପେକ୍ଟର ଜୟଶ୍ରୀ ପାତ୍ର, ଅଫିସ ଆସିଷ୍ଟାଣ୍ଟ ବିନୟ କୁମାର ସେନାପତି, ମନୋଜ୍ ଧଳ ପ୍ରମୁଖ ଉପସ୍ଥିତ ଥିଲେ।



**୧୧ଟି ଔଷଧର ମାନ ପରୀକ୍ଷା ପାଇଁ ନମୁନା ପଠାଗଲା**

# କଳାକାର ସଂଘ ପକ୍ଷରୁ ସମୂହ ଦୀପଦାନ



ବାଲେଶ୍ୱର,୯।୧୦(ସମିସ): ଅଭିନେତା ତଥା ମହାକାଳର ପ୍ରଯୋଜକ ଓ ନିର୍ଦ୍ଦେଶକ ଦେବବ୍ରତ ପ୍ରଧାନ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡିବାରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଆଜି ବାଲେଶ୍ୱର କଳାକାର ସଂଘ ପକ୍ଷରୁ ଏଡ଼ିଏମ ଛକଠାରେ ଥିବା ରାଧାକୃଷ୍ଣ ମନ୍ଦିରରେ ପୂଜା ଅର୍ଚ୍ଚନା କରାଯିବା ସହିତ ସମୂହ ଦୀପ ଦାନ କରାଯାଇଛି। ଏଥିରେ ସଂଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ମାଧବ ପରିଡ଼ା, ପଣ୍ଡିତ ଡ. ମନ୍ମଥ ମିଶ୍ର, ଅଭିନେତା ରାଜେନ୍ଦ୍ର ରାଉତ, କବି ଅଭୟ ଦାସ, ମନୋରଞ୍ଜନ ଦାସ, ସୁଶାନ୍ତ ଶତପଥି, ସୁବାସ ରାମ, ଚକ୍ରଧର ବେହେରା, ରାମଚନ୍ଦ୍ର ପାତ୍ର, ରାମଚନ୍ଦ୍ର ପାଢ଼ୀ, ପ୍ରମୋଦ ସାହୁ, ଦେବାଶିଷ ରାୟ, ରାମଚନ୍ଦ୍ର ମହାପାତ୍ର, ଲୋକନାଥ ପିରି, ଦୈତାରୀ ଦାସ, ସୁଜୟ ବାରିକ, ପ୍ରତ୍ୟକ୍ଷା, ବିଦ୍ୟାଧର ପ୍ରମୁଖ ଉପସ୍ଥିତ ପ୍ରଭୁ ରାଧାକୃଷ୍ଣଙ୍କ ଠାରେ ଶ୍ରୀ ପ୍ରଧାନଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରିଥିଲେ। ଶ୍ରୀ ପ୍ରଧାନ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇ ଗୁରୁତର ଅବସ୍ଥାରେ ବର୍ତ୍ତମାନ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ସାମୁଦ୍ରିକ ଜୈବ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର,୯।୧୦(ସମିସ): ବନ୍ୟପ୍ରାଣୀ ସପ୍ତାହର ଶେଷଦିନରେ ଆସୋସିଏସନ୍ ଫର୍ ବାଇଓଡାଇଭର୍ସିଟି କଞ୍ଜର୍ଭେସନ (ଏବିସି), ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ବନ ବିଭାଗର ମିଳିତ ସହଯୋଗରେ ଏକ ଜନସଚେତନତା ଓ ନୀଳରକ୍ତ କଙ୍କଡ଼ା ଉଦ୍ଧାର କାର୍ଯ୍ୟକ୍ରମ ସଦର ବ୍ଲକର ଖାଣ୍ଡିଆ, ଖାପରା ଓ ମହିଶାଳୀ ମୁହାଣରେ ପାଳିତ ହୋଇଯାଇଛି। ମହୀଶାଳୀ ମୁହାଣରେ ଗୁରୁ ଜୁଆରରେ ଅଣ୍ଡା ଦେବା ପାଇଁ କୂଳକୁ ଆସିଥିବା ହଳ ହଳ ନୀଳରକ୍ତ କଙ୍କଡ଼ାକୁ ଗଣି ପରିସଂଖ୍ୟାନ କରାଯାଇଥିଲା। ଏବିସିର କାର୍ଯ୍ୟକାରୀ ସଦସ୍ୟା ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ଫେଲୋ ଉପାସନା ପଟ୍ଟନାୟକଙ୍କ ସ୍ଥାନୀୟ ଲୋକମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଭାର ସଭାପତି ଭାବେ ଏବିସିର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିବା ବେଳେ ମୁଖ୍ୟଅତିଥି ଚାନ୍ଦିପୁର ରେଞ୍ଜର ଆଇଷା ନିଶା ଗ୍ରାମବାସୀଙ୍କୁ ବିରଳ ନୀଳରକ୍ତ କଙ୍କଡ଼ା ଓ ଝାଉଁ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ନେବାକୁ ପରାମର୍ଶ ଦେଇଥିଲେ। ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚର ସଭାପତି ଶିଳ୍ପୀ କେଶୁଦାସ ସୁରକ୍ଷାର ସଂସ୍କୃତି ବିଷୟରେ ଆଲୋକପାତ କରିଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଜୁଲୋଜୀ ବିଭାଗର ସହକାରୀ ପ୍ରଫେସର ଡ ନିଳାଦ୍ରୀ ଭୂଷଣ କର ଆଲୋକପାତ କରିଥିଲା। ଶେଷରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୋଜେକ୍ଟ ଫେଲୋ ସୌମ୍ୟରଞ୍ଜନ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ଜୁଲୋଜୀ ବିଭାଗର ବହୁ ଛାତ୍ରଛାତ୍ରୀ ଓ ସ୍ଥାନୀୟ ମତ୍ସ୍ୟଜୀବୀ ସୁଶାନ୍ତ ଦାସ, ଶୁକ୍ଳା ଦଲେଇ, ବିକ୍ରମ ସୋରେନ, ଶମ୍ଭୁ ନାଥ ଦଲେଇ, କମଳାକାନ୍ତ ହାଜରା ପ୍ରମୁଖ ଯୋଗ ଦେଇଥିଲେ। ପରେ ପରେ ଖାପରା ମୁହାଣ ଓ ମହୀଶାଳୀ ମୁହାଣରେ ନୀଳରକ୍ତ କଙ୍କଡ଼ାର ପରିସଂଖ୍ୟାନ କରିବା ସହ ଜାଲରେ ଛନ୍ଦି ମୃତ୍ୟୁମୁଖରେ ପଡ଼ିଥିବା ନୀଳରକ୍ତ କଙ୍କଡ଼ା ଦମ୍ପତିଙ୍କୁ ଉଦ୍ଧାର କରାଯାଇ ପାଣିରେ ଛଡ଼ାଯାଇଥିଲା। ଏଥିସହ ଜାଲରେ ଧରୁଥିବା ମତ୍ସ୍ୟଜୀବୀମାନଙ୍କ ପାଖରୁ ଅନ୍ୟାନ୍ୟ ଉପକାରୀ ଜଳଜୀବକୁ ଉଦ୍ଧାର କରାଯାଇ ପାଣିରେ ଛଡ଼ାଯାଇଥିଲା।

## ୧୨ ଲକ୍ଷର ବ୍ରାଉନସୁଗର ଜବତ, ଜଣେ ଗିରଫ

ବାଲେଶ୍ୱର,୯।୧୦(ସମିସ): ବାଲେଶ୍ୱର ସହଦେବଖୁଣ୍ଟା ଥାନା ପୁଲିସ ଗୁରୁବାର ଅରଡ଼ବଜାର ମସଜିଦ ଗଳି ନିକଟରୁ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମସଜିଦ ଗଳି ଅଞ୍ଚଳର ମଣ୍ଟୁ ତରେଇଠାରୁ ୧୨୧.୨ ଗ୍ରାମ୍ ବ୍ରାଉନସୁଗର ସହ ୨୧ଶହ ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି। ମସଜିଦ ଗଳି ଠାରେ ବ୍ରାଉନସୁଗର କାରବାର ହେଉଥିବା ପୁଲିସ ପାଖରେ ଖବର ଥିଲା। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଆଇଆଇସି ଅଜୟ କୁମାର ମୁର୍ମୁ, ଏସ୍‌ଆଇ ଆଲୋକ କୁମାର ଜେନା ପ୍ରମୁଖ ସଦଳେବଳେ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ଅଭିଯୁକ୍ତ ମଣ୍ଟୁ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳରୁ ବ୍ରାଉନସୁଗର ଆଣି ଅରଡ଼ବଜାରରେ କାରବାର ଚଳାଇ ଆସୁଥିଲା। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଉପଲକ୍ଷେ ସଚେତନତା



ବାଲେଶ୍ୱର,୯।୧୦(ସମିସ): 'ଜାତୀୟ ବନ୍ୟପ୍ରାଣୀ ସପ୍ତାହ୨୦୨୫' ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସମାଜ କାର୍ଯ୍ୟ ବିଭାଗ ପକ୍ଷରୁ ନୀଳଗିରି ବ୍ଲକର କୁଲଡିହା ବନାଞ୍ଚଳସ୍ଥିତ ଅଭୟାରଣ୍ୟ, ସଂଲଗ୍ନ ଅଞ୍ଚଳର ଖୁମକୁଟ ଓ ଗୁଡିଖଲା ଗ୍ରାମରେ, ଗୋଷ୍ଠୀ-ସଂପର୍କ, ଜନଜାଗରଣ ଓ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚଳିତବର୍ଷ ବନ୍ୟପ୍ରାଣୀ ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା 'ମାନବବନ୍ୟଜୀବ ସହ-ଅସ୍ତିତ୍ୱ'କୁ ନେଇ ସଚେତନଶୀଳ ବାର୍ତ୍ତା ପହଞ୍ଚାଇବା। ବିଶ୍ୱବିଦ୍ୟାଳୟର ଏହି ସଚେତନତା ଅଭିଯାନ ଏହି ଭାବନା ସହ ସମନ୍ୱୟ ରଖି ଗ୍ରାମୀଣ ସମୁଦାୟ ଓ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକଳାପ କରାଗଲା। କାର୍ଯ୍ୟକ୍ରମଟି ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଏବଂ ସମାଜ କାର୍ଯ୍ୟ ବିଭାଗର ସହାୟକ ଅଧ୍ୟାପିକା ରଶ୍ମିରେଖା ରାଉତଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗ ସଂଯୋଜିକା ଡ. ଗ୍ରେସ ବି. ମୁଣ୍ଡୁ ଓ ସହକାରୀ ଅଧ୍ୟାପିକା ସୁପ୍ରିୟା ରାଉତ ସକ୍ରିୟ ଭାବେ ଅଂଶଗ୍ରହଣ କରି ଗ୍ରାମବାସୀଙ୍କୁ ବନ ଓ ବନ୍ୟଜୀବ ସଂରକ୍ଷଣ ପ୍ରତି ସଜାଗ ତଥା ଦାୟିତ୍ୱବାନ ହେବା ପାଇଁ ପ୍ରେରିତ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବନ୍ୟପ୍ରାଣୀ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ମନୋରଞ୍ଜନ ଦାସ ଆମନ୍ତ୍ରିତ ବକ୍ତା ଭାବେ ଯୋଗଦେଇ ସମୁଦାୟ ଭିତ୍ତିକ ବନ୍ୟଜୀବ ସଂରକ୍ଷଣ ଉଦ୍ୟମର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସ୍ଥାନୀୟ ସହଯୋଗୀ ଭାବେ ଗୁଡିଖଲା ପ୍ରାଥମିକ ବିଦ୍ୟାଳୟର ମୁଖ୍ୟ ଶିକ୍ଷିକା ସୁକାନ୍ତି ସିଂହ ଓ ଶିକ୍ଷକମାନେ ବିଶ୍ୱବିଦ୍ୟାଳୟ ସହ ସମ୍ମିଳିତ ହୋଇ ଏହି ଅଭିଯାନକୁ ଅଧିକ ସମାବେଶୀ ଓ ସଫଳ କରିଥିଲେ।

# ସୁରେନ୍ଦ୍ର ନାଥ ଦାସଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ



ବାଲେଶ୍ୱର,୯ ।୧୦(ସମିସ): ବିଦ୍ୟୁତ୍ ବିଭାଗର ଅବସରପ୍ରାପ୍ତ ମହାପ୍ରବନ୍ଧକ ଇଂ. ସୁରେନ୍ଦ୍ର ନାଥ ଦାସଙ୍କ ଲିଖିତ ୬ଖଣ୍ଡ ପୁସ୍ତକ ବାଲେଶ୍ୱର ସହରର ଆତିଥ୍ୟ ଭବନ ପରିସରରେ ଲୋକାର୍ପିତ ହୋଇଯାଇଛି। ଏହାକୁ ମିଶାଇ ମୋଟ ୫୦ଖଣ୍ଡ ବହି ଲୋକାର୍ପିତ ହୋଇସାରିଛି। ସତ୍ୟଭାମା ଦାସଙ୍କ ଦ୍ୱାରା ପ୍ରକାଶିତ ୬ଟି ପୁସ୍ତକ ମଧ୍ୟରେ ଅମର ପ୍ରେମ (ଉପନ୍ୟାସ), ଶକୁନ୍ତଳା (ଉପନ୍ୟାସ), ବିଧିର ବିଧାନ (ଉପନ୍ୟାସ), ମିଛ ମାୟା ସଂସାର(କବିତା), ରୁକ୍ମିଣୀ (ଉପନ୍ୟାସ) ଓ ସମୟ ବଡ ବଳବାନ (କାହାଣୀ) ଆଦି ଉନ୍ମୋଚିତ ହୋଇଥିଲା। ସହାୟକର ସଭାପତି ଡ. କ୍ଷିତୀଶ୍ୱର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଲୋକାର୍ପଣ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ପୁସ୍ତକଗୁଡ଼ିକୁ ଉନ୍ମୋଚନ କରିବା ସହ ଇଂ ଦାସଙ୍କ ସାରସ୍ୱତ ପ୍ରତିଭାକୁ ପ୍ରଶଂସା କରିଥିଲେ। ଏଥିରେ ପୁସ୍ତକ ସମୀକ୍ଷା ତଥା ମୁଖ୍ୟ ବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ ନିଜର ମତ ରଖିଥିଲେ। ବରେଣ୍ୟ ଅତିଥି ଭାବେ ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ ଶିରିଶଚନ୍ଦ୍ର ଜେନା, ନେସ୍କୋର ମୁଖ୍ୟଯନ୍ତ୍ରୀ ଇଂ ରାଜୀବ କୁମାର ନାୟକ, ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଦ୍ୟାଳୟର ବିକେ ମିନତୀ ଭଉଣୀ, ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ ସୁବାସଚନ୍ଦ୍ର ପାତ୍ର, ବିଶିଷ୍ଟ ଲେଖିକା ସୁଶ୍ରୀ ଅରୁଣା ରାୟ, ଇଂଜିନିୟର୍ସ ଫୋରମର ସମ୍ପାଦକ ଇଂ ହୃଷିକେଶ ସାହୁ, ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ସଭାପତି ଇଂ ବନମାଳୀ ନାୟକ ପ୍ରମୁଖ ଯୋଗଦେଇ ଇଂ. ଦାସଙ୍କ ସାହିତ୍ୟାକୃତି ବେଶ ପ୍ରଶଂସନୀୟ ବୋଲି କହିଥିଲେ। ଇଂ ସୁରେନ୍ଦ୍ର ନାଥ ଦାସ ନିଜର ଲେଖକୀୟ ଅନୁଭୂତି ସମ୍ପର୍କରେ କଥା ରଖିଥିବା ବେଳେ ଇଂ ଶ୍ରୀତମ କୁମାର ପାଣିଗ୍ରାହୀ ମଞ୍ଚ ଆହ୍ୱାନ ଓ ସଂଯୋଜନା କରିଥିଲେ। ଗୋପାଳ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ସତ୍ୟେନ୍ଦ୍ର ନାଥ ଦାସ ଧନ୍ୟବାଦ ଦେଇଥିଲେ।

# ବିଶ୍ୱ ଡାକ ଦିବସ ପାଳିତ



ବାଲେଶ୍ୱର,୯ ।୧୦(ସମିସ): ବାଲେଶ୍ୱରସ୍ଥିତ ମୁଖ୍ୟ ଡାକଘର ପରିସରରେ ଆଜି ବିଶ୍ୱ ଡାକ ଦିବସ ପାଳିତ ହୋଇଯାଇଛି। ଡାକ ଅଧୀକ୍ଷକ ତାପସ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦିବସରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ଜିତେନ୍ଦ୍ର ନାଥ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଡାକ ବିଭାଗର ଏଏସପି ସପନ କୁମାର ପାଣିଗ୍ରାହୀ ଯୋଗଦେଇ ୧୮୭୪ମସିହାରେ ସୁଇଜରଲାଣ୍ଡରେ ଗଠିତ ୟୁନିଭରସାଲ ପୋଷ୍ଟାଲ ୟୁନିୟନର ସ୍ଥାପନାକୁ ସ୍ମରଣ କରିଥିଲେ। ୧୯୬୯ମସିହା ଆଜିର ଦିନରେ ପ୍ରଥମଥର ପାଇଁ ବିଶ୍ୱ ଡାକ ଦିବସ ପାଳନ କରାଯାଇଥିଲା। ଏଣୁ ଆଜି ହେଉଛି ୫୬ତମ ବିଶ୍ୱ ଡାକ ଦିବସ। ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ମୁଖ୍ୟ ଡାକ ଘରର ପୋଷ୍ଟମାଷ୍ଟର ଉମେଶଚନ୍ଦ୍ର ବେହେରା ମତ ରଖିଥିଲେ। ବାଲେଶ୍ୱର ଡିଭିଜନର ଅଫିସ ସୁପରଭାଇଜର ଉତ୍ପଳ କୁମାର ଭଟଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଉଟଡୋର ଏଏସପି ରମେଶଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଭାରତୀୟ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ

ବାଲେଶ୍ୱର,୯।୧୦(ସମିସ): ଭାରତୀୟ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ସମିତିର ସମ୍ପାଦକ ପ୍ରଭଞ୍ଜନ ପାଢ଼ୀ ଓ କୋଷାଧ୍ୟକ୍ଷ ଅକ୍ଷୟ କୁମାର ପଣ୍ଡା ଗାନ୍ଧୀସ୍ମୃତି ଭବନସ୍ଥିତ ପାର୍କରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନଗର ସେବା ପ୍ରମୁଖ ହୃଦାନନ୍ଦ ନାୟକ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସେବା ପ୍ରମୁଖ ହେମନ୍ତ ମହାନ୍ତି, ଜିଲ୍ଲା କୁଟୁମ୍ବ ପ୍ରବୋଧନ ପ୍ରମୁଖ ଭାସ୍କର ଚନ୍ଦ୍ର ରଥ, ନଗର କାର୍ଯ୍ୟବାହ ରମେଶ ମହାକୁଡ଼, ସହ ନଗର କାର୍ଯ୍ୟବାହ ରମାକାନ୍ତ ଜେନା ଓ ନଗର ବୌଦ୍ଧିକ ପ୍ରମୁଖ ଅଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର,୯।୧୦(ସମିସ): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରଦ୍ଧା ସୁମନ ଜ୍ଞାପନ କରାଯାଇଥିଲା। ୟୁନିଅନର ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସମବାୟବିତ ଅଜୟ ସାମଲ ଗୋପବନ୍ଧୁ ସେବା ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି କହିଥିଲେ। ୟୁନିଅନର ସଦସ୍ୟ ଅଜିତ କୁମାର ମହାନ୍ତି ଉଦବୋଧନ ଦେଇଥିଲେ। ୟୁନିଅନର ଟାଉନ ସଂଯୋଜକ ହାଇଦର ଖାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବାବେଳେ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ସଦସ୍ୟ ସୋମନାଥ ସାହୁ, ସେକ ନଜୀମ ପ୍ରମୁଖ ଉପସ୍ଥିତ ଥିଲେ।

# ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ବିକ୍ଷୋଭ

ବାଲେଶ୍ୱର,୯ ।୧୦(ସମିସ)




ଓଡ଼ିଶାର ମିଶନ ଶକ୍ତି ବିଭାଗ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶର ନଗ୍ନ ଅବମାନନା ଭଳି ଅପରାଧ କରି ଆଇନର ଶାସନକୁ ଧୂଳିସାତ କରୁଥିବା ଅଭିଯୋଗରେ ଆଜି ବାଲେଶ୍ୱର ଜିଲ୍ଲାର ହଜାର ହଜାର ମିଶନ ଶକ୍ତି ଇସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଓଡ଼ିଶା ହାଇକୋର୍ଟଙ୍କ ଆଦେଶ ଅବମାନନା ବନ୍ଦ କରିବା ପାଇଁ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଏହି ବିକ୍ଷୋଭ ସମାବେଶରେ କୁହାଯାଇଛି ଯେ ଓଡ଼ିଶାରେ ମିଶନଶକ୍ତି ଅଧିନରେ ବିଭିନ୍ନ ମହିଳା ଗୋଷ୍ଠୀ ସଙ୍ଗଠନ ମାଧ୍ୟମରେ ଜୀବିକା ମିଶନ ସ୍କିମ କାର୍ଯ୍ୟକାରୀ କରାଯାଉଥିବା ବେଳେ ମହିଳା ଗୋଷ୍ଠୀଙ୍କ ଦ୍ୱାରା ମନୋନୀତ ଇସି ସଦସ୍ୟମାନେ ଏହି ସ୍କିମରେ ଶ୍ରମିକ ଭାବେ ସ୍କିମ କାର୍ଯ୍ୟକାରୀ ହେବା ଠାରୁ କରିଆସୁଛନ୍ତି। ମିଶନ ଶକ୍ତିର କଥିତ ଗାଇଡଲାଇନରେ ପ୍ରତି ଦୁଇ ବର୍ଷକୁ ଥରେ ପୁନର୍ଗଠନ ସମ୍ପର୍କରେ ଉଲ୍ଲେଖ ଥିଲେ ମଧ୍ୟ ଗତ ୨୩ବର୍ଷ ଧରି ଏଭଳି ପୁନର୍ଗଠନ କେବେ କାର୍ଯ୍ୟକାରୀ ହୋଇନାହିଁ। ୨୦୨୨ ଅକ୍ଟୋବର ମାସରେ ବିଭାଗର ଏକ ସର୍ବୋଚ୍ଚ ସମ୍ମିଳନୀର ନିଷ୍ପତ୍ତି ଭିତିରେ ପୁନର୍ଗଠନ ଆବଶ୍ୟକତା ନାହିଁ ବୋଲି ନିଷ୍ପତ୍ତି ହେବା ସହ ଏହା ସରକାରୀ ନିର୍ଦ୍ଦେଶ ଭାବେ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ଜାନୁଆରୀ ମାସରେ ସରକାରୀ ନିୟମକାନୁନ ନ ମାନି ମନମୁଖୀ ଭାବେ ପୁନର୍ଗଠନ ଗାଇଡଲାଇନ ନିୟମାବଳୀକୁ ଅପବ୍ୟହାର କରି ଲକ୍ଷ ଲକ୍ଷ କାର୍ଯ୍ୟରତ ମହିଳା କର୍ମୀଙ୍କୁ ବାହାର କରି ମହିଳା ଗୋଷ୍ଠୀଙ୍କ ମଧ୍ୟରେ ଅସ୍ଥିରତା ସୃଷ୍ଟି କରିବା ସହ ଜୀବିକା ମିଶନର ମହାଦ୍ରୁମକୁ ଧ୍ୱଂସ କରିବାରେ ଲାଗିଛନ୍ତି। ଏହି ବେନିୟମ ନିର୍ଦ୍ଦେଶ ଉପରେ ହାଇକୋର୍ଟ ପ୍ରଥମେ ଚଳିତ ବର୍ଷ ଏପ୍ରିଲ ୧୭ ତାରିଖରେ ରହିତାଦେଶ ଦେବାପରେ ମଧ୍ୟ ବିଭାଗ ପକ୍ଷରୁ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ପୁନର୍ଗଠନ କାର୍ଯ୍ୟ ବଜାୟ ରଖିଥିଲେ। ଏହାପରେ ପୁଣି ଗତ ମାସ ୧୯ ତାରିଖରେ କୋର୍ଟରେ ପୁନର୍ଗଠନ କାର୍ଯ୍ୟକାରୀ ନକରିବା ପାଇଁ ବିଭାଗ ପକ୍ଷରୁ ଅଣ୍ଡର ଟେକିଂ ଲେଖି ଆସିଥିଲେ ବି ବିଭାଗୀୟ ଅଧିକାରୀମାନେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖୋଲାଖୋଲି ଅବମାନନା କରିଚାଲିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ପୁନରଗଠନ, ଆଂଚଳିକ ମଂଚର ପୁନର୍ଗଠନ, ଜିପିଏଲଏଫ ଓ ବିଏଲଏଫର ବ୍ୟାଙ୍କ ଜମା ଖାତା ପରିଚାଳନାରେ ସଭାପତି ଓ ସମ୍ପାଦକଙ୍କ ସ୍ୱାକ୍ଷରକୁ ବାଦ ଦେଇ ବିଭାଗୀୟ ଅଧିକାରୀମାନଙ୍କ ସ୍ୱାକ୍ଷରକୁ ସାମିଲ କରାଇବା ଘଟଣା କେବଳ କୋର୍ଟଙ୍କ ଆଦେଶକୁ ଅବମାନନା କରିବା ଭିତରେ ସୀମିତ ନୁହେଁ ବରଂ ଗଣତନ୍ତ୍ରର ଆଇନର ଶାସନକୁ ପଦାଘାତ କରିଚାଲିଛନ୍ତି ବୋଲି ଅଭିଯୋଗ କରାଯାଇଛି। ଏହାଛଡା କୋର୍ଟ ନିର୍ଦ୍ଦେଶକୁ ଅବମାନନା ଓ ଆଇନର ଶାସନକୁ କଠାରଘାତ କରିବା ବନ୍ଦ ନ କରିଲେ ବିଭାଗର ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ ବୋଲି ମଧ୍ୟ ଚେତାବନି ଦେଇଛନ୍ତି। ଏହି ବିକ୍ଷୋଭରେ ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ, ଜିଲ୍ଲା ସଭାପତି ପ୍ରଭାତୀ ସାହୁ, ସମ୍ପାଦକ ସ୍ମାରକୀ ସ୍ୱାଇଁ, କୋଷାଧ୍ୟକ୍ଷ ମନୋରମା କମିଲା, ରାଜ୍ୟ ଉପସଭାପତି ତନ ସିଟ, ଏଆଇଟିୟୁସି ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ରାଜ୍ୟ ଉପ ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ସମାଜସେବୀ ଅରୁଣ ଜେନା, ବିଜୟ କୁମାର ସେଠୀ, ଲକ୍ଷ୍ମୀପ୍ରିୟା ଦାସ, ମମତା ରାଣୀ ଦାସ, ସ୍ନେହଲତା ବେହେରା, ଶାନ୍ତିଲତା ଦାସ, ସ୍ୱର୍ଣ୍ଣକାନ୍ତୀ ମହାପାତ୍ର, ସୁଚରିତା କର ପ୍ରମୁଖ ବକ୍ତବ୍ୟ ଦେଇ କ୍ଷୋଭ ପ୍ରକାଶ କରିବା ସହିତ ପୁନର୍ଗଠନ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଦାବି କରିଥିଲେ। ଜିଲ୍ଲା କମିଟି ପକ୍ଷରୁ ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କୁ ପ୍ରଦାନ କରିଥିଲେ।

## ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଦସ୍ତଖତ ଅଭିଯାନ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୯।୧୦ (ସମିସ)

ଜଳେଶ୍ୱର-ପଶ୍ଚିମବାଡ ରାସ୍ତାର ଜଳେଶ୍ୱର ଷ୍ଟେସନସ୍ଥିତ ଉତ୍ତର କ୍ୟାବିନ ନିକଟ ଏଲସି-୪୬ ନିକଟରେ ଏକ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଜଳେଶ୍ୱର ବରିଷ୍ଠ ନାଗରୀକ ସୁରକ୍ଷା ମଞ୍ଚ ପକ୍ଷରୁ ଆଜି ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମ ଦିବସ ଅବସରରେ ତାଙ୍କର ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଉତ୍ତର କେବିନ ନିକଟରୁ ଏହି ଦସ୍ତଖତ ଅଭିଯାନର ଆରମ୍ଭ କରାଯାଇଛି। ଏହି ଅଭିଯାନ ଆଜି ଆରମ୍ଭ ହୋଇ ଜଳେଶ୍ୱରର ପ୍ରତି ପଂଚାୟତ ଓ ସହର ମଧ୍ୟରେ ଚାଲିବ ବୋଲି ସୂଚନା ଦିଆଯାଇଛି। ସୂଚନାନୁଯାୟୀ ଏହି ରେଳ ଫାଟକ ଉପରେ ଜଳେଶ୍ୱର ବ୍ଲକର ୧୧ଟି ପଂଚାୟତ ଓ ଜଳେଶ୍ୱର ପୌରାଂଚଳର ୨ଟି ୱାର୍ଡର ଜନସାଧାରଣ ସହିତ ଭୋଗରାଇ, ବସ୍ତା ଓ ବାଲିଆପାଳ ଅଂଚଳର ହଜାର ହଜାର ଜନସାଧାରଣ ଯାତାୟତ କରୁଥିବା ବେଳେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ବହୁସମୟରେ ଏହି ରେଳ ଫାଟକ ବନ୍ଦ ରହୁଥିବାରୁ ରୋଗୀ, ବ୍ୟବସାୟୀ, ଚାଷୀ, ସ୍କୁଲ କଲେଜର ଛାତ୍ରଛାତ୍ରୀ ଓ ଅଫିସର କର୍ମଚାରୀମାନେ ଘଣ୍ଟା ଘଣ୍ଟା ଧରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଦୀର୍ଘ ଦିନଧରି ଏଠାରେ ଏକ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଶେଷରେ ବରିଷ୍ଠ ନାଗରିକ ସୁରକ୍ଷା ମଂଚ ପକ୍ଷରୁ ଏହି ଜନ ସଚେତନତା ଓ ସରକାରଙ୍କୁ ଜଣାଇବା ପାଇଁ ଜନସାଧାରଣଙ୍କ ଦସ୍ତଖତ ଅଭିଯାନର ପ୍ରୟାସ ବୋଲି ମଂଚ ପକ୍ଷରୁ କୁହାଯାଇଛି। ଏହି ଅଭିଯାନକୁ ମଞ୍ଚର ସଭାପତି ଡ. ରମାକାନ୍ତ ଭଂଜ ଶୁଭାରମ୍ଭ କରିଥିବା ବେଳେ ମଂଚର ସମ୍ପାଦକ ଲଳିତ ରଂଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ମିଶ୍ର, ଉପସଭାପତି କପିଳେଶ୍ୱର ମହାନ୍ତି, ଶ୍ରୀମନ୍ତ ଘୋଷ, ଦିଲ୍ଲୀପ ଗିରି, କମଳ ଚକ୍ରବର୍ତୀ, ସିତାଂଶୁ ସେନାପତି, ସିଦ୍ଧେଶ୍ୱର ତ୍ରିପାଠୀ, ଅବଦୁଲ ସମତ ଖାଁ, ସୁନୀଲ ନାୟକ, ବିକାଶ ଧର, ଭାଗବତ ପରିଡା, ଅଜିତ ମହାନ୍ତି, ସୁଧୀର ମହାନ୍ତି, ସୁଧୀର କର, ଜ୍ୟୋତିଷ ଚନ୍ଦ୍ର କର, ଡ. ପ୍ରଭାସ ଚନ୍ଦ୍ର ଗିରି, କାଳିଚରଣ ପୃଷ୍ଟି, ସୁନୀଲ ଗିରି, ଗିରିଧାରୀ ବେହେରା ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।



## ମଉଡମଣୀ ହାଇସ୍କୁଲରେ ବିଜ୍ଞାନ ସେମିନାର




ସୋର, ୯।୧୦(ସମିସ): ସୋର ପୌର ପାଳିକା ଅନ୍ତର୍ଗତ ବାରାପୁର ମଉଡମଣୀ ସରକାରୀ ହାଇସ୍କୁଲରେ ସୋର ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର -୨୦୨୫ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜ୍ଞାନ ସଂଯୋଜକ ନିରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସେମିନାରକୁ ସୋର ବ୍ଲକ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀ ଉଦଘାଟନ କରି ସେମିନାରର ଉଦେଶ୍ୟ ଏବଂ ଉପାଦେୟତା ସମ୍ପର୍କରେ ନିଜର ଅଭିମତ ଉପସ୍ଥାପନ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୩୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ନଦୀଗାଁ ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ପ୍ରସନ୍ନଜିତ ଜେନା ପ୍ରଥମ, ସତ୍ୟାନନ୍ଦ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ର କୌଶିକ କର ଦ୍ୱିତୀୟ ଏବଂ ମଉଡମଣୀ ସରକାରୀ ହାଇସ୍କୁଲର ଛାତ୍ର ଜିଜ୍ଞାସା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଜୟ କୁମାର ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷାଧିକ ଟଙ୍କାର ବାଣ ଜବତ



ଚନ୍ଦନେଶ୍ୱର, ୯।୧୦ (ସମିସ) : ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନ ବିହାରୀ ଶତପଥିଙ୍କ ନେତୃତ୍ୱରେ ପୁଲିସ ଚଢ଼ଉ କରି ବାଲେଶ୍ୱର ଜିଲ୍ଲାର ଭୋଗରାଇ ଥାନା ଅନ୍ତର୍ଗତ ଜଳସହୋରିଆ ଗ୍ରାମପଞ୍ଚାୟତର ବହଳିଆ ଗ୍ରାମର ଅଚିନ୍ତ ସାହୁଙ୍କ ଘରୁ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରିଛି। ବ୍ୟବସାୟୀଜଣକ ଫେରାର ଥିବାବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ସାର୍ବଜନୀନ ରାବଣ ପୋଡ଼ି ଉତ୍ସବ



ନୀଳଗିରି, ୯।୧୦ (ସମିସ): ବରହମପୁର ଷ୍ଟାଡିୟମରେ ରାବଣ ପୋଡ଼ି ଉତ୍ସବ ଗତ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ମୁଖ୍ୟବକ୍ତା ଫ୍ରାନସିସ ବେକନ ସ, ସମ୍ମାନିତ ଅତିଥି ଭାବେ ଦେବାଶିଷ ଆଚାର୍ଯ୍ୟ, ରାବଣ ପୋଡି କମିଟିର ସଦସ୍ୟ ରାଜୀବ ଲୋଚନ ଚୌଧୁରୀ, ବରିଷ୍ଠ ସଦସ୍ୟ କୈଳାଶ ପାତ୍ର, ଟୁନା ମିଶ୍ର, ହେମେନ୍ଦ୍ର ବେହେରା, ମାନସ ମିଶ୍ର, ମାର୍ତଣ୍ଡ ମହାପାତ୍ର ପ୍ରମୁଖ ମଂଚାସୀନ ଥିଲେ। ବୁଢ଼ା ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିଲା।

## ଗାନ୍ଧୀ ପାଠଶାଳାରେ ଗୋପବନ୍ଧୁ ଜୟନ୍ତୀ

ବାଲେଶ୍ୱର, ୯।୧୦(ସମିସ): ରେମୁଣା ଗମ୍ଭାରିଆସ୍ଥିତ ଗାନ୍ଧୀ ପାଠ ଶାଳା, ଗ୍ରାମ ପୁନର୍ଗଠନ ଟ୍ରଷ୍ଟ ଓ ମାତୃଭୂମି ସେବା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ଚକ୍ରଧର ଦାସଙ୍କ ସଭାପତିତ୍ୱରେ ରେମୁଣା ଏନ୍ଏସି ଉପାଧ୍ୟକ୍ଷ ଆଏସାନ୍ ଖାନ୍, ବିଧାନ ଚନ୍ଦ୍ର ରାୟ, ସେବା ସଂସ୍ଥାର ସଭାପତି ପ୍ରଦୀପ କୁମାର ମିଶ୍ର, ସମ୍ପାଦକ କରୁଣାକର ଜେନା, ବରିଷ୍ଠ ଶିକ୍ଷକ କରୁଣାକର ଖଟୁଆ, ରେମୁଣା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ବେହେରା, ନାଟ୍ୟକାର ବିଜୟକୁମାର ମହାକୁଡ଼, ଟ୍ରଷ୍ଟର କୋଷାଧ୍ୟକ୍ଷ ନାମଦେବ କମିଲା, ଟ୍ରଷ୍ଟି ମୃତ୍ୟୁଞ୍ଜୟ ପ୍ରଧାନ, ଡ଼ା. ଦେବଦତ୍ତ ରଣା, ଯୋଗେନ୍ଦ୍ର ମହାର୍ଣ୍ଣା, ଶିବପ୍ରସାଦ ଜେନା, ଶ୍ୟାମସୁନ୍ଦର ଗିରି, ଅଜୟ ଜେନା, ଅଭୟ ନାୟକ, ସୁବ୍ରତ ଘୋଷାଲ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ସେବା ଓ ତ୍ୟାଗର ଗୁଣାବଳୀ ବର୍ଣ୍ଣନା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପାଠଶାଳାର ଅଧ୍ୟକ୍ଷ ଅଜୟ ବାରିକ, ସଂଯୋଜକ ସନ୍ତୋଷ ଦାସଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ପାଠଶାଳାର ଗୁରୁଜୀ ତରଣୀ ବାରିକ ଧନ୍ୟବାଦ ଦେଇଥିଲେ।

## ଧିରେନ ନାୟକ ହେଲେ ବାଲେଶ୍ୱର ଜିଲ୍ଲା ବିଜେଡି ସୋସିଆଲ ମିଡିଆ ସଂଯୋଜକ



ବାଲେଶ୍ୱର, ୯।୧୦(ସମିସ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ୩୦ ଜିଲ୍ଲା ପାଇଁ ବିଜୁ ଜନତା ଦଳର ସୋସିଆଲ ମିଡ଼ିଆ ସଂଯୋଜକଙ୍କ ନାମ ଘୋଷଣା କରିଛନ୍ତି। ବାଲେଶ୍ୱର ଜିଲ୍ଲା ପାଇଁ ବିଜେଡି ଯୁବନେତା ଧିରେନ ନାୟକଙ୍କୁ ସୋସିଆଲ ମିଡ଼ିଆ ସଂଯୋଜକ ଭାବେ ଘୋଷଣା କରାଯାଇଛି। ଶ୍ରୀ ନାୟକ ପୂର୍ବରୁ ମଧ୍ୟ ବିଜୁ ଛାତ୍ର ଜନତା, ଯୁବ ଜନତା ଦଳର ଆଇ.ଟି, ସୋସିଆଲ ମିଡିଆ ଏବଂ ମିଡ଼ିଆର ବିଭିନ୍ନ ଦାୟିତ୍ୱରେ ରହି ସଫଳତା ସହ କାର୍ଯ୍ୟ କରିଛନ୍ତି। ଏହି ନିଯୁକ୍ତି ପରେ ଶ୍ରୀ ନାୟକ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଭୋଟ ଚୋରି ବିରୋଧରେ କଂଗ୍ରେସର ଦସ୍ତଖତ ସଂଗ୍ରହ ଅଭିଯାନ



ଜଳେଶ୍ୱର, ୯।୧୦(ସମିସ) : ଭୋଟର ତାଲିକାରେ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଯଥାର୍ଥ ସ୍ଥାନ ରହିବା ଉଚିତ। ଆଜି ଏହି ମୂଳ ଦୁଆ ଆକ୍ରମଣର ଶିକାର ହେଉଛି, ଚଞ୍ଚକତା କରି ପ୍ରକୃତ ଭୋଟର ମାନଙ୍କ ନାମ ଉଡାଇବା ପାଇଁ ସବୁ କୌଶଳ ବ୍ୟବହାର କରା ଯାଉଛି। ଏହି ଭୋଟ ଚୋରି ବିରୋଧରେ ଜନ ନାୟକ ରାହୁଲ ଗାନ୍ଧୀଜୀଙ୍କ ଆହ୍ୱାନ କ୍ରମେ ଦେଶବ୍ୟାପୀ ଏକ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ସେହି କ୍ରମରେ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ନିର୍ଦ୍ଦେଶ ଅନୁସାରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଶିଖରପୁର ପଂଚାୟତରେ ଭୋଟ ଚୋରି ବିରୋଧରେ ଏକ ଦସ୍ତଖତ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡାଙ୍କ ନେତୃତ୍ୱରେ ଆରମ୍ଭ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କିସାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ଯୁବ କଂଗ୍ରେସ ନେତା ହରିଶଙ୍କର ଜେନା, ସପନ ସାମଲ,ଅତୁଲ ଓଝା, ଏବଂ ପଞ୍ଚାୟତର ବହୁ କର୍ମୀମାନେ ଉପସ୍ଥିତ ଥିଲେ।

## ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ଚାଉଳ ଚୋରି

ରାଜଘାଟ, ୯।୧୦ (ସମିସ): ବସ୍ତା ବ୍ଲକ୍ ସିଂଲା ଥାନା ରଘୁନାଥପୁର ପଞ୍ଚାୟତ ଅଧିନସ୍ଥ କୈଳାଶ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥବା ନେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଘନଶ୍ୟାମ ବାରିକ୍ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ବୁଧବାର ଭୋର ସମୟରେ ଗ୍ରାମର କିଛି ବ୍ୟକ୍ତି ଫୁଲ ତୋଳିବାକୁ ଆସି ବିଦ୍ୟାଳୟ ଦକ୍ଷିଣପଟ ପାଚେରୀ ନିକଟରେ ଚାଉଳ ବୁରା ପଡିଥିବାର ଦେଖି ଚୋରି ହୋଇଥିବାର ସନ୍ଦେହ କରି ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଓ ଶିକ୍ଷକଙ୍କୁ ଖବର ଦେଇଥିଲେ। ଶିକ୍ଷକ ଶିକ୍ଷୟତ୍ରୀ ଆସିବା ପରେ ୧୩ କୁଇଣ୍ଟାଲ ଚାଉଳ ଚୋରି ହୋଇଥିବା ଜଣାପଡ଼ିଥିଲା। ଏ ନେଇ ସିଂଲା ଥାନାରେ ଲିଖିତ ଅଭିଯୋଗ ପରେ ସିଂଲା ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଦୁଇ ଜଣ ଯୁବକ ଇଲେକ୍ଟ୍ରିକ୍ ଟଟୋ ସାହାଯ୍ୟରେ ଚାଉଳ ଚୋରି କରିଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ପୁଲିସର ତଦନ୍ତ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ।

## ଏସ୍ଏଫ୍ଆଇ ପକ୍ଷରୁ ଉତ୍କଳମଣିଙ୍କ ଜୟନ୍ତୀ




ଜଳେଶ୍ୱର ବ୍ଲକ, ୯।୧୦ (ସମିସ): ଭାରତର ଛାତ୍ର ଫେଡେରେସନ (ଏସ୍.ଏଫ୍.ଆଇ.) ଦୀନକୃଷ୍ଣ କଲେଜ ଶାଖା ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ତମ ଜନ୍ମଜୟନ୍ତୀ ଆଜି ଶ୍ରମିକ ଭବନ ଜଳେଶ୍ୱରରେ ପାଳିତ ହୋଇଛି। ସଂଗଠନର ରାଜ୍ୟ ସଭାପତି ଚନ୍ଦନ କାମିଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏସ୍.ଏଫ୍.ଆଇ. ଜିଲ୍ଲା ସାଙ୍ଗଠନିକ କମିଟି ସଭ୍ୟ ସୌରଭ ସାର୍ଥକ ସାହୁ,ଏସ୍.ଏଫ୍.ଆଇ. ଦୀନକୃଷ୍ଣ କଲେଜ ଶାଖା କମିଟିର ଆବାହକ ଅଚ୍ୟୁତାନନ୍ଦ ଜେନା, ଶ୍ରୀବତ୍ସ ମହାପାତ୍ର, ଦୀପକ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଦୃଷ୍ଟିହୀନ ମହିଳା କ୍ରିକେଟ ଖେଳାଳି ପାର୍ବତୀ ସମ୍ବର୍ଦ୍ଧିତ



ବାଲେଶ୍ୱର, ୯।୧୦(ସମିସ): ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ପାର୍ବତୀ ମାର୍ଣ୍ଡି ଦୃଷ୍ଟିବାଧିତ ମହିଳା ଟି-୨୦ ବିଶ୍ୱକପ କ୍ରିକେଟ ପାଇଁ ଭାରତୀୟ ଦଳରେ ୪ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏଥିପାଇଁ ଆଜି ବିଦ୍ୟାଳୟ ପରିସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୃଥକ୍ ଭାବରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି କରିଥିଲେ। ଆସନ୍ତା ୧୦ ତାରିଖ ଭୁବନେଶ୍ୱରରୁ ପାର୍ବତୀ ଦିଲ୍ଲୀ ଅଭିମୁଖେ ଯାତ୍ରା କରି ଏକ ମାସ ଧରି ଅଭ୍ୟାସ ପରେ ଆସନ୍ତା ମାସ ୧୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ହେବାକୁ ଥିବା ଟି-୨୦ ବିଶ୍ୱକପରେ ଭାଗ ନେବ। ଭାରତୀୟ ଦଳରେ ଦୃଷ୍ଟିହୀନ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ବାସନ୍ତୀ ହାନ୍ସଦା ଓ ଫୁଲ ସୋରେନ୍ ସ୍ଥାନ ପାଇଛନ୍ତି। ଏହି ସମ୍ବର୍ଦ୍ଧନା ସଭାକୁ ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ପରିଚାଳନା କରିଥିଲେ।

## ଅଙ୍ଗନବାଡ଼ି କର୍ମୀଙ୍କୁ ବହିଷ୍କାର ଦାବି



ଲଙ୍ଗଳେଶ୍ୱର, ୯।୧୦ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ କଷାଫଳ ପଞ୍ଚାୟତର ପଥର ବାଘ ଅଙ୍ଗନବାଡି କେନ୍ଦ୍ରର କର୍ମୀଙ୍କ ମନମୁଖି କାର୍ଯ୍ୟକଳାପ ଏବଂ ବ୍ୟବହାରରେ ଅତିଷ୍ଠ ହୋଇ ଅଙ୍ଗନବାଡି କର୍ମୀଙ୍କ ବହିଷ୍କାର ଦାବି କରିଛନ୍ତି ଗ୍ରାମବାସୀ। ଅଭିଯୋଗ ପାଇ ଆଜି ସଦର ବ୍ଲକ ସିଡିପିଓ ଏବଂ ଅଙ୍ଗନବାଡି ସୁପରଭାଇଜର ଘଟଣାର ତଦନ୍ତ ପାଇଁ ଗାଁକୁ ଆସିଥିବା ବେଳେ ସିଡିପିଓ ଏବଂ ସୁପରଭାଇଜରଙ୍କୁ ଘେରିଲେ ଗ୍ରାମବାସୀ। ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ପଥର ବାଘ ଅଙ୍ଗନବାଡି କେନ୍ଦ୍ରର କର୍ମୀ ଅଞ୍ଜୁବାଳା ମଣ୍ଡଳ ପିଲାମାନଙ୍କୁ ଛୁଆଁ ଛୁଇଁ ଭେଦଭାବ ଦେଖାନ୍ତି, ମଧ୍ୟାହ୍ନ ଭୋଜନ ଠିକ୍ ଭାବରେ ଦିଅନ୍ତି ନାହିଁ, ସକାଳ ଜଳଖିଆରେ ମୁଢି ଚିନି ଏବଂ ମଧ୍ୟାହ୍ନରେ ଅଣ୍ଡା ଆମ୍ଲେଟ ଦିଅନ୍ତି,ଯାହାକୁ ନେଇ ଅଭିଭାବକ ମାନେ ପଚାରିଲେ ଗାଳି ଗୁଲଜ କରନ୍ତି, ଅନେକ ସମୟରେ କେନ୍ଦ୍ର ବନ୍ଦ ରଖନ୍ତି, ଅନୁପସ୍ଥିତ ପିଲାଙ୍କ ନାମରେ ମଧ୍ୟାହ୍ନ ଭୋଜନ ହଡ଼ପ କରନ୍ତି, ଏନେଇ ଗ୍ରାମବାସୀ ସଦର ସିଡ଼ିପିଓଙ୍କୁ ଭେଟି ଅଭିଯୋଗ କରିଥିଲେ। ଆଜି ସଦର ବ୍ଲକ ସିଡିପିଓ ରଙ୍ଗଲତା ମହାନ୍ତି ଗ୍ରାମରେ ପହଞ୍ଚି ସମସ୍ୟା ପଚାରି ବୁଝୁଥିବା ବେଳେ କର୍ମୀଙ୍କ ବହିଷ୍କାର ଦାବିରେ ଜିଦ୍ ଧରି ବସିଥିଲେ ଗ୍ରାମବାସୀ। ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିପିଓ କହିଛନ୍ତି।

## କେସି ହାଇସ୍କୁଲରେ ଉତ୍କଳମଣିଙ୍କ ଜୟନ୍ତୀ



ନୀଳଗିରି, ୯।୧୦ (ସମିସ): ନୀଳଗିରିସ୍ଥିତ କେସି ହାଇସ୍କୁଲର ପ୍ରଥମ ପ୍ରଧାନ ଶିକ୍ଷକ ତଥା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତେଙ୍କ ସ୍ମୃତିକୁ ମନେ ପକାଇବା ଉଦେଶ୍ୟରେ ତାଙ୍କ ୧୪୮ ତମ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଗହଣରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୌଶିକ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସରୋଜ ରାଉତ, ଆଲୁମିନି ସଭାପତି ସୁରଞ୍ଜନ ମହାପାତ୍ର, ହାଇସ୍କୁଲ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ରାଉଳ, ସାମ୍ବାଦିକ ଅଶେଷ ସ ପ୍ରମୁଖଙ୍କ ଉପସ୍ଥିତ ରହି ଉତ୍କଳମଣିଙ୍କ ନୀଳଗିରି ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସେହିଭଳି ଗୋପବନ୍ଧୁ ଛାତ୍ରାବାସରେ ଶିକ୍ଷକ ରଘୁନାଥ ମଲିକଙ୍କ ଅଧ୍ୟକ୍ଷତାରେ ଅନ୍ତେଃବାସୀ ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ।

## ପାର୍ବଣରେ ମୁକୁଳା ପଡ଼ିଲା ଗର୍ତ୍ତ

### ଦୁର୍ଘଟଣା ଘଟି ୧୦ରୁ ଉର୍ଦ୍ଧ୍ୱ ଆହତ



ରାଜଘାଟ, ୯।୧୦(ସମିସ): ବସ୍ତା ବ୍ଲକ ଭେଲୋରା-ପାଉଁଶକୁଲି ଗ୍ରାମ୍ୟ ଉନ୍ନୟନ ରାସ୍ତା ପାଶ୍ୱର୍ ଦେଇ ଟେଲିକମ କମ୍ପାନୀର ତାର ବିଛାଇବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଘରୋଇ କମ୍ପାନୀ ମନଇଚ୍ଛା ବିଭିନ୍ନ ସ୍ଥାନରେ ଗର୍ତ୍ତ ଖୋଳି ମୁକୁଳା ପକାଇ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅର୍ଜ୍ଜବ ଟେକ ନାମକ ଏକ ଘରୋଇ କମ୍ପାନୀ ନିର୍ଦ୍ଦିଷ୍ଟ ଏକ ଟେଲିକମ କମ୍ପାନୀ ଲାଗି ମାଟିର ବାର ଫୁଟ ତଳେ ତାର ବିଛାଇବା ପାଇଁ ଟେଣ୍ଡର ପାଇଛି। ମାତ୍ର ଏଥିଲାଗି ଉକ୍ତ ଠିକା କମ୍ପାନୀ କାହାଠାରୁ କୌଣସି ଅନୁମତି ନ ନେଇ ଭେଲୋରାରୁ ଜାମଶୁଳି ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କଡରେ କେବଳ ଭେଲୋରା ଗ୍ରାମର ବିଭିନ୍ନ ସ୍ଥାନରେ ୧୦ରୁ ଉର୍ଦ୍ଧ ଜାଗାରେ ୧୨ ଫୁଟରୁ ଅଧିକ ଗର୍ତ୍ତ କରି ଦୀର୍ଘ ଦୁଇ ସପ୍ତାହରୁ ଅଧିକ ସମୟ ଧରି ମୁକୁଳା କରି ପକାଇଛି। ଫଳରେ ଲୋକେ ଯିବା ଆସିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଲୋକଙ୍କଠୁ ଆରମ୍ଭ କରି ଛାତ୍ରଛାତ୍ରୀ ସ୍କୁଲ, କଲେଜ, ଅଙ୍ଗନବାଡି ଆଦି ଯାଉଥିବା ସମୟରେ ପ୍ରତ୍ୟକ ଦିନ ଦୁର୍ଘଟଣାର ଶିକାର ହେଉଛନ୍ତି। ମୁକୁଳା ଗର୍ତ୍ତରେ ପାଣି ଭର୍ତ୍ତି ହୋଇ ରହୁଥିବା ଯୋଗୁ କୁକୁର, ଛେଳି, ଗାଈ ଗୋରୁ ଜାଣି ନପାରି ପାଣି ପିଇବା ଲୋଭରେ ଯାଇ ଗର୍ତ୍ତରେ ପଡି ଗୁରୁତର ହେଉଛନ୍ତି। ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇଥିବା ଗ୍ରାମର ସାପ୍ତାହିକ ହାଟ ନିକଟରେ ପାଖାପାଖି ୧୦ରୁ ଉର୍ଦ୍ଧ ଲୋକ ଆହତ ହୋଇଥିବା ବେଳେ ଗୋଟିଏ ମୋଟର ସାଇକେଲ ଓ ତିନୋଟି ସାଇକେଲ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉକ୍ତ ଠିକା କମ୍ପାନୀ ଖୋଳାଖୋଳି କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ଅନୁମତି ପାଇନଥିବା ବେଳେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ହାତବାରିସି କରି ଠିକାଦାର ଜଣକ ଖୋଳାଖୋଳି ଚଳାଇଥିବା କାର୍ଯ୍ୟରତ କର୍ମଚାରୀମାନେ କହିଛନ୍ତି। ଏଣୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ଟେଣ୍ଡର କାର୍ଯ୍ୟକୁ ଯାଞ୍ଚ କରାଯାଇ ତୁରନ୍ତ ଉକ୍ତ ପ୍ରକଳ୍ପକୁ ବନ୍ଦ କରାଯିବା ଲାଗି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସଡ଼କ ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

ରୂପସା, ୯।୧୦ (ସମିସ): ୧୬ ନମ୍ବର ଜାତୀୟ ରାଜପଥରେ ଆଜି ସକାଳେ ଏକ ଟ୍ୟାଙ୍କର ଧକ୍କାରେ ଜଣେ ବୃଦ୍ଧ ପ୍ରାଣ ହରାଇଛନ୍ତି। ହଳଦୀପଦା ନିକଟବର୍ତ୍ତୀ ରାଇସୁଆଁ ପଞ୍ଚାୟତର ଜଗନ୍ନାଥ ବେହେରା ସକାଳୁ ସକାଳୁ ବିଲକୁ ଘାସ କାଟିବା ପାଇଁ ଯାଇଥିଲେ। ବିଲରୁ ଘରକୁ ଫେରୁଥିବା ସମୟରେ ଜେନା ଢ଼ାବା ଓ ରାଜଧାନୀ ହୋଟେଲ ପାଖରେ ଜାତୀୟ ରାଜପଥ ଅତିକ୍ରମ କରୁଥିବା ସମୟରେ ଏକ କଣ୍ଟେନର ପଛରୁ ଆସି ତାଙ୍କୁ ବାଡେଇଥିଲା । ଜାତୀୟ ରାଜପଥ ପୁଲିସ ପହଞ୍ଚି ବୃଦ୍ଧଙ୍କୁ ୧୦୮ ଯୋଗେ ବାଲେଶ୍ୱର ବଡ଼ ମେଡିକାଲକୁ ପଠାଇଥିଲେ କିନ୍ତୁ ମେଡିକାଲକୁ ଯିବା ରାସ୍ତାରେ ଜଗନ୍ନାଥଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୁଲିସ ଜବତ କରି ତଦନ୍ତ ଚଳାଇଛି।

## ବାମପନ୍ଥୀ ନେତା ରାଜକିଶୋର ମହାନ୍ତିଙ୍କ ପରଲୋକ



ନୀଳଗିରି, ୯।୧୦ (ସମିସ): ନୀଳଗିରି ବ୍ଲକ ଗରଡିହି ପଞ୍ଚାୟତ ଗରଡ଼ିହି ଗ୍ରାମ ନିବାସୀ ରାଜକିଶୋର ମହାନ୍ତିଙ୍କ ଗତ ବୁଧବାର ରାତିରେ ଚେନ୍ନାଇରେ ପରଲୋକ ଘଟିଛି। ରାଜକିଶୋର ମହାନ୍ତି (୭୫) ପେସାରେ ଜଣେ ଶିକ୍ଷକ ଥିଲେ। ସେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ବ୍ଲକ ସମ୍ପାଦକ ଥିଲେ। ସେବା ନିବୃତ ହେବା ପରେ ଚେନ୍ନାଇରେ ସେ ତାଙ୍କ ପୁତ୍ର ଓ ପୁତ୍ରବଧୂ ସହିତ ରହୁଥିଲେ। ଅନ୍ୟ ପକ୍ଷରେ ସିପିଆଇ (ଏମ) ଦଳର ସେ ସଭ୍ୟ ଥିଲେ। ତାଙ୍କର ଦଳ ପ୍ରତି ଅନେକ ଅବଦାନ ଥିଲା। ତାଙ୍କ ମୃତ୍ୟୁରେ ଦଳ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ତାଙ୍କ ମୃତ୍ୟୁ ଦଳ ପାଇଁ ବହୁ କ୍ଷତି ଘଟାଇଛି ବୋଲି ଦଳର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ଶୋକ ବାର୍ତ୍ତାରେ କହିଛନ୍ତି।

## ବଜ୍ରପାତରେ ଯୁବକ ମୃତ

ବାଲିଆପାଳ, ୯।୧୦ (ସମିସ): ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତ କୁମ୍ଭୀରୀ ଗ୍ରାମର ଗୌରାଙ୍ଗ ଭୂୟାଁଙ୍କ ପୁଅ ରତିକାନ୍ତ ଭୂୟାଁ (୪୦)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ରତିକାନ୍ତ ଗୁରୁବାର ଅପରାହ୍ନ ୩ଟାରେ ବିଲକୁ ଔଷଧ ପକାଇବା ପାଇଁ ଯାଇଥିଲେ। ରାତି ହେବାରୁ ଘର ଲୋକ ଖୋଜାଖୋଜି କରିବା ପରେ ମିଳିନଥିଲେ। ପରେ ଗ୍ରାମବାସୀ ମଧ୍ୟ ଖୋଜିଥିଲେ। ରାତି ୮ଟା ସମୟରେ ବିଲରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇ ବାଲିଆପାଳ ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ଆଣିଥିଲେ।

## ଡକାୟତି ଯୋଜନା ବେଳେ ମାଡ଼ି ବସିଲା ପୁଲିସ; ୪ ପେସାଦାର ଅପରାଧୀ ଗିରଫ

# ସ୍ୱର୍ଣ୍ଣ ଅଳଙ୍କାର, ୩ଟି ଖଣ୍ଡା, ଲୁହାରଡ୍ ଓ ବାଇକ୍ ଜବତ

ଜଗତସିଂହପୁର, ୯।୧୦(ସମିସ)



ଜଗତସିଂହପୁର ଜିଲ୍ଲା ପୁଲିସକୁ ମିଳିଛି ବଡ଼ ସଫଳତା। ଏକ ପେସାଦାର ଅପରାଧୀ ଗ୍ୟାଙ୍ଗର ୪ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିବା ସହିତ ଏମାନଙ୍କ ନିକଟରୁ ସୁନା ଚେନ, ୩ଟି ଖଣ୍ଡା, ଗୋଟିଏ ଲୁହାରଡ୍, ଗୋଟିଏ ବାଇକ, ୭ଟି ମୋବାଇଲ,୨ ପ୍ୟାକେଟ ଲଙ୍କାଗୁଣ୍ଡ, ୪ଟି ମୁଖା ଓ ବିୟର ବୋତଲ ଜବତ କରାଯାଇଛି। ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ କୁମାର ବର୍ମା ଏହି ସୂଚନା ଦେଇଛନ୍ତି।

ଶ୍ରୀ ବର୍ମାଙ୍କ ସୂଚନା ଅନୁଯାୟୀ, ଗତ ୮ ତାରିଖ ରାତିରେ କୃଷ୍ଣାନନ୍ଦପୁର ଥାନା ଅନ୍ତର୍ଗତ ମହାନଦୀ ପଠା ଜଙ୍ଗଲରେ ପାରାଦୀପ ଅଞ୍ଚଳର ପେସାଦାର ଅପରାଧୀ ଚିଙ୍କୁ ଓରଫ ଚିନ୍ମୟ ତରାଇ ଓ ତା'ର ଗ୍ୟାଙ୍ଗର ଅନ୍ୟ ୪ ଜଣ ସଦସ୍ୟ ମାରଣାସ୍ତ୍ର ସହିତ କଟକ-ପାରାଦୀପ ରାଜ୍ୟ ରାଜପଥରେ ଅପରାଧ ଘଟାଇବା ପାଇଁ ଯୋଜନା କରୁଥିବା ଖବର ମିଳିଥିଲା। ଏହି ସୂଚନାକୁ ଆଧାର କରି କୃଷ୍ଣାନନ୍ଦପୁର ଥାନାର ଏକ ପୁଲିସ ଟିମ୍ ସଂପୃକ୍ତ ଜଙ୍ଗଲରେ ଚଢ଼ଉ କରିଥିଲା। ଏହି ଚଢ଼ଉରେ ଗ୍ୟାଙ୍ଗର ମୁଖ୍ୟ ଜିଙ୍କୁ ତରାଇ ସମେତ ସହଯୋଗୀ ସ୍ଥାନୀୟ ଅଖୁନମହଲାର ସେଖ୍ ରହିମୁଦ୍ଦିନ ଓରଫ ସେଖ୍ ରହିମ, କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କନ୍ତାମାଳ ଗ୍ରାମର ରାଧେଶ୍ୟାମ ଦାସ ଓରଫ ଭାବ ଓ ନିକିରାଇ ଥାନା ଅନ୍ତର୍ଗତ ବାରୋ ଗ୍ରାମର ସୁବ୍ରତ ଦାସଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିଲା। ଅନ୍ୟଜଣେ ପେଶାଦାର ଅପରାଧି ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ଫେରାର ହୋଇଥିବା ଏସ୍‌ପି ବର୍ମା ସୂଚନା ଦେଇଛନ୍ତି। ଏହି ଗ୍ୟାଙ୍ଗ ପାରାଦୀପ, କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଓ ଜଗତସିଂହପୁର ଥାନା ଅଞ୍ଚଳରେ ନିୟମିତ ଭାବେ ଚୋରି, ଡକାୟତି ଓ ଲୁଟ୍ ଭଳି ଅପରାଧ ଘଟାଇ ଆସୁଥିଲେ ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଥିବା ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ଶ୍ରୀ ବର୍ମା। ଏହି ଗ୍ୟାଙ୍ଗର କିଛି ସଦସ୍ୟ ଏବେ ଜେଲରେ ଥିବାବେଳେ ସେମାନଙ୍କୁ ଜାମିନରେ ଆଣିବା ଓ ଦୈନନ୍ଦିନ ଖର୍ଚ୍ଚ ଭରଣା ପାଇଁ ଅର୍ଥ ଯୋଗାଡ଼ କରିବାକୁ ଏହି ଡକାୟତି ଯୋଜନା କରାଯାଇଥିଲା। ସେହିପରି ଗ୍ୟାଙ୍ଗର ମୁଖ୍ୟ ଚିଙ୍କୁ ତରାଇ ଗତ ୨୦୨୪ରେ ଗିରଫ ହୋଇ ଜେଲରେ ରହିଥିଲା। କିଛିମାସ ପୂର୍ବେ ଜାମିନରେ ଆସି ପୁଲିସ ଭୟରେ ଲୁଚି ରହିଥିଲା। ଗତ କିଛିଦିନ ତଳେ ଚିଙ୍କୁ ଆଉଏକ ଅପରାଧିକ ଗ୍ୟାଙ୍ଗ ତିଆରି କରିବା ସହିତ ଜଗତସିଂହପୁର ଅଞ୍ଚଳ ରାଜରାସ୍ତାରେ ଲୁଟ୍ ଚଳାଇଥିଲା। ସେହିପରି ତା'ର ଘନିଷ୍ଠ ସହଯୋଗୀ କୁହାଯାଉଥିବା ସେଖ୍ ରହିମୁଦ୍ଦିନ ମଧ୍ୟ ୨୦୨୪ରୁ ଫେରାର ଥିବାବେଳେ ଉଭୟଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଚିଙ୍କୁ ତରାଇ ନାମରେ ପୂର୍ବରୁ ଜଗତସିଂହପୁର, ପାରାଦୀପ, ଅଭୟଚାନ୍ଦପୁର, ଏରସମା, ତିର୍ତ୍ତୋଲ ଓ କୁଜଙ୍ଗ ଥାନା ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ସଦର ଥାନା, ମାର୍ଶାଘାଇ, ଆଳି, କଟକ ଜିଲ୍ଲା ମାଲଗୋଦାମ ଥାନା ଓ ଯାଜପୁର ଜିଲ୍ଲାର ବିଞ୍ଝାରପୁର ଥାନାରେ ୩୩ଟି ବିଭିନ୍ନ ଅପରାଧିକ ମାମଲା ରହିଥିବା ଏସ୍‌ପି ସୂଚନା ଦେଇଥିଲେ। ସେହିପରି ସେଖ୍ ରହିମୁଦ୍ଦିନ ନାମରେ ପୂର୍ବରୁ କୃଷ୍ଣାନନ୍ଦପୁର, ପାରାଦୀପ, କୁଜଙ୍ଗ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଥାନାରେ ୫ଟି ମାମଲା ଥିବା ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା




ଏରସମା,୯।୧୦(ସମିସ): ଏରସମା ବ୍ଲକ ମୁଖ୍ୟାଳୟରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଗୁରୁବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏରସମା ଜଗନ୍ନାଥ ମନ୍ଦିର ନିକଟରୁ ପଦଯାତ୍ରାରେ ବାହାରି ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ସେଠାରେ ସେମାନେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବିଜୟ ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଜେନା କହିଲେ, ବିଜେପି ସରକାର ଅପାରଗତା ଜନସାଧାରଣ ବୁଝି ସାରିଲେଣି। ଏଥିରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥସାରଥୀ ରାଉତ ଯୋଗ ଦେଇ ନାରୀ ନିର୍ଯାତନା ବ୍ୟାପକ ଭାବେ ବଢ଼ି ଚାଲିଛି ବୋଲି କହିଥିଲେ। ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ବେଉରା, ଭାଗସେନ ରାଉତ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ଦେଇଥିଲେ।

## ବାଇକ୍ ସହ ଲୁହା ପ୍ଲେଟ୍ ଜବତ, ଜଣେ ଗିରଫ

ପାରାଦୀପ, ୯।୧୦(ସମିସ): ବିଳମ୍ବିତ ରାତିରେ ଲୁହା ପ୍ଲେଟ ଚୋରି କରି ବାଇକ୍‌ରେ ୩ ଲୁଟେରା ଯାଉଥିବାବେଳେ ପାଟ୍ରୋଲିଂ ଗାଡ଼ି ନଜରକୁ ଆସିଥିଲେ। ପୁଲିସ ସେମାନଙ୍କ ମଧ୍ୟରୁ ବାଇକ୍ ଚାଳକକୁ ମାଡ଼ି ବସିଥିବାବେଳେ ଅନ୍ୟ ଦୁଇ ଲୁଟେରା ଚମ୍ପଟ ମାରିଥିଲେ। ତେବେ ଚମ୍ପଟ ଦୁଇ ଲୁଟେରାଙ୍କୁ ଧରିବା ପାଇଁ ପୁଲିସ ଲାଗି ପଡିଥିବାବେଳେ ଆଜି ଗିରଫ ସଂପୃକ୍ତ ଲୁଟେରାକୁ କୋର୍ଟ ଚାଲାଣ କରାଯାଇଛି। ଏଭଳି ଘଟଣା ଘଟିଛି ଲକଥାନା ଅଧୀନ ଚୌଧୁରୀଗଡା ସିଙ୍ଗିଟାଳି ଗ୍ରାମରେ। ମଙ୍ଗଳବାର ବିଳମ୍ବିତ ରାତିରେ ଲକଥାନା ପୁଲିସ ସିଙ୍ଗିଟାଳିଗଡା ନିକଟରେ ପାଟ୍ରୋଲିଂ କରୁଥିବାବେଳେ ତିନିଜଣ ଲୁଟେରା ଲୁହା ପ୍ଲେଟ ଚୋରି କରି ବାଇକ୍‌ରେ ନେଉଥିଲେ। ସେମାନଙ୍କୁ ପିଛା କରିବାରୁ ବାଇକ୍ ଚଳାଉଥିବା ପିପଳ ଗ୍ରାମର ନିତ୍ୟାନନ୍ଦ ସେଠୀକୁ ଧରିଥିବାବେଳେ ଅନ୍ୟ ଦୁଇଜଣ ପିପ୍ପଳର ଇଲୁ ସେଠୀ ଓ ଛାୟା ବିକାଶ ସେଠୀ ଫେରାର ହୋଇଯାଇଥିଲେ। ପୁଲିସ ନିତ୍ୟାନନ୍ଦ ସେଠୀକୁ ଥାନାକୁ ଆଣି ପଚରାଉଚରା କରିବାରୁ ସେମାନେ ଚଉମୁହାଣି ନିକଟରୁ ଲୁହା ପ୍ଲେଟ ଚୋରି କରି ଆଣିଥିବା ସ୍ୱୀକାର କରିଥିଲା।

## ସିରସ୍ତାରେ ଗଜଲକ୍ଷ୍ମୀ ପୂଜା

ମଣିଜଙ୍ଗା, ୯।୧୦ (ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ସନ୍ତନରପୁର ପଞ୍ଚାୟତର ସିରସ୍ତାଠାରେ ୫୧ତମ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳନ କରାଯାଉଛି।



ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ ମହାଆଡ଼ମ୍ବରରେ ପୂଜା ଅନୁଷ୍ଠିତ ହେଉଛି। ଏହି ପୂଜା ଅବସରରେ ୪ ଦିନ ଧରି ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବାବେଳେ ୧୩ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଈଶ୍ୱର ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଓ ଗ୍ରାମବାସୀଙ୍କ ସହଯୋଗରେ ପୂଜା ଶୃଙ୍ଖଳିତ ଭାବେ ପାଳନ କରାଯାଉଛି।

## 'ମୋ ଫସଲ ବୀମା ପଲିସି ମୋ ହାତରେ' କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଜଗତସିଂହପୁର, ୯।୧୦(ସମିସ): ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଋଣି ଚାଷୀ ଭାଇଙ୍କ ବୀମା ରସିଦ ବିତରଣ କାର୍ଯ୍ୟକ୍ରମ ଜଗତସିଂହପୁର ଜିଲ୍ଲାର ବାଲିକୁଦାସ୍ଥ କଟକ ସମବାୟ ବ୍ୟାଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ରିଲିଆନ୍ସ ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମବାୟ ନିର୍ଦ୍ଦେଶକ ପ୍ରଭାତ ଶତପଥୀ, ଉପନିର୍ଦ୍ଦେଶକ ରଶ୍ମିତା ଦାସ, ବରିଷ୍ଠ ଅଧିକାରୀ ରାଖାଲ ସେଠୀ, ସମବାୟ ବ୍ୟାଙ୍କ ମ୍ୟାନେଜର କମଳାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଫସଲ ବୀମାର ସୁବିଧା ସୁଯୋଗ ବିଷୟରେ ଚାଷୀଙ୍କୁ ସଚେତନତା କରିଥିଲେ। ବିଶେଷକରି ଗତବର୍ଷ ଡିସେମ୍ବର ମାସର ଅଦିନିଆ ବର୍ଷାରେ ହୋଇଥିବା କ୍ଷୟକ୍ଷତି ବାବଦରେ ଜଗତସିଂହପୁର ଜିଲ୍ଲାରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସୂଚନା ଦେଇଥିବା ୨୪ ହଜାର ଚାଷୀଙ୍କୁ ୪ କୋଟି ୧୯ ଲକ୍ଷ ଟଙ୍କା କ୍ଷତି ପୂରଣ ବାବଦରେ ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ। ଫସଲ ବୀମା ପଞ୍ଜୀକରଣ କରିଥିବା ସମସ୍ତ ଋଣି ଚାଷୀ ଭାଇଙ୍କ ପାଇଁ ଏଭଳି ରସିଦ, ସଚେତନତା ଅତ୍ୟନ୍ତ ଉପାଦେୟ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସଂଯୋଜକ ପ୍ରମୋଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବ୍ଲକ ସଂଯୋଜକ ସୌମ୍ୟରଞ୍ଜନ ନିହାଣ ସହଯୋଗ କରିଥିଲେ।

## ଅବକାରୀ ବିଭାଗ ଚଢ଼ଉ; ୫ ଗିରଫ

କେନ୍ଦ୍ରାପଡ଼ା, ୯।୧୦(ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡା ଟାଉନ, ମାର୍ଶାଘାଇ, ରାଜକନିକା ଓ ରାଜନଗର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଚୋରାମଦ ଜବତ କରାଯାଇଛି। ଗଜରାଜପୁର ଗ୍ରାମର ଜଳଧର ମଲିକ (୩୨)ଙ୍କଠାରୁ ୧୭ ଲିଟର ବିଦେଶୀ ମଦ, ଧଣ୍ଡିଆ ଗ୍ରାମର ସୌମ୍ୟରଞ୍ଜନ ପାତ୍ର (୩୪)ଙ୍କଠାରୁ ୧୩ ଲିଟର ବିଦେଶୀ ମଦ, କଜଳା ଗ୍ରାମର ସୁକାନ୍ତୀ ଦାସ(୭୫)ଙ୍କଠାରୁ ୧୯ ଲିଟର ଦେଶୀ ମଦ, ଅଙ୍ଗୁଳାଇ ଗ୍ରାମର ଶରତ ବାରିକ(୫୬)ଙ୍କଠାରୁ ୧୨ ଲିଟର ଦେଶୀ ମଦ, ବଡ଼ହାଟ ଗ୍ରାମର କୁମୁଦିନୀ ମହାରଣା (୭୦)ଙ୍କଠାରୁ ୨୦ ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇ ୨ ମହିଳା ସମେତ ୫ ଜଣ ଚୋରାମଦ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବା ସହ ମୋଟ ୮୧ ଲିଟର ଦେଶୀ, ବିଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ଉ ବ୍ୟାପକ ଭାବେ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି। ଚଢ଼ଉରେ ଅବକାରୀ ଉପନିରୀକ୍ଷକ ଧର୍ମପଦ ଦାସ, ଛାୟାକନ୍ତ ନାୟକ, ନରେଶ ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।



ରଘୁନାଥପୁର ତହସିଲଦାରଙ୍କ ସହ ନବନିର୍ମାଣ କୃଷକ ସଂଗଠନର ଆଲୋଚନା

## ମାଛଗାଁ ପୂର୍ବତନ ସରପଞ୍ଚଙ୍କୁ ଶ୍ରଦ୍ଧାଞ୍ଜଳି



ବାଲିକୁଦା, ୯।୧୦(ସମିସ): ବାଲିକୁଦା ବ୍ଲକ୍ ମାଛଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ମନମୋହନ ପରିଡ଼ାଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶୁଭେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ବ୍ଲକ୍ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଜଟାଧାରୀ ଦାସ, ସରପଞ୍ଚ ସଞ୍ଜୟ ସ୍ୱାଇଁ, ସମିତିସଭ୍ୟ ନିରଞ୍ଜନ ଦାସ, ପୂର୍ବତନ ସମିତିସଭ୍ୟ ଅକ୍ଷୟ ମହାନ୍ତି, ସଞ୍ଜୟ ପାଳ, ପୂର୍ବତନ ସରପଞ୍ଚ ସାଧୁଚରଣ ସାହୁ, ଡମ୍ବରୁଧର ସ୍ୱାଇଁ, ପର୍ଶୁରାମ ସେଠୀ, ଶିକ୍ଷାବିତ୍ ଅରୁଣ ମହାନ୍ତି, ରବୀନ୍ଦ୍ର ନାୟକ, ଲକ୍ଷ୍ମୀପ୍ରିୟା ପରିଡା, ନୀଳକଣ୍ଠ ପରିଡା, କାକୁ ପରିଡା, ନଗେନ୍ଦ୍ର ଦାସ, କାର୍ତ୍ତିକ ଜେନା, କୃଷକ ନେତା ଦୁର୍ଗାଚରଣ ସ୍ୱାଇଁ, ଶିକ୍ଷକ ଅଦ୍ୱୈତ୍ୟ ମହାନ୍ତି, ନରେଶ ଦାସ, ଗୋପ ନାୟକ ପ୍ରମୁଖଙ୍କ ସମେତ ବହୁ ରାଜନେତା, ବୁଦ୍ଧିଜୀବୀ ଯୋଗଦେଇ ସ୍ୱର୍ଗତ ପରିଡାଙ୍କ ସ୍ମୃତିଚାରଣ କରିଥିଲେ।

## ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

# 'ଉତ୍କଳର ଦରଦୀ ବନ୍ଧୁ ଥିଲେ ଗୋପବନ୍ଧୁ'











ଜଗତସିଂହପୁର, ୯।୧୦(ସମିସ)

ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ଓ୍ୱାରଲେସ୍ ଛକସ୍ଥ ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିର ପକ୍ଷରୁ ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏ ଅବସରରେ ସ୍ଥାନୀୟ ଶାମା ଛକସ୍ଥ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶିଶୁ ଶିକ୍ଷା ମନ୍ଦିରର ଛାତ୍ରଛାତ୍ରୀ ଅନୁଷ୍ଠାନ ପରିସରରୁ ସ୍ଲୋଗାନ ଦେଇ ଓ ପ୍ଲାକ୍‌କାର୍ଡ ଧରି ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ଏଥିରେ ଅନୁଷ୍ଠାନର ଗୁରୁଜୀ, ଗୁରୁମା, ଛାତ୍ରଛାତ୍ରୀ ଓ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆ.ଯ୍ୟ ସାମିଲ ଥିଲେ। ମାଲ୍ୟାର୍ପଣ ପରେ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ସଭାରେ ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ସାରସ୍ୱତ ପରିଷଦ ସଭାପତି ଶ୍ରୀ ଆଚାର୍ଯ୍ୟ କହିଥିଲେ, ଉତ୍କଳର ଦରଦୀ ବନ୍ଧୁ ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ। ତାଙ୍କ ପରି ମଣିଷ ଆଜିର ଦୁନିଆରେ ବିରଳ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁମନ୍ଦିରର ଗୁରୁମା ଓ ଗୁରୁଜୀ ବିଷ୍ଣୁପ୍ରିୟା ନାୟକ, ତପସ୍ୱିନୀ ପୁହାଣ, ବିଜୟଲକ୍ଷ୍ମୀ ବାରିକ, ସଙ୍ଘମିତ୍ରା ମହାନ୍ତି, ପ୍ରଶାନ୍ତ ଜେନା, ଇପ୍‌ସିତା ପ୍ରିୟଦର୍ଶିନୀ ସ୍ୱାଇଁ, ଲିଜା ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଗୁରୁମା ଗୀତିକ୍ରିଷ୍ଟା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

**ଜଗତସିଂହପୁର:** ସ୍ୱାଧୀନତା ସଂଗ୍ରାମର ଏନ୍ତୁଡ଼ିଶାଳ ଭାବେ ପରିଚିତ ଜଗତସିଂହପୁର ଜିଲ୍ଲାର ଚାଟ୍ରାସ୍ଥ ଅଳକା ଆଶ୍ରମ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ପେଶାଲ ବ୍ରାଞ୍ଚ ଡିଏସପି ପ୍ରେମାନନ୍ଦ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ତ୍ୟାଗ ଓ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିବା ସହ ଆଜିର ଯୁବ ସମାଜ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ରେଭେନ୍ସା କଲେଜରେ ପଢ଼ିବା ସମୟରେ ଗୋପବନ୍ଧୁଙ୍କୁ ଯେତେବେଳେ ତାଙ୍କ ଶିକ୍ଷକ ପଚାରିଥିଲେ ବଡ଼ ହେଲେ କ'ଣ ହେବ। ସେ ଉତ୍ତର ଦେଇଥିଲେ ମୁଁ ଦେଶ ସେବକ ହେବି । ତାହା ମଧ ସେ ବାସ୍ତବ ଜୀବନରେ କରି ଦେଖାଇବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଯାଇଛନ୍ତି ବୋଲି ଶ୍ରୀ ଲେଙ୍କା ସ୍ମୃତିଚାରଣ କରିଥିଲେ। ସେହିପରି ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ, ଅବସରପ୍ରାପ୍ତ ଅଧ୍ୟାପକ ଡ ବିଜୟ କୁମାର ବିଶ୍ୱାଳ, ଶିକ୍ଷାବିତ ଉତ୍କଳ ରଞ୍ଜନ ମହାନ୍ତି, ଶିକ୍ଷକ ଆଲୋକ ରଞ୍ଜନ ଦାସ ଓ ସୋମନାଥ ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜ ସେବକ, ଆଇନଜୀବୀ ଓ ସାମ୍ବାଦିକ ଭାବେ ଗୋପବନ୍ଧୁଙ୍କ ଅବଦାନ ଓ କାର୍ଯ୍ୟଧାରା ବିଷୟରେ ଆଲୋଚନା କରିଥିଲେ। ଶେଷରେ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

**ଜଗତସିଂହପୁର:** ଆଜି ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ମିଳିତ ଆନୁକୂଲ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଜେ ସୋନାଲ କାର୍ଯ୍ୟାଳୟ ନିକଟସ୍ଥ ଗୋପବନ୍ଧୁ ଉଦ୍ୟାନରେ ଥିବା ସେହି ମହାନ ଆତ୍ମାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋୟୀ, ପୌରନିର୍ବାହୀ ଅଧିକାରୀ ଶ୍ରୀମତୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ପୌର ପରିଷଦ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

**ଜଗତସିଂହପୁର:** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ମୂଳିସିଂସ୍ଥ ସେଣ୍ଟଜାଭିୟର୍ସ ପବ୍ଲିକ୍ ସ୍କୁଲରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ ଜେନା ଏଥିରେ ସଭାପତିତ୍ୱ କରି ଗୋପବନ୍ଧୁ ଦାସ ମାନବବାଦର ବାର୍ତ୍ତାବହ ଥିଲେ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଓ ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସ ଏକାଧାରରେ ଜଣେ ମହାନ ଦେଶଭକ୍ତ, ମାନବବାଦୀ ମଣିଷ ଓ ଦରିଦ୍ରଙ୍କ ବନ୍ଧୁ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ଶିକ୍ଷକ ଅଶୋକ ବେହେରା, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଞ୍ଜ ଓ ପ୍ରିୟଙ୍କା ମଣ୍ଡଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କର୍ମମୟ ଜୀବନ, ରାଜନୈତିକ, ସାମାଜିକ ଜୀବନାଦର୍ଶ ଓ ସର୍ବୋପରି ଜନସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ମିନତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ନାଉଗାଁ:** ନାଉଗାଁ ସାଂସ୍କୃତିକ ପରିଷଦ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ କରାଯାଇଛି। ନାଉଗାଁ ବଜାରସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରିଷଦର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଅଧ୍ୟାପକ ସରୋଜ ନାୟକ, ଉପଦେଷ୍ଟା ନିରଞ୍ଜନ ବେହୁରା, ଜଗନ୍ନାଥ ଦାସ, ଉପସଭାପତି ନିରଞ୍ଜନ ମହାନ୍ତି, ପ୍ରକାଶ ରାୟ, ସୁକାନ୍ତ ଲେଙ୍କା, ବିଜୟ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ପରେ ବ୍ଲକ୍ ଛକସ୍ଥ ଆଶ୍ରା ଜରାଶ୍ରମରେ ଅନ୍ତେବାସୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ବିରଞ୍ଚି ନାରାୟଣ ମିଶ୍ର, ରବୀନ୍ଦ୍ର ପଟ୍ଟନାୟକ, ବୈଷ୍ଣବ ଦାସ, ରାମଚନ୍ଦ୍ର ସ୍ୱାଇଁ, ଭ୍ରମରବର ଗୋଛାୟତ ଓ ବସନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁମିତ୍ରା ରାଉତ, ଦେବସ୍ମିତା ବାରିକ, ମୋନାଲିସା ବାରିକ ଓ ସୀତା ରାଉତ ସହଯୋଗ କରିଥିଲେ।

**ବାଲିକୁଦା:** ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ କରାଯାଇଛି। ବରିଷ୍ଠ ଗୁରୁଜୀ ଅର୍ଜୁନ ସାହୁ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସଭା ଆରମ୍ଭ କରିଥିଲେ। ପ୍ରଧାନଆଚାର୍ଯ୍ୟ ସସ୍ମିନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରଚାର ପ୍ରସାର ପ୍ରମୁଖ ସୁଦାମ ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଗୁରୁଜୀ ନିତ୍ୟାନନ୍ଦ ଭାରତୀ, ପ୍ରଦୀପ୍ତ ସ୍ୱାଇଁ, ଗୁରୁପ୍ରସାଦ ଦାସ, ନିରଞ୍ଜନ ମହାନ୍ତି, କାର୍ତ୍ତିକେଶ୍ୱର୍ ସାହୁ, ସୁବାସ ବିଶାଳ, ଗୁରୁମା ମମତାରାଣୀ ପରିଜା, ଅନୁପମା ମହାନ୍ତି, ମଞ୍ଜୁଳା ମହାନ୍ତି, ମନସ୍ୱନୀ ମହାନ୍ତି, ସୁପ୍ରିୟା ନାୟକ ପ୍ରମୁଖ ପଣ୍ଡିତ ଗୋପବନ୍ଧୁ ଜୀବନୀ ଉପରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏ ଅବସରରେ ଗୋପବନ୍ଧୁଙ୍କ ଫଟୋଚିତ୍ର, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ବିଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିସରରେ ସେବା ପକ୍ଷ ପାଳନ କରାଯାଇଥିଲା। ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା ବିଦ୍ୟାଳୟ ପରିସର ଓ ବଗିଚା ସଫା କରିଥିବାବେଳେ ଚାରାରୋପଣ କରିଥିଲେ।

**ପାରାଦୀପ:** ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ୧୪୮ତମ ଜୟନ୍ତୀ ପାରାଦୀପ ନୂଆ ଷଣ୍ଢକୁଦଠାରେ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ପାରାଦୀପ ଶାଖା ସଭାପତି ଧ୍ରୁବ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ କ୍ଷେତ୍ରମୋହନ ସ୍ୱାଇଁ ଓ ସମ୍ପାଦିକା ପ୍ରେମଲତା ବାରିକ, ଧରିତ୍ରୀ ସାମଲ ଓ ନଳିନୀ ସାହୁ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ନୀତି ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଷଣ୍ଢକୁଦ ଅଞ୍ଚଳର ବହୁ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

**ରଘୁନାଥପୁର:** ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଗୋପବନ୍ଧୁଙ୍କ ୧୪୮ତମ ଜୟନ୍ତୀ ପାଳନ କରାଯାଇଛି। ରଘୁନାଥପୁର ବଜାରସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ନବ ନିର୍ମାଣ କୃଷକ ସଂଗଠନର ନେତୃତ୍ୱଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ପରେ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ କର୍ମକର୍ତ୍ତା ଦେବୀପ୍ରସାଦ ମହାରଣାଙ୍କ ପରିଚାଳନାରେ ଗୋପବନ୍ଧୁଙ୍କ ସ୍ମୃତିଚାରଣ ସଭା କରାଯାଇଥିଲା। ସଭାରେ ରମାରଞ୍ଜନ ସ୍ୱାଇଁ, ଶରତ ମହାପାତ୍ର, ସୁରେନ୍ଦ୍ର ମହାରଣା, ନିଗମାନନ୍ଦ ଦାସ, ସ୍ନେହାଂଶୁ ଜେନା, ସନ୍ତୋଷ ପାତ୍ର, ଅସଗର ଅଲ୍ଲୀ, ସନ୍ତୋଷ ପ୍ରଧାନ, ଅନ୍ୟାନ୍ୟ ମହାପାତ୍ର ପ୍ରମୁଖ ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ। ସରକାରୀ ଲୁଣ୍ଠନ, ଶୋଷଣ, ସରକାରୀ କାର୍ଯ୍ୟାଳୟରେ ଲାଞ୍ଚ କାରବାର ବୃଦ୍ଧି, ହିତାଧିକାରୀ ଚୟନରେ ପ୍ରଶାସନିକ ପକ୍ଷପାତିତା, ବଣ୍ଟନ ବ୍ୟବସ୍ଥାରେ ଅନିୟମିତତା, ସ୍ୱେଚ୍ଛାଚାରିତା ପ୍ରଭୃତି ସାମାଜିକ ସମୃଦ୍ଧିର ବାଧକ ସାଜୁଛି। ଯାହା ଗୋପବନ୍ଧୁଙ୍କ ସ୍ୱପ୍ନକୁ ଉପହାସ ସଦୃଶ ବୋଲି କହିଥିଲେ। ସ୍ମୃତିଚାରଣ ସଭା ପରେ ନବନିର୍ମାଣ କୃଷକ ସଂଗଠନ ନେତୃବୃନ୍ଦ, ରଘୁନାଥପୁର ବ୍ଲକ ଅଞ୍ଚଳର ଚାଷ, ବିଭିନ୍ନ ସମସ୍ୟାର ସମାଧାନ, ରଘୁନାଥପୁର ବ୍ଲକ ଓ ଜଗତସିଂହପୁର ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ପ୍ରଶସ୍ତିକରଣ ପ୍ରସଙ୍ଗରେ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ।

## ଧାନଗଛରେ ପତ୍ରପୋଡ଼ା ରୋଗ



ନିରାକାରପୁର, ୯।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନନମଡ଼ା ମୌଜା ଅଞ୍ଚଳର କେତେକ ଧାନ କ୍ଷେତରେ ଏବେ ପତ୍ରପୋଡ଼ା ରୋଗ ଦେଖାଦେଇଛି। ଅଭିଯୋଗ ପରେ କୃଷି ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ପତ୍ରପୋଡ଼ା ରୋଗ ସଂକ୍ରମଣ ସମ୍ପର୍କରେ ଆଞ୍ଚଳିକ ଚାଷୀ ସଙ୍ଘର ମୁଖ୍ୟ ଉପଦେଷ୍ଟା ବିପିନ କୁମାର ଜୟସିଂହ ବ୍ଲକ୍ କୃଷି ଅଧିକାରୀଙ୍କୁ ଅବଗତ କରିଥିଲେ। ଖବରପାଇ ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶରେ ଟାଙ୍ଗୀ ବ୍ଲକ୍ କୃଷି ଅଧିଦର୍ଶକ ପ୍ରତାପ କୁମାର ସାହୁ, କୃଷକ ସାଥି ମାଧବ ପାଟଶାଣୀ ଓ କର୍ମଚାରୀ ଗାଁରେ ପହଞ୍ଚି ଧାନଫସଲ ଦେଖିଥିଲେ। କୃଷି ଅଧିଦର୍ଶକ ଶ୍ରୀ ସାହୁ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ସହ ବିହନ ବିଶୋଧନର ଅଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏ ଧାନ କ୍ଷେତକୁ ସୁରକ୍ଷା ଦେବାକୁ ହେଲେ ଏକରକୁ ୨୦ କେଜି ହିସାବରେ ପଟାସ ସାରରେ ବାଲି ମିଶାଇ ଜମିରେ ପକାଯିବା ୪-୫ ଦିନ ପରେ ପାଗ ଦେଖି ସକାଳୁ ଏଭଳି ପରିସ୍ଥିତିରେ ୧ ମିଲିଲିଟର କିମ୍ବା ସନ୍ଧ୍ୟାରେ ଟେଟ୍ରାସାଇକ୍ଲିନ୍‌କୁ ୧୦ ଲିଟର ପାଣି ଓ ୨ ଗ୍ରାମ୍ ଗ୍ଲୁଟୋକ୍ସକୁ ୧ ଲିଟର ପାଣିରେ ମିଶାଇ ପ୍ରୟୋଗ କରିବା ନିମନ୍ତେ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏହା ଏକ ଭାଇରସ୍‌ଜନିତ ହୋଇଥିବାରୁ ଏହାର ଯଥାଶୀଘ୍ର ଉପଚାର କରା ନ ଗଲେ ଜମି କ୍ଷତିଗ୍ରସ୍ତ ହେବ ବୋଲି ସଚେତନ କରିଛନ୍ତି।

## ୩ ରେଳ କର୍ମଚାରୀ ସମ୍ବର୍ଦ୍ଧିତ



ଜଟଣୀ, ୯।୧୦(ସମିସ): କର୍ତ୍ତବ୍ୟ ସମ୍ପାଦନ ସମୟରେ ପ୍ରଶଂସନୀୟ କାର୍ଯ୍ୟ ପାଇଁ ଖୋର୍ଦ୍ଧା ରୋଡ୍ ଡିଆର୍‌ଏମ୍‌ଙ୍କ ଦ୍ୱାରା ୩ ରେଳ କର୍ମଚାରୀ ସମ୍ମାନିତ ହୋଇଛନ୍ତି। ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ପ୍ରବନ୍ଧକ ଆଲୋକ ତ୍ରିପାଠୀ ଟ୍ରେନ୍ ପରିଚାଳନାର ନିରାପତ୍ତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ୩ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ଖୋର୍ଦ୍ଧା ରୋଡ୍ ମେମୁ ସେଡ୍‌ରେ କାର୍ଯ୍ୟରତ ଜୁନିୟର ଇଞ୍ଜିନିୟର ସୋମନାଥ ପଣ୍ଡା, ଟେକ୍ନିସିଆନ କୃଷ୍ଣ ଚନ୍ଦ୍ର ପାଢ଼ୀ ଏବଂ ବଡ଼ବନ୍ଧ ଷ୍ଟେସନ ପ୍ରବନ୍ଧକ ସୁରେଶ ଚନ୍ଦ୍ର ଲେଙ୍କା ସେମାନଙ୍କର ନିୟମିତ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି। ଏହି ସମୟରେ ଶ୍ରୀ ସେମାନଙ୍କ ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ବିଶେଷକରି ରେଳ କର୍ମଚାରୀମାନେ ପ୍ରାୟତଃ କଷ୍ଟକର ପରିସ୍ଥିତିରେ କାମ କରନ୍ତି। ରେଳ ସେବାର ନିରାପତ୍ତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଏବଂ ଷ୍ଟେସନ ଅପରେଟରଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ପି.କେ.ବେହେରା ଓ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନମୋନାରାୟଣ ମିନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଜଣା ଶିଶୁକନ୍ୟାର ଶବ ସତ୍କାରକଲେ ରୋଟାରୀ କ୍ଲବ୍ ସଦସ୍ୟ

ଖୋର୍ଦ୍ଧା, ୯।୧୦(ସମିସ): ଜଣେ ନବଜାତ ଶିଶୁକନ୍ୟାର ଶବକୁ ସତ୍କାର କରି ମାନବିକତାର ପରିଚୟ ଦେଇଛନ୍ତି ଖୋର୍ଦ୍ଧା ରୋଟାରୀ କ୍ଲବ୍‌ର ସଦସ୍ୟମାନେ। ଗତ ୪ ତାରିଖ ସକାଳେ ଆଦର୍ଶ ଥାନା ଅନ୍ତର୍ଗତ ହଳଦୀପଦା ରାସ୍ତା ପାର୍ଶ୍ୱରୁ ଏକ ନବଜାତ ଶିଶୁକନ୍ୟାର ମୃତଦେହକୁ ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଡିଏଚ୍‌ଏଚ୍‌ରେ ଭର୍ତ୍ତି କରିଥିଲେ। ଏ ନେଇ ଆଦର୍ଶ ଥାନା ପକ୍ଷରୁ ୫୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ମୃତ ଶିଶୁଟିର ପରିଚୟ ମିଳି ନ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବଗୃହରେ ୯୬ ଘଣ୍ଟା ପର୍ଯ୍ୟନ୍ତ ଶବଟିକୁ ସୁରକ୍ଷିତ ରଖାଯାଇଥିଲା। ପରେ ମ୍ୟାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ ଶିଶୁକନ୍ୟାଟିର ଶବକୁ ବ୍ୟବଚ୍ଛେଦ କରାଯାଇଥିଲା। ଏହା ଜାଣିବା ପରେ ରୋଟାରୀ କ୍ଲବ୍‌ର ପ୍ରାକ୍ତନ ସଭାପତି ରୁଦ୍ରନାଥ ଦତ୍ତ (ଦାଉ) ଶବ ବ୍ୟବଚ୍ଛେଦ କରିବା ପାଇଁ ଆଦର୍ଶ ଥାନା ସହ ଯୋଗାଯୋଗ କରିଥିଲେ। ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ ଏବଂ ତଦନ୍ତକାରୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ସମ୍ମତି ପ୍ରକାଶ କରିବାରେ ରୋଟାରୀ କ୍ଲବ୍‌ର ସଦସ୍ୟଙ୍କ ଉପସ୍ଥିତିରେ ସ୍ଥାନୀୟ ଶ୍ମଶାନରେ ଶିଶୁକନ୍ୟାର ଶବ ସତ୍କାର କରାଯାଇଛି। ପ୍ରକାଶଥାଉକି, ଏହାକୁ ମିଶାଇ ରୁଦ୍ରଙ୍କ ସହାୟତାରେ ରୋଟାରୀ କ୍ଲବ୍ ୮ଟି ଶବ ସତ୍କାର କରିଛି।

### ଚିଲିକାରେ ଚାଲିଛି ବିପଦପୂର୍ଣ୍ଣ ଜଳଯାତ୍ରା

# ବିନା ସୁରକ୍ଷାରେ ଯାତ୍ରାକଲେ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀ

ଖୋର୍ଦ୍ଧା, ୯।୧୦(ସମିସ)



**ଡଙ୍ଗା ବୁଡ଼ି ୧୦ ବର୍ଷରେ ଗଲାଣି ୧୩ ଜୀବନ**

ଚିଲିକାରେ ବାରମ୍ବାର ଡଙ୍ଗାବୁଡ଼ି ଘଟଣା ଘଟୁଥିଲେ ମଧ୍ୟ ଚେତୁ ନାହାନ୍ତି ଚାଳକ। ବିନା ସୁରକ୍ଷାରେ ଛାତ୍ରଛାତ୍ରୀ ଓ ଯାତ୍ରୀଙ୍କୁ ଡଙ୍ଗାରେ ବସାଇ ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି। ଯାହାକୁ ନେଇ ଉଠିଛି ପ୍ରଶ୍ନ। ଚିଲିକାର ଅଥଳ ଜଳରାଶି ଭିତରେ ମା' କାଳିଜାଈ ମନ୍ଦିର, ସମୁଦ୍ର ମୁହାଣ ଓ ନଳବଣ ଆଦି ଚିଲିକାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି। ଏଥିସହିତ ପକ୍ଷୀଙ୍କ ଅଭୟାରଣ୍ୟ ସୌନ୍ଦର୍ଯ୍ୟମୟୀ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ କାକଳୀ ରାବ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଛି। ଅଥଳ ଜଳରାଶି ମଧ୍ୟରେ ଜଳକ୍ରୀଡ଼ା କରିବା ନିମନ୍ତେ କେବଳ ରାଜ୍ୟ ନୁହେଁ ବରଂ ଦେଶ ଓ ବିଦେଶରୁ ପ୍ରତିବର୍ଷ ଛୁଟି ଆସିଥା'ନ୍ତି ପର୍ଯ୍ୟଟକ। ଏପରିକି କାଳିଜାଈ, ନଳବଣ, ଚଢ଼େଇ ହଗା ପର୍ବତ, ରାଜହଂସ, ସାତପଡ଼ା ଏବଂ କୃଷ୍ଣପ୍ରସାଦ ଭଳି ଗ୍ରାମକୁ ଯାତାୟାତ ନିମନ୍ତେ ଜଳପଥ ଏକମାତ୍ର ଭରସା। ପ୍ରଶାସନର ଅବହେଳା ହେଉ ବା ଡଙ୍ଗା ଚାଳକଙ୍କ ଅସାବଧାନତା ଯୋଗୁଁ ଗତ ୧୦ ବର୍ଷ ଭିତରେ ମୁଖ୍ୟତଃ ବଡ଼ଧରଣର ତିନି ତିନି ଥର ଦୁର୍ଘଟଣା ଘଟି ଚିଲିକାରେ ଡଙ୍ଗା ବୁଡ଼ି ପ୍ରାୟ ୧୩ ଜଣଙ୍କର ମୂଲ୍ୟବାନ ଜୀବନ ଯାଇଛି। ତଥାପି ପ୍ରଶାସନ କି ଡଙ୍ଗା ଚାଳକ ଚେତିବାରେ ନାହାନ୍ତି। ଚିଲିକାର ଅଥଳ ଜଳରାଶିରେ ବିନା ସୁରକ୍ଷାରେ ଜଳଯାତ୍ରା କରାଉଛନ୍ତି। ଏହି ସମୟରେ ଯଦି କିଛି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ତାହା ପ୍ରଶ୍ନବାଚୀ ସୃଷ୍ଟି କଲାଣି।

ଘଟଣାରୁ ପ୍ରକାଶ, ବାଲୁଗାଁସ୍ଥିତ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିମିତ ଏକ ସାମର୍ଥ୍ୟ ନିର୍ମାଣ ଏବଂ ପରିଭ୍ରମଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ୪୦ଜଣ ସ୍ୱେଚ୍ଛାସେବୀ ଓ ଏକ ବିଦ୍ୟାଳୟର ୨୦ଜଣ ଛାତ୍ରଛାତ୍ରୀଙ୍କ ସମେତ କାର୍ଯ୍ୟକ୍ରମ ଅଧିକାରୀ, ଅଧ୍ୟାପକ, ଅଧ୍ୟାପିକା ଓ ଶିକ୍ଷକମାନେ ଏଥିରେ ସାମିଲ୍ ହୋଇଥିଲେ। ଛାତ୍ରଛାତ୍ରୀମାନେ ଚିଲିକା ଭ୍ରମଣ କରିବା ସହ ପକ୍ଷୀ ଅଭୟାରଣ୍ୟ ନଳବଣରେ ବିଦେଶାଗତ ପକ୍ଷୀ, ଚିଲିକାର ଜୈବ ବିବିଧତା, ଚିଲିକାର ଆୟତନ, ବିସ୍ତୃତି ଓ ବନ୍ୟପ୍ରାଣୀଙ୍କ ସମ୍ପର୍କରେ ସମ୍ୟକ୍ ଜ୍ଞାନ ଲାଭ କରିଥିଲେ। ମାତ୍ର ଚିଲିକାରେ ଭ୍ରମଣ କରିବାବେଳେ ଜୀବନକୁ ବାଜି ଲଗାଇ କରିଥିଲେ ଜଳଯାତ୍ରା। ଛାତ୍ରଛାତ୍ରୀଙ୍କୁ ନେଇ ସରକାରୀ ଡଙ୍ଗାରେ ଏଭଳି ବିପଦପୂର୍ଣ୍ଣ ଯାତ୍ରା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା।

ଡଙ୍ଗାରେ ଆବଶ୍ୟକତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ବସିଥିବାବେଳେ କାହାରି ଦେହରେ ଲାଇଫ୍ ଜ୍ୟାକେଟ୍ ନ ଥିବା ଦେଖାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ବିନା ସୁରକ୍ଷା ଉପକରଣରେ ଓ ନିୟମକୁ ଉଲ୍ଲଂଘନ କରି ଡଙ୍ଗା ଯାତ୍ରା ହେଉଥିଲେ ମଧ୍ୟ ଏନେଇ ନା ପ୍ରଶାସନ ନା ଚାଳକଙ୍କ ନିଘା ରହିଛି। ଯଦି ଦୈବାତ୍ କିଛି ଅଘଟଣ ଘଟେ ତେବେ କିଏ ଦାୟୀ ହେବ ବୋଲି ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଛି। ତେବେ ଏଭଳି ବିପଦପୂର୍ଣ୍ଣ ଜଳଯାତ୍ରାକୁ କିଏ ଅନୁମତି ଦେଇଛି ତାକୁ ନେଇ ଚର୍ଚ୍ଚା ଜୋର୍ ହେଲାଣି। ପ୍ରଶାସନ ଓ ୱାଇଲ୍ଡ ଲାଇଫ୍ ବିଭାଗ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ପ୍ରକାଶଥାଉକି, ଜଳପଥରେ ଯାତ୍ରୀ ଓ ପର୍ଯ୍ୟଟକ ପରିବହନ ପାଇଁ ସରକାରଙ୍କ ତରଫରୁ ଏକ ନିର୍ଦ୍ଦିଷ୍ଟ ନୀତି ନିୟମ ପ୍ରଣୟନ କରାଯାଇଛି। କିନ୍ତୁ ଏ ନିୟମକୁ ଡଷ୍ଟବିନ୍‌ରେ ଫିଙ୍ଗି ଚିଲିକାରେ ଅସୁରକ୍ଷିତ ଭାବେ ନୌକାଚାଳକମାନେ ଯାତ୍ରୀ ପରିବହନ କରୁଥିଲେ ସୁଦ୍ଧା ଏଥିପ୍ରତି କାହାର ଟିକେ ହେଲେ ନିଘା ନାହିଁ। କେଉଁ ଡଙ୍ଗାରେ କେତେ ଯାତ୍ରୀ ଯାତାୟାତ କରିପାରିବେ ସେ ନେଇ ଏକ ନିର୍ଦ୍ଦିଷ୍ଟ ନିୟମ ଥିବାବେଳେ ଡଙ୍ଗା ପଞ୍ଜୀକରଣ, ନବୀକରଣ ଏବଂ ଚାଳକଙ୍କ ଲାଇସେନ୍ସ ଥିବା ବାଧ୍ୟତାମୂଳକ କରାଯାଇଛି। ଏ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବାଲୁଗାଁ କୂଳରେ ଏକ ଆନ୍ତଃରାଜ୍ୟ ଜଳପଥ ପରିବହନ ବିଭାଗ କାର୍ଯ୍ୟକାରୀ କରୁଛି। ନିୟମ ମୁତାବକ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ଲାଇଫ୍ ଜ୍ୟାକେଟ ପିନ୍ଧିବା ଓ ଲାଇଫ୍ ବୟ ଡଙ୍ଗାଗୁଡ଼ିକରେ ରହିବା ନିମନ୍ତେ ବାଧ୍ୟତାମୂଳକ ଥିବା ସତ୍ତ୍ୱେ ଏଥିପ୍ରତି କେତେକ ଡଙ୍ଗାଚାଳକ ଗୁରୁତ୍ୱ ଦେଉ ନ ଥିବାରୁ ବାରମ୍ବାର ଡଙ୍ଗାବୁଡ଼ି ଭଳି ଘଟଣା ଘଟୁଥିବା ଅଭିଯୋଗ ହେଉଛି। ପ୍ରଶାସନର କିଛି ଅସାଧୁ କର୍ମଚାରୀ ଏବଂ ଡଙ୍ଗା ମାଲିକଙ୍କ ଅସାଧୁ ମେଣ୍ଟ ଯାତ୍ରୀଙ୍କ ମୃତ୍ୟୁର କାରଣ ପାଲଟୁଥିବା କୁହାଯାଉଛି। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଚିଲିକାକୁ ଆସୁଥିବା ପର୍ଯ୍ୟଟକ ଏବଂ ଯାତ୍ରୀଙ୍କ ନିମନ୍ତେ ଏବେ ଚିଲିକା ମରଣଯନ୍ତା ପାଲଟିଥିବା କୁହାଯାଉଛି।

## ଖୋର୍ଦ୍ଧାରେ 'ଆସ ସ୍କୁଲ ଯିବା' ପଦଯାତ୍ରା

ଖୋର୍ଦ୍ଧା, ୯।୧୦(ସମିସ): ସ୍ଥାନୀୟ ବିଜେବି ହାଇସ୍କୁଲ ପ୍ରେକ୍ଷାଳୟ ପରିସରରେ ଜିଲ୍ଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଆସ ସ୍କୁଲ ଯିବା ଜିଲ୍ଲାସ୍ତରୀୟ ପଦଯାତ୍ରା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ସମ୍ମାନିତ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ, ଜିଲ୍ଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନୂତନ ଭାବେ ଆଜି ବିଦ୍ୟାଳୟରେ ପ୍ରବେଶ କରିଥିବା ୬ଜଣ ଛାତ୍ରଛାତ୍ରୀଙ୍କୁ ବ୍ୟାଗ୍ ଓ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ସେହିପରି ମୁଖ୍ୟ ଅତିଥି ଓ ଅତିଥି ବୃନ୍ଦ ଆସ ସ୍କୁଲ ଯିବା ପୁସ୍ତକ ଉନ୍ମୋଚନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ ବେହେରା ଧନ୍ୟବାଦ ଦେଇଥିଲେ। ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା, ବିଜେବି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ୍, ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ, ସମସ୍ତ ବ୍ଲକ୍ ସାଧନ କେନ୍ଦ୍ର ସଂଯୋଜକ, ସିଆର୍‌ସିସି, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଶେଷରେ ଆସ ସ୍କୁଲ ଯିବା ବିରାଟ ପଦଯାତ୍ରା ରାଲିକୁ ବିଦ୍ୟାଳୟ ପରିସରରୁ ବିଧାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ସପ୍ତ ଦେବଦେବୀ ମେଳଣ ମହୋତ୍ସବ



ବାଲୁଗାଁ, ୯।୧୦(ସମିସ): ବାଲୁଗାଁ ଏନ୍‌ଏସି ଅନ୍ତର୍ଗତ ପାଟଣାସାହିରେ ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କମିଟି ତରଫରୁ ଚତୁର୍ଥ ବାର୍ଷିକ ସପ୍ତ ଦେବଦେବୀ ମେଳଣ ମହୋତ୍ସବ ଆଧ୍ୟାତ୍ମିକ ପରିବେଶରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବକୁ ମା' ମହାଲକ୍ଷ୍ମୀଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀଭଗବତ ଦେବ ନିମିକ୍ଷେତା, ଦଧିବାମନଦେବ ସାନ୍ତରାପୁର, ଗୋପାଳଜୀଉ ଦେବ ଓ ଶ୍ରୀରାଧାକୃଷ୍ଣ ଦେବ ପାଟଣାସାହି, ଶ୍ରୀରଘୁନାଥ ଦେବ ବାଲୁଗାଁ, ରାଧାଗୋବିନ୍ଦ ଦେବ କୁଳାକୁଣ୍ଡେଇ ନୂଆଗାଁ ଓ ମା' ଜାଗୁଳାଇ ଠାକୁରାଣୀ ପାଟଣାସାହିଙ୍କ ସମେତ ସପ୍ତ ଦେବଦେବୀ ପ୍ରାତଃ ସମୟରେ ଶୋଭାଯାତ୍ରାରେ ଆସି ସାହି ମଧ୍ୟ ପୂଜାସ୍ଥଳରେ ପହଞ୍ଚି ଆସ୍ଥାନ ବିଜେ କରିଥିଲେ। ଦେବଦେବୀମାନଙ୍କୁ ସ୍ୱାଗତ ନିମନ୍ତେ ଗ୍ରାମକୁ ଶୁଦ୍ଧିକରଣ କରିବା ସହ ରାସ୍ତାସାରା ନୂତନ ବସ୍ତ୍ର ପାହାଡ଼ା ବିଛାଇ ଫୁଲ, ଚନ୍ଦନ, ଆଳତି ଓ ବନ୍ଦାପନା କରି ଘଣ୍ଟ ଘଣ୍ଟା, ସଂକୀର୍ତ୍ତନ ମଣ୍ଡଳୀ ସହ ଶୋଭାଯାତ୍ରା ଦ୍ୱାରା ପାଛୋଟି ନେଇଥିଲେ। ସାହିକୁ ସୁସଜ୍ଜିତ କରିବା ସହିତ ଆଲୋକମାଳାରେ ଝଲସି ଉଠିବାରେ ଗ୍ରାମ ଉତ୍ସବମୁଖର ହୋଇ ପଡ଼ିଥିଲା। ଦିନତମାମ ଠାକୁରଙ୍କୁ ଭୋଗ ଲାଗି ହେବା ସହ ପୂଜାର୍ଚ୍ଚନା ଜାରି ରହିଥିଲା। ଏହି ଅବସରରେ ୨୪ପ୍ରହର ନାମଯଜ୍ଞ ଓ ୧୦୮ ମହିଳାଙ୍କ ଦ୍ୱାରା ଭାଗବତ ପଠନ ସହ ପୂଜାର୍ଚ୍ଚନା ହୋଇଥିଲା। ସନ୍ଧ୍ୟାରେ ପାରମ୍ପରିକ ପୂଜା ନୀତି ସମ୍ପାଦନା ପରେ ଏକ ଆଧ୍ୟାତ୍ମିକ ପରିବେଶରେ ଦେବଦେବୀଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍ଥାନରେ ଶମ୍ଭୁମେଳଣ ହେଉଥିବାବେଳେ ଏଠାରେ ବିଷ୍ଣୁ ମେଳଣ ଉତ୍ସବ ଅତ୍ୟନ୍ତ ନିଆରା। ସମସ୍ତ ଠାକୁର ସେବାୟତଙ୍କ ଗହଣରେ ମେଳଣ ସ୍ଥଳକୁ ବିଜେ କରିବା ପରେ ମେଳଣ ଉତ୍ସବ ଆରମ୍ଭ ହୋଇଥିଲା। ବିଭିନ୍ନ ଆତସବାଜି ପ୍ରଦର୍ଶନରେ ଉତ୍ସବସ୍ଥଳ ଝଲସି ଉଠିଥିଲା। ମେଳଣ ସମାପ୍ତି ପରେ ଦେବଦେବୀମାନେ ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

## ଚିଲିକାରେ ନୂତନ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ସ୍ୱାଗତ

ବାଣପୁର, ୯।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିର ନବନିର୍ବାଚିତ ସଭାପତି ରାଜୀବ ପଟ୍ଟନାୟକ ଗୁରୁବାର ଚିଲିକା ନିର୍ବାଚନମଣ୍ଡଳୀ ଗସ୍ତରେ ଆସିଥିବାବେଳେ ଚିଲିକା କଂଗ୍ରେସ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ଚିଲିକା ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସ୍ୱାଇଁଙ୍କ ସହ ଶତାଧିକ କର୍ମୀ ରାଜୀବଙ୍କୁ ବାଲୁଗାଁ ମାମୁ-ଭଣଜା ପାହାଡ଼ ନିକଟରୁ ଏକ ବାଇକ୍ ଶୋଭାଯାତ୍ରାରେ ପାଛୋଟି ଆଣି ବାଲୁଗାଁ ଗାନ୍ଧୀ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ବାଣପୁର ମା' ଭଗବତୀଙ୍କ ପୀଠରେ ପହଞ୍ଚି ମା'ଙ୍କୁ ଦର୍ଶନ କରି ସେଠାରୁ ପଦଯାତ୍ରାରେ ବାଣପୁର ବଜାର ପରିକ୍ରମା କରିଥିଲେ। ଆୟୋଜିତ ସଭାରେ ଚିଲିକା ନିର୍ବାଚନମଣ୍ଡଳୀରେ ଅନେକ ସମସ୍ୟା ଲାଗି ରହିଥିବାବେଳେ ସମସ୍ତ ଜନହିତକର ଯୋଜନା ପାଇଁ ଯେଉଁଭଳି ପିସି ଆଦାୟ କରାଯାଉଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହି ଏହାକୁ ନେଇ ବର୍ତ୍ତମାନର ଚିଲିକା ବିଧାୟକ ତଥା ମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି ଶ୍ରୀ ସ୍ୱାଇଁ। ତେବେ ଆଗାମୀ ଦିନରେ କଂଗ୍ରେସର ସ୍ୱରକୁ ଆହୁରି ଶାଣିତ କରାଯିବ। ଏଥିରେ ବାଣପୁର ବ୍ଲକ୍ ସଭାପତି ଅକ୍ଷୟ ମହାପାତ୍ର, ଏନ୍‌ଏସି ସଭାପତି ବିଜୟ କୁମାର ରଥଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।



## ପରିତ୍ୟକ୍ତ ଅବସ୍ଥାରେ ଯାତ୍ରୀ ବିଶ୍ରାମାଗାର

ବେଗୁନିଆ, ୯।୧୦(ସମିସ): ବେଗୁନିଆ ବ୍ଲକ୍ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମସ୍ଥିତ ଛକ ଉପରେ ଦୀର୍ଘ ଦିନ ହେବ ଅବ୍ୟବହୃତ ହୋଇ ପରିତ୍ୟକ୍ତ ଅବସ୍ଥାରେ ଯାତ୍ରୀ ବିଶ୍ରାମାଗାର ପଡ଼ିରହିଛି। ଯାହା କି ବାଘମାରୀ-କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥ ହୋଇଥିବାରୁ ବିଭିନ୍ନ ସ୍ଥାନକୁ ପ୍ରତିଦିନ ବସ୍‌ରେ ଯାତାୟାତ କରିବା ପାଇଁ ୧୫ରୁ ଊର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ଆସିଥାନ୍ତି। ଏହି ଛକରେ ଥିବା ବିଶ୍ରାମାଗାରଟିର ଆଜବେଷ୍ଟସ ଭାଙ୍ଗିରୁଜି ଯିବା ସହ ଅନାବନା ଗୁଳ୍ମ ଘାସରେ ପରିପୂର୍ଣ୍ଣ ହୋଇଛି। ଏଥିରେ ଲୋକମାନେ ବର୍ଷା ଓ ଖରାରେ ଦୋକାନ ଘରର ବାରଣ୍ଡା ଓ ଗଛର ଛାଇ ଉପରେ ନିର୍ଭର କରିଥାନ୍ତି। ତେବେ ଗ୍ରାମର ପରିମଳ ବ୍ୟବସ୍ଥା କେତେ ସ୍ୱଚ୍ଛତା ରହିଛି ପରିବେଶରୁ ସ୍ପଷ୍ଟ ଅନୁମେୟ ହେଉଥିବାବେଳେ ବିଶ୍ରାମାଗାର ମରାମତି କରିବା ପାଇଁ ନା ଏଥିରେ ରହିଛି ପ୍ରଶାସନିକ ତତ୍ପରତା ନା ଆଗ୍ରହ ଅଛି ସ୍ଥାନୀୟ ପଞ୍ଚାୟତର। କଥାରେ ଅଛି ସମୁଦ୍ରରେ ଥିବା ବତୀଘର ଜାହାଜକୁ ପଥ ଦେଖାଇବା ପାଇଁ ଉଦ୍ଦିଷ୍ଟ ଥିବାବେଳେ ସେହିପରି ଯାତ୍ରୀ ବିଶ୍ରାମାଗାରଟି କେବଳ ନାମକୁ ମାତ୍ର ମୂକସାକ୍ଷୀ ହୋଇ ପଡ଼ିରହିଛି। ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ସହ କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ଦାବି ହେଉଛି।



### ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

# 'ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ପଣ୍ଡିତ ଗୋପବନ୍ଧୁ'













ଟାଙ୍ଗୀ, ୯।୧୦(ସମିସ)

ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ତରଫରୁ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମତିଥିରେ ବୃଦ୍ଧାଶ୍ରମରେ ଫଳ, ବିସ୍କୁଟ ବଣ୍ଟନ କରାଯାଇଥିଲା। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, କୋଷାଧ୍ୟକ୍ଷ ଦାମୋଦର ସାହୁ, ସଂଯୋଜକ ରଜନୀକାନ୍ତ ମିଶ୍ର, ପ୍ରଦୀପ କୁମାର ସାହୁ, ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ କୁହୁଡ଼ି ଲକ୍ଷ୍ମୀଧରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସର୍ବେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଏହି ଜନ୍ମତିଥି ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ପ୍ରାକ୍ତନ ପ୍ରଧାନଶିକ୍ଷକ ଗୋପାଳ ମହାରଣା, ସିଆର୍‌ସିସି ଦୀନବନ୍ଧୁ ପୃଷ୍ଟି, ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ, ଶିକ୍ଷକ ଚିନ୍ମୟ ସାହୁ, ଜନ୍ମେଜୟ ସାମନ୍ତସିଂହାର, ସବିତା ପଟ୍ଟନାୟକ, ହରପ୍ରିୟା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଗୋପବନ୍ଧୁ କିପରି ଦରିଦ୍ର ନାରାୟଣ ସେବା କରୁଥିଲେ ବକ୍ତବ୍ୟ ରଖିଥିଲେ। ସେହିପରି ଭାରତୀୟ ବିଦ୍ୟାନିକେତନ କାଲୁପଡ଼ା ପରିସରରେ ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ପ୍ରଧାନଆଚାର୍ଯ୍ୟା ବନଶ୍ରୀ ମହାପାତ୍ର, ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା', ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଭୁତେନ୍ଦୁ ପ୍ରସାଦ ଧନ୍ୟବାଦ ଦେଇଥିବାବେଳେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ସେହିପରି ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ପ୍ରଭୁ ଶ୍ରୀବଳରାମଦେବ ମନ୍ଦିରଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିଜୟ ରାଉତ, ଉପସଭାପତି ସୁରେନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଉମେଶ ପ୍ରସାଦ ଧଳ, ସହସମ୍ପାଦକ ରବୀନ୍ଦ୍ର ନାୟକ, ଲିଙ୍ଗରାଜ ସାହୁ, ବାଳକୃଷ୍ଣ ମିଶ୍ର, ମହେଶ୍ୱର ସେନାପତି, ରମେଶ ରାଉତ, ସାରଙ୍ଗଧର ପାଲଟାସିଂ, ମନୋଜ କୁମାର ପାତ୍ର, ବିଚ୍ଛେଦ ଜୟସିଂ ପ୍ରମୁଖ ଯୋଗଦେଇଥିଲେ।

**ଖୋର୍ଦ୍ଧା:** ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ସିଡିଏମ୍‌ଓ ଅଫିସ୍ ପରିସରରେ ପାଳିତ ହୋଇଯାଇଛି। ପୂର୍ବତନ ରାଜ୍ୟ ଉପସଭାପତି ଜୟନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକାର୍ଯ୍ୟରେ ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, ଜ୍ଞାନ ରଞ୍ଜନ ଦାଶ, ଗୋପାଳକୃଷ୍ଣ ଦାସ, ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ବିମଳ ଚନ୍ଦ୍ର ଷଡ଼ଙ୍ଗୀ, କବି କୈଳାସ ଚନ୍ଦ୍ର ପୃଷ୍ଟି, ବସ୍ତି ବିକାଶ ମଞ୍ଚର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଘଡ଼େଇ, ଲେଖକ ଭବାନୀ ପ୍ରସାଦ କର, ଓମ୍ ପ୍ରକାଶ ମହାନ୍ତି, ଡିଏସ୍‌ଓ ଲୋକାଲ କମିଟି ସମ୍ପାଦକ ଅବିନାଶ ପ୍ରଧାନ ଓ ଅନୁପମ ମହାନ୍ତି ପ୍ରଭୃତି ଯୋଗଦେଇଥିଲେ।

**ନିରାକାରପୁର:** ଗାନ୍ଧୀଶାନ୍ତି ପ୍ରତିଷ୍ଠାନ, ଗୋପବନ୍ଧୁ ସେବା ସମାଜ, ନିରାକାରପୁର ସାହିତ୍ୟ ସମାଜ, ସହଯୋଗର ମିଳିତ ଆନୁକୂଲ୍ୟରେ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସହିତ ସହଯୋଗର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ, ସାମ୍ବାଦିକ ମାନସ କୁମାର ପଟ୍ଟନାୟକ, ଉମେଶ ଚନ୍ଦ୍ର ପଟ୍ଟନାୟକ, ଶ୍ୟାମ ସୁନ୍ଦର ପଟ୍ଟନାୟକ, ଗୋପବନ୍ଧୁ ସମାଜସେବାର ଆବାହକ ପ୍ରସାଦ ଦାସ, ପ୍ରଫୁଲ୍ଲ ବାରିକ, ଈଶ୍ୱର ଚନ୍ଦ୍ର ନାଥ, ଗୋବିନ୍ଦ ଚନ୍ଦ୍ର ବିଷୋୟୀ, ପଦିଆ କାଣ୍ଡି, ରବୀନ୍ଦ୍ର କାଣ୍ଡି, ସତ୍ୟବାଦୀ ସାହୁ, ତେଜସ୍ୱିନୀ ଦାଶ, ଇନ୍ଦିରା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

**ବାଲୁଗାଁ:** ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ଓ ଦାର୍ଶନିକ ଚିନ୍ତନ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପିକା ରୀନା ରାଉତ, ଡ. କୈଳାସ ଚନ୍ଦ୍ର ମହାରଣା, ଯୁବ ରେଡ୍‌କ୍ରସ ଅଧିକାରୀ ମନସ୍ୱିନୀ ପଟ୍ଟନାୟକ, ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ, ଦୀପକ ପରିଡ଼ାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଯୋଗଦେଇ ମହାବିଦ୍ୟାଳୟ ପରିସରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଛାତ୍ରୀ ସନ୍ଧ୍ୟାରାଣୀ ପାଇକରାୟ, ସରସ୍ୱତୀ ଘଟୁଆଳି ଓ ସୋନାଲି ବିଶ୍ୱାସ ଗୋପବନ୍ଧୁଙ୍କ ଦର୍ଶନ ସମ୍ପର୍କିତ ନିବନ୍ଧ ଉପସ୍ଥାପନା କରିଥିବା ସ୍ଥଳେ ସେମିନାର ସଂଯୋଜିକା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ନିବନ୍ଧଗୁଡ଼ିକର ସମୀକ୍ଷା କରିଥିଲେ। ଶେଷରେ ସୁଶ୍ରୀ ଯସ୍ମିନ ବଳିଆରସିଂହ ଧନ୍ୟବାଦ ଅର୍ପଣ କରିଥିଲେ।








ଜେନାପୁର ଥାନା ଅଞ୍ଚଳରେ ମହାଲକ୍ଷ୍ମୀ ପୂଜା



## ବୃନ୍ଦାଦେଇପୁର ଶାସନରେ ୮୬ ବର୍ଷରେ ପଦାର୍ପଣ କଲା ଲକ୍ଷ୍ମୀ ପୂଜା

କବାଟବନ୍ଧ, ୯।୧୦(ସମିସ): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ବୃନ୍ଦାଦେଇପୁର ପଞ୍ଚାୟତ ଶାସନ ଗ୍ରାମରେ ଚଳିତ ବର୍ଷ ମହାଲକ୍ଷ୍ମୀ ପୂଜା ୮୬ ବର୍ଷରେ ପଦାର୍ପଣ କରିଥିବା ପୂଜାକମିଟି ପକ୍ଷରୁ ସୂଚନା ମିଳିଛି। ବହୁ ଆଡମ୍ବରରେ ଏବଂ ରୀତିନୀତି ଅନୁଯାୟୀ ମହାଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳରେ ଏହା ଏକ ପୁରାତନ ପୂଜାମଣ୍ଡପ ବୋଲି ଗଣନା କରାଯାଏ। ଏହିଠାରେ ମା'ଙ୍କର ପୂଜା ୫ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ସୋମବାରଠାରୁ ପୂଜା ରୀତିନୀତି ଅନୁଯାୟୀ ସମ୍ପନ୍ନ ହେଉଛି। ଶୁକ୍ରବାର ମା'ଙ୍କର



ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ଥାନୀୟ ଅଞ୍ଚଳର ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବା ପାଇଁ ଆସୁଥିବା ଦେଖିବାକୁ ମିଳିଛି। ଆକର୍ଷଣୀୟ ତୋରଣ, ଲାଇଟ୍ ଗେଟ, ଦୋକାନ, ମୀନାବଜାର ଓ ବିଭିନ୍ନ ଖାଦ୍ୟ ସାମଗ୍ରୀର ଷ୍ଟଲ ଲୋକମାନଙ୍କୁ ଖୁବ ଆକର୍ଷିତ କରୁଛି। ପୂଜାମଣ୍ଡପରେ ନାମ ସଂକୀର୍ତ୍ତନ ସହିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଭିନ୍ନ ରଙ୍ଗୀନ ଆଲୋକ ସହିତ ଆକର୍ଷଣୀୟ ତୋରଣ ଏବଂ ସାଜସଜ୍ଜା ପୂଜାମଣ୍ଡପକୁ ଖୁବ ଆକର୍ଷଣୀୟ କରୁଛି। ହଜାର ହଜାର ଭକ୍ତ ଏବଂ ଶ୍ରଦ୍ଧାଳୁମାନେ ପୂଜାମଣ୍ଡପକୁ ଯାଇ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରୁଛନ୍ତି।

## ଇଚ୍ଛାପୁରରେ ମା' ଲକ୍ଷ୍ମୀଙ୍କ ପୂଜା ସମ୍ପନ୍ନ

ଜେନାପୁର, ୯।୧୦(ସମିସ): ଧର୍ମଶାଳା ବ୍ଲକ ଅଧୀନ ପୁରୁଣା ବଉଳମାଳ ଗ୍ରାମ ପଞ୍ଚାୟତର ଇଚ୍ଛାପୁର ଗାଁରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଯଥାରୀତିରେ ସମ୍ପନ୍ନ ହୋଇଯାଇଛି। ୩ ଦିନଧରି ପୂଜା ପାଳିତ ହୋଇଥିଲା। ପ୍ରଥମ ଦିନ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ଦ୍ୱିତୀୟ ରାତ୍ରିରେ କରିଶ୍ମା ଡ୍ୟାନ୍ସ ନୃତ୍ୟ ପ୍ରଦର୍ଶନ କରିଥିଲେ। ପୂଜା କମିଟିର ସଦସ୍ୟ ଗୋଲଖ ଦାସ, ପ୍ରମୋଦ ଦାସ,



ବିଶ୍ୱନାଥ ଦାସ, ସୈରୀ ପାତ୍ର, ଅଜୟ ପାତ୍ର, ମନୋଜ ପାତ୍ର, କାର୍ତ୍ତିକ ଚନ୍ଦ୍ର ସାହୁ, ପ୍ରେମାନନ୍ଦ ସାହୁ, ପ୍ରମୋଦ ସାହୁ, ବିଚିତ୍ର ସାହୁ, ଲକ୍ଷ୍ମୀଧର ସାହୁ, ସୁଶାନ୍ତ ବେହେରା, ପ୍ରଦୀପ ବେହେରା, ମହେଶ୍ୱର ବେହେରା, ତପନ ବେହେରା, ପଦ୍ମନାଭ ପଣ୍ଡା, ଦୀପ୍ତିରଞ୍ଜନ ଓଝା, ଜ୍ଞାନରଞ୍ଜନ ପାତ୍ର ସହଯୋଗ କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଉତ୍ସବ ସମ୍ପନ୍ନ ହୋଇଥିଲା।

**ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ**

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି

ଯାଜପୁର, ୯।୧୦(ସମିସ): ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ପବିତ୍ର ଗୋପବନ୍ଧୁ ଜୟନ୍ତୀ ସ୍ଥାନୀୟ ଜିଲ୍ଲା ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଅନନ୍ୟାର ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀରେ ଅନନ୍ୟାର ସମସ୍ତ ସଭ୍ୟମାନେ ଉପସ୍ଥିତ ହୋଇ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ



ମାଲ୍ୟାର୍ପଣ କରିଥିଲେ। ସମ୍ପାଦକ ଡ. କାହ୍ନୁଚରଣ ମିଶ୍ର ଯୋଗଦେଇ ଗୋପବନ୍ଧୁଙ୍କ ଜୀବନବାଣୀ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଧାରଣା ଦେଇଥିଲେ। ସଭାପତି ଶ୍ରୀ ନନ୍ଦ ଗୋପବନ୍ଧୁଙ୍କ ଜୀବନର କାର୍ଯ୍ୟକଳାପକୁ ବିସ୍ତୃତ ଭାବେ ଆଲୋଚନା କରିବା ସହ ଛାତ୍ରଛାତ୍ରୀ ମହାପୁରୁଷଙ୍କ ଜୀବନୀବଳୀକୁ ପାଠ କରିବାକୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମରେ ଦୁର୍ଯ୍ୟୋଧନ ବେହେରାଙ୍କ ସମେତ ସମସ୍ତ ସଦସ୍ୟ, ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ।

**ବ୍ୟାସନଗର:** ସେବା ଓ ତ୍ୟାଗର ପ୍ରତୀକ, ବିଶିଷ୍ଟ ଜନନାୟକ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ଅଗ୍ରଣୀ ସାମ୍ବାଦିକ ସଂଗଠନ ବ୍ୟାସ ପ୍ରିଣ୍ଟମିଡ଼ିଆ ଆସୋସିଏସନ ପକ୍ଷରୁ ପାଳିତ ହୋଇଯାଇଛି। ଆସୋସିଏସନ ସଭାପତି ଶରତ ପାଢ଼ୀଙ୍କ ସଭାପତିତ୍ୱରେ



ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହରର ଗୋପବନ୍ଧୁ ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ ଉପଦେଷ୍ଟା ହାରାଧନ ବାନାର୍ଜୀ, ବାବୁରାମ ଜେନା ପୁଷ୍ପମାଲ୍ୟ ଅର୍ପଣ କରି ବକ୍ତବ୍ୟ ପ୍ରଦାନ ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଂଘର ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସଂଗଠନ ସମ୍ପାଦକ ରମାକାନ୍ତ ରାଉତ, ଉପସଭାପତି ପ୍ରଦ୍ୟୁମ୍ନ ବୋଉରାଇ, ଇଂ. ଯଜ୍ଞେଶ୍ୱର ତ୍ରିପାଠୀ, ସହ ସମ୍ପାଦକ କୈଳାସ ରାଉତ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ, ପବିତ୍ର ରଞ୍ଜନ ମହାନ୍ତି, ବିଜୟ ସାହୁ, ଦୁଷ୍ମନ୍ତ ରାଉତ, ପ୍ରଶାନ୍ତ କୁମାର ପାତ୍ର, ସୁଦୀପ ମିଶ୍ର, ଜ୍ଞାନରଞ୍ଜନ ରାଉତ, ଶ୍ରୀକାନ୍ତ ବ୍ରହ୍ମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମ୍ବାଦିକ ପ୍ରକାଶ ରାଉତ, ଜ୍ଞାନ ରଞ୍ଜନ ଓଝା, ଜ୍ୟୋତିପ୍ରକାଶ ଭୂୟାଁ, ପଦ୍ମଲୋଚନ ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

**ବରୀ:** ଯୁଧିଷ୍ଠିର ତ୍ରିପାଠୀ ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ଓ କମଳା ହୋମିଓ ସେବା ସଦନ ମିଳିତ ଆନୁକୂଲ୍ୟରେ ଅରଙ୍ଗାବାଦ ଚତରସ୍ଥିତ ଟ୍ରଷ୍ଟର ସଭାଗୃହରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜୟନ୍ତୀ ସମାରୋହକୁ ଯୁବ ଜ୍ୟୋତିର୍ବିଦ ଓ ସ୍ତମ୍ଭକାର ଡ. ଅମୂଲ୍ୟ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଗୋପବନ୍ଧୁଙ୍କ



ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସର୍ବଧର୍ମ ପ୍ରାର୍ଥନା ଏବଂ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଜୟନ୍ତୀ ସମାରୋହର ଆବାହକ ଯୁବ ସମାଜସେବୀ ଡ଼ଃ ବିଶ୍ୱନାଥ ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଗୋପବନ୍ଧୁ ଦାସଙ୍କ ଜୀବନାଦର୍ଶନ ଏବଂ ପରୋପକାର, ସାହିତ୍ୟ ସାଧନା, ସେବାପରାୟଣତା ଉତ୍ସର୍ଗୀକୃତ ସମାଜସେବା ପ୍ରତ୍ୟେକ ବ୍ୟକ୍ତି, ଅନୁଷ୍ଠାନ ସର୍ବୋପରି ଯୁବସମାଜ ପାଇଁ ସଫଳକାମୀ ଏବଂ ଆଦର୍ଶ ବ୍ୟକ୍ତିତ୍ୱ ନିର୍ମାଣ କରିବାରେ ସହାୟକ ହେବବୋଲି ମତବ୍ୟକ୍ତ କରିଥିଲେ। ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ ପ୍ରାକ୍ତନ ସେନା କର୍ମଚାରୀ ମଦନ ମୋହନ ପତି ଏବଂ ସମ୍ମାନିତ ଅତିଥି ଭାବେ ସମାଜସେବୀ ଅଜୟ କୁମାର ସାହୁ, ଭୂପତି ମଲ୍ଲିକ, କଳାମାଟିଆ ମଠର ମଠାଧିସ ଶ୍ୟାମସୁନ୍ଦର ଦାସଜୀ ମହାରାଜ, ଟ୍ରଷ୍ଟର ଅଧକ୍ଷା ଚଞ୍ଚଳା ତ୍ରିପାଠୀ ଯୋଗଦେଇ ସାହିତ୍ୟ, ସମାଜସେବା, ସାମ୍ବାଦିକତା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଶିକ୍ଷା କ୍ଷେତ୍ରରେ ନୈତିକ ମୂଲ୍ୟବୋଧ ଭିତ୍ତିକ ଦୃଷ୍ଟିକୋଣ ବିଷୟରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ସଂଜୟ ସମ୍ପୂର୍ଣ୍ଣା ତ୍ରିପାଠୀ, ବିପ୍ଳବ ସାମଲ, କୃଷ୍ଣଚନ୍ଦ୍ର ଧଳ, କାହ୍ନୁଚରଣ ନାୟକ, ପ୍ରତିଭା ତ୍ରିପାଠୀ, ଚିତ୍ତରଞ୍ଜନ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ହରପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**ଜେନାପୁର:** ଧର୍ମଶାଳା ବ୍ଲକ ଅଧୀନ ଜେନାପୁରଠାରେ ମହାପୁରୁଷ ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଜେନାପୁରର ଉତ୍କଳମଣୀ ସେବା ସଙ୍ଗଠନ ପକ୍ଷରୁ ଜୟନ୍ତୀ ପାଳନ କରାଯିବ ସହିତ ଏହି ଅବସରରେ ବିଭିନ୍ନ ସାମାଜିକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉତ୍କଳମଣି ସେବା ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଲୋକନାଥ ପୁରୀଙ୍କ ଆବାହକତ୍ୱରେ ମୁଖ୍ୟଅତିଥି ଭାବେ ପ୍ରଫୁଲ୍ଲ କୁମାର ଦାସ ଏବଂ ସମ୍ମାନିତ ଅତିଥି ଅଜୟ କୁମାର ଦାସ, ବ୍ରଜ କିଶୋର ସାମଲ, ଚନ୍ଦ୍ରଶେଖର ସ୍ୱାଇଁ, ପଦ୍ମନାଭ ଶତପଥୀ, ପ୍ରମୋଦ କୁମାର ମଲ୍ଲିକ ଓ ଚିତ୍ତରଞ୍ଜନ ସାମଲ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବାଲିଯାତ୍ରା ପଡ଼ିଆଠାରେ ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉପସ୍ଥିତ ଅତିଥି ମାନେ ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ଅତୀତରେ ବନ୍ୟା ସମୟରେ ଜେନାପୁର ପାଇଁ ଗୋପବନ୍ଧୁଙ୍କ ଅବଦାନ ଅତୁଳନୀୟ ଏବଂ ଏହା



ଜେନାପୁରବାସୀ ଚିରଦିନ ପାଇଁ ମନେ ରଖିବେ ବୋଲି କହିଥିଲେ। ଜେନାପୁର ଅଞ୍ଚଳ ପ୍ରତି ତାଙ୍କ ଉତ୍ସର୍ଗୀକୃତ ସେବା ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ କାରାକବିତା 'ବନ୍ଦୀର ଆତ୍ମକଥା'ର ୨୧ ପୃଷ୍ଠାରେ ତାହା ଲେଖା ଅଛି ବୋଲି କହିଥିଲେ। ଏହା ପରେ ସ୍ଥାନୀୟ ବ୍ରାହ୍ମଣୀ ନଦୀ କୂଳରେ ଆନିକଟ ନିକଟରେ ଚାରାରୋପଣ କରାଯାଇଥିଲା। କୁନି କୁନି ପିଲା ତଥା ବିଭିନ୍ନ ୧୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସାଧାରଣ ଜ୍ଞାନ, ବକ୍ତୃତା ପ୍ରତିଯୋଗିତା, ନୃତ୍ୟ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ରବୀନ୍ଦ୍ର ଦାସ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ମହେଶ୍ୱର ଖଟୁଆ, ଉପଦେଷ୍ଟା ମଣ୍ଡଳୀ ପ୍ରତାପ ଚନ୍ଦ୍ର ଦାସ, ରବୀନ୍ଦ୍ର ଦାସ, ମଧୁସୂଦନ ପଟ୍ଟନାୟକ, କ୍ଷେତ୍ରବାସୀ ରାଉତ, ବିଷ୍ଣୁଚରଣ ଓଝା, ସୁଦର୍ଶନ ପ୍ରଧାନ, ଅର୍ଜୁନ କୁମାର ଦାସ, ରଘୁନାଥ ଶତପଥୀ, ସଭ୍ୟ ନିଷ୍କାବ ଖଟୁଆ, ପ୍ରହଲାଦ ପାତ୍ର, ରାମଚନ୍ଦ୍ର ମହାନ୍ତି, କୁନିଲ ରାଉତ, ସରୋଜ ପଟ୍ଟନାୟକ, ଶୁକଦେବ ତରାଇ, ମାନସ ମହାନ୍ତି, ବିଭୂତିଭୂଷଣ ଦାସ, କ୍ଷୀରୋଦ ଦଳାଇ, ସନ୍ତୋଷ କବି, ଆଲୋକ ପୃଷ୍ଟି, ଦଶରଥ ତରାଇ ଓ ଅନ୍ୟ ସଭ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**ଯାଜପୁର ଟାଉନ:** ଯାଜପୁର ବୈଷ୍ଣବ ଦତ ଉଚ୍ଚ ବିଦ୍ୟାଳୟରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟଳୟରେ ସମାଜସେବୀ ନିଶୀଥ ଦାସଙ୍କ ଉଦ୍ୟମ ବରିଷ୍ଠ ଶିକ୍ଷାବିତ ସ୍ୱର୍ଗତ ଅମଳା ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଷ୍ଠା ହୋଇଥିବା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଡାକବିଭାଗର ମୁଖ୍ୟ ଅଧିକାରୀ ଜ୍ଞାନଚାନ୍ଦ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ



ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଅବସରରେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ସମାଜସେବୀ ନିଶୀଥ ଦାସ, ଶିକ୍ଷୟିତ୍ରୀ ଅଞ୍ଜଳୀପ୍ରଭା ନାୟକ, ଗୀତାଞ୍ଜଳୀ ସାହୁ, ସ୍ମୃତି ସାମଲ, ସୋନାଲୀ ସାହୁ, ସୁକାନ୍ତୀ ବାରିକ, ବର୍ଷାରାଣୀ ସ୍ୱାଇଁ, ଲିପ୍ସାରାଣୀ ସ୍ୱାଇଁ, ସ୍ମୃତିଶ୍ରୀ ଦେବୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମ୍ରିାନ୍ନ ବଣ୍ଟନ କରାଯାଇଥିଲା।

**କର୍ଯ୍ୟାଗୋଲା:** ବିରିପଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ



ମାଲ୍ୟାର୍ପଣ କରାଯାଇ ତାଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିକ୍ଷକ ସତ୍ୟରଞ୍ଜନ ନାୟକ, ଶ୍ରଦ୍ଧାଞ୍ଜଳି ସାହୁ, ଶ୍ରାବଣୀ ମଲ୍ଲିକ, ରୋଜାଲିନ ରାୟ, ସସ୍ମିତା ପ୍ରିୟଦର୍ଶିନୀ ଧଳ, ସସ୍ମିତା ଜେନା, ଅନିଶା ଦାସ, ଯୁଗଳ କେ ଏସ ସର୍ଦ୍ଦାର, ସାମ୍ବାଦିକ ଦେବେନ୍ଦ୍ର ସାମଲ ଓ ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**ଧର୍ମଶାଳା:** ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଠାରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରାଧାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ସଭାରେ କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ଡଃ.




ରାଜ କିଶୋର ପାଢ଼ୀ ମୁଖ୍ୟଅତିଥି, ଧର୍ମଶାଳା ସାହିତ୍ୟ ସମାଜର ସମ୍ପାଦକ ଡଃ. ପ୍ରଶାନ୍ତ କୁମାର ସ୍ୱାଇଁ ଏବଂ ଶିକ୍ଷାବିତ ସୁନାକର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସୋନାଲି ପଣ୍ଡା, ଲକ୍ଷ୍ମୀପ୍ରିୟା ପଣ୍ଡା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ନିତ୍ୟାନନ୍ଦ ବେହେରା, ବ୍ରଜକିଶୋର ମହାନ୍ତି, ପ୍ରଭାତ ପଣ୍ଡା, ଦୟାନିଧି ଦାଶ, ନରେନ୍ଦ୍ର ସିଂ, ସୁଦର୍ଶନ ପଣ୍ଡା, ଧିରେନ୍ଦ୍ର ଦାସ, ରବୀନ୍ଦ୍ର ଦାଶ, ନବକୁମାର ଜେନା, ସୁଧାକର ରଣା, ସୁବାଷ ଦାସ, ହେମନ୍ତ ଜେନା, ଶରତ ଜେନା, ଜଗବନ୍ଧୁ ମହାନ୍ତି, ଅମଳେନ୍ଦୁ ପଣ୍ଡା, ଭୀମସେନ ସାହୁ, ପଦ୍ମିନୀ ମିଶ୍ର, ସୁମିତ୍ରା ବାରିକ, କୁନିଲତା ବେହେରା, ମିନତୀ ପଣ୍ଡା, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ସଭାପରେ ଦୁଃଶାସନ ମଲ୍ଲିକଙ୍କ ଦ୍ୱାରା ବଂଶୀବାଦନ ଏବଂ ଜଳଧର ମଲ୍ଲିକ, ବାଇଧର ମଲ୍ଲିକ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ଧର୍ମଶାଳା:** ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ଉତ୍କଳମଣି ଗୋପବନ୍ଧୁ ସେବା ସଂଘ ପକ୍ଷରୁ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ଅଧକ୍ଷତାରେ ସମାରୋହରେ ଅଧାପିକା ଡ .ରୋଜାଲିନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉପଦେଷ୍ଟା ଅକ୍ଷୟ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ



କରିଥିଲେ। ଅବସରରେ ପତ୍ରିକା 'ଲେଖନୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାବନ୍ଧିକ ବାମଦେବ ପାଢ଼ୀ ସଂଯୋଜନା କରିଥିଲେ। ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଗୋପବନ୍ଧୁଙ୍କ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟୀ ପ୍ରତିଯୋଗୀଙ୍କୁ ସଂଗଠନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ପ୍ରବୋଧ ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ଓ ମାଧୁରୀ ଶତପଥୀ ଗୋପବନ୍ଧୁ ଉପରେ କବିତା ପାଠ କରିଥିଲେ। ଇନର ହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ମିନତୀ ସାହୁ ଓ ମାଧୁରୀ ଶତପଥୀ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ଗଣେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।

**ପ୍ରୀତିପୁର:** ଉତ୍କଳମଣି ଥିଲେ ଯୁଗପୁରୁଷ, ସତ୍ୟ, ନ୍ୟାୟ ଓ ଦୟାର ଜୀବନ୍ତ ପ୍ରତିମା ବୋଲି ଶିଶିରଣା ଠାରେ ଅନୁଷ୍ଠିତ ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗୋପବନ୍ଧୁ ପରିଷଦର ସଭାପତି କୃଷକନେତା ତଥା ସମାଜସେବୀ ବୀରଭଦ୍ର ସାମଲଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ମୁଖ୍ୟବକ୍ତା



ଭାବରେ ଅଧାପକ ଦାମୋଦର ବେହେରା ଏବଂ ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ସମିତି ଅଧକ୍ଷା ରିତା କୁମାରୀ ଦାସ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଇଂ. ସୁଶାନ୍ତ କୁମାର ଦାସ, ଶିକ୍ଷାବିତ୍ ବିଷ୍ଣୁଚରଣ ଲେଙ୍କା, ସ୍ଥାନୀୟ ସରପଞ୍ଚ ବିଟାରଶ୍ମୀ ମଲ୍ଲିକ, ପୂର୍ବତନ ଏବିଓ ପ୍ରମୋଦ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଉତ୍କଳମଣିଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମ୍ପାଦକ ଶିକ୍ଷାବିତ୍ ରାମଚନ୍ଦ୍ର ନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ. ସୁରେନ୍ଦ୍ର କୁମାର ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଅର୍ଜନ କରିଥିବା ୯ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା। ସମାଜସେବୀ ନିରନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



**ଧର୍ମଶାଳା:** ଧର୍ମଶାଳା ବ୍ଲକ ଜାରକାଠାରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜାରକା ଗୋପବନ୍ଧୁ ଛକଠାରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଧର୍ମଶାଳା ବ୍ଲକର ପ୍ରାକ୍ତନ ଅଧକ୍ଷ କିଶାନ ପଣ୍ଡାଙ୍କ ଅଧକ୍ଷତା ଏବଂ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁଙ୍କ ସଂଯୋଜନାରେ ସଭାରେ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ, ସମାଜସେବୀ ବିଶ୍ୱଜିତ ମହାନ୍ତି, କାହ୍ନୁଚରଣ ଦାଶ, ସାହିତ୍ୟିକ ରମାକାନ୍ତ ଜେନା, ଅବସରପ୍ରାପ୍ତ ପ୍ରଧାପକ ପ୍ରଶାନ୍ତ କୁମାର ଦାସ, ବଡ଼ଚଣା ବ୍ଲକର ପ୍ରାକ୍ତନ ଅଧକ୍ଷ ନିରନ ସାହୁ, ସାମାଜସେବୀ ମାଧୁରୀ ଶତପଥୀ ଓ ଲକ୍ଷ୍ମୀ ଖମାରୀ ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ଅଧାପକ ପ୍ରଶାନ୍ତ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ତରେଇ, ଅବସରପ୍ରାପ୍ତ ଶିକ୍ଷକ ବ୍ରଜ କିଶୋର ଦାଶ, ଦେବେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଗୋପବନ୍ଧୁଙ୍କ ଉପରେ ସ୍ୱରିଚ କବିତାପାଠ କରିଥିଲେ। ଅବସରରେ ଅଲମ୍ପିଆନ ଦୂତୀଚାନ୍ଦ, ସାମ୍ବାଦିକ ସୀତାକାନ୍ତ ସାମଲ, ଅବିନେଶ୍ୱର ଶତପଥୀ, ଆଦିତ୍ୟ ମାହୁନ୍ତ, ଯାତ୍ରା କଳାକାର ଜଳଧର ତରେଇ, ରୋଟାରିଆନ ଦୀପକ ଜେନା, ଆମ୍ବେଦକର ଫାଉଣ୍ଡେସନର କର୍ମକର୍ତ୍ତା ଦୁଷ୍ମନ୍ତ ଜେନା, କାର୍ତ୍ତିକ ଚନ୍ଦ୍ର ମଲିକ ସମେତ ଜାରକା ହାଇସ୍କୁଲର ୩ ଜଣ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା।




# ଠେଙ୍ଗାରେ ପିଟି ପିଟି ବୃଦ୍ଧଙ୍କୁ ହତ୍ୟା



ସୋରଡ଼ା, ୯ ।୧୦(ସମିସ): ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଗୋଛା ପଞ୍ଚାୟତ ସ୍ୱର୍ଗଦ୍ୱାର ଗ୍ରାମ ନିକଟରେ ଠେଙ୍ଗାରେ ପିଟିପିଟି ଜଣେ ବୃଦ୍ଧାଙ୍କୁ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ମୃତକ ହେଲେ ଧରାକୋଟ ବ୍ଲକ୍ ସିଙ୍ଗପୁର ଗ୍ରାମର ଶିଶିର ମୁନି(୫୫)। ସେ ଭିକ୍ଷା ବୃତ୍ତି କରୁଥିଲେ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ପୁଲିସ ମୃତଦେହ ଜବତ କରି କିଏ ଓ କାହିଁକି ସମ୍ପୃକ୍ତ ବୃଦ୍ଧାଙ୍କୁ ହତ୍ୟାକଲା ସେ ନେଇ ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ବୁଧବାର ବିଳମ୍ବିତ ରାତିରେ ଶିଶିରଙ୍କ ସହ କିଛି ଦୁର୍ବୃତ୍ତଙ୍କ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦୁର୍ବୃତ୍ତ ତାଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିବା ଅନୁମାନ କରାଯାଉଛି। ଗୁରୁବାର ସକାଳେ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ହତ୍ୟା ମାମଲା ରୁଜୁ କରି ସନ୍ଦେହରେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରୁଛି। ଅନ୍ୟପଟେ ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି।

● କମଳାପଦରରେ ଅଜଣା ଜନ୍ତୁ ଆତଙ୍କ

# ମାରିଲା ୨ ଶହରୁ ଊର୍ଦ୍ଧ୍ୱ କୁକୁଡ଼ା

ଖଲ୍ଲିକୋଟ, ୯ ।୧୦(ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କମଳାପଦର ଗ୍ରାମରେ ଅଜଣା ଜନ୍ତୁର ଅତଙ୍କ ଦେଖିବାକୁ ମିଳିଛି। ଫାର୍ମ ଭିତରେ ପଶି ୨୦୦ରୁ ଊର୍ଦ୍ଧ୍ୱ ଦେଶୀ କୁକୁଡ଼ା ମାରିବା ସହ ଅନେକ ଛୁଆ କୁକୁଡ଼ାଙ୍କୁ ଖାଇ ଯାଇଛି। କମଳାପଦର ଗ୍ରାମରେ କୁକୁଡ଼ା ଚାଷୀ ଜିତୁ ବାରିକ ୨ବର୍ଷ ତଳେ ଦେଶୀ କୁକୁଡ଼ା ଫାର୍ମ କରିଥିଲେ। ଭଲ ବ୍ୟବସାୟ ବି ହେଉଥିଲା। ଗୋଟିଏ ଗୋଟିଏ କୁକୁଡ଼ା ୮୦୦ ରୁ ୧୨୦୦ ଟଙ୍କାରେ ବିକ୍ରି ହେଉଥିଲା। ଗତକାଲି କୌଣସି ଏକ ଭୋଜି କାର୍ଯ୍ୟରେ ଯୋଗ ଦେବାକୁ ଜିତୁଙ୍କ ସମେତ



ପରିବାରର ସମସ୍ତେ ବାହାରକୁ ଚାଲି ଯାଇଥିଲେ। ରାତି ୧୦ ଟାରେ ଫାର୍ମକୁ ଫେରି ଦେଖିବା ବେଳକୁ ସବୁ କୁକୁଡ଼ା ମରି ପଡିଛନ୍ତି। କୌଣସି ଅଜଣା ଜନ୍ତୁ ଫାର୍ମର ଜାଲି ବାଡ଼କୁ ଦାନ୍ତରେ କାଟି ଭିତରେ ପଶି କୁକୁଡ଼ା ଓ ଚିଆଁଙ୍କୁ ମାରି ଅଧା ଅଧା ଖାଇ ଦେଇଛି। ଫଳରେ କୁକୁଡ଼ା ଚାଷୀଙ୍କ ପରିବାର ଭାଙ୍ଗି ପଡ଼ିଛନ୍ତି। ତେଣୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ଓଲଟିଲା କୋବି ବୋଝେଇ ଟ୍ରକ୍

ଖଲ୍ଲିକୋଟ, ୯ ।୧୦(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଡିମିରିଆ ଛକରେ ବୁଧବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଏକ ବନ୍ଧାକୋବି ବୋଝେଇ ଆଇଚର ଗାଡ଼ି ଓଲଟି ପଡ଼ିଥିବା ବେଳେ ଅଳ୍ପକେ ଟ୍ରକ ଡ୍ରାଇଭର ବର୍ତ୍ତି ଯାଇଛନ୍ତି। କର୍ଣ୍ଣାଟକରୁ ଏକ କୋବି ବୋଝେଇ ଆଇଚର ଗାଡ଼ି ଭୁବନେଶ୍ୱର ଅଭିମୁଖେ ଆସୁଥିବା ସମୟରେ ବୁଧବାର ବିଳମ୍ବିତ ରାତିରେ ହଠାତ ଡିମିରିଆ ଛକରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିଲା। ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



## ଲାଠୀ ଠାକୁରାଣୀ ଯାତ୍ରା ଉଦ୍‌ଯାପିତ

# ଦେବୀଙ୍କ ସାହି ପରିକ୍ରମାକୁ ନେଇ ଛକାପଞ୍ଝା

କୁକୁଡ଼ାଖଣ୍ଡି, ୯ ।୧୦(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗ୍ରାମରେ ବାର୍ଷିକ ଠାକୁରାଣୀ ଓ ଗ୍ରାମଦେବତୀ ଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଲଗ୍ନ ଅନୁସାରେ ଦୁଇ ଠାକୁରାଣୀ ବିଳମ୍ବିତ ରାତ୍ରିରେ ଅସ୍ଥାୟୀ ମନ୍ଦିରରୁ ବାହାରି ଭକ୍ତଙ୍କ ଗହଣରେ ସାହି ପରିକ୍ରମା କରିଥିଲେ। ଏଥିପାଇଁ ବିଭିନ୍ନ ସାହିରେ ଭାରତଲୀଳା, ପ୍ରହଲ୍ଲାଦ ନାଟକ, ରାମାୟଣ, ମହାଭାରତ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗୁରୁବାର ପୂର୍ବାହ୍ନରେ ସ୍ଥାୟୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଦୁଇ ଦେବୀ। ତେବେ ଠାକୁରାଣୀଙ୍କ ସାହି ପରିକ୍ରମାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥିତି କିଛି ଏଭଳି ଥିଲା। ଗ୍ରାମର ଲୋକସଂଖ୍ୟା ବୃଦ୍ଧି ସହ ସାହି ସଂଖ୍ୟା ମଧ୍ୟ ବୃଦ୍ଧି ଘଟିଛି। ଏହି କ୍ରମରେ ବ୍ରହ୍ମେଶ୍ୱର ବିହାର ଗଢ଼ି ଉଠିଛି। ଏହି ସାହି ବାସିନ୍ଦା ଗତ ପାଞ୍ଚବର୍ଷ ହେଲା ଦୁଇ ଠାକୁରାଣୀଙ୍କ ପରିକ୍ରମା ଲାଗି ମନ୍ଦିର ପରିଚାଳନା କମିଟିକୁ ଲିଖିତ ଅନୁରୋଧ କରୁଥିଲେ। ହେଲେ ବ୍ରହ୍ମେଶ୍ୱର ବିହାର



ବାସିନ୍ଦାଙ୍କ ଅନୁରୋଧକୁ ମନ୍ଦିର ପରିଚାଳନା କମିଟି ଅଗ୍ରାହ୍ୟ କରି ଆସୁଥିଲେ। ତେବେ ଗତ ଶୀତଳଷଷ୍ଠୀ ଯାତ୍ରା ବେଳେ ଗାଁରେ ପୂଜା ପାଉଥିବା ବ୍ରହ୍ମେଶ୍ୱର ଠାକୁର ବ୍ରହ୍ମେଶ୍ୱର ବିହାର ସାହି ପରିକ୍ରମା କରିବାକୁ ଆସିଥିଲେ। ନିୟମ ଅନୁସାରେ ପ୍ରଥମେ ବ୍ରହ୍ମେଶ୍ୱର ଠାକୁର ଯଦି ନୂଆ ସାହିକୁ ପରିକ୍ରମା କରନ୍ତି। ତେବେ ପରବର୍ତ୍ତୀ ସମୟରେ ବାର୍ଷିକ ଯାତ୍ରା ସମୟରେ ଗ୍ରାମଦେବତୀ ଓ ଠାକୁରାଣୀ ସମ୍ପୃକ୍ତ ସାହି ପରିକ୍ରମା କରିଥାନ୍ତି। ଏହି କ୍ରମରେ ସାହି ବାସିନ୍ଦା ପୁଣି ଚଳିତ ବର୍ଷ ମନ୍ଦିର ପରିଚାଳନା କିମିଟିକୁ ଅନୁରୋଧ କରିଥିଲେ। ହେଲେ ଗ୍ରାମଦେବତୀ ପରିଚାଳନା କମିଟି ସାହି ବାସିନ୍ଦାଙ୍କ ଅନୁରୋଧକୁ ପ୍ରତ୍ୟାଖାନ କରିଥିବା ବେଳେ ଠାକୁରାଣୀ ମନ୍ଦିର ପରିଚାଳନା କମିଟି ସହମତି ପ୍ରକାଶ କରିଥିଲେ। ଏହାପରେ ପ୍ରଥମଥର ଲାଗି ଦେବୀ ଠାକୁରାଣୀ ସାହି ପରିକ୍ରମାରେ ଆସିବାର ଜଣାପଡ଼ିବା ପରେ ସାହି ବାସିନ୍ଦା ଖୁସୀ ଜାହିର କରିଥିଲେ। ସେଥିପାଇଁ ପ୍ରତ୍ୟେକ ଘରୁ ଚାନ୍ଦା ସଂଗ୍ରହ କରାଯାଇ ଆଲୋକମାଳା ଲଗାଯିବା ସହ ଦୁଇ ଦଳ ଭାରତଲୀଳା ପରିବେଷଣ କରାଯାଇଥିଲା। ଗୁରୁବାର ସକାଳେ ଦେବୀ ଠାକୁରାଣୀ ଗାଁ ପରିକ୍ରମା ସହ ବ୍ରହ୍ମେଶ୍ୱର ବିହାର ପରିକ୍ରମା କରିବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ତେବେ ଠିକଣା ସମୟରେ ଗାଁର କିଛି କୁଚକ୍ରୀ ଗୋଷ୍ଠୀ ଦେବୀଙ୍କ ସାହି ପରିକ୍ରମାକୁ ବିରୋଧ କରିଥିଲେ। ଫଳରେ କିଛି ସମୟ ଲାଗି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ବ୍ରହ୍ମେଶ୍ୱର ବିହାର ସାହି ବାସିନ୍ଦାଙ୍କ ଜିଦ୍ ଆଗରେ କୁଚକ୍ରି ଗୋଷ୍ଠୀର ସମସ୍ତ ଯୋଜନା ଫସର ଫାଟିଥିଲା। ଶେଷରେ ଦେବୀ ଠାକୁରାଣୀ ବ୍ରହ୍ମେଶ୍ୱର ବିହାର ସାହି ପରିକ୍ରମା କରିବା ସହ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସାହି ବାସିନ୍ଦାଙ୍କ ପକ୍ଷରୁ ପୂର୍ବତନ ସଂସ୍କୃତ ଶିକ୍ଷକ ଗୋପାଳକୃଷ୍ଣ ପାଢ଼ୀ, ନରସିଂହ ବେହେରା, ଅରୁଣ ଗୌଡ଼, ମାଧବ ମାଝି, ସୌମ୍ୟରଞ୍ଜନ ମହାରଣା, କୃଷ୍ଣଚନ୍ଦ୍ର ଗୌଡ଼, ଧୋବା ମହାରଣା, ସୁଦାମ ଗଜେନ୍ଦ୍ର, ଶଙ୍କର ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।



# ଯୁବକଙ୍କୁ ଆକ୍ରମଣ ଘଟଣାରେ ୩ ଗିରଫ

ପୁରୁଷୋତ୍ତମପୁର, ୯ ।୧୦(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମ ଛକରେ ଜଣେ ଯୁବକକୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ମାମଲାରେ ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋବିନ୍ଦପୁର ଗ୍ରାମର ଜଡି ଓରଫ ଆଶୁତୋଷ ରଣା(୨୨), କଙ୍କି ଓରଫ ସୁଶାନ୍ତ ଦାସ(୨୦), ଅନ୍ୟ ଜଣେ ୧୭ ବର୍ଷର ନାବାଳକ ରହିଛି। ଗୋବିନ୍ଦପୁର ଗ୍ରାମ ଛକରେ ଗୋପୀନାଥ ରଣା (୨୮) ଠିଆ ହୋଇଥିବା ବେଳେ କିଛି ଦୁର୍ବୃତ୍ତ ଆସି ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଗୋପୀନାଥଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତରିତ କରାଯାଇଥିଲା। ପୁରୁଷୋତ୍ତମପୁର ଥାନା ଅଧିକାରୀ ରାଜେଶ କୁମାର ନାୟକଙ୍କ ସମେତ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏସଡିପିଓ ସୁଜିତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ରାଜେଶ କୁମାର ନାୟକ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ଆଜି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ଆଇନ ତାଲିମ ଶିବିର

ଛତ୍ରପୁର, ୯ ।୧୦(ସମିସ): କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ଆଇନ୍ -୨୦୧୩ ଉପରେ ଦିନିକିଆ ତାଲିମ୍ ଶିବିର ଜିଲ୍ଲାପାଳଙ୍କ ସଭାକକ୍ଷ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟ ଲକ୍ଷ୍ମୀ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ଶିବିରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଶିକ୍ଷାଧିକାରୀ ଡ ପ୍ରଭାତି କୁମାରୀ ମହାପାତ୍ର ମହିଳାମାନେ କାର୍ଯ୍ୟକ୍ଷେତ୍ରରେ ଶିକାର ହେଉଥିବା ଯୌନ ଉତ୍ପୀଡନ ଓ ସେଥି ନିମନ୍ତେ ଭାରତୀୟ ନ୍ୟାୟ ସଂହିତା ଉପରେ ବୁଝାଇଥିଲେ। ମହିଳାଙ୍କ ଅଭିଯୋଗ ବିଷୟରେ ବୁଝିବା ପାଇଁ ଏକ ଆଭ୍ୟନ୍ତରୀଣ କମିଟି (ଆଇସିସି) ଗଠନ କରି ଯେଉଁମାନେ ଯୌନ ଉତ୍ପୀଡନ ଘଟଣାରେ ଦୋଷୀ ଥିବେ ଯଥାଶୀଘ୍ର ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଆଲୋଚନା କରାଯାଇଥିଲା। ଶିବିରରେ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସହକାରୀ ବ୍ଲକ୍ ଶିକ୍ଷାଧିକାରୀ, ଉପଖଣ୍ଡ ପଶୁ ଚିକିତ୍ସା ଅଧିକାରୀ ଡ. ଶୁଭାଶିଷ ମିଶ୍ର, ମହିଳା ଓ ଶିଶୁ ସହାୟତା କେନ୍ଦ୍ର, ଛତ୍ରପୁର ସବ୍ ଇନିସ୍ପେକ୍ଟର, ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଛତ୍ରପୁର, ବ୍ରହ୍ମପୁର, ଭଞ୍ଜନଗର ଓ ଛତ୍ରପୁର ଉପଖଣ୍ଡର ପ୍ରୋଗ୍ରାମ ଅଫିସର, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ଡି. ନାଗରତ୍ନମ୍ ଓ ଜିଲ୍ଲା ମହିଳା ସଶକ୍ତି କରଣ ଉପ ବିଭାଗ ସହଯୋଗରେ ଶିବିରର ଆୟୋଜନ କରିଥିଲେ। ଜିଲ୍ଲା ସଂଯୋଜିକା ଗୀତାଞ୍ଜଳୀ ମହାରଣା, ଲିଙ୍ଗ ବିଶେଷଜ୍ଞ ସମ୍ବଲ ଓ ସାମର୍ଥ୍ୟ ତଥା କର୍ମଚାରୀ ସହଯୋଗ କରିଥିଲେ।

# ବନ୍ୟପ୍ରାଣୀ ସପ୍ତାହ ପାଳିତ

ଆସିକା, ୯ ।୧୦(ସମିସ): ଆସିକା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ୭୧ ତମ ବନ୍ୟ ପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ଜଙ୍ଗଲକୁ ସୁରକ୍ଷିତ ରଖିବା ସହ ବିଭିନ୍ନ ସ୍ଲୋଗାନ ଦେଇ କଲେଜ ଛକ ସ୍ଥିତ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କରିଥିଲେ। ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସଂଯୋଜନା କରିଥିଲେ। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଭିପାସା ପାଲୁର ଉଦ୍‌ଘାଟନ କରିଥିଲେ। ସହକାରୀ ବନ ସଂରକ୍ଷକ ପ୍ରଦୀପ କୁମାର ବେହେରା, ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷ ସନ୍ତୋଷ କୁମାର ଚୌଧୁରୀ, ସଙ୍ଗୀତ ପାଢ଼ୀ, ଅମୂଲ୍ୟ ଉପାଧ୍ୟାୟ, ସମୀର ପ୍ରଧାନ, ବିଭୁଭୂଷଣ ବେବର୍ତ୍ତା, ରେଞ୍ଜର ପ୍ରମୋଦ କୁମାର ପଣ୍ଡା, ମାନସ ସାହୁ, ଅନିଲ କୁମାର ପଣ୍ଡା, ଅଞ୍ଜନ ନାୟକ,ନିହାର ରଞ୍ଜନ ମଲ୍ଲିକ, ବନପାଳ ଶରତ ଚନ୍ଦ୍ର ବେହେରା, ରାଜେନ୍ଦ୍ର ଗୌଡ଼, ଲାଜୁ ଶବର, ଜଗନ୍ନାଥ ପାତ୍ର, ସୁକାନ୍ତ ପଟ୍ଟନାୟକ, ଅକ୍ଷୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶାଳିଆ ଡ୍ୟାମ୍‌ର ଭିତ୍ତିଭୂମି ବୁଲି ଦେଖିଲେ ଜିଲ୍ଲାପାଳ



କୋଦଳା, ୯ ।୧୦(ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ୍ ଅନ୍ତର୍ଗତ ଅଙ୍ଗାରଗାଁ ପଞ୍ଚାୟତର ଶେଷ ଭାଗରେ ଥିବା ପର୍ଯ୍ୟଟନସ୍ଥଳୀ ଶାଳିଆ ଡ୍ୟାମକୁ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ସମେତ ସହକାରୀ ଜିଲ୍ଲାପାଳ, ପର୍ଯ୍ୟଟନ ବିଭାଗର ଅଧିକାରୀଙ୍କ ସମେତ ଅନେକ ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ବେଗୁନିଆପଡ଼ା ବ୍ଲକ୍ ଭାରପ୍ରାପ୍ତ ବିଡିଓ ସସ୍ମିତା ଶତପଥି, ସହକାରୀ ଯନ୍ତ୍ରୀ ପ୍ରଦିପ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ନବୀନ ମାଝୀ, ପିଇଓ ବନା ଶବର, ବିଏଫ୍‌ଟି ରବିନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟମାନେ ଆସିବା ସହ ଉକ୍ତ ପର୍ଯ୍ୟଟନସ୍ଥଳୀର କିଭଳି ବିକାଶ ହୋଇପାରିବ ଏବଂ ପର୍ଯ୍ୟଟକମାନେ ଆକୃଷ୍ଟ ହେବା ସହ ଅଧିକ ସଂଖ୍ୟକ ଆସିବେ ସେ ଦିଗରେ ଆଲୋଚନା କରିବା ସହ ବୁଲି ଦେଖିଥିଲେ। ଏଥିସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ପ୍ରକଳ୍ପ ନିର୍ମାଣ ହେବ ବୋଲି ସୂଚନା ମିଳିଛି।

# ପଥର ଖାଦାନ ବନ୍ଦ ଦାବିରେ ଗ୍ରାମବାସୀଙ୍କ ଧାରଣା



ଛତ୍ରପୁର, ୯ ।୧୦(ସମିସ)

ଛତ୍ରପୁର ବ୍ଲକ ଚିକଲଖଣ୍ଡି ପଞ୍ଚାୟତ ଝରପୋଖରୀ ଗ୍ରାମବାସୀ ପଥର ଖାଦାନ ବନ୍ଦ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବା ସହ ରାସ୍ତା ଅବରୋଧ କରିଛନ୍ତି। ଗ୍ରାମ ନିକଟରେ ଥିବା ଓମ୍ ସାଇ ପଥର ଖାଦାନ ପାଇଁ ଆଜି ବିପଦରେ ଝରପୋଖରୀ ଗ୍ରାମବାସୀ। ଜନୈକ ବ୍ୟକ୍ତି ପଥର ଖାଦାନ ପାଇଁ ଲିଜ ନେଇଥିଲେ ବି ଅହରହ ପଥର ଫୁଟେଇବା ସହ ଘରର କାନ୍ଥ ଫାଟୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଭାରୀଯାନ ଚଳାଚଳ ଯୋଗୁ ଗ୍ରାମର ରାସ୍ତା ନଷ୍ଟ ହେବାସହ ଯାତାୟାତ ବେଳେ ଭୟ ଲାଗୁଛି ବୋଲି କହିଛନ୍ତି। ତେଣୁ ଲିଜ୍ ନେଇଥିବା ବ୍ୟକ୍ତିଙ୍କ ତୁରନ୍ତ ଲିଜ ବାତିଲ କରିବାକୁ ଦାବି ହୋଇଛି। ଉପରୋକ୍ତ ଦାବି ନେଇ ବହୁବାର ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ, କିନ୍ତୁ ସେମାନଙ୍କ ଦାବି କେହିହେଲେ ଶୁଣିଲେ ନାହିଁ। ଶେଷରେ ଗ୍ରାମବାସୀ ନିଜ ଘରେ ତାଲା ପକାଇ ଏଠାରେ କ୍ୱାରୀ ବନ୍ଦ ଦାବି ନେଇ ଧାରଣାରେ ବସି ରହିଛନ୍ତି। ଯେପର୍ଯ୍ୟନ୍ତ ଦାବି ପୂରଣ ହୋଇନାହିଁ ଧାରଣା ଜାରି ରହିବ ବୋଲି କହିଥିଲେ। ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ମାଇନିଂ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଗ୍ରାମରେ ଲୋକମାନେ ସେମାନଙ୍କ ଘରର କାନ୍ଥସବୁ କିପରି ଏହି ପଥର ବିସ୍ଫୋରଣ ପାଇଁ ଭାଙ୍ଗୁଛି ତାହା ପ୍ରତ୍ୟେକ ଘର ବୁଲି ଅଧିକାରୀମାନଙ୍କୁ ଦେଖାଇଥିଲେ। ଏପରିକି ନିଜେ ମଧ୍ୟ ମାଇନିଂ ଅଧିକାରୀ ଏହି ପଥର ବ୍ଲାଷ୍ଟିଂ ପାଇଁ କାନ୍ଥ ଫାଟୁଛି ବୋଲି ସ୍ୱୀକାର କରିଥିଲେ। ତେବେ ବ୍ଲାଷ୍ଟିଂ ବନ୍ଦ ହେଉଛି ନା ଗ୍ରାମବାସୀଙ୍କ ଦାବିକୁ ପ୍ରଶାସନିକ ଅଧିକାରୀ ଅଣଦେଖା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଆଇଆର୍‌ଇଏଲ୍ ପକ୍ଷରୁ ହେଉଥିବା ମାଇନିଂ ବନ୍ଦ ଦାବି



ଛତ୍ରପୁର, ୯ ।୧୦(ସମିସ): ଛତ୍ରପୁର ବ୍ଲକ ଅଗସ୍ତିନୁଆଗାଁ ପଚାଂୟତ ଅଧିନ ତେଲୁଗୁ ନୂଆଗାଁର ୩୦ରୁ ଅଧିକ ପରିବାର ସେମାନଙ୍କ ପୂର୍ବ ପୁରୁଷ ଅମଳରୁ ହୁମୁରିବଣ ମୌଜା କିଛି ସ୍ଥାନରେ ଜଙ୍ଗଲକୁ ସୁରକ୍ଷା ଦେଇଆସୁଥିଲେ। ଏବେ ସେହି ସ୍ଥାନରେ ଆଇଆରଇଏଲ କମ୍ପାନୀ ମାଇନିଂ କରୁଛି। ମାତ୍ର ସେମାନଙ୍କୁ ଅବଗତ ନକରାଇ କମ୍ପାନୀ ମାଇନିଂ କରୁଥିବାରୁ ଏହି କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ। କ୍ଷତିପୂରଣ ଦାବିରେ ତେଲୁଗୁ ନୂଆଗାଁର ୩୦ରୁ ଅଧିକା ପରିବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀଙ୍କ କହିବା ମୁତାବକ ପୂର୍ବପୁରୁଷରୁ ୨୦୦ ଏକର ଜମିକୁ ଆମେ ସୁରକ୍ଷା ଦେଇଆସୁଥିଲୁ। ଏବେ ସେଠାରେ ଆଇଆର୍‌ଇଏଲ୍ କମ୍ପାନୀ ପକ୍ଷରୁ ମାଇନିଂ କରାଯାଉଛି। ତେଣୁ ତୁରନ୍ତ ଏହି କାର୍ଯ୍ୟ ବନ୍ଦ କରାଯାଉ, ନଚେତ ଅଧିକୃତ ଜମିର ଉପଯୁକ୍ତ କ୍ଷତିପୂରଣ ଦିଆଯାଉ। ଯଦି ପ୍ରଶାସନ ସେମାନଙ୍କ ଦାବିକୁ ଅଣଦେଖା କରେ ତେବେ ୩୦ ପରିବାର କମ୍ପାନୀ ବିରୁଦ୍ଧରେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରଶାସନ ଏହାର ତଦନ୍ତ କରି ଉପଯୁକ୍ତ ନ୍ୟାୟ ଦେବାକୁ ଦାବି କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଶାନ୍ତିସ୍ରୋତ ଭବନରେ ବାର୍ଷିକ ଉତ୍ସବ

ଭଞ୍ଜନଗର, ୯ ।୧୦(ସମିସ): ବ୍ରହ୍ମାକୁମାରୀସ୍ ଅନୁଷ୍ଠାନର ଶାନ୍ତି ସ୍ରୋତ ଭବନରେ ୪୩ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡିଓ ଭାରତୀ ଦେବୀ, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ନେତା ଜଗବନ୍ଧୁ ଜେନା ଓ ସନ୍ତୋଷ କୁମାର ଜେନା, ସମାଜସେବୀ ଶୂଳପାଣୀ ଶତପଥୀ ଉପସ୍ଥିତ ଥିଲେ। ଝଣ୍ଡା ଉତ୍ତୋଳନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୁଖ୍ୟବକ୍ତା ରାଜଯୋଗିନୀ ସନ୍ତୋଷିନୀ ଭଉଣୀ ଅନୁଷ୍ଠାନର ଅଦ୍ୟାବଧି କାର୍ଯ୍ୟଧାରାର ସମସ୍ତ ବିବରଣୀ ବିଶଦ ଭାବେ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ମହୋଦୟା ଅନୁଷ୍ଠାନର ପ୍ରଶଂସା କରିବା ସହିତ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବ୍ରହ୍ମା କୁମାର ବୈକୁଣ୍ଠ ଭାଇ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରହ୍ମା କୁମାରୀ ଅଲିଭା, ଅନୀତା, ପ୍ରାପ୍ତି, ପିଙ୍କି ଭଉଣୀ ସମସ୍ତ କାର୍ଯ୍ୟରେ ସହଯୋଗୀ ହୋଇ ଶୃଙ୍ଖଳିତ ଭାବେ ସଂପାଦନ କରିଥିଲେ।

# ପିସ୍ତଲ, ମାଗାଜିନ୍ ସହ ୩ ରାଉଣ୍ଡ ଗୁଳି ଜବତ; ୨ ଗିରଫ

ଭଞ୍ଜନଗର, ୯।୧୦(ସମିସ): ସ୍ଥାନୀୟ ପୁଲିସ ସହରର ଚକରା ବିଷୋୟୀ ବାଇପାସ୍ ଛକରେ ପେଟ୍ରୋଲିଂବେଳେ ୨ ସନ୍ଦିଗ୍ଧ ଯୁବକଙ୍କ ଠାରୁ ଗୋଟିଏ ପିସ୍ତଲ ସହ ଏକ ମାଗାଜିନ୍ ଓ ୩ ରାଉଣ୍ଡ ଜୀବନ୍ତ ଗୁଳି ଜବତ କରିଛି। ସମ୍ପୃକ୍ତ ଯୁବକମାନେ ହେଲେ ବାଉଁଶଲୁଣ୍ଡି ଗ୍ରାମର ସୁନୀଲ କୁମାର ପ୍ରଧାନ(୩୦) ଓ ଗାମୁଣ୍ଡି ଗ୍ରାମର ଲାଲୁ ବେହେରା(୨୮)। ଏମାନଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲଣ କରାଯାଇଛି। ଏମାନଙ୍କୁ ଧରି ପୁଲିସ ଏକ ବଡ଼ଧରଣର ଅପରାଧ ଉଦ୍ୟମ ପଣ୍ଡ କରିଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି।



ସୂଚନା ପ୍ରକାରେ ଭଞ୍ଜନଗର ଥାନା ପକ୍ଷରୁ ଏସ୍‌ଆଇ ଲକ୍ଷ୍ମୀଧର ମହାନ୍ତି ଓ ଟିମ୍ ବୁଧବାର ଭୋରରୁ ଭଞ୍ଜନଗର ଚକରା ବିଷୋୟୀ ବାଇପାସ ଛକରେ ପେଟ୍ରୋଲିଂବେଳେ ଏକ ପାନ ଦୋକାନ ଆଗରେ ସୁନୀଲ ଓ ଲାଲୁ ବସି ରହିଥିବା ଦେଖିଥିଲେ। ସନ୍ଦେହରେ ସେମାନଙ୍କୁ ପଚରାଉଚୁରା କରିବାରୁ ସୁନୀଲ ପୁଲିସକୁ ଗାଳିଗୁଲଜ କରିବା ସହ ପାଖରେ ରଖିଥିବା ଏକ ପିସ୍ତଲ ବାହାର କରିବାବେଳେ ତାକୁ ମାଡ଼ିବସିଥିଲା ପୁଲିସ। ପରେ ଉଭୟଙ୍କୁ ଭଞ୍ଜନଗର ଥାନାକୁ ଆଣି ପଚରାଉଚୁରାବେଳେ ସୁନୀଲ ଜଣେ ପେଷାଦାର ଲୁଟେରା ଓ ତା ନାମରେ ବିଭିନ୍ନ ତାନାରେ ଏକାଧିକ ମାମଲା ଥିବା ଜଣାପଡ଼ିଥିଲା। ସେ ନିଛାଟିଆ ରାସ୍ତାରେ ଯାତ୍ରୀଙ୍କୁ ଲୁଟ୍‌ପାଟ କରୁଥିଲା। ବୁଧବାର ସକାଳୁ ସୁନୀଲ ତାର ସହଯୋଗୀ ଲାଲୁକୁ ନେଇ ଅପରାଧ ଘଟାଇବାକୁ ଯୋଜନା କରୁଥିବା ଜଣାପଡ଼ିଥିଲା। ପୁଲିସ ଏମାନଙ୍କ ନିକଟରୁ ଗୋଟିଏ ୭.୬୫ ଏମଏମ୍ ପିସ୍ତଲ ସହ ମାଗାଜିନ୍ ଓ ୩ ରାଉଣ୍ଡ ଜୀବନ୍ତ ଗୁଳି ଜବତ କରିଛି।



## ଆଇସିଏଆର ପକ୍ଷରୁ ପର୍ଯ୍ୟଟନ ସ୍ଥଳୀରେ ସଫେଇ କାର୍ଯ୍ୟ

କୋରାପୁଟ, ୯।୧୦(ସମିସ): ଭାରତୀୟ ମୃତ୍ତିକା ଓ ଜଳ ସଂରକ୍ଷଣ ସଂସ୍ଥାନ ବିଭାଗ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଛି। ସୁନାବେଡ଼ା ସ୍ଥିତ ଆଇସିଏଆର (ମୃତ୍ତିକା ଓ ଜଳ ସଂରକ୍ଷଣ ସଂସ୍ଥାନର ବିଶେଷଜ୍ଞ ମାନେ ଆଜି ତଳମାଳି ଓ ପୁଟସିଲ ପର୍ଯ୍ୟଟନ ସ୍ଥଳୀରେ ପହଞ୍ଚି ସେଠାରେ ପଡ଼ିଥିବା ପଲଥିନ, ଗ୍ଲାସ, କାଚ ବୋତଲ, ପର୍ଯ୍ୟଟକ ମାନେ ଛାଡି ଆସୁଥିବା ବିଭିନ୍ନ ବର୍ଜ୍ୟବସ୍ତୁକୁ ସଫା କରିଛନ୍ତି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ବରିଷ୍ଠ ବିଶେଷଜ୍ଞ ଜୀବି ନାୟକ, ସୁନାଧର କିଣ୍ଡୋ, ଜି ଡବ୍ଲ୍ୟୁ ବର୍ଲା ଙ୍କ ସହ ଧ୍ରୁବ ଚରଣ ରଥ, ଅର୍ଣ୍ଣପୂର୍ଣ୍ଣା ନାୟକ, କବିତା ଦାସ, ସଙ୍ଗୀତା ଖିନିବୁଡି, ଆଶିଷ ଖରା, ସଞ୍ଜିବି ପାତ୍ର, ଭଗବାନ ଖରା ଆଦି ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ନମିତା ମାଝୀ ମହିଳା କଂଗ୍ରେସ କମିଟି ରାଜ୍ୟ ସମ୍ପାଦିକା




କୋରାପୁଟ, ୯।୧୦(ସମିସ): କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝି ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟି ରାଜ୍ୟ ସମ୍ପାଦିକା ଭାବେ ମନୋନୀତ ହୋଇଛନ୍ତି। କୋରାପୁଟ ସାଂସଦ ସପ୍ତଗିରି ଉଲାକା, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଜିଲ୍ଲା କଂଗ୍ରେସ ସଭାପତି ରୁପକ ତୁରୁକ, କୋରାପୁଟ ସାଂସଦ ପ୍ରତିନିଧି ବାବୁଲା ବେନ୍ୟା, ପୁର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜଗଦୀଶ ଖୋସଲାଙ୍କ ସହ ସମାଜସେବୀ ସୁନ୍ଦର ପାଣି, ମଣ୍ଟୁ ଭତ୍ରା, କରୁଣା ମହାନନ୍ଦିଆ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବଦଳି ହେଲେ ୨୨୮ ଶିକ୍ଷକ

କୋରାପୁଟ, ୯।୧୦(ସମିସ): କୋରାପୁଟ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଚଳିତ ବର୍ଷ ଶିକ୍ଷକ ବଦଳି ତାଲିକା ପ୍ରକାଶ ପାଇଛି। ସମୁଦାୟ ୨୨୮ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ବଦଳି କରା ଯାଇଥିବା ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରୁ ସୂଚନା ମିଳିଛି। ନାରାୟଣପାଟଣା ବ୍ଲକରୁ ଅନ୍ୟ ବ୍ଲକକୁ ୬ ଜଣ ଶିକ୍ଷକ ବଦଳି ହୋଇଥିବା ବେଳେ ନାରାୟଣପାଟଣା ବ୍ଲକକୁ ଅନ୍ୟ ବ୍ଲକରୁ କୌଣସି ଶିକ୍ଷକଙ୍କୁ ବଦଳି କରା ଯାଇନାହିଁ। କୋରାପୁଟ ବ୍ଲକରୁ ଜଣେ ମାତ୍ର ଶିକ୍ଷକ ଅନ୍ୟ ବ୍ଲକକୁ ବଦଳି ହୋଇଥିବା ବେଳେ କୋରାପୁଟ ବ୍ଲକକୁ ୧୬ ଜଣ ଶିକ୍ଷକ ଆସିଛନ୍ତି। ଜୟପୁର ବ୍ଲକରୁ ମାତ୍ର ୩ ଜଣ ଶିକ୍ଷକ ଅନ୍ୟ ବ୍ଲକକୁ ବଦଳି ହୋଇଥିବା ବେଳେ ଜୟପୁର ବ୍ଲକକୁ ୧୪ ଜଣ ଆସିଛନ୍ତି। ସେମିଳିଗୁଡା ବ୍ଲକରୁ ଜଣେ ମାତ୍ର ଶିକ୍ଷକ ଅନ୍ୟ ବ୍ଲକକୁ ବଦଳି ହୋଇଥିବା ବେଳେ ସେମିଳିଗୁଡା ବ୍ଲକକୁ ୧୦ ଜଣ ଶିକ୍ଷକ ଆସିଛନ୍ତି। ସାଂସଦ ଏବଂ ପ୍ରତ୍ୟେକ ବିଧାୟକ ୧୫ ଜଣ ଶିକ୍ଷକଙ୍କ ବଦଳି ପାଇଁ ସୁପାରିଶ କରିପାରିବେ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଜିଲ୍ଲା ସ୍ତରୀୟ ବଦଳି କମିଟିରେ ଉକ୍ତ ସୁପାରିଶ ଉପରେ ଆଲୋଚନା କରାଯାଇ ବଦଳି ତାଲିକା ପ୍ରକାଶ କରାଯାଇଥିବା ଜଣାପଡିଛି। ଅନେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯେଉଁମାନେ ଦୁର୍ଗମ ଅଞ୍ଚଳରେ ବର୍ଷ ବର୍ଷ ଧରି ଶିକ୍ଷାଦାନ କରୁଥିଲେ, ସେମାନେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ନିବେଦନ କରିଥିଲେ ସୁଦ୍ଧା ସେମାନଙ୍କର ବଦଳି ହୋଇ ନ ଥିବା ଅଭିଯୋଗ ହୋଇଛି। ୮୨ ଜଣ ଅନ୍ୟ ବ୍ଲକକୁ ବଦଳି ହୋଇଥିବା ବେଳେ ୧୪୬ ଜଣଙ୍କୁ ବ୍ଲକ ମଧ୍ୟରେ ବଦଳି କରାଯାଇଛି। ଜୟପୁର ବ୍ଲକ ମଧ୍ୟରେ ସର୍ବାଧିକ ୩୪ ଜଣ ବଦଳି ହୋଇଥିବା ବେଳେ ବୈପାରିଗୁଡା ବ୍ଲକ ମଧ୍ୟରେ ୩୩ ଏବଂ କୋରାପୁଟ ବ୍ଲକ ମଧ୍ୟରେ ୨୭ ଜଣଙ୍କୁ ବଦଳି କରାଯାଇଥିବା ଜଣାପଡିଛି। ଦୁର୍ଗମ ଅଞ୍ଚଳ ବ୍ଲକକୁ ଅନ୍ୟ ବ୍ଲକରୁ ଶିକ୍ଷକ ମାନଙ୍କ ବଦଳି ସଂଖ୍ୟା ଅତି ନଗଣ୍ୟ ରହିବା ଏପରିକି ଶୂନ ରହିବା ନିହାତି ଭାବେ ଚିନ୍ତାର ବିଷୟ ଅଟେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ପ୍ରେମିକାର ଆତ୍ମହତ୍ୟା ପରେ ନଦୀକୁ ଡେଇଁ ପ୍ରାଣ ହରାଇଲେ ପ୍ରେମିକ





ସୁନାବେଡ଼ା, ୯।୧୦(ସମିସ): କୋରାପୁଟ ଜିଲ୍ଲା ସୁନାବେଡା-୩ ସ୍ଥିତ ଡି.ପି.କ୍ୟାମ୍ପରେ ଗତକାଲି ସକାଳେ ପ୍ରେମିକା ନିଜ ଘରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ସନ୍ଧ୍ୟାରେ ପ୍ରେମିକ ନଦୀକୁ ଡେଇଁ ଆତ୍ମହତ୍ୟା କରିବା ସୁନାବେଡ଼ା ପୋଲିସ ସୂଚନା ଦେଇଛି। ମୃତ ଯୁବତୀଙ୍କ ନାମ ମୁସ୍କାନ ଅଧିକାରୀ (୧୮) ଏବଂ ସେ ଡିପି କ୍ୟାମ୍ପରେ ରହୁଥିଲା। ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟର ସେ ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଥିଲା। ବୁଧବାର ଘର ପାଇପ୍‌ରେ ଚୁନି ଲଗାଇ ସେ ଆତ୍ମହତ୍ୟା କରିଥିଲା। ଏ ନେଇ ମୃତ ଯୁବତୀଙ୍କ ମା " ଥାନାରେ ଏତଲା ଦେଇ ତାଙ୍କ ଝିଅକୁ ଡିପି କ୍ୟାମ୍ପରେ ରହୁଥିବା ବିଶାଳ ପ୍ରଧାନ (୨୧) ବାରମ୍ବାର ଧମକ ଦେବା ସହ ମାନସିକ ନିର୍ଯାତନା ଦେଉଥିବା ଯୋଗୁଁ ତାଙ୍କ ଝିଅ ବାଧ ହୋଇ ଆତ୍ମହତ୍ୟା କରିଥିବା ଉଲ୍ଲେଖ କରିଥିଲେ। ଯୁବତୀଙ୍କ ଆତ୍ମହତ୍ୟାର କିଛି ସମୟ ପରେ ସନ୍ଧ୍ୟା ସାଢେ ୭ଟା ବେଳେ ବିଶାଳ ମାଳିଗୁଡ଼ା ନିକଟ ଦେଇ ପ୍ରବାହିତ ହେଉଥିବା କେରାଣ୍ଡି ନଦୀକୁ ଡେଇଁ ଆଇହତ୍ୟା କରିଥିବା ବୋଲି ପୁଲିସ ସୂଚନା ଦେଇଛନ୍ତି। ବୁଧୁବାର ଓ ଗୁରୁବାର ଓଡ୍ରାଫ ଟିମ୍ ଦମକଳ କର୍ମୀଙ୍କ ସହଯୋଗରେ ବହୁ ଖୋଜା ଖୋଜି ପରେ ଗୁରୁବାର ଅପରାହ୍ଣ ସାଢେଚାରେ ତାଙ୍କ ମୃତଦେହ ଉଦ୍ଧାର କରିଛି। ବିଶାଳ, ମୁସ୍କାନଙ୍କୁ ପ୍ରେମ କରୁଥିବା କୁହାଯାଉଛି। ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ଧାନ ବିକ୍ରି ଟଙ୍କା ପାଇଁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ଜୟପୁର, ୯ ।୧୦(ସମିସ): ଗତ ରବି ମଣ୍ଡିରେ ଧାନ ବିକ୍ରି ବାବଦକୁ ଟଙ୍କା ପାଇନଥିବା ଯୋଗୁଁ ଆଜି ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜଣେ ଚାଷୀ। କୋଟପାଡ଼ ବ୍ଲକ ଚିତ୍ରା ଗ୍ରାମର କୃଷ୍ଣ କମାର ଗତ ୪ମାସ ପୂର୍ବେ ଚିତ୍ରା ମଣ୍ଡିରେ ୩୭ କ୍ୱିଣ୍ଟାଲ ଧାନ ବିକ୍ରି କରିଥିଲେ। କିନ୍ତୁ ଲ୍ୟାମ୍ପସ ଦାୟିତ୍ୱରେ ଥିବା ଡାଟା ଏଣ୍ଟ୍ରି ଅପରେଟର ବ୍ୟାଙ୍କ ଆଇଏଫଏସସି କୋର୍ଡ ଭୁଲ ନମ୍ବର ଦେଇଥିବା ଯୋଗୁଁ ଆଜି ସୁଦ୍ଧା କୃଷ୍ଣଙ୍କ ଧାନ ବିକ୍ରି ବାବଦ ୧ଲକ୍ଷ ୧୪ ହଜାର ଟଙ୍କା ବ୍ୟାଙ୍କ ଖାତାକୁ ଆସିନାହିଁ। ଏନେଇ କୃଷ୍ଣ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳିନଥିବା ଯୋଗୁଁ ଆଜି ଉପଜିଲ୍ଲାପାଳ ଏ. ଶସ୍ୟ ରେ‡ୀଙ୍କୁ ଭେଟି ନିଜ ଅଭିଯୋଗ ଶୁଣାଇଛନ୍ତି।

### ଆମ୍ବ ଓ କାଜୁ ଗଛ ରକ୍ଷଣାବେକ୍ଷଣ ନାଁରେ ଦୁର୍ନୀତି ଘଟଣା

# ୫ କର୍ମଚାରୀ ଚାକିରିରୁ ବହିଷ୍କୃତ

ବିଷମକଟକ, ୯।୧୦(ସମିସ): ବଡ଼ବଡ଼ିଆ ଖାଇଲେ ଟଙ୍କା । ଆଉ ଏଥିରେ ବଳି ପଡିଗଲେ ତଳିଆ କର୍ମଚାରୀ। ମନରେଗା ଯୋଜନାରେ ପ୍ରଥମ ବର୍ଷ କାଜୁ ଆମ୍ବ ବଗିଚାର ରକ୍ଷଣାବେକ୍ଷଣ ନାଁରେ ଅର୍ଥ ଆତ୍ମସାତ୍ ଘଟଣାରେ ଗତ ୨୦୨୫ ଅଗଷ୍ଟ ୨୨ ତାରଖ ଦିନ ପ୍ରଥମେ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଗୁଣୁପୁର ଆଇଟିଡିଏ ତତ୍ପରତା ଦେଖାଇ ୫ଜଣ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିସ୍କୃତ କରିଛି। ଏହି କର୍ମଚାରୀ ଙ୍କ ମଧ୍ୟରେ ଦୁଇଜଣ ଏମ୍‌ଜିଏନ୍‌ଆରଜିଏ ଆସିଷ୍ଟାଣ୍ଡ ମଧ ରହିଛନ୍ତି। ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ କାଙ୍କୁବାଡି ଗ୍ରାମପଞ୍ଚାୟତର ବଡ ଗୋତିଗୁଡା ଗ୍ରାମରେ ପୁଣି ୨୦୨୩ ମସିହାରେ ଏହି ମିଛ ମିଛିକା କାଜୁ ଆମ୍ବ ବଗିଚାର ରକ୍ଷଣା ବେକ୍ଷଣ ନିମନ୍ତେ ଏକ ଫାଇଲ (୨୪୨୯୦୦୧/ଡି.ପି./୧୦୮୬୪୭୮୩) ୫ଲକ୍ଷ ୮୪ହଜାର ର ବ୍ୟୟ ଅଟକଳ ପ୍ରସ୍ତୁତ କରିଥିଲେ। ୨୦୨୩ ରୁ ୨୦୨୫ ଜାନୁୟାରି ମାସ ସୁଦ୍ଧା ଏହି ବଗିଚା ଗୁଡିକର ରକ୍ଷଣା ବେକ୍ଷଣ ନିମନ୍ତେ ୧୧୫ ଜଣ ଶ୍ରମିକଙ୍କୁ ୧୫୬୪ଦିନର ଶ୍ରମ ଦିବସ ବାବଦକୁ ୩୮୩୫୪୦ ଟଙ୍କାର ମଜୁରୀ ମଧ୍ୟ ପ୍ରଦାନ କରିଛି ବିଭାଗ। ହେଲେ ଆମ୍ବ କାଜୁ ଚାଷ କରିଥିବା ଜଣେ ବି ଚାଷୀଙ୍କୁ କର୍ମନିଯୁକ୍ତି ଦିଆଗଲା ନାହିଁ କି ତାଙ୍କ ବଗିଚାରେ କୌଣସି ପ୍ରକାରର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇନାହିଁ। ବିଭାଗୀୟ ବାବୁ ମାନେ ଏତେ ଚଞ୍ଚକତାର ସହ ଏହି ଶ୍ରମ ଦିବସ ଟଙ୍କାଙ୍କୁ ଉଠାଇନେଲେ ଯେ ଏହାର ଟେର କେହି ବି ପାଇଲେ ନାହିଁ। ନିଜେ ଚାଷୀ ମାନେ ଶ୍ରମିକ ଶ୍ରେଣୀର ଜବ୍ କାର୍ଡ ଧାରୀ ହୋଇଥିବା ବେଳେ ଏହି ବ୍ୟକ୍ତି କିମ୍ବା ବଡ଼ଗୋତିଗୁଡା ଗ୍ରାମ

**ତଳିଆ କର୍ମଚାରୀଙ୍କୁ ବଳି ପକାଇ ଖସିଗଲେ ବଡ଼ବଡ଼ିଆ**

କୌଣସି ଶ୍ରମିକକୁ ନିଯୁକ୍ତ ନ ଦେଇ ଅନ୍ୟ ଗ୍ରାମପଞ୍ଚାୟତ ତଥା ପାଇକଡାକୁଲୁଗୁଡା ଏବଂ ଥୁଆପାଡି ଗ୍ରାମ ପଞ୍ଚାୟତର ଜବକାର୍ଡ ମାନଙ୍କରେ ଲକ୍ଷାଧିକ ଟଙ୍କା ଉଠାଣ ହୋଇଥିବା ନଥିପତ୍ର ଦର୍ଶାଉଛି। ଆଇଟିଡିଏ ବିଭାଗୀୟ ବାବୁ ମାନେ ପାଇକଡାକୁଲୁଗୁଡା ଗ୍ରାମ ପଞ୍ଚାୟତର ୪୦ଜଣ ଶ୍ରମିକଙ୍କୁ ୫୬୦ ଦିନର ଶ୍ରମ ଦିବସ ଏବଂ ଥୁଆପାଡି ଗ୍ରାମ ପଞ୍ଚାୟତର ୫୦ଜଣ ଶ୍ରମିକଙ୍କୁ ୭୦୦ ଦିନର ଶ୍ରମ ଦିବସ ବାବଦରେ ଟଙ୍କା ପଇଠ କରିଦିଆଯାଇଛି। ଏ ଘଟଣା ପ୍ରକାଶ ହେବା ପରେ ବିଭାଗ ତରଫରୁ ଆରମ୍ଭ ହୋଇଥିଲା। ଆମ୍ବ ଓ କାଜୁ ଗଛ ରକ୍ଷଣା ବେକ୍ଷଣ ଦାୟୀତ୍ୱରେ ରହିଥିବା ଲୋକମାନେ ନିଜ କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗରେ ବୈଷୟିକ ଅଧିକାରୀ ଇସାଇଲ ଶବର, ବିଏଲ୍‌ଇ ରୀତା ଦେଈଙ୍କୁ ଚାକିରିରୁ ବହିସ୍କାର କରିଥିବା ବେଳେ ବିଏଲ୍‌ଇ ରତିକାନ୍ତ ମହନ୍ତ ଚାକିରି ଛାଡି ଦେଇଛନ୍ତି। ଏହା ବ୍ୟତିତ ପିଏଆଇଟିଡିଏ କାର୍ଯ୍ୟାଳୟରେ କାର୍ଯ୍ୟରତ ମନରେଗା ଆସିଷ୍ଟାଣ୍ଟ ସାରଳା ଗମାଙ୍ଗ, ଗୌତମି ଦାଶଙ୍କୁ ମଧ ଚାକିରିରୁ ବହିସ୍କୃତ କରାଯାଇଛି। ଆମ୍ବ ଓ କାଜୁ ଗଛ ରକ୍ଷଣାବେକ୍ଷଣ କାର୍ଯ୍ୟ ତଦାରଖରେ ନିୟୋଜିତ କର୍ମଚାରୀ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ସ୍ୱାଭାବିକ କଥା। ତେବେ ଦୁଇଜଣ ମନରେଗା ଆସିଷ୍ଟାଣ୍ଟଙ୍କୁ ବହିଷ୍କୃତ କରିବା ସମସ୍ତଙ୍କୁ ଚକିତ କରିଛି। ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ବଡ଼ବଡିଆ ମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ତଳିଆ କର୍ମଚାରୀଙ୍କୁ ବଳିପକାଇ ନିଜର ସ୍ୱଚ୍ଛତାର ଉଦାହରଣ ଦେବାକୁ ପ୍ରୟାସ କରୁଛନ୍ତି। ଯେଉଁ କାଜୁ ଆମ୍ବ ବଗିଚାରେ ରକ୍ଷଣାବେକ୍ଷଣ କରାଯାଇଥିବା ବିଭାଗ ଦର୍ଶାଇଛି, ସେହି କାଜୁ ଆମ୍ବ ବଗିଚା ପ୍ରସ୍ତୁତି ନିମନ୍ତେ ବିଭାଗ ମନରେଗା ଯୋଜନାରେ ଏକ ଫାଇଲ ନଂ(୨୪୨୯୦୦୧/ଡି.ପି./୧୦୫୭୨୦୩୬) ଫାଇଲ ଖୋଲି ୯ଲକ୍ଷ ୨୭ହଜାର ଟଙ୍କା ବ୍ୟୟ ଅଟକଳ ପ୍ରସ୍ତୁତ କରି ଗୋତିଗୁଡା ଗ୍ରାମର ସରୋଜିନି ମିଣିଆକା, ବିଭିଷଣ ମାଣ୍ଡିକା, ରତନାଲୁ ମାଣ୍ଡିକା, ସନ୍ୟାସି କୁଲସିକା, ବିପିନ ମାଣ୍ଡିକା, ଗୋବିନ୍ଦ ମିଣିଆକା, ଘାସି ମିଣିଆକା, ହରିଦାଶ ମାଣ୍ଡିକା ଏବଂ ଲାଚ୍ଛା ମେଲକା ହିତାଧିକାରୀ ଦର୍ଶାଇ ଜଣକ ପିଛା ୪୦ଟି ଆମ୍ବ ଏବଂ ୮୦ଟି କାଜୁ ଗଛ ଚାରା ରୋପଣ କରାଯାଇଥିବା ବିଭାଗ ତଥ୍ୟ ପ୍ରସ୍ତୁତି କରାଯାଇଥିଲା। ହେଲେ ପ୍ରକୃତ ପକ୍ଷେ ଏହି ହିତାଧିକାରୀ ମାନଙ୍କ ମଧ୍ୟରୁ ସନ୍ୟାସି କୁଲସିକାଙ୍କୁ ୨୫ଟି ଆମ୍ବ ଏବଂ ୪୦କାଜୁ ଚାରା ସହ ଦୁଇ ବସ୍ତା ଖତ ପ୍ରଦାନ କରାଯାଇଛି। ସେହିପରି ବିଭିଷଣ ମାଣ୍ଡିକା ଏବଂ ରତ୍ନାଲୁ ମାଣ୍ଡିକାଙ୍କୁ ସମୁଦାୟ ୧୨୦ଟି କାଜୁ ଚାରା ସହିତ ୬ବସ୍ତା ଖତ ଏବଂ ୫ ବଣ୍ଡଲ ଜାଲି ପ୍ରଦାନ କରାଯାଇଛି। ଅନ୍ୟ ଏକ ହିତାଧିକାରୀ ସରୋଜି ମାଣ୍ଡିକାଙ୍କୁ ୫୦ଟି କାଜୁ ଚାରା ସହିତ ୩ବସ୍ତା ଖତ, ୫୦ଟି ଜାଲି ପ୍ରଦାନ କରାଯାଇଥିବା ହିତାଧିକାରୀ ମାନେ ସର୍ବ ସମ୍ମୁଖରେ ପ୍ରକାଶ କରିଥିଲେ। ଏହା ବ୍ୟତିତ ତାଲିକା ର ବିପିନ ମାଣ୍ଡିକା, ଗୋବିନ୍ଦ ମିଣିଆକା, ଘାସି ମିଣିଆକା, ହରିଦାଶ ମାଣ୍ଡିକା, ଲାଚ୍ଛା ମେଲକା, ୫ଜଣ ୱାଡି ପ୍ଲାଣ୍ଟେସନର କୌଣସି ଚାରା ପାଇନାହାନ୍ତି କି ଚାରାରୋପଣ ସଂକ୍ରାନ୍ତରେ କୌଣସି ଟେର ମଧ ପାଇନଥିଲେ। ଆମ୍ବ କାଜୁ ଚାରା ରୋପଣ କାର୍ଯ୍ୟ ନିମନ୍ତେ ଆଇଟିଡିଏ ବିଭାଗ ତରଫରୁ ୧୮ଟି ମାଷ୍ଟର ରୋଲରେ ୧୧୯୨ ଶ୍ରମ ଦିବସ ନିମନ୍ତେ ୨୬୪୬୨୪ଟଙ୍କା ପଇଠ କରାଯାଇଥିଲା। ଓଡିଶା କଞ୍ଜୁମର କୋ-ଅପରେଟିଭ୍ ଫେଡେରେସ୍ ନିକଟରୁ ୧୦୬୯୫୫ ଟଙ୍କାର ଖତ ସାର ଏବଂ ୪୩୨୦୦ଟଙ୍କାର ଚାରା ବିଭାଗ କ୍ରୟ କରିଥିବା ଅନ୍‌ଲାଇନ୍‌ରେ ଦର୍ଶାଯାଇଛି। ଆଇଟିଡିଏ ବିଭାଗ ଚାରି ଜଣ ହିତାଧିକାରୀଙ୍କୁ ମାତ୍ର ୧୯୫ଟି ଆମ୍ବ ଓ କାଜୁ ଚାରା ପ୍ରଦାନ କରିଥିବା ବେଳେ ୧୦୮୦ଟି ଚାରା ପ୍ରଦାନ କରିଥିବା ନଥିରେ ଦର୍ଶାଇଛି। ୧୦୮୦ ଚାରା ଲଗାଇ ବଗିଚା ପ୍ରସ୍ତୁତି କରିବା ନିମନ୍ତେ ୧୧୯୨ ଶ୍ରମଦିବସ ବାବଦରେ ୨୬୪୬୨୪ଟଙ୍କା ମଜୁରୀ ମଧ୍ୟ ପ୍ରଦାନ କରିଛି। ଶ୍ରମିକ ମଜୁରି ସଂକ୍ରାନ୍ତରେ ଚାଷୀ କୌଣସି ଟେର ପାଇନଥିଲ। ଏହି ଘୋଟାଲାର ତଦନ୍ତ କେବେ ହେବ ଆଉ ଏଥିରେ ସଂପୃକ୍ତ ବାବୁ ମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ହେବ ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ପୋଡ଼ାଗଡ଼, ୯।୧୦(ସମିସ): କୋରାପୁଟ-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର ଲେନ୍ଦ୍ରୁମାଳିଗୁଡ଼ା ନିକଟ କଫି ବଗିଚା ସମ୍ମୁଖରେ ଏକ ଗଛରେ ବାଇକ୍ ପିଟି ହୋଇ ଲୁକମାରି ଗ୍ରାମର ଜିତେନ୍ଦ୍ର ଡଙ୍ଗରି (୨୧)ଙ୍କ ମୃତ୍ୟୁ ଘଟିଛି। ବୋଲି ଜଣା ପଡ଼ିଛି। ମୃତକ ଜଣକ କୌଣସି କାମରେ ଗାଁରୁ କୋରାପୁଟକୁ ବାଇକରେ ଯାଉଥିବା ବେଳେ କଫି ଫାର୍ମ ନିକଟରେ ରାସ୍ତା ଉପରେ ପଡ଼ିଥିବା ଏକ ଗଛକୁ ପିଟି ହୋଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ପାଇ କୋରାପୁଟ ସଦର ଥାନା ପୁଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛନ୍ତି। ପୁଲିସ ଓ ଅଗ୍ନିଶମ ଯବାନ ରାଜପଥରୁ ଗଛ ହଟାଇଥିବା ଜଣା ପଡ଼ିଛି। ମୃତଦେହ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଶୁକ୍ରବାର ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

### ଫେଷ୍ଟିଭାଲ୍ ଆଡ୍‌ଭାନ୍ସ ପ୍ରଦାନରେ ପାତରଅନ୍ତର

## ୨ ବ୍ଲକ୍‌ର କର୍ମଚାରୀଙ୍କୁ ମିଳିଲା, ୫ ବ୍ଲକ୍ ବଞ୍ଚିତ

ମାଲକାନଗିରି, ୯ ।୧୦ (ସମିସ): ସରକାର ଦଶହରା ପୂଜାରେ କର୍ମଚାରୀଙ୍କୁ ଆଗୁଆ ଅର୍ଥ ତଥା ଫେଷ୍ଟିଭାଲ ଆଡଭାନ୍ସ ଯୋଗାଇ ଦେବାର ନିୟମ କରିଥିଲେ। ଏହି ନିୟମରେ କିନ୍ତୁ ତ୍ରୁଟି ରହିଥିବା ଅଭିଯୋଗ ଆସିଛି। ଜିଲ୍ଲାର ୨ଟି ବ୍ଲକର କର୍ମଚାରୀଙ୍କୁ ଫେଷ୍ଟିଭାଲ୍ ଆଡ୍‌ଭାନ୍ସ ମିଳିଥିବା ବେଳେ ୫ ବ୍ଲକ୍‌ର କର୍ମଚାରୀ ଏଥିରୁ ବଞ୍ଚିତ ହେଉଛନ୍ତି।

ସୂଚନା ଅନୁଯାୟୀ, ଜିଲ୍ଲାରେ କାର୍ଯରତ ଥିବା ସମସ୍ତ ସହକାରୀ ଶିକ୍ଷକ, ଏନ୍‌ପିଏସ୍ ଶିକ୍ଷକ ଏବଂ ଓପିଏସ୍ ଶିକ୍ଷକଙ୍କୁ ଚଳିତ ବର୍ଷର ଦଶହରା ପାଇଁ ଅଗ୍ରୀମ ୨୦ ହଜାର ଟଙ୍କା ଲେଖାଏଁ ଯୋଗାଇ ଦିଆଯାଇଛି। କିନ୍ତୁ ଜିଲ୍ଲାର ପଡିଆ ଏବଂ ମାଲକାନଗିରି ଜିଲ୍ଲା ସଦରର ଏକ୍ସ କ୍ୟାଡର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅଗ୍ରୀମ ଅର୍ଥ ମିଳିଥିବା ବେଳେ ମାଥିଲି, ଖଇରପୁଟ, ଚିତ୍ରକୋଣ୍ଡା, କୋରକୁଣ୍ଡା, କାଲିମେଳା ଆଦି ୫ଟି ବ୍ଲକକୁ ଏହି ଫେଷ୍ଟିବାଲ ଆଡଲାନ୍ସରୁ ବଞ୍ଚିତ ରଖାଯାଇଥିବା ସୂଚନା ମିଳିଛି। ୨ଟି ବ୍ଲକରେ କାର୍ଯ୍ୟରତ ଶିକ୍ଷକଙ୍କୁ ବାଦ ଦେଲେ ଆଉ ୫ଟି ବ୍ଲକର ଗୋଷ୍ଠୀ ଶିକ୍ଷାଅଧିନରେ କାର୍ଯ୍ୟରତ ଏକ୍ସ କ୍ୟାଡର ଶିକ୍ଷକଙ୍କ ପାଇଁ ଅବହେଳାର ନୀତି ଦେଖିବାକୁ ମିଳିଛି। କିଛି ଶିକ୍ଷକ ନିଜ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି ଯେ, ବିଭାଗର କିଛି କର୍ମଚାରୀଙ୍କୁ ହାତଗୁଞ୍ଜା କମିଯାଇଥିବାରୁ ୫ ବ୍ଲକର କାର୍ଯ୍ୟରତ ଏକ୍ସ କ୍ୟାଡର ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ଆକ୍ରୋଶ ରଖି ଆଡଭାନ୍ସ ଅର୍ଥ ଅନୁମୋଦନ କରୁ ନାହାନ୍ତି। ଅର୍ଥାତ ଉକ୍ରୋଚ ନଦେବାରୁ ପୂଜାରେ ଆଗୁଆ ଅର୍ଥ ମିଳି ନଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ପୂଜା ପାଇଁ ବିଭାଗ ସମସ୍ତଙ୍କୁ ଅଗ୍ରୀମ ଅର୍ଥ ନେବାକୁ ସରକାର ନିର୍ଦ୍ଦେଶ ଦେଇଥିବାବେଳେ ଶିକ୍ଷା ବିଭାଗର ଭାଗବଣ୍ଟାର ଯବନିକା ନ ଛିଡିବାରୁ ସମଗ୍ର ଶିକ୍ଷକ ଶିକ୍ଷୟିତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପର୍ବପର୍ବାଣୀ ସମୟରେ ଏପରି ଅବହେଳାକୁ ନେଇ ସାଧାରଣରେ ନିନ୍ଦା କରାଯାଇଛି। ଜିଲା ଶିକ୍ଷା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏ ବାବଦରେ ଫେଷ୍ଟିବାଲ ଆଡଭାନ୍ସ ମିଳିଛି। ଏପଟେ ପ୍ରତ୍ୟେକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ମଧ ଦଶହରାରେ ଆଗୁଆ ଟଙ୍କା ମିଳିଥିବାବେଳେ ଜିଲ୍ଲାର ୫ ବ୍ଲକର ଏକ୍ସ କ୍ୟାଡର ଶିକ୍ଷକ ଆକ୍ରୋଶର ଶିକାର ହୋଇଛନ୍ତି। ଏ ନେଇ ୫ଟି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଏମାନଙ୍କ ଅଗ୍ରୀମ ଅର୍ଥ ପାଇଁ ଜିଲା ଶିକ୍ଷା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି କରିଥିବା ସୂଚନା ମିଳିଛି। ଶିକ୍ଷା ବିଭାଗରେ ସ୍ୱଚ୍ଛତା ରକ୍ଷା କରି ସମାନତା ଅବଲମ୍ବନ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏନେଇ ଆମେ ଜିଲ୍ଲା ଶିକ୍ଷା ଅଧିକାରୀଚିତ୍ତରଞ୍ଜନ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ଏନେଇ ସେ ଅବଗତ ନାହାନ୍ତି। ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କୁ ଯୋଗାଯୋଗ କଲେ ସତ୍ୟତା ଜଣା ପଡିବ। ଏସବୁ ମଧ୍ୟରେ ଯେଉଁ ଶିକ୍ଷକ ମାନେ ଆଗୁଆ ଅର୍ଥ ପାଇ ନାହାନ୍ତି ସେମାନେ କ୍ଷୋଭ ପ୍ରକାଶ କରିଥିବା ବେଳେ ହୋଇଥିବା ଅଭିଯୋଗର ସତ୍ୟତା ସାମ୍ନାକୁ ଆଣିବା ପାଇଁ ବଡ଼ଧରଣର ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି କୁହାଯାଉଛି।

## ନବରଙ୍ଗପୁର ଜିଲ୍ଲା ଓକିଲ ସଂଘର ସ୍ମାରକପତ୍ର ପ୍ରଦାନ

ନବରଙ୍ଗପୁର, ୯।୧୦(ସମିସ): ନବରଙ୍ଗପୁର ଆଇନଜୀବୀ ସଂଘ ପକ୍ଷରୁ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହ ଏହାର ପ୍ରତିବାଦରେ ସଂଘ ପକ୍ଷରୁ ମୂଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯିବ ସହିତ ଏକ ବାଇକ୍ ରେଲି ମଧ କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ୍ (ରାଜସ୍ୱ) ବିଶ୍ୱଜିତ ବର୍ମନ ସ୍ମାରକ ପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ର ଅନୁଯାୟୀ, ଗତ ୬ ତାରିଖ ଦିନ ବ୍ରହ୍ମପୁର ଠାରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଦୁଇ ଅଜଣା ଦୂର୍ବୃତ ମାନେ ଗୁଳି କରି ହତ୍ୟା କରିଥିଲେ। ଏହି ହତ୍ୟା ଘଟଣା ତଦନ୍ତ କରିବା ପାଇଁ ଏସଆଇଟି ଗଠନ କରିବା ସହ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ତଦନ୍ତ କରି ଏହି ହତ୍ୟା କାଣ୍ଡ ଚକ୍ରାନ୍ତରେ ଜଡିତ ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏଥିସହ ମୃତକଙ୍କ ପରିବାରକୁ ସରକାରଙ୍କ ପାଣ୍ଠିରୁ ୧କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ ସଂଘ ଦାବି କରିଛି। ଏହି ଦାବି ପତ୍ର ପ୍ରଦାନ ପୂର୍ବରୁ ଓକିଲ ସଂଘ ସଭାପତି ସିରାଜୁଦିନ ଅହମ୍ମଦଙ୍କ ନେତୃତ୍ୱରେ ଜିଲ୍ଲା ଦୌରାଜର୍ଜ କୋର୍ଟ ପରିସରରୁ ଏକ ମଟର ସାଇକେଲ ରାଲି ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଥିଲା। ସୂଚନାଯୋଗ୍ୟ ଯେ, ପୂର୍ବାହ୍ନରେ ସ୍ୱର୍ଗତ ପଣ୍ଡାଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ୮ ତାରିଖ ଠାରୁ ସଂଘର ସଦସ୍ୟ ଓ ସଦସ୍ୟା ମାନେ କଲମ ଛାଡ ଆନ୍ଦୋଳନରେ ଯୋଗ ଦେଇଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ଆଇନଜୀବୀ ପରିଷଦର ଉପସଭାପତି ତଥା ଜିଲ୍ଲା ଆଇନଜୀବୀ ସଂଘର ପୂର୍ବତନ ସଭାପତି ନରସିଂହ ନାଥ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ତଥା ଆଇନଜୀବୀ ସଂଘର ପୂର୍ବତନ ଜିଲ୍ଲା ସଭାପତି ଝିଡେଶ୍ୱର ଖାଡାଙ୍ଗା, ସଂଘର ଉପ ସଭାପତି ସଦାଶିବ ସାହୁ, ସଂପାଦକ ତପେନ ସିଂ, କୋଷାଧକ୍ଷ ଶେକ ବାବା ଅଲ୍ଲୀସା, ରବିନ୍ଦ୍ର ପାଢି, ସଚ୍ଚିଦାନନ୍ଦ ସାଇଁ, ହରି ନାରାୟଣ ବେହେରା, ପୁର୍ଣ୍ଣ ଚନ୍ଦ୍ର ମହାପାତ୍ର, ସନ୍ତୋଷ ମିଶ୍ର, ଦେବି ପ୍ରସାଦ ସିଂ, ପ୍ରଦୀପ ସାହୁ, ମହେଶ୍?ର ବେବର୍ତା, ସତୀଶ ନାୟକ, ଗୋପାଳ ନାୟକ, ଶ୍ରୀନୀବାସ ପାତ୍ର, କିଶୋରୀ ପଟ୍ଟନାୟକ, ମୀନାକ୍ଷୀ ପାଢି, ଶତାବ୍ଦି ପାଳ, ମିନତୀ ମହାପାତ୍ର ପ୍ରମୁଖଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହିଥିଲେ।

### ଅଗ୍ନିକାଣ୍ଡରେ ମହିଳାଙ୍କ ମୃତ୍ୟୁ ଘଟଣା

## ଯୌତୁକ ପାଇଁ ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ

କୋରାପୁଟ, ୯।୧୦(ସମିସ):

ବୁଧବାର ରାତିରେ କୋରାପୁଟ ଟାଉନ ଥାନା ଅନ୍ତର୍ଗତ ଓଏମପି କଲୋନୀର ଏକ କ୍ୱାର୍ଟର୍ସରେ ଅଗ୍ନିକାଣ୍ଡ ଘଟି ପ୍ରିୟଙ୍କା ପଣ୍ଡା ନାମ୍ନୀ ମହିଳାଙ୍କ ମୃତ୍ୟୁ ଘଟଣାରେ ନୂଆମୋଡ଼ ନେଇଛି। ଯୌତୁକ ପାଇଁ ତାଙ୍କ ସ୍ୱାମୀ ପ୍ରଥମେ କୌଣସି ଧାରୁଆ ଅସ୍ତ୍ରରେ ମୁଣ୍ଡରେ ଆଘାତ କରି ପରେ ପେଟ୍ରୋଲ ଢ଼ାଳି ପୋଡ଼ି ମାରି ଥିବା ପ୍ରିୟଙ୍କାଙ୍କ ବାପା ତାରିଣୀ ପ୍ରସାଦ ପଣ୍ଡା କୋରାପୁଟ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ୨୦୨୪ ଜୁନ ୧ରେ ପ୍ରିୟଙ୍କାଙ୍କ ସହ କୋରାପୁଟ ଆଇଆରବିରେ ସିପାହୀ ଭାବେ କାର୍ଯ୍ୟରତ ଶିବ ଶଙ୍କର ପାତ୍ରଙ୍କ ବିବାହ ହୋଇଥିଲା। ବର୍ତ୍ତମାନ ସେମାନଙ୍କର ଏକ ଶିଶୁ କନ୍ୟା ଥିବାବେଳେ ଉଭୟେ ହସ ଖୁସିରେ ରହିଥିଲେ। କିନ୍ତୁ ଗତ କିଛି ମାସ ହେବ ଜ୍ୱାଇଁ ଯୌତୁକକୁ ନେଇ ଝିଅକୁ ମାନସିକ ଓ ଶାରିରୀକ ନିର୍ଯାତନା ଦେଉଥିବା ପ୍ରିୟଙ୍କାଙ୍କ ବାପା ଅଭିଯୋଗ କରିଛନ୍ତି। ବିବାହ ସମୟରେ ନଗଦ ଦୁଇ ଲକ୍ଷ ଟଙ୍କା ସହ ଝିଅ ଓ ଜ୍ୱାଇଁଙ୍କୁ ସକ୍ଷମ ମୁତାବକ ପ୍ରାୟ ୧୦ ଭରି ସୁନା ଅଳଙ୍କାର ଦେଇଥିଲେ। କିନ୍ତୁ ଜ୍ୱାଇଁ ସେଥିରେ ସନ୍ତୁଷ୍ଟ ନ ହୋଇ ବିଭିନ୍ନ ସମୟରେ ଅଧିକ ଯୌତୁକ ପାଇଁ ଝିଅକୁ ନିର୍ଯାତନା। ଦେଇ ଆସୁଥିଲେ। ଝିଅକୁ ବିଦ୍ୟୁତ୍ ଆଘାତ ଲାଗିଥିବା କହି ଜ୍ୱାଇଁ ତାଙ୍କୁ ଫୋନ୍ କରି ତୁରନ୍ତ ଆସିବାକୁ କହିଥିଲେ। ସେମାନେ ନିଜ ଗାଁ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲ୍ଲା ଟେକଲି ସହରରୁ ବାହାରି ଆସୁଥିବା ବେଳେ ପୁଣି ଫୋନ କରି ଝିଅର ମୃତ୍ୟୁ ହୋଇଥିବା ଜ୍ୱାଇଁ ସୂଚନା ଦେଇଥିଲେ। ବିଳମ୍ବିତ ରାତିରେ ସେମାନେ କୋରାପୁଟ ପହଞ୍ଚି ଦେଖିବା ପରେ ସମସ୍ତ ଘଟଣା ଜାଣିଥିଲେ। ମୃତ ପ୍ରିୟଙ୍କାଙ୍କ ବାପା ତାରିଣୀ ପ୍ରସାଦ ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ କୋରାପୁଟ ଟାଉନ ଥାନା ପୁଲିସ ହତ୍ୟା ଅଭିଯୋଗରେ ଏକ ମାମଲା (କେଶ ନଂ ୨୫୧/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା କାହାକୁ ଅଟକ ରଖା ଯାଇନାହିଁ। ସୂଚନା ଥାଉ କି ବୁଧବାର ରାତି ପ୍ରାୟ ସାଢେ ଆଠଟା ବେଳକୁ ଓଏମପି ଲାଇନ୍ ଇ ଟାଇପ କ୍ୱାର୍ଟର୍ସ ର ୧୧/୧ ଭିତରେ ନିଆଁ ଲାଗିଥିଲା, ପଡୋଶୀ ମାନେ ଜାଣିବା ପରେ ତୁରନ୍ତ କୋରାପୁଟ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ଅଧିକାରୀ ବିଜୟ କିଶାନଙ୍କ ନେତୃତ୍ୱରେ ଅଗ୍ନିଶମ ଯବାନ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରି ପ୍ରିୟଙ୍କାଙ୍କ ମୃତଦେହ ବାହାର କରିଥିଲେ।

### ଆଜି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

# ସୁସ୍ଥ ହେଲେ ମାନସିକ ରୋଗୀ ଦାଦା ଓ ଝିଆରୀ



ବୈପାରୀଗୁଡା, ୯।୧୦(ସମିସ)
ମାନସିକ ରୋଗର ଚିକିତ୍ସା ନାହିଁ ବୋଲି ଲୋକଙ୍କ ମନରେ ଥିବା ଭ୍ରାନ୍ତ ଧାରଣାକୁ ଦୂର କରିଛନ୍ତି ମାନସିକ ଭିନ୍ନକ୍ଷମ ଦାଦା ଓ ଝିଆରୀ। ଆଜି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଏହା ଏକ ଉଦାହରଣ ପାଲଟିଛି । ଗୋଟିଏ ପରିବାରର ୨ ଜଣ ସଦସ୍ୟ ଦାଦା ଓ ଝିଆରୀ ମାନସିକ ରୋଗୀରେ ପୀଡିତ ଥିଲେ। ନିୟମିତ ଔଷଧ ଖାଇବା ପରେ ସେମାନେ ଏବେ ସୁସ୍ଥ । ଏଭଳି ଘଟଣା ଦେଖିବକୁ ମିଳିଛି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ପଡେଇଗୁଡ଼ା ଗାଁର ଦାମ ଗୋଲାରୀ ଙ୍କ ପରିବାର ନିକଟରେ । ଦାମ ଗୋଲାରୀଙ୍କ ଝିଅ ବୁଦ୍ରୀ ଗୋଲାରୀ ଏବଂ ଭାଇ ବଳରାମ ଗୋଲରୀ ଉଭୟ ମାନସିକ ରୋଗରେ ଆକ୍ରାନ୍ତ ଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ସୂଚନା ଅନୁଯାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱେଡ଼ କର୍ମକର୍ତା ନବୀନ ଚନ୍ଦ୍ର ବିଶୋଇ, ନିର୍ମଳା ମାଝୀ ଗାଁ ରେ ପହଞ୍ଚିଥିଲେ ଏବଂ ମାନସିକ ରୋଗୀ ଦାଦା ଓ ଝିଅ ଙ୍କୁ ବୁଝାସୁଝା କରି କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ୍କୁ ନେଇ ସେଠାରେ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଇବା ଆରମ୍ଭ କରିଥିଲେ। ପ୍ରତି ମାସର ପାଞ୍ଚ ରାରିଖ ଦିନ ସ୍ୱେଚ୍ଛାସେବୀ ମାନେ ଏମାନଙ୍କୁ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥକେନ୍ଦକୁ ଆଣନ୍ତି। ସେଠାରେ ରୋଗୀଙ୍କୁ ଔଷଧ ଦିଆଯାଏ ଏବଂ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ଯାଞ୍ଚ କରାଯାଏ । ଏଭଳି ପ୍ରାୟ ୭ ବର୍ଷ କାଳ ଔଷଧ ଖାଇବା ପରେ ଏବେ ଦାଦା ବଳରାମ ଓ ଝିଆରୀ ବୁଦ୍ରୀ ସୁସ୍ଥ ଅଛନ୍ତି । ଏହି ଅବସରରେ ସ୍ୱେଡ଼ ଅନୁଷ୍ଠାର ପ୍ରଜେଟ କୋଡିନେଟର ଜ୍ୟାତି ରଞ୍ଜନ ବେହେରଙ୍କ କହିବା ଅନୁଯାଇ, କୋରାପୁଟ ଜନ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ଏବଂ ସ୍ୱେଡ଼ର ମିଳିତ ସହଯୋଗ ରେ ବୈପାରୀଗୁଡାର ମୋଟ ୩୯୫ ମାନସିକ ରୋଗୀଙ୍କ ମଧ୍ୟରୁ ୩୩୫ ରୋଗୀଙ୍କୁ ଔଷଧ ଦିଆଯାଇଛି। ସେହିପରି ଜିଲ୍ଲାରେ କୁନ୍ଦୁରା, କୋଟପାଡ଼, ଲମତାପୁଟ, ନନ୍ଦପୁର ପାଞ୍ଚଟି ବ୍ଲକରେ ୧୨ ଶହ ମାନସିକ ରୋଗୀଙ୍କ ପାଇଁ କାର୍ଯ୍ୟ ଚାଲିଛି । ଆଦିବାସୀ ଅଧୁଷିତ ଅଞ୍ଚଳରେ ଅନ୍ଧ ବିଶ୍ୱାସକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏଣୁ ଏଠାରେ କିପରି ଅନ୍ଧ ବିଶ୍ୱାସକୁ ଦୂର କରି ରୋଗୀଙ୍କୁ ଉତ୍ତମ ଚିକିତ୍ସା ଦେବା ଆଉ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଅନୁଷ୍ଠାନର ମୁଖ୍ୟ ଉଦେଶ୍ୟ ବୋଲି କହିଛନ୍ତି

